ନଭେମ୍ବର ୨୦୨୧ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



## ସ୍ୱନକ୍ଷତ୍ର ସଂଖ୍ୟା

PVC HDPE Pipes & Fittings

# OHM PIPES PVT. LTD.




## "An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

**Works: D - 7, 8, 49 & 50, Somnathpur, IID Centre, Odisha 756019**
**Sales Enquiry Odisha: +91 - 7008869992, 8280956445**
**West Bengal: +91- 9433094332**
**info@ohmpipes.com**
**www.ohmpipes.com**

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଚତୁର୍ଥ ବର୍ଷ : ୧ମ ସଂଖ୍ୟା, ନଭେମ୍ବର ୨୦୨୧ ■ Vol-4, Issue : 1, November 2021



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର ବିଶ୍ୱାଳ**

**ଅଳଂକରଣ ବିଭାଗ**

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*
: *rebati.edit2020@gmail.com*


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**

## ସୂ ଚୀ ପ ତ୍ର

୪ର୍ଥ ବର୍ଷ ୧ମ ସଂଖ୍ୟା । ନଭେମ୍ବର ୨୦୨୧ ।

୧୧ ସମ୍ପାଦକୀୟ : ପାରିବାରିକ ଲକ୍ଷ୍ମଣରେଖା : ସୁବାସିନୀ ଜେନା











୧୨ ପ୍ରସଙ୍ଗ : ମୁହାଣର ମନକଥା: ଭୀମ ପୃଷ୍ଟି

୨୦ ପର୍ବପର୍ବାଣି-୧ : ଦୀପର ପର୍ବ ଦୀପାବଳି: ସମ୍ବେଦନା ମିଶ୍ର

୨୪ ଚରିତ-ଉପନ୍ୟାସ : ଦାସେ ଆପଣେ: ପବିତ୍ର ମୋହନ ଦାଶ

୩୦ ପର୍ଯ୍ୟଟନ-୧ : ବାଃ ଅଲ୍‌ବାହା ! : ସୌଭାଗିନୀ ପରିଡ଼ା

୩୬ ଅନୁଶୀଳନ : କଳାପାହାଡ଼ର କାଳିମା : ସୁନାଲତା ପରିଡ଼ା

୪୪ ପର୍ଯ୍ୟଟନ-୨ : ଲୋଭନୀୟ ଲେକ୍ ତାହୋ : ଲିପିକା ମହାପାତ୍ର

୪୯ ପର୍ବପର୍ବାଣି-୨ : ଭଦ୍ରକର ଭଦ୍ରକାଳୀ : ନାରାୟଣ ରାଉତରାୟ

୫୪ ଦ୍ୱି-ପ୍ରଚ୍ଛଦ : ପ୍ରଭାଷିନୀ ବେହୁରିଆ
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ପ୍ରମୀଳା ଶତପଥୀ
୫୮ : ଅଭୟ ନାୟକ
୫୯ : ମନୋଜ ମେହେର
୬୦ : ପ୍ରତୀକ୍ଷା ଜେନା
୬୧ : ରବି ଶତପଥୀ
୬୨ : ଦୀପ୍ତି ଦାସ
୬୩ : ଗଂଗାଧର ବିଶ୍ୱାଳ
୬୪ : ତପନ କୁମାର ପଣ୍ଡା
୬୫ : ଆଲୋକ କୁମାର ବାରିକ














୬୬ କଥା-କାହାଣୀ : **ଉଦୟ ନାରାୟଣ ଦାସ**

୭୪ ପୁଷ୍ପବିତାନ : **ଶ୍ୱେତା ରାଉତ**

୮୦ ଜୀବନଶୈଳୀ : **ଗିରିଶ ଚନ୍ଦ୍ର ସାହୁ**

୮୬ ଅବଲୋକନ : **ମଣୀନ୍ଦ୍ର କୁମାର ମେହେର**

୮୯ ଆତ୍ମଜୀବନୀ : **ଜୟନ୍ତୀ ରଥ**

୯୪ ଗୃହ ସମସ୍ୟା : **ଡ. ହରପ୍ରସନ୍ନ ଦାସ**





## ନିୟମିତ ବିଭାଗ



୯୮ ଫ୍ୟାଶନ୍ : **ସ୍ୱାଗତିକା ସେଠୀ**

୧୦୨ ରୋଷେଇଶାଳ : **ରୋନାଲିସା ପଣ୍ଡା**







୧୦୪ ଶେଷପୃଷ୍ଠା : **ଲେଖକର ଦାୟିତ୍ୱବୋଧ : କୃଷ୍ଣ କୁମାର ମହାନ୍ତି**





ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ରଶ୍ମିରାଣୀ ପାତ୍ର**
ଉଚ୍ଚତା : **୫ ଫୁଟ୍ ୩ ଇଞ୍ଚ୍**
ଶିକ୍ଷା : **ଏମ୍‌ବିଏ (ଫାଇନାନ୍ସ ଓ ଆଇଟି)**
ବୃତ୍ତି : **ଏଜେନ୍ସି (ସିଙ୍ଗାପୁରର ଏଏକ୍ସଏ ଇନ୍‌ସୁରାନ୍ସ କୋମ୍ପାନିର ଡେଭେଲପ୍‌ମେଣ୍ଟ୍ ମ୍ୟାନେଜର୍)**
ପ୍ରବୃତ୍ତି : **ଭ୍ରମଣ, ମଡ଼େଲିଂ, ଅଭିନୟ, ପଢିବା , ସ୍ୱର୍ଣ୍ଣାଳଙ୍କାର ସଂଗ୍ରହ**
ପ୍ରଚ୍ଛଦ ଫଟୋଗ୍ରାଫି : **ସୁଶାନ୍ତ ମାନ୍ନା**
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ**
ମେକ୍‌ଅପ୍ : **ରଶ୍ମି ପାତ୍ର** , କଷ୍ଟ୍ୟୁମ୍ : **ସୁଜୟା ପାତ୍ର**
ସ୍ଥାନ : **ସିଙ୍ଗାପୁର**

**ମଲାଟ କଥା** : ଆଲୋକର ପର୍ବ ଦୀପାବଳିରେ ଘରେ ଘରେ ଦୀପ ଜାଳିବା ହେଉଛି ଆମ ସଂସ୍କୃତିର ଏକ ଦିଗ । କାଳୀପୂଜା ଅବସରରେ ଏହା ପ୍ରତି ହିନ୍ଦୁ ପରିବାରରେ ନାରୀଟିଏ ଜଳାଇଥାଏ । ବିଶ୍ୱାସ କରାଯାଏ, ଦୀପ ଜଳାଇଲେ ଅଜ୍ଞାନ ରୂପକ ଅନ୍ଧକାର ହଟି ଘରକୁ ଜ୍ଞାନର ଆଲୋକ ପ୍ରବେଶ କରିଥାଏ । ପୁରାଣ ଅନୁସାରେ ପ୍ରଭୁ ଶ୍ରୀରାମଚନ୍ଦ୍ର ରାବଣକୁ ନିଧନ କରି ଏହି ଦିନ ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରିଥିଲେ । ଅସତ୍ୟ ଉପରେ ସତ୍ୟର ବିଜୟ ହୋଇଥିବାରୁ ଅଯୋଧ୍ୟାର ପ୍ରଜାମାନେ ଆନନ୍ଦରେ ଆଲୋକମାଳା ଜଳାଇ ଉତ୍ସବ ମନାଇଥିଲେ । ସେହି ବିଶ୍ୱାସ ଅନୁସାରେ ଦୀପାବଳି ପାଳିତ ହେଉଥିବାରୁ ଏଥର ଦୀପାଲୋକର ପ୍ରତୀକାତ୍ମକ ଭଙ୍ଗୀ ଆମର ପ୍ରଚ୍ଛଦ ।









## 'ରେବତୀ' ଆମୂଳଚୂଳ ପଢି ମୁଗ୍ଧ ହେଲି

●'ରେବତୀ'ର ଅକ୍ଟୋବର ୨୦୨୧ ସଂଖ୍ୟାଟି ଆମୂଳଚୂଳ ପଢ଼ି ଶେଷ କଲି । ପ୍ରଚ୍ଛଦଠୁ ଆରମ୍ଭ କରି ଅନ୍ତିମ ପୃଷ୍ଠା ଯାଏଁ ଆକର୍ଷଣୀୟ । 'ରେବତୀ'ର ପ୍ରତିଭୂ ସ୍ୱରୂପ ରୂପସୀମାନଙ୍କର ପ୍ରଚ୍ଛଦ ମଣ୍ଡନ ପତ୍ରିକାଟିକୁ ସୁନ୍ଦର ସହ ପ୍ରତୀକଧର୍ମୀ କରି ପାରିଛି । ସମ୍ପାଦକୀୟରେ ସମ୍ପାଦିକା ମହାଶୟାଙ୍କର ପାରିବାରିକ ବନ୍ଧନ ଏବଂ ସେଥିସହିତ ସମଗ୍ର ବସୁଧାକୁ ଗୋଟିଏ ପରିବାର ଓ କୁଟୁମ୍ବ ବୋଲି ଭାବିବାର ମହନୀୟତାକୁ ନେଇ ଆଲୋଚନା ସାରଗର୍ଭକ । ଦୁର୍ଗାଦେବୀ ଏବଂ ବିଭିନ୍ନ ଶକ୍ତି ପୀଠକୁ ନେଇ ଆଲେଖ୍ୟ ଗୁଡ଼ିକ ପଠନୀୟ । କବିତା ଗୁଡ଼ିକ ହୃଦୟସ୍ପର୍ଶୀ । ସଂଯୋଗ କ୍ରମେ ଦୁଇଜଣ କବି କମଳ କୁମାର ମହାନ୍ତି ଏବଂ ହୃଦାନନ୍ଦ ପାଣିଗ୍ରାହୀ ମୋର ପରିଚିତ । ଗଳ୍ପ 'ନଣନ୍ଦ ପୁତୁଳି' ମନଛୁଆଁ । ଶ୍ୱେତା ରାଉତଙ୍କ ଅପରାଜିତା ଫୁଲକୁ ନେଇ ବିଶେଷ ବିଶ୍ଳେଷଣ ଜ୍ଞାନବର୍ଦ୍ଧକ । ଅନ୍ୟାନ୍ୟ ଫିଚର ଗୁଡ଼ିକ ବିଶେଷ ତଥ୍ୟ ସମ୍ବଳିତ । 'ଶେଷପୃଷ୍ଠା'ରେ ଲେଖକଙ୍କ ଲିଙ୍ଗଭେଦ ଆଲୋଚନାରେ ଲେଖିକାମାନଙ୍କ ପ୍ରତି କିଛି ବ୍ୟକ୍ତିଙ୍କ ଅସହିଷ୍ଣୁତାକୁ ଯଥାର୍ଥରେ ଦର୍ଶାଇଛନ୍ତି କୃଷ୍ଣ କୁମାର ମହାନ୍ତି । ପୁରୁଷ ନାରୀ ନିର୍ବିଶେଷରେ ଲେଖାର ଗୁଣବତ୍ତାକୁ ବିଚାରକୁ ନେଇ ନିରପେକ୍ଷ ନିର୍ଣ୍ଣୟ ନେବା ସର୍ବାଦୌ ପ୍ରୟୋଜନ । ସବୁ କ୍ଷେତ୍ରରେ ନାରୀମାନଙ୍କୁ ଅଗ୍ରାଧିକାର ଦେବା ଆମ ପାରମ୍ପରିକ ସଭ୍ୟତା । 'ରେବତୀ' ପରିବାରକୁ ମୋର ଶୁଭେଚ୍ଛା ଓ ଶୁଭକାମନା ।

ପ୍ରଦ୍ୟୁମ୍ନ ପଟ୍ଟନାୟକ,
୧୦୧, ପ୍ରକାଶଦୀପ ଟାୱାର, ଜୟଦୁର୍ଗାନଗର,
ଭୁବନେଶ୍ୱର-୦୬, ଫୋନ-୯୯୬୮୨୮୦୮୯୬

## ଦେବୀ ଦୁର୍ଗାଙ୍କ ସମସ୍ତ ଆଲେଖ୍ୟ ଉପାଦେୟ

● 'ରେବତୀ'ର ଶାରଦୀୟ ସଂଖ୍ୟାରେ ବୀଣାପାଣି ଦେବତାଙ୍କ 'ଶାରଦୋତ୍ସବ', ଶ୍ରଦ୍ଧାଞ୍ଜଳି କାନୁନଗୋଙ୍କ 'ସର୍ବମୟୀ ଦୁର୍ଗା', ଲଳିତମୋହନ ମିଶ୍ରଙ୍କ 'ନୀଳମଣି ଦୁର୍ଗାଦେବୀ', ପ୍ରଦୀପ କୁମାର ମିଶ୍ରଙ୍କ 'ବନବାସୀ ବନଦୁର୍ଗା', ଦେବଯାନୀ ରାୟଙ୍କ 'ଭକ୍ତିରେ ଭଗବତୀ' ପଢ଼ିଲି । ଏ ସମସ୍ତ ଆଲେଖ୍ୟ ତଥ୍ୟପୂର୍ଣ୍ଣ । ଏ ପ୍ରବନ୍ଧ ଗୁଡ଼ିକ ଅଧ୍ୟୟନ ମାଧ୍ୟମରେ ଦେବୀଙ୍କୁ ଆବାହନ କରିବା ଅନୁଭବ କଲି । ମୋର ଆନ୍ତରିକ ଶୁଭେଚ୍ଛା ନେବ ।

ଜୟନ୍ତୀ ରଥ,
ଶିଶୁବିହାର, ଭୁବନେଶ୍ୱର

## 'ରେବତୀ'ର ଭ୍ରମଣ ପ୍ରସଙ୍ଗଟି ମୋର ସବୁଠୁ ପ୍ରିୟ ବିଭାଗ

● ଆକର୍ଷଣୀୟ ଦ୍ୱିପ୍ରଚ୍ଛଦ ସଂଯୁକ୍ତ 'ରେବତୀ'ର ଜୁଲାଇ ସଂଖ୍ୟା ପଢ଼ିଲି । ମୋତେ ବେଶୀ ଭଲ ଲାଗୁଥିବା ପର୍ଯ୍ୟଟନ ଓ ଭ୍ରମଣ ପ୍ରସଙ୍ଗରୁ 'ବର୍ଲିନର ବିବିଧତା' ଓ 'ହାଇଦ୍ରାବାଦର ହୀରା' ପଢ଼ିଲି । ଗୋଲ୍‌କୋଣ୍ଡା ଫୋର୍ଟ ମୁଁ ଦୁଇଥର ଯାଇଛି । ତଥାପି ବହୁ ଅଜ୍ଞାତ ତଥ୍ୟ ପାଇଲି । ସୌରଭ ରଂଜନ ମହାପାତ୍ର ଓ ଲକ୍ଷ୍ମୀପ୍ରିୟା ଓଝାଙ୍କୁ ଅଶେଷ ଧନ୍ୟବାଦ ଦେଉଛି । 'ମାନନୀୟେଷୁ'ରୁ ଜୟନ୍ତ ମହାପାତ୍ରଙ୍କ ଆଲେଖ୍ୟ, ସାକ୍ଷାତକାର ଓ କବିଙ୍କ ସଂପର୍କୀତ ସମସ୍ତ ଦସ୍ତାବିଜ୍ ଭଲ ଲାଗିଲା । ଜୟନ୍ତୀ ରଥଙ୍କ 'ପ୍ରଜ୍ଞାପୀଠରେ ତେତିଶ୍ ବର୍ଷ' ପ୍ରସଙ୍ଗରୁ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ସମ୍ପର୍କରେ ବହୁତ କଥା ଜାଣିଲି । ତାଙ୍କର ଆତ୍ମଜୀବନୀଟି ବହୁତ ଭଲ ଲାଗୁଚି । ନିୟମିତ ପ୍ରସଙ୍ଗ 'ଦାସେ ଆପଣେ' ତ ଭଲ ଲାଗେ । ପବିତ୍ର ମୋହନ ଦାଶଙ୍କ ଲେଖାର ଶୈଳୀ ସହିତ ଗୋପବନ୍ଧୁଙ୍କ ଜୀବନଚର୍ଯ୍ୟା ଭଲ ଲାଗୁଛି । ଶ୍ୱେତା ରାଉତଙ୍କ 'ପୁଷ୍ପ ବିତାନ' ସ୍ତମ୍ଭଟି ଉଲ୍ଲେଖନୀୟ ଭାବେ ଆକର୍ଷଣୀୟ । ଗବେଷଣଧର୍ମୀ, ସୁତରାଂ ସଂରକ୍ଷଣୀୟ । 'ଅବଲୋକନ' ସ୍ତମ୍ଭଟି ମଣୀନ୍ଦ୍ର ମେହେରଙ୍କ ଚମତ୍କାର ଲେଖକୀୟତା ନେଇ ଆକର୍ଷଣୀୟ ହେଉଛି । ସୁରେନ୍ଦ୍ର ମହାନ୍ତି ମୋର ପ୍ରିୟ ଲେଖକ । ବହୁତ ଦିନ ତଳେ ଅନ୍ଧାପଲ୍ଲୀ ପଢ଼ିଥିଲି । ଆଉଥରେ ତାର ଆତ୍ମକଥା ଶୈଳୀଟି ବହୁତ ଭଲ ଲାଗିଲା । ନେତାଜୀ ଅଭିନନ୍ଦନଙ୍କ ଧାରାବାହିକଟି ପ୍ରଥମରୁ ଲୋଭନୀୟ ରହିଛି । ଆମ ଜାତିର ଇତିହାସ କେଉଁ ଓଡ଼ିଆକୁ ବା ଭଲ ନଲାଗିବ ? ଧାରାବାହିକ କାବ୍ୟରୁ ପ୍ରଫୁଲ୍ଲ କୁମାର ମହାନ୍ତି ସାରଙ୍କ ଦ୍ରୌପଦୀର ନବ୍ୟ କାବ୍ୟ ରୂପ ଭଲ ଲାଗୁଚି । ସମକାଳୀନ କବିତା ଗୁଡ଼ିକୁ ପଢ଼ିଲି । ଫନୀ ମହାନ୍ତି ସାରଙ୍କ ଠାରୁ ଲିପ୍‌ସା ପଟେଲଙ୍କ ଯାଏଁ ସମସ୍ତ କବିତା ମନଛୁଆଁ । 'ଚାରିକେ ଚାରି' କ୍ରମରେ ଇପ୍‌ସିତା ଷଡ଼ଙ୍ଗୀଙ୍କ ଚାରି ଜଣ କବିଙ୍କ ଉପରେ ଆଲେଖ୍ୟଟି ଯଥାର୍ଥ ଓ ସାର୍ଥକ । ଆଲୋକ କୁମାର ବାରିକଙ୍କ ଗପ 'ଅନୁତାପ' ଭଲ ଲାଗିଲା, ଖୁବ୍ କରୁଣାତ୍ମକ ସମାପ୍ତି । ଅନ୍ୟ ନିୟମିତ ପ୍ରସଂଗ ଗୁଡ଼ିକ ଉପାଦେୟ । ଜଗତୀକରଣ ଦାୟରେ ସମଗ୍ର ବିଶ୍ୱ ଗୋଟିଏ ପରିବାରରେ ପରିଣତ ହେବାକୁ ଯାଉଥିଲା ବେଳେ ଭାଙ୍ଗି ଯାଉଛି ଆମ ପାରମ୍ପରିକ ଯୌଥ ପରିବାରର ଢାଞ୍ଚା । ସମ୍ପାଦିକା ସୁବାସିନୀ ଜେନା ମାମ୍‌ଙ୍କ ସମ୍ପାଦକୀୟ ଏ ପ୍ରସଙ୍ଗରେ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । 'ଶେଷପୃଷ୍ଠା'ରେ 'ଲେଖକର ଲକ୍ଷ୍ୟ' ଆଲେଖ୍ୟଟି ସାଂପ୍ରତିକ ଲେଖକୀୟ ମାନସିକତାର ଖୋଲା ବ୍ୟବଚ୍ଛେଦ । ଭାବୁଛି, ଲେଖକମାନଙ୍କୁ ଭାବିବାକୁ ବିବଶ କରିବ । ସାରାଂଶ ହେଲା, 'ରେବତୀ'ର ଜୁଲାଇ ସଂଖ୍ୟାଟି ବେଶ୍ ଉପାଦେୟ ଓ ସଂରକ୍ଷଣୀୟ । ସୁତରାଂ 'ରେବତୀ' ସହ ସଂପୃକ୍ତ ସମସ୍ତଙ୍କୁ ମୋର ଅଜସ୍ର ସୁମନାସ ।

**ରବି ପଣ୍ଡା,** ଭୁବନେଶ୍ୱର

## 'ରେବତୀ'ର ପ୍ରଚ୍ଛଦରେ କିଶୋରୀ ରେବତୀ ପୁନର୍ଜନ୍ମ ପାଇଲା ପରି ଲାଗେ

●ମୁଁ ଆପଣଙ୍କ ବିଖ୍ୟାତ ପତ୍ରିକା 'ରେବତୀ'ର ଜଣେ ସହୃଦୟ ପାଠିକା ଓ ବାର୍ଷିକ ଗ୍ରାହକ ମଧ୍ୟ । 'ରେବତୀ'ର ପ୍ରତି ସଂଖ୍ୟା ପ୍ରଚ୍ଛଦରେ ଆପଣ ଯେଉଁ ସଧବା, ପୂର୍ଣ୍ଣଯୌବନା ଉଲ୍ଲସିନୀ ନାରୀ ମୂର୍ତ୍ତି ଦେଉଛନ୍ତି ତାହା ତାତ୍ପର୍ଯ୍ୟପୂର୍ଣ୍ଣ । ମନେହୁଏ ଯେମିତି କିଶୋରୀ ରେବତୀ ପୁନର୍ଜନ୍ମ ପାଇ ଆଜିର ଜୀବନ ବଞ୍ଚୁଛି ଓ ପ୍ରତ୍ୟେକ ମାସରେ ତାର ନବକଳେବର ହେଉଛି । ସୁଦୃଶ୍ୟ ସୁସଜ୍ଜିତ ସମ୍ବଳିତ ଲେଖା ମନ ଛୁଇଁ ଯାଉଛି । ମୋ ବିଚାରରେ 'ରେବତୀ' ଜ୍ଞାନ ଓ ସାଂସ୍କୃତିକ ବିଭବରେ ଉର୍ବର ।

**ସବିତା ସାହୁ,** ବ୍ରହ୍ମପୁର

## ଜୟନ୍ତୀ ରଥଙ୍କ 'ପ୍ରଜ୍ଞାପୀଠ' ଲେଖାରୁ ଓଡ଼ିଶାର କଳା, ସ୍ଥାପତ୍ୟ ବିଷୟରେ ଜାଣି ହେଉଛି

●ଅଭିନନ୍ଦନ 'ରେବତୀ'ର ଅକ୍ଟୋବର ସଂଖ୍ୟା ପାଇଁ । ଏ ସଂଖ୍ୟାଟି ସମସ୍ତଙ୍କ ପାଇଁ ଖୁବ୍ ଉପାଦେୟ ହୋଇପାରିଛି । ପ୍ରଜ୍ଞାପୀଠର ଅନୁଭୂତି ଗୁଡ଼ିକୁ ଲେଖିକା ଜୟନ୍ତୀ ରଥ ଯେଭଳି ଭାବରେ ଉପସ୍ଥାପନ କରୁଛନ୍ତି ମନକୁ ଏକ ପ୍ରକାରର ବୌଦ୍ଧିକ ଆନନ୍ଦ ପ୍ରଦାନ କରୁଛି । ଓଡ଼ିଶାର କଳା, ସ୍ଥାପତ୍ୟ, ବିଷୟରେ ବି ଅନେକ ସୂକ୍ଷ୍ମ କଥା ଜାଣିବାକୁ ମିଳୁଛି । ଧନ୍ୟବାଦ ଲେଖିକାଙ୍କୁ । କବିତା 'ଶୋଷାଙ୍ଗୀ' ଏକ ଭିନ୍ନ ପ୍ରକାରର କବିତା, ବହୁତ ଭଲ ଲାଗିଲା । କବିତା 'ତାଲା'ର ପ୍ରବାହ, ଚିତ୍ର ଓ ବାର୍ତ୍ତା, ଯୋଗୁଁ ବହୁଦିନ ଧରି କବିତାଟି ପାଠକ ମନରେ ସାଇତି ହୋଇ ରହିବ । କାଳଜୟୀ ଗପମାନଙ୍କର ପ୍ରମୁଖ ଚରିତ୍ରକୁ ଯେଉଁଳି ଭାବରେ ଲେଖକ ମଣୀନ୍ଦ୍ର ମେହେର ସାର୍ ବର୍ଣ୍ଣନା କରୁଛନ୍ତି ମନର ଖୁବ୍ ଗଭୀରକୁ ଛୁଉଁଛି । ସବୁ ଲେଖାଗୁଡ଼ିକ ଖୁବ୍ ଭଲ ଲାଗିଲା । ସର୍ବୋପରି ସମ୍ପାଦକଙ୍କ ସ୍ପଷ୍ଟ କିନ୍ତୁ ନିଆରା ଆଲେଖ୍ୟ ଏ ପତ୍ରିକାର ବିଶେଷତ୍ୱ । ଏସବୁ ସମ୍ଭବ ହେଉଛି ସମ୍ପାଦକଙ୍କ ନିଷ୍ଠା ଓ ଭିନ୍ନ ସୃଜନପଣ ଯୋଗୁ । ଧନ୍ୟବାଦ୍ ନେବେ, 'ରେବତୀ' ଏମିତି ଆହୁରି ଆଗକୁ ବଢୁ, ଆହୁରି ନୂତନ ରୂପରେ ସଜ୍ଜିତ ହଉ, ଏତିକି କାମନା ।

ମୋନାଲିସା ମିଶ୍ର,
ରାଉରକେଲା




*We Make:*

• Etching • Beveling • H-Polish • Designers Glass • Colour Etching • Hi-Polish Etc. • Decorative Mirror







# MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road, Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com

# ନିର୍ମଳ-ନିର୍ଭୀକ ସମ୍ପାଦକୀୟ ଅନୁଚିନ୍ତା ‘ଶେଷପୃଷ୍ଠା’


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର୍,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪




▲ ଶିଶିର ବେହେରା

ସମୟାନୁସାରେ ପ୍ରକୃତିର ବାସ୍ତବତା ଏବଂ ପ୍ରକୃତି-ପ୍ରତିକୂଳ ବ୍ୟବହାରର ପରିଣାମ ଲୋକଲୋଚନରେ ପ୍ରତ୍ୟକ୍ଷ ହେଉଛି । ଅହମିକାର ଛଦ୍ମ ଆବରଣ ମଧ୍ୟରେ ବ୍ୟକ୍ତିଚେତନା ଅଜ୍ଞାତବାସ ଲଭିଲେ କେବଳ ବୃଥା ଅଭିଯୋଗର ଦୀର୍ଘଶ୍ୱାସ ହିଁ ବହିର୍ଗତ ହୋଇଥାଏ । ପ୍ରକୃତିର ସ୍ୱୟଂସଂପୂର୍ଣ୍ଣ ପ୍ରାରୂପକୁ ଅସ୍ୱୀକାର କରି ଆସ୍ଫାଳନରେ ମଦମତ୍ତ ପ୍ରାଣସତ୍ତାଟି କେବଳ ହାହତୋସ୍ମି ମଧ୍ୟରେ ନିଜକୁ ଭେଟି ଚାଲୁଥାଏ । ଫଳାଫଳ ଯେତିକି ଉଦ୍‌ବେଗଜନକ, ସତ୍ୟକୁ ଅନ୍ତରଙ୍ଗ କରିବା ସେତିକି ପୀଡ଼ାଦାୟକ ହୋଇପଡ଼େ ତାହା ପାଇଁ । ତେଣୁ ଉନ୍ମୀଳିତ ଚେତନାକୁ ବିସ୍ତାରିତ କରି ପାରିଲେ ଦିଗନ୍ତବ୍ୟାପୃତ ସ୍ୱଚ୍ଛ ନଭମଣ୍ଡଳଟି ସ୍ୱତଃ ଉଦ୍ଭାସିତ ହୋଇଯିବ । ଅହଂକାରର ପରଦାଟି ଖସି ପଡ଼ିଲେ, ଚିଦାକାଶରେ ମନ୍ମୟ ପ୍ରତିକୃତିର ନୟନାଭିରାମ ଦିବ୍ୟସ୍ୱରୂପ ପ୍ରତିଭାତ ହୋଇ ଉଠିବ । ଭେଦାଭେଦର କୁଟିଳତା ଅପସାରିତ ହେଲେ ଏକ ସତ୍ୟ-ଶିବ-ସୁନ୍ଦରର ପୂର୍ଣ୍ଣାବୟବ ହୃଦ ମଧ୍ୟରେ ଅବସ୍ଥାପିତ ହୋଇପାରିବ । ପ୍ରକୃତିର ନିରାଜନାରେ ପୁରୁଷର ମହନୀୟତା ଏବଂ ବରାଭୟର ଅକୃତ୍ରିମ ଆଶୀର୍ବାଦରେ ପ୍ରକୃତିର ସ୍ୱୟଂସଂପୂର୍ଣ୍ଣତା ଓ ଉଦାରପଣକୁ ସୃଷ୍ଟି ପରିଧିରେ ତେବେ ଯାଇ ଅନ୍ତରଙ୍ଗ କରିହେବ ନିବିଡ଼ ଭାବରେ । ଏହା ହିଁ ସାମଗ୍ରିକ ସୃଷ୍ଟିର ବାସ୍ତବତା । ‘ରେବତୀ’ର ଅକ୍ଟୋବର ସଂଖ୍ୟାର ‘ପାର୍ବଣର ପାଦଟୀକା’ ବିଶେଷାଙ୍କରେ ‘ଶେଷପୃଷ୍ଠା’ ସମ୍ପାଦକୀୟ ଆଲେଖ୍ୟ ଏହି ସତ୍ୟର ଦ୍ୟୋତକ । ‘ଶେଷପୃଷ୍ଠା’ରେ ‘ଲେଖକଙ୍କ ଲିଙ୍ଗଭେଦ’ ଶୀର୍ଷକରେ ପତ୍ରିକାର ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ଉପସ୍ଥାପିତ ପ୍ରସଙ୍ଗ ସାଂପ୍ରତିକ ସମୟର ବିବିଧ ମାନସିକତାକୁ ବିଶ୍ଳେଷଣ କରିବାର ଏକ ସମୁଚିତ ପ୍ରୟାସ ବୋଲି ସ୍ୱୀକାର କରାଯାଇପାରେ ।

ପ୍ରଥମତଃ, ‘ରେବତୀ’ର ସମ୍ପାଦନା କାର୍ଯ୍ୟ ନିର୍ବାହ କରୁଥିବା କୃଷ୍ଣବାବୁ ତାଙ୍କ ସମ୍ପାଦକୀୟ ଲେଖା ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ନିଆରା ଅଥଚ ଗଠନମୂଳକ ମତାମତ ସହ ସାମାଜିକ ଦୋଷଦୁର୍ବଳତା ସମ୍ପର୍କରେ ତାଙ୍କର ନିର୍ଭୀକ ସମ୍ପାଦକୀୟ ଆହ୍ୱାନକୁ ମଧ୍ୟ ପାଠକମାନେ ହୃଦୟଙ୍ଗମ କରିଛନ୍ତି । ପ୍ରତିଥର ତାଙ୍କ ଲେଖାରେ ସାହିତ୍ୟ ସୁଲଭ ଅନ୍ତରଙ୍ଗ ଆବେଶ ସହିତ ନିଷ୍ଠୁର ବାସ୍ତବତାର ଏକ କଟାକ୍ଷଧର୍ମୀ ସଚେତନତା ପ୍ରକଶ ପାଇଥାଏ । ଏହା ହିଁ ଉତ୍ତମ ସମ୍ପାଦନାର ଲକ୍ଷଣ ବୋଲି ଆମ୍ଭେ ବିବେଚନା କରୁ । ସ୍ଥାନ-କାଳ-ପାତ୍ରର ଉର୍ଦ୍ଧ୍ୱରେ ରହି ନିରପେକ୍ଷ ବିଚାରସହ ସତ୍ୟକୁ ଉଦ୍‌ଘାଟନ କରିବା ଏବଂ ବାସ୍ତବତା ସହିତ ସାମ୍ନାସାମ୍ନି କରାଇବାର ଆହ୍ୱାନ ତ ସହଯୋଗୀ ସମ୍ପାଦକଙ୍କ ନିକଟରେ ରହିବା ଜରୁରୀ । ଏହି ମାନସିକତାକୁ ଆମେ ଲକ୍ଷ୍ୟ କରି ଆସିଛୁ କୃଷ୍ଣ କୁମାର ମହାନ୍ତିଙ୍କ ପାଖରେ ଦୀର୍ଘ ସମୟ ଧରି ‘ରେବତୀ’ର ସମ୍ପାଦନା କରିବା ମଧ୍ୟରେ । ପ୍ରତିଦିନ ଆମେମାନେ ଭେଟୁଥିବା ସମୟକୁ ସେ କିନ୍ତୁ ବିଚାର କରନ୍ତି ଭିନ୍ନ ରୀତିରେ । ପ୍ରତ୍ୟକ୍ଷ କରୁଥିବା ବିବର୍ତ୍ତିତ ମାନସିକତା ଓ ଲେଖା-ଲେଖକ ପାଠକର ଗୈରିକ ଛଦ୍ମତା ସଂପର୍କରେ ତାଙ୍କ ସ୍ପଷ୍ଟ ଅଭିବ୍ୟକ୍ତି କେବଳ ପାଠକଙ୍କୁ ପ୍ରକୃତିସ୍ଥ କରାଏ ନାହିଁ; ଅଧିକନ୍ତୁ ମାନସମନ୍ଥନ କରାଇବାରେ ତାହା ଯଥେଷ୍ଟ ଖୋରାକ ଯୋଗାଏ । ଜଣେ କବି, ଲେଖକ, ସୁଯୋଗ୍ୟ ସମ୍ପାଦକ ଓ ସହୃଦ-ଦରଦୀ ମଣିଷ ଭାବରେ ଆମେ ଶ୍ରୀମହାନ୍ତିଙ୍କର ବିବିଧ ବ୍ୟକ୍ତିତ୍ୱ ସହ ପରିଚିତ ହୋଇଅଛୁ । ଉଭୟ ସମ୍ପାଦନା ଓ ସମ୍ପାଦକୀୟ ବାର୍ତ୍ତାରେ ତାଙ୍କ ସର୍ଜନତାର ନବପ୍ରୟାସ ଯେପରି ସ୍ୱୀକୃତ, ସେହିପରି ସାଂପ୍ରତିକ ସାହିତ୍ୟରେ ପରିଲକ୍ଷିତ ଅଭାବବୋଧ ସମ୍ପର୍କରେ ଯଥାଯଥ ବିଚାର ହିଁ ତାଙ୍କ ସମ୍ପାଦକୀୟ ପ୍ରତିଭାର ସମୁଚିତ ପରିଚୟ । ପ୍ରତିବଦ୍ଧତାର ଏହି ଏକନିଷ୍ଠ ପ୍ରତିଜ୍ଞା ବୋଧହୁଏ କୃଷ୍ଣମହାନ୍ତିଙ୍କୁ ଆମ ସମୟରେ ନିଆରା ସମ୍ପାଦକ ଭାବରେ ଛିଡ଼ା କରାଇ ପାରିଛି । ସମ୍ପାଦନା ଯେପରି ତାଙ୍କ ରକ୍ତରେ ପ୍ରବାହିତ ଏକ ଧାରା । ସହଜ-ସରଳ ଭାବରେ ଚଳନ୍ତି ସମୟର ସାହିତ୍ୟିକ ବାତାବରଣକୁ ପରଖିବାରେ ସେ ବେଶ୍ ସଫଳକାମ । ସକାଳେ ଏଡ଼ାଇ ଯାଉଥିବା ବାସ୍ତବତାକୁ ସେ ତାଙ୍କ ସମ୍ପାଦକୀୟ ପରିଧିରେ ବିଶ୍ଳେଷଣ କରିଥାନ୍ତି । ଗୋଟିଏ ଉଦାହରଣ ଏଠାରେ ନିଆ ଯାଇପାରେ । ‘ସାହିତ୍ୟିକର ସତ୍ୟତା’ ଶୀର୍ଷକରେ କୃଷ୍ଣ ମହାନ୍ତିଙ୍କ ଆଲୋଚନା କେବଳ ପାଠକଙ୍କ ଲାଗି ନିବେଦିତ ହୋଇନାହିଁ; ପାଠକ ଓ ଲେଖକର ଚିନ୍ତାରାଜ୍ୟରେ ଏହାର ବିଚାର ପାଇଁ ଯଥେଷ୍ଟ ସମ୍ଭାବନା ସୃଷ୍ଟି କରାଇ ପାରିଛି । ତାଙ୍କର ଏକ ସମ୍ପାଦକୀୟରେ ସେ ବାସ୍ତବତାର ପ୍ରସଙ୍ଗ ଉଠାଇଛନ୍ତି:

“ଆଜିର ସମୟରେ ଆମ ସମସ୍ୟାଟି ହେଉଛି, ପାଠକ ସମସ୍ୟା । ପାଠକ ନାହାନ୍ତି ବୋଲି ସମସ୍ତେ କହୁଛନ୍ତି । କିନ୍ତୁ ପାଠକ ତିଆରିବା ପାଇଁ ଲେଖକର ଆନ୍ତରିକା ନଥିବା କଥା କେହି ଭାବୁନାହାନ୍ତି । ଆମେ ସିନା ଭଲ ଲେଖା ଲେଖି ଚାଲିଲେ, ପାଠକ ଆପଣାଛାଏଁ ଆସିବେ । ଆମେ କିନ୍ତୁ ସେଥିପ୍ରତି ଗୁରୁତ୍ୱ ନଦେଇ ଯାହା ଲେଖିବା, ତାକୁ ରାତାରାତି ବହି କରିବାର ନିଶାରେ ମଶଗୁଲ୍ ହେଉଛୁ । ଫଳରେ ଆମର ନା ହେଉଛି ପରିଚୟ ତିଆରି, ନା ତିଆରି ହେଉଛି ପାଠକ ମହଲ । ସାହିତ୍ୟର ସତ୍ୟପଣ ମିଥ୍ୟାଚାରରେ ଲୁଚି ଗଲାଣି । ସାହିତ୍ୟର ସୌନ୍ଦର୍ଯ୍ୟ କୁତ୍ସା ଓ ଅସୂୟା ଭିତରେ ଅସ୍ତିତ୍ୱ ହଜାଇଲାଣି । ସାହିତ୍ୟ ଆଉ ଏକ ସମ୍ମାନଜନକ କଥା ହୋଇ ରହି ନାହିଁ । ମୁରବି ନଥିବା ପରିବାର ଭଳି ଏକ ବିଶୃଙ୍ଖଳିତ ହଟଚମଟ ଭିତରେ ଯିଏ ନାହିଁ ସିଏ କୁଦିପଡୁଛି । ରୋକିବାକୁ କେହି ନାହିଁ । ସମୟ ଏବେ ଅସୁସ୍ଥ ।” (**ସମ୍ପାଦକୀୟ ‘ଶେଷପୃଷ୍ଠା’/ରେବତୀ, ସେପ୍ଟେମ୍ବର-୨୦୨୧**)

ଏହି ପ୍ରସଙ୍ଗଟି ସତରେ କେଡ଼େ ପ୍ରାସଙ୍ଗିକ ! ଏହିଭଳି ସମସ୍ୟା ଓ ନିଷ୍ଠୁରକୁ ସେ ସାହିତ୍ୟ ପରିମଣ୍ଡଳ ଭିତରୁ ଆବିଷ୍କାର କରି ପାଠକ ସମ୍ମୁଖକୁ ଆଣିଛନ୍ତି । ଅଣଦେଖା ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ସେ ବାରମ୍ବାର ପ୍ରଶ୍ନ ଉଠାଇଛନ୍ତି । ଏହା କେବଳ ଜଣେ ନିରପେକ୍ଷ-ନିର୍ଭୀକ-ସତ୍ୟସନ୍ଧାନୀ ସମ୍ପାଦକଙ୍କ ଠାରେ ଆଶା କରାଯାଇପାରେ । କୃଷ୍ଣବାବୁ ‘ରେବତୀ’ରେ ଏହି ସତ୍ୟପାଳନରେ ବ୍ରତୀ । ଏଥିପାଇଁ ପାଠକ ଓ ସାହିତ୍ୟିକଙ୍କର ଧନ୍ୟବାଦାର୍ହ । କେବଳ ଲେଖକଙ୍କ ଲେଖାକୁ ଛାପିବା, ପାଠକ

Azadi Ka Amrit Mahotsav

नालको NALCO
A Navratna CPSE

# ବିଜୟର ପର୍ବ
# ଶାରଦୀୟ ଦୁର୍ଗାପୂଜା
# ଉପଲକ୍ଷେ
# ହାର୍ଦ୍ଦିକ ଅଭିନନ୍ଦନ



ବିଶ୍ୱର ସବୁଠାରୁ କମ୍ ବ୍ୟୟରେ ଆଲୁମିନା ଉତ୍ପାଦନକାରୀ ୧

ବିଶ୍ୱର ସବୁଠାରୁ କମ୍ ବ୍ୟୟରେ ବକ୍ସାଇଟ୍ ଉତ୍ପାଦନକାରୀ ୧


ଦ୍ୱିତୀୟ ସର୍ବାଧିକ ବୈଦେଶିକ ମୁଦ୍ରା ଉପାର୍ଜନକାରୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ୨

@nalcoindia @NALCO_India @NALCO_India @nalco_india

ଗୋଷ୍ଠୀ ତିଆରି କରିବା ସମ୍ପାଦକଙ୍କର କାର୍ଯ୍ୟ ନୁହେଁ, ବରଂ ସମ୍ପାଦନା ଭଳି ଏକ କଠିନ କାର୍ଯ୍ୟକୁ ପରିଚାଳନା କରିବାରେ ସେ ସଂସ୍କାରବାଦୀ ହେବା ମଧ୍ୟ ଜରୁରୀ । ଏହି ଅବବୋଧ ହିଁ ଯଥାର୍ଥ ସମ୍ପାଦକର ପ୍ରତିବଦ୍ଧତାକୁ ପ୍ରମାଣିତ କରେ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭାଷାରେ କହିଲେ- "ସଂସ୍କାର କାର୍ଯ୍ୟରେ ହାତ ଦେବା ସମ୍ପାଦକଙ୍କର କର୍ତ୍ତବ୍ୟ ନହୋଇପାରେ, କିନ୍ତୁ ସଂସ୍କାର କାର୍ଯ୍ୟରେ ସୂଚନା, ନିର୍ଦ୍ଦେଶ, ଉପଦେଶାଦି ଦେବା ସମ୍ପାଦକଙ୍କ ଛଡ଼ା ଆଉ କାହାରି କାର୍ଯ୍ୟ ବୋଲି ମନେହେଉ ନାହିଁ । ଏସବୁ ଛାଡ଼ିଦେଲେ ସମ୍ପାଦକମାନଙ୍କର ତେବେ କାର୍ଯ୍ୟ କ'ଣ ?" **(ନବଭାରତ-୨/୨, ଆଲୋଚନା)**

କୃଷ୍ଣ କୁମାର ମହାନ୍ତି ତାଙ୍କ ସମ୍ପାଦନା କାର୍ଯ୍ୟରେ ଏହି ପ୍ରତ୍ୟୟକୁ ଅଧିକ ଗୁରୁତ୍ୱବାନ କରିଛନ୍ତି । ଲେଖକୀୟ ସୃଜନ ସ୍ୱାଧୀନତାକୁ ସେ ସମ୍ମାନ ଜଣାଇଛନ୍ତି, ନବପ୍ରତିଭାଙ୍କୁ ସୁଯୋଗ ଦେଇଛନ୍ତି । ତଥାକଥିତ ଗଡ୍‌ଡାଳିକା ପ୍ରବାହରୁ ମୁକୁଳି ଆସି ସାହିତ୍ୟର ନାନ୍ଦନିକ ସତ୍ୟକୁ ବିବିଧ ପର୍ଯ୍ୟାୟ ମଧ୍ୟରେ ଉନ୍ମୋଚନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ନୂଆ ପିଢ଼ିର ଲେଖକଙ୍କ ପାଇଁ ତାଙ୍କର ପ୍ରେରଣା ଯେତିକି ଉତ୍ସାହପ୍ରଦ, ପରାମର୍ଶ ମଧ୍ୟ ତହିଁ ଅପେକ୍ଷା ମୂଲ୍ୟବାନ । ଏ ସମ୍ପର୍କରେ ମତ ଦେଇ କହିଛନ୍ତି- 'ନବପ୍ରଜନ୍ମର ଅନେକ ଲେଖକଙ୍କ ଭିତରେ ସମ୍ଭାବନା ଠୁଳ ହୋଇ ରହିଛି । ମୁଁ ସମ୍ପାଦନା ସହ ସଂପୃକ୍ତ ଥିବା କାରଣରୁ ପ୍ରତିଦିନ ନୂଆ ନୂଆ ଲେଖକର ସନ୍ଧାନ ପାଉଛି ଓ ପଢୁଛି । କିଛି ଜଣ ସନ୍ତୁଷ୍ଟ କରୁଛନ୍ତି । ତେବେ ଗୋଟିଏ ଅନୁରୋଧ କରିବି, ସେମାନେ ପ୍ରକାଶନ ପାଇଁ ବ୍ୟାକୁଳ ନହୋଇ ଅପେକ୍ଷା କରିବେ ଭଲ ଲେଖାଟିଏର ଗର୍ଭଯନ୍ତ୍ରଣା ପାଇବା ଯାଏଁ । ନୂଆ ଲେଖକମାନେ ପଢ଼ାପଢ଼ି ଦିଗରେ ଧ୍ୟାନ ଦେବା ଦରକାର । ସମକାଳ ସାହିତ୍ୟରେ କେଉଁମାନେ କ'ଣ ଲେଖୁଛନ୍ତି, ତାହା ପଢ଼ିବା ବିଧେୟ ।" **('ଅଳ୍ପ ଆଳାପ'- 'ସମ୍ବାଦ'- ୧ ଅଗଷ୍ଟ ୨୦୨୧, ପୃଷ୍ଠା-୬)**

ସେହିପରି ଆଉ ଏକ ଚିନ୍ତାଶୀଳ ବକ୍ତବ୍ୟକୁ ମଧ ଏଠାରେ ଉଦ୍ଧୃତ କରା ଯାଇପାରେ । ସାଧନା ଓ ସିଦ୍ଧିଲାଭ ଦୁଇଟି ଭିନ୍ନକଥା । ପ୍ରଥମଟିରେ ନିଷ୍ପାପର ଯୋଗ୍ୟତା ଅର୍ଜନ ସହ କଠୋର ଅଧ୍ୟବସାୟ ପ୍ରସଙ୍ଗ ଜଡ଼ିତ ଏବଂ ଅପରଟି ପୂର୍ବର ସାଧନାଲବ୍ଧ ସାମୟିକ ସନ୍ତୁଷ୍ଟି ମାତ୍ର । କାରଣ ଦାୟିତ୍ୱସମ୍ପନ୍ନ ଲେଖକ ପାଠକ ପାଇଁ ନିଜର ସର୍ବୋତ୍ତମ ସାଧନାକୁ ନିବେଦିତ କରିଚାଲନ୍ତି ଆମୃତ୍ୟୁ । ତେଣୁ ରଚନାର ଗୁଣାତ୍ମକ ମାନ ସହ ପାଠକ ପ୍ରଭାବୀ ବାର୍ତ୍ତା ମଧ୍ୟ ପ୍ରକାଶ ପାଇବା ଜରୁରୀ । ନଚେତ୍ କାଳରକଷଟିରେ ତାହା ଅପାଂକ୍ତେୟ ହେବା ଅସମ୍ଭବ ନୁହେଁ । କୃଷ୍ଣ ମହାନ୍ତି ସାହିତ୍ୟର ଚିରନ୍ତନ ପ୍ରଭାବ ଓ ମର୍ଯ୍ୟାଦାବୋଧ ଉପରେ ତେଣୁ ଗୁରୁତ୍ୱାରୋପ କରିଆସୁଛନ୍ତି ତାଙ୍କ ସମ୍ପାଦକୀୟ ଲେଖାରେ । ତରୁଣ ତଥା ନବପ୍ରଜନ୍ମର ଲେଖକଙ୍କ ପାଇଁ ତାଙ୍କର ଚିନ୍ତା ଓ ବାର୍ତ୍ତା ସମମାତ୍ରାରେ ବିଚାରଯୋଗ୍ୟ । ଉଭୟ ଲେଖା ଓ ଲେଖକଙ୍କର ଦାୟବଦ୍ଧତାକୁ ସେ ଆହ୍ୱାନ କରିବା ସହ ଲେଖକକୁଳଙ୍କୁ ପ୍ରଶ୍ନ ମଧ୍ୟ କରିଛନ୍ତି- "ଆମେ ପାଠକଙ୍କ ପାଇଁ ଲେଖି ପାରିବା ନାହିଁ! ପାଠକମାନେ କ'ଣ ଗୋଟେ ଲେଖକର ଲେଖାକୁ ପୁରସ୍କାର ପ୍ରାପ୍ତିର ଆନନ୍ଦ ଠାରୁ ଆହୁରି ଉଚ୍ଚକୁ ନେଇପାରିବେ ନାହିଁ?" **(ଲେଖକର ଲକ୍ଷ୍ୟ/ 'ରେବତୀ' ଜୁଲାଇ ୨୦୨୧)**



ସମ୍ପାଦନା ଏକ ବିପଦପୂର୍ଣ୍ଣ କାର୍ଯ୍ୟ । କାରଣ, ସମ୍ପାଦକ ଲେଖକଙ୍କ ମନୋରଂଜନକାରୀ ନୁହନ୍ତି । ସ୍ଥିତପ୍ରଜ୍ଞ ଓ ସମଦର୍ଶୀ ଭାବରେ ଜଣେ ସମାଲୋଚକ ଓ ଚିନ୍ତାଶୀଳ ସମୀକ୍ଷକ ଭାବରେ ସେ ଲେଖାକୁ ବିଚାର କରିଥାନ୍ତି । ତେଣୁ ବଡ଼ କଠିନ ଏ ପ୍ରୀତି ପାଳିବା । ସେଥିପାଇଁ 'ନ୍ୟାସନାଲ୍ କନ୍‌ଫରେନ୍ସ ଅଫ୍ ଏଡ଼ିଟୋରିଆଲ୍ ରାଇଟର୍ସ'ରେ କୁହାଯାଇଛି: "The editorial writer, like the Scientist, must pressure truth, no matter where it is obvious that an editor must take as his theme an event of significance."

ଅତୀତରେ ଓଡ଼ିଆ ପତ୍ରପତ୍ରିକା ସମ୍ପାଦନାରେ ଗୌରୀଶଙ୍କର ରାୟ (ଉତ୍କଳ ଦୀପିକା), ବିଶ୍ୱନାଥ କର (ଉତ୍କଳ ସାହିତ୍ୟ), ବ୍ରଜସୁନ୍ଦର ଦାସ (ମୁକୁର), ଗୋପବନ୍ଧୁ ଦାସ (ସତ୍ୟବାଦୀ), ନୀଳକଣ୍ଠ ଦାସ (ନବଭାରତ), ମାୟାଧର ମାନସିଂହ (ଶଙ୍ଖ), ହରେକୃଷ୍ଣ ମହତାବ (ଝଙ୍କାର), ଗୋଦାବରୀଶ ମହାପାତ୍ର (ନିଆଁଖୁଣ୍ଟା) ପ୍ରମୁଖ ସମ୍ପାଦକଙ୍କ ନିର୍ଭୀକ ଓ ସ୍ୱାଭିମାନୀ ସମ୍ପାଦକୀୟ ଓଡ଼ିଆ ସାରସ୍ୱତ, ସାଂସ୍କୃତିକ ଓ ସାମାଜିକ ଜୀବନର ବିପ୍ଳବ ଆଣି ପାରିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ସଂପ୍ରତି ଓଡ଼ିଶାରେ ଶତାଧିକ ପତ୍ରପତ୍ରିକା ପ୍ରକାଶିତ । ମାତ୍ର,ଉପଯୁକ୍ତ ସମ୍ପାଦନାରେ ସମୃଦ୍ଧ ପତ୍ରିକା ସଂଖ୍ୟା ହାତଗଣତି । 'ରେବତୀ' ଏହି ହାତଗଣତି ମଧ୍ୟରୁ ଏକ ଓ ଅନନ୍ୟ ବୋଲା ଯାଇପାରେ । କାରଣ, ଲେଖା-ଲେଖକଙ୍କ ନିର୍ବାଚନ ସହ ଚଳନ୍ତି ସାହିତ୍ୟ ଜଗତରୁ ନାନା ସମସ୍ୟା ଓ ଭବିଷ୍ୟାନୁସାରୀ କାର୍ଯ୍ୟପନ୍ଥା ସମ୍ପର୍କରେ ବୃହତ୍ତର ପାଠକ ଏବଂ ଲେଖକଙ୍କୁ ସଚେତନ କରାଇବାର ବାର୍ତ୍ତା ଏଥିରେ ଏଯାବତ୍ ପରିବେଷିତ ହୋଇଆସୁଛି ଏହାର ସୁଯୋଗ୍ୟ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ସମ୍ପାଦକୀୟ କଲମରେ । ପତ୍ରିକା ସିନା ପାରିବାରିକ ଏବଂ ମାଟି ମହକରେ ବାସ୍ନାୟିତ, ମାତ୍ର ସାହିତ୍ୟିକ ଆବେଦନ ଓ କଳାପାଟବତା ମଧ୍ୟରେ 'ରେବତୀ'ର ମୌଳିକ ଉଦ୍ଦେଶ୍ୟ ସାଧିତ ହୋଇପାରିଛି । ଚଳିତ ଅକ୍ଟୋବର ପାର୍ବଣ ସଂଖ୍ୟାରେ ଅଧିକ ପ୍ରାସଙ୍ଗିକ ସମ୍ପାଦକୀୟ । ଲେଖକଙ୍କ ଲିଙ୍ଗଭେଦ ଯେତିକି ମର୍ମସ୍ପର୍ଶୀ, ସେତିକି ଚିନ୍ତନଧର୍ମୀ ମଧ୍ୟ । କୃଷ୍ଣବାବୁ ଏଥିରେ ଲିଙ୍ଗଗତ ବାଛବିଚାର ସମ୍ପର୍କରେ ଯେଉଁ ସ୍ୱର ଉଠାଇଛନ୍ତି, ତାହା ପ୍ରତ୍ୟେକଙ୍କ ପାଇଁ ଶିକ୍ଷଣୀୟ । ନାରୀଲେଖିକା-ପୁରୁଷ ଲେଖକର ଭେଦ ସାଂପ୍ରତିକ କାଳଖଣ୍ଡ ପାଇଁ ଏକ ସ୍ପର୍ଶକାତର ପ୍ରସଙ୍ଗ । ବିଶ୍ୱସାହିତ୍ୟରେ (କେବଳ ସାହିତ୍ୟକୁ ବିଚାର ପରିସରଭୁକ୍ତ କଲେ) ମହନୀୟ ଲେଖିକାଙ୍କ ଅବଦାନ ଓ ଦିଗ୍‌ଦର୍ଶନକୁ ମଥାପାତି ସ୍ୱୀକାର କରିବାକୁ ହୁଏ । ପ୍ରକୃତିରୂପା ମହିମ୍ନା ନାରୀଶକ୍ତି ଏ ସୃଷ୍ଟି ପାଳନରେ ଯେପରି ସର୍ବଂସହା ଓ ସମର୍ପିତା, ସେହିଭଳି ସାରସ୍ୱତ ପରିଧିରେ ସେମାନଙ୍କ ଅମୃତଦାୟୀ ସୃଷ୍ଟିବୀଜ ପ୍ରତିଟି ପାଠକପ୍ରାଣରେ ନବାଙ୍କୁର ରୋପଣରେ ବିଶେଷ ସହାୟକ । 'ରେବତୀ'ରେ ସ୍ଥାନିତ ଲେଖିକାଙ୍କ ସଂଖ୍ୟା ଏବଂ ବିଶେଷକରି ଓଡ଼ିଆ ସାରସ୍ୱତ ମହଲରେ ଲେଖିକାମାନଙ୍କ ଆର୍ବିଭାବ ବେଶ୍ ଉତ୍ସାହପ୍ରଦ ଓ ଶୁଭଦାୟକ । ପୁରୁଷ ଠାରୁ ବହୁମାତ୍ରାରେ ସଫଳ-ସ୍ୱାଧୀନ-ସାର୍ବଜନୀନ ନାରୀଟି ଏବେ ସ୍ୱୟଂସିଦ୍ଧା-ସକଳଜନ ବନ୍ଦିତା । ଏଣୁ ଲୈଙ୍ଗିକ ଭେଦାଭେଦ ଏକ ଅସୁସ୍ଥ ମାନସିକତାର ପରିଚୟ । ଯାହାକୁ ସମ୍ପାଦନାରେ ବ୍ୟସ୍ତ ଶ୍ରୀ ମହାନ୍ତି ବିବେଚନା କରିଛନ୍ତି । ୧୯୯୦ମସିହାରେ ପ୍ରକାଶିତ Endangering Men: The Question of Male Feminist Criticism' ଲିଙ୍ଗଭେଦ ସମ୍ପର୍କରେ ଏକ ଉଚ୍ଚକୋଟୀର ସମୀକ୍ଷା ଗ୍ରନ୍ଥ । କେବଳ ଶାରୀରିକ ଭିନ୍ନତାକୁ ଲକ୍ଷ୍ୟ କରି ଏଭଳି ମତାମତ ପ୍ରଦାନ କରିବା କେବଳ ହାସ୍ୟୋଦ୍ଦୀପକ । ଏହି ଲୈଙ୍ଗିକ ବିଭେଦକୁ ଭାଙ୍ଗି ଚେତନାର ଉର୍ଦ୍ଧ୍ୱ ବଳୟକୁ ଗତିକରି ନିଜ ଅନ୍ତର୍ଗୁଣରେ ସୃଷ୍ଟି ପରିଧିକୁ ମହିମାନ୍ୱିତ କରିବାରେ ନାରୀଶକ୍ତି ସମର୍ଥ । ଦଶଭୁଜାଙ୍କ ନିରାଜନା ଓ ଶାରଦୀୟ ଦୁର୍ଗାପୂଜା ଏହାର ସାଙ୍କେତିକ ପରିପ୍ରକାଶ । କୃଷ୍ଣବାବୁଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ପାଦକୀୟ ପାଠକକୁ ବୃହତ୍ତର ମାନସିକତା ଆଡ଼କୁ ନେଇଯିବାରେ ସକ୍ଷମ । ପ୍ରାୟତଃ, ସମସ୍ତ ଲେଖାରେ ତାଙ୍କର ଦୂରଦୃଷ୍ଟି ଓ ସଂସ୍କାର ମନସ୍କତାକୁ ପାଠକ ଲକ୍ଷ୍ୟ କରିପାରିବେ ।

'ରେବତୀ'ରେ କୃଷ୍ଣକୁମାର ମହାନ୍ତିଙ୍କ ସୁସ୍ଥ-ପ୍ରେରଣାଦାୟୀ ଲେଖକ ସୃଷ୍ଟିର ପ୍ରୋତ୍ସାହନ ପର୍ବକୁ ଯେପରି ଲକ୍ଷ୍ୟ କରୁ, ତଦ୍ରୂପରି ଓଡ଼ିଆ ପତ୍ରିକା ଜଗତରେ ତାଙ୍କ ସମ୍ପାଦକୀୟର ସାରସ୍ୱତ ଅଭିଜ୍ଞାନ ଓ ନିର୍ଭୀକ-ନିର୍ମଳ ସମ୍ପାଦନା ରୀତିକୁ ଅଙ୍ଗୀକାର କରିଥାଉଁ ।



ସମ୍ପାଦକୀୟ

# ପାରିବାରିକ ଲକ୍ଷ୍ମଣରେଖା

ସାମ୍ପ୍ରତିକ କାଳରେ ନାରୀବାଦର ନାରା ପ୍ରାୟତଃ ଶୁଣିବାକୁ ମିଳେ । ନାରୀବାଦର ଅର୍ଥ ଏୟା ନୁହେଁ ଯେ, ନାରୀଟି ପୁରୁଷର ପ୍ରତିଦ୍ୱନ୍ଦ୍ୱୀ ହେବ ବା ପୁରୁଷ-ବିଦ୍ୱେଷୀ ମନୋଭାବ ନେଇ ବଞ୍ଚିବ । ଏମିତିରେ ନାରୀ ଉପରେ ସମଗ୍ର ପ୍ରକୃତି ଲଦି ଦେଇଥାଏ ଅନେକ ଦାୟ ଓ ଦାୟିତ୍ୱ । ତାକୁ ସୁଚାରୁରୂପେ ସମ୍ପନ୍ନ କରିବା ଆଳରେ ନାରୀ କେବେ ପଥଭ୍ରଷ୍ଟ ହେବା ଅନୁଚିତ । ଏଇଥିପାଇଁ ହିଁ ନାରୀ ପାଖରେ ଜଗତର ପରମେଶ୍ୱର ମହଜୁଦ୍ ରଖିଛନ୍ତି ଅମାପ ଧୈର୍ଯ୍ୟ, ଅସୀମ ତ୍ୟାଗ ଓ ତପସ୍ୟାର ମନୋବଳ । ସୁତରାଂ ନାରୀଟିଏ କଦାଚିତ୍ ପୁରୁଷକୁ ତା'ର ପ୍ରତିଯୋଗୀ ନ ଭାବି ତା'ର ସହଯୋଗୀ, ସତୀର୍ଥ, ସହଯାତ୍ରୀ ଭାବୁ । କିନ୍ତୁ ବର୍ତ୍ତମାନ ସମୟରେ ସମୟର ପରିବର୍ତ୍ତନ ସାଙ୍ଗକୁ ନାରୀ ଶିକ୍ଷା ଓ ପ୍ରଗତି ଫଳରେ ନାରୀ ତାର ସ୍ୱାଧିକାର ପାଇଁ ସଂଗ୍ରାମ କରୁଛି । ଏ ଦିଗରେ ନରୀର ଜୀବନଚର୍ଯ୍ୟାରେ ଆସଛି ଅନେକ ପରିବର୍ତ୍ତନ । ଅବଗୁଣ୍ଠନବତୀ ନାରୀଟିଏ ଏବେ ସର୍ବତ୍ର ତା'ର ଦକ୍ଷତାର ଛାପ ଛାଡ଼ିଛି । ସେ ଆଉ ଘରର ଚାରିକାନ୍ଥ ଭିତରେ ଓଢ଼ଣା ଦେଇ ଗୃହକର୍ମନିପୁଣା ନାରୀଟିଏ କେବଳ ନୁହେଁ; ଏଇ ପରିଚୟରୁ ଉର୍ଦ୍ଧ୍ୱକୁ ଆସିଛି ସେ । ଏହା ନିଶ୍ଚିତ ଭାବେ ଆମ ସମାଜର ନାରୀ ପ୍ରତି ସକାରାତ୍ମକ ଦୃଷ୍ଟିକୋଣର ଫଳଶ୍ରୁତି । ତଥାପି ବି କେଉଁଠି ନା କେଉଁଠି ନାରୀଟିଏ ଆଜି ବି ପରିବାର ଭିତରେ ଥିବା ଲକ୍ଷ୍ମଣଗାରକୁ ଡେଇଁ ପାରିନାହିଁ । ଏହା ଅନେକାଂଶରେ ସ୍ୱଇଚ୍ଛାରେ ହେଉଥିବା ବେଳେ କିଛି ସ୍ଥାନରେ ଇଚ୍ଛା ବିରୁଦ୍ଧରେ ଭୋଗିବକୁ ପଡୁଛି ।

ଅସଲରେ ଏଇ ପାରିବାରିକ ଲକ୍ଷ୍ମଣଗାରଟି କଣ ? କ'ଣ ଏହାର ଉପକାରିତା ରହିଛି ! କ'ଣ ଏହାଦ୍ୱାରା ହରାଇବାକୁ ପଡ଼ିଥାଏ ! ଏ ବିଷୟରେ ଏତିକି କୁହାଯାଇପାରେ ଯେ, ପୁରାଣରୁ ଆମେ ଯାହା ଶିକ୍ଷାଲାଭ କରିଥିଲୁ, ତାହା ଏବେ ଆଉ କାର୍ଯ୍ୟକାରୀ କରିବାର ନୈତିକତା ଆମ ପାଖରେ ନାହିଁ । ରାମାୟଣର କାହାଣୀରେ ବନବାସ ସମୟର କଥା ଇଏ । କୁଟୀରରେ ସୀତାଙ୍କୁ ଏକା ଛାଡ଼ିଗଲା ବେଳେ ଲକ୍ଷ୍ମଣ କୁଟୀର ଚତୁଃପାର୍ଶ୍ୱରେ ଏକ ରେଖା ଟାଣିଥିଲେ ଓ ସୀତାଙ୍କୁ ସେଇ ରେଖା ନ ଡେଇଁବାକୁ ଅନୁରୋଧ କରିଥିଲେ । କିନ୍ତୁ ଲକ୍ଷ୍ମଣଙ୍କ ଏହି ସୁରକ୍ଷା ଗାରକୁ ସୀତା ଡେଇଁଥିଲେ ଏବଂ କିପରି ବିପଦକୁ ବରଣ କରିଥିଲେ ସେକଥା ଆମେ ସମସ୍ତେ ଜାଣୁ । ଭାରତୀୟ ସଂସ୍କୃତିରେ 'ଅତିଥି ଦେବୋ ଭବଃ' ବୋଲି ଯାହା ଅଛି, ସେଇ ନିୟମରେ ସୀତା ଛଦ୍ମବେଶୀ ରାବଣକୁ ଅତିଥି ଭାବି ଅବମାନନା କରିବାକୁ ଚାହିଁ ନଥିଲେ ଏବଂ ଏହାଫଳରେ ତାଙ୍କୁ ଲକ୍ଷ୍ମଣଙ୍କ ଦ୍ୱାରା ଟଣା ଯାଇଥିବା ରେଖା ଡେଇଁବାକୁ ପଡ଼ିଥିଲା ।

ଏହି 'ଲକ୍ଷ୍ମଣରେଖା' ଆମକୁ ଏହାହିଁ ଶିଖାଏ ଯେ ଏକ ଦୃଢ଼ ଭାବେ ନିର୍ଦ୍ଧାରିତ ନିୟମକୁ କସ୍ମିନକାଳେ ଉଲ୍ଲଂଘନ କରାଯାଏ ନାହିଁ । କଲେ ବିପଦ ଅନିବାର୍ଯ୍ୟ । ଏହା ଏକ ପ୍ରକାର ସୁରକ୍ଷା କବଚ କହିଲେ ଭୁଲ୍ ହେବ ନାହିଁ । ନାରୀବାଦର ଉଗ୍ର ଆହ୍ୱାନ ଭିତରେ ଏ ପ୍ରକାର ଏକ ପୌରାଣିକ ବିଶ୍ୱାସ ଆଜି ମୃତବତ୍ କହିଲେ ଠିକ୍ ହେବ । କାରଣ ନାରୀ ପରିବାରର ପରିଚାଳନାରେ ପ୍ରମୁଖ ଭୂମିକା ନିଭାଇଥାଏ । ସୁତରାଂ ପରିବାରକୁ ସଠିକ୍ ଭାବେ ଆଗେଇ ନେବାକୁ ତାକୁ ଅନେକ ସମୟରେ ରଣନୀତି ଆପଣେଇବାକୁ ପଡ଼ିଥାଏ । ପରିବାରର ସେବା ଭିତରେ ନାରୀଟିଏ ତା'ର ଜନ୍ମର ସାର୍ଥକତା ପାଇଥାଏ । ଜୀବନରେ ପରିବାର ହେଉଛି ସବୁଠୁ ବଡ଼ ଅନୁଭବ । ଏହି ଅନୁଭବ ପ୍ରାପ୍ତିରୁ ଜଣେ ବଞ୍ଚିତ ହେଲେ ତା' ଜୀବନରେ ଅପ୍ରାପ୍ତି ଓ ଅସନ୍ତୋଷର ବହ୍ନି ଜଳେ ।

ପାରିବାରିକ ଲକ୍ଷ୍ମଣରେଖା କହିଲେ ଆମେ ଏତିକି ବୁଝୁ ଯେ, ପରିବାର ଏକ ଶୃଙ୍ଖଳା ଓ ନୀତିନିୟମ ଭିତରେ ଚାଲେ । ପରିବାର ଭିତରେ ଗୃହିଣୀଟିଏ ଯେତେବେଳେ ଖାଦ୍ୟଶସ୍ୟ କିମ୍ବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷକୁ କୀଟ ଦାଉରୁ ରକ୍ଷା କରିବାକୁ ଚାହେଁ, ସେତେବେଳେ ସେ ଅଧୁନା ବଜାରରେ ମିଳୁଥିବା ଏକ ପ୍ରକାର ଲକ୍ଷ୍ମଣରେଖା ନାମକ ଚକ୍ ଖଡ଼ିରେ ଧଳା ଗାର ଟାଣିଦିଏ । ଫଳରେ କୀଟମାନେ ଆସିପାରନ୍ତି ନାହିଁ । ଠିକ୍ ସେହିପରି ପରିବାରରେ ମାଆବାପାଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମକୁ ମଧ୍ୟ ସନ୍ତାନସନ୍ତତି ଉଲ୍ଲଂଘନ କରିବା ଅନୁଚିତ । ଅନେକ ପରିବାରରେ ଏଥିପାଇଁ ଅଶାନ୍ତି ଲାଗିଥାଏ । ପୁଅଝିଅମାନେ ବାପାମାଆଙ୍କ ଦ୍ୱାରା ଟଣା ଯାଇଥିବା ଏ ନିୟମ ରୂପକ ଲକ୍ଷ୍ମଣରେଖାକୁ ଡେଇଁ ଯାଆନ୍ତି, ଅର୍ଥାତ୍ ପାରିବାରିକ ନିୟମକୁ ମାନନ୍ତି ନାହିଁ । ଫଳହୁଏ ଏୟା ଯେ, ପରିବାରଟି ଅନେକ କାରଣରୁ ନଷ୍ଟବିନଷ୍ଟ ହୋଇଯାଏ । ଅନେକ ସମୟରେ ଆମର ଗୁରୁଜନମାନେ ଆମ ପାଇଁ ଘର ଭିତରେ ମଧ୍ୟ କାଳ୍ପନିକ ଲକ୍ଷ୍ମଣରେଖା ଟାଣିଥାନ୍ତି । ଅନେକ ସେସବୁକୁ ପ୍ରତିପାଳନ କରନ୍ତି । ଏହାଦ୍ୱାରା ପାରିବାରିକ ସୁସମ୍ପର୍କର ଅଭିବୃଦ୍ଧି ହେବା ସହ ଉତ୍ତମ ନୀତିଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ସେମାନେ ସମାଜରେ ସୁନାମ ଅର୍ଜନ କରନ୍ତି ।

କୌଣସି ପ୍ରକାର ନିର୍ଦ୍ଧାରିତ ନିୟମ ସର୍ବଦା ଆମରି ହିତ ପାଇଁ ହୋଇଥାଏ । ହଁ, ସ୍ଥଳ ବିଶେଷରେ ସେସବୁକୁ ସଂଶୋଧନର ଆବଶ୍ୟକତା ଥାଏ । କିନ୍ତୁ ଲକ୍ଷ୍ମଣରେଖା ଭଳି ଏକ ପାରିବାରିକ ଶୃଙ୍ଖଳାକୁ ଭାଙ୍ଗିଲେ, ଆମେ 'ଆଗାମୀ'ର କ୍ଷତି ହିଁ କରୁଛୁ ବୋଲି ଜାଣିବା ଉଚିତ । ସୁତରାଂ ପାରିବାରିକ ଲକ୍ଷ୍ମଣରେଖା ଭିତରେ ରହିଲେ ଏକ ସୁସ୍ଥ ବାତାବରଣ ମିଳିବା ସହ ପରିବାରରେ ସମୃଦ୍ଧି ଓ ଉର୍ବର ଅନୁଚିନ୍ତା ପ୍ରତିଫଳିତ ହେବ- ଏଥିରେ ସନ୍ଦେହ ନାହିଁ । ଆମେ ଯେତେ ଆଧୁନିକ ହେଲେ ମଧ୍ୟ, ପ୍ରାଚୀନତା ଆମ ରକ୍ତରେ କେଉଁଠି ନା କେଉଁଠି ଆମକୁ ସ୍ମରଣ କରାଏ, ଆମର ନୀତି, ଆଦର୍ଶ ଓ ସଂସ୍କାର କଥା । କୌଣସି ପରିସ୍ଥିତିରେ, ସେ ପରିବାର ହେଉ କି ବାହାରେ, ନିଜ ପାଇଁ ଯଦି କେହି ଲକ୍ଷ୍ମଣରେଖା ରୂପକ ଏକ ବିଶ୍ୱାସର ସୁରକ୍ଷା କବଚ ଟାଣିଛି, ତେବେ ତାକୁ ଅନ୍ତତଃ ଡେଇଁ ଯାଆନ୍ତୁ ନାହିଁ । ବିପଦ ସର୍ବତ୍ର ବିଦ୍ୟମାନ । ଆମେ ଅହଂର ତାଡ଼ନାରେ ସେ ରେଖାକୁ ସିନା ଡେଇଁଯିବା, କିନ୍ତୁ ବିପଦରେ ପଡ଼ିବା ବେଳେ ପଶ୍ଚାତାପ କରିବାକୁ ସୁସନ୍ଧା ସମୟ ନଥିବ ।

ଆପଣମାନେ ଦିନକୁଦିନ 'ରେବତୀ'କୁ ଗଭୀର ଶ୍ରଦ୍ଧା ଦେଉଛନ୍ତି । ଏହା ଜାରି ରଖନ୍ତୁ । ସମସ୍ତଙ୍କୁ ଦୀପାବଳି ଓ କାର୍ତ୍ତିକ ପୂର୍ଣ୍ଣିମାର ଶୁଭେଚ୍ଛା ।



ପ୍ରସଙ୍ଗ

# ମୁହାଣର ମନ



●●ବଳଙ୍ଗ ଓ ବଙ୍ଗୋପସାଗର ମିଳନସ୍ଥଳ : ବଳରାମଗଡ଼ି ମୁହାଣ

▼ଫଟୋ: ଆର୍କିଟେକ୍ଟ ଶକ୍ତି ନନ୍ଦ

# କଥା



▲ ଫଟୋ: ବିଶ୍ୱଜିତ ମାଇତି(ଲୁଟନ)

●● ବଳରାମଗଡ଼ି ମୁହାଣର ଏବେକାର ଫଟୋ



# ମୁହାଣ :
# ଗୋଟେ କ୍ଲାସିକ୍ ପୁରାଣ


**ଭୀମ ପୃଷ୍ଟି**

କାଏମା, ଧର୍ମଶାଳା, ଯାଜପୁର-୭୫୫୦୦୮
ଫୋନ : ୯୪୩୭୫୩୧୩୯୭


ଫଟୋ ସୌଜନ୍ୟ : ଲେଖକ, ଶକ୍ତି ନନ୍ଦ ଓ ବିଶ୍ୱଜିତ

**ବୁଢ଼ାବଳଙ୍ଗ ନଈ ଓ ବଙ୍ଗୋପସାଗରର ସଙ୍ଗମସ୍ଥଳିର ନାଁ : ବଳରାମଗଡ଼ି ମୁହାଣ । ଓଡ଼ିଶାର ଅନ୍ୟତମ ମାଛଧରା କେନ୍ଦ୍ର । ଏହି ମୁହାଣ ଯେ ଗୋଟେ ପୁରାଣ ପରି- ଏକଥା ଜାଣିଲେ ଆମ ସମୟର କଥାକାର ଭୀମ ପୃଷ୍ଟି ଯେତେବେଳେ 'ମୁହାଣ' ନାମରେ ଏକ ଉପନ୍ୟାସର ପରିକଳ୍ପନା କରି ସେ ଆସି ରହିଲେ ବଳରାମଗଡ଼ିରେ । ସେଠାକାର ସ୍ଥାନୀୟ ଲୋକଙ୍କ ସହ ମିଶିଲେ ଓ ମୁହାଣର ଇତିହାସକୁ ଖୋଳତାଡ଼ କରି ଲେଖିଲେ ଉପନ୍ୟାସ 'ମୁହାଣ' । ସେଇ ସମୟର ସ୍ଥାନ-କାଳ-ପାତ୍ର ବଦଳି ଗଲେଣି ଏବେ । କିନ୍ତୁ ଲେଖକଙ୍କ ସ୍ମୃତିରେ ସେଦିନର ସବୁକଥା ଆଜି ବି ଜୀବନ୍ତ । 'ରେବତୀ' ତାଙ୍କ ମୁହଁରୁ ଆଉଥରେ 'ମୁହାଣ' ପଛର ପୁରାଣ ଶୁଣିବାକୁ ଚାହୁଁଛି, ଖାସ୍ ଆପଣମାନଙ୍କ ପାଇଁ ।**

ଅନେକଥର ଚାନ୍ଦିପୁର ବେଳାଭୂମିକୁ ପର୍ଯ୍ୟଟକ ହୋଇ ଆସିଛି । ଚାନ୍ଦିପୁର ଗୋଟେ ବିଚିତ୍ର ସମୁଦ୍ରକୂଳ । ଜୁଆର ଛାଡ଼ ବେଳେ ଏକର ଏକର ଓଦାଭୂଇଁ ଦୂର ଦିଗ୍‌ବଳୟ ଆଡ଼େ ଘୁଂଚି ଯାଇଥାଏ ସମୁଦ୍ର । ଜୁଆର ବେଳେ କୂଳ ପାଖରେ ଢେଉପିଟା ସମୁଦ୍ର ଅଥଳଥଳ ।

ଭଙ୍ଗା ବେଳେ ଦଳେ ପର୍ଯ୍ୟଟକ ଓଦାଭୂଇଁରେ ଚାଲିଚାଲି ବାହାରନ୍ତି ସମୁଦ୍ର ଖୋଜି । ଜୁଆର କୂଳ ଆଡ଼କୁ ଫେରିଲା ବେଳେ ସମୁଦ୍ର ଓ ଟୁରିଷ୍ଟ୍ ଭିତରେ ଚାଲେ ଦୌଡ଼ାଦୌଡ଼ିର ଖେଳ । ପଛରେ ଜୁଆର ହାତ ଲମ୍ବେଇ କୂଳ ଆଡ଼କୁ ମାଡ଼ି ଆସୁଥାଏ, କୂଳ ଧରିବାକୁ ଟୁରିଷ୍ଟ୍‌ର ଦୌଡ଼ପାଦ । ଏ ଖେଳ ଏଠି ବହୁତ ଖେଳିଛି ।

ଚାନ୍ଦିପୁର ବେଳାଭୂମିରେ ସମୁଦ୍ରକୁ ମୁହଁ କରି ଛିଡ଼ା ହେଲେ ଡୁମ ଗାଁ ପାଖରେ ସମୁଦ୍ର କୂଳ ଜାଗାଟା ଝାପ୍‌ସା ଦିଶିବ । ବେଳେବେଳେ ସେହି ଜାଗାରୁ ଭୁଟୁଭୁଟି, ଟ୍ରଲର୍ ସବୁ ଯିବା ଆସିବା ଦିଶେ । ଆଚ୍ଛା ଚାନ୍ଦିପୁର ପାଖରେ ସେ ଜାଗାଟା ଏଠୁ କେତେବାଟ !

- ଓ ଏହି । ଚାଲି ଚାଲି ଗଲେ ପନ୍ଦର ମିନିଟ୍ ଲାଗିବ ।

ସ୍ଥାନୀୟ ଲୋକ ନିଜ କାମରେ ତରତର ଥିଲା ।  କହିଲି- ସେଠି ଅଛି କ'ଣ ? ସ୍ଥାନୀୟ ଲାକ କହି ଦେଇଗଲା - 'ମୁହାଣ ଓ ମାଛ ବେପାର ।'

ସେ ଲୋକଟି ଗଲା । ମୋ ଭିତରେ ଗୋଟେ ଶବ୍ଦ ପଶିଗଲା 'ମୁହାଣ' । ତା'ପରଦିନ ଚାନ୍ଦିପୁରରେ ରହୁଥିବା ଆନନ୍ଦମୟୀ ହୋଟେଲ୍‌ରୁ ଚାଲିଚାଲି ପହଂଚିଲି ସେଠି ।

ସକାଳର ପ୍ରଥମ ସୂର୍ଯ୍ୟକିରଣ ଯେତେବେଳେ ପାଖାପାଖି ନଈ ଓ ସମୁଦ୍ର ପାଣିକୁ ସମାନ ଭାଗରେ ଛୁଉଁଥାଏ, କେବଳ ନଈ ଓ ସମୁଦ୍ରର ସଙ୍ଗମସ୍ଥଳୀରୁ ଧୂଆଁ କୁହୁଡ଼ିକୁ ଭେଦ କରି ପହଁଚି ପାରୁ ନଥିଲା ସୂର୍ଯ୍ୟାଲୋକ- ଏହି ଦୃଶ୍ୟ ମୋ ଭିତରେ ଖେଳେଇ ହୋଇ ଚାଲିଲା ।

ମୁହାଣ ।

ସୁଦୁ ମୁହାଣ ।

ମୁହାଣ କେବଳ ।

ବୁଢ଼ାବଳଙ୍ଗ ନଈ ଆଉ ବଙ୍ଗୋପସାଗର ଏହି ମିଳିତ ମିଳନ ଜାଗା ଓ ବଳରାମଗଡ଼ିର ଲୋକମାନେ ଧୀରେ ଧୀରେ କାୟା ମେଲି ଚାଲିଲା ।

ଗୋଟେ ଗୋଟେ ସ୍ଥାନର ମାୟା ହେଉଛି ଏପରି, ତୁମକୁ ତା' ଭିତରକୁ ଆରାମରେ ନେଇଯାଏ । ବାଲେଶ୍ୱର ଗୋଳାପୋଖରୀ ଆଡ଼ିରୁ ଡାବଲ୍ ବସ୍, ମାଟାଡୋର୍ କି ଜିପ୍ ଧରି ସହରଠୁ ଷୋଳ କିଲୋମଟର ପରେ ପଡ଼ିବ ଚାନ୍ଦିପୁର । ବଳରାମଗଡ଼ି ପାଇବା ପରେ ଚାନ୍ଦିପୁର ମୋତେ ଅଟକାଇବାର ଶକ୍ତି ନଥିଲା ।

ବଳରାମଗଡ଼ିରେ ଆସି କିଛିଦିନ ରହିବା ପାଇଁ ଜାଗା ଖୋଜିଲି । ବଳରାମଗଡ଼ିର ଶୁଖୁଆ ଖଳା, ମାଛ ଗୋଦାମକୁ ଗୋଦାମ । ରାସ୍ତାଘାଟରେ ମାଟାଡୋର୍, ଜିପ୍‌ରେ ଟ୍ରାଫିକ୍ ଜାମ୍ । ଛୋଟମୋଟ ଦୋକାନବଜାର । ବଜାରଠୁ ଟିକେ ଦୂରେ ଝାଉଁ ଜଙ୍ଗଲ ଭିତରେ ପାଦଚଲା ରାସ୍ତା କଡ଼ରେ ଗଛପତ୍ରର କୋରଟ ଭିତରେ ଗୋଟେ ଦୋମହଲା କୋଠା । ବଳରାମଗଡ଼ିର ଏକମାତ୍ର ଲଜିଂ- 'କାଶ୍ମୀର ହୋଟେଲ୍' ।

କାଶ୍ମୀର ହୋଟେଲ୍‌ରେ ଗୋଟେ ସିଙ୍ଗଲ୍ ରୁମ୍ ନେଲି ଓ ବଳରାମଗଡ଼ିରେ ବନେଇ ନେଲି





▶ଲେଖକ ଭୀମ ପୃଷ୍ଟି




ମୋର ଅସ୍ଥାୟୀ ଆବାସ । ଦିନରେ ଏହି ମାଛଜେଟିର ଜାଗାଟାରେ ଗଳିକୁ ଗଳି ଘୁରି ବୁଲିବା । ଏଠିକା ବିଷ୍ଣୁପ୍ରିୟା, ନନା ଓ ବିବେକା ହୋଟେଲ୍‌ରେ ବଦଳେଇ ବଦଳେଇ ଖାଇବା ପିଇବା । ସନ୍ଧ୍ୟାବେଳେ ବଳରାମଗଡ଼ି ବଜାରରେ ସ୍ଥାନୀୟ ଲୋକଙ୍କ ଭିଡ଼ । ସେମାନଙ୍କ ସହ ମିଶିବାର ସୁଯୋଗ ଖୋଜିବା । ତା’ ଭିତରେ ବାଲେଶ୍ୱର ଯାଏଁ ଏ ଜିଲ୍ଲାର ଇତିହାସ ଓ ନୃତତ୍ତ୍ୱ ଉପରେ ବହି ଯୋଗାଡ଼ କରିବା ।

ବେଳେବେଳେ ବୁଢ଼ାବଳଙ୍ଗ ନଦୀ ମୁହଁରେ ସିମେଣ୍ଟ୍ ଜେଟି ଉପରେ ବସେ । ମୁଁ ବସିଥିବା ଜେଟି ତଳେ ନଈଧାର । ମୋ ମୁହଁରେ ଜହ୍ନ ଆଲୁଅର ଶୀତଳ ଖରା । ଆଗରେ ଅନ୍ଧାର ଓ ଦିଗ୍‌ବଳୟରେ ଲୁଚି ଯାଇଥିବା ସମୁଦ୍ର । ହେଲେ ଘୋ-ଘୋରେ ଜାରି ରଖିଥିଲା ତା’ ଅସ୍ତିତ୍ୱ । ଏହିସବୁ ନଈ, ସମୁଦ୍ର ଓ ଜହ୍ନରାତି ଜାଗାରେ ଜଣେ ଏକା ହୋଇ ଦୁଃଖୀ ହୋଇଯିବ, ନଚେତ ଜଣେ ଭାବୁକ ହୋଇଯିବ- ପଢ଼ିଥିବା ପୁରାଣକୁ ନେଇ ଇତିହାସ, ଅତିରଂଜିତ କଥାର ମେଟାଫର୍‌ମାନେ ମୋ ଭିତରେ ଫିଟି ଫିଟି ପଡ଼ନ୍ତି ।

ପ୍ରଥମେ କ’ଣ ଏଠି ମୁହାଣ ଥିଲା ? ନା କେବଳ ସନ୍ତସନ୍ତିଆ ବେଳାଭୂମି । ବର୍ଷାଦିନ ହେଲେ ଗଡ଼ଜାତ ଜଙ୍ଗଲରୁ ଗଡ଼ିଗଡ଼ି ଆସେ ସରୁଧାରଟିଏ । ସମୁଦ୍ରରେ ମିଶେ । ଖରାଦିନ ଆସିଲେ ସେ ଝରର ଦେଖା ନଥାଏ । ମୁହାଣ ମୁହଁ ଶୁଖିଲା ପଡ଼େ । ବର୍ଷାଦିନକୁ, ବଳଙ୍ଗକୁ ଅପେକ୍ଷାରେ ବଙ୍ଗୋପସାଗର ମଥା ପିଟୁଥାଏ । ବର୍ଷା ଆସିଲେ ବଳଙ୍ଗ ଆସେ ।

ସମୁଦ୍ର ନଈର ସଂଗମ ପ୍ରଥମ ପ୍ରେମର ଦିନସବୁରେ ସେମାନେ ଯେପରି ଢେଉର ଓଠରେ କଥା ହୁଅନ୍ତି ।

କାହିଁ କେତେ ବର୍ଷ ପରେ ସରୁ ନଈଧାରଟିଏ କିଶୋରୀ, ତା’ପରେ ସଂପୂର୍ଣ୍ଣା ନାରୀଟିଏ ହୋଇ ବର୍ଷକ ବାରମାସ ସେ ସମୁଦ୍ରରେ ମିଶି ଚାଲେ ।

ହୁରିପଡ଼େ ମୁହାଣ, ମୁହାଣ ।

ସେହି ମୁହାଣ ଜାଗାଟାରେ ଦେଖା ହେଲା ବଳରାମ । ପଇଁତିରିଶ୍ ଛତିଶ ବର୍ଷ ବୟସର ବଳରାମ- ଯେମିତି ବେଫିକର ତା’ କଥାବାର୍ତ୍ତା । ସେମିତି ପରିଶ୍ରମୀ ଆଉ ସ୍ୱପ୍ନବାଦୀ । ତା’ସହ ବଳରାମଗଡ଼ି ବଜାରରେ ମୋର ପରିଚୟ । କଥାବାର୍ତ୍ତା ।

ବସ୍ତିରେ ତା’ ଝୁମ୍ପୁଡ଼ି ଭଡ଼ାଘରକୁ ସେ ମୋତେ ଥରେ ନେଇଗଲା । ବଳରାମ ଛଡ଼ା କେହି ନଥିଲେ ସେ ଘରେ । କାଠ ଆଲଣାରେ ଦୁଇ ତିନିଟା ଶାଢ଼ି ଟଙ୍ଗା ହୋଇଥିଲା, ତା’ଉପରେ ଜମୁଥିଲା ଧୂଳି । ଘରର ଗୋଟେ କୋଣରେ ଚିରାଫଟା ହୋଇ ପଡ଼ିଥିଲା ଗୋଟେ ପ୍ଲାଷ୍ଟିକ୍ କଣ୍ଢେଇ ।

ବଳରାମ ଅନେକ ଥର ବସାରେ ନିଜେ ରାନ୍ଧି ମୋତେ ଫିରିକି ହେଉ କି ପାମ୍ଫ୍‌ଲେଟ୍ ମାଛ ତର୍କାରୀ ଭାତ ଖୁଆଇଥିବ । ବେଳେବେଳେ ବଳରାମଗଡ଼ିରେ ତା’ର ଜୀବନ ସଂଘର୍ଷର କଥା କହୁଥିଲା-

କିପରି ସେ ଏଠିକାର ନୁହେଁ । ସେ ନୀଳଗିରିର ପିଲା । ସେ ପ୍ରଥମେ ଏଠିକାର ଶୁଖୁଆ ଗୋଦାମର ଷ୍ଟାଫ୍ ଥିଲା, ତା’ପରେ ମାଛ ଗୋଦାମରେ ଷ୍ଟାଫ୍ ହେଲା । ମାଛ ଗୋଦାମ ବି ଛାଡ଼ିଦେଲା । ନିଜେ ସ୍ୱାଧୀନ ଭାବେ ଏଠି କ’ଣ ଗୋଟେ କରିବ ବୋଲି ଭାବିଲା । ସ୍ୱାଧୀନ ହୋଇ ବଞ୍ଚୁ ବଞ୍ଚୁ ତାକୁ ଅଭାବ ଖାଇ ଗୋଡ଼େଇଲା । ମୁହାଣ ମୁହଁରେ ମାଛ ବେପାରୀ ପାଇଁ ଦଲାଲି, ଦାଦାଗିରି ବି କଲା । ସେହି ଟ୍ରାକ୍‌ରୁ ହଟି ଆସିଲା । ଚିହ୍ନା ପରିଚୟକୁ ଧରି ଭାଗିଦାରୀ ବେପାରରେ ଭୁଟ୍‌ଭୁଟି କରିବାର ଯୋଗାଡ଼ଯନ୍ତ୍ରରେ ଥିଲା । ତା’ର ଘରୋଇ ଜୀବନ ନଥିଲା । ହେଲେ ମୁଣ୍ଡଭର୍ତ୍ତି ତା’ର ସ୍ୱପ୍ନ । ପୁଣି ସ୍ୱପ୍ନଭଙ୍ଗ । ସ୍ୱପ୍ନ ସାକାର କରିବାକୁ ତା’ର ନିରନ୍ତର ପ୍ରୟାସ ତାକୁ ଫୁର୍ତ୍ତି ଆଉ ସଙ୍କୋଚ କରି ବଦଳେଇ ଚାଲିଥିଲା ।

ଥରେ ତ ତା’ ବ୍ୟକ୍ତିଗତ ଜୀବନ କଥା କହିବାକୁ ମୋତେ ଯେପରି ପାଇଗଲା । କହୁଥାଏ, କୋହନାଳ ହେଉଥାଏ ।

- କିପରି ଏଠି କୋଡ଼ିଏ ନମ୍ବର ୱାର୍ଡ଼ର ଜଣେ ବିବାହିତା ନାରୀ ସହ ତା’ର ପ୍ରେମ ଥିଲା । ତା’ପରେ ତା’ ଭୁଲ୍ ହେଲା ବାହା ହେଇ ପଡ଼ିବା । ତୃତୀୟ ଭୁଲ୍ ହେଲା ବିବାହ ପରେ ବି ପରକୀୟା ଜାରି ରଖିବା । ଏକଥା ତା ସ୍ତ୍ରୀ ଜାଣିଲା । ସହିଲା । ଅତିଷ୍ଠ ହେଲା, ଦେଢ଼ବର୍ଷର ଛୁଆକୁ ଧରି ତା’ ଭିଣୋଇଘର ଧାମରା ଚାଲିଗଲା । ଆଉ ଜଣଙ୍କୁ ଦ୍ୱିତୀୟା ହୋଇ ରହିଗଲା । ଏପାଖରେ ବିବାହିତା ପ୍ରେମିକା ତାକୁ ବାଧ୍ୟ କରିଛି- ତା’ ନୂଆ ଭୁଟ୍‌ଭୁଟି ମାଛଧରା ବେପାରରେ ତା’ ସ୍ୱାମୀକୁ ଭାଗିଦାର କରିବାକୁ ଚାହିଁଛି । ତା’ ସ୍ୱାମୀର ଦକ୍ଷତା ଓ ପରିଶ୍ରମ ଉପରେ ତା’ର ବିଶ୍ୱାସ ନଥିଲା । ସେ ମନା କରିଛି । ଫଳରେ ଏହି ପଦିଏ କଥାରେ ଭାଙ୍ଗି ଯାଇଛି ସଂପର୍କ । କୋଡ଼ିଏ ନମ୍ବର ୱାର୍ଡ଼ର ଘରର ଦର୍ଜା ସବୁଦିନ ପାଇଁ ବନ୍ଦ ହୋଇଯାଇଛି ।

ପ୍ରେମ ଆଉ ସଂସାରକୁ ହରାଇଥିବା ବଳରାମ ତା'ର ଦୁଇ ଖୋଲା ହାତମୁଠା ଦେଖାଇ ଉଦାସରେ ହସି କହିଲା, 'ମୋ ଦୁଇ ହାତ ଶୂନ୍ୟ ।'

ମୁଁ ବଳରାମର ସେହି ଦୁଇହାତ ନିଜ ଦୁଇ ହାତରେ ଧରି କହିଲି- "ଧର, ତୁମେ ବୁଢ଼ାବଳଙ୍ଗ ନଈ- ଏ ବାଁ ହାତ । ଆଉ ତୁମେ ବଂଗୋପସାଗର- ଏ ତୁମର ଡାହାଣ ହାତ । ଦୁଇହାତ ମିଶିଗଲେ ହୋଇଗଲା ନା ଗୋଟେ ମୁହାଣ ।"

ବଳରାମ ମୋ କଥା ଶୁଣି ହୋ ହୋ ହୋଇ ହସିଲା । ଗୋଟେ ଅବିଶ୍ୱସନୀୟ କବିପଣିଆ କଥାର ଅର୍ଥ ବୁଝିଲା । ଏହି ଭରସା ଟିକକ ଏଠି କମ୍ ମିଳେ । ବଳରାମ ତା' ଏକ୍ଲା ଜୀବନର ଆଶା, ସାନ୍ତ୍ୱନା ଓ ପ୍ରେରଣା ପାଇଁ ମୋ ପଛରେ ପଡ଼ିଥିଲା ନା ମୁହାଣ ମହତ୍ୱ ଏ ବଳରାମଗଡ଼ିରେ ତା'ପଛରେ ମୁଁ!




ବଳରାମ ମୋତେ ବାଇକ୍‌ରେ ତା' ନୀଳଗିରି ଅଂଚଳ ବୁଲେଇ ଆଣିଲା । ଯଦିଓ ବସ୍‌ରେ ଅନେକଥର ନୀଳଗିରି-ବାରିପଦା ଯାଇଛି । ବସ୍‌ର କାଚ ଦେଇ ନୀଳଗିରି ଆଉ ନିଜେ ଠିଆ ହୋଇଥିବା ନୀଳଗିରି- 'ଅନେକ ତଫାତ୍' । ସ୍ୱର୍ଣ୍ଣଚୂଡ଼ ପାହାଡ଼ କୋଳରେ ଶାଳପତ୍ର ପରି ସବୁଜ ଛନ୍ ଛନ୍ ନୀଳଗିରି ।

ଚଢ଼ିଲି ତା' ସହ ସ୍ୱର୍ଣ୍ଣଚୂଡ଼ ପାହାଡ଼ । ପାହାଡ଼ ଉପରେ ଦୁଇଟି ପାହାଡ଼ ମୁଣ୍ଡିଆ । ଲୋକକଥାରେ- ପାହାଡ଼ ଗୋଟେ ପଥର ମୁଣ୍ଡିଆ ହେଉଛି ଡୁମେଇରଣା । ପାଖ ମୁଣ୍ଡିଆଟି ତା'ସ୍ତ୍ରୀ ଡୁମେଇଆଣୀ । ଡୁମେଇରଣା ବନ୍‌ଶି ଖଡ଼ା ଧରି ବସିଛି । ତା'ସ୍ତ୍ରୀ ପନିକି ସଜେଇ ବସିଛି । ପ୍ରଥମେ ବଳରାମଗଡ଼ି, ବାଲେଶ୍ୱର, ଶେରଗଡ଼ ହୋଇ ନୀଳଗିରିର ସ୍ୱର୍ଣ୍ଣଚୂଡ଼ ପାହାଡ଼କୁ ଛୁଇଁଥିଲା ବଙ୍ଗୋପସାଗର । ବଳରାମଗଡ଼ି ଆଡ଼େ ଗଡ଼ି ଯାଇଥିଲା ଦରିଆ ଦିନେ ଫେରିବ । ସେହି ସମୁଦ୍ର ଫେରନ୍ତା ଦିନକୁ ଡୁମେଇରଣା ଓ ଡୁମେଇଆଣୀ ଅପେକ୍ଷା କରି ଚାଲିଛନ୍ତି । ସମୁଦ୍ର ଫେରିଲେ ଡୁମେଇରଣା ତା' ବନ୍‌ଶିରେ ମାଛ ଧରିବ । ତା ସ୍ତ୍ରୀ ପନିକିରେ ମାଛ କାଟି ରାନ୍ଧିବ ।

ଏହି ଆଶ୍ଚର୍ଯ୍ୟ ପାହାଡ଼ ଆଉ ତା'ର ସୁନ୍ଦର 'ଫୋକ୍'ଟି ଧରି ଦରିଆ ଫେରିବାର ଅପେକ୍ଷାରେ କ୍ରମଶଃ କ୍ଷୟ ହୋଇ ଚାଲୁଛନ୍ତି ଡୁମେଇରଣା ଦମ୍ପତି ।

ମୁହାଣରେ ଘୁରି ବୁଲିବା ଭିତରେ ବଳରାମ ମାଧ୍ୟମରେ ରତନ୍‌ଦା' ସହ ପରିଚୟ ହେଲା । ରତନ୍‌ଦା' ବାଲେଶ୍ୱରରୁ ଆସି ଏଠି ଆଇସ୍ ବେପାରରେ ଥିଲେ । ରତନ୍‌ଦା', ମଉଜିଆ, ସରଳିଆ, ଗୀତସଂଗୀତରେ ଥିବା ଭାବଭୋଳ ଲୋକ । ସବୁକଥା ଶେଷରେ ସେ ସଂଗୀତର କଥା କହୁଥିଲେ । ଥରେ କହିଲେ- 'ସଂଗୀତ ଏପରି ଗୋଟେ ଜିନିଷ ଏ ବଙ୍ଗୋପସାଗର ତା'ପାଖରେ କିଛି ନୁହେଁ । ତା'ଠୁ ଗଭୀର । ତା'ଠୁ ପୁରୁଣା ।'

ବଳଙ୍ଗ କୂଳରେ ଭୁଟ୍‌ଭୁଟି ତିଆରି ଜାଗାରେ ରତନ୍‌ଦା' ଗପିଲେ- 'ଏ ଯେଉଁ ବଳରାମଗଡ଼ି ମୁହାଣ ଜାଗାଟା । ପ୍ରଥମେ ଥିଲା ସନ୍ତସନ୍ତିଆ ଜଙ୍ଗଲି ଜାଗା । ମଇଁଷୀ, ହରିଣ, ଶିଆଳ, ହେଟାବାଘ- ବଣରେ ସବୁ ଥିଲେ । ପ୍ରଥମେ ଏ ଜାଗାକୁ ପଶି ଆସିଲେ ଗଡ଼ଜାତ ଭୂମିଜ । ହେନ୍ତାଳ ଜଙ୍ଗଲରେ ଶିକାର କଲେ, ମୁହାଣରୁ ମାଛ ଧରିଲେ । ଜଙ୍ଗଲ ସଫା କରି, ବାଲିରୁ ପଙ୍କ ଉଠେଇ ଚାଷ ଜମି କଲେ । ଶିକାର-ମାଛଚାଷ ଏହି ତିନିଟା ସୁଖ ପାଇଁ




ମୟୂରଭଞ୍ଜ, କେନ୍ଦୁଝରର ସାନ୍ତାଳ, ଭାତୁଡ଼ି ଓ ଭୂମିଜମାନେ ଏଠି ବସତି କଲେ ।

ମୁହାଣ ମୁହଁକୁ ଧୀରେ ଧୀରେ ଦେଶୀ ବାହାରିଆ ଲୋକଙ୍କ ବୋଇତ ଲାଗିଲା । ଏଠି ରହିବାକୁ ପହଂଚିଲେ ଦକ୍ଷିଣର ବ୍ରାହ୍ମଣ । ସେମାନେ କମା । କମାମାନେ ଚାଲାକ, କୌଶଳି, ଏଠିକା ଆଦିବାସୀ କହିଲେ ଓଡ଼ । ଓଡ଼ମାନଙ୍କ ଜମିସବୁ ହାତେଇଲେ ।

ତା'ପରେ ଏ ଜାଗା ବାଲେ-ଇ-ଶର ବନ୍ଦର ହୋଇଗଲା । ମୋଗଲମାନେ ଏଠି ଯୁଦ୍ଧପୋତ କାର୍ଖାନା ବସେଇଲେ । ଫିରିଙ୍ଗି ଜଳଦସ୍ୟୁମାନେ ବଙ୍ଗଳାକୁ ଲୁଟ୍ କରି ସେଠିକା ଲୋକଙ୍କୁ ଧରି ଆଣି ଏ ବଳରାମଗଡ଼ିରେ ମଣିଷ ବିକ୍ରି ହାଟ ବସେଇଲେ । କ୍ରୀତଦାସ କରି ମଣିଷ ବିକିଲେ । ତା'ପରେ ପର୍ତ୍ତୁଗୀଜ, ଓଲନ୍ଦାଜ, ଡେନମାର୍କ ଇଂରେଜମାନଙ୍କ ପୋତ ଏଠି ଲାଗିଲା । ବାଲେଶ୍ୱର ସହର ଚାରି ପାଖରେ ମରହଟ୍ଟା, ମୋଗଲ, ପର୍ତ୍ତୁଗୀଜ, ଫରାସୀ, ଫିରିଙ୍ଗିଙ୍କ କୋଠିକୁ କୋଠି ।

ଦିନେ ସ୍ୱାନ୍ ଜାହାଜ ଚଢ଼ି ଆସିଲେ କାର୍ଟରାଇଟ୍ ସାହେବ । ତାଙ୍କ ସାଙ୍ଗରେ ଇଂରାଜୀ ବେପାରୀ ବ୍ରୁଟନ୍ । ଏଠି ଦେଖିଲେ ଅସ୍ୱାସ୍ଥ୍ୟକର ପରିବେଶ, ମରହଟ୍ଟା ଗୁଣ୍ଡାଙ୍କ ଦାଦାଗିରି, ସେତେବେଳେ ଏଠି ହଇଜା ବ୍ୟାପିଥିଲା । ସେମାନେ ବଳରାମଗଡ଼ିକୁ ପଛ କଲେ ବଙ୍ଗଳାର ସୂତାନଟି, ଗୋବିନ୍ଦପୁର ଓ କୋଲ୍‌କତା ଏମିତି ତିନୋଟି ଗାଁକୁ ନେଇ ଆରମ୍ଭ କଲେ ବେପାର । ବସେଇ ଦେଲେ ସେଠି କଲିକତା ।' ରତନ୍‌ଦା' ଭାବବିହ୍ୱଳ ହୋଇ କହିଲେ- 'ଜାଣୁଛ ତ । ଯଦି ସେ ଇଂରେଜ ଦି'ଜଣ ଏଠି ଅଟକି ରହିଥାନ୍ତେ, ତେବେ ଆଜିର କଲିକତା ପରି ହୋଇଥାନ୍ତା ବାଲେଶ୍ୱର ସହର । ସେପାଖରେ ଭଦ୍ରକଠୁ ଯାଜପୁର ଏପାଖରେ ମୟୂରଭଂଜ, କେଉଁଝର ପର୍ଯ୍ୟନ୍ତ ବ୍ୟାପିଥାନ୍ତା ବାଲେଶ୍ୱର । ଆଜିର କଲିକତା ପରି ବାଲେଶ୍ୱର ଦେଖା ଯାଉଥାନ୍ତା ।'

ଯଦି ଏଇଟା ହୋଇଥାନ୍ତା, ତା'ହେଲେ ଏମିତି ହୋଇଥାନ୍ତା- ସ୍ୱପ୍ନ ଭାବୁକ ରତନ୍‌ଦା' ମୋତେ ତାଙ୍କ ଧଡରା ଲୁନାରେ ଦିନା କେତେ ବାଲେଶ୍ୱରର ଗଳିକନ୍ଦି ବୁଲେଇଲେ । ବିଭିନ୍ନ ଗୀତସଂଗୀତ ଜାଗାରେ ବସେଇଲେ । ଥରେ କହିଲେ- 'ଏହି

ଆମ ବାଲେଶ୍ୱର କେଉଁ ପୁରାଣଠୁ କଣ କମ୍?'

ଥରେ ଥରେ ଘରୁ ଆସି କାଶ୍ମୀର ହୋଟେଲ୍‌ରେ ରହିବା ଭିତରେ ବଳରାମଗଡ଼ିର ସାରାଦିନର ସବୁଦିନିଆ ଘଟଣାକୁ ଆଉଥରେ ନୀରବରେ ଦେଖିବାକୁ ଆଗ୍ରହ ଜମେ ।

ଦେଖେ, ସକାଳ ରଡରଡ ହେଲା ବେଳକୁ, ଜେଟିବେସ୍‌ଠୁ ନାଉପାଳ ଘାଟ ପର୍ଯ୍ୟନ୍ତ ବଳଙ୍ଗରେ ଭୁଟ୍‌ଭୁଟି, ଗିଲୋଟିନ, ଟ୍ରଲର୍‌ମାନଙ୍କ ଶୋଭାଯାତ୍ରା । ସମୁଦ୍ରକୁ ବାହାରିଯିବାର ଶବ୍ଦ । ଦିନିକିଆ ଫିସିଂରେ କି ପନ୍ଦର ଦିନିଆ ଭଏସ୍‌ରେ ବୋଟ୍‌ମାନେ କୂଳ ଛାଡ଼ିବେ । ଦ୍ୱିପ୍ରହର ଗଡ଼ିଲେ ସମୁଦ୍ରରୁ ମାଛ ଶିକାର କରି ଫେରି ଆସୁଥିବେ ଟ୍ରଲର, ଭୁଟ୍‌ଭୁଟି ସବୁ । ଜଣିକିଆ ହାଲସାମରା ସାଲ୍‌ଟିମାନ ନିଜ ନିଜ ବୋଟ୍‌ରୁ ମାଛ ବାସ୍କେଟ୍‌ସବୁ କୂଳରେ ପହଂଚେଇ ଦେଉଥିବେ । ମାଛ ଗୋଦାମର ଷ୍ଟାଫ୍ ସେଠୁ ମାଛ ବୋହି ଗୋଦାମକୁ ଆଣୁଥିବେ । ଗୋଦାମରେ ରେଟ୍ ଡକା, ଓଜନ ବାଜନ ଚାଲିବ, ପାର୍ଟି ରେଡ଼ି, ଟ୍ରକ୍‌ରେଡ଼ି, ଖଲିପତ୍ର, ପ୍ଲାଷ୍ଟିକ୍ ଜରି, ବାଉଁଶ ପାତିଆ ଟୋକେଇ, ଅଖା, କ୍ରସର୍ ବରଫ ଗୁଣ୍ଡ ରେଡି । ମାଛମାନଙ୍କର ପ୍ୟାକିଂ ଚାଲିବ । ବଳରାମଗଡ଼ିରୁ ମାଛ ଧରି ମାଟାଡୋର୍, ମିନିଟ୍ରକ୍, ଜିପ୍‌ମାନେ ସହର ଆଡ଼େ ଗଡ଼ିଯିବେ ।

ମାଛକୁ ନେଇ ବଳରାମଗଡ଼ିର ଲୋକଙ୍କ ମାଛ ପରି ବ୍ୟସ୍ତତା । ମାଛଧରା, ମାଛ ବେପାର ଏଠିକାର ଜୀବନରେଖା । ପ୍ରତିଥର ବଳରାମଗଡ଼ିର କାଶ୍ମୀର ହୋଟେଲ୍‌ରେ ଛ' ସାତଦିନ ପାଇଁ ରହିବା ଓ କେଉଁ କାମ କରିବି ଲକ୍ଷ୍ୟ ନେଇ ଆସେ । ଥରେ ବଳରାମଗଡ଼ି ଯିବା ପୂର୍ବରୁ ବାଲେଶ୍ୱରରେ ରତନ୍‌ଦା'ଙ୍କୁ ଖୋଜିଲି । ରତନ୍‌ଦା' ତାଙ୍କ ବସାରେ ନଥିଲେ । ସେ କ୍ଷୀରଚୋରା ରେମୁଣାକୁ ଗୋଟେ ଅଷ୍ଟପ୍ରହରୀ ସଂକୀର୍ତ୍ତନରେ ଯାଇଥିଲେ । ସେଇଠି ରତନ୍‌ଦା'ଙ୍କ ବାଲେଶ୍ୱର ଉପରେ ଗୋଟେ ପୁରୁଣା କଥା ମନେ ପଡ଼ିଲା- ଏ ବାଲେଶ୍ୱର କ'ଣ ଗୋଟେ ପୁରାଣ ଠୁ କମ୍? ସେହି ପୁରୁଣାକୁ ଖୋଜିବାର ନିଶା । ଆଜିର ସମୟଠୁ ବହୁ ପଛରେ ରହିଥିବା ଜୀବନକୁ ଦେଖିବାର ଆଗ୍ରହ । ବହିରୁ ପଢ଼ିଥିବା ଇଙ୍ଗିତସବୁ ପରି ବାଲେଶ୍ୱରର ପିଛିଲା ସମୟର ଅସ୍ତିତ୍ୱକୁ ଛୁଇଁବାର ପାଗଳାମୀ ମୋ ଭିତରେ ।

ମୁଁ ଯେ ବର୍ତ୍ତମାନର ନୁହେଁ ।

ଅତ୍ୟନ୍ତ ଅତୀତମନସ୍କ ।

ସେହି ମାନସିକତା, ସେହି ଚରିତ୍ରରେ ମୁଁ ।



ବଳରାମଗଡ଼ି ମୁହାଣର ସଦ୍ୟତମ ଫଟୋରୁ ପେଣ୍ଟିଂ କରିଛନ୍ତି ଶିଳ୍ପୀ ସଂଜୟ ରାଉଳ

ଆଜିର ଚକମକିଆ ମୋତିଗଂଜ ବଜାରରେ ଚାଲିଛି । ଗାଡ଼ିମୋଟର ଭିଡ଼, ଲୋକଙ୍କ ଗହଳି ଭିତରେ ମୋତେ ଜଣା ପଡ଼ିଛି ମୁଁ ବହୁତ ସମୟର ପଛରେ ଚାଲିଛି- ଯେତେବେଳେ ମରହଟ୍ଟାର ଘୋଡ଼ା ଶବ୍ଦ ରାସ୍ତାରେ ଶୁଭିଲା ମାନେ ମୋତିଗଂଜ ରାସ୍ତାକଡ଼ ଘରମାନଙ୍କରେ ଭୟରେ ଡାଟି କବାଟ ପଡ଼ି ଯାଉଥିଲା । ଲାଲା ମୋତିରାମ ବସେଇଥିଲେ ଏ ମୋତିଗଞ୍ଜ ବଜାର । ମୟୂରଭଞ୍ଜ ଷ୍ଟେଟ୍‌ର ରାଜଧାନୀ ହରିହରପୁରରୁ ମରହଟ୍ଟା ଲାଲା ଲୁଣ୍ଠନ କରି ଆଣିଲା ଲକ୍ଷ୍ମୀନାରାୟଣ ପ୍ରତିମା । ଲୁଣ୍ଠିତ ଈଶ୍ୱରଙ୍କୁ ନେଇ ମୋତିଗଞ୍ଜରେ ତିଆରି କଲା ଭବ୍ୟ ମନ୍ଦିର । ସେହି ପ୍ରାଚୀନ ଲକ୍ଷ୍ମୀ ନାରାୟଣ ମନ୍ଦିର ବେଢ଼ାରେ ମୁଁ ଅନ୍ୟମସ୍କ ହୋଇ ବସିଥିଲି ।

ମୁଁ ଯେତେବେଳେ ମିର୍ଜାପୋଖରୀ ଆଡ଼ିରେ ବୁଲୁଛି ମୋଗଲ ସମୟ ଆଡ଼କୁ ନିଜକୁ ନେଇଯାଉଛି । ଦିନେ କତ୍‌ଲୁ ଖାଁ ବାଲେଶ୍ୱରକୁ ଅକ୍ତିଆର କରି ରଖିଥିଲା । ନବାବ୍ ମିର୍ଜା ଆଜିମ୍ ଖାଁ ଆସିଲେ- ବାଲେଶ୍ୱରରୁ କତ୍‌ଲୁ ଖାଁକୁ ତଡ଼ିବେ । ଆଜିମାବାଦରେ ସୈନ୍ୟଙ୍କ ଶିବିର ବସିଲା । ସୈନଙ୍କ ବ୍ୟବହାର ପାଇଁ ପୋଖରୀ ଖୋଳେଇଲେ- ହୋଇଗଲା ମିର୍ଜାପୋଖରୀ ।

ମାକଲପୁରରେ ଘୁରି ବୁଲିବା ଭିତରେ- ବାଲେ-ଇ-ଶର ବନ୍ଦର ସହିତ ଯୋଡ଼ି ହୋଇଗଲା ମାକଲପୁର । ଏଠି ଅଶ୍ୱିନୀ ତନ୍ତି ମାନେ ରହୁଥିଲେ । ଏଠି ତିଆରି ହେଉଥିଲା ପୃଥିବୀ ପ୍ରସିଦ୍ଧ ହାଲ୍‌କା ସାହାନା ଲୁଗା । ଏଠି ବହୁ ଧନୀ ତନ୍ତୀଙ୍କ ଅଝାଳମରା ପୋତ ଥିଲା । ମାଡ୍ରାସୀ ବେପାରୀମାନେ ହଳଦୀ ଲବଙ୍ଗ, ତେଜପତ୍ର, ଗୁଆନଡ଼ିଆ ବଦଳରେ ସୁହାନୀ ଲୁଗା ବୋଇତରେ ବୋହି ନେଉଥିଲେ ।

ମାନସିଂପାଟଣାରେ ଏଯାବତ୍ ଅଗାରୀ ବଂଶଧରମାନେ ଅଛନ୍ତି । ଏମାନେ ଆକବର ସୈନ୍ୟ ବାହିନୀର ସୈନିକ । ଆକବରଙ୍କ ସେନାପତି ମାନସିଂ । ମାନସିଂ ବର୍ଷା ଦିନେ ବାଲେଶ୍ୱରରେ ଶିବିର ପକେଇଲେ । ବର୍ଷା ଋତୁ କଟେଇ ସୈନ୍ୟ ଆଗକୁ ବଢ଼ିଲେ । ସେନାଛାଉଣୀର ଅଗାରି ସୈନ୍ୟଙ୍କୁ ଏ ଜାଗା ଏତେ ଭଲ ଲାଗିଲା ଯେ, ତା' ଭିତରୁ କେଇଜଣ ସେନାରୁ ସ୍ୱଇଚ୍ଛା ଅବସର ନେଇ ଏଠି ଘର କରି ରହିଗଲେ । ସାହିର ନାଁ ଦେଲେ - ମାନସିଂପାଟଣା ।

ଦିନେ ପାଗଳ ପରି ବଟେଶ୍ୱରରେର ଉଦ୍ଦାଳକ ଆଢ଼୍ୟଙ୍କ ଘର ଖୋଜିଲି । କେତେ ହାତକୁ ହାତ ବିକ୍ରିବଟାରେ ମାଳମାଳ କୋଠାଘର ଭିତରେ କେଉଁଠି ପାଇବି ଆଢ଼୍ୟ ମହାଶୟଙ୍କ ଘର । ବନ୍ଦରରେ ନମକମାହାଲ ବ୍ୟବସାୟ ସମୟରେ ଇଂରେଜମାନଙ୍କ ଦାରୋଗାବାବୁ ଯାଦବ ଚାଟାର୍ଜୀ ଏହି ଉଦ୍ଦାଳକ ଆଢ଼୍ୟଙ୍କ ଘରେ ଘର ଭଡ଼ା ନେଇ ରହୁଥିଲେ । ଏଇ ବଟେଶ୍ୱରରେ ଯାଦବ ବାବୁଙ୍କ ପୁଅଟିଏ ହେଲେ, ଏଠି ପ୍ରାଥମିକ ଶିକ୍ଷା ଶେଷ ହେଲା- ହୋଇଗଲା ସାରା ଦୁନିଆର ପ୍ରିୟ ଔପନ୍ୟାସିକ ବଙ୍କିମ ଚନ୍ଦ୍ର ।

ମଲ୍ଲିକାଶପୁର ଫକୀରମୋହନଙ୍କ ପାଇଁ ବାଲେଶ୍ୱରର ତୀର୍ଥଭୂଇଁ । ତା' ସହିତ ଯୋଡ଼ି ହୋଇଥିଲା ମୁହାଣ । ମଲ୍ଲୀକାଶପୁର ଲୋକେ ବନ୍ଦର ପାଖରେ ବୋଇତର ଅଝାଳ ସିଲେଇ କରୁଥିବା ପିଲାଟି ବଡ଼ ହୋଇ ଆଧୁନିକ ଓଡ଼ିଆ ସାହିତ୍ୟର

ସେଲିବ୍ରେଟୀ- ବ୍ୟାସକବି ଫକୀରମୋହାନ ସେନାପତି ।

ବାଲେଶ୍ୱର ଥାନା ପାଖରେ ପୁଣି ସେହି ପଛ କଥା ଭିତରେ ଚହଲୁଥିଲି । ବାଲେଶ୍ୱର ଥାନା ପାଖରେ ହାହଲ୍ଲା ପଡ଼ିଗଲା- ବାଘାଯତୀନ ଦଳର ସବୁଠୁ ସାନ ବୟସର ବିଦ୍ରୋହୀ ମନୋରଂଜନ ବନ୍ଧା ହୋଇ ଆସୁଛି । କାହିଁ କେତେ ଦେଖଣାହାରୀ ଥାନା ଛକରେ ଛିଡ଼ା ହୋଇଥାନ୍ତି । ଗୋଟେ ଘୋଡ଼ାଗାଡ଼ି ଆସିଲା । ଘୋଡ଼ାଗାଡ଼ିରୁ ଓହ୍ଲେଇଲା କଅଁଳିଆ ବୟସର ମନୋରଂଜନ । ତା' ହାତଗୋଡ଼ ଜଂଜିରରେ ବନ୍ଧା ହୋଇଥିଲା । ତା' କଡ଼େକଡ଼େ ଚାଲୁଥାଏ ଗୋଟେ ଲମ୍ବା ତରବାରୀ ଧରା ଇଂରେଜ ପୋଲିସ୍ । ମନୋରଂଜନର ସେହି ନିର୍ଭୀକ 'ବନ୍ଦେ ମାତରଂ' ନାରା । ଆଜିର ଦଳ ରାଜନୀତିର ସ୍ଲୋଗାନ୍ ଭିତରେ ସେ ବନ୍ଦେ ମାତରଂ ବଂଚିଥିଲା ।



ମୁହାଣ ସହିତ ଯୋଡ଼ି ହୋଇଥିବା ଫରାସୀଡିଙ୍ଗାରେ ପହଂଚିଲି । ବାଲେଶ୍ୱରର ସବୁଠୁ ବିବଦମାନ, ସବୁଠୁ ରୋଚକ ଜାଗା- ଫରସୀଡ଼ିଙ୍ଗା । ଯେତେବେଳେ ସାରା ଭାରତବର୍ଷ ବ୍ରିଟିଶମାନଙ୍କ କବ୍‌ଜାରେ, ଯାବତୀୟ ଗଞ୍ଜା, ମଦ, ଚୋରସ୍, ଅଫିମର ନିଶା ବେପାର, ନିଶାଡିଙ୍କ ଉତ୍ପାତ । ଏଠି ଗୋଟେ ପୋଲିସ୍ ଫାଣ୍ଡି ଗୋଟେ ପ୍ରାଥମିକ ବିଦ୍ୟାଳୟ, ରାସ୍ତାରେ ରାତିରେ ଜଳିବା ପାଇଁ କେଇଟା କିରୋସିନୀ ଲ୍ୟାମ୍ପ- ସେସବୁ କୁଆଡ଼େ ହଜି ସାରିଥିଲା । କେବଳ ପରିତ୍ୟକ୍ତ କୂଅଟିଏ ସେଠି ଏକୁଟିଆ ଫରାସୀଙ୍କ ଜଳଜଳ ସାକ୍ଷୀ ହୋଇ କ୍ରମଶଃ ଭାଙ୍ଗି ଚାଲିଥିଲା ।

ବାଲା-ଇ-ଶର ବନ୍ଦର ସହିତ ଯୋଡ଼ି ହୋଇଥିଲା ଗୋଟେ କ୍ଲାସିକ୍ ଅତୀତ । ରତନ୍‌ଦା' କହିଲା ଭଳି- 'ପୁରାଣରୁ କମ୍ ନୁହେଁ ଏ ପ୍ରାଚୀନ ସହର ।'

ଅତୀତ ମନସ୍କରୁ ଓହରି ପୁଣି ସତ ଜୀବନଯାପନର ଜଂଜାଳ ପାଖକୁ ଫେରି ଆସିବାକୁ ହୁଏ- ଏହା ହିଁ ବାସ୍ତବତା ।

ଦିନେ କାଶ୍ମୀର୍ ହୋଟେଲ୍ ଛାତ ଉପରେ ଅଧ ରାତିରେ ଛିଡ଼ା ହୋଇ ଅନ୍ଧାରରେ ବୁଡ଼ି ଯାଇଥିବା ଦରିଆ ସାଇଁ ସାଇଁ ପବନରେ ଘୋଘୋ ଶବ୍‌ଦରେ ନିଜକୁ ଜାହିର କରୁଥାଏ । ଅନେକ ଜନପଦରୁ ଜନପଦ ଘୁରି ବୁଲିଲି । ଅନେକଥର ସମୁଦ୍ରର ବେଳାଭୂମିରୁ ହିଁ ଫେରି ଆସିଛି । କେଉଁ ସମୁଦ୍ରର ଭିତରଟା ଦେଖି ପାରିଲି ?

ବଳରାମଗଡ଼ିରୁ ଫିସିଂରେ ଯାଉଥିବା ଟ୍ରଲର୍, ଭୁଟ୍‌ଭୁଟି ଡ୍ରାଇଭର୍, ଷ୍ଟାଫ୍‌ଙ୍କୁ ମୋର ସମୁଦ୍ର ଭିତରକୁ ଯିବା ଇଚ୍ଛା ସଂପର୍କରେ କହିଲି । ଯେତେ ଅନୁନୟ ହେଲି କେହି ମୋତେ ବୋଟ୍‌କୁ ଉଠାଇଲେ ନାହିଁ । କିଏ ଡରେଇଲା- 'ଆପଣ ନୂଆଲୋକ । ସମୁଦ୍ର ଭିତରେ ବାନ୍ତି ହୋଇ ଆପଣଙ୍କ ଦେହ ଖରାପ ହୋଇଯିବ ।"

କିଏ ବାହାନା କଲା, 'ଆମ ମାଲିକ୍ ବାହାରିଆ ଲୋକଙ୍କୁ ବୋଟ୍‌ରେ ଚଢାଇବାକୁ ମନା କରିଛନ୍ତି ।'

ମୁହାଣ କଡ଼ରେ ଗହଳି, ମାଛ ବେପାର । ହେଲେ ମୋତେ ଯେପରି ମଝି ଦରିଆ ଡାକୁଥିଲା- ଆ' ।

ରତନ୍‌ଦା' ମୋତେ ଉପାୟ ଜଣାଇ ଦେଲେ- 'ଆପଣ ମିଶ୍ରବାବୁଙ୍କ ପାଖକୁ ଯାଆନ୍ତୁ । ସେ ମା' ମଙ୍ଗଳା ଟ୍ରଲର୍‌ର ମାଲିକ । ଶିକ୍ଷିତ ଲୋକ । ଆପଣଙ୍କ କଥା ସେ ବୁଝିବେ । ତାଙ୍କ ବୋଟ୍‌ରେ ଯିବାକୁ ଅନୁମତି ଦେବେ ।'

ଦୁଇ ତିନିଦିନ ମିଶ୍ରବାବୁଙ୍କୁ ବଳରାମଡ଼ିରେ ଅପେକ୍ଷା କଲି । ସେ ବାଲେଶ୍ୱରରେ ଥିଲେ । ଶେଷରେ ଦେଖା ହେଲା । ମୋ କଥା କହିଲି । ମିଶ୍ରବାବୁ ତାଙ୍କ ଟ୍ରଲର୍ ଡ୍ରାଇଭର୍‌କୁ ଡାକି କହିଲେ- 'ଏ ବାବୁ କାଲି ସକାଳେ ଆମ ବୋଟ୍‌ରେ ଯିବେ । ତାଙ୍କ ଖାଇବା ପିଇବା କଥା ବୁଝିବ ।'

ମିଶ୍ର ବାବୁଙ୍କ ଏ ପ୍ରତିଶ୍ରୁତିରେ ନିଜ ସ୍ୱପ୍ନର କାନ୍ଧରେ ହାତ ରଖିଲି । ଆସନ୍ତାକାଲି ସମୁଦ୍ର ଭିତରର ଦେଖିବି- ଏହି ସ୍ୱପ୍ନ ଭାବୁକତା ସେଦିନ ରାତିରେ କାଶ୍ମୀର ହୋଟେଲ୍‌ରେ ମୋତେ ଶୁଆଇ ବସାଇ ଦେଲାନି । ବଡ଼ିଭୋର୍‌ରୁ ହୋଟେଲ୍‌ରେ ନିତ୍ୟକର୍ମ ସାରି ପର୍‌ମିଟ୍ ଘାଟ ପାଖରେ ପହଂଚିଲି । ପଚାଶ ଶହେ ଭୁଟ୍‌ଭୁଟି, ଟ୍ରଲର୍ ରେଡ଼୍ ନମ୍ବର ପକେଇଥିଲେ । ତା ଭିତରେ ଡେକ୍ ପିଠିରେ ଲେଖା ହୋଇଥିବା ମା' ମଙ୍ଗଳା ଟ୍ରଲର୍‌ରୁ ଡ୍ରାଇଭର୍ ଡାକ ଦେଲା- 'ଆମ ସାଲ୍‌ଟିରେ ବୋଟ୍‌କୁ ଜଲ୍‌ଦି ଆସନ୍ତୁ । ଯିବା ଡେରି ହେଉଛି ।' ସାଲ୍‌ଟି ବାଲା ହାଲ୍‌ସା ମାରି କୂଳରେ ଲଗାଇଲା । ମୁଁ ସାଲ୍‌ଟିକୁ ଉଠିଗଲି । ସାଲ୍‌ଟି ମୋତେ ମଝି ମୁହାଣରେ ବୋଟ୍ ପାଖରେ ପହଂଚାଇ ଦେଲା । ଆଗକୁ ବଢ଼ିଲା ବୋଟ୍ ।

ମୁହାଣ ଓ ସମୁଦ୍ର ମିଶିଥିବା ଜାଗାଟାରେ ଭୀଷଣ ସାମୁଦ୍ରିକ ରୋଲିଂରେ ଦୋହଲି ଚାଲିଲା ଆମ ବୋଟ୍ । କେତେବେଳେ ଲହଡ଼ିର ପାଣି ଗାତ ତଳେ ବୋଟ୍ ତ କେତେବେଳେ ଢେଉର ମୁଣ୍ଡ ଉପରେ ଚହଲୁଥିଲା ବୋଟ୍ । ମୁହାଣ ମୁହଁରେ ଭୀଷଣ ଡରାବନି ମୋ ଅବସ୍ଥା । ମୁହାଣ ମୁହଁରେ ମୋର ମନେହେଲା ବଂଗୋପସାଗର ଯେପରି ଆଦିମ ନୀଳପୁରୁଷ ଭଳି ବଳଙ୍ଗ ନଈର ସୁକୁମାରୀ ଯୌବନ ସହ ଚଳେଇଥିଲା ଯୁଗଯୁଗର ଅନ୍ଧଖେଳ ।

ମୁହାଣରୁ ସିଆର କାଟି ଯେତେବେଳେ ସମୁଦ୍ର ଆଡ଼କୁ ଛୁଟି ଚାଲିଲା ଆମ ବୋଟ୍- ସେଠୁ ବଡ଼ ଢେଉ ନଥିଲା । ସମୁଦ୍ର ଶାନ୍ତ ଭାବେ ଚଳଚଞ୍ଚଳ ଚୁନିଚୁନି





ଢେଉର ନୀଳ ତରଙ୍ଗ । ସେ ଢେଉରେ ଦିନର ଖରା ପଡ଼ି ରୂପା ଆଇନା ପରି ଚକ୍‌ମକ୍ ସମୁଦ୍ର ଭିତରେ ବଳରାମଗଡ଼ି କୂଳଠୁ ଦଶମାଇଲ ଦୂରରେ ଥିଲା ବୋଟ୍ । ମଝି ସମୁଦ୍ରରେ ମନେହେଲା– ଏ ଗୋଟେ ଅଲଗା ଜଳଜଗତି । ସମୁଦ୍ର ଯେପରି ମୋ ଚାରିପାଖର ସିନ୍ଥେଟିକ୍ ଥଲଥଲ ନୀଳ ଗୋଲାକାର ଜଳପଡ଼ିଆ । ଗୋଲାକାର ତମ୍ବୁ ଭଳି ଚାରିଦିଗରୁ ମେଘଢଂକା ଆକାଶ ନଇଁ ପଡ଼ିଥିଲା । ଗାଢ଼ ନୀଳ ପାଣିର ଜାଗା ଠାରେ ସମୁଦ୍ରରେ ଆରମ୍ଭ ହେଲା ହାଲ୍‌କା ନୀଳପାଣିର ଆରୁଢ଼ି ସ୍ଥିର ଜଳଅଞ୍ଚଳ ।

ବୋଟ୍ କିଲୋମିଟର କିଲୋମିଟର ସମୁଦ୍ର ଭିତରକୁ ଚାଲିଲା । ବୋଟ୍‌ର ଷ୍ଟାଫ୍ ଜଣେ ଚିହ୍ଲେଇଲା– ଜାଲ ପକାଅରେ । ବୋଟ୍ ଡେକ୍‌ରୁ ଦରିଆ ଭିତରକୁ ଷ୍ଟାଫ୍‌ମାନେ ଜାଲ ଖସେଇ ଚାଲିଲେ । ଜାଲ ମୁଣ୍ଡରେ ବନ୍ଧା ହୋଇଥିବା କଳା ପ୍ଲାଷ୍ଟିକ ବଲ୍‌ର ଜାରକିନ୍‌ମାନେ ଦରିଆ ଭିତରେ କେଉଁଠି  ଜାଲ ରହିଛି ଚିହ୍ନଟ କରି ଭାସିଲେ । ଡ୍ରାଇଭର୍ ଷ୍ଟାର୍ଟ ବନ୍ଦ କରିଦେଲା । ଜାଲ ତଳ ମୁଣ୍ଡକୁ ଭାସି ଚାଲିଲା ।

ମୁହାଣ ମୁହଁରୁ ରୋଲିଂ ଓ ବୋଟ୍‌ର ଡିଜେଲ୍ ଧୂଆଁରେ ମୋର ବାନ୍ତି ହେଲା । ଦେହ ଅଶ୍ୱସ୍ତି ଲାଗିଲା । ବୋଟ୍‌ର ଷ୍ଟାଫ୍ ଆଶ୍ୱାସନା ଦେଲା– 'ଦରିଆ ଭିତରକୁ ପ୍ରଥମଥର ଆସିଲେ ଏମିତି ଲାଗେ । ଏଠିକା ଜଳବାୟୁରେ କିଛି ସମୟ ରହିଲେ ସବୁ ଠିକ୍ ହୋଇଯିବ ।' ଜଣେ ମୋତେ ଲେମ୍ବୁ ସର୍ବତ ଦେଲା, ତାପରେ ଷ୍ଟାଫମାନେ ନେଇଥିବା ମିଠା ପାଣି ଢାଳି ହୋଇ ଗାଧୁଆପାଧୁଆ କଲେ, ରୋଷେଇରେ




ବ୍ୟସ୍ତ ରହିଲେ ।

ତା'ପରେ ଆରମ୍ଭ ହେଲା ଜାଲ ଟଣା । ମନୋଫିଲ୍ ଜାଲର ଦୁଇ ମୁଣ୍ଡକୁ ଧରି ଘୋଷାରି ଘୋଷାରି ଦରିଆରୁ ବୋଟ୍ ଡେକ୍‌ରେ ଗଦା କଲେ । ପ୍ଲାଷ୍ଟିକ ବାସ୍‌କେଟ୍ ଧରି ଇଲିସି, ଫିର୍‌କି, କଣ୍ଟିଆ, ବସୁଆ, ବାଗ୍‌ଦା ଚୁଙ୍ଗୁଡ଼ି ସବୁ ଅଲଗା ଅଲଗା ସର୍ଟିଂ ଚାଲିଲା । ଧରାପଡ଼ିଥିବା ଶହଶହ ସମୁଦ୍ର କଙ୍କଡ଼ା ମାଛଗଦା ଉପରୁ ଖେଳେଇ ହୋଇ ପୁଣି ସମୁଦ୍ରକୁ ଓହ୍ଲେଇ  ଗଲେ । ତା'ଭିତରେ ଡଗଡଗ ହୋଇ ଚାଲୁଥିଲା ଗୋଟେ ସମୁଦ୍ର ଶଂଖ । ଜଣେ କିଏ ଜିଅନ୍ତା ଶଙ୍ଖକୁ ପୁଣି ସମୁଦ୍ରରେ ଛାଡ଼ି ଦେଲା । ବିକ୍ରିଯୋଗ୍ୟ ମାଛ ଆଇସ୍ ଦେଇ  ବୋଟ୍ ଚ୍ୟାମ୍ବର୍‌ରେ ରଖାଗଲା । ଅଜାତିଆ ମାଛ– ଫିସ୍‌ମିଲ୍ ସବୁ ଶୁଖୁଆ ଗୋଦାମରେ ବିକ୍ରି ହେବା ପାଇଁ ଡେକ୍‌ରେ ଗଦା ହୋଇ ରହିଲା ।

ବୋଟ୍‌ରେ ରୋଷେଇ କରୁଥିବା ଷ୍ଟାଫ୍ ବି ଭଲ ରାନ୍ଧିଥିଲା । ଭାତ, ଡାଲି, ଆଳୁବାଇଗଣ ଭର୍ତ୍ତା ସହ ସଜ ଧରା ହୋଇଥିବା ଫିରିକି ମାଛ ଭଜା ମୋ ଖାଇବା ଥାଳିରେ ବାଢି ଲଙ୍କା, ଲେମ୍ବୁ, ଲୁଣ ସହ ଯୋଗାଇ ଦେଲା । ବଳରାମଗଡ଼ିରେ ସୂର୍ଯ୍ୟ ବୁଡ଼ିବାକୁ  ବେଶି ସମୟ ନଥିଲା ।  ବୋଟ୍ ଦରିଆ ଭିତରୁ ମୁହାଣ ମୁହାଁ ହେଲା । ମୁହାଣ ମୁହଁରେ ପୁଣି ଢେଉର ରୋଲିଂରେ ଦୋହଲିଲା । ଗଲାବେଳର ଭୟ ଫେରିବା ବେଳକୁ ନଥିଲା । ମୁହଁ ସଂଜରେ ପରମିଟ୍ ଘାଟରେ ଲାଗିଲା ବୋଟ୍ ।

ଏ ସ୍ୱପ୍ନ ପରି ଜଳଯାତ୍ରା ଥିଲା ।

ଦରିଆ ଭିତରଟା କେତେ ଆକର୍ଷଣୀୟ ସତରେ । ପଲ୍ୟୁସନ୍ ଫ୍ରି । ସାଉଣ୍ଡ୍ ଫ୍ରି । ନିଜ ଆଖି ପାଉଥିବା ଚାରିପାଖରେ ଅରାଏ ପୋଖରୀ ପରି ଆୟତନର ପୃଥିବୀ । ଆଖି ଉହାଡ଼ରେ ଜଳପାଚେରୀ ଚାରିଦିଗରୁ ଆକାଶକୁ ଲାଗିଥିଲା । ମାଛୁଆମାନଙ୍କ ଜୀବିକା ଜାଗା । ବୋଟ୍ କି ଜାହାଜର ଯିବା ଆସିବାର ଜଳ ରାସ୍ତା । କି ଦିନ କି ରାତି ସମୁଦ୍ର ଭିତରେ ହାଲୁ ହାଲୁ ଭାସମାନ ମଣିଷ । ସମୁଦ୍ର ଭିତରେ କିଏ ଏକା ନାହିଁ । ଏହା ଭିତରେ ମୁହାଣ ମୁହଁରେ ବିତିଗଲାଣି ତିନିବର୍ଷ ଥରକୁ ଥର ବସ୍‌ରେ ଆସି, ବାଲେଶ୍ୱରରୁ ଗାଡ଼ି ଧରି ବଳରାମ ଗଡ଼ିରେ ପହଂଚିଲେ ମୋତେ ପୁରାଣର ଗୋଟେ ଗଡ଼ ପାଖକୁ ଆସିଲା ଭଳି ଲାଗେ । ତା'ପରେ କାଶ୍ମୀର ହୋଟେଲ୍‌ରେ ବିସ୍ତର ପକ୍କା । ମୁହାଣ ପାଖରେ ଘୁରାଫେରା । ଚିହ୍ନା ଅଚିହ୍ନା ଲୋକଙ୍କ ସହ ହସଖୁସି । ଘୋଘୋ ମାଛ ହାଟ । ପବନରେ ଆଇଁଷିଆ ବାସ୍ନାର ଉଚ୍ଚାଟ । ଜୀବନ ଓ ଜିଇବାକୁ ଜୀବିକାର ଚଳତି ଫିରତି ବଳରାମଗଡ଼ି ।

ଫେରିବା ପୂର୍ବରୁ ଶେଷଥର ପାଇଁ ମୁହାଣକୁ ବେକ ବଙ୍କେଇ ଚାହିଁଲି । ପୁରାଣରୁ ଏଯାବତ୍ ଏଠିକି କାହାର ଆସିବା ଯିବାରେ ମୁହାଣ ପାଇଁ ଫରକ୍ ପଡ଼େନା । ଦ୍ୱିପ୍ରହରର ଝଲମଲ ଖରାରେ ହେଉ ଅଧରାତିର ମାୟାବୀ ଅନ୍ଧକାରରେ, ବଳଙ୍ଗ ଓ ବଙ୍ଗୋପସାଗର ସେମାନଙ୍କ ଆଦିମ ଖେଳରେ ବ୍ୟସ୍ତ । ହୁଏତ ଭବିଷ୍ୟତରେ ଚାନ୍ଦିପୁର ଆସିବି, ପୁରୁଣା ସ୍ମୃତିର ଜାଗା ଭାବେ ମୁହାଣ ପାଖକୁ ଆସିବି– ସେହି ଘଣ୍ଟେ ଦୁଇଘଣ୍ଟା ପାଇଁ ଆଉ କ'ଣ ପୂର୍ବପରି କାଶ୍ମୀର ହୋଟେଲ୍‌ରେ ରହି ପାରିବି ? ଅନେକ ଥର ଭବିଷ୍ୟତରେ ବାଲେଶ୍ୱର ଆସିବି– ହେଲେ ଏଥରକ ପରି ବାଲେଶ୍ୱରକୁ ନେଇ ଏପରି ପୁରାଣ ମନସ୍କ ହୋଇ ପାରିବି ?

ପାଣି ପରି ବଦଳିଯାଏ ମଣିଷ । ଦୁନିଆଁରେ ଯେଉଁ ଜାଗାରୁ ତା'ର ଆସିବାର ଉଦ୍ଦେଶ୍ୟ ରହେ, ସେ ପୁଣି ପାଣି ଭଳି ଯେ କୌଣସି ସ୍ଥାନରେ ଜାଗା ଧରିନିଏ ।

# ଦୀପର ପର୍ବ ଦୀପାବଳି

ପ୍ରୋଫାଇଲ : ମନିଷା ଧର ମହାପାତ୍ର
ଫଟୋ : ଦୀପକ କୁମାର ଆଗ୍ରୱାଲ



# ଦୀପର ମହତ୍ତ୍ୱ

**ସମ୍ବେଦନା ମିଶ୍ର**

ପ୍ଲଟ ନଂ-୬୧୨, ଘର ନଂ୧୩, ପ୍ରଜାପତି ରିସୋର୍ଟ;
ବେହେରା ସାହି, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଫୋନ : ୯୯୩୭୭୨୩୫୭୯

ଫଟୋ ସୌଜନ୍ୟ : ଗୁଗୁଲ୍



▲ ଲେଖିକା ସମ୍ବେଦନା ମିଶ୍ର

ଦୀପ, ଦିୟା, ଦୀପମ୍, ଦୀପକ, ଦୀପାଳି ଆଦ ଏକାଧିକ ନାମରେ ଜଣା ଯାଉଥିବା ଦୀପ ଆମ ଜୀବନରେ ବିଶେଷ ମହତ୍ତ୍ୱ ରଖିଥାଏ । ଆମ ସଂସ୍କୃତିରେ ପ୍ରତ୍ୟେକ ସାମାଜିକ, ସାଂସ୍କୃତିକ, ଧାର୍ମିକ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆରମ୍ଭରେ ଦୀପ ପ୍ରଜ୍ୱଳନ କରାଯାଇଥାଏ । ଏହା ଭାରତରୁ ଉଦ୍ଭବ । ବିଭିନ୍ନ ଉତ୍ସବମାନଙ୍କରେ ଘରେ ଓ ମନ୍ଦିରମାନଙ୍କରେ ସାମୟିକ (ମାତ୍ରଥରେ) ବ୍ୟବହାର ପାଇଁ ମାଟି ଦୀପ ଏବଂ ଏକାଧିକ ଥର ବ୍ୟବହାର ପାଇଁ ପିତ୍ତଳ ତିଆରି ପିତ୍ତଳ ଦୀପ ବ୍ୟବହାର କରାଯାଏ । ଦୀପରେ ତୁଳା ବା କପଡ଼ା ବଳିତାର ଏକ ପ୍ରାନ୍ତ ତେଲ ବା ଘିଅ ମଧ୍ୟରେ ବୁଡ଼ି ରହିଥାଏ ଓ ଅନ୍ୟ ଏକ ପ୍ରାନ୍ତ ଉପରକୁ ଉଠି ଜଳୁଥାଏ ।

ହିନ୍ଦୁ ଧର୍ମ ଅନୁସାରେ ଦୀପକୁ ଶୁଦ୍ଧତା, ସଦ୍‌ଗୁଣ, ସୌଭାଗ୍ୟ, ଶକ୍ତିର ପ୍ରତୀକ ରୂପେ ବିବେଚନା କରାଯାଏ । ପ୍ରତିଦିନ ସକାଳେ ଓ ସଂଧ୍ୟାରେ ଠାକୁରଙ୍କ ନିକଟରେ ଦୀପ ଲଗା ଯାଇଥାଏ । ଏହା ଶୁଭ ଓ ମଙ୍ଗଳଦାୟକ । ଜଳ, ବାୟୁ, ଅଗ୍ନି, ପୃଥିବୀ ଓ ମହାକାଶର ସମାହାର ଯାହାକୁ ପଞ୍ଚତତ୍ତ୍ୱ କୁହାଯାଏ ସେଥିମଧ୍ୟରୁ ଅଗ୍ନି ସବୁଠାରୁ ଶୁଦ୍ଧ ରୂପ । ସେହି ଅଗ୍ନିର ଗୋଟିଏ ସ୍ୱରୂପ ହେଉଛି ଦୀପ । ସେଥିପାଇଁ ଅଶୁଭ ଶକ୍ତିର ବିନାଶ ପାଇଁ ଠାକୁରଙ୍କ ପାଖରେ ଅଖଣ୍ଡ ଦୀପ ଲଗାଯାଏ ଓ ଦୀପ ଲଗାଇବା ସମୟରେ ମନ୍ତ୍ର ବୋଲା ଯାଇଥାଏ:

"ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋର୍ମା ଅମୃତଂ ଗମୟ
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।"

ଯାହାର ଅର୍ଥ ହେଉଛି, "ହେ ଈଶ୍ୱର ! ଆମ ସମସ୍ତଙ୍କୁ ଅସତ୍ୟରୁ ସତ୍ୟ ଆଡ଼କୁ ନେଇଯାଅ । ଆମ ସମସ୍ତଙ୍କୁ ଅଜ୍ଞାନତା ରୂପୀ ଅନ୍ଧକାରରୁ ଜ୍ଞାନ ରୂପୀ ପ୍ରକାଶ ଆଡ଼କୁ ନେଇଯାଅ ଏବଂ ଆମ ସମସ୍ତଙ୍କୁ ମୃତ୍ୟୁରୁ ଅମରତ୍ୱ ଆଡ଼କୁ ନେଇଯାଅ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।"

ଦୀପର ପ୍ରକାଶ ଆମକୁ ଜ୍ଞାନ ଦେଇଥାଏ । ଯେଉଁଭଳି ଦୀପର ଜ୍ୟୋତି ସର୍ବଦା ଉପରକୁ ଉଠି ଜଳିଥାଏ ସେହି ଭଳି ଆମର ପ୍ରବୃତ୍ତି ମଧ୍ୟ ଉପରକୁ ଉଠି ସମାଜର ମଙ୍ଗଳ କରୁ ସେଥିପାଇଁ ଆଉ ଏକ ମନ୍ତ୍ର ବୋଲାଯାଇଥାଏ:

"ଶୁଭଂ କରୋତି କଲ୍ୟାଣମ୍ ଆରୋଗ୍ୟମ୍ ଧନ ସମ୍ପଦା
ଶତ୍ରୁ ବୁଦ୍ଧି ବିନାଶାୟ ଦୀପକାୟ ନମୋସ୍ତୁତେ ।
ଦୀପଂ ଜ୍ୟୋତି ପରଂବ୍ରହ୍ମ ଦୀପଂ ଜ୍ୟୋତି ଜନାର୍ଦ୍ଦନଃ
ଦୀପଂ ହରତୁ ମେ ପାପଂ ସଂଧ୍ୟାଦୀପ ନମୋସ୍ତୁତେ ।"

ପରମାତ୍ମା ପରଂବ୍ରହ୍ମଙ୍କ ଆରାଧନା ଜୀବାତ୍ମାର ମୁକ୍ତିମାର୍ଗ ପ୍ରଦର୍ଶକ । ଆଲୋକର ପ୍ରଭାବରେ ଅନ୍ଧକାରର ବିଲୋପ ସହିତ ସମସ୍ତ ଆସୁରିକ ଶକ୍ତିମାନଙ୍କର ବିନାଶ ହୋଇଥାଏ ! ଆଲୋକ ହେଉଛି ସ୍ୱୟଂ ପରଂବ୍ରହ୍ମଙ୍କ ପ୍ରତୀକ ।

ଦୀପ ଜଳାଇବା ଦ୍ୱାରା ଆମର ଚତୁପାର୍ଶ୍ୱରେ ଯୁକ୍ତାତ୍ମକ ଶକ୍ତି ଜାଗ୍ରତ ହେଇଥାଏ ଯାହାକି ଆମ ଜୀବନରୁ ବିଭିନ୍ନ ସମସ୍ୟାମାନଙ୍କୁ ଦୂରେଇବାରେ ସାହାଯ୍ୟ କରେ ।

ସ୍କନ୍ଦ ପୁରାଣରେ ଦୀପକୁ ସୂର୍ଯ୍ୟଙ୍କର ଅଂଶ ବୋଲି କୁହାଯାଇଛି । ସୂର୍ଯ୍ୟ ହେଉଛନ୍ତି ଜ୍ଞାନର ପ୍ରତୀକ, ତେଣୁ ଦୀପକୁ ପ୍ରତୀକ ରୂପେ ଧରି, ଅଜ୍ଞତାକୁ ଦୂରେଇବା ପାଇଁ ଦୀପ ଜଳାଯାଏ । ସେହିପରି ରିଗ୍‌ବେଦ ଅନୁଯାୟୀ ଅଗ୍ନିକୁ 'ପାବକ' କୁହାଯାଏ ଅର୍ଥାତ୍, ଶୁଦ୍ଧ । ସେଥିପାଇଁ ଘରେ ଦୀପ ଜଳାଇଲେ ସାତ୍ତ୍ୱିକ ପରିବେଶ ସୃଷ୍ଟି ହୁଏ ଯାହାକି ଆମକୁ ସର୍ବଦା ଭଲ, ସଠିକ୍ ଓ ନୈଷ୍ଠିକ ରାସ୍ତା ଦେଖାଏ । ଏହି ଦୀପ ପ୍ରଜ୍ୱଳନ ଦ୍ୱାରା ଆମ ଆତ୍ମା ପରମାତ୍ମା ପାଖରେ ପହଞ୍ଚିପାରେ ବୋଲି ବିଶ୍ୱାସ ରହିଛି ।

## ଦୀପ ଓ ଦିଗ

ବାସ୍ତୁଶାସ୍ତ୍ର ଅନୁଯାୟୀ ପ୍ରତିଦିନ ଘରେ ଘିଅ ଦୀପ ଜଳାଇବା ଦ୍ୱାରା ଶାନ୍ତି ଓ ସୌଭାଗ୍ୟ ଘରକୁ ଆସିଥାନ୍ତି । ଦୀପର ମୁହଁ ଉତ୍ତର ଦିଗକୁ ରହିଲେ ଧନସମ୍ପଦ ବୃଦ୍ଧିରେ ସହାୟକ ହୋଇଥାଏ । ଘିଅ ଦୀପକୁ ପାନୀୟ ଜଳର ପାତ୍ର ନିକଟରେ ରଖିଲେ ଏହା ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ସହିତ ଧନ ସମ୍ପତ୍ତି ବୃଦ୍ଧି କରିଥାଏ ।

ଯେହେତୁ ଦକ୍ଷିଣ-ପୂର୍ବ ଦିଗର ଅଧିପତି ଅଗ୍ନି ଅଟନ୍ତି ତେଣୁ ଏହା ସବୁଠାରୁ ଉତ୍ତମ ଅଟେ ଯେ, ତେଲ ଦୀପ ସର୍ବଦା ଦକ୍ଷିଣପୂର୍ବ ଦିଗରେ ପୂଜା ଘରେ ଜାଳିବା ବିଧେୟ । ଯଦି ଏହା ଘରର ପୂର୍ବ ଦିଗକୁ ମୁହଁ କରି ଜଳାଯାଏ ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଫଳ ପ୍ରଦାନ କରେ ।

ବିଶେଷଜ୍ଞଙ୍କ ମତରେ ଉତ୍ତର ଦିଗକୁ ମୁହଁ କରି ଦୀପ ପ୍ରଜ୍ୱଳନ ଦ୍ୱାରା ଧନସମ୍ପତ୍ତି ବୃଦ୍ଧିରେ ସହାୟକ ହେଇଥାଏ । ସର୍ବଦା ଦୀପକୁ ଘରର ଦକ୍ଷିଣ ଦିଗକୁ ମୁହଁ କରି ରଖିବା ଅନୁଚିତ । କାରଣ ଏହାଦ୍ୱାରା ଘରକୁ ବିଭିନ୍ନ ସମସ୍ୟା ଆସିବାର ଆଶଙ୍କା ଥାଏ । ପଶ୍ଚିମ ଦିଗକୁ ଦୀପର ମୁହଁ ରହିଲେ ଜୀବନରେ ଦୁଃଖ ବୃଦ୍ଧି ପାଇଥାଏ । ପୂର୍ବ ଦିଗକୁ ଦୀପର ମୁହଁ ରହିଲେ ଆୟୁଷ ବୃଦ୍ଧି ପାଏ । ପୂଜା କରିବା ସମୟରେ ଦୀପକୁ ପୂଜା କରୁଥିବା ଲୋକର ଡାହାଣ ହାତ ପାଖରେ ରଖାଯାଏ । ପୂଜା କରିବା ସମୟରେ ସର୍ବଦା ସଫା ଓ ଅକ୍ଷୁର୍ଣ୍ଣ ରହିଥିବା ଦୀପ ବ୍ୟବହାର କରାଯାଏ । ଅପରିଷ୍କାର ତଥା ଭଙ୍ଗା ଦୀପକୁ ବ୍ୟବହାର କରିବା ଦ୍ୱାରା ଶୁଭ ଫଳ ପରିବର୍ତ୍ତେ ଅଶୁଭ ଫଳ ପ୍ରାପ୍ତି ହୋଇଥାଏ ।

## ଦୀପର ପ୍ରକାର

ଆମେ ଯେତେବେଳେ ଭଗବାନଙ୍କ ଦର୍ଶନ କରୁ ତାହା ଅଗ୍ନିତତ୍ତ୍ୱ ଯୋଗୁଁ ସମ୍ଭବ ହୋଇଥାଏ । କୌଣସି ବାହ୍ୟ କାରଣ ବିନା ଯେତେବେଳେ ଆମେ ଈଶ୍ୱରୀୟ ସତ୍ତାକୁ ଅନୁଭବ କରିପାରୁ ତାହା ହେଉଛି ବାୟୁତତ୍ତ୍ୱ । ସେହି ବାୟୁତତ୍ତ୍ୱ ଓ ଅଗ୍ନିତତ୍ତ୍ୱକୁ ଆମ ଶରୀର ଭିତରେ ପରିଷ୍କାର କରି ଆମର ସମ୍ପର୍କ ଭଗବାନଙ୍କ ସହ ସ୍ଥାପନ କରିବାରେ ଘିଅ ଦୀପ ସହାୟକ ହୁଏ । ଅଗ୍ନି ପୁରାଣରେ ଘିଅ ଦୀପକୁ ସର୍ବଶ୍ରେଷ୍ଠ ବିବେଚନା କରାଯାଇଛି କାରଣ ଏହା ଚକ୍ର ଓ ନାଡ଼ି ସଫା କରିଥାଏ । ଘିଅ ଦୀପ ଅଗ୍ନି ପୁରାଣ ଅନୁଯାୟୀ ମନୁଷ୍ୟମାନଙ୍କର ପ୍ରଣାମୟ କୋଷ ଓ ମନମୟ କୋଷକୁ ସଫା କରିଥାଏ ତାହା ସ୍ୱାସ୍ଥ୍ୟପ୍ରଦ ଜୀବନଧାରଣ ସହ ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାଏ ।

କୁଳଦେବତା, କୁଳଦେବୀ, କୁବେର, ଗଣେଶ, ଲକ୍ଷ୍ମୀ, ତ୍ରିମୂର୍ତ୍ତି, ଗ୍ରାମଦେବତାଙ୍କ ଉଦ୍ଦେଶ୍ୟରେ ଘିଅ ଦୀପ ଲଗାଯାଇଥାଏ । ବିଷଧର ସାପଙ୍କୁ ଦୂର କରିବା ସହିତ ଜୀବନରେ ଦେଖା ଯାଉଥିବା ବାଧାବିଘ୍ନକୁ ଦୂର କରିବା ପାଇଁ ତଥା ନାରାୟଣ ଓ ଶନିଙ୍କ ପୂଜା ସମୟରେ ତେଲ ଦୀପ ଲଗାଯାଏ । ରୋଗବ୍ୟାଧି ଦୂର କରିବା ଓ ଶନିଙ୍କ ପାଇଁ ସୋରିଷ ତେଲର ଦୀପ ବ୍ୟବହାର କରାଯାଏ । ମଲ୍ଲୀ ତେଲର ଦୀପ ଦ୍ୱାରା ମହାଲକ୍ଷ୍ମୀ ଓ କୁବେର ପ୍ରସନ୍ନ ହୋଇଥାନ୍ତି । ନଡ଼ିଆ ତେଲର ଦୀପ ଦ୍ୱାରା ଗଣେଶ ପ୍ରସନ୍ନ ହୋଇଥାନ୍ତି ।

ଦୀପରେ ବ୍ୟବହାର କରାଯାଉଥିବା ବଳିତା ଅନୁସାରେ ଦୀପ ବିଭିନ୍ନ ନାମରେ ନାମିତ ହୋଇଥାଏ । ସାଧାରଣତଃ ସୁଖକର ଜୀବନ ପାଇଁ ଏକସୁଖୀ ବା ଏକମାତ୍ର ବଳିତା ଥିବା ଦୀପ ଜଳା ଯାଇଥାଏ । ଦ୍ୱିମୁଖୀ ବଳିତାର ଦୀପ ଆମ ଜୀବନର ସବୁ ସମ୍ପର୍କରେ ଶାନ୍ତି ଆଣିଥାଏ । ତ୍ରିମୂଖୀ ବଳିତାର ଦୀପ ସନ୍ତାନ ସନ୍ତତିଙ୍କର ସୁଖ ପ୍ରଦାନ କରେ । ଚର୍ତୁମୁଖୀ ବଳିତାର ଦୀପ ସମସ୍ତ ପ୍ରକାର ସୁଖ ସହ ବ୍ୟୟବହୁଳ ଖାଦ୍ୟ ଖାଇବାରେ ସୁଯୋଗ ଆଣିଥାଏ । ପଞ୍ଚମୁଖୀ ବଳିତାର ଦୀପ ଆମ ଉପରେ ଅଖଣ୍ଡ ଐଶ୍ୱର୍ଯ୍ୟର ବର୍ଷା କରିବା ସହାୟକ







ହୋଇଥାଏ । ସର୍ବଦା ଛଅଗୋଟି ବଳିତା ବା ଷଷ୍ଠମୁଖୀ ଦୀପ ଜାଳିବା ଦ୍ୱାରା ଅଖଣ୍ଡ ଜ୍ଞାନ ସହ ବୈରାଗ୍ୟ ଭାବନା ମନରେ ଜାତ ହୋଇଥାଏ ।

ଦୀପ ସାଧାରଣତଃ ମାଟିରେ ତିଆରି ହୋଇ ଥରେ ମାତ୍ର ବ୍ୟବହାର କରାଯାଏ । କେତେକ କ୍ଷେତ୍ରରେ ଦୀପ କେଉଁ ଧାତୁ ବା ପଦାର୍ଥକୁ ନେଇ ତିଆରି ହୋଇଥାଏ ତଦନୁଯାୟୀ ଫଳ ପ୍ରାପ୍ତି ହୋଇଥାଏ । ଯେପରିକି ସୁନାର ଦୀପ କ୍ୟାନ୍ସର ଭଳି ରୋଗରୁ ସୁରକ୍ଷା ଦେବା ସହ ଧନସମ୍ପଦ ବୃଦ୍ଧି ଓ ବ୍ୟବସାୟ ବୃଦ୍ଧିରେ ସହାୟକ ହୋଇଥାଏ । ରୂପାର ଦୀପ ଦାରିଦ୍ର୍ୟକୁ ଦୂର କରିଥାଏ । ଶନିଙ୍କ କୋପରୁ ରକ୍ଷା ପାଇବା ପାଇଁ ତଥା ତନ୍ତ୍ରସାଧନା ପାଇଁ ଲୁହା ଦୀପ ବ୍ୟବହାର କରାଯାଏ । ବିଭିନ୍ନ ପର୍ବପର୍ବାଣିରେ ପିତ୍ତଳ ନିର୍ମିତ ଦୀପ ବ୍ୟବହାର କରାଯାଏ । ଅଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବା ସହିତ ତନ୍ତ୍ର ସାଧନା ପାଇଁ ଲେମ୍ବୁ ଦୀପ ବ୍ୟବହାର କରାଯାଏ । ସ୍ଥିରତା ଆଣିବା ପାଇଁ ନଡ଼ିଆ ଦୀପ ବ୍ୟବହାର କରାଯାଏ । ଅଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବା ସହିତ ତନ୍ତ୍ର ସାଧନା ପାଇଁ ଲେମ୍ବୁ ଦୀପ ବ୍ୟବହାର କରାଯାଏ । ସ୍ଥିରତା ଆଣିବା ପାଇଁ ନଡ଼ିଆ ଦୀପ ବ୍ୟବହାର କରାଯାଏ ।

## ଦୀପର ନାମକରଣ

ସାଧାରଣତଃ ଆମେ ପ୍ରତ୍ୟେକ ଶୁଭ ଅଶୁଭ କାର୍ଯ୍ୟରେ ଦୀପର ବ୍ୟବହାର କରିଥାଉ । ସେହି ଅନୁଯାୟୀ ବିଭିନ୍ନ ପର୍ବପର୍ବାଣିରେ ବ୍ୟବହାର କରାଯାଉଥିବା ଦୀପକୁ ବିଭିନ୍ନ ନାମରେ ଜଣାଯାଏ ।

କାର୍ତ୍ତିକ ମାସରେ ଦୀପାବଳି ପୂର୍ବରୁ ପାଳନ କରାଯାଉଥିବା ଧନ୍‌ତେରାସ୍ ବା ଧନ୍ୱନ୍ତରୀ ତ୍ରୟୋଦଶୀ ଦିନ ଲୋକମାନେ ଘରର ମୁଖ୍ୟ ଦ୍ୱାର ନିକଟରେ ତେଲ ଦୀପ ଜଳାଇଥାନ୍ତି ଯାହାକୁ ଯମ ଦୀପମ୍ କୁହାଯାଏ । ଏହାଦ୍ୱାର ନିକଟରେ ତେଲ ଦୀପ ଜଳାଇଥାନ୍ତି ଯାହାକୁ ଯମ ଦୀପମ୍ କୁହାଯାଏ । ଏହା ଦ୍ୱାରା ମୃତ୍ୟୁର ଛାୟା ପରିବାର ସଦସ୍ୟଙ୍କ ଠାରୁ ଦୂରେଇ ରହେ । କାରଣ ଏହି ଦୀପ ଦ୍ୱାରା ଯମ ଦେବତା ଖୁସି ହୁଅନ୍ତି ଓ ପରିବାରରେ ଦୁର୍ଘଟଣା ଜନିତ ମୃତ୍ୟୁ ଘଟେନାହିଁ ।

କାର୍ତ୍ତିକ ମାସରେ ହବିଷ୍ୟାଳିମାନେ ତୁଳସୀ ଗଛ ପାଖରେ ସଂଧ୍ୟାରେ ଆକାଶ ଦୀପ ଲଗାଇଥାନ୍ତି । ଏଥିରେ ଆଠଟି ଦୀପ ସହ ମଝିରେ ଗୋଟିଏ ଦୀପ ରହିବା ସହିତ ଏହାକୁ ଗୋଟିଏ ବାଉଁଶ ସାହାଯ୍ୟରେ ଭୂମି ଠାରୁ କିଛି ଉପରେ ରଖା ଯାଇଥାଏ । ଏହି ଆକାଶ ଦୀପ ହେଉଛି ଶ୍ରୀବିଷ୍ଣୁଙ୍କର ପ୍ରତୀକ ଯିଏକି ଦୋଳିରେ ବସି ଝୁଲିଥାନ୍ତି ।



ଫାଲ୍‌ଗୁନ ମାସ କୃଷ୍ଣ ପକ୍ଷରେ ପାଳନ କରା ଯାଉଥିବା ମହାଶିବରାତ୍ରୀ ଦିନ ଭକ୍ତମାନେ ସାରାଦିନ ଉପବାସ ରହି ଅପେକ୍ଷା କରିଥାନ୍ତି ମହାଦୀପକୁ ତଥା ନିଜେ ଶିବଙ୍କ ଉଦ୍ଦେଶ୍ୟରେ ସାରା ରାତି ଉଜାଗର ରହି ଜାଗର ଦୀପ ଜଳାଇଥାନ୍ତି । ସମସ୍ତ ନୀତିକାନ୍ତି ହେବାପରେ ସେବାୟତମାନେ ମନ୍ଦିରର ଶୀର୍ଷରେ ଯେଉଁ ଦୀପକୁ ରଖିଥାନ୍ତି ତାହାକୁ ମହାଦୀପ କୁହାଯାଏ । ଏହାକୁ ଦର୍ଶନ କରିବା ଅର୍ଥ ସାକ୍ଷାତ୍ ଶିବଙ୍କୁ ଦର୍ଶନ କରିବା । ତେଣୁ ମହାଦୀପ ନ ଉଠିଲା ପର୍ଯ୍ୟନ୍ତ କୌଣସି ବ୍ରତଧାରୀ ଉପବାସ ଭାଙ୍ଗି ନଥାନ୍ତି ।

ମନ୍ଦିରମାନଙ୍କର ଦେବାଦେବୀଙ୍କ ସମ୍ମୁଖରେ ସର୍ବଦା ଅଖଣ୍ଡ ଦୀପ ଜଳାଯାଏ ଅର୍ଥାତ୍ ଏହି ଦୀପ କୌଣସି ପରିସ୍ଥିତିରେ ଖଣ୍ଡିତ ହେବ ନାହିଁ । ଦିବାରାତ୍ରି ସଦା ସର୍ବଦା ଏଥିରେ ଘିଅ ଭର୍ତ୍ତି ରହିବା ସହିତ ଏହା ଜଳୁଥିବା ନିହାତି ଆବଶ୍ୟକ ।

## ଦୀପର ପର୍ବ ଦୀପାବଳି

ଦୀପାବଳୀ ହେଉଛି ଦୀପ ତଥା ଆଲୋକର ପର୍ବ । କାର୍ତ୍ତିକ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଦୀପାବଳି ପାଳନ କରାଯାଏ । ସାରା ଭାରତବର୍ଷରେ ଏହାକୁ ମହାସମାରୋହରେ ପାଳନ କରାଯାଏ । ଏହି ଦିନ ଘର ଚାରିପଟେ ଦୀପ ଓ ଆଲୋକମାଳାରେ ସୁନ୍ଦର ଭାବେ ସଜାଯାଇଥାଏ । ଏହିଦିନ ପିତୃପୁରୁଷଙ୍କୁ ଶ୍ରାଦ୍ଧଦେବାର ପରମ୍ପରା ପ୍ରଚଳିତ ଅଛି ଯାହାକୁ 'ପ୍ରୟାଶ୍ରାଦ୍ଧ' ବା 'ଦୀପଦାନ ଶ୍ରାଦ୍ଧ' କୁହାଯାଇଥାଏ । ତୁଳସୀ ଚଉରା ପାଖରେ ଦୀପ ଓ କାଉଁରିଆ କାଠିରେ ଅଗ୍ନି ସଂଯୋଗ କରି ପୁରା ପରିବାର ଏକାଠି ହୋଇ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କହିଥାନ୍ତି "ବଡ଼ ବଡୁଆ ହୋ..., ଅନ୍ଧାରରେ ଆସି ଆଲୁଅରେ ଯାଅ, ଗଙ୍ଗାଯାଅ, ଗୟା ଯାଅ, ଶ୍ରୀପୁରସ୍ତମ ଯାଅ, ପୁରୀ ଶ୍ରୀକ୍ଷେତ୍ରରେ ଅବଢ଼ା ଖାଇ ବାଇଶି ପାହାଚେ ଗଡ଼ଗଡ଼ଉ ଥାଅ, ଅମୃତ ଦୃଷ୍ଟିରେ ଚାହୁଁଥାଅ... ।"



ଦୀପାବଳୀ ହେଉଛି ଅସତ୍ୟ ଉପରେ ସତ୍ୟ, ଅନ୍ୟାୟ ତଥା ଅନ୍ଧାର ଉପରେ ବିଜୟର ପର୍ବ । ଶକ୍ତିର ଅନ୍ୟତମ ରୂପ ମା' କାଳୀଙ୍କ ପୂଜା ମଧ୍ୟ ଦୀପାବଳି ଦିନ କରାଯାଏ । ଏହି ପର୍ବରେ ମା'ଲକ୍ଷ୍ମୀ, ସୀତା ଓ ରାମ, ବିଷ୍ଣୁ, କୃଷ୍ଣ, ଯମ ଓ ଯମୀ, ଦୁର୍ଗା, ଂନୁମାନ, ଗଣେଶ, କୁବେର, ଧନ୍ୱନ୍ତରୀ ଓ ବିଶ୍ୱକର୍ମାଙ୍କୁ ପୂଜା କରିବାର ବିଧି ରହିଛି । ମହାଶକ୍ତିଙ୍କର ସ୍ୱରୂପ ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀଙ୍କର ପୂଜା ଦୀପାବଳିର ଅନ୍ୟତମ ମୁଖ୍ୟ ସୋପାନ । ଦୀପାବଳି ସମୟରେ ତ୍ରୟୋଦଶୀରେ ଧନ୍‌ତରାସ୍, ଚତୁର୍ଦ୍ଦଶୀରେ ନରକ ଚତୁର୍ଦ୍ଦଶୀ, ଅମାବାସ୍ୟାରେ ଦୀପାବଳି, ପ୍ରତିପଦାରେ ଗିରି ଗୋବର୍ଦ୍ଧନ ପୂଜା ତଥା ଦ୍ୱିତୀୟାରେ ଭାତୃ ଦ୍ୱିତୀୟା ଆଦି ପାଳନ କରାଯାଏ । ତେଣୁ ଦୀପାବଳି ହିନ୍ଦୁ ଶାସ୍ତ୍ରରେ ବହୁତ ମହତ୍ତ୍ୱ ରଖେ ।

ଦଶହରାର କୋଡ଼ିଏ ଦିନ ପରେ ଦୀପାବଳୀ ପାଳନ କରାଯାଏ । ରାମାୟଣ ଅନୁଯାୟୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ରାବଣକୁ ମାରି ନିଜର ଚଉଦ ବର୍ଷର ବନବାସ ଶେଷ କରି ମାତା ସୀତା, ଅନୁଜ ଲକ୍ଷ୍ମଣଙ୍କୁ ସାଙ୍ଗରେ ନେଇ ଏହିଦିନ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଅଯୋଧ୍ୟାର ପ୍ରଜା ନିଜର ରାଜା ଶ୍ରୀରାମଙ୍କ ଆଗମନରେ ଖୁସି ହୋଇ ବାଣ ଫୁଟାଇ ଓ ଚାରିଆଡ଼େ ଦୀପ ଜଳାଇ ଉତ୍ସବ ପାଳନ କରିଥିଲେ ।

ସେହିପରି ଅନ୍ୟ ଏକ ପୌରାଣିକ ଉପାଖ୍ୟାନରୁ ଜଣାଯାଏ ଯେ ଦ୍ୱାପର ଯୁଗରେ, ଭଗବାନ ଶ୍ରୀକୃଷ୍ଣ ପ୍ରବଳ ପ୍ରତାପୀ ନରକାସୁରକୁ ବଧ କରି ଷୋଳସହସ୍ର ଗୋପୀମାନଙ୍କୁ ବନ୍ଧନ ମୁକ୍ତ କରିଥିଲେ । ମହାଭାରତରେ ଉଲ୍ଲେଖ ଅଛି ଦୀପାବଳି ଦିନ ପାଣ୍ଡବମାନେ ବାରବର୍ଷ ବନବାସ ଓ ଏକବର୍ଷର ଅଜ୍ଞାତବାସ ଶେଷକରି ହସ୍ତିନାପୁରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେଥିପାଇଁ ହସ୍ତିନାପୁରର ପ୍ରଜାଗଣ ଦୀପ ଆଲୋକମାଳାରେ ଘରକୁ ସଜାଇ ଖୁସି ପାଳନ କରିଥିଲେ । ସେଥିପାଇଁ ଦୀପାବଳି ପାଳନର ମୁଖ୍ୟ ଉଦ୍ଦେଶ୍ୟ ଯାହା ବି ହେଉ କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୁଗଯୁଗ ଧରି ଦୀପର ପ୍ରାଧାନ୍ୟ ଆମ ଜୀବନରେ ରହି ଆସିଛି ।

## ଆମ ଜୀବନରେ ଦୀପ

ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏବଂ ମୃତ୍ୟୁ ପରେ ମଧ୍ୟ ଦୀପ ସହିତ ଆମର ନିବିଡ଼ ସମ୍ପର୍କ ରହିଥାଏ । ଆମ ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା ପରେ ବିଶ୍ୱାସ କରାଯାଏ ଯେ ଆତ୍ମା ଦଶାହ ପର୍ଯ୍ୟନ୍ତ ଦୀପରେ ବାସ କରିଥାଏ । ଦୀପ ପ୍ରତିଦିନ ଘରେ ଜଳିବା ଦ୍ୱାରା ଆସୁରିକ ଶକ୍ତିମାନଙ୍କର ବିନାଶ ଘଟି ଆମକୁ ଶାନ୍ତି ତଥା ଭଗବାନଙ୍କ ଆଶୀର୍ବାଦ ମିଳିଥାଏ । ସେଥିପାଇଁ ଆମେ ଜୀବନକୁ ଦୀପ ସହ ତୁଳନା କରାଯାଇ ଆତ୍ମାକୁ ବଳିତା ଏବଂ ଆମ ସତ୍‌କର୍ମକୁ ଘିଅ କିମ୍ବା ତେଲ ଭଳି ବିବେଚନା କରାଯାଏ । ଯେପରି ଦୀପର ଆଲୋକ ସର୍ବଦା ବିଜୟର ବାର୍ତ୍ତା ଦେଇଥାଏ ସେହିପରି ଆମର କରିଥିବା ସବୁ ଭଲ କାମ ଆମକୁ ମୃତ୍ୟୁ ପରେ ଅମର କରି ରଖେ । ଘନ ଅନ୍ଧକାର ଚାରିଆଡ଼େ ଘେରି ରହିଥିବା ସତ୍ତ୍ୱେ ଯଦି କୌଣସି ଏକ କୋଣରେ ଏକ କ୍ଷୁଦ୍ର ଦୀପକୁ ଜଳାଯାଏ ତେବେ ତାର ସୂକ୍ଷ୍ମ ଆଲୋକ ସେହି ଘନ ଅନ୍ଧକାରକୁ ଅତି ସହଜରେ ଦୂର କରି ଦେଇପାରେ । ସେହିପରି ଆମ ଜୀବନରେ ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ଦୀପ ଭଳି ମନକୁ ସ୍ଥିର ଓ ଟାଣ କରି ରଖି ସତ୍‌କର୍ମ କରି ଚାଲିଲେ ଆମର ଜୀବନ ଆଲୋକିତ ହେବା ସହ ସମସ୍ତ ଅନ୍ଧକାରକୁ ପରାଜିତ କରିଥାଏ ।

ଧାରାବାହିକ ଚରିତ-ଉପନ୍ୟାସ

# ଦାସେ ଆପଣେ



## ୧୯

# ଦାସେ ଆପଣେ


## ପବିତ୍ର ମୋହନ ଦାଶ

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ


ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ସତ୍ୟବାଦୀରେ ବିଦ୍ୟାଳୟ ପ୍ରତିଷ୍ଠା ପରେ ଗୋପ ବେଶ୍ ଉଲ୍ଲସିତ ଥିଲେ । ଶିକ୍ଷାକୁ ନେଇ ତାଙ୍କର ଯେଉଁ ସ୍ୱପ୍ନ ଥିଲା ତା'ର ଅଙ୍କୁରାରୋପଣ ହୋଇଛି । ବଡ଼ ହୋଇ ଏହା କେତେ ବଡ଼ ଦ୍ରୁମ ହେବ, ଏହା ଛାଇ ତଳେ କେତେ ଲୋକ ଆଶ୍ରୟ ନେବେ, ଏଠି ବସା ବାନ୍ଧିଥିବା ଚଢେଇ କେତେ ଆକାଶ ଗମିବେ ସେକଥା ଶ୍ରମ ଆଉ ଦୟାମୟ କର୍ତ୍ତାଙ୍କ ବରାଦ ଉପରେ ନିର୍ଭର କରେ । ସେ କଥା ନିର୍ଭର କରେ ତା'ର ଶିକ୍ଷକଙ୍କ ଦକ୍ଷତା ଓ ବିଦ୍ୟାର୍ଥୀଙ୍କ ଉତ୍ସାହ ଉପରେ । ଈଶ୍ୱର ଚାହିଁଲେ ଆଜିର ମଧ୍ୟ ଇଂରାଜୀ ବିଦ୍ୟାଳୟ ହାଇସ୍କୁଲରେ ପରିଣତ ହେଲା ବେଳକୁ ଆହୁରି ଯୋଗ୍ୟ ଶିକ୍ଷକମାନେ ଆସି ଯାଇଥିବେ । ଦିନେ ହୁଏତ ଏହା ମହାବିଦ୍ୟାଳୟରେ ପରିଣତ ହେବ । ତେବେ ମଧୁସୂଦନ ରାଓଙ୍କ ସ୍ଥାନ ଚୟନ ତାଙ୍କୁ ଆହୁରି ଉତ୍ସାହିତ କରିଛି । ସାକ୍ଷୀଗୋପାଳର ଗୁପ୍ତ ବୃନ୍ଦାବନ ସହଜେ ତାଙ୍କ ଆଖିରେ ଛାୟାସ୍ନିଗ୍ଧ ଓ ପବିତ୍ର । ତା'ର ବଉଳ, ତମାଳ ଓ ଛୁରିଆନା କୁଞ୍ଜ କବି ସ୍ୱପ୍ନର ଯୋଗ୍ୟସ୍ଥଳୀ । ତାଙ୍କ ବିଶ୍ୱାସରେ ବରଜ ବିହାରୀ,ଗୋପୀ ମନୋହାରୀ ଏଠି ଗୋପନରେ ବିହାର କରନ୍ତି । ଏଠାକାର ଚମ୍ପା, ନାଗେଶ୍ୱରୀ, ଜାଇ, ଦୟଣା ଏଠିକୁ ବାଟ ଭୁଲି ଆସିଥିବା ବାଟୋଇ ଚାରିପଟେ ଗନ୍ଧବ୍ୟୁହ ରଚନା କରନ୍ତି । ତାକୁ ଅଟକାଇ ରଖନ୍ତି । ଗୋପାଳଙ୍କ ପାଖରେ ବିଦ୍ୟାଳୟ ଆରମ୍ଭ ବୋଧହୁଏ ସାଙ୍କେତିକ । ପିଲାଟି ଦିନରୁ କୁଳ ଦେବତା ବିନୋଦବିହାରୀଙ୍କୁ ସେ କେତେ ନିଷ୍ଠାର ସହ ଆରାଧନା କରିଛନ୍ତି । ଗାଁରେ ଥିଲେ ସଞ୍ଜ ସକାଳେ ତାଙ୍କ ପାଖରେ ଆବୃତ୍ତି କରିଛନ୍ତି ଭାଗବତର ପଦ । ତେଣୁ ଏଠି ବିଦ୍ୟାଳୟ ପ୍ରତିଷ୍ଠା ବୋଧେ ତାଙ୍କରି ଇଚ୍ଛା । ମଧୁସୂଦନଙ୍କ ଘରକୁ ତାଙ୍କ ପୁତୁରା ରଘୁନାଥ ରାଓଙ୍କ ସହ ବୁଲି ଯିବା ବେଳେ ସେ ଅନେକଥର ଶିକ୍ଷାକୁ ନେଇ ତାଙ୍କ ସ୍ୱପ୍ନ ବିଷୟରେ କେତେ ଥର ଆଲୋଚନା କରିଛନ୍ତି । ତାଙ୍କୁ ନିଜ ବିଚାର ଓ ଶିକ୍ଷା ସମ୍ପର୍କୀୟ ଉଦ୍ଦେଶ୍ୟ ବିଷୟରେ ଜଣାଇଛନ୍ତି । ଭକ୍ତକବିଙ୍କ ଉଦାର ହୃଦୟ ତାଙ୍କ ବିଚାର ପ୍ରତି ସମ୍ମାନ ଜ୍ଞାପନ କରିଛି । ଉଚ୍ଚ ଶିକ୍ଷିତ ଯୁବକର ଏ ସ୍ୱପ୍ନ ତାଙ୍କୁ ମୁଗ୍ଧ କରିଛି । ହେଲେ ସେ ବାରମ୍ବାର ପଚାରିଛନ୍ତି, 'ଏ ସ୍ୱପ୍ନ ସାକାର କରିବା ପାଇଁ ଅନେକ ତ୍ୟାଗ ଦରକାର । ଏହାର ବାସ୍ତବାୟନ ସମ୍ଭବ ତ !'

ଗୋପ କହିଛନ୍ତି, 'ମୋର ମୋ ଉପରେ ଓ ମୋ ଯୁବ ବନ୍ଧୁମାନଙ୍କ ଉପରେ ଆସ୍ଥା ଅଛି ।'

ସବୁଥର ଗୋପଙ୍କ ଆତ୍ମ ବିଶ୍ୱାସରେ ବିସ୍ମିତ ହୋଇଛନ୍ତି ମଧୁସୂଦନ । ତେଣୁ ସବୁଥର ଗୋପ ଫେରି ଆସିଲା ବେଳେ ତା ପ୍ରତି ପ୍ରକଟ କରିଛନ୍ତି ସ୍ନେହ ।

କେତେ ସଞ୍ଜ ସଂଳାପରେ ସେ ଶିକ୍ଷା ବିଷୟରେ ବନ୍ଧୁ,ବରିଷ୍ଠ ପୁଣି କନିଷ୍ଠଙ୍କ ମେଳରେ ଆଲୋଚନା ନ କରିଛନ୍ତି । କେତେବେଳେ ସାଙ୍ଗରେ ଥାଆନ୍ତି ରାମଚନ୍ଦ୍ର ମୁକ୍ତିଆର, ସଦାଶିବ କାବ୍ୟ କଂଠ । ଆଲୋଚନା ପରେ


ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ

ସେମାନଙ୍କ ଠାରୁ ମିଳେ ଆଶୀର୍ବାଦ । କେବେ ବନ୍ଧୁ ଗୋପୀନାଥ, ଦିବାକର, ବ୍ରଜସୁନ୍ଦର ଓ ବୈଦ୍ୟନାଥ । ସେମାନଙ୍କ ଠାରୁ ମିଳେ ଉତ୍ସାହ ଓ ଅଙ୍ଗୀକାର । ବେଶୀ ଆଲୋଚନା ହୁଏ କନିଷ୍ଠ ନୀଳକଣ୍ଠ, ହରିହର, କୃପାସିନ୍ଧୁ, ଗୋଦାବରୀଶଙ୍କ ସହ । ତାଙ୍କ ମନରେ ଥାଏ ଡେକାନ ଏଜୁକେସନ ସୋସାଇଟି । ଥରେ କଟକରେ ଏପରି ଏକ ଅନୌପଚାରିକ ଆଲୋଚନା ବେଳେ ସେ କହିଥିଲେ, 'ଉଚ୍ଚ ଶିକ୍ଷିତ ଲୋକେ ବଡ଼ ଚାକିରୀରେ ମୁକରିର ହେଲେ ତ ଦେଶର ଲୋକେ ଶିକ୍ଷିତ ହୋଇଯିବେ ନାହିଁ । ଖାଲି ସେମାନଙ୍କ ଖାତିର, ଦରମା ଆଉ ପ୍ରତିପତ୍ତି ବଢ଼ିବ । ଖାଦ୍ୟ, ଚିକିତ୍ସା ପରି ଶିକ୍ଷାରେ ଅଧିକାର ସମସ୍ତଙ୍କର ଅଛି । ଆମେ ଶିକ୍ଷିତମାନେ ଏକଥା ପାଶୋରି ଦେବା ଅର୍ଥ ଅଶିକ୍ଷିତଙ୍କୁ ଛୁରୀକାଘାତ କରିବା । ଅଶିକ୍ଷା ମାନସିକ ଦାରିଦ୍ର୍ୟର ଲକ୍ଷଣ ।'

'ହଁ ତା'ତ ନିଶ୍ଚୟ । ନବ୍ୟ ସଭ୍ୟଙ୍କ ସ୍ୱପ୍ନହୀନତା ଓ ଜଡ଼ତା ବିଦେଶୀ ଶାସନ ଠାରୁ ବେଶୀ ମାରାତ୍ମକ ।' ଆବେଗ ଭରା କଣ୍ଠରେ ଉତ୍ତର ଦେଇଥିଲେ ନୀଳକଣ୍ଠ ।

'ଆମେ କଣ ସବୁ କଥାରେ କେବଳ ସରକାରଙ୍କ ଯୋଜନାକୁ ଚାହିଁ ବସିବା ? ଆମର ନିଜର ସ୍ୱପ୍ନ ବୋଲି ତ କିଛି ରହିବା ଉଚିତ ନା ନାହିଁ ?'

ଏକା ସ୍ୱରରେ ସମସ୍ତେ କହିଥିଲେ 'ନିଶ୍ଚୟ' । ତେବେ ମନ ଭିତରେ କାହାର ଥିଲା ପରିବାରର ପୃଷ୍ଠ ଭୂମି , କାହାର ବା ଥିଲା ପଦବୀ ପ୍ରତି ଆକର୍ଷଣ । ଗୋପ କିନ୍ତୁ ତାଙ୍କ କଥା କହି ଭୁଲାଇବାର କୁହୁକ ଜାରି ରଖିଥିଲେ ।

'ସରକାରୀ ବିଦ୍ୟାଳୟ ମାଧ୍ୟମରେ କୌଣସି ପରୀକ୍ଷା ନିରୀକ୍ଷା ସମ୍ଭବ ହେବ ନାହିଁ । ଆଉ ଯେଉଁ ଉଚ୍ଚ ଶିକ୍ଷିତମାନେ ଏପରି କାର୍ଯ୍ୟର ସହଭାଗୀ ହେବେ ସେମାନେ ଉଚ୍ଚ ଦରମା ପାଇବେ ନାହିଁ । କର୍ତ୍ତୃପକ୍ଷ ସେମାନଙ୍କୁ ଅଧିକ ବେତନ ଦେଇ ପାରିବେ ନାହିଁ ।'

'ହେଲେ ଏପରି ଉଦାହରଣ ଅଛି କି ଯେଉଁଠି ଶିକ୍ଷିତମାନେ ବିନା ସରକାରୀ ପ୍ରୋତ୍ସାହନରେ ଶିକ୍ଷା କ୍ଷେତ୍ରରେ କିଛି କରିଛନ୍ତି ?' ପଚାରିଥିଲେ ହରିହର ।


ଅନ୍ୟମାନେ ବି ସମସ୍ତଙ୍କ ପାଇଁ ଶିକ୍ଷା ପ୍ରସ୍ତାବକୁ ଅଭିନବ ମନେ କରିଥିଲେ । ତେବେ ଏପରି ଶିକ୍ଷାନୁଷ୍ଠାନର କଥା ଉଦାହରଣ ଦେବାକୁ ଯାଇ ଗୋପ ପକାଇଥିଲେ ଡେକାନ ଏଜୁକେସନ ସୋସାଇଟିର କଥା ।

'ଆମ ଆଗରେ ଏହାର ଚରମ ଉଦାହରଣ ହେଉଛି ଡେକାନ ଏଜୁକେସନ ସୋସାଇଟି ।'

'ଡେକାନ ଏଜୁକେସନ ସୋସାଇଟି କେବେ ପ୍ରତିଷ୍ଠିତ ହୋଇଥିଲା ।' ପଚାରିଥିଲେ ହରିହର ।

ପ୍ରଗଳ୍‌ଭ ହୋଇ ଗୋପ କହିଥିଲେ, 'ଏହା ୧୮୮୪ ମସିହାରେ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ, ଗୋପାଳ ଗଣେଶ ଅଗରକର ପ୍ରଭୃତିଙ୍କ ଦ୍ୱାରା ପ୍ରତିଷ୍ଠିତ

ହୋଇଥିଲା । ସୋସାଇଟି ଅଧୀନରେ କାର୍ଯ୍ୟ କରୁଛି ପୁନାର ପ୍ରସିଦ୍ଧ ଫର୍‌ଗୁସନ୍ ମହାବିଦ୍ୟାଳୟ । ଆମର ଶିକ୍ଷିତ ଓଡ଼ିଆମାନେ ସେମାନଙ୍କ ଠାରୁ ଶିଖିବାର କଥା । ସେଠି ଅତି ଉଚ୍ଚ ଶିକ୍ଷିତ କିଛି ଲୋକେ ପଣ କରିଛନ୍ତି ରାଜ୍ୟରେ ଶିକ୍ଷା ବିସ୍ତାର କରାଇବେ । ତେଣୁ ଖୁବ୍ କମ୍ ଦରମାରେ ସେମାନେ ଶିକ୍ଷାଦାନର ବ୍ରତ ପାଳନ କରୁଛନ୍ତି ।'



ବନବିଦ୍ୟାଳୟରେ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତି

'ସେମାନଙ୍କ ପାରିବାରିକ ଜୀବନ ସମ୍ଭାଳୁଛନ୍ତି କେମିତି ?' ପଚାରିଥିଲେ ଅନନ୍ତ ।

'ସେମାନେ ଇଚ୍ଛାରେ ଦାରିଦ୍ର୍ୟ ବ୍ରତ ଗ୍ରହଣ କରିଛନ୍ତି । ପରିବାର ସେମାନଙ୍କ ଲାଗି ଗୌଣ ।'

'ଏତେ ସହଜରେ କଣ ପରିବାର ଗୌଣ ହୋଇପାରେ ?' ଧୀର ଗଳାରେ ପଚାରିଥିଲେ ଗୋଦାବରୀଶ । ଉଦାତ୍ତ ସ୍ୱରରେ ଗୋପ କହିଥିଲେ, 'ହଁ ଗୋଦାବରୀଶ ଅନେକ ବେଳେ କିଛି କାମ ପାଇଁ ଘର ଦ୍ୱାର ମାୟା ଛାଡିବାକୁ ପଡେ, ଛାଡିବାକୁ ବି ପଡେ ଧନର ଆଶା । ଆଚ୍ଛା ମହାରାଷ୍ଟ୍ରର କିଛି ଯୁବକ ଯଦି ଏପରି କରି ପାରୁଛନ୍ତି ତେବେ ଆମେ ଓଡ଼ିଆମାନେ କଣ ପାରିବା ନାହିଁ ?'

ଗୋପଙ୍କର ଏ ନିରୀହ ପ୍ରଶ୍ନର ଉତ୍ତରରେ କିଏ ବା ନା କହିଥାନ୍ତା ?

ତେବେ ଗୋପ ସେଦିନ କହି ଚାଲିଥିଲେ ଆହୁରି ଅନେକ ଆଦର୍ଶ ସ୍ଥାନୀୟ ଅନୁଷ୍ଠାନର କଥା ।

'ତୁମେମାନେ ହାରୋ ପବ୍ଲିକ୍ ସ୍କୁଲ୍ ବିଷୟରେ ଜାଣିଥିବ ।'

'ଆମେ କେତେ ବା ଜାଣୁ ? ଆପଣେ କୁହନ୍ତୁ ।' କହିଥିଲେ କୃପାସିନ୍ଧୁ ।

'ହାରୋ ପବ୍ଲିକ୍ ସ୍କୁଲ୍ ୧୫୭୨ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଗ୍ରେଟର ଲଣ୍ଡନର ପାହାଡ଼ ଉପରେ ଏ ଅନୁଷ୍ଠାନ ଅଧିଷ୍ଠିତ । ଏହାର ପ୍ରତିଷ୍ଠାତା ଜନ୍ ଲିଅନ୍ । ରାଣୀ ଏଲିଜାବେଥ୍‌ଙ୍କ ଏକ ରାଜକୀୟ ଅଧିନିୟମ ବଳରେ ଏହା ପ୍ରତିଷ୍ଠା କରାଯାଇଥିଲା । ମାତ୍ର ଏହା ଏକ ସ୍ୱାଧୀନ ବୋର୍ଡିଂ ସ୍କୁଲ୍ । ଆମ ପ୍ରସଙ୍ଗରେ ଏ ସ୍ୱାଧୀନତା ହିଁ ବଡ଼ କଥା ।'

ସମସ୍ତେ ଏକଥା ଶୁଣି ସମୃଦ୍ଧ ହେଲା ପରି ମନେ କରନ୍ତି । ତା ପରେ ହରିହର ପଚାରନ୍ତି, 'ରଗ୍‌ବି ବିଦ୍ୟାଳୟ କଥା କହୁଥିଲେ ଯେ । ସେ ବିଷୟରେ ଟିକେ ବିସ୍ତାର କରି କୁହନ୍ତୁ ।'

'ରଗ୍‌ବି ଅନ୍ୟ ଏକ ପ୍ରସିଦ୍ଧ ବିଦ୍ୟାଳୟ । ଏହା ଲରେନ୍ସ ସେରିଫ୍‌ଙ୍କ ଦ୍ୱାରା ୧୫୬୭ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।'

'ବ୍ୟକ୍ତିଗତ ଉଦ୍ୟମରେ ଏ ବିଦ୍ୟାଳୟ ପାଇଁ କଣ ରାଜା ଜମି ଦେଇଥଲେ ?' ପଚାରନ୍ତି ନୀଳକଣ୍ଠ ।

'ଏଥିପାଇଁ ନିଜ ଘର ଜମି ଦେଇଥିଲେ ସେରିଫ୍ । ଅନ୍ୟମାନଙ୍କ ଠାରୁ ମଧ୍ୟ ମିଳିଥିଲା କିଛି ଲେଖାଏଁ ଜମି । ଜଣଙ୍କର ସ୍ୱପ୍ନକୁ ଅନେକ କୋଣରୁ ମିଳିଥିଲା ସମର୍ଥନ ଓ ସହଯୋଗ ।'

'ଏ ବିଦ୍ୟାଳୟ କେବେ ଖ୍ୟାତ ହେଲା, ଏହାର ସ୍ୱପ୍ନ କେତେ ଦୂର ସାର୍ଥକ ହେଲା ?' ପଚାରନ୍ତି ଅନନ୍ତ ।

'ଏ ବିଦ୍ୟାଳୟ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ସେରିଫ୍ ତାକୁ ପ୍ରକୃତରେ କାର୍ଯ୍ୟରେ ପରିଣତ କରିଥିଲେ ଅନ୍ୟମାନେ । ୧୮୨୮ ରୁ ୧୮୪୨ ଏହାର ମୁଖ୍ୟ ହେଲେ ଥମାସ୍ ଆର୍ନୋଲ୍ଡ୍ । ସେ ସମୟରୁ ଏହା ଖ୍ୟାତିର ଶିଖର ଛୁଇଁଛି । ତେଣୁ ଦେଶ କାମ କହିଲେ କେବଳ ରାଜନୈତିକ ନେତା ଯେ ଆଗରେ ରହିବେ ତା ନୁହେଁ । ଶିକ୍ଷା କ୍ଷେତ୍ରରେ ମଧ୍ୟ ନେତୃତ୍ୱ ଦରକାର । ଯେଉଁ ନେତୃତ୍ୱ ଆର୍ନୋଲ୍ଡ୍‌ଙ୍କ ଦ୍ୱାରା ସମ୍ଭବ ହେଲା ତାହା ଆମ ଭିତରୁ କାହା ଦ୍ୱାରା ମଧ୍ୟ ସମ୍ଭବ ହେବ ଏ ଆଶା ମୁଁ ସବୁବେଳେ ପୋଷଣ କରେ । ନା ତୁମେମାନେ କଣ କହୁଛ ?'

ସମସ୍ତେ ଏକା ସ୍ୱରରେ କହନ୍ତି, 'ଆପଣେ ଯେ ଅଛନ୍ତି ଆମର ନେତୃତ୍ୱର ପ୍ରୟୋଜନ ନାହିଁ । ଆମେ ସମସ୍ତେ କର୍ମୀ ହେବାକୁ ଚାହୁଁ ।'

ପୁଣି ଆଲୋଚିତ ହୁଏ ଇଟନ ବିଦ୍ୟାଳୟର କଥା । ନୀଳକଣ୍ଠ ପଚାରନ୍ତି 'ଆପଣେ ତ ଅନେକବେଳେ ଇଟନ ବିଦ୍ୟାଳୟ କଥା କହନ୍ତି । ସେ ବିଷୟରେ ଆଉ ଟିକେ କୁହନ୍ତୁ ।'

'ହଁ । ଇଟନ ମହାବିଦ୍ୟାଳୟ ୧୪୪୦ ମସିହାରେ ଷଷ୍ଠ ହେନେରୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବସ୍ତୁତଃ ଏହା ଏକ ଦାତବ୍ୟ ମହାବିଦ୍ୟାଳୟ ଥିଲା । ତେବେ ଏହା ପଛରେ ହେନେରୀଙ୍କ ଯେଉଁ ସ୍ୱପ୍ନ ଥିଲା ତାହାର ମହତ୍ତ୍ୱ ଆମ ସମସ୍ତଙ୍କର ଧ୍ୟେୟ ହେବା କଥା । ସେ ଚାହୁଁଥିଲେ ତାଙ୍କର ପ୍ରଜାମାନେ ଶିକ୍ଷିତ ହୁଅନ୍ତୁ, ଜ୍ଞାନ ଲାଭ କରନ୍ତୁ । ତେଣୁ ସେ ପ୍ରଥମରୁ ସତୁରି ଜଣ ଗରିବ ପିଲାଙ୍କର ଶିକ୍ଷା ଲାଭରେ ପୃଷ୍ଠପୋଷକତା କରିଥିଲେ । ଧୀରେ ଧୀରେ ତାହା ଏକ ବୃହତ୍ତର ମାଧ୍ୟମିକ ବିଦ୍ୟାଳୟରେ ପରିଣତ ହୋଇଛି । ସେଠାକାର ଛାତ୍ରମାନଙ୍କର ବିଲାତରେ ବହୁତ ସମ୍ମାନ । ଆମ ଦେଶରେ ରାଜା, ଜମିଦାର ଏପରି ସ୍ୱପ୍ନ ଦେଖନ୍ତି କ୍ୱଚିତ । ଅଧିକାଂଶଙ୍କର ଅର୍ଥ ବ୍ୟୟ ହୁଏ ବିଳାସରେ ।'

'ସେ ଦାତବ୍ୟ ଗୁଣ ତାଙ୍କର ଆର୍ଥିକ ସ୍ଥିତି ଯୋଗୁଁ ସମ୍ଭବ ହୋଇଥିଲା । ଆମେ ସେ ଦୃଷ୍ଟି କୋଣରୁ କଣ କରିପାରିବା ?'

ପଚାରିଲେ ହରିହର ।

'ଦାତବ୍ୟ ଗୁଣ ମନର ବିଷୟ । ଆମେ ଯଦି ବିଦ୍ୟାଳୟ କରିବା ତେବେ ସ୍ୱଳ୍ପ ଅର୍ଥ ନେଇ ପିଲାଙ୍କୁ ପଢ଼ାଇ ପାରିଲେ ବି ତାହା ଭିନ୍ନ ଦାତବ୍ୟତା ହେବ ।'

ସମସ୍ତେ ସମସ୍ୱରରେ କହିଥିଲେ, 'ଆପଣେ ଯେପରି ମାର୍ଗ ଦର୍ଶନ କରାଇବେ ସେପରି ହେବ ।'

ଉତ୍ତରରେ ଗୋପ କହିଥିଲେ, 'ନା ସେପରି ନୁହେଁ । ଆମର ସ୍ୱପ୍ନ ଓ କର୍ମ ଉଭୟ ଗୋଷ୍ଠୀଗତ । ବ୍ୟକ୍ତିର ବିଳୟ ନହେଲେ ସମଷ୍ଟିର ଉଦୟ ହେବ ନାହିଁ । ଆମେ ରଗ୍‌ବି, ଇଟନ, ହାରୋ, ଫର୍‌ଗୁସନ ଏ ସମସ୍ତ ଅନୁଷ୍ଠାନର ଇତିହାସରୁ, ଆଦର୍ଶରୁ ପ୍ରେରଣା ନେବା । ହେଲେ ଆମ ମୌଳିକତା ବି ବଜାୟ ରଖିବା । ଆମ ମୌଳିକତା ଗୁରୁକୁଳ ଆଦର୍ଶରେ, ଉଦାର ବିଶ୍ୱ ଦୃଷ୍ଟିରେ ନିହିତ ଅଛି । ଆମେ ତ୍ୟାଗର ଶିକ୍ଷା ଦେବା, ବସୁଧାକୁ କୁଟୁମ୍ବ ବୋଲି ମାନିନେବାକୁ ତାଲିମ ଦେବା ପୁଣି ସେମାନଙ୍କ ଭିତରର ବ୍ୟକ୍ତିତ୍ୱ ଓ ପ୍ରତିଭାର ପୂର୍ଣ ପ୍ରସ୍ଫୁଟନରେ ସହାୟକ ହେବା ।'

ଏମିତି ନାନା ଆଲୋଚନା ଭିତରେ ସେଦିନ ଗଢା ହୋଇଥିଲା 'ୟୁନିଭର୍ସାଲ ଏଜୁକେସନ ଲିଗ୍' । ନାମ ପଛରେ ହୁଏତ ଆଦର୍ଶ ଥିଲା ଡେକାନ୍ ଏଜୁକେସନ୍ ସୋସାଇଟି । ସମସ୍ତଙ୍କୁ କିନ୍ତୁ ଗୋପ କହିଥିଲେ, 'ଯିଏ ଶିକ୍ଷାର ଯେଉଁ


ଉତ୍କର୍ଷ ଆମ ମାଟିର ସ୍ୱର

ସୋପାନରେ ଅଛ ଏ ସ୍ୱପ୍ନକୁ ଲାଳନ କର । ତୁମ ଶିକ୍ଷା ସମାପନ ପରେ ନିଜ ନିଜ ବାଟରେ ସମସ୍ତେ ଏଥିପାଇଁ ଉପଯୋଗୀ ହେବ ।'

ହରିହର, ନୀଳକଣ୍ଠ, ଅନନ୍ତ, ଗୋଦାବରୀଶ, ବାସୁଦେବ ସମସ୍ତେ ଏହାର ସଭ୍ୟ ତୁଲ୍ୟ ରହିଲେ ।

ଘର ବାଦ୍ ସଭାସମିତିରେ ମଧୁସୂଦନ ରାଓଙ୍କ ସହ ଦେଖା ହେଲେ ମଧ ସେ କାହିଁକି କେଜାଣି ବିନମ୍ରତାର ସହ ବାରମ୍ବାର ଶିକ୍ଷାକୁ ନେଇ ନିଜ ସ୍ୱପ୍ନ ବିଷୟରେ ସେ ଆଲୋଚନା କରିଛନ୍ତି । ସେ ମଧ ଗୋପର କର୍ମ ତତ୍ପରତାରେ ମୁଗ୍ଧ ହୋଇଛନ୍ତି । ଉତ୍ତର ଦେଇଛନ୍ତି, 'ନିଜ ଅଞ୍ଚଳର କୌଣସି ଜାଗାରୁ ଆରମ୍ଭ ହେଉ ଏ ଅଭିଯାନ ।'

ସେଇ ବିନୋଦବିହାରୀଙ୍କ ଇଚ୍ଛା- ଯୋଗକୁ ମଧୁସୂଦନ ଆସିଲେ ଇନିସ୍ପେକ୍ସନ୍‌ରେ । ବିଦ୍ୟାଳୟକୁ ଘୁଞ୍ଚାଇ ନେବାକୁ କହିଲେ ସତ୍ୟବାଦୀର ଗୁପ୍ତ ବୃନ୍ଦାବନକୁ । ଉଭୟ ଶ୍ରୀରାମଚନ୍ଦ୍ରପୁର ଓ ବିଶ୍ୱନାଥପୁର ଗ୍ରାମବାସୀ ସନ୍ତୁଷ୍ଟ ହେଲେ । ଏ ତ କେବଳ ସଂଯୋଗ ମାତ୍ର ନୁହେଁ । ତାଙ୍କ ସ୍ୱପ୍ନ ପଛରେ ନିଶ୍ଚୟ କରୁଣାମୟଙ୍କ ସମର୍ଥନ ଅଛି । ଏ କାମ ନିଶ୍ଚୟ ଧର୍ମ ଅନୁକୂଳ । ତେବେ ଏ ଭିତରେ ସେ ଖବର ପାଇଛନ୍ତି ମଧୁବାବୁଙ୍କ ଠାରୁ ପୁଣି ମୟୂରଭଞ୍ଜ ରାଜ ଦରବାରରୁ । ତାଙ୍କୁ ମୟୂରଭଞ୍ଜର ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆ ଯାଇଥାଏ । ଏ ଭିତରେ ଅବଶ୍ୟ ସେ ନିଯୁକ୍ତି ପଛର କାହାଣୀ ରେଭେନ୍ସାର ଜଣେ ଛାତ୍ର ଠାରୁ ଶୁଣିଥାନ୍ତି । ସେ ମଧୁବାବୁଙ୍କ ପାଳିତ କନ୍ୟା ଶୈଳବାଳାଙ୍କ ସହପାଠୀ । ପିଲାଟିର କହିବା ମୁତାବକ ଶରତ ଋତୁର କଥା । ସେମାନେ କେତେଜଣ ସାଙ୍ଗ ମଧୁବାବୁଙ୍କ ଘରକୁ ଯାଇଥାନ୍ତି କାରଣ ଶୈଳବାଳା ସେମାନଙ୍କୁ ଡ଼କାଇଥାନ୍ତି । ଉଦ୍ଦେଶ୍ୟ ଥାଏ ମୟୂରଭଞ୍ଜ ମହାରାଜଙ୍କୁ ଅଭିବାଦନ କରିବା ଓ ରେଭେନ୍ସା କଲେଜ ପାଇଁ ତାଙ୍କଠାରୁ କିଛି ପୃଷ୍ଠପୋଷକତା ହାସଲ କରିବା । ମଧୁବାବୁ ସେତେବେଳକୁ ବ୍ୟସ୍ତ ଜଣା ପଡୁଥାନ୍ତି । ସେ ହାଇକୋର୍ଟରୁ ଫେରିଥାନ୍ତି । ପିଲାମାନେ ଆସିଛନ୍ତି ଜାଣିବା ପରେ ବଡ଼ ଖୁସିଟାଏ ହେଲେ । କହିଲେ, 'ପିଲାଏ ବସ । ସହଜେ ଶରତ ଋତୁ । ପ୍ରକୃତିରେ ନିର୍ମଳ ଶୋଭା । ଆକାଶରେ ମେଘଖଣ୍ଡଙ୍କ ଶୁଭ୍ର ବୋଇତର ଆକର୍ଷଣୀୟ ପଟୁଆର । ମହାନଦୀ, କାଠଯୋଡ଼ି ପନ୍ତାରେ କାଶତଣ୍ଡିର ଚାମର ଦୋଳନ । ହେଲେ ପିଲାଏ ମୋ ମନ ଏଠି ନାହିଁ । ମୋ ଜାତିର ଦୁଃଖ ମୋତେ ବାଧୁଛି । ଜଣେ ରାଜେନ୍ଦ୍ରଲାଲ ମିତ୍ର, ଜଣେ କାନ୍ତି ଭଟ୍ଟାଚାର୍ଯ୍ୟ କଣ ଏତେ ବଡ଼ ଗରିମାମୟ ଭାଷାକୁ ଲୋପ କରିଦେବେ! ଏତେ ବଡ଼ ଲଢୁଆ ଜାତିକୁ ହେୟ, ହୀନ ବୋଲି ପ୍ରମାଣ କରଦେବେ ? ପିଲାଏ ମୁଁ ସବୁ କୋଣରୁ ଏ ଜାତିର ଅଭ୍ୟୁତ୍ଥାନ ପାଇଁ ବ୍ୟାକୁଳ । ମୁଁ ଯେମିତି ମୋ ଜାତି ପାଇଁ ରାଜା ମହାରାଜାଙ୍କ ପୃଷ୍ଠପୋଷକତା ଚାହେଁ ସେମିତି ତୁମମାନଙ୍କ ଠାରୁ ଚାହେଁ ବଳ ଓ ନବୀନ ଉତ୍ସାହ ।' ଛାତ୍ର ଜଣକ କହୁଥାଏ ଓଡ଼ିଆଙ୍କ ଦୁର୍ଦ୍ଦଶା ପୁଣି ମୟୂରଭଂଜ ଓ ବାଲେଶ୍ୱରରେ ବଙ୍ଗୀୟ ଅଧିକାରୀଙ୍କ ପ୍ରତିପତ୍ତି ବିଷୟରେ କହିବାବେଳେ ସେ ଏତେ ଉତ୍ତେଜିତ ହୋଇ ପଡ଼ିଥାନ୍ତି ଯେ ମଝିରେ ମଝିରେ ନିଜ କେଶ ଝିଙ୍କି ପକାଉଥାନ୍ତି । ତେବେ ଟିକେ ସହଜ ହୋଇ ମଧୁବାବୁ ଶୈଳବାଳାଙ୍କୁ ପଚାରିଥିଲେ 'ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଆସିଲେ କି ?' ଉତ୍ତରରେ ଶୈଳବାଳା କହିଥିଲେ, 'ମୁଁ ତ ସେଇକଥା ଆପଣଙ୍କୁ ଅନେକ ଥର ପଚାରି ସାରିଲିଣି ବାବା । ସେ ଛଅଟାରେ ଆସିବା କଥା । ଏତେ ଡେରି କାହିଁକି ହେଉଛି । ଏବେ ତ ପାଖାପାଖି ସାଢ଼େ ଛଅ ହେଲାଣି । ଚା' ଜଳଖିଆ ବି ପ୍ରସ୍ତୁତ ହୋଇ ସାରିଛି ।'

ଜବାବ୍‌ରେ ମଧୁବାବୁ କହିଲେ, 'ତୁ ଜାଣିନୁ ମା । ସେ ମୟୂରଭଞ୍ଜର ରାଜା । ତାଙ୍କ ମୁଣ୍ଡରେ କେତେ ଚିନ୍ତା । କୋଉଠି ଦାନ ଧର୍ମ କରିବାର ଥିବ, କୋଉଠି ରାଜ୍ୟ ପାଇଁ ନୂଆ ଯୋଜନା ବିଷୟରେ କାହା ସହ ଆଲୋଚନା କରୁଥିବେ । କୋଉ ବିଶିଷ୍ଟ ଲୋକଙ୍କ ସହ କଣ କାମ ଥିବ । କାହା କାହାକୁ ଭେଟିବାକୁ ଯାଇ ଫେରି ପାରୁନଥିବେ । ଫେରି ପାରୁନାହାନ୍ତି ବୋଲି ବ୍ୟସ୍ତ ହେଉଥିବେ ।'

'ଏତେ ବଡ଼ଲୋକ ସମୟରେ ଆସିବା କଥା ନା ।' କହିଲେ ଶୈଳ ।

'ଦେଖ ଆସୁଥିବେ ଯେ । ସେ କଥାରେ ବେଶୀ ଖିଲାପ କରନ୍ତି ନାହିଁ । ରାଜା ଭାବରେ ବି ବେଶ୍ ପ୍ରଜା ବତ୍ସଳ । ତାଙ୍କ ପରାମର୍ଶ ଦାତା ଭାବେ ମୁଁ ଏତିକି ନିଶ୍ଚିତ କରି କହି ପାରେ ।'

ଅଳ୍ପ ସମୟ ଭିତରେ ରାଜାଙ୍କ ଘୋଡାଗାଡି ମଧୁବାବୁଙ୍କ ଗେଟ୍ ପାଖରେ ରହିଲା । ରାଜା ଓ ତାଙ୍କର ଦେବାନଙ୍କୁ ପାଛୋଟି ଅଣାଗଲା । ଚାରିଆଡେ ଖେଳିଗଲା ଉତ୍ସାହ । ରାଜାଙ୍କ ଲାଗି ଚିମିନି ଜଳାଇବା ପରେ ଜଳଖିଆ ଆଣିବା ପାଇଁ ଗଲେ ଶୈଳବାଳା । 'ତା ପରେ କଣ ହେଲା ?' ପଚାରିଲେ ଗୋପବନ୍ଧୁ । ଛାତ୍ରଟି ସେଦିନର ଘଟଣା ବର୍ଣ୍ଣନା କଲେ ।

'ଆମେମାନେ ଛାତ୍ର ହିସାବରେ ରାଜାଙ୍କୁ ଅଭିବାଦନ କଲୁ । ଆଉ ମଧୁବାବୁ ସେତେବେଳକୁ କାଳିସି ଲାଗିଲା ପରି ରାଜାଙ୍କୁ ଚାହିଁ ପଚାରିଲେ, 'ଆପଣମାନେ ଥାଉ ଥାଉ ଏ ରାଜ୍ୟ ଏ ଭାଷା ଏମିତି ପଡିଥିବ ? ଏଥି ପ୍ରତି ଆପଣଙ୍କର କଣ ନିଘା ନାହିଁ ।'

'ଅଲଗା କଣ କରିପାରିବା ? ଉତ୍କଳ ସମ୍ମିଳନୀ ମାଧ୍ୟମରେ ତ ଉଦ୍ୟମ ଚାଲିଛି । ଆମେମାନେ ଆପଣଙ୍କ ସହ ଅଛୁ । ମୁଁ ଉଭୟ ମୟୂରଭଞ୍ଜ ଓ ଓଡ଼ିଶାର ଉନ୍ନତି ଚାହେଁ । ସମ୍ମିଳନୀକୁ ଆହୁରି ମଜବୁତ କରନ୍ତୁ । ମୋ ଠାରୁ ଯାହା ଆଶା କରିବେ ମୁଁ ଆପଣଙ୍କ ନିଷ୍ପତ୍ତି ସହ ଅଛି ଜାଣିବେ ।'

'ମହାରାଜ ! ସମ୍ମିଳନୀର ଲକ୍ଷ୍ୟ ତ ବୃହତ୍ତର । ତାହା ବୌଦ୍ଧିକ ଆଉ ରାଜନୈତିକ ଉପାୟରେ ହାସଲ କରାଯିବ । ହେଲେ ଆମେ ସାଧାରଣ ଚଳଣି କ୍ଷେତ୍ରରେ କଣ କରୁଛେ ? ଦୈନନ୍ଦିନ ଜୀବନରେ ଆମେ ଓଡ଼ିଆର ମର୍ଯ୍ୟାଦା ରକ୍ଷା ଲାଗି ତତ୍ପରତା ଦେଖାଉଛେ କି ? ଏ କ୍ଷେତ୍ରରେ ଆପଣଙ୍କ ପରି ରାଜାମାନେ କିଛି ଚିନ୍ତା କରୁଛନ୍ତି କି ?'

'ଆପଣ କଣ କହିବାକୁ ଚାହାନ୍ତି ଟିକେ ସ୍ପଷ୍ଟ କରି କୁହନ୍ତୁ ?'





ଫର୍ଗୁସନ ମହାବିଦ୍ୟାଳୟ

'ମୋ କହିବାର କଥା ହେଲା ଆମ ସାମାଜିକ ଜୀବନରେ ଓଡିଆମାନଙ୍କୁ ମର୍ଯ୍ୟାଦା ମିଳୁଛି କି ? ଆମେ କଲିକତାର ବାବୁଙ୍କ ଆଖିରେ ପୂଜାରୀ, ବେହେରା ଅପଖ୍ୟାତିରୁ ମୁକ୍ତି ପାଇଲେଣି କି? ଆମେ ଓଡ଼ିଆ ହୋଇ ଖୋଦ୍ ଓଡ଼ିଆଙ୍କ ମର୍ଯ୍ୟାଦା ପ୍ରତିଷ୍ଠା କରିପାରୁଛେ କି ?

'ତଥାପି ମୁଁ ବୁଝି ପାରୁନାହିଁ ମି ଦାସ । ଟିକେ ଫିଟାଇ କୁହନ୍ତୁ ।'

'ଆପଣଂକ ଦରବାରରେ କେତେ ଓଡ଼ିଆ ଉଚ୍ଚ ପଦବୀରେ ଅଛନ୍ତି ?'

'ମୋତେ ତ ଯୋଗ୍ୟ ଓଡ଼ିଆ ମିଳୁ ନାହାନ୍ତି ।ପଲିଟିକାଲ ଏଜେଣ୍ଟ ମାନଙ୍କ କଥା ତ ଆପଣ ଜାଣନ୍ତି । ବାକୀ ଅନେକ ପଦବୀରେ ବଙ୍ଗାଳୀଙ୍କ ଭିଡ ।'

'ପଲିଟିକାଲ ଏଜେଣ୍ଟ ତ ସରକାରଙ୍କ ପକ୍ଷଧର । ତାଙ୍କ କଥା ଛାଡ଼ନ୍ତୁ ଷ୍ଟେଟ କାଉନସିଲ, ଜୁଡିସିଆରୀ କାଉନସିଲ କେମିତି ଚାଲିଛି ?' ପଚାରିଲେ ମଧୁବାବୁ ।

'ଚିରାଚରିତ ଭାବେ ।'

'ସଭ୍ୟମାନଙ୍କ ଉପସ୍ଥାନ କିପରି ?'

'ଉପସ୍ଥାନ ମନ୍ଦ ନୁହେଁ । ହେଲେ ଉତ୍ସାହ, ନୂଆ ଚିନ୍ତାର ଅଭାବ ।' ଗୋପବନ୍ଧୁ ପିଲାଟିର ବର୍ଣ୍ଣନା ଶୁଣୁଥାନ୍ତି । ବଡ଼ ଜୀବନ୍ତ ମନେ ହେଉଥାଏ ।

'ତା ପରେ କଣ ହେଲା ?' କଥା ମଝିରେ ପଚାରିଥିଲେ ଗୋପବନ୍ଧୁ ।

'କିଛି ସମୟ ପାଇଁ ଆମ ଆଡେ ନଜର ପକାଇ ମଧୁବାବୁ କହିଲେ- ଏମାନେ ହେଲେ ରେଭେନ୍ସା କଲେଜ ପିଲା । ଆପଣଙ୍କୁ ଅଭିବାଦନ କରିବା ସହିତ କଲେଜର କିଛି ସମସ୍ୟାର ସମାଧାନ ଲାଗି ଆପଣଂକ ସାହାଯ୍ୟ ଚାହାଁନ୍ତି ।

ପୁଣି ଆମ ଆଡେ ଚାହିଁ କହିଲେ 'ପିଲାଏ ତୁମ ସମସ୍ୟା ମହାରାଜଙ୍କୁ କୁହ ।'

'ତୁମେମାନେ କଣ କହିଲ ?' ପଚାରିଲେ ଗୋପ ।

ଆମେ କିଛି କହିବା ପୂର୍ବରୁ ମହାରାଜ କହିଲେ- 'ତୁମର ସବୁ ଦାବୀ ମଧୁବାବୁଙ୍କୁ ଜଣାଅ । ତାଙ୍କ କହିବା ମୁତାବକ ମୁଁ ସହାୟତା କରିବି ।' ତହୁଁ ମଧୁବାବୁ କହିଲେ- 'ପିଲାଏ ତାଳି ମାର ।' ଆମେ ତାଳି ଦେବା ପରେ ରାଜାସାହେବ ପୁଣି ପୂର୍ବ କଥାକୁ ଆସିଲେ । ମଧୁବାବୁଙ୍କ ପଚାରିଲେ- 'ଆପଣଂକ ନଜରରେ କେହି ସରକାରୀ ଓକିଲ ହେବା ପାଇଁ ଯୋଗ୍ୟ ଲୋକ ଅଛନ୍ତି କି ? ଯଦି ଆମ ରାଜ୍ୟରୁ ମିଳିଲେ ଭଲ । ମୁଁ ଏଇଠି ନିଯୁକ୍ତି ପତ୍ର ଲେଖିଦେବି ।'

ତତ୍‌କ୍ଷଣାତ ମଧୁବାବୁଙ୍କ ପାଟିରୁ ବାହାରିଲା, 'ହଁ ମୋ ନଜରରେ ଜଣେ ଅଛି ସେ ହେଲେ ଗୋପବନ୍ଧୁ ଦାସ, ବି.ଏଲ୍. । ମୋ ହିସାବରେ ତା ଠାରୁ ଯୋଗ୍ୟ କେହି ହୋଇନପାରେ । ସେ ତ ଉତ୍କଳ ସମ୍ମିଳନୀ ସହ ଜଡିତ । ଆପଣ ଜାଣିଥିବେ ।'

'ହଁ ଜାଣେ । ସେ ଆମ ପଡୋଶୀ ନୀଳଗିରି ରାଜ୍ୟରେ କିଛି ଦିନ ଶିକ୍ଷକତା କରିଥିଲେ । ସେଠି ଶିକ୍ଷା ଦାନ ବାଦ ସେ ଅନେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ । ଲୋକେ ତାଙ୍କୁ ପ୍ରଥମେ ବୁଝି ପାରୁନଥିଲେ । କିନ୍ତୁ ପରେ ତାଙ୍କ ସେବା କାର୍ଯ୍ୟରେ ଅଭିଭୂତ ହୋଇଥିଲେ । ବାଲେଶ୍ୱର, ବାରିପଦାରେ ମଧ୍ୟ ତାଙ୍କ ବିଷୟରେ ଆଲୋଚନା ହୁଏ ।'

'ହଁ । ଭାଗ୍ୟ ସହିଲା ନାହିଁ । ତା ଭାରିଜାଙ୍କର ଅକାଳରେ କାଳ ହୋଇ ଗଲା ।'

'ସେ ଏବେ କେଉଁଠି ?'

ସେ ଏବେ ପୁରୀରେ । ଆଇନ ବ୍ୟବସାୟ ସହ ଅନେକ ସେବାମୂଳକ କାର୍ଯ୍ୟ କରୁଛି । କୁଷ୍ଠାଶ୍ରମର ସମ୍ପାଦକ ରୂପେ ରୋଗୀମାନଙ୍କ ଲାଗି ଅନେକ ଯତ୍ନ କରୁଛି । ତା ସହିତ ଏ ବର୍ଷ ସତ୍ୟବାଦୀରେ ଏକ ଭିନ୍ନ ଧରଣର ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରିଛି । ତା'ର ସ୍ୱପ୍ନ ଅସୁମାରୀ ।'

'ଆମେମାନେ ଚୁପଚାପ୍ ବସିଥିଲୁ । ମଧୁବାବୁ ତ ଦିନେ ଗୋପବନ୍ଧୁଙ୍କୁ ଉତ୍କଳ ସମ୍ମିଳନୀରୁ ବାହାର କରିଦେଇଥିଲେ । ଆଜି ତାଙ୍କରି ପାଇଁ ସୁପାରିଶ କରୁଛନ୍ତି ।'

'ନା ନା ବାବୁ ସେମିତି ବୁଝା ଯାଏନା । ପ୍ରତିଟି ଓଡ଼ିଆ ତାଙ୍କର ପ୍ରାଣ । ସେ ମୋ ପ୍ରସ୍ତାବ ସହ ଅସହମତ ଥିଲେ । ତେଣୁ ସେପରି କହିଥିଲେ । ହେଲେ ତାଙ୍କର ମୋ ପ୍ରତି ଅଗାଧ ସ୍ନେହ । ସେ ଆମ ଜାତିର ଧ୍ରୁବତାରା ।' ପୁରୁଣା କଥା ମନେ ପକାଇଲେ ଗୋପବନ୍ଧୁ । ଅବଶ୍ୟ ଏହା ଭିତରେ ମହାନଦୀରେ କେତେ ପାଣି ବହି ଗଲାଣି ।

ସେଦିନ ଛାତ୍ର ଜଣକ ଠାରୁ ଏକଥା ଶୁଣି ଗୋପଙ୍କ ହୃଦୟରେ ମଧୁବାବୁଙ୍କ ପ୍ରତି ସମ୍ମାନ ବଢି ଯାଇଥିଲା । ତାଙ୍କରି ପ୍ରେରଣା ଓ ନିର୍ଦ୍ଦେଶରେ ଗୋପ ୧୯୦୯ ଶେଷ ଭାଗରେ ଡିସେମ୍ବର ମାସ ଦଶ ତାରିଖରେ ସେ ବାରିପଦା ଗଲେ । ୧୯୧୦ ଜାନୁୟାରୀ ପହିଲାରୁ କାମରେ ବିଧିବଦ୍ଧ ଭାବେ ଯୋଗ ଦେଲେ । ସେଠି ପୁଣି ନୂଆ ସ୍ୱପ୍ନରୋପଣ ପାଇଁ ସନ୍ଧାନ ଆରମ୍ଭ କଲେ ମଞ୍ଜି ।

# ବାଃ ଅଲ୍



# ବାହା !



# ଅନ୍ତରଙ୍ଗ ଅଲ୍‌ବାହା

**ସୌଭାଗିନୀ ପରିଡ଼ା**
ଅଲ୍‌ବାହା, ସାଉଦିଆରବ
(ପ୍ଲଟ୍ ନଂ-୨୬୧/୬୬୧, ପାଇକନଗର
ଭୁବନେଶ୍ୱର)
ଫୋନ : ୮୮୯୫୨୧୮୬୭୨

ଫଟୋ ସୌଜନ୍ୟ : ଲେଖିକା



ଲେଖିକା ସୌଭାଗିନୀ ପରିଡ଼ା

କେବେ କେବେ ବକ୍ଷ ମୁକୁଳା ହୋଇଯାଏ ଧରଣୀର । ମୁକୁର ପାଲଟିଯାଏ ପ୍ରେମିକ ଆକାଶ, ସେ ପ୍ରତିଛବିକୁ ତୋଳି ଧରିବା ପାଇଁ । ସୂର୍ଯ୍ୟଙ୍କ ପ୍ରଥମ କିରଣ କୋଟି କାରୁକାର୍ଯ୍ୟ ଭରା ସୁନା ତାରକସିର କାଞ୍ଚୁଲି ପିନ୍ଧେଇ ଦିଏ ତା' ବକ୍ଷରେ । ଶିଳାରେ ଶିଳାରେ ସୁନାର ପଦ୍ମ ଫୁଟେ । କେଉଁ ଏକ ସ୍ୱର୍ଗପୁରୀର ଭ୍ରମ ସୃଷ୍ଟି କରେ ରଙ୍ଗୀନ୍ ପୁଷ୍ପ ଉପତ୍ୟକା । ଶତ କବିତ୍ୱ ହାର୍ ମାନେ ସେ ସ୍ୱର୍ଗୀୟ ସୁଷମାର ବିଦଗ୍ଧ ରୂପକାର ହେବା ପାଇଁ ।

ଏ ଦୃଶ୍ୟ ତ କ୍ଷଣିକ ! ପୁଣି ବଦଳେ ଦୃଶ୍ୟ । ଘନକୁହୁଡ଼ିର ଝୀନ ଉତ୍ତରୀୟ ତଳେ ବ୍ରୀଡ଼ାବତୀ ପାହାଡ଼ ମାନେ ଦିଶନ୍ତି ଅବଗୁଣ୍ଠନବତୀ ବାସକସଜ୍ଜା ନାୟିକାମାନଙ୍କ ପରି । ପାତାଳପୁରୀର ପ୍ରବେଶ ପଥରୁ ଯୁଗଯୁଗର ଅବରୁଦ୍ଧ କୁହୁଡ଼ି କୁହୁକ ଫରୁଆରୁ ଫିଟି ପଡ଼େ ସହସ୍ର ଧାରାରେ । ଐନ୍ଦ୍ରଜାଲିକର 'ଛୁଁ-ମନ୍ତର' ଭୋଜବାଜି ପରି ଅଦୃଶ୍ୟ ହୋଇଯାଏ ସମଗ୍ର ଇଲାକା ।

ତା'ପରେ ସ୍ୱର୍ଣ୍ଣଗର୍ଭା ତୁଙ୍ଗ ଶିଖରୀଯୁକ୍ତ ପର୍ବତ ଶ୍ରେଣୀ ସେପାଖରୁ ଶୁଭେ ପବନର ମୁଗ୍ଧ ବଂଶୀସ୍ୱନ ସହିତ ମେଘକନ୍ୟାର ମଧୁର ସଂଗୀତର ଯୁଗଳବନ୍ଦୀ । ଝରିପଡ଼େ ହୀରକ ଗୁଣ୍ଡ ପରି ବର୍ଷାବିନ୍ଦୁ । ଅଳସ ଇନ୍ଦ୍ରଧନୁ ହାଇ ମାରେ ଆକାଶରେ । ଭାସମାନ ମେଘମାନେ ରଙ୍ଗ ବଦଳାନ୍ତି । ନାରଙ୍ଗୀ ରଂଗରେ ରଙ୍ଗୀନ ହୋଇଯାଏ ଆକାଶ, ରାସ୍ତାଘାଟ, ଘରଦ୍ୱାର ସବୁକିଛି ।

ବାହାରେ ପ୍ରକୃତିରାଣୀ ବହୁରୂପରେ ସଜାଉଥାଏ ନିଜକୁ । ମୁହୂର୍ତ୍ତକୁ ମୁହୂର୍ତ୍ତ ବଦଳୁଥାଏ ଆକାଶର ରଂଗ, ମେଘମାଳାଙ୍କର ଆକୃତି, କୁହୁଡ଼ିର ଘନତା ଓ ପବନର ବେଗ । ସମୁଦ୍ର ପତ୍ତନ ଠାରୁ ପ୍ରାୟ ଛଅ ହଜାର (୫୦୯୦-୬୨୩୦) ଫୁଟ୍ ଉପରେ ବାଦଲ୍, କୁହୁଡ଼ି, ପବନ ସବୁ ଖୁବ୍ ମନୋଇ, ଖୁବ୍ ଚଞ୍ଚଳ ।

ସାଉଦି ଆରବ ଉପରେ ଏଯାବତ୍ ଭ୍ରମଣ କାହାଣୀ ଲେଖାଯାଇ ନଥିବାରୁ ସମସ୍ତଙ୍କ ଧାରଣା ଯେ ଏ ଦେଶ ଏକ ମରୁଭୂମି ଓ ଧୂଳିଝଡ଼ର ଦେଶ । କିନ୍ତୁ ଏହାର ଅନେକ ସହର ଶୀତ ବଳୟ ମଧ୍ୟରେ ଥିବାରୁ ରାଶିରାଶି ପୁଷ୍ପ ଉଦ୍ୟାନ, ପୁଷ୍ପ ଉପତ୍ୟକା, ଫଳ ବଗିଚା ଓ ସବୁଜଶସ୍ୟ କ୍ଷେତ୍ରରେ ଏହା ଭରପୁର । ଏହା ପୁଣି ୧୩୦୦ ଦ୍ୱୀପର ଦେଶ, ଦୁବାଇ ସ୍ଥିତ ପୃଥିବୀର ଉଚ୍ଚତମ ଅଟ୍ଟାଳିକା 'ବୁର୍ଜିଖଲିଫା' ଠାରୁ ଉଚ୍ଚ ୧୦୦୦ମିଟର୍‌ର ନିର୍ମାଣାଧୀନ 'ଜେଦାଟାୱାର୍' ବାଲୁକା ସମୁଦ୍ର ମଧ୍ୟରେ ଅତ୍ୟାଶ୍ଚର୍ଯ୍ୟ ପରିକଳ୍ପନାର ସାକାର ରୂପ ବୋଲି କୁହା ଯାଇପାରେ । ବହୁରଂଗର ମାଟି, ପ୍ରବାଳର ଦ୍ୱୀପସମୂହ, ଜୈବବିବିଧତା ଏ ସ୍ଥାନର ଅନ୍ୟ ଏକ ମୁଖ୍ୟ ଆକର୍ଷଣ ।

ଅଲ୍‌ବାହା ବ୍ୟତୀତ ତୁରାଇଫ୍, ସକାକା, ରାଫ୍‌ହା, ତାଇଫ୍, ନଜରାନ୍, ତାବୁକ୍, ହେଇଲ୍, ବାଇଗଣୀ ପୁଷ୍ପ ଉପତ୍ୟକା ଆଭା ଓ ରାଜଧାନୀ ରିୟାଦ୍‌ରେ ଶୀତର ପ୍ରାବଲ୍ୟ ଅଧିକ ।

ଆରବୀ ଭାଷାର 'ଅଲ୍' ଶବ୍ଦ ଇଂରାଜୀରେ 'The' ସାଉଦି ଆରବର ତେର ଗୋଟି ପ୍ରୋଭିନ୍‌ସ୍ ମଧ୍ୟରୁ 'ବାହା' ଅନ୍ୟତମ । ଖ୍ରୀଷ୍ଟାବ୍ଦ ୧୬୦୦ ମସିହା ପୂର୍ବରୁ ଏହି ନଗରୀଟିର ସୃଷ୍ଟି । ଯେଉଁଠାରେ ବାସ କରୁଥିଲେ ଗାମ୍‌ଦୀ ଓ ଜାହାରାନୀମାନେ । କଥାବାର୍ତ୍ତା କରୁଥିଲେ 'ହେଜାଜ୍' ଭାଷାରେ, ଯାହା ଆରବର ଆଞ୍ଚଳିକ ଭାଷା ମଧ୍ୟରୁ ଗୋଟିଏ ।

'ବାହା' ସହରକୁ ଯିବାକୁ ହେଲେ ଶେଷ କୋଡ଼ିଏ କିଲୋମିଟର ଭିତରେ ପଚିଶ ଗୋଟି ଆଲୋକମାଳାରେ ସୁସଜ୍ଜିତ ଟନେଲ୍ ବା ସୁଡ଼ଙ୍ଗପଥ ଦେଇ ଅତିକ୍ରମ କରିବାକୁ ହୁଏ । ଚତୁର୍ଦ୍ଦିଗରେ ବିଶାଳ ପର୍ବତ ଶ୍ରେଣୀ ଥିଲେ ମଧ୍ୟ ଯାତ୍ରା ବିପଦ ସଙ୍କୁଳ ନୁହେଁ । ରାସ୍ତା ପ୍ରଶସ୍ତ ଓ ସାବଲୀଳ । ପ୍ରଚୁର ଆଲୋକ ଓ ଚାଳକମାନଙ୍କ ନିମନ୍ତେ ନାନାଦି ସଙ୍କେତ, ମଧ୍ୟେ ମଧ୍ୟେ ଦୃଶ୍ୟ ଉପଭୋଗ ନିମନ୍ତେ ରହଣୀସ୍ଥଳ ଥିବାରୁ ଯାତ୍ରା ନିରାପଦ ଓ ଉପଭୋଗ୍ୟ ।

'ବାହା' ସଦାସର୍ବଦା ପଡ଼ୋଶୀ ରାଷ୍ଟ୍ରର ଶାସକମାନଙ୍କ ଲୋଲୁପ ଦୃଷ୍ଟିର ଶୀକାର ହୋଇଛି । ଏହାର ବିଶାଳ ଜଳ ଭଣ୍ଡାର, ଥଣ୍ଡା ଜଳବାୟୁ, ହରିତ୍ ଶସ୍ୟକ୍ଷେତ୍ର, ପ୍ରଚୁର ଚାରଣଭୂମି ଓ ଅନୁଗମ ପ୍ରାକୃତିକ ସୌନ୍ଦର୍ଯ୍ୟ ବିଦେଶୀ ରାଷ୍ଟ୍ରମାନଙ୍କ ନିମନ୍ତେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ତେଣୁ ବାରମ୍ବାର ଯୁଦ୍ଧର ଘନଘଟା, ରକ୍ତପାତର ଭୟାବହତା ଏ ମାଟିର ମଣିଷଙ୍କୁ କରିଛି ସତର୍କ । ତତ୍କାଳୀନ ସମୟରେ ଏଠାରେ ୧୦୦୧ଟି 'କ୍ୱାସ୍‌ବା' ବା Watch tower ନିର୍ମାଣ କରାଯାଇଥିଲା 'ବାହା'ର ନଗର ଜନପଦ ସମେତ ଶସ୍ୟକ୍ଷେତ୍ରର ରକ୍ଷଣାବେକ୍ଷଣ ନିମନ୍ତେ, ଏବେ ମଧ୍ୟ ସେଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ଅକ୍ଷୁର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ ।

ଚାରି ଶହ ବର୍ଷ ପୁରାତନ ସଂସ୍କୃତି ବିଶିଷ୍ଟ ଏହି ସ୍ଥାନରେ ବର୍ତ୍ତମାନ ୧୩ଟି ଜାତି ଓ ୫ଟି ଜନଜାତିର ଲୋକେ ବସବାସ କରନ୍ତି । ଅଞ୍ଚଳଟିର ନିମ୍ନଭାଗ ଉପତ୍ୟକା । ପାହାଡ଼ରୁ ଗଡ଼ି ଆସୁଥିବା ପ୍ରଚୁର ପଟୁମାଟି ଏହାକୁ ଉନ୍ନତ କୃଷିକ୍ଷେତ୍ରରେ ପରିଣତ କରିଛି । ତେଣୁ ଏହାକୁ greenland of Saudi Arab କୁହାଯାଏ । ଆବଶ୍ୟକ ଅନୁଯାୟୀ ବର୍ଷା, ଥଣ୍ଡା ଜଳବାୟୁ ଓ ସେଚନ ନିମନ୍ତେ ପର୍ଯ୍ୟାପ୍ତ ଜଳର



ବ୍ୟବସ୍ଥା ଯୋଗୁଁ ଏଠାରେ ସାଧାରଣ ପନିପରିବା ଓ ଉନ୍ନତ କୃଷି ପଦ୍ଧତି ମାଧ୍ୟମରେ ରଙ୍ଗ ବେରଙ୍ଗ ପରିବା, ଉତ୍ପାଦିତ ହୁଏ । ରାସ୍ତା ଧାରେ ଧାରେ ଅଙ୍ଗୁର ବଗିଚା, ପିସ୍ତାବାଦାମ୍, ଡାଳିମ୍ବ, କମଳା ବଗିଚାମାନ ଦର୍ଶକର ଦୃଷ୍ଟି ଆକର୍ଷଣ କରେ । 'ବାହା' ମହୁ ଉତ୍ପାଦନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।

'ବାହା' ନୃତ୍ୟ ଗୀତର ସହର । 'ଅଲ୍ ମାଲାଦନ୍' ନାମରେ ଅନେକ ସଂଗୀତ ଅଛି, ଯାହା ସ୍ୱତନ୍ତ୍ର ଉତ୍ସବମାନଙ୍କରେ ଗାୟନ କରାଯାଏ । Folk dance ଭଳି ଦରବାରୀ ହସ୍ତରେ ଦଳବଦ୍ଧ ନୃତ୍ୟ ଶୈଳୀ ବେଶ୍ ଉପଭୋଗ୍ୟ ବଡ଼ବଡ଼ ଖଞ୍ଜୀର୍‌କୁ ଆକାଶ ଦିଗକୁ ଦେଖାଇ ଏହି ନୃତ୍ୟ କରିବାର ଶୈଳୀ ସ୍ୱତନ୍ତ୍ର । ଏମାନେ ଲଢୁଆ ଓ ବୀରଜାତି ହୋଇଥିବାରୁ ନୃତ୍ୟ ଗୀତରେ ଶୃଙ୍ଗାରରସ ଓ ଭକ୍ତି ରସ ଅପେକ୍ଷା ବୀରରସ ଅଧିକ । ତେବେ ସଂଗୀତର ରସଘନତା କମ୍ ନୁହେଁ । ଆମ ପ୍ରାଚୀନ ସଂଗୀତ ଭଳି ଏଗୁଡ଼ିକ ଖୁବ୍ ସୁଲଳିତ ଓ ଭାବପୂର୍ଣ୍ଣ । ସ୍ୱାସ୍ଥ୍ୟପ୍ରଦ ସନ୍ତୁଳିତ ଆହାର ଡଗାବିଜ୍ (Dagabees), ଆସିଡ଼ା (Asseda), ଆରିକା (Areeka)ର ଆକର୍ଷଣ ବ୍ୟତୀତ ସମଗ୍ର ଦେଶର ଲୋକେ ଏଠାକୁ ହାଇକିଙ୍ଗ୍, ଟ୍ରେକିଙ୍ଗ୍, କ୍ଲାଇମ୍ବିଙ୍ଗ୍ ଓ ମାଉଣ୍ଟେନ୍ ବାଇକିଙ୍ଗ୍ ପାଇଁ ମଧ୍ୟ ଆସନ୍ତି ।

ଏଠାରେ ଗ୍ରୀଷ୍ମଦିନରେ Summer Festival ହୁଏ । ଯେଉଁ ଉତ୍ସବରେ ବିଭିନ୍ନ ପ୍ରକାର ସାଂସ୍କୃତିକ, ଧାର୍ମିକ ଓ ସାହିତ୍ୟିକ କାର୍ଯ୍ୟକ୍ରମ ସହିତ Airshow ହୁଏ । ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ କାର୍ ଓ ଫ୍ଲାଇଟ୍ ଟିକେଟ୍ ଉପହାର ସ୍ୱରୂପ ଦିଆଯାଏ ।

ଏହି ଦିନମାନଙ୍କରେ ଏଠାରେ 'ମଧୁ ଉତ୍ସବ' ମଧ ପାଳିତ ହୁଏ । ଦେଶ ବିଦେଶର ମହୁ ବ୍ୟବସାୟୀମାନେ ଏଠାକୁ ଆସନ୍ତି ଓ ମହୁ ପ୍ରଦର୍ଶନ, ବିକ୍ରୟ କରନ୍ତି । 'ବାହା'ର ମହୁ ପୃଥିବୀର ଶ୍ରେଷ୍ଠ ମହୁ ଭାବରେ ଅନେକବାର ପୁରସ୍କୃତ ହୋଇଛି ।

ପାଞ୍ଚ ହଜାର ବର୍ଷ ଧରି ସାଉଦି ଆରବ ସୁନାଖଣିର ଦେଶ ଭାବରେ ପୃଥିବୀ ପ୍ରସିଦ୍ଧ । ସାଉଦି ଆରବର ମାଟି ତଳେ ଇନ୍ଧନ ତୈଳର ସମୁଦ୍ର ଓ ମାଟି ଉପରେ ସୁନାର ପାହାଡ଼ ଥିବା କଥାଟି ମିଛ ହୋଇପାରେ, ମାତ୍ର ଏହାର ମାଟି ତଳେ ପ୍ରଚୁର ପରିମାଣରେ ଇନ୍ଧନ ତୈଳ ଓ ପ୍ରଚୁର ସୁନା ଗଚ୍ଛିତ ଥିବାର ଭୂତାତ୍ତ୍ୱିକ ସର୍ଭେ ସଂସ୍ଥା ଆକଳନ କରିଛନ୍ତି । ତେବେ ସୁନାର ପାହାଡ଼ ନୁହେଁ, ପାହାଡ଼ ତଳେ ଏହି ସୁନା ଗଚ୍ଛିତ ଅଛି । 'ଅଲ୍ ଦୁୱାହି' ସାଉଦି ଆରବର ବୃହତ୍ତମ ସୁନାଖଣି ଯେଉଁଠାରୁ ବର୍ଷକୁ ୧୮୦,୦୦୦ ଆଉନ୍‌ସ ସୁନା ଉତ୍ପାଦିତ ହୁଏ । 'ବାହା'ରେ 'ଅଲ୍‌ଆକିକ୍' ଓ 'ଖୟାଲ୍ ଅଲ୍‌ମାନ୍‌ସା'ରେ ସୁନାର ସନ୍ଧାନ ମିଳିଛି ।

'ବାହା'ରେ ମଲ୍‌ଟି ସ୍ପେସିଆଲିଟି ହସ୍‌ପିଟାଲ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ୟୁନିଭର୍‌ସିଟି, ତାରକା ହୋଟେଲ୍, କଫିବାର୍, ସପିଙ୍ଗ୍‌ମଲ୍, ରେସ୍ତୋରାଁ ଓ ଏୟାରପୋର୍ଟର ସୁବିଧା ଅଛି । କିନ୍ତୁ ମଦ୍ୟଶାଳା ଓ ମଲ୍‌ଟି ପ୍ଲେକ୍ସ ସିନେମାଗୃହ ସଂପୂର୍ଣ୍ଣ ଦେଶରେ ନିଷିଦ୍ଧ ।

ମାତ୍ର ୯୯୨୧ କିଲୋମିଟର ପରିମିତ ସ୍ଥାନ ହେଲେ ହେଁ ଅରଣ୍ୟ ପରିବେଷ୍ଟିତ ବହୁ ଦର୍ଶନୀୟ ସ୍ଥାନ 'ବାହା'କୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇଛି ।

'ଦି-ଅଲ୍-ଆୟିନ୍' ଏହି ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରୁ ଅନ୍ୟତମ । ଶ୍ୱେତମାର୍ବଲ ପ୍ରସ୍ତରର ପାହାଡ଼ ଉପରେ ନିର୍ମିତ ଥିବାରୁ ଏହାକୁ 'ମାର୍ବଲ ଭିଲେଜ୍' ମଧ୍ୟ କୁହାଯାଏ । ପ୍ରାଚୀନ ସଂସ୍କୃତ, ସମୃଦ୍ଧ ସଭ୍ୟତା ଓ ସ୍ୱର୍ଣ୍ଣାକ୍ଷରରେ ଲେଖାଥିବା ଇତିହାସର ଏହା ସମନ୍ୱୟ ରୂପ । ୪୦୦ବର୍ଷ ପୁରାତନ ସଭ୍ୟତାର ଏହି ଐତିହାସିକ ଗ୍ରାମକୁ ସଂରକ୍ଷିତ କରାଯାଇଛି ଯାହା UNESCO ଦ୍ୱାରା World Heritage sightର ମାନ୍ୟତା ପାଇବାକୁ ଯାଉଛି । ପୁରାତନ ସଭ୍ୟତାର





ଏହି ପ୍ରାଚୀନ ଅଧିବାସୀମାନଙ୍କ ଆଧୁନିକ ଇଞ୍ଜିନିୟରିଂ କୌଶଳ, ପ୍ରାକୃତିକ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ଓ ନକ୍ସା ଅନୁଯାୟୀ ନିର୍ମାଣ ଶୈଳୀ ଦେଖି ବିସ୍ମିତ ହେବାକୁ ହୁଏ । ଶକ୍ତ 'ସେଡାର୍' କାଠରେ ଛାତ କରାଯାଇ ତାହା ଉପରେ 'ସଲାତ୍' ନାମକ ବିଶେଷ ଧରଣର ପ୍ରଶସ୍ତ ପଥର ଉପରେ ମାଟିର ପ୍ରଲେପ ଦେଇ ବହୁତଳ ବିଶିଷ୍ଟ ଗୃହର ଛାତ ନର୍ମାଣ କରା ଯାଇଛି । ସଂରକ୍ଷିତ ଅଣଚାଶଟି ଗୃହ ମଧ୍ୟରୁ ୯ଟି ଏକତଳ ବିଶିଷ୍ଟ, ୧୯ଟି ଦୁଇତଳ ବିଶିଷ୍ଟ, ୧୧ଟି ତିନିତଳ ବିଶିଷ୍ଟ ଓ ୧୦ଟି ଚାରିତଳ ବିଶିଷ୍ଟ ଗୃହ । ତତ୍କାଳୀନ ତୁର୍କ (ଆଧୁନିକ Turkey) ର ଯୁଦ୍ଧଖୋର, ସାମ୍ରାଜ୍ୟ ବିସ୍ତାରକାରୀ ଓ କ୍ଷମତା ଲିପ୍ସୁ ଅଟୋମେନ୍‌ମାନଙ୍କ ସହ ଯୁଦ୍ଧ ଓ ବିଜୟର ମୂକସାକ୍ଷୀ ଏହି ଗ୍ରାମଟିର ପ୍ରବେଶ ଦ୍ୱାରା ଏବେ ପର୍ଯ୍ୟଟକଙ୍କ ନିମନ୍ତେ ଉନ୍ମୁକ୍ତ । ଏହାର ବରଜା, ସିଡ଼ି, ଟେରାସ୍ ଓ ସୁଉଚ୍ଚ ପ୍ରାଚୀର ଗୁଡ଼ିକ ବହିଃ ଶତ୍ରୁ ଆକ୍ରମଣର ମୁକାବିଲା କରିବା ନିମନ୍ତେ ପର୍ଯ୍ୟାପ୍ତ ଜ୍ଞାନ କୌଶଳରେ ନିର୍ମିତ । ଏଠାରେ 'ଅଲଆୟିନ୍' ନାମରେ ପ୍ରାକୃତିକ ଝରଣାଟିଏ ଝରିଯାଇ ଚତୁଃପାର୍ଶ୍ୱକୁ ସବୁଜିମା କରିବା ସହିତ ଫଳଚାଷ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଛି ।


ବର୍ଷ ତମାମ୍ ମେଘ ଓ କୁହୁଡ଼ିର ବଳୟ ମଧ୍ୟରେ ଘେରି ରହୁଥିବା 'ରଗ୍‌ଧନ୍ ଫରେଷ୍ଟ୍ ପାର୍କ' ପ୍ରାକୃତିକ ଅରଣ୍ୟ ମଧ୍ୟରେ ମନୁଷ୍ୟକୃତ ବିଳାସ କୃତିର ସ୍ୱାକ୍ଷର ବହନ କରେ । ପ୍ରଚୁର Conifer ବୃକ୍ଷ ଓ ଝାଉଁ, ପଟାସ୍ ଜାତୀୟ ବୃକ୍ଷରେ ପରିପୂର୍ଣ୍ଣ ଅରଣ୍ୟଟିରେ ବହୁରଂଗୀ ବନପକ୍ଷୀମାନଙ୍କର ମଧୁର କୂଜନ ନିଃଶବ୍ଦ ବନଭୂମିକୁ କରେ ମୁଖରିତ, ପାହାଡ଼ ଶୀର୍ଷରୁ ଦିଶେ ଉପତ୍ୟକା ବ୍ୟାପୀ ରଂଗ ବେରଙ୍ଗୀ ଫୁଲର ଆସର । ନୈସର୍ଗିକ ସୌନ୍ଦର୍ଯ୍ୟଭରା ଏହି ସମଗ୍ର ଅରଣ୍ୟଟିକୁ ବିଳାସୀ ପର୍ଯ୍ୟଟକଙ୍କ ନିମନ୍ତେ ଅପୂର୍ବ ଭାବରେ ଆଲୋକମାଳା ଓ ନାନାଦି ନିର୍ମାଣାକୃତରେ ସୁସଜ୍ଜିତ କରାଯାଇଛି ।

ଖଇରା ଫରେଷ୍ଟ୍ ପାର୍କ ଏକ ପ୍ରାକୃତିକ ଅରଣ୍ୟ, ଯେଉଁଠାରୁ ମଧୁସ୍ରାବୀ କଳକଳ ନିନାଦିନୀ ଝରଣାଟିଏ ବନ୍ଧୁର ପ୍ରସ୍ତରର ବକ୍ଷ ଦେଇ ଝରି ଆସୁଛି । ବନ୍ୟ ପ୍ରଦେଶରେ ସ୍ୱାଗତ କରିବାକୁ ପ୍ରତୀକ୍ଷାରେ ଥାଆନ୍ତି ଦଳବଦ୍ଧ ମାଙ୍କଡ଼, ଉଚ୍ଚ ଗଛମାନଙ୍କରେ ବାଇଚଢ଼େଇର ବସା ଝୁଲୁଥିବାର ଦେଖି ମନେପଡ଼େ- "ବାଇ ଚଢ଼େଇର କି ଯାଏ, ବାଆ କଲେ ବସା ଦୋହଲୁଥାଏ ।"

ଯଦି କେହି ରଙ୍ଗୀନ୍ ପୁଷ୍ପ ଉପତ୍ୟକା ଓ ରାଶିରାଶି ପୁଷ୍ପର ଶଯ୍ୟା ଦେଖିବାକୁ ଇଚ୍ଛା କରେ ତେବେ 'ହୁସାମ୍‌ପାର୍କ'କୁ ଥରେ ଆସିବାକୁ ଉଚିତ୍ ମନେ କରିବ । ବହୁ ରଂଗର ପୁଷ୍ପ ଶଯ୍ୟା, ଲତାକୁଞ୍ଜ, ରଙ୍ଗୀନ ଝରଣାର ଧାରେ ଧାରେ ସୁଶୋଭିତ ମଞ୍ଚରେ ବସିଲେ ଯେ କେହି କ୍ଷଣିକ ପାଇଁ ଭୁଲି ଯାଇପାରେ ଯେ ସେ ଏହି ସାଧାରଣ ପୃଥିବୀର ଅଧିବାସୀ । 'ବାହା'ର ଅନ୍ୟ ଏକ ଆକର୍ଷଣ 'ଟୁଇନ୍ ଟାୱାର' ଭଳି ଦିଶୁଥିବା ଚାରିତଳ ବିଶିଷ୍ଟ Two brothers museum ଯେଉଁଟି ତତ୍କାଳୀନ ସାଦୃଶ୍ୟ ଆଇରନ୍-ଚେଷ୍ଟ୍ ଗୁଡ଼ିକ ତତ୍କାଳୀନ ସମୟର ନିର୍ମାଣ କୌଶଳ ସହିତ ପ୍ରାଚୁର୍ଯ୍ୟପୂର୍ଣ୍ଣ ଜୀବନ ଶୈଳୀର ଗାଥା ଗାଏ ।

ଏଠାକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ମିଳୁଥିବା ବିରଳ କଳାକୃତି ଗୁଡ଼ିକୁ ଦେଖିବାକୁ ଓ କିଣିନେବାକୁ ଭୁଲନ୍ତି ନାହିଁ । ପ୍ରାଚୀନ କାଳରେ ବ୍ୟବହାର ହେଉଥିବା ଆଣ୍ଟିକ୍ ଜୁଏଲାରୀ, ହୁକ୍କାଦାନୀ, ଧୂପଦାନୀ, ଚା'ପିଆଲା ଓ ବାକ୍ସଗୁଡ଼ିକର କାରୁକାର୍ଯ୍ୟ ତତ୍କାଳୀନ ସମୟର ଶିଳ୍ପଚାତୁର୍ଯ୍ୟ ଓ କଳା ନୈପୁଣ୍ୟତାର ପରିଚୟ ବହନ କରେ ।

'ବାହା'ର ଅନ୍ୟ କେତୋଟି ଆକର୍ଷଣ ମଧ୍ୟରେ ରହିଛି 'କୁନା' ନାମରେ ଏକ ବିଶାଳ ପ୍ରାଚୀନ ଐତିହାସିକ ଗ୍ରାମ । ଯେଉଁଠାରେ ଶତାଧିକ ବାସଗୃହ





ଦକ୍ଷିଣ ଆରବ ସଭ୍ୟତା କଳା ସ୍ଥାପତ୍ୟର ନିଦର୍ଶନ । ପ୍ରାଚୀନ ଆରବ ସଭ୍ୟତା ଉପରେ ଗବେଷଣା କରୁଥିବା ଗବେଷକ ଛାତ୍ରଙ୍କ ନିମନ୍ତେ ଏହା ଏକ ମୁଖ୍ୟ ପରିଭ୍ରମଣ ସ୍ଥଳୀ ଭାବରେ ବିବେଚିତ ହୁଏ ।

ମରୁଭୂମୀର ଦେଶ ସାଉଦିଆରବର 'ବାହା'ରେ ଜଳର ପ୍ରାଚୁର୍ଯ୍ୟ ଦେଖି ବିସ୍ମିତ ହେବାକୁ ହୁଏ । ନୀଳନୀଳ ଜଳରାଶିରେ ପରିପୂର୍ଣ୍ଣ ବିଶାଳାକୃତି ହ୍ରଦ ଓ ଏହା ଉପରେ ଥିବା ଡ୍ୟାମ୍ ଦେଖିଲେ ବୁଝିହୁଏ କାହିଁକି ଏହା ବହିଃଶତ୍ରୁର ଶ୍ୱାନଦୃଷ୍ଟିର ଶୀକାର ହୋଇଥିଲା ।

ବିଜନ ବେଳାରେ ସେ ନିଃଶବ୍ଦ ଇଲାକାରେ ବସି ପଡ଼ିଲେ ଶୁଭେ ଫୁଲମାନଙ୍କର ଖିଲ୍‌ଖିଲ୍ ହସ । ବନସ୍ପତି ମାନଙ୍କର ଅନୁଦାତ ଆଳାପ । କୁହୁଡ଼ି ଓ ବାଦଲମାନଙ୍କର ମିଳିତ ଗାୟନ ଓ ପବନର ସ୍ୱରରେ ବନପକ୍ଷୀମାନଙ୍କର ସାଙ୍ଗୀତିକ ରିଆଜ୍ । ଯେମିତି ଚତୁର୍ଦ୍ଦିଗରେ ସୁମଧୁର ଶବ୍ଦମାନଙ୍କର ଅପୂର୍ବ ରାସ ।

କେହି କହେ ପାହାଡ଼ ନିର୍ଜୀବ, ବନସ୍ପତି ନିର୍ଜୀବ । କିନ୍ତୁ ଥରେ ସେମାନଙ୍କ ସହ ଏକାତ୍ମ ହେଲେ ଏ ଧାରଣା ବଦଳି ଯାଏ । ନିର୍ଜୀବ ବା ଜଡ଼ ନୁହେଁ । ଏହାର ପ୍ରତିଟି ରେଣୁରେ ଦିବ୍ୟ ପ୍ରାଣସତ୍ତା ବିଦ୍ୟମାନ । ଏହାର ରେଣୁରେ ରେଣୁରେ ଯେଉଁ ମହାମହୀମଙ୍କର ଭବ୍ୟ ଉପସ୍ଥିତି, ସେ ପୁଣି ନିର୍ଜୀବ ହୋଇ ପାରିବ ବା କିପରି ?

ସାଧାରଣ ମନୁଷ୍ୟ ଏକ ମିନିଟ୍‌ରେ ୧୪ରୁ ୧୫ଥର ଶ୍ୱାସକ୍ରିୟା ସମ୍ପାଦନ କରେ ଯେତେବେଳେ ତାହା ପ୍ରାକୃତିକ ଭାବରେ ୧୧ରୁ ନ୍ୟୁନ ହୋଇଯାଏ ସେତେବେଳେ ପଶୁମାନଙ୍କର, ୯ରୁ ନ୍ୟୁନ ହେଲେ ବନସ୍ପତିର, ୬ରୁ ନ୍ୟୁନ ହେଲେ ନିର୍ଜୀବ ବସ୍ତୁର ଧ୍ୱନି ଓ କଂପନ ଅନୁଭବ ହୁଏ । ଏହା 'ଋତୁମ୍ଭରା ପ୍ରଜ୍ଞା' । ମନୁଷ୍ୟ ଋଷିମାନଙ୍କ ଦ୍ୱାରା ଏହା ପ୍ରମାଣିତ । ବିଜ୍ଞାନ ମଧ୍ୟ ସ୍ୱୀକାର କରେ ଆମେ ନିର୍ଦ୍ଦିଷ୍ଟ ଡେସିବଲ୍‌ର ଧ୍ୱନି ଶୁଣିବାକୁ ସକ୍ଷମ ।

ଉତ୍ତରାଖଣ୍ଡରେ ଜଣେ ସାଧୁ ରହୁଥିଲେ ଯେ ଶିଳାମାନଙ୍କ ସହ କଥାବାର୍ତ୍ତା ହେଉଥିବାର ଦେଖି ଶିଷ୍ୟମାନେ ସେପରି ଅନୁଭୂତି ହାସଲ କରିବାରେ ବିଫଳ ହେଲେ । ସାଧୁ ଏହା ଜାଣି ପାରି କହିଲେ, ସେମାନଙ୍କ ଧ୍ୱନି ଶୁଣିବା ପାଇଁ ପ୍ରଜ୍ଞା ବିକଶିତ ହେବା ଆବଶ୍ୟକ ।


ଏ ଲେଖିକାର ନେପାଳ ଯାତ୍ରା ସମୟରେ ଗଣ୍ଡୁକୀ ନଦୀର ବିଶାଳ ଶିଳାଶଯ୍ୟାରୁ ମସୃଣ ଗୋଲାକର ପଥର ସଂଗ୍ରହ କରୁଥିଲେ କିଛି ସହଯାତ୍ରୀ । ଏ ସମ୍ପର୍କରେ ପ୍ରଶ୍ନ କରନ୍ତେ ସେମାନେ ଉତ୍ତର ଦେଲେ 'କୌଣସି ପ୍ରସ୍ତର ଶ୍ରୀ ଚିହ୍ନ ଯୁକ୍ତ ହେଲେ ତାହା ଜୀବନ୍ତ ଶାଳଗ୍ରାମ ବିଷ୍ଣୁ ନାରାୟଣଙ୍କର ପ୍ରତିମୂର୍ତ୍ତି ଭାବରେ ପୂଜାପାଏ । ଶ୍ରୀ ଚିହ୍ନଥିବା ଦାରୁରେ ମହାପ୍ରଭୁ ଜଗନ୍ନାଥଙ୍କ ବିଗ୍ରହ ଗଢା ହୁଏ । ଆମ ଦିଅଁ କାଠ ପଥରରେ ଗଢା ହୁଅନ୍ତି, ସାଧାରଣ ଭିତରେ ଅସାଧାରଣ ସତ୍ତାର ଦିବ୍ୟ ଅନୁଭବ ନିମନ୍ତେ ।

ଦୃଷ୍ଟି ବଦଳିଲେ ଦୃଶ୍ୟ ବଦଳେ । ଗୋଟେ ଅଙ୍ଗାରକ ଖଣ୍ଡରେ ଦୃଶ୍ୟମାନ ହୋଇପାରେ ଦିଗନ୍ତବ୍ୟାପୀ ଶ୍ୟାମଳ ଅରଣ୍ୟର ଅବଶେଷ । ଇତିହାସର ପୃଷ୍ଠା ଲେଉଟାଇଲେ ଯେତେ ମହିମାମୟ ରାଜତ୍ୱର ଗରିମା ଦିଶେ ନାହିଁ ସେତେ ଦିଶେ ଲୁହର ନଦୀ ଓ ଲୁହର ସମୁଦ୍ର । ସାମାନ୍ୟ ଶୁଷ୍କ କାଷ୍ଠ ଖଣ୍ଡରେ ଚମତ୍କାର ଦିଶେ ଗୋଟେ କାବ୍ୟର ପାଣ୍ଡୁଲିପି । ପ୍ରକୃତିର ଅତି ଗୂଢ଼ ରହସ୍ୟକୁ ଅନୁଭବି ଥିବା ମଣିଷର ତଥାପି ବଢ଼େ ଅତୃପ୍ତି ଓ ଅବସୋସ । ମାଟିମନସ୍କ ହେବାକୁ ହେଲେ ଆତ୍ମାଭିମାନର ଶୃଙ୍ଖଳ ଓ ବସ୍ତୁବାଦର ଦାସତ୍ୱରୁ ମୁକ୍ତିଲୋଡ଼ା । ତେବେ ସବୁ ଲାଗିବ ବାଙ୍ଗ୍‌ମୟ । ପ୍ରକୃତିରେ ପରମେଶ୍ୱରଙ୍କ ସତତାର ଅନୁଭବ ହେବ ।

ମନଶ୍ଚକ୍ଷୁରେ ମୁଁ ଭେଟୁଥିଲି ଆମ୍‌ଷ୍ଟରଡାମ୍‌ର ରାଜରାସ୍ତାରେ ଦାର୍ଶନିକ ବିରୁନ୍ ସ୍ପିନୋଜାଙ୍କୁ । ତାଙ୍କ ଏଥିକ୍ସ ପୃଷ୍ଠାରେ ପଢୁଥିଲି 'ଈଶ୍ୱର ବ୍ରହ୍ମାଣ୍ଡକୁ ସୃଷ୍ଟି କରି ନାହାନ୍ତି, ବ୍ରହ୍ମାଣ୍ଡ ହିଁ ଈଶ୍ୱରଙ୍କ ପ୍ରତିରୂପ । ଅର୍ଥାତ୍ ପ୍ରକୃତି ଓ ଈଶ୍ୱର ଏକ ଓ ଅଭିନ୍ନ । କି ଚମତ୍କାର ଦର୍ଶନ !

ଫେରି ଆସିଲି ନିଜ ଭିତରକୁ । ପାହାଡ଼ ଶୀର୍ଷରୁ ପୂର୍ଣ୍ଣମୀର ଜହ୍ନ ଦିଶୁଥିଲା ଖୁବ୍ ବିରାଟ ଓ ତୋଫା । ଏତେବେଳେ ଲାଗୁଥିଲା ଯେମିତି ଆଙ୍ଗୁଠିରେ ଛୁଇଁ ହେବ ତା'ର ସ୍ନିଗ୍ଧ ତନୁ । ମୁହଁକୁ ଛୁଇଁ ଛୁଇଁ ଯାଉଥିଲା ହିମଶୀତଳ ଭସାମେଘ । ପବନରେ ବନପୁଷ୍ପର ମନମହକ ସୁଗନ୍ଧ । ରାତ୍ରିପକ୍ଷୀମାନଙ୍କର ଜ୍ୟୋସ୍ନାରେ ଅବଗାହନ ନିମନ୍ତେ ଆରମ୍ଭ ହୋଇଥିଲା ସ୍ୱଚ୍ଛନ୍ଦ ବିଚରଣ । ଛଅ ହଜାର ଫୁଟ୍ ଉପରେ ଚତୁର୍ଦ୍ଦିଗରେ ସୁଉଚ୍ଚ ପର୍ବତ ଶ୍ରେଣୀମାନଙ୍କ ମଧ୍ୟରେ ବସି କୃତଜ୍ଞତାରେ ମଥା ନତ ହେଇ ଯାଉଥିଲା । ମହାମହୀମଙ୍କ ପ୍ରତି ହୃଦୟରେ ଅନୁଭବ ହେଉଥିଲା- ମୁଁ କେତେ କ୍ଷୁଦ୍ର । ଶୀତବସ୍ତ୍ର ସତ୍ତ୍ୱେ ଛଅ ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପରେ ଦେହର ପାରଦ ଢଳୁଥିଲା ତଳକୁ ତଳକୁ । ଏବେ ଫେରିବାର ମୁହୂର୍ତ୍ତ ।

# କଳାପାହାଡର କାଳିମା



# ଐତିହାସିକ ପୃଷ୍ଠଭୂମିରେ କଳାପାହାଡ

**ସୁନାଲତା ପରିଡ଼ା**
ମହାନଦୀ ବିହାର, କଟକ,
ଫୋନ: ୭୩୮୧୧୩୩୫୫୧

ଫଟୋ ସୌଜନ୍ୟ : ଲେଖିକା



▶ ଲେଖିକା ସୁନାଲତା ପରିଡ଼ା


ଅଭିନୟ ମାଧ୍ୟମରେ ଭାବବ୍ୟକ୍ତ କରିବା ବିଶ୍ୱର ଏକ ପ୍ରାଚୀନତମ କଳା । ଜୀବନର ବିଭିନ୍ନ ଅନୁଭୂତିର ଏହା ଏକ ଅଭିବ୍ୟକ୍ତି ମାଧ୍ୟମ । ତେଣୁ ଏହି ଅଭିନୟ କଳା ଭିତରେ ମନୁଷ୍ୟ ଜୀବନର ହଜାର ହଜାର ବର୍ଷର କ୍ରମବିକାଶ ବିବରଣୀ ସଞ୍ଚିତ ହୋଇ ରହିଛି । ଏହା ସାହିତ୍ୟ ରାଜ୍ୟରେ ଏକ ମନୋରମ କଳାକୃତି । କାବ୍ୟକବିତା, ଉପନ୍ୟାସ, ଗଳ୍ପ ଆଦି ପଢାଯାଏ, ଶୁଣାଯାଏ, ମାତ୍ର ନାଟକ ଏକାଧାରାରେ ପଢାଯାଏ, ଶୁଣାଯାଏ ଓ ଦେଖା ଯାଇଥାଏ । ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ନାଟକ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ତୁଳନାରେ ନାଟକ ସ୍ୱତନ୍ତ୍ର । ତେଣୁ ନାଟକକୁ ମିଶ୍ରକଳା ବୋଲି କୁହାଯାଏ। ଜୀବନର ଯାବତୀୟ ସଂଘର୍ଷ ଓ ସଂଘାତ ରୂପ ପାଏ ନାଟକରେ । ମଣିଷ ଜୀବନର ସୁଖ, ଦୁଃଖ, ହସକାନ୍ଦ, ଆନନ୍ଦ ବିଷାଦର ନିଚ୍ଛକ ରୂପ ବର୍ଣ୍ଣନା ହୋଇଥାଏ ନାଟକରେ । ତେଣୁ ଜୀବନ ଯେପରି ନାନା ବିଷାଦ ଦେଇ ଗତି କରୁଥାଏ, ନାଟକ ସେହିପରି ଦ୍ୱନ୍ଦ୍ୱ, ସଂଘର୍ଷ, ଶ୍ଳେଷ ମଧ୍ୟ ଦେଇ ଗତି କରି ଦର୍ଶକକୁ ଆନନ୍ଦ ଦେଇଥାଏ । ସୁତରାଂ ଜୀବନ ଓ ସମାଜ ନାଟକରେ ଯଥାର୍ଥ ଭାବରେ ଫୁଟିଉଠେ ।

## ଐତିହାସିକ ନାଟକ

ଇତିହାସକୁ ଆଧାର କରି ରଚିତ ହୋଇଥିବା ନାଟକକୁ ଐତିହାସିକ ନାଟକ କୁହାଯାଏ । ଇତିହାସ ହେଉଛି ଇତିହାଆସ ଅର୍ଥାତ୍ ଅତୀତର କଥାବସ୍ତୁ । ଯାହା ପଛରେ ଥାଏ ନିଚ୍ଛକ ସତ୍ୟତା । କିଛି କଳ୍ପନାର ସମିଶ୍ରଣରେ ସ୍ରଷ୍ଟା ସୃଷ୍ଟି କରେ ଗଳ୍ପ, କବିତା, ନାଟକ, ଉପନ୍ୟାସ ଆଦି ସାହିତ୍ୟ । କୌଣସି ଐତିହାସିକ ଚରିତ୍ରର ଆଦର୍ଶ ବା କାର୍ଯ୍ୟ କିମ୍ବା ମାନବ ଜୀବନର କୌଣସି ଏକ ବିଶେଷ ଦିଗର ସଂପାଦନ ପାଇଁ ଐତିହାସିକ ନାଟକ ରଚନା କରାଯାଇଥାଏ ।

ପ୍ରତ୍ୟେକ ମଣିଷ ତା'ର ପ୍ରାଚୀନ ଗୌରବାବହ ଇତିହାସକୁ ନେଇ ଗର୍ବ ଅନୁଭବ କରେ । ପୁନଶ୍ଚ ଐତିହାସିକ କାହାଣୀ ମଣିଷ ମନରେ ଜାତୀୟତାବୋଧ ଭାବକୁ ଉଦ୍ରେକ କରାଇବାରେ ସହଯୋଗ କରିଥାଏ । ଏଣୁ ରସହ୍ୟମୟ ଐତିହାସିକ କାହାଣୀ ନାଟକର କଥାବସ୍ତୁ ଭାବରେ ରଙ୍ଗମଞ୍ଚରେ ଅଭିନୀତ ହେଲାବେଳେ ଦର୍ଶକ ଆଖିରେ ଅତୀତ ବର୍ତ୍ତମାନ ପରି ମନେହୁଏ । ନାଟ୍ୟକାର ଐତିହାସିକ ନାଟକ ରଚନା କଲାବେଳେ ଇତିହାସର କୌଣସି ଘଟଣା ବା ଚରିତ୍ରର କୌଣସି ନିର୍ଦ୍ଦିଷ୍ଟ ଗୁଣ ବା କାର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ହୋଇଥାଏ । ଇତିହାସର କଥାବସ୍ତୁ ସତ୍ୟ, ମାତ୍ର ନାଟକ ମାନସିକ ଭାବ ସତ୍ୟକୁ ଉଦ୍‌ଘାଟନ କରେ, ଏଣୁ ନାଟ୍ୟକାର ଇତିହାସର ବସ୍ତୁ ବା ଘଟଣା ସତ୍ୟକୁ କିଛିଟା ବର୍ଜନ କରେ ଏବଂ କିଛିଟା କଳ୍ପନାର ଉପାଦାନ ମିଶାଇଥାଏ । ଇତିହାସର ଘଟଣା ବା ଚରିତ୍ରକୁ ନାଟ୍ୟକାର ନିଜର ଇଚ୍ଛା ଅନୁସାରେ ବଦଳାଇ ଦେଇଥାଏ । ଐତିହାସିକ ନାଟକ ଜାତୀୟ ଆଶା ଆକାଂକ୍ଷା ପୂର୍ଣ୍ଣତା ପାଇଁ ରଚିତ ହୋଇଥାଏ ମାତ୍ର ଇତିହାସର ମୃତ ନିର୍ଜୀବ ଚରିତ୍ର ନାଟକରେ ଜୀବନ୍ତ ହୋଇ ଗଢି ଉଠିଥାଏ । ଏହା ଅତୀତ କଥା କହୁଥିବାରୁ ଏହାର ଭାଷା ଗୁରୁଗମ୍ଭୀର ହୋଇଥାଏ । ଇତିହାସ ଓ କଳାର ସମିଶ୍ରିତ ରୂପ ହେଉଛି ଐତିହାସିକ ନାଟକ । ଇତିହାସର ବହିଃ ପ୍ରବାହ ଓ କଳାର ଅନ୍ତଃ ପ୍ରବାହକୁ ନାଟକ ଗତିଶୀଳ କରେ । ଇତିହାସ ସତ୍ୟ ଘଟଣା ଉପରେ ଆଧାରିତ ହୋଇ ରହିଥାଏ; ପୁଣି ସାହିତ୍ୟକ ରୂପ ଦେଇଥିବାରୁ ଏଥିରେ ଶାଶ୍ୱତ ଜୀବନ ସତ୍ୟ ସହିତ କିଛି କାଳ୍ପନିକ ସମ୍ମିଳନ ଘଟିଥାଏ । ନାଟ୍ୟକାର ସତ୍ୟର ସନ୍ଧାନ ଦେବା ପାଇଁ ନିଜକୁ ପ୍ରସ୍ତୁତ କରିଥାଏ । ସେ ପ୍ରଥମେ ଇତିହାସରୁ ତଥ୍ୟ ଆଧାର କରି ଅତୀତର ପୁନଃ ନିର୍ମାଣ କରେ । ସେ ବହୁ ପରୀକ୍ଷା ନିରୀକ୍ଷା ପରେ ଏକ ନିର୍ଦ୍ଦିଷ୍ଟ ପ୍ରାମାଣିକ ତଥ୍ୟର ପରିପ୍ରେକ୍ଷୀରେ ଅତୀତକୁ ଦେଖିବାକୁ ଚେଷ୍ଟା କରେ ଏବଂ ଜନସାଧାରଣଙ୍କ ପାଖରେ ଅତୀତର କଥାବସ୍ତୁ ଉପସ୍ଥାପନ କରେ ।

ଇତିହାସର ପଟ୍ଟଭୂମିକୁ ନିଜ ହୃଦୟରେ ରଖି ନାଟ୍ୟକାର ଚିତ୍ର ଅଙ୍କନ କରିଥାଏ । ନିଜ ମନଶ୍ଚକ୍ଷୁରେ ଅତୀତର କଳ୍ପନାକୁ ସ୍ଥିର ରଖି ଏକ ସିଦ୍ଧାନ୍ତରେ ଉପନୀତ ହୋଇଥାଏ । ନାଟକ ଇତିହାସର ସତ୍ୟ ଘଟଣା ନୁହେଁ, ଏହା ଦୃଶ୍ୟ କାବ୍ୟ । କାବ୍ୟରେ ଜୀବନର ଯେଉଁ ସତ୍ୟ ଓ ସୁନ୍ଦର ରୂପ ଦେଖାଯାଏ ତାହା ହିଁ ନାଟକର ଲକ୍ଷ୍ୟ । ଐତିହାସିକ କୀର୍ତ୍ତି ଭଳି ଇତିହାସର ଚରିତ୍ର ଆମ ସ୍ମୃତିରେ ସତେଜ ନଥାଏ । ଗଳ୍ପ, ନାଟକ, ଉପନ୍ୟାସ ଇତ୍ୟାଦିରେ ଯେତେବେଳେ ଇତିହାସ ଚରିତ୍ର ରସାନ୍ୱିତ ହୁଏ, ସେତେବେଳେ ତାହା



ଜୀବନ୍ତ ହୋଇଉଠେ । ଇତିହାସରେ ଯାହା ଆବିଷ୍କୃତ ହୋଇନାହିଁ ତାହାକୁ ନାଟ୍ୟକାର ଆବିଷ୍କାର କରନ୍ତି । ଏହି ଭଳି ଭାବରେ ଦର୍ଶକମାନଙ୍କ ସମ୍ମୁଖକୁ ଆଣିଥାନ୍ତି । ଦେଶବାସୀଙ୍କୁ ଜାତୀୟତା ଭାବରେ ଉଦ୍‌ବୋଧ କରିବ ନାଟ୍ୟକାରଙ୍କର ଲକ୍ଷ୍ୟ । ଏଥିରେ ନାଟ୍ୟକାର ଇତିହାସର କଥାବସ୍ତୁକୁ ସଂଗ୍ରହ କରିଥିଲେ ମଧ୍ୟ ଆବଶ୍ୟକ ସ୍ଥଳରେ ମୂଳଘଟଣାରେ କିଛି ପରିବର୍ତ୍ତନ କରିଥାଆନ୍ତି । ଐତିହାସିକ ନାଟକର ସଂଳାପ ଓ ଭାଷା ଗୁରୁଗମ୍ଭୀର ହୁଏ । ଏହାର ଚରିତ୍ରମାନଙ୍କର ଭାଷା, ପୋଷାକ, ଚାଲିଚଳଣି ପ୍ରଭୃତି ଇତିହାସ ଯୁଗୀୟ ହେବା ଦରକାର, ସାର୍ଥକ ଐତିହାସିକ ନାଟ୍ୟକାର ଏହି ତଥ୍ୟଗତ ଅପ୍ରଚୁରତାକୁ କଳ୍ପନା ଶକ୍ତି ସାହାଯ୍ୟରେ ପୂର୍ଣ୍ଣତା ପ୍ରଦାନ କରିଥାଏ । ଅତୀତକୁ ବର୍ତ୍ତମାନର ପଟ୍ଟଭୂମିରେ ଦେଖିବା ଲାଗି ଦର୍ଶକମାନେ ଆଗ୍ରହ ପ୍ରକାଶ କରିଥାନ୍ତି । ଏହି ସ୍ୱାଭାବିକ ଆଗ୍ରହକୁ ଚରିତାର୍ଥ କରିବା ଲାଗି ଏତିହାସିକ ନାଟକର ସୃଷ୍ଟି । ବିଚିତ୍ର ଓ ଚମକପଦ ଘଟଣାର ସମାରୋହରେ ନାଟ୍ୟକାର ଇତିହାସର ପର୍ବ ବିଶେଷକୁ ସମଗ୍ର ଭାବେ ଦର୍ଶକ ନିକଟରେ ଉପସ୍ଥାପନ କରେ ।

ଇତିହାସର ଘଟଣା ସହିତ ଇତିହାସର ରସ ଐତିହାସିକ ନାଟକରେ ଦେଖାଯାଏ । ଏହି ରସ ବିଶାଳକାୟ ଆକାଶ ମଣ୍ଡଳ ପରି । ଦର୍ଶକର ମନକୁ ଜାଗ୍ରତ କରିବା ପାଇଁ ଐତିହାସିକ ଜଗତ ପାଇଁ ନାଟ୍ୟକାରକୁ ଭାଷା ଏବଂ ଶିଳ୍ପରୀତି ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ । ବୀରରସ ହେଉଛି ଐତିହାସିକ ନାଟକର ଏକ ବିଶିଷ୍ଟ ଦିଗ । ଐତିହାସିକ ନାଟକ ରଚନାରେ ନାଟ୍ୟକାରଙ୍କ ଐତିହାସିକ ନାଟକର କଥାବସ୍ତୁ ଉପରେ ଗୁରୁତ୍ୱ ଦେବା ସହିତ ସ୍ଥାନେ ସ୍ଥାନେ ଏତିହାସିକ ସତ୍ୟତାର କ୍ଷୀଣ ପରିଚୟ ମଧ୍ୟ ଦିଆଯାଇଛି । ପରବର୍ତ୍ତୀ ଅଧ୍ୟାୟରେ ଐତିହାସିକ ଓ କିମ୍ବଦନ୍ତୀ ଆଧାରିତ ନାଟକଗୁଡିକରେ ପ୍ରତିଫଳିତ ସାମାଜିକ ଚେତନା ଓ ନାଟ୍ୟକାରଙ୍କ ସାମାଜିକ ଚିନ୍ତାଧାରାର ବିଧିବଦ୍ଧ ବ୍ୟାପକ ଅଧ୍ୟୟନ କରାଯାଇଛି ।

## ଓଡିଆ ଐତିହାସିକ ନାଟକ

ଓଡିଆ ନାଟ୍ୟସାହିତ୍ୟ ଇତିହାସରେ ୧୮୮୦ ମସିହା ଅବିସ୍ମରଣୀୟ ହୋଇ ରହିଛି । ଗୌରବାବହ ଓଡିଶା ଇତିହାସର ମୁହୂର୍ତ୍ତକୁ ରୂପ ଦେବା ପାଇଁ ଆଗେଇ ଆସିଥିଲେ ଯୋଗଜନ୍ମା ପୁରୁଷ ଗୌରୀଶଙ୍କର । ପରାଧୀନ ଉତ୍କଳ ଜାତିକୁ ଉଦ୍‌ବୋଧନ ଦେବା ପାଇଁ ନାଟ୍ୟକାର ରାମଶଙ୍କର ରାୟ ରଚନା କଲେ 'କାଞ୍ଚିକାବେରୀ' ନାଟକ । ଏହି ନାଟକ ଇତିହାସ ଚେତନା, ମାନବବାଦ, ଜାତୀୟଚେତନା ଆଦି ରେନେସାଁ ଭାବଧାରାର ଆଲୋକରେ ଗଣମାନସକୁ ସ୍ପଷ୍ଟ ଭାବେ ଆଲୋକିତ କରିଥିଲା । ନବଜାଗରଣ ଚେତନା ମାଧ୍ୟମରେ ଆଧୁନିକ ଶିକ୍ଷା ମନ୍ଦିରରେ ଯେଉଁ ବିକାଶ ଘଟିଥିଲା, ତାହାର ସ୍ପଷ୍ଟ ଶିଳ୍ପ ରୂପ 'କାଞ୍ଚିକାବେରୀ' ନାଟକରେ ପ୍ରକାଶ ପାଇଛି । ସମାଜଚେତନା, ଜାତୀୟ ଭାବାଦର୍ଶ, ସ୍ରଷ୍ଟାର କର୍ତ୍ତବ୍ୟବୋଧ ଥିଲା 'କାଞ୍ଚିକାବେରୀ'ରେ ରାମଶଙ୍କର ଶିଳ୍ପୀମାନସର ମୌଳିକ ଉତ୍ସ । ପ୍ରଥମ ଓଡିଆ ଐତିହାସିକ ନାଟକ ଆଲୋଚନା କଲା ବେଳେ ଏହାର ପଛରେ ଥିବା ଓଡିଶା ଇତିହାସର ଧାରା, ସମାଜର ଆଦର୍ଶ ନାଟକରଚନା ଅଭିନୟର ପରଂପରା ଆମର ଆଲୋଚନାର ପରିସରକୁ ଆସିଥାଏ । ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ବର୍ଣ୍ଣନାର ବିଷୟ ହେଲେ ହେଁ ଉତ୍କଳୀୟମାନଙ୍କର ଶୌର୍ଯ୍ୟ ବୀର୍ଯ୍ୟ ଗୌରବକୁ ପ୍ରକଟନ କରିବା ଥିଲା ନାଟ୍ୟକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । 'କାଞ୍ଚିକାବେରୀ'ର ଆଶାତୀତ ସଫଂଳତା ପରେ ଓଡିଶାର ଅନ୍ୟ ନାଟ୍ୟକାରମାନଙ୍କୁ ଐତିହାସିକ ନାଟକ ରଚନା କରିବା ପାଇଁ ପ୍ରେରଣା ଯୋଗାଇଥିଲା ।

ଉନବିଂଶ ଶତକର ରାମଶଙ୍କର ରାୟ ଏକ ମାତ୍ର ନାଟ୍ୟକାର ଯେ କି ଐତିହାସିକ ନାଟକ ରଚନା କରିଥିଲେ । ଏହି ସମୟରେ ଜଗମୋହନ ଲାଲ୍ ଓ କାମପାଳ ମିଶ୍ର ନାଟକ ରଚନା କରିଥିଲେ ମଧ୍ୟ ସେମାନେ ପୌରାଣିକ ଓ ସାମାଜିକ ନାଟକ ମଧ୍ୟର ସୀମିତ ହୋଇ ରହି ଯାଇଥିଲେ । ରାମଶଙ୍କର ରାୟଙ୍କର 'ଚୈତନ୍ୟ ଲୀଳା' ୧୯୦୬ ମସିହାରେ ପ୍ରକାଶ ଲାଭ କରିଥିଲେ ମଧ୍ୟ ଏହାକୁ ଐତିହାସିକ ନାଟକ କୁହାଯାଏ ନାହିଁ । କାରଣ ଚୈତନ୍ୟ ଇତିହାସର ପୁରୁଷ ହେଲେ ହେଁ ନାଟକର ଚୈତନ୍ୟ ଏକ ଭିନ୍ନ ପୁରୁଷ । ଏହାର କୌଣସି ସମ୍ପର୍କ ଇତିହାସ ସହିତ ନାହିଁ । ନାଟକରେ ନାଟ୍ୟକାର ଚୈତନ୍ୟକୁ ଜଣେ ଜାତୀୟବାଦୀ ପୁରୁଷ ବୋଲି ଉଲ୍ଲେଖ କରିଛନ୍ତି । ବିଂଶ ଶତକର ଅନ୍ୟତମ ଶ୍ରେଷ୍ଠ ପୁରୁଷ ଭିକାରୀଚରଣ ପଟ୍ଟନାୟକ । ସେ ତିନିଖଣ୍ଡ ଐତିହାସିକ ନାଟକ ରଚନା କରିଥିଲେ । 'କଟକ ବିଜୟ' (୧୯୦୧), 'ରାଜା ପୁରୁଷୋତ୍ତମ' (୧୯୨୫), 'ନନ୍ଦିକେଶ୍ୱରୀ'(୧୯୧୫) । ୧୮୮୦ ମସିହାରେ

ଯେତେବେଳେ ଇଂରେଜମାନେ ଓଡିଶା ଅଧିକାର କରିଥିଲେ ସେ ସମୟରେ ଭିକାରୀଚରଣଙ୍କ ରଚିତ 'କଟକ ବିଜୟ' ନାଟକ ଏହି ଘଟଣାକୁ କେନ୍ଦ୍ର କରି ଗଢି ଉଠିଥିଲା । ଇଂରେଜମାନେ ବାରବାଟୀ ଦୁର୍ଗ ଅଧିକାର ଓ ମରହଟ୍ଟା ଶାସନକୁ କେନ୍ଦ୍ର କରି ଏହି ନାଟକ ରଚିତ । ଏହି ସମୟରେ ଯିଏ ଓଡିଆ ନାଟ୍ୟ ସାହିତ୍ୟର ସାଧକ ନାଟ୍ୟକାରର ସମ୍ମାନ ଲାଭ କରିଛନ୍ତି, ସେ ହେଉଛନ୍ତି ପଣ୍ଡିତ ଗୋଦାବରୀଶ ମିଶ୍ର । ଯିଏ କି 'ମୁକୁନ୍ଦଦେବ' ଓ 'ପୁରୁଷୋତ୍ତମଦେବ' ନାମରେ ଦୁଇଟି ଐତିହାସିକ ନାଟକ ରଚନା କରିଛନ୍ତି । କାଞ୍ଚି ବିଜୟ କିମ୍ବଦନ୍ତୀକୁ ଆଧାର କରି ପଣ୍ଡିତ ଗୋଦାବରୀଶ ରଚନା କଲେ 'ପୁରୁଷୋତ୍ତମ ଦେବ' ନାଟକ । ସେହିପରି ଭାବରେ 'ମୁକୁନ୍ଦଦେବ' ନାଟକ ଉଗ୍ର ଜାତୀୟବାଦୀ ଚେତନା ଭିତରୁ ଜନ୍ମ ନେଇଛି । ନାଟ୍ୟକାର 'ମୁକୁନ୍ଦଦେବ' ଚରିତ୍ରକୁ ଏକ ଆଦର୍ଶ ବୀର ଚରିତ୍ରରେ ପରିଣତ କରିଛନ୍ତି ।

ଓଡିଶା ନାଟ୍ୟକଳାର ଉନ୍ନତି ପାଇଁ ପ୍ରାଣପାତ କରିଥିବା ଅନ୍ୟତମ ସ୍ରଷ୍ଟା ହେଲେ ଶ୍ରୀ ରାଧମୋହନ ରାଜେନ୍ଦ୍ର ଦେବ । ଭାରତ ଇତିହାସର ଅପୂର୍ବ ଆତ୍ମତ୍ୟାଗର ଇତିହାସକୁ ନେଇ ନାଟ୍ୟକାର ରଚନା କରିଛନ୍ତି, 'ଶ୍ରୀପତାପ' ନାଟକ । ଏହି ନାଟକ ବଙ୍ଗଳାରେ ସୁପ୍ରସିଦ୍ଧ ନାଟ୍ୟକାର ଦ୍ୱିଜେନ୍ଦ୍ର ଲାଲ୍ ରାୟଙ୍କର 'ରାଣାପ୍ରତାପ ସିଂହ' ନାଟକର ଅବଲମ୍ବନରେ ରଚିତ ହୋଇଛି । ଗୋଦାବରୀଶ ମିଶ୍ରଙ୍କ ସମସାମୟିକ ଅନ୍ୟ ଜଣେ ସଫଂଳ ନାଟ୍ୟକାର ଗୋବିନ୍ଦ ଚନ୍ଦ୍ର ଶୁରଦେଓ । ୧୯୨୦ ମସିହା ପରେ ବାସ୍ତବ ଐତିହାସିକ ନାଟକ ମୁକ୍ତିଲାଭ କରିଛି ଦୁଇଜଣ ଯୋଗଜନ୍ମା ନାଟ୍ୟକାରଙ୍କ ଲେଖନୀ ମୁନରୁ । ସେ ଦୁଇଜଣ ହେଉଛନ୍ତି 'ଅଶ୍ୱିନୀ କୁମାର ଘୋଷ' ଓ 'କାଳୀ ଚରଣ ପଟ୍ଟନାୟକ' । ଜଣେ ସୁସଫଳ ଐତିହାସିକ ନାଟ୍ୟକାର ଭାବରେ ଓଡିଶାର ନାଟ୍ୟ ଇତିହାସରେ ନାଟ୍ୟ ସମ୍ରାଟ ଅଶ୍ୱିନୀ କୁମାରଙ୍କ ସ୍ଥାନ ବହୁ ଉଚ୍ଚରେ । ଯେଉଁ ସମୟରେ ନାଟ୍ୟକାର ଲେଖନୀ ଚାଳନା କରିଥିଲେ ସେ ସମୟ ଥିଲା ଐତିହାସିକ ବା ପୌରାଣିକ ନାଟକର ଯୁଗ । ସମାଜରେ ଅଳ୍ପକେତେକ ସାମାଜିକ ନାଟକ ଆତ୍ମପ୍ରକାଶ କରିଥିଲେ ମଧ୍ୟ ଜନସାଧାରଣ ତାହାକୁ ସହଜରେ ଗ୍ରହଣ କରିପାରୁନଥିଲେ । ବହୁ ପୂର୍ବରୁ ଅନୁକୂଳ ପରିବେଶ ସୃଷ୍ଟି ହୋଇଯାଇଥିଲା । ଐତିହାସିକ ନାଟକ ରଚନା ପାଇଁ ଅସହାୟତା, ଗ୍ଳାନି ହିଁ ସ୍ରଷ୍ଟାଙ୍କୁ ଐତିହାସିକ ନାଟ୍ୟକାରଙ୍କୁ ପ୍ରେରଣା ଯୋଗାଇଥିଲା । ୧୮୬୬ ମସିହାରେ କରାଳ ନଅଙ୍କ ଦୁର୍ଭିକ୍ଷ, ୧୮୬୮ ମସିହାରେ ଭାଷା ବିଲୋପ ଆନ୍ଦୋଳନ, ଉତ୍କଳର ଦୁଃଖ ଦୁର୍ଦ୍ଦଶା ନାଟ୍ୟକାର ଅଶ୍ୱିନୀକୁମାରଙ୍କୁ ଜାତୀୟବାଦୀ କରି ଦେଇଥିଲା । ଯାହା ଫଳରେ ପରାଧୀନତାର ଗ୍ଳାନି ତତ୍କାଳୀନ ଲେଖକ ସମାଜକୁ ନାଟ୍ୟ ମନ୍ଦିର ତୋଳିବାକୁ ଆହ୍ୱାନ ଦେଇଛି । ତାର ଏକ ଆଗ୍ନେୟ ଶିଖା ନାଟ୍ୟକାର ଅଶ୍ୱିନୀକୁମାର । ୧୯୧୮ ମସିହାରୁ ୧୯୬୨ ମସିହା ମଧ୍ୟରେ ନାଟ୍ୟସମ୍ରାଟ ଅଶ୍ୱିନୀକୁମାର ୧୩ଟି ଐତିହାସିକ ନାଟକ ଲେଖିଛନ୍ତି । ସେଥିମଧ୍ୟରୁ କେତେକ ଐତିହାସିକ ଏବଂ ଅନ୍ୟ କେତେକ ଇତିହାସର ଛାୟାରେ ଅଙ୍କିତ । 'ଅଶ୍ୱିନୀକୁମାର' ଓ 'କାଳୀଚରଣ'ଙ୍କ ଆଦର୍ଶରେ ପ୍ରଭାବିତ ହୋଇ ଅନେକ ନାଟ୍ୟକାର ଓଡିଶାର ନାଟ୍ୟସାହିତ୍ୟ ଭିତରକୁ ଆସିଛନ୍ତି । ରାମଶଙ୍କର ରାୟ, ଭିକାରୀ ଚରଣ ପଟ୍ଟନାୟକ, ଗୋଦାବରୀଶ ମିଶ୍ର, ଶ୍ରୀ ରାଧାମୋହନ ରାଜେନ୍ଦ୍ର ଦେବ ଆଦି ନାଟ୍ୟକାରଗଣ ସେପରି ସଫଳତା ହାସଲ କରିପାରି ନଥିଲେ ମଧ୍ୟ ଓଡିଆ ଐତିହାସିକ ନାଟକର ଦିଗକୁ ପ୍ରସାରିତ କରିବାରେ ସାହାଯ୍ୟ କରିଛନ୍ତି । ଐତିହାସିକକୁ ଉପଜୀବ୍ୟ କରି ନାଟକ ରଚନାରେ ଯେଉଁ ଦିଗ୍‌ଦର୍ଶନ ରାମଶଙ୍କର ରାୟ ଦେଲେ ତାହାକୁ ଆଉ କିଛି ବାଟ ଆଗେଇ ନେଇଥିଲେ ନାଟ୍ୟକାର ଅଶ୍ୱିନୀ କୁମାର ଘୋଷ ।

## 'କଳାପାହାଡ' ବା 'ମୁକୁନ୍ଦଦେବ' ନାଟକରେ ଐତିହାସିକ ଓ କିମ୍ବଦନ୍ତୀ

ନାଟକ ହେଉଛି ନାଟ୍ୟକାରର ଜୀବନାନୁଭୂତିର ପ୍ରତ୍ୟକ୍ଷ ବିଭାଗ । ପର୍ବତ ଶିଖରରୁ ଝରଣା ଝରିଯିବା ପରି କବି, ଲେଖକ, ନାଟ୍ୟକାର ତା'ର ଆବେଗରେ ସବୁ କିଛି କହିଥାଏ । ନାଟ୍ୟକାର ନାଟକରେ ମୌନ । ଏହି ମୌନତା ମଧ୍ୟରେ ଥାଏ ତା'ର ଅନେକ କିଛି ପ୍ରକାଶ କରିବାର ନୀରବ ତପସ୍ୟା । ଏଇ ନୀରବ ସାଧନା ଭିତରେ ମୌନ ନାଟ୍ୟକାରର ଆତ୍ମା ସୃଷ୍ଟି କରେ କେତେକ ମୁଖରିତ ଚରିତ୍ର । ସେମାନଙ୍କୁ ନେଇ ସେ ରଚନା କରେ ତାର ନାଟ୍ୟ ପରିବାର । ଦର୍ଶକ ରଙ୍ଗ ମଞ୍ଚ ଉପରେ ଦେଖେ ସେମାନଙ୍କର ଲୀଳା ଖେଳ । ମୁଖ୍ୟତଃ ଏହି ଚରିତ୍ର ଗୁଡିକ ବସ୍ତୁଜଗତର ଓ ଭାବଜଗତର । ନାଟ୍ୟକାର ତାର ଅନୁଭୂତି ସେମାନଙ୍କ ଭିତରେ ଆତ୍ମପ୍ରକାଶ କରିଥାଏ । ନାଟକରେ ଚରିତ୍ରମାନଙ୍କୁ ଚିହ୍ନିବାକୁ ହେଲେ ନାଟ୍ୟକାରଙ୍କ ଜୀବନ ଚରିତ୍ର ଜାଣିବା ଏକାନ୍ତ ଆବଶ୍ୟକ । ଅଶ୍ୱିନୀ କୁମାରଙ୍କ ଜୀବନ ଓ ପ୍ରତିଭାର ସ୍ୱଷ୍ଟ ରୂପାୟନ ସହିତ ତାଙ୍କ ନାଟକଳାର ବିଷୟବସ୍ତୁ ସମ୍ପର୍କରେ ସବିଶେଷ ଧାରଣା ପ୍ରଦାନ ଏହି ଅଧ୍ୟୟନର ମୌଳିକ ଲକ୍ଷ୍ୟ ।



୧୯୧୫ ମମିହାରେ ଅଶ୍ୱିନୀ କୁମାରଙ୍କ ଜୀବନ –

ଇତିହାସର ଏକ ସ୍ମରଣୀୟ ବର୍ଷ। ପ୍ରଥମ ନାଟକ 'ଭୀଷ୍ମ' ଯାହାକି ରେଭେନ୍ସା କଲେଜ ମଂଚରେ ଅଭିନୀତ ହୋଇ ଆଶାତୀତ ସଫଳତା ଲାଭ କରିଥିବାରୁ ନୂଆ ନାଟକ ସୃଷ୍ଟି ପାଇଁ ଅଶ୍ୱିନୀ କୁମାର ପ୍ରେରଣା ପାଇଥିଲେ। ୧୯୧୭ ମସିହାରେ ଐତିହାସିକ ନାଟକ 'ସେଓଜି'ର ଅଭିନୟରେ ଅନୁରୂପ ସଫଳତା ମିଳିଥିବାରୁ ନାଟ୍ୟକାର ଅଧିକ ମାତ୍ରାରେ ଉତ୍ସାହିତ ହୋଇଥିଲେ, ଯାହା ଫଳରେ ନାଟ୍ୟକାର ରଙ୍ଗମଂଚ ସହିତ କ୍ରମଶଃ ଜଡିତ ହୋଇଗଲେ। ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ, କଲିକତା ରେଡିଓ ଷ୍ଟେସନ୍‌ରେ ଓଡିଆ ସମ୍ବାଦ ପଢିବା ଆରମ୍ଭ ହୋଇଥିଲା, ଅଶ୍ୱିନୀ କୁମାର ଗୋଟିଏ ବର୍ଷ ପାଇଁ ଓଡିଆ ଭାଷାରେ ସମ୍ବାଦ ପଢିବା ଦାୟିତ୍ୱ ବହନ



କରିଥିଲେ। ଓଡିଶା ବାହାରେ ରହୁଥିଲେ ବି ସେ ମାତୃଭୂମି ଓ ମାତୃଭାଷାକୁ ବହୁ ପରିମାଣରେ ଭଲ ପାଉଥିଲେ। ଯେତେବେଳେ ତାଙ୍କୁ ଟିକେ ସୁବିଧା ସୁଯୋଗ ମିଳୁଥିଲା ସେ ଓଡିଶା ଧାଇଁ ଆସୁଥିଲେ।

ନାଟ୍ୟକୃତି ପାଇଁ ଅଶ୍ୱିନୀ କୁମାରଙ୍କୁ ଉତ୍କଳ ସାହିତ୍ୟ ସମାଜ ତରଫରୁ 'ନାଟ୍ୟ ରତ୍ନାକର' ଉପାଧି ପ୍ରଦାନ କରାଯାଇଥିଲା। କଲିକତାର ପ୍ରବାସୀ ଉତ୍କଳ ସାହିତ୍ୟ ପରିଷଦ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରି 'ନାଟ୍ୟ ଭାରତୀ' ପଦବୀରେ ବିଭୂଷିତ କରିଥିଲେ। ସମ୍ବଲପୁରସ୍ଥିତ ମେହେର କଲେଜର କଳା ସଂସଦ ତରଫରୁ ତାଙ୍କୁ ୧୯୬୦ ମସିହାରେ ଅଭିନନ୍ଦିତ କରାଯାଇଥିଲା। ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ସେ ୧୯୬୧ ମସିହାରେ ସମ୍ମାନିତ ହୋଇଥିଲେ। ସେ ଯେଉଁ ଅଭିନନ୍ଦନର ପତ୍ର ପାଇଥିଲେ ସେଥିରେ ଉଲ୍ଲେଖ ଅଛି ଯେ – "ଆପଣଙ୍କର ସମଗ୍ର ଜୀବନ ଉତ୍କଳ ଭାରତୀଙ୍କର ଆରାଧାନାରେ ଯାପିତ ହୋଇଅଛି। କର୍ମମୟ ଜୀବନୀ ଆରମ୍ଭ ଓଡିଆ ଭାଷା ଓ ସାହିତ୍ୟର ପୃଷ୍ଠବିଧାନ ଲାଗି ଆପଣଙ୍କର ଗଭୀର ଅନୁରାଗିତା ଯେପରି ପ୍ରକଟିତ ହୋଇଛି, ସେହିପରି ଆପଣ ଅନବରତ ଲେଖନୀ ଚାଳନା ବଳରେ ସେହି ଆନ୍ତରିକ ଅନୁରାଗ ସାର୍ଥକତା ବାସ୍ତବ କର୍ମକ୍ଷେତ୍ରରେ ପ୍ରଦର୍ଶନ କରିଅଛନ୍ତି। ଓଡିଆ ନାଟ୍ୟ ସାହିତ୍ୟର ଯଥୋଚିତ ସମୃଦ୍ଧିର ଅଭାବ ଲକ୍ଷ୍ୟ କରି ଆପଣ ସେହି ସାହିତ୍ୟିକ ବିଭାଗର ପୁଷ୍ଟିସାଧନ ନିମନ୍ତେ ପ୍ରଗାଢ ଶ୍ରମ ସାଧନା ସ୍ୱୀକାର କରିଛନ୍ତି। ଆପଣ ଓଡିଆ ନାଟ୍ୟ ସାହିତ୍ୟର ସମୃଦ୍ଧି ସମ୍ପାଦନ କରିବାକୁ ପ୍ରବୃତ୍ତ ହୋଇ ଜାତୀୟ ଗଣଚେତନାର ସହାୟକ ରୂପେ ଐତିହାସିକ ନାଟକର ସୁରମ୍ୟ ସୌଧ ନିର୍ମାଣରେ କୃତକାର୍ଯ୍ୟ ହୋଇଅଛନ୍ତି।" ୧୯୬୬ ମସିହା ଏପ୍ରିଲ୍ ୧୫ ତାରିଖରେ 'ମଞ୍ଜଶ୍ରୀ' ଉପାଧିରେ ଭୂଷିତ ହେବା ପରେ ପରେ ତାଙ୍କର ଅସୁସ୍ଥତା ବଢି ଉଠିଲା। ଏହି ଅସୁସ୍ଥତା ଫଳରେ ମେ ମାସ ୧୯ ତାରିଖ ଦିନ ସେ ତାଙ୍କର ପରିବାର, ଆତ୍ମୀୟ ସ୍ୱଜନ, ଛାତ୍ର-ଛାତ୍ରୀ ଓ ଅଗଣିତ ପାଠକ-ପାଠିକାଙ୍କୁ ଶୋକାଭିଭୂତ କରି ଚିରଦିନ ପାଇଁ ଇହଧାମରୁ ବିଦାୟ ନେଲେ।

'ରାଧାକୃଷ୍ଣ ଆର୍ଟ ଥିଏଟର୍'ରେ 'ସାବିତ୍ରୀ' ନାଟକ ସଫଳ ଭାବେ ଅଭିନୀତ ହୋଇଥିଲା। ୧୯୧୭ ମସିହାରେ ବାସନ୍ତୀ ପେଣ୍ଡାଲ୍‌ରେ ମଞ୍ଚସ୍ଥ ହେଲା ନାଟ୍ୟକାରଙ୍କର ପ୍ରସିଦ୍ଧ ଓ ଲୋକପ୍ରିୟ ନାଟକ 'କୋଣାର୍କ'। ପ୍ରାଣକୃଷ୍ଣ ପରିଜାଙ୍କ ପ୍ରେରଣାରେ ନାଟ୍ୟକାର ଲେଖିଥିଲେ 'କୋଣାର୍କ' ନାଟକ। ଗୋପବନ୍ଧୁଙ୍କ ଧର୍ମପଦ ଖଣ୍ଡକାବ୍ୟକୁ ଭିତ୍ତି କରି ନାଟକଟି ସୃଷ୍ଟି। ପୂର୍ବର ସମସ୍ତ ରେକର୍ଡ ଭଙ୍ଗ କରି 'କୋଣାର୍କ' ପ୍ରଥମ କରି ଗୋଟିଏ ଦିନରେ ତିନି ଥର ଅଭିନୀତ ହୋଇଥିଲା। ଦିନ ୩ଟା, ସଂଧ୍ୟା ୬ଟା, ରାତି ୯ଟାରେ। 'କୋଣାର୍କ' ନାଟକଟି ଦୁଇମାସ ଧରି ବାସନ୍ତୀ ରଙ୍ଗମଂଚରେ ଅଭୀନିତ ହୋଇଥିଲା। 'କୋଣାର୍କ' ନାଟକ ହେଉଛି ନାଟ୍ୟକାରଙ୍କର ଶ୍ରେଷ୍ଠ ସୃଷ୍ଟି ଯାହା ସମଗ୍ର ଓଡିଶାରେ ଚହଳ ପକାଇଥିଲା।

'କଳାପାହାଡ' ବା 'ମୁକୁନ୍ଦଦେବ' ନାଟକରେ ଭାରତୀୟ ସମାଜର ବିଭିନ୍ନ ଦିଗ ପ୍ରତିଫଳିତ ହୋଇଛି। ହିନ୍ଦୁଧର୍ମରେ ନୈଷ୍ଟିକତାବାଦ ଓ ସଂରକ୍ଷଣ ମନୋଭାବ ନ ଥିଲା, ଏହା ଭାରତର ଇତିହାସ ଦେଖିଲେ ସ୍ପଷ୍ଟ ଜଣାପଡେ। ହିନ୍ଦୁ ଓ ମୁସଲମାନ ଦୁଇଟି ଧର୍ମ ସର୍ବଦା ବିରୋଧୀ। ଜଣେ ହିନ୍ଦୁ ଲୋକ ମୁସଲମାନ ହେଲେ ମୁସଲମାନମାନେ ତାଙ୍କୁ ଆଦର କରୁଥିବା ବେଳେ ହିନ୍ଦୁମାନେ ତାହାକୁ ହିନ୍ଦୁ ଧର୍ମରୁ ବହିଷ୍କାର କରିଥାଆନ୍ତି। ହିନ୍ଦୁମାନେ ବାଧ୍ୟବାଧ୍ୟକତାରେ ମୁସଲମାନ ହେଉଥିଲେ ହେଁ ତାଙ୍କ ପାଇଁ ହିନ୍ଦୁ ସମାଜର ଦ୍ୱାର ସବୁଦିନ ପାଇଁ ବନ୍ଦ ରହୁଥିଲା। କଳାପାହାଡ ଚରିତ୍ର ଏହି ସାମାଜିକ ନିୟମ ବିରୁଦ୍ଧରେ ଏକ ଦୃଢ ପ୍ରତିବାଦ। କେବଳ ଯେ କଳାପାହାଡ ତାହା ନୁହେଁ ବହୁ ହିନ୍ଦୁ ଲୋକ ମଧ୍ୟ ମୁସଲମାନ ହୋଇଯିବା ପରେ ସେ ଯେତେ ଚେଷ୍ଟା କଲେ ହିନ୍ଦୁ ସମାଜକୁ ଫେରି ପାରୁନଥିଲେ। ଅଥଚ ନୈଷ୍ଟିକ ହିନ୍ଦୁମାନେ ସାମାଜିକ ପରିବର୍ତ୍ତନର ଏହି ଦିଗ ପ୍ରତି ଆଦୌ ଦୃଷ୍ଟି ଦେଲେ ନାହିଁ। ଊନବିଂଶ ଶତାବ୍ଦୀରେ ଆବିର୍ଭୂତ ସଂସ୍କାରକମାନେ ଏଥିପ୍ରତି ସମାଜର ଦୃଷ୍ଟି ଆକର୍ଷଣ କରିଥିଲେ। ଅଶ୍ୱିନୀ କୁମାରଙ୍କ ରଚିତ 'କଳାପାହାଡ' ବା 'ମୁକୁନ୍ଦଦେବ' ନାଟକ ଏହି ସମସ୍ୟାର ସମାଧାନ ଦିଗରେ ଏକ ନାଟକୀୟ ପ୍ରଚେଷ୍ଟା ମାତ୍ର। 'ସେଓଜି' ନାଟକର ଆଶାତୀତ ସଫଳତା ପରେ ନାଟ୍ୟକାର ୧୯୨୨ ମସିହାରେ ରଚନା କଲେ 'କଳାପାହାଡ' ବା 'ମୁକୁନ୍ଦଦେବ' ନାଟକ। ଓଡିଶାର ଗୌରବମୟ ଇତିହାସ ଉପରେ ଏହି ନାଟକର କଥାବସ୍ତୁ ନିର୍ଭର କରିଥାଏ। ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ବୀରତ୍ୱ, ସାହସ, ଉଦାରତା, ଦେଶପ୍ରୀତିର ପରାକାଷ୍ଠା ପ୍ରତିଫଳିତ ହୋଇଛି ଏହି ନାଟକରେ। ହିନ୍ଦୁ ଧର୍ମ –


ବିଚ୍ୟୁତି ଓ କଳାପାହାଡ ଦ୍ୱାରା ହିନ୍ଦୁ ଧର୍ମର ଦେବତା ବିରୋଧରେ ବିଦ୍ରୋହ ଓ ଓଡିଶାର ଜାତୀୟତା ଜାଗରଣ ଓ ବାହାର ଶତ୍ରୁ ଅପେକ୍ଷା ଘର ଶତ୍ରୁ ପ୍ରତି ଅଧିକ ସଜାଗ ହେଉଛି ଏହି ନାଟକର ମୁଖ୍ୟ ବାର୍ତ୍ତା । କଳାପାହାଡ ଓ ମୁକୁନ୍ଦଦେବ ଉପରେ ଗୁରୁତ୍ୱ ଆରୋପ କରିଥିବାରୁ ନାଟକର ନାମକରଣ କରିବା ପାଇଁ କଷ୍ଟସାଧ୍ୟ ହୋଇଛି, ଯାହା ଫଳରେ ଏହି ଦ୍ୱିବିଧ ନାମକରଣ କରାଯାଇଛି ।

ଓଡିଶାର ଇତିହାସକୁ ନେଇ ଏହି ନାଟକ ଗଢି ଉଠିଛି, କିନ୍ତୁ 'କଳାପାହାଡ ବା ମୁକୁନ୍ଦଦେବ' ନାଟକ ଇତିହାସ ନୁହେଁ, ଇତିହାସ ସହିତ ଏହାର ପଛପଟେ ରହିଛି କିଛିଟା କଳ୍ପନାର ଭିତ୍ତିଭୂମି । ମାତ୍ର ଏହି ନାଟକଟି ଇତିହାସ ଓ କିମ୍ବଦନ୍ତୀକୁ ଆଧାର କରି ରଚିତ ହୋଇଥିଲେ ହେଁ ନାଟ୍ୟକାରଙ୍କର ସ୍ୱଭାବଜଗତର ପ୍ରଭାବ ପରିଲକ୍ଷିତ ହୋଇଥାଏ । ଏହି ନାଟକରେ ନାଟ୍ୟକାରଙ୍କର ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ନାଟ୍ୟରୂପ ଦେଇଛନ୍ତି । ମୁକୁନ୍ଦଦେବ ସେ ସମୟରେ ଉତ୍କଳର ଗଜପତି ଥିଲେ । ସେ ସମୟରେ ଇତିହାସ କହିଲେ ଲୋକମାନେ ମାଦଳା ପାଞ୍ଜିକୁ ବୁଝୁଥିଲେ । ଐତିହାସିକ କୃପାସିନ୍ଧୁ କଳାପାହାଡର ଉତ୍କଳ ଆକ୍ରମଣକୁ ଇତିହାସର ଏକ ଆତଙ୍କପଦ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି । କଳାପାହାଡ ବାରବାଟୀ ଦୁର୍ଗ ଅଧିକାର କରିବା ସହିତ କଳାପାହାଡର ଆକ୍ରମଣ ଓ ଅତ୍ୟାଚାର ଉତ୍କଳବାସୀଙ୍କ ପ୍ରାଣରେ ଆତଙ୍କ ସୃଷ୍ଟି କରିଥିଲା । ବାରବାଟୀ ହେଉଛି ଲୁହାର ବାଡ ପରି । କଳାପାହାଡ ସେହି ଦୁର୍ଗ ଅଧିକାର କରି ମୁକୁନ୍ଦଦେବଙ୍କର ରାଣୀଙ୍କୁ ବନ୍ଦୀ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ରାଣୀ ସୁନା, ହୀରା ପରି ବହୁ ମୂଲ୍ୟବାନ୍ ରତ୍ନ ଉପହାର ଦେଇ କଳାପାହାଡକୁ କିଛି ପରିମାଣରେ ଶାନ୍ତି କରିଥିଲେ । କଳାପାହାଡ ଓ ମୁକୁନ୍ଦଦେବ ଉଭୟ ନାଟକର ମୁଖ୍ୟ ଐତିହାସିକ ଚରିତ୍ର । ନାଟ୍ୟକାର ମୁକୁନ୍ଦ ଦେବଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ଓଡିଆ ଜାତିର ଗୌରବଗାନ କରିଛନ୍ତି । ମୁକୁନ୍ଦଦେବଙ୍କୁ ଇତିହାସର ବୀର ପୁରୁଷ ବୋଲି କୁହାଯାଇଥାଏ । ମୁକୁନ୍ଦଦେବଙ୍କୁ ମଧ୍ୟ ସତ୍ୟନିଷ୍ଠା, ପ୍ରତାପୀ, ଉଦାର ଓ ମାନବିକତାର ପ୍ରତୀକ ରୂପେ ନାଟ୍ୟକାର ଚିତ୍ରିତ କରିଛନ୍ତି । କଳାପାହାଡକୁ କେନ୍ଦ୍ରକରି ଅର୍ଥାତ୍ ଓଡିଶାର ପୁରପଲ୍ଲୀରେ କଳାପାହାଡକୁ ନେଇ ଦୁଇଟି ପ୍ରବାଦ ପ୍ରଚଳିତ :

"ଭଲା ରାମଚଣ୍ଡୀ ଭଲାରେ<br>
କଳାପାହାଡକୁ ଦୁଆରେ ବସାଇ<br>
ଭଲା ପାଣି ଆଣି ଗଲାରେ ।"

କିମ୍ବା

"ଅଇଲା କଳାପାହାଡ<br>
ଭାଙ୍ଗିଲା ଲୁହାର ବାଡ<br>
ପିଇଲା ମହାନଦୀ ପାଣି<br>
ସୁବର୍ଣ୍ଣ ଥାଳିରେ ହୀରା ପରଶିଲେ<br>
ମୁକୁନ୍ଦ ଦେବଙ୍କ ରାଣୀ ।"




କଳାପାହାଡ ମୁସଲମାନ ରମଣୀର ପ୍ରେମରେ ପଡି ଜାତି ହରାଇଥିଲେ । ସେ ଇସଲାମ୍ ଧର୍ମ ଗ୍ରହଣ ପରେ ହିଁ ଦୁଲିଆକୁ ବିବାହ କରିଥିଲେ । ପୁଣି କଳାପାହାଡ ହିନ୍ଦୁ ହେବା ଆଶାରେ ଜଗନ୍ନାଥ ମନ୍ଦିର ଉଦ୍ଦେଶ୍ୟରେ ଯାତ୍ରା କରିଥିଲା, କିନ୍ତୁ କଳାପାହାଡ ଜାଣି ଥିଲା ଯେ ମୁସଲମାନ ରମଣୀ ସମ୍ଭ୍ରାନ୍ତ ବଂଶର ହେଲେ ମଧ୍ୟ ହିନ୍ଦୁ ଜାତି କେବେ ବି ତାହାକୁ ସ୍ୱୀକାର କରିବେ ନାହିଁ । ମୁସଲମାନ ରମଣୀ ଦୁଲିଆ ହେଉଛି କଳାପାହାଡର ଦ୍ୱିତୀୟ ପତ୍ନୀ । ଇତିହାସରେ ଉଲ୍ଲେଖ ଅଛି ଯେ ଆକବର ମୁକୁନ୍ଦଦେବଙ୍କ ନିକଟୁ ମିତ୍ରତା ସ୍ଥାପନ କରିବା ପାଇଁ ଦୂତ ପଠାଇଥିଲା ବେଳେ ମୁକୁନ୍ଦଦେବ ମିତ୍ରତା ପାଇଁ ଆକବରଙ୍କ ଦରବାରକୁ ଦୂତ ପ୍ରେରଣ କରିଥିବା ବେଳେ ନାଟକରେ ଏହା ଭିନ୍ନ ରୂପେ ଦେଖାଇ ଦିଆଯାଇଛି, କିନ୍ତୁ ନାଟକରେ ନାଟ୍ୟକାର ମୁକୁନ୍ଦଦେବଙ୍କ ସହିତ ଆକବରଙ୍କ ବନ୍ଧୁତ୍ୱ ସ୍ଥାପନର ସୂଚନା ଆମେ ପାଉ ସତ; କିନ୍ତୁ ନାଟକରେ ଭିନ୍ନ ଭାବରେ ପ୍ରକାଶ ପାଇଛି । ଉତ୍କଳର ବୀରତ୍ୱ ଯୋଗୁଁ ଆକବର ଉତ୍କଳ ସହିତ ଶତ୍ରୁତା ନ କରି ମିତ୍ରତା କରିଛନ୍ତି । ନାଟ୍ୟକାର ଇତିହାସର ଅନୁସରଣରେ ବଙ୍ଗର ଶାସକ ଯେତେବେଳେ ଆକବରଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ, ମୁକୁନ୍ଦଦେବ ସେହି ବିଦ୍ରୋହର ଦମନରେ ତାଙ୍କୁ ସାହାଯ୍ୟ କରିଥିଲେ । ନାଟକରେ ନାଟ୍ୟକାର ମୁଖ୍ୟ ଚରିତ୍ର କଳାପାହାଡ ଓ ମୁକୁନ୍ଦଦେବଙ୍କୁ ଐତିହାସିକ ଚରିତ୍ର ବୋଲି କହିଛନ୍ତି । ପୁଣି ଆକବର, ବୀରବଲ୍, ସୁଲେମାନ୍, ମାନସିଂହ ମଧ୍ୟ ଐତିହାସିକ ଚରିତ୍ର । କଳାପାହାଡ ସମ୍ପର୍କିତ କିମ୍ବଦନ୍ତୀକୁ ନାଟ୍ୟକାର ଅତି ସୁନ୍ଦର ଭାବରେ ରୂପ ଦେଇଛନ୍ତି । ଯେଉଁ ମୁସଲମାନ ରମଣୀ ପାଇଁ କଳାପାହାଡ ମୁସଲମାନ ହୋଇଥିଲା କିମ୍ବଦନ୍ତୀ ତାହାକୁ 'ଦୁଲିଆ' ବୋଲି ନାମ ଦେଇଛି ।

କିମ୍ବଦନ୍ତୀ ଅନୁସାରେ କଳାପାହାଡ ଅନୁତପ୍ତ ହୋଇ ପ୍ରାୟଶ୍ଚିତ ଆଶାରେ ନୀଳାଚଳକୁ ଆସିଥିଲା, କିନ୍ତୁ ସେ ସେଠାରେ ପଣ୍ଡିତମାନଙ୍କ ଦ୍ୱାରା ଲାଞ୍ଛିତ, ଅପମାନିତ ହେବାରୁ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଥିଲା ଏବଂ ହିନ୍ଦୁ ଦେବାଦେବୀଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଥିଲା । ଜଗନ୍ନାଥ ମନ୍ଦିର ସମ୍ମୁଖରେ ଛିଡା ହୋଇ ପତିତପାବନକୁ ଉଦ୍ଦେଶ୍ୟ କରି ଆତୁର କଣ୍ଠରେ ସେ କହିଛି: "ପ୍ରଭୁ ପ୍ରଭୁ ! କେତେ ଦିନେ ଆଉ ଏ ପାପ ଜୀବନ ପ୍ରତି ଦୟା ହେବ ? ଡାକି ଡାକି ଦେହରୁ ରକ୍ତ ଶୁଖିଗଲାଣି, ହୃଦୟରୁ ତେଜ କମି ଗଲାଣି – ଆଉ ଯେ ଡାକି ପାରୁନାହିଁ, ପ୍ରଭୋ ! ଦେଖା ଦିଅ ପତିତପାବନ ! ଦୀନ ପ୍ରତି ଦୟା କର, ଦୀନନାଥ ।" କଳାପାହାଡ ପାପର ପ୍ରାୟଶ୍ଚିତ୍ତ ପାଇଁ ପୁରୀ ଆସିଛି କିନ୍ତୁ ପୁରୀର ପଣ୍ଡିତମାନେ ପୁନଃ ଧର୍ମାନ୍ତର ପାଇଁ ତାଙ୍କୁ ମାଡ ମଧ୍ୟ ଦେଇଛନ୍ତି । ହିନ୍ଦୁ ଧର୍ମର ଏଭଳି ସଂକୀର୍ଣ୍ଣତା ବିରୁଦ୍ଧରେ ସେ କଠୋର

ମନୋଭାବ ପ୍ରକାଶ କରିଛି । ସେ ଉତ୍‌କ୍ଷିପ୍ତ ହୋଇ ଉଠିଥିଲା କିନ୍ତୁ ସେ ମୁକୁନ୍ଦଦେବଙ୍କ ଦେଶ ପାଇଁ ତ୍ୟାଗ ଓ ଆତ୍ମଦାନ ଦେଖି ସହାନୁଭୂତିଶୀଳ ହୋଇଛି । ଏଠାରେ ନାଟ୍ୟକାର କଳାପାହାଡକୁ ହିଂସ୍ର, ନିଷ୍ଠୁର ପ୍ରତିଶୋଧ ଆକାଂକ୍ଷାରେ ସେ ପଣ୍ଡିତମାନଙ୍କୁ ସମ୍ବୋଧନ କରି କହିଛନ୍ତି । ନାଟ୍ୟକାର ଅଶ୍ୱିନୀ କୁମାର ବଙ୍ଗର ଶାସକ ସୁଲେମାନଙ୍କୁ ବିଦ୍ରୋହୀ କରିଛନ୍ତି ଏବଂ ଏହି ବିଦ୍ରୋହ ଦମନ ପାଇଁ ଆକବର ମୁକୁନ୍ଦଦେବଙ୍କୁ ନିୟନ୍ତ୍ରଣ କରିଛନ୍ତି । ଆଲୋଚ୍ୟ ନାଟକରେ ନାଟ୍ୟକାର ଇତିହାସର ମହାନ୍ ସାମରିକ ନେତା ମୁକୁନ୍ଦଦେବଙ୍କ ଉନ୍ନତ ଏବଂ ମହାନ୍ ବ୍ୟକ୍ତିତ୍ୱକୁ ସୁନ୍ଦର ଭାବେ ରୂପ ଦେଇଛନ୍ତି ।

ଓଡିଆ ନାଟ୍ୟ ସାହିତ୍ୟରେ 'କଳାପାହାଡ' ଏକ ସ୍ୱାର୍ଥକ ଦୁଃଖାନ୍ତକ ନାଟକ ବୋଲି କୁହାଯାଏ । କେବଳ ମୃତ୍ୟୁର ଅବତାରଣା ଦ୍ୱାରା ନାଟକ ଦୁଖାନ୍ତକ ହେବ ତାହା ନୁହେଁ । ଦୁଃଖନ୍ତ ନାଟକର ନାୟକର ପତନ ଓ ଅପଚୟ ଦର୍ଶିତ ହୋଇଥାଏ । କଳାପାହାଡ ନାଟକରେ କଳାପାହାଡର ମୃତ୍ୟୁ ନାଟ୍ୟକାର ଦେଖାଇ ନାହାନ୍ତି, କିନ୍ତୁ ଯାହା ଦେଖାଇଛନ୍ତି ନାଟକରେ ତାହା ମୃତ୍ୟୁ ଠାରୁ ଆହୁରି ଭୟଙ୍କର । ରାଜ୍ୟ ଜୟ ଓ ପ୍ରତିହିଂସା ସାଧନ ଜନିତ ପୂର୍ଣ୍ଣତା ମଧ୍ୟରେ ଜୀବନର ବିଫଳତା ଓ ପରାଜୟର ତା'ର ଚିର ହାହାକାର କରିଉଠିଛି । ଜୀବନ ତା' ନିକଟରେ ଜୀବନ୍ତ ମରଣ ସଦୃଶ ପ୍ରତୀୟମାନ ହୋଇଛି ।

'କଳାପାହାଡ ବା ମୁକୁନ୍ଦଦେବ' ନାଟକରେ ନାଟ୍ୟକାର ଇତିହାସର ମହାନ୍ ନେତା ମୁକୁନ୍ଦଦେବଙ୍କ ଉନ୍ନତି ଓ ମହାନ୍ ବ୍ୟକ୍ତିତ୍ୱକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । କଳାପାହାଡ କଣ୍ଠରେ ତାଙ୍କ ବୀରତ୍ୱର ପ୍ରଶଂସା କରିଛନ୍ତି । ନାଟ୍ୟକାର ଇତିହାସକୁ ଅନୁସରଣ କରି ଶିଖି, ମନାଇ ଓ ରାମଚନ୍ଦ୍ର ଦେବଙ୍କୁ ବିଶ୍ୱାସ ଘାତକ ରୂପେ ଚିତ୍ରିତ କରିଛନ୍ତି । ମୁକୁନ୍ଦଦେବଙ୍କୁ ରାମଚନ୍ଦ୍ର ଦେବ ହତ୍ୟା କରିଥିବା କଥା ମାଦଳାପାଞ୍ଜି କୁହେ । ନାଟକରେ ନାଟ୍ୟକାର ଶିଖି ହାତରେ ହିଁ ମୁକୁନ୍ଦଦେବ ନିହତ କରାଇଛନ୍ତି । ମୁକୁନ୍ଦଦେବ ଯେତେବେଳେ କ୍ଳାନ୍ତଶ୍ରାନ୍ତ ହୋଇ ଶିବିରରେ ଶୟନ କରୁଥିଲେ ସେ ସମୟରେ ଗୋପନରେ ଧୀର ପଦକ୍ଷେପରେ ସେଠାରେ ଉପସ୍ଥିତ ହୋଇଛନ୍ତି ଦୁଇଜଣ ଦେଶଦ୍ରୋହୀ ଓ ବିଶ୍ୱାସ ଘାତକ ଶିଖି ଓ ମନାଇ । ଇତିହାସର ବିବରଣୀ ଅନୁସରଣ କରି ନାଟ୍ୟକାର ମୁକୁନ୍ଦଦେବ ସମ୍ପର୍କରେ ନାଟକରେ ସମ୍ପୂର୍ଣ୍ଣ ରୂପେ ଅନୁସୃତ ହୋଇନଥିଲେ ମଧ୍ୟ ଏହି ଚରିତ୍ରର ଶୌର୍ଯ୍ୟ, ବୀର୍ଯ୍ୟ ଓ ପରାକ୍ରମକୁ ଯଥାଯଥ ଭାବରେ ପ୍ରଦର୍ଶନ କରିପାରିଛନ୍ତି । କଳ୍ପନାର ଲାଞ୍ଛନା ଓ ଅଭାଗିନୀ ଉତ୍କଳର ରାଣୀ ନାଟକରେ ସକଳ ଲାଞ୍ଛନାକୁ ଉପହାସ କରିଛନ୍ତି । ବାରବାଟୀ ଦୁର୍ଗ ଆକ୍ରାନ୍ତ ହେବା ବେଳେ ମୁକୁନ୍ଦଦେବଙ୍କ ଅନୁପସ୍ଥିତିରେ ରାଣୀ ଦୁର୍ଗ ରକ୍ଷା କରିବା ପାଇଁ ସୈନ୍ୟବାହିନୀର ନେତୃତ୍ୱ ନେଇଥିଲେ । ରାଣୀଙ୍କ ଭାଷାରେ 'ଯୁଦ୍ଧକର, ସୈନ୍ୟଗଣ ! କେବେ ପଶ୍ଚାତ୍ ପଦ ହୁଅ ନାହିଁ ଓଡିଆ ନାମକୁ କଳଙ୍କିତ କର ନାହିଁ – ଓଡିଆ ଜାତିକୁ କଳଙ୍କିତ କର ନାହିଁ । ମର, ମର ସେହି ପରି ମର – ନିଜର କର୍ତ୍ତବ୍ୟ କର – ଜୟ ପରାଜୟ ନିୟତି ହସ୍ତରେ ।'

ନାଟ୍ୟକାର ନାଟକରେ ରାମଚନ୍ଦ୍ରଦେବଙ୍କୁ ଉତ୍କଳ ଆକ୍ରମଣକାରୀଙ୍କ ହସ୍ତରେ ନିହତ କରିନାହାନ୍ତି । ଦେଶ ଦ୍ରୋହୀ, ବିଶ୍ୱାସଘାତକ ରାମଚନ୍ଦ୍ରଦେବଙ୍କ ଛିନ୍ନମସ୍ତକ ଉତ୍କଳର ରାଣୀ ହସ୍ତେ ଧରି ପ୍ରବେଶ କରିଛନ୍ତି । କିମ୍ବଦନ୍ତୀ ଅନୁସାରେ ମୁକୁନ୍ଦଦେବଙ୍କ ସ୍ତ୍ରୀ କଳାପାହାଡ ପାଇଁ ଗୋମାଂସ ପରିବେଷଣ କରାଇଛନ୍ତି । ନାଟ୍ୟକାର ଜାତୀୟ ସ୍ୱାଭିମାନ ଆଦର୍ଶ ଉତ୍କଳର ରାଣୀଙ୍କୁ ଅପମାନିତ କରିବାକୁ କୁଣ୍ଠିତ କରିନାହାନ୍ତି । କଳାପାହାଡ ରାଣୀଙ୍କ ନିକଟରେ ଉପସ୍ଥିତ ହେବା ପୂର୍ବରୁ ସେ ପୁଷ୍କରିଣୀର ଜଳରେ ଝାସ ଦେଇଥିଲେ । ମୁକୁନ୍ଦଦେବଙ୍କ ପତନ ପରେ କଳାପାହାଡ ଉତ୍କଳର ଦେବାଦେବୀମାନଙ୍କୁ ଧ୍ୱଂସ କରିବା ପାଇଁ ଅଭିଯାନ କରିଥିଲେ । ନାଟ୍ୟକାର ଅଶ୍ୱିନୀ କୁମାର ନାଟକର ପଞ୍ଚମ ଅଙ୍କର ପଞ୍ଚମ ଦୃଶ୍ୟରେ ହିନ୍ଦୁ ଜାତିର ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ନିକ୍ଷେପ କରି କହିଛନ୍ତି । "ଜ୍ୱଳ, ଜ୍ୱଳ – ଚିତା – ଆହୁରି ଧି ଧି ହୋଇ ଜ୍ୱଳି ଉଠ ହିନ୍ଦୁର ଅସ୍ଥି ଚୋବାଇଛ – ହିନ୍ଦୁର ରକ୍ତ ପାନ କରିଛ ହିନ୍ଦୁର ମଜ୍ଜା ଏବେ ଶୋଷଣ କର । ତୁମ୍ଭର ଜ୍ୱାଳା ଶାନ୍ତ ହେବ – ମୋର ମଧ୍ୟ ଜ୍ୱାଳା ଶାନ୍ତ ହେବ ଦିଅ ସୈନ୍ୟଗଣ । ଅଗ୍ନି ଲହ ଲହ ଜିହ୍ୱା ବିସ୍ତାର କିର ଜ୍ୱଳି ଉଠିଲାଣି – ଦିଅ, ବେଗେ ନିକ୍ଷେପ କର, ହିନ୍ଦୁର ସେହି ଗର୍ବର ଧନ – ହିନ୍ଦୁର ସେହି ପ୍ରାଣର ପ୍ରାଣ, ସେହି ବଡ ପିଣ୍ଡ କାଷ୍ଠ ପୁତ୍ତଳିକାକୁ । ନିମିଷକରେ, ହିନ୍ଦୁର ସର୍ବସ୍ୱ ଭସ୍ମୀଭୂତ ହୋଇଯିବ – ମୋର ମନସ୍କାମନା ପୂର୍ଣ୍ଣ ହେବ ।"


ଇତିହାସରେ ବିଶାର ମହାନ୍ତି ନାମକ ଜଣେ ଭକ୍ତ ଅର୍ଦ୍ଧଦଗ୍ଧ ଅବସ୍ଥାରୁ ନାଭିକମଳକୁ ଉଦ୍ଧାର କରିଥିଲା, କିନ୍ତୁ ଏଠାରେ ଐତିହାସିକ ବ୍ୟତିକ୍ରମ କରି ନାଟ୍ୟକାର ଅଶ୍ୱିନୀ କୁମାର ଏ ମହାନ୍ କାର୍ଯ୍ୟ ସମ୍ପାଦନ କରିଛନ୍ତି, ତିଲୋତ୍ତମା ଦ୍ୱାରା ଯିଏ କି କଳାପାହାଡର ହିନ୍ଦୁ ପତ୍ନୀ, ପୁରୁଷର ଛଦ୍ମବେଶରେ ଅଗ୍ନିରେ ଝାସ ଦେଇ ଜଗନ୍ନାଥ ମୂର୍ତ୍ତିକୁ ରକ୍ଷା କରିଛି । କଳାପାହାଡ ନାଟକରେ ନାଟକୀୟ ଦ୍ୱନ୍ଦ୍ୱ, ଉତ୍କଣ୍ଠା ଓ ରୋମାଞ୍ଚ ଇତ୍ୟାଦି ଇତିହାସର କଥାବସ୍ତୁକୁ ଭିତ୍ତି କରି ସୃଷ୍ଟି ହୋଇଛି । ନାଟ୍ୟକାର ଅଶ୍ୱିନୀକୁମାର କଳାପାହାଡ ଓ ମୁକୁନ୍ଦଦେବଙ୍କ ସମ୍ପର୍କିତ ଐତିହାସିକ ତଥ୍ୟ ଓ କିଛି କଳ୍ପନାକୁ ବହୁ ଐତିହାସିକ ତଥ୍ୟ ଓ କିମ୍ବଦନ୍ତୀ ଯେ ବଳିଷ୍ଠ ଭିତ୍ତି ପ୍ରଦାନ କରିଛନ୍ତି, ଏହା ନିଃସନ୍ଦେହରେ କୁହାଯାଇପାରେ ।

ରମ୍ୟକଳାର ମଧୁର ସ୍ପର୍ଶ ସାହିତ୍ୟର ପରିଧି ଭିତରେ ନିରସ ଇତିହାସକୁ ରସର ଝରଣାରେ ରୂପାନ୍ତରିତ କରେ । ସଫଳ ଐତିହାସିକ ନାଟକର ମୂଲ୍ୟାୟନରୁ ଏହା ଉପଲବ୍ଧ ହୁଏ । ଅଶ୍ୱିନୀକୁମାରଙ୍କ 'କଳାପାହାଡ ବା ମୁକୁନ୍ଦଦେବ' ନାଟକ ଏହାର ପ୍ରମାଣ । ଏହି ନାଟକର ପ୍ରଥମ ଅଙ୍କରେ ଗୋଟାଏ ଟ୍ରାଜିକ୍ ହିରୋର ମର୍ମବେଦନା ସହିତ ଆମେ ପରିଚିତ ହୋଇଥାଉ । କଳାପାହାଡ କେବଳ ଇତିହାସର ଚରିତ୍ରକୁ ନେଇ ରଚନା କରାଯାଇଛି ତାହା ନୁହେଁ – ତାହାର ପଛରେ ଅନେକ କିମ୍ବଦନ୍ତୀ ବି ରହିଛି । ନାଟ୍ୟକାର ନାଟକରେ ନାଟ୍ୟକଳା ସୃଷ୍ଟି କରିବା ହେଉଛି ତାଙ୍କର ପ୍ରଧାନ ଲକ୍ଷ୍ୟ । ଇତିହାସ, କିମ୍ବଦନ୍ତୀରୁ ନାଟ୍ୟକାର ଯେତିକି ଉପାଦାନ ସଂଗ୍ରହ କରିବା ସେ ମନେ କରିଛନ୍ତି, ସେତିକି ହିଁ ଗ୍ରହଣ କରିଛନ୍ତି । ଇତିହାସର ଉପାଦାନ ଭିତରେ କମ୍ପିତ ହୋଇଛି ଜୀବନର ଶାଶ୍ୱତ ଆବେଗ ।

ହିନ୍ଦୁ ମୁସଲମାନ ସଂପ୍ରଦାୟ ମଧ୍ୟରେ ଜଣେ ଅପରକୁ ହୀନଦୃଷ୍ଟିରେ ଦେଖେ । ଏଣୁ କଳାପାହାଡ ପରିସ୍ଥିତି କ୍ରମେ ରୂପପ୍ରାଣ ସୌନ୍ଦର୍ଯ୍ୟ ପିପାସୁ ଦୂର ଅତୀତର ଗୋଟିଏ ପ୍ରତିଭାଶାଳୀ ଏବଂ ପରାକ୍ରମୀ ବ୍ରାହ୍ମଣ ଯୁବକ ଭଲ ପାଇଥିଲା ଗୋଟିଏ ସମ୍ଭ୍ରାନ୍ତ ବଂଶୀୟା ମୁସଲମାନ ରମଣୀକୁ ତା'ର ରୂପ ପିପାସା ସାର୍ଥକ କରିବା ପାଇଁ ସେଦିନ ତା'କୁ କିନ୍ତୁ ଅନେକ ମୂଲ୍ୟ ଦେବାକୁ ପଡିଥିଲା– ସେ ଜଳାଞ୍ଜଳି ଦେଇଥିଲା । ତା'ର ଧର୍ମ, ଜାତି ଓ ସଂସ୍କୃତିକୁ । ତାକୁ ଭୁଲିବାକୁ ହୋଇଥିଲା ହିନ୍ଦୁପତ୍ନୀର ଅନାବିଳ ପ୍ରେମକୁ ଓ ମାତାକୁ ତାହାର ପୁତ୍ର ସ୍ନେହରୁ ବଞ୍ଚିତ ହେବାକୁ ପଡିଲା । ଜଗନ୍ନାଥଙ୍କ ପାଦ ତଳେ ମନ ପ୍ରାଣ ଉତ୍ସର୍ଗ କଲେ ତା'ର ସବୁ ପାପ ଧୋଇ ହୋଇଯିବ ବୋଲି ସେତେବେଳେ ସମାଜରେ ମଣିଷ ମାନଙ୍କର ବିଶ୍ୱାସ ଥିଲା । କଳାପାହାଡ ଚରିତ୍ର ମାଧ୍ୟମରେ ନାଟ୍ୟକାର ସୁସ୍ପଷ୍ଟ କରି ଦେଇଛନ୍ତି, ସେତେବେଳେ ସମାଜରେ ଧର୍ମ, ସଂସ୍କାର, ଯୁଦ୍ଧ ଇତ୍ୟାଦି କ୍ଷେତ୍ରରେ ପୁରୁଷ ପରି ନାରୀର କର୍ତ୍ତବ୍ୟ ମଧ୍ୟ ରହିଥାଏ । ଦୁଲିଆ, ତିଲୋତ୍ତମା ମୁଖରେ ସମନ୍ୱୟକାମୀ ମନୋବୃତ୍ତି ମଧ୍ୟରେ ଗାନ୍ଧିଜୀଙ୍କ ଅହିଂସା ଓ ଶାନ୍ତିକାମୀ ଚିନ୍ତାଧାରାର ସ୍ପଷ୍ଟ ପ୍ରଭାବ ଅନୁଭୂତ ହୁଏ । ଯଥାର୍ଥରେ ଏତିକି କହିଲେ ହେବ ଯେ କଳାପାହାଡରେ କେବଳ ସାମାଜିକ ସ୍ଥିତିର ନୁହେଁ ପରନ୍ତୁ ରାଜନୈତିକ, ଧାର୍ମିକ ସ୍ଥିତି ଓ ନାଟ୍ୟକାରଙ୍କ ସାମାଜିକ ଚିନ୍ତାଧାରାର ସ୍ପଷ୍ଟ ପରିଚୟ ମିଳିଛି । ଭାରତୀୟ ଇତିହାସର କଙ୍କାଳ ଉପରେ କିମ୍ବଦନ୍ତୀରେ ରକ୍ତମାଂସ ଓ ପାଶ୍ଚାତ୍ୟ ଶୈଳୀର ଜୀବନ୍ୟାସରେ ନାଟ୍ୟକାର ଅଶ୍ୱିନୀକୁମାର ଘୋଷ ତାଙ୍କର 'କଳାପାହାଡ ବା ମୁକୁନ୍ଦଦେବ' ନାଟକକୁ ସାର୍ଥକତା ପ୍ରଦାନ କରିଛନ୍ତି, ତାର ପଟାନ୍ତର ନାହିଁ ।


SMILE GOLD
Agarbati
JHPPL
SMILE
AN ISO 9001:2008 Certified
Since : 20years
Our Product
SMILE
SANITISER
White Phenyle
SMILE GOLD
GOLDEN CHAMPA
RAJNIGANDHA
ROSE
BLACK DIMOND
SANDALWOOD
NEEM GOLD
MALLI GOLD
LEMON GOLD
Rose Gold
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

# ଲୋଭନୀୟ



# ଲେକ୍ ଟାହୋ



# ଲେକ୍ ତାହୋ
# ଯେଉଁଠି ପ୍ରକୃତି ଗୀତଗାଏ

**ଲିପିକା ମହାପାତ୍ର**
୩୭୨୦୦, ପୋଷ୍ଟ ଷ୍ଟ୍ରିଟ୍
କାଲିଫର୍ଣ୍ଣିଆ, ଯୁକ୍ତରାଷ୍ଟ୍ର ଆମେରିକା

ଫଟୋ ସୌଜନ୍ୟ : ଲେଖିକା

କୋଭିଡ୍ ମହାମାରୀର କଟକଣାକୁ ପ୍ରାୟ ଏକ ବର୍ଷ ବିତିଯାଇଥାଏ, ଶୁଣିବାକୁ ପାଇଲୁଁ, ଲେକ୍ ତାହୋ ସହର ପର୍ଯ୍ୟଟକଙ୍କୁ ସ୍ୱାଗତ କଲାଣି । ହୋଟେଲ୍ ଓ ରେଷ୍ଟୋରାଁ ଗୁଡ଼ିକ ଖୋଲି ଗଲାଣି । ତେବେ ମୁହଁରେ ମାସ୍କ ଜରୁରୀ ! ମନରେ ଉତ୍କଣ୍ଠା, ଯଥେଷ୍ଟ ଶୀତ ବସ୍ତ୍ର ଏବଂ ସ୍ନୋରେ ଚାଲିବା ଲାଗି ଉପଯୁକ୍ତ ବୁଟ୍ ଆଦି ନେଇ- ତିନିଦିନ ଲାଗି ଆମେ ପ୍ୟାକିଙ୍ଗ୍ କଲୁ ।

ଲେକ୍ ତାହୋର ସ୍ୱଚ୍ଛ ନୀଳ ଜଳରାଶି, ଦିଗନ୍ତ ବ୍ୟାପି ପାଇନ୍ ଅରଣ୍ୟ ଆଉ ପ୍ରଦୂଷଣ ମୁକ୍ତ ପବନର ବାସ୍ନା ଯେ ସାଧାରଣ ମଣିଷର ଚେତନାକୁ କାହିଁ କେତେ ଉଚ୍ଚ ସ୍ତରକୁ ନେଇଯାଏ, ତାହା ବୁଝିହୁଏ ସେଠାରେ ବିଚରଣ କରୁଥିବା ଲୋକଙ୍କ ମୁହଁରେ ନିରୋଳା ପ୍ରଶାନ୍ତି ଦେଖିଲେ । ତୁଷାର ଋତୁରେ ମନେହେବ ସତେ ଯେମିତି ସହରଟି ଶୁଭ୍ର ପାଶମିନା ଶାଲ୍‌ଟିଏ ଘୋଡ଼ାଇ ହୋଇ ତାହୋ ହ୍ରଦ କୂଳରେ ଗ୍ରୀଷ୍ମ ଋତୁକୁ ଅପେକ୍ଷା କରି ବସି ରହିଛି । ଆମେରିକାନ୍ ଲେଖକ ମାର୍କ୍ ଟ୍ୱାଇନ୍ କହିଥିଲେ, "ଲେକ୍ ତାହୋର ଜଳ ଏଠାରେ ପନବନଠୁଁ ବି ନିର୍ମଳ ଯେଉଁ ପବନକୁ ପରୀମାନେ ନିଃଶ୍ୱାସରେ ନିଅନ୍ତି ।" ଉକ୍ତିଟିର ମର୍ମ ସେଠାରେ ପହଂଚି ସେଇ ନିର୍ମଳ ଶୀତଳ ପବନକୁ ଆକଣ୍ଠ ପାନ କଲା ପରେ ହିଁ ବୁଝିଥିଲୁ ଆମେ । ତେବେ ଏହି ହ୍ରଦର ଜଳକୁ ପାନ କରୁଥିବା ସହରବାସୀ ଓ ପଶୁପକ୍ଷୀ କେଡ଼େ ଭାଗ୍ୟବାନ୍ ସତରେ !

ସମୁଦ୍ର ପଉନଠୁଁ ପ୍ରାୟ ଛବିଶ ଶହ ଫୁଟ୍ ଉଚ୍ଚରେ କାଲିଫର୍ଣ୍ଣିଆ ଓ ନେଭାଡ଼ା ରାଜ୍ୟର ସୀମା ରେଖାକୁ ଦୁଇ ଭାଗ କରି ହ୍ରଦଟି ଆମେ ରହୁଥିବା ଫ୍ରିମଣ୍ଟ ସହରରୁ ଦୁଇଶହ ମାଇଲ୍ ଅର୍ଥାତ୍ ଗାଡ଼ିରେ ଗଲେ ପ୍ରାୟ ଚାରି ଘଣ୍ଟାର ରାସ୍ତା । ସପ୍ତାହେ ପୂର୍ବରୁ ହୋଟେଲ୍ ରିଜର୍ଭ କରିଦେଲୁ । ବର୍ଷ ବ୍ୟାପି ହୋଟେଲ୍ ଗୁଡ଼ିକରେ 'ନୋ-ଭାକାନ୍ସି' ପଛର ମୂଳ କାରଣଟି ହେଉଚି, କୋଭିଡ୍ ନିୟମ ଯୋଗୁଁ କିଛି ଲୋକ ଘରୁ ହିଁ ଅଫିସ୍ କାମ କରୁଥିଲେ । ଏବଂ ସେହି ଭାଗ୍ୟବାନ୍ ଲୋକେ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକୁ ନିଜର ଅଫିସ୍ ବନେଇଥିଲେ, କାରଣ, ସେମାନଙ୍କ ପରିବାର ଛୁଟି ମନାଇ ପାରିବେ ।

ଘରଠୁଁ ପ୍ରାୟ ଦୁଇ ଘଣ୍ଟା ଛୋଟ ବଡ଼ ସହର, କଳ କାରଖାନା ଆଦି ଅତିକ୍ରମ କଲା ପରେ ପ୍ରକୃତିର ଶାଢ଼ିରେ ଅଙ୍କା ବଙ୍କା ଚିତ୍ରିତ ରାସ୍ତାଟିରେ କାର୍ ଆମର ଛୁଟିଥିଲା । ମାଇଲ୍ ମାଇଲ୍ ଧରି ପାହାଡ଼ ଉପତ୍ୟକା, ପାଇନ୍ ଜଙ୍ଗଲ, ତୁଷାରାବୃତ୍ତ ପାହାଡ଼ ଆଉ ରାସ୍ତା ସମାନ୍ତରାଳରେ ଝରଣାର କୁଳୁକୁଳୁ ଦେଇ ପଥଟିରେ ଗଲାବେଳେ ମନେହେଉଥାଏ ସତେକି ପ୍ରକୃତି ତୁମ ପାଖରେ ବସି ପଡ଼ି ଗୁଣୁଗୁଣୁ ଗୀତ ଗାଉଛି ! ଘାଟି ରାସ୍ତା ଧାରରେ ଠାଏ ଠାଏ ଗାଡ଼ି ରଖି ପର୍ବତ ବଳୟିତ ଉପତ୍ୟକାକୁ ଦେଖିବାର ବନ୍ଦୋବସ୍ତ ଥାଏ । ଅତ୍ୟଧିକ ତୁଷାରପାତ ସମୟରେ ଗାଡ଼ିଗୁଡ଼ିକର ଟାୟାର୍‌ରେ ଚେନ ଲଗାଇବା ବାଧ୍ୟତାମୂଳକ । ପାଗ ଅନୁକୂଳ ଥିବାରୁ ଆମକୁ ଚେନ୍ ଲଗାଇବାକୁ ପଡ଼ିନଥିଲା ।

ଦୁଇ ତିନୋଟି ଜାଗାରେ କାର୍ ପାର୍କ କରି ଆମେ ଫଟୋ ଉଠାଇଲୁ । ସେଠାରେ ଅଟକିଥିବା ବିଶେଷକରି ଅଭିଭାବକଙ୍କ ସହ ଆସିଥିବା ଟିନ୍ ଏଜ୍ ପିଲାଙ୍କ ମୁହଁରେ ଗାମ୍ଭୀର୍ଯ୍ୟ ଦେଖିଲେ ଲାଗୁଥାଏ ଯେମିତି ସେମାନଙ୍କୁ ବାଧ୍ୟ କରାହୋଇଛି ଏଠାକୁ ଆସିବା ଲାଗି । ନହେଲେ ସାଙ୍ଗସାଥୀଙ୍କ ମହଲରେ ଭିଡ଼ିଓ ଗେମ୍ କିମ୍ବା ସେପରି କିଛି ଅଧିକା ସୁଖ ଦେଉଥିବା ଉପାଦାନ ସହ ଜଡ଼ିତ ଥାଆନ୍ତେ ।

ସାନପିଲାଙ୍କ କଥା ଅଲଗା । ତୁଷାର ଦେଖିବାର ଅଭିଜ୍ଞତାକୁ ମସ୍ତିଷ୍କ ପେଡ଼ିରେ ସାଉଁଟୁଥାନ୍ତି । ତୁଷାରର ପେଣ୍ଡୁ ବନାଇ ନିଜ ନିଜ ମଧ୍ୟରେ ଫୋପାଡ଼ି ଖେଳ ଆରମ୍ଭ କରି ଦେଇ ଥାଆନ୍ତି (ବୟସ୍କମାନେ ବି ସେ ଶିଶୁ ସୁଲଭ ଚପଳତାରୁ ବାଦ୍ ପଡ଼ି ନଥାନ୍ତି) । ପାଦ ପୋତି ହୋଇ ପଡୁଥାଏ ଫୁଟେ ଲେଖାଁ ତୁଷାରରେ ଯେଉଁଠୁ ସେମାନେ ବାହାରିବାକୁ ନାରାଜ ।

ସେଦିନ ଆମ ହୋଟେଲରେ ପହଂଚିଲା ବେଳକୁ ଅପରାହ୍ନ ତିନିଟା । ରୁମ୍‌ରେ ପହଂଚି ଦୀପକ କହିଲେ, ମୁଁ ଟିକିଏ ବିଶ୍ରାମ ନେବି, ଡ୍ରାଇଭିଂ ଯୋଗୁଁ କ୍ଲାନ୍ତ । ହୋଟେଲଠୁଁ ପାଦରେ ଚାଲି ଚାଲି ଗଲେ ଦୁଇ ମିନିଟ୍ ଦୂରତାରେ କ୍ୟାଶିନୋ ଆଡ଼େ ମୁଁ ଏକା ବାହାରିଗଲି । କାଲିଫର୍ଣ୍ଣିଆର ନିୟମ ହେଲା କ୍ୟାଶିନୋ ସବୁ ନେଟିଭ୍ ଇଣ୍ଡିଆନ୍ (ଆମେରିକାର ଆଦିମ ଅଧିବାସୀ)ମାନଙ୍କ ଜମିରେ ହିଁ ରହିବ । କ୍ୟାଶିନୋରୁ ଲାଭର ଗୋଟିଏ ଅଂଶ ନେଟିଭ ଇଣ୍ଡିଆନ୍ ଜନଜାତିକୁ ଦିଆହୁଏ ।



▲ ଲେଖିକା ଲିପିକା ମହାପାତ୍ର



କିନ୍ତୁ ନେଭାଡ଼ା ରାଜ୍ୟରେ ସେ ନିୟମ ନାହିଁ । ନେଭାଡ଼ାର 'ଲସ୍ ଭେଗାସ୍' ସହର ତାହାର ଶହଶହ କ୍ୟାଶିନୋ ଯୋଗୁଁ ସନ୍‌ସିଟି ବା ପାପର ସହର ଭାବରେ ବିଖ୍ୟାତ । ନେଭାଡ଼ା ରାଜ୍ୟର ଅନ୍ୟତମ ସହର 'ରେନୋ' ବି କ୍ୟାଶିନୋ ଇଣ୍ଡଷ୍ଟ୍ରୀରୁ ବେଶ୍ ଲାଭବାନ । ସେଇ କାରଣରୁ 'ଲେକ୍ ତାହୋ'ର କ୍ୟାଶିନୋ ଗୁଡ଼ିକ କାଲିଫର୍ଣ୍ଣିଆ ସୀମାରେଖା ଆରପାଖେ ନେଭାଡ଼ା ଷ୍ଟେଟ୍ ଲାଇନ୍‌ରେ ଅବସ୍ଥିତ ।

କ୍ୟାଶିନୋର ଅତ୍ୟାଧୁନିକ ସମ୍ଭ୍ରାନ୍ତ କୋଠାର ଉପହାର ଓ ଅଳଙ୍କାର ଦୋକାନ ଗୁଡ଼ିକରେ ହୀରା, ମୋତି, ପଥର ଖଞ୍ଜା ବ୍ରେସ୍‌ଲେଟ୍, ହାର ଆଦି ଶୋ-କେସ୍‌ର ସ୍ୱତନ୍ତ୍ର ଆଲୋକସଜ୍ଜାରେ ଝଲମଲ କରୁଥାଏ । ଏଠାକୁ ଆସୁଥିବା କିଛି ଲୋକଙ୍କ ପାଣି ପରି ଉଡ଼େଇ ଦେଉଥିବା ଡଲାର୍‌ରୁ କ୍ୟାଶିନୋ ସଂସ୍ଥା ତିଷ୍ଠି ରହିଛି । ତେଣୁ 'ଅତିଥି ଦେବୋ ଭବ' ଏହି ଉକ୍ତିରେ କ୍ୟାଶିନୋ ସଂସ୍ଥା ଗୁଡ଼ିକ ତୀବ୍ର ଭାବରେ ବିଶ୍ୱାସ ରଖନ୍ତି । ସ୍ଲଟ୍ ମେସିନ୍‌ରୁ ଲୋକଟିଏ ଉଠିଗଲା ମାତ୍ରେ ମେସିନ୍‌କୁ ଜିବାଣୁ ମୁକ୍ତ କରିବା ଲାଗି କର୍ମୀ ଜଣେ ପୋଛି ପରିଷ୍କାର କରି ଦେଇଥାଏ । ୱେଟର୍ ମାନେ ଚାହା, କଫି, କକ୍‌ଟେଲ୍ ଧରି ଘୂରି ବୁଲୁଥାନ୍ତି । ସେସବୁ କ୍ୟାଶିନୋ ହାଉସ୍ ତରଫରୁ କଂପ୍ଲିମେଣ୍ଟାରି ପରିବେଷଣ କରାଯାଏ ।

ତହିଁ ଆରଦିନ ସକାଳୁ ଝରକା କାଚ ଦେଇ ବାହାରକୁ ଅନାଇଲି । ରାସ୍ତାକଡ଼ର ତୁଷାର ଗଦା ଉପରେ ସୂର୍ଯ୍ୟ କିରଣ ପଡ଼ି ସଜ ଟଗର ଫୁଲର ଶୁଭ୍ରତା ନେଇ ଝଟକୁଥାଏ । ସକାଳ ସାତଟାରେ ଆମ ହୋଟେଲ୍‌ରେ କମ୍ପ୍ଲିମେଣ୍ଟାରି ବ୍ରେକ୍‌ଫାଷ୍ଟ୍ ରାସ୍ତା ଆରପାଖରେ ଏକ ବିଲ୍ଡିଂରୁ ଆଣିବାକୁ ପଡ଼ିବ । ମାସ୍କ ଓ ଓଭର କୋଟ୍‌ର ଉଷୁମ ଭିତରେ ମୁଁ ବାହାରିଗଲି ରାସ୍ତାକୁ । ପବନ ଏତେ ସତେଜ ଥିଲା ଯେ ମୁଁ ଫୁଲର ବାସ୍ନା ପରି ଆଘ୍ରାଣ କରିନେଲି । ଆମ ଦୁହିଁଙ୍କ ପାଇଁ, ବେଗଲ୍, ଅରେଞ୍ଜ୍, ଜୁସ୍, ଦୀପକଙ୍କ କଫି ନେଇ ଆସିଲା ବେଳକୁ ସେ ଶୋଇଥାଆନ୍ତି । ରୁମ୍‌ର ମାଇକ୍ରୋୱେଭ୍‌ରେ ମୁଁ ମୋ ପାଇଁ ଚାହା ବନେଇଲି ।

ସେଦିନ ଆମେ ବାହାରିଗଲୁ 'ହେଭେନ୍‌ଲି'ଆଡ଼କୁ । ଅଦୂରରେ ସ୍ନୋ ସ୍କି ପାଇଁ ଲୋକପ୍ରିୟ ପାହାଡ଼ଟିଏ । ସ୍କି ପ୍ରେମୀ ସ୍କିର ମଜା ନେଲାବେଳେ ସେମାନଙ୍କ ଉଲ୍ଲାସ ପରିବେଶକୁ ଉତ୍ସବ ମୁଖର କରିଥାଏ । ଆମେ ଦୁହେଁ ସ୍କି କରୁନା ତେବେ ହାଇକିଂରେ ଯାଉଁ । ସେଦିନ କିନ୍ତୁ ଗୋଟିଏ ରେସ୍ତୋରାଁର ପୋର୍ଟିକୋରେ ନିଆଁ ପାଖରେ ବସି କାଚ କାନ୍ଥଦେଇ ବାହାରକୁ ଚାହିଁଥାଏ, ଦୀପକ ଖାଦ୍ୟ ଅର୍ଡ଼ର କଲେ । ଆଲୁମିନିୟମ୍ ଫଏଲ୍‌ରେ ଗୁଡ଼ାହୋଇ ଛୋଟ ପେଣ୍ଡୁ ପରି ଗୋଟିଏ ପଦାର୍ଥ ଅନେକଙ୍କ ପ୍ଲେଟ୍‌ରେ ଦୃଶ୍ୟ ହେଉଥାଏ । ୱେଟର୍ ପହଂଚି ସେହି ଦୃଶ୍ୟଟିକୁ ଆମ ଟେବୁଲ୍‌ରେ ରଖିଦେଇ କହିଲା- "ଏଞ୍ଜୟ ।" ଆଲୁମିନିୟମ୍ ଫଏଲ୍ ଖୋଲିଲି, ବାମ୍ଫ ବାହାରୁଥିବା ସେଇ ଚିଜଟି ହେଉଛି, ବେକ୍‌ଡ୍ ପଟାଟୋର ଚିଜ୍ ଓ ବ୍ରକଲି ଷ୍ଟଫିଙ୍ଗ୍ । ଓଡ଼ିଆଙ୍କ ପ୍ରସିଦ୍ଧ ଆଳୁ ପୋଡ଼ା ।

ଦୈନନ୍ଦିନ ଜୀବନରେ, ଦୋକାନ ଯିବା, ବନ୍ଧୁ ପରିଜନଙ୍କ ଭେଟ ଇତ୍ୟାଦି ଯାହା ସବୁ ଆମେ ନିଶ୍ୱାସ ପ୍ରଶ୍ୱାସ ପରି ଗ୍ରହଣ କରିନେଇଥିଲୁ କିଏ ଭାବିଥିଲା ଦିନେ ତାହା ଆମ ହାତରୁ ଖସିଯିବ ବୋଲି, କଣ୍ଟା ଚାମୁଚରେ ଟିକିଏ ଟିକିଏ ଆଳୁ ମୋ ପାଟିରେ ମିଳାଇ ଗଲା ବେଳେ ଏହି ଭାବନାଟି ମୋ ମନରେ ଆସୁଥାଏ । ବର୍ଷଟିଏ ଗୃହବନ୍ଦୀ ପରେ ସାମାନ୍ୟ ଗଛଲତା, ମାଟି, ଆକାଶ ବି ମନରେ କିପରି ଶିହରଣ ଭରି ଦେଉଥାଏ ତାହା ଏଠାରେ ଉପସ୍ଥିତ ଲୋକଙ୍କ ମୁହଁ ଦେଖିଲେ ବୁଝିହେବ । ସତେକି ପ୍ରିୟତମାକୁ ଭେଟୁଛନ୍ତି ଅନେକ ଦିନର ବ୍ୟବଧାନ ପରେ । ସଭିଏଁ ନିଜ ନିଜ ଢଙ୍ଗରେ ବିହ୍ୱଳ ।



ଲେକ୍ ତାହୋ



ପୃଥିବୀର ସବୁଠାରୁ ବିଶାଳ ସ୍ୱଚ୍ଛ ଜଳର ହ୍ରଦ ହେଉଛି– ଲେକ୍ ତାହୋ ! ସ୍ୱଚ୍ଛତା ମାପିଲେ ଏହାର ଜଳ ୯୯.୯୯୪% ସ୍ୱଚ୍ଛ ଯାହା ବଜାରରେ ଉପଲବ୍ଧ ଡିସ୍‌ଟିଲ୍ଡ ୱାଟର୍ ବଟଲ୍‌ର ପିଇବା ପାଣି ସହ ପ୍ରାୟ ସମାନ । ଏହି ହ୍ରଦର ପାଣି ତଳେ ଯଦି ଗୋଟିଏ ଧଳା ଗୋଲାକାର ଟେବୁଲ୍ ରଖାଯାଏ ତାହା ଅଶି ଫୁଟ ତଳୁ ମଧ୍ୟ ସ୍ପଷ୍ଟ ଦିଶିବ । ଏଥିରେ ଅନୁମାନ କରିହେବ 'ଲେକ୍ ତାହୋ'ର ଜଳ କେତେ ପରିମାଣରେ ନିର୍ମଳ । ଗୋଟିଏ, ଦୁଇଟି ହୋଟେଲ୍‌କୁ ଛାଡ଼ିଦେଲେ ହ୍ରଦ ନିକଟରେ ପରିବେଶ ଅକ୍ଷୁର୍ଣ୍ଣ ରହିଛି । ପରିବେଶ ଅକ୍ଷୁର୍ଣ୍ଣ ରଖିବାର ବାର୍ତ୍ତା ଏଠାରେ ଘରେ ଘରେ ଅଭିଭାବକ ମାନେ ସେମାନଙ୍କର ଉତ୍ତର ପୁରୁଷକୁ ହସ୍ତାନ୍ତର କରିଥାନ୍ତି । ଛୋଟ ପିଲାଟିଏ ମଧ୍ୟ କାଗଜ ନାପ୍‌କିନ୍ ଧରି ଡଷ୍ଟ୍‌ବିନ୍ ଖୋଜିବ । ନହେଲେ ଏଇ ହ୍ରଦ କୂଳରେ ଆବର୍ଜନାର ସ୍ତୁପ ଦେଖିବାକୁ ମିଳିନଥାନ୍ତା କି ?

ଦ୍ୱିତୀୟ ଦିନ ଆମେ ଡ୍ରାଇଭ୍‌ରେ ବାହାରିଲୁ । ଲେକ୍ ତାହୋକୁ ଘେରି ରହିଥିବା ରାସ୍ତାଟିଏ, ଉଭୟ ପାର୍ଶ୍ୱରେ ପାଇନ୍ ଅରଣ୍ୟ ଦେଇ କାର୍ ଆମର ଛୁଟି ଯାଉଥାଏ । ସହରର ଏତେ ନିକଟରେ ଅରଣ୍ୟର ସହାବସ୍ଥାନ ଦେଖିଲେ ଲାଗୁଥାଏ ସତେ ଯେମିତି ଅରଣ୍ୟ ଓ ସହର ମଧ୍ୟରେ ଏକ ଅଦୃଶ୍ୟ ବୁଝାମଣା ହୋଇଛି । ଅରଣ୍ୟ କୋଳରେ ଥିବା ସୁନ୍ଦର ଘରଗୁଡ଼ିକୁ ପ୍ରହରୀ ପରି ଜଗିଛନ୍ତି ଗଛମାନେ ଏବଂ ଛୋଟ ସହରଟି ଭିତରେ ଆକାଶ ଆଡ଼କୁ ଲମ୍ବିଯାଇଥିବା ବିଶାଳ ପାଇନ୍ ଗଛମାନଙ୍କ ଉପସ୍ଥିତି ଦେଖିମାନେ ହେଉଥାଏ ସତେକି ସେମାନେ ସହର ବୁଲି ବାହାରିଛନ୍ତି ।

ସେଦିନ ଡ୍ରାଇଭ୍‌ରେ ଅନେକ ସମୟ ଅତିବାହିତ କରି ହୋଟେଲ୍‌କୁ ପ୍ରତ୍ୟାବର୍ତ୍ତନ କଲାବେଳକୁ ସନ୍ଧ୍ୟା ପ୍ରାୟ । ଅଦୂରରେ ଘର ଗୁଡ଼ିକ ଚିମିନିରୁ ଧୂଆଁ ଉଠୁଥାଏ । ସହରବାସୀ ରାତ୍ରିଭୋଜନ ପାଇଁ ପ୍ରସ୍ତୁତ ହେଲେଣି । କେତେଗୁଡ଼ିଏ କ୍ୟାଶିନୋ ସାରା ରାତି ଖୋଲା ରହେ । ରାତି ବେଶୀ ହେଲେ ଯେ କ୍ୟାଶିନୋରୁ ସେ କ୍ୟାଶିନୋ ଘୂରି ବୁଲୁଥିବା କେତୋଟି ନିରାଶ ଜୁଆଡ଼ି ଆଉ ମଦ୍ୟପଙ୍କୁ ଭେଟିବା ଅସମ୍ଭବ ନୁହେଁ । ସେଦିନ ହୋଟେଲ୍ ରୁମ୍‌ରେ ମନ ପସନ୍ଦ ସିନେମାଟିଏ ଦେଖି ଆମେ ନିଦ୍ରାଗଲୁ ।

ସୋମବାର ଦିନ, ଦୀପକ ହୋଟେଲ୍ ରୁମ୍‌ରୁ ଅଫିସ୍ କମ କରିବା ଆରମ୍ଭ କଲେ । ମୁଁ ସ୍ଥିର କଲି ଦିନ ତମାମ ଆଖପାଖରେ ବୁଲି ମୋ କ୍ୟାମେରା ଲେନ୍ସରେ ସହରକୁ କଏଦ୍ କରିବି । ସୋମବାର ହେତୁରୁ ଅନେକ ପର୍ଯ୍ୟଟକ ଲେଉଟି ଯାଇଥାନ୍ତି । ଦୋକାନ, ରେଷ୍ଟୋରାଁ ଆଦିରୁ ପୂର୍ବରାତ୍ରିର ଗହଳ ଚହଳ ନିଆଁରେ ପାଣି ପକାଇଲା ପରି ଥଣ୍ଡା ପଡ଼ି ଯାଇଥାଏ । ଧାଡ଼ି ହୋଇଥିବା କ୍ୟାଶିନୋ ସାମ୍ନାରେ ଅନିର୍ଦ୍ଦିଷ୍ଟ ଭାବରେ ବୁଲି ବୁଲି ମୁଁ ସୁନ୍ଦର କଳାକୃତି ସବୁ ଦେଖିବାକୁ ଲାଗିଲି ।

ଆମେରିକାନ ତଥା ବିଶ୍ୱବାସୀଙ୍କ ହୃଦୟ ଜୟ କରିଥିବା ସତୁରି ଦଶକର ରକ୍ ଆଣ୍ଡ ରୋଲ୍ କିଙ୍ଗ୍ 'ଏଲଭିସ୍ ପ୍ରେସ୍‌ଲି'ଙ୍କ ସ୍ମୃତିରେ ହାର୍ଡ ରକ୍ କ୍ୟାଶିନୋ ଆଗରେ ତିଣ ଦ୍ୱାରା ପ୍ରସ୍ତୁତ ବାର ଫୁଟ୍‌ର ଗିଟାର୍ ବେଶ ଆକର୍ଷଣୀୟ । ତା'ପାଖକୁ ହାରାଶ୍ କ୍ୟାଶିନୋ ଦ୍ୱାରା ମୁହଁରେ ବାର ଫୁଟ୍‌ର ବ୍ରୋଞ୍ଜ୍ ନିର୍ମିତ ଅଶ୍ୱାରୋହୀ ଏତେ ଜୀବନ୍ତ ଦିଶୁଥାଏ ଯେ ମନେ ହେଉଥାଏ ନିମିଷକ ମଧ୍ୟରେ ସେଇ ସ୍ୱାସ୍ଥ୍ୟବାନ୍ ଘୋଡ଼ାଟି ରାସ୍ତାକୁ ଓହ୍ଲାଇଯିବ । ଭାବିଲି ଯଦି ରାସ୍ତାରେ ଯାନବାହାନ ଗୁଡ଼ିକ ଘୋଡ଼ା ପାଲଟି ଯାଆନ୍ତେ ତେବେ ମୋଟର ଇଞ୍ଜିନ୍‌ର କର୍କଶ ବଦଳରେ ଘୋଡ଼ା ଟାପୁର ଜୀବନ୍ତ ଧ୍ୱନି ଶୁଣିବାକୁ ମିଳନ୍ତା । ଭଲ ଲାଗନ୍ତା କିନ୍ତୁ ।

ପରଦିନ ଭୋରୁ ଆମେ ସହର ଛାଡ଼ିଲୁ । ପାହାଡ଼ ମଧ୍ୟ ଦେଇ ରାସ୍ତାଟିରେ ଆମେ ତଳକୁ ଖସୁଥାଉ । ପଛରେ ଛାଡ଼ି ଆସୁଥାଉ ପାହାଡ଼, ପାଇନ୍ ଜଙ୍ଗଲ, ଦିଗ୍‌ବଳୟରେ ହ୍ରଦ, ସବୁ ନିର୍ଜନ ନିରବ, ମୋର କିନ୍ତୁ ମନେହେଉଥାଏ ସତେ ଯେମିତି ସେମାନେ ନିଜ ନିଜ ଭିତରେ ବେଶ୍ କଥାବାର୍ତ୍ତାରେ ମଜ୍ଜି ରହିଛନ୍ତି । ପବନରେ ମଧ୍ୟେ ମଧ୍ୟେ ପାଇନ୍ ଗଛର ପତ୍ରରେ ଜମିଥିବା ତୁଷାର ଝରିବାର ଶବ୍ଦ, ଝରଣାର କୁଳୁକୁଳୁ, ଅଜଣା ପକ୍ଷୀଙ୍କ କାକଳି, ଆଃ...ଟିକିଏ କାନ ଡେରିଲେ ସେମାନେ ତୁମକୁ କେବଳ ମଧୁର ସଙ୍ଗୀତ ହିଁ ଶୁଣାଇବେ ।



# ଭଦ୍ରକର ଭଦ୍ରକାଳୀ

# ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ

# ମା ଭଦ୍ରକାଳୀ

**ନାରାୟଣ ରାଉତରାୟ**

ଉପୁଳାଇ, ନଗୁଆଁ, ଯାଜପୁର ରୋଡ୍, ଯାଜପୁର
ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ



ଲେଖକ ନାରାୟଣ ରାଉତରାୟ

ଗାଁ ରୁ ସହର ଭଦ୍ରକର କାଳୀପୂଜା କହିଲେ ପିଲାଠାରୁ ବୁଢା ପର୍ଯ୍ୟନ୍ତ ଜାଣନ୍ତି । ପ୍ରତିବର୍ଷ କାଳୀପୂଜା ଅବସରରେ ଭଦ୍ରକ ସହରରେ ତଥା ଆଖପାଖ ଅଂଚଳରେ ମୃଣ୍ମୟୀ ମୂର୍ତ୍ତୀ ପୂଜା କରାଯିବା ସଙ୍ଗେ ସଙ୍ଗେ ସାତ ଦିନ ଧରି ପାଳନ କରାଯାଉଥିବା ମନୋରଂଜନକୁ ଉପଭୋଗ କରିବା ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁ ତଥା ଦର୍ଶକ ଭିଡ ଜମାଇ ଥାଆନ୍ତି । ଏ ଭିଡକୁ ଦେଖି ମନରେ ଉତ୍କଣ୍ଠା ଜାତ ହେଲା ଭଦ୍ରକର ଭଦ୍ରକାଳୀ ପୀଠକୁ ଶ୍ରଦ୍ଧାଳୁ ମାନେ ବୋଧେ ଭୁଲି ଯାଉଛନ୍ତି । ସେମାନଙ୍କୁ ଭଦ୍ରକାଳୀଙ୍କ ସମ୍ପର୍କରେ ସମ୍ୟକ ଧାରଣା ଦେବା ପାଇଁ ଭଦ୍ରକ ସହରର ମୋଗଲତାମସା ନିର୍ଦ୍ଦେଶକ ଗୌରାଙ୍ଗ ବାରିକଙ୍କୁ ସଙ୍ଗରେ ଧରି ଭଦ୍ରକ ସହରରୁ ୫ କିଲୋମିଟର ଦୂରରେ ଅବସ୍ଥିତ ଭଦ୍ରକାଳୀ ପୀଠକୁ ତଥ୍ୟ ସଂଗ୍ରହ ନିମନ୍ତେ ବାହାରିଲୁ । ସେଠାରୁ ଫେରିଲା ପରେ ଭଦ୍ରକାଳୀଙ୍କ ସମ୍ପର୍କରେ ଏଇ ମନୋରମ ଉପସ୍ଥାପନା ।

ଓଡିଶାରେ ଶକ୍ତି ଉପାସନାର ଧାରା ଅତି ପ୍ରାଚୀନ । ନିର୍ଦ୍ଦିଷ୍ଟ ଭାବରେ ଏହାର ସମୟ ନିରୂପଣ କରାଯାଇ ପାରିନଥିଲେ ମଧ୍ୟ ୫ମ ଶତାବ୍ଦୀ ବେଳକୁ ଶକ୍ତି ପୂଜା ଆରମ୍ଭ ହୋଇଯାଇଥିଲା ବୋଲି ଗବେଷକମାନଙ୍କ ମତ । ଉତ୍କଳୀୟ ଆଧ୍ୟାତ୍ମିକ ପରମ୍ପରାରେ ଶକ୍ତି ଉପାସନା ସ୍ଥଳୀକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ଗୋଟିଏ ହେଲା ଦେବୀ ମଣ୍ଡପ, ଯେଉଁଠି ମା'ଙ୍କ ମୃଣ୍ମୟୀ ପ୍ରତିମା ସ୍ଥାପନ କରାଯାଇ ପୂଜା କରାଯାଏ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ । ଅନ୍ୟଟି ହେଲା ଶକ୍ତି ପୀଠ ପାରମ୍ପରିକ ରୀତିନୀତିରେ ମା' ଏହି ପୀଠରେ ପୂଜା ପାଆନ୍ତି ସାରା ବର୍ଷ । ଓଡିଶାରେ ବିଶେଷ ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ଶକ୍ତି ପୀଠ ଗୁଡିକ ହେଲେ ଯାଜପୁରର ବିରଜା, କାକଟପୁରର ମଙ୍ଗଳା, ଝଙ୍କଡର ସାରଳା, ପୁରୀର ବିମଳା, ଭୁବନେଶ୍ୱରର ଗୌରୀ, କଟକର କଟକଚଣ୍ଡୀ, ବାଙ୍କୀର ଚର୍ଚ୍ଚିକା, ବାଣପୁରର ଭଗବତୀ,



ତାଳଚେରର ହିଙ୍ଗୁଳା, ଭଦ୍ରକର ଭଦ୍ରକାଳୀ । ଭଦ୍ରକାଳୀ ଭଦ୍ରକର ଅଧିଷ୍ଠାତ୍ରୀ ଓ ଇଷ୍ଟଦେବୀ । ମା'ଙ୍କ ନାମ ଅନୁସାରେ ସହର ତଥା ଜିଲ୍ଲାର ନାମ ହେଉଛି ଭଦ୍ରକ । ୩ୟ ଶତାବ୍ଦୀର ଏକ ଶିଳାଲେଖରେ ଭଦ୍ରକାଳୀଙ୍କ ପୂଜା ସମ୍ପର୍କରେ ମିଳିଥିବା ସୂଚନା ତାର ପ୍ରାଚୀନତାକୁ ପ୍ରମାଣ କରେ । ଭଦ୍ରକାଳୀଙ୍କ ପୂଜା ଭଦ୍ରକର ଭୂୟାଁ ମହଲ ଠାରେ ଗୁପ୍ତ ଯୁଗରୁ ହୋଇ ଆସୁଥିଲା ବୋଲି ଐତିହାସକ ଡଃ ହରେକୃଷ୍ଣ ମହତାବ ଉଲ୍ଲେଖ କରିଛନ୍ତି । ମନ୍ଦିରର ଭଗ୍ନାବଶେଷରୁ ମିଳେ ଏହା ଏକ ପୁରାତନ କୀର୍ତ୍ତି । ପଥର ଖଣ୍ଡରେ ଖୋଦିତ ପାଲି ଭାଷା ଅକ୍ଷର ଗୁଡିକ ୩ୟ ଶତାବ୍ଦୀର ବୋଲି ପ୍ରତ୍ନତ୍ତ୍ୱିତିକ ଗବେଷକ ମାନଙ୍କର ମତ ।


ଶ୍ରୀ କାଳୀ

## କିମ୍ବଦନ୍ତୀ

ମେଘାସନ ପର୍ବତରେ ଜୈନ ତାନ୍ତ୍ରିକ ଭଦ୍ରନାଥ ଦେବୀଙ୍କୁ ପୂଜା କରୁଥାଏ । ଭଦ୍ରନାଥଙ୍କ ଏକ ପାଳିତ କନ୍ୟା ଥିଲା । ମହାରାଷ୍ଟ୍ରର କ୍ଷତ୍ରୀୟ ବଂଶର ଦୁଇ ଭାଇ ଶ୍ରୀକ୍ଷେତ୍ରକୁ ଦର୍ଶନ ନିମନ୍ତେ ଯାଉଥିଲା ବେଳେ ସାନଭାଇର ଦେହ ଏହି ସ୍ଥାନରେ ଖରାପ ହେଲା । ବଡଭାଇ ସାନଭାଇକୁ ଏଠାରେ ଆଶ୍ରୟ ଦେବାକୁ ଅନୁରୋଧ କରିବାରୁ ଭଦ୍ରନାଥ ହଁ କରିଲେ । ଉକ୍ତ ଯୁବକର ସେବା ଭାର ପଡିଲା ଭଦ୍ରନାଥଙ୍କ କନ୍ୟା ଉପରେ । କିଛିଦିନ ପରେ ଯୁବକଟି ସହ ଭଦ୍ରନାଥ ଝିଅର ବିବାହ ହେଲା । ଚୌହାନ ଯୁବକଟି ଭଦ୍ରନାଥଙ୍କ କନ୍ୟା ଠାରୁ ଭଦ୍ରକାଳୀଙ୍କ ସମ୍ପର୍କରେ ଅବଗତ ହୋଇ ଦେବୀଙ୍କୁ ପୂଜା ଆରାଧନା କଲେ, ଦେବୀ ଉକ୍ତ ଯୁବକର ଆରାଧନାରେ ପ୍ରୀତ ହୋଇ କହିଲେ, 'ମୋ ଖଣ୍ଡାଟି ନେଇ ଆଜି ରାତ୍ର ପାହିଲା ପର୍ଯ୍ୟନ୍ତ ଯେତେ ଅଂଚଳ ଯାଇ ପାରିବ ସେ ତୁମର ହୋଇଯିବ ।' ଯୁବକଟି ଦେବୀଙ୍କ ଖଣ୍ଡାଟି ଧରି ରାତାରାତି ଚାଲିଲା ଦେବୀ ତାଙ୍କର ପଛେ ପଛେ ଚାଲିଥାଆନ୍ତି । ଯାଉ ଯାଉ ଗୋଟିଏ ସ୍ଥାନରେ ଏକ ପ୍ରାସାଦ ଦେଖାଗଲା ଯୁବକ ସେଇଠି ଅଟକି ଗଲେ । ଦେବୀଙ୍କ ଶୂନ୍ୟବାଣୀ ହେଲା ଏଇଠାରେ ତୁମେ ଏହିଭଳି ଏକ ପ୍ରାସାଦ ନିର୍ମାଣ କରିବ । ଯୁବକ ଦେଖିଲା ସମ୍ମୁଖରେ ପ୍ରାସାଦ ନାହିଁ, ଅଛି ଦେବୀଙ୍କର ପ୍ରସ୍ତର ମୂର୍ତ୍ତି ଏହି ସ୍ଥାନରେ ନାମ ଭୂୟାଁ ମହଲା । ଭୂୟାଁ ବଂଶର ଆଦି ପୁରୁଷ ଏହି ଚୌହାନ ବଂଶର ସାନ ଭାଇଟି, ଭଦ୍ରକ ଅଂଚଳ ଏହି ବଂଶର ଅଧିନ ଥିଲା । ଭୂୟାଁ ମହଲା ଥିଲା ରାଜଧାନୀ ଭୂୟାଁ ବଂଶର । ଯୁଦ୍ଧ କୌଶଳରେ ପ୍ରୀତ ହୋଇ ଓଡିଶାର ରାଜା ତାଙ୍କୁ ସନନ୍ଦ ଦେଇଥିଲେ । ଉକ୍ତ ତମ୍ବା ପଟ୍ଟା ସନନ୍ଦ କାଉଟିଏ ଆଣି ଭଦ୍ରକର ସୀତାକୁଣ୍ଡ ଅଂଚଳରେ ମହାଶୟଙ୍କ ଘରେ ପକାଇ ଦେଲା । ଭୂୟାଁ ରାଜାଙ୍କ ଘୋଷଣା ଅନୁଯାୟୀ ମହାଶୟ କାଉ ଠାରୁ ପ୍ରାପ୍ତ ସନନ୍ଦଟି ଭୂୟାଁ ରାଜାଙ୍କୁ ଫେରାଇ ଭୂୟାଁଙ୍କର ଅଧେ ସମ୍ପତ୍ତି ପାଇଲେ । ସେହିଦିନ ଠାରୁ ଉକ୍ତ ଅଂଚଳର ନାମ ହେଲା କାଉପୁର । ଭୂୟାଁ ମହଲା ନିକଟରେ ଏକ ପଡିଆ ଅଛି ଯାହାର ନାମ


ଶ୍ରୀ ତାରା

ଲାଖବିନ୍ଧା ପଡିଆ ଏହି ପଡିଆକୁ ପ୍ରତିବର୍ଷ କାଉପୁରର ମହାଶୟ ଆସିଥାଆନ୍ତି । ଏଠାରେ ଲାଖବିନ୍ଧା ଉତ୍ସବ ପାଳନ କରାଯାଏ । ଏହି ଉତ୍ସବ ଭୂୟାଁ ବଂଶ ଓ କାଉପୁର ମହାଶୟ ବଂଶର ବନ୍ଧୁତାର ସ୍ମାରକୀ ବହନ କରି ଆସୁଥିଲା ବହୁ ବର୍ଷ ଧରି, ଏବେ ସେ ଉତ୍ସବ ଆଉ ହେଉ ନାହିଁ । ୧୫୬୮ ମସିହାରେ କଳାପାହାଡ ଓଡିଶାର ବିଭିନ୍ନ ଦେବାଦେବୀ ମନ୍ଦିରକୁ ଭାଙ୍ଗାରୁଜା କରୁଥିଲା । ସେହି ଭୟରେ ଭୂୟାଁ ବଂଶର ପୂଜକ ଭଦ୍ରକାଳୀଙ୍କୁ ଭୂୟାଁ ମହଲାରୁ ସ୍ଥାନାନ୍ତରିତ କରିଦେଲେ । କିଛିଦିନ ପରେ ଆତଙ୍କ ପୃଷ୍ଠି ନାମରେ ଜଣେ ବ୍ୟକ୍ତି ଶାଳନ୍ଦୀ ନଦୀ କୂଳରେ ଦେବୀ ମୂର୍ତ୍ତିକୁ ନଦୀରୁ ଉଦ୍ଧାର କରି ପୂଜାକଲେ ।

## ମନ୍ଦିର ନିର୍ମାଣ

ଭଦ୍ରକାଳୀ ଭଦ୍ରକର ଅଧିଷ୍ଠାତ୍ରୀ ଓ ଇଷ୍ଟଦେବୀ । ମା'ଙ୍କ ନାମ ଅନୁସାରେ ସହର ତଥା ଜିଲ୍ଲାର ନାମ ହୋଇଛି ଭଦ୍ରକ । ମା ଭଦ୍ରକାଳୀଙ୍କ ପାଇଁ ଭଦ୍ରକ ପାଇଛି ଏକ ଶକ୍ତି ପୀଠର ମାନ୍ୟତା । ମା' କେବେ ଠାରୁ ଏଠାରେ ଆବିର୍ଭୂତା ହେଲେ ସେ ସମ୍ପର୍କରେ ନିର୍ଭୁଲ ତଥ୍ୟ ନଥିଲେ ମଧ୍ୟ ତୃତୀୟ ଶତାବ୍ଦୀର ଏକ ଶିଳାଲେଖରେ ଭଦ୍ରକାଳୀଙ୍କ ସମ୍ପର୍କରେ ମିଳିଥିବା ସୂଚନା ତାର ପ୍ରାଚୀନତାକୁ ପ୍ରମାଣ କରିଥାଏ । ଭଦ୍ରକାଳୀଙ୍କ ପୂଜା ଭଦ୍ରକର ଭୂୟାଁ ମହଲା ଠାରେ ଗୁପ୍ତଯୁଗରୁ ହୋଇ ଆସୁଥିଲା ବୋଲି ଉଲ୍ଲେଖ କରିଛନ୍ତି ଐତିହାସିକ ଡ଼ଃ ହରେକୃଷ୍ଣ ମହତାବ । କଳାପାହାଡ ଦ୍ୱାରା ଭୂୟାଁମହଲାସ୍ଥିତ ମନ୍ଦିରର ଭଗ୍ନାବଶେଷରୁ ମିଳେ ଏକ ପୁରାତନ କୀର୍ତ୍ତି ଭାସ୍କର୍ଯ୍ୟର ସୂଚନା । ସେସବୁ ପଥର ଖଣ୍ଡରେ ଖୋଦିତ ପାଲି ଭାଷା ଅକ୍ଷର ଗୁଡିକ ତୃତୀୟ ଶତାବ୍ଦୀର ବୋଲି ପ୍ରତ୍ନତାତ୍ତ୍ୱିକ ମତ ଦିଅନ୍ତି । ୧୫୬୮ ଖ୍ରୀଷ୍ଟାବ୍ଦରେ ହିନ୍ଦୁ ବିଦ୍ୱେଷୀ କଳାପାହାଡ ଆକ୍ରମଣରେ ଭାଙ୍ଗି ଧ୍ୱଂସ ପାଇଲା ଓଡିଶାର ଅନେକ ଦେବଦେବୀ ମନ୍ଦିର । କଳାପାହାଡ ଆକ୍ରମଣରୁ ରକ୍ଷା କରିବା ପାଇଁ ଭୂୟାଁବଂଶର ପୂଜକମାନେ ଦେବୀଙ୍କୁ ନେଇ ଲୁଚେଇ ରଖିଥିଲେ ନିକଟସ୍ଥ ଶାଳନ୍ଦୀ ନଦୀ ଏକ ଗଣ୍ଡରେ । କିଛିଦିନ ଉତ୍ତାରେ କଳାପାହାଡ ଭୟ ଦୂର ହେଲା ପରେ ସେବକମାନେ ମା'ଙ୍କ ଦ୍ୱାରା ସ୍ୱପ୍ନାବିଷ୍ଟ ହୋଇ ନଦୀ କୂଳରେ ଏକ କ୍ଷୁଦ୍ର ମନ୍ଦିର ନିର୍ମାଣ କଲେ ଏବଂ ମା'ଙ୍କୁ ସେଠାରେ ସ୍ଥାପନା କଲେ ଶାଳନ୍ଦୀ ଜଳରୁ ଉଦ୍ଧାର କରି । ସେହି ଦିନଠାରୁ ସେ ଗ୍ରାମର ନାମ ହେଲା ଭଦ୍ରକାଳୀ ସାହି । କାଳକ୍ରମେ ମା'ଙ୍କ କ୍ଷୁଦ୍ର ମନ୍ଦିରଟି ଜରାଜୀର୍ଣ୍ଣ ହୋଇପଡିବା ଫଳରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ସେଠାରେ ନିର୍ମାଣ ହେଲା ଏକ ବୃହତ୍ତମ ଓ ସୁଦୃଶ୍ୟ ମନ୍ଦିର ।


ଶ୍ରୀ ଭୈରବୀ

ମନ୍ଦିରର ଗର୍ଭଗୃହ ମଧ୍ୟରେ ଆଠଫୁଟ୍ ଲମ୍ବ ଓ ପାଞ୍ଚଫୁଟ ଓସାର ବିଶିଷ୍ଟ ଆସ୍ଥାନରେ ବିରାଜମାନ କରିଛନ୍ତି ମା' ଭଦ୍ରକାଳୀ । ମା'ଙ୍କ ପ୍ରତିମାଟି ଏକ କୃଷ୍ଣ ମୁଗୁନି ପଥରରେ ଗଢା । ଉଚ୍ଚତା ପ୍ରାୟ ଚାରିଫୁଟ୍‌ରୁ



ଶ୍ରୀ ଛିନ୍ନମସ୍ତା

ଅଧିକ । ଚତୁର୍ଭୁଜା ମା' ସିଂହପୃଷ୍ଠରେ ଆସୀନା । ହସ୍ତ, ପାଦ, ବାହୁ, କଣ୍ଠ, ନାସା, କର୍ଣ୍ଣ ଓ ମସ୍ତକ ପ୍ରସ୍ତର ଖୋଦିତ ପୂର୍ଣ୍ଣ ଭୂଷଣାରେ ମା' ଭଦ୍ରକାଳୀ ଭୂଷିତା । ଉପରିସ୍ଥ ଦକ୍ଷିଣ ଓ ବାମଭୁଜରେ ଜମପାଳ ଧାରଣ କରିଛନ୍ତି ଖଡ଼ଗ ଓ ଖର୍ପର ନିମ୍ନସ୍ଥ ବାମଭୁଜରେ ଜପମାଳ ଧାରଣ କରିଥିବା ବେଳେ ଦକ୍ଷିଣ ଭୁଜରେ ଧରିଛନ୍ତି ଏକ ମାନବ ଶିଶୁ । ଅର୍ଥାତ ସେ କେବଳ ସଂହାର କାରିଣୀ ନୁହନ୍ତି, ଆଶ୍ରୟଦାୟିନୀ ଓ ପାଳୟିତ୍ରୀ ମଧ୍ୟ । ସେହି ଏକା ମହାଶକ୍ତି, ଅଥଚ ସୃଷ୍ଟି ଓ ଧ୍ୱଂସର, ପ୍ରକାଶ ଓ ବିନାଶର । ପରସ୍ପର ସାପେକ୍ଷ ବିବିଧ ବିକାଶ । ଦୁଇ ହାତରେ ପାଳନ ଓ ଅନ୍ୟ ଦୁଇ ହାତରେ ନିଧନ । ଆଘାତ ଓ ସାନ୍ତ୍ୱନା । ଭୀତି ପ୍ରଦର୍ଶନ ଓ କୋଳାଗ୍ରତ । ବିରୁଦ୍ଧାତାର ଅନୁପମ ସମାବେଶ । ଠାକୁର ଶ୍ରୀ ରାମକୃଷ୍ଣ ପରମହଂସ ମା'ଙ୍କର ଏଯେଉଁ ସୌମ୍ୟା ମୂର୍ତ୍ତିର ଉପାସକ ଥିଲେ, ଦେବୀ ଭଦ୍ରକାଳୀ ସେହି ରୂପରେ ପୂଜିତା । ମା' କମନୀୟ ମୂର୍ତ୍ତିକୁ ନିରୀକ୍ଷଣ କରି ଚାହିଁଲେ ଏକ ଚିତ୍ତ ପ୍ରଶାନ୍ତି ଭିତରେ ନିମଜ୍ଜିଯାଏ ଭକ୍ତ ।



ଶ୍ରୀ ବଗଳାମୁଖୀ

### ପାର୍ଶ୍ୱଦେବଦେବୀ

ପାର୍ଶ୍ୱଦେବତା ଭାବରେ ମନ୍ଦିରରେ ଅଛନ୍ତି ଶିବ, ଦୁର୍ଗା, ଗଣେଶ, ଭାସ୍କର ଓ ବିଷ୍ଣୁ ଆଦି ପଞ୍ଚଦେବତା । ଦେବୀଙ୍କ ବିଜେସ୍ଥଳୀ ମନ୍ଦିର ବେଢା ପରିସରରେ ରହିଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର । ୧୫୬୮ ମସିହାରୁ ମା'ଙ୍କ ମନ୍ଦିର ପରିସରରେ ପୂଜା ପାଉଛନ୍ତି ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରା, କଳାପାହାଡ ଉତ୍କଳ ଆକ୍ରମଣ ବେଳେ ତାର ସମ୍ମୁଖୀନ ହେବା ପାଇଁ ରାଜା ମୁକୁନ୍ଦଦେବ ତାଙ୍କ ସୈନ୍ୟ ଛାଉଣୀର ଆୟୋଜନ କରିଥିଲେ ଭଦ୍ରକର ଏହି ଶାଳନ୍ଦୀ ତଟରେ । ତାର ସ୍ମୃତି ସ୍ୱରୂପ ସୈନ୍ୟମାନେ ଯେଉଁ ପଡିଆରେ ଶରବିନ୍ଧା ଅଭ୍ୟାସ କରୁଥିଲେ ତାହା ଶରବିନ୍ଧା ପଡିଆ, ସେମାନଙ୍କ ପାଇଁ ଯେଉଁ ଗ୍ରାମ ନିକଟରେ ଖାଦ୍ୟପେୟର ବନ୍ଦୋବସ୍ତ ହୋଇଥିଲେ ତାହା ଆହାରପଦା ଓ ଯେଉଁଠି ଯୁଦ୍ଧ ହାତୀମାନେ ରହୁଥିଲେ ତାହା ଏବେ



ଶ୍ରୀ ଭୁବନେଶ୍ୱରୀ

## ସେମାନେ ଯାହା କହନ୍ତି



ଓଡିଶାର ପ୍ରାଚୀନ ଶକ୍ତିପୀଠ ବିରଜାଙ୍କ ପରେ ପରେ ଭଦ୍ରକର ଭଦ୍ରକାଳୀ ପୀଠ । ଏହାକୁ ଛାଡିଦେଲେ ଭଦ୍ରକ ସହର ମଧ୍ୟରେ ପ୍ରତିବର୍ଷ କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ଜାକଜମକରେ ପୂଜା କରାଯାଏ । ଏହାକୁ ଉପଭୋଗ କରିବା ନିମନ୍ତେ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ଶ୍ରଦ୍ଧାଳୁ ଆସିଥାନ୍ତି । ଦୁଃଖର ବିଷୟ ଆହାରପଦାରେ ଥିବା ଭଦ୍ରକାଳୀଙ୍କର ପୀଠକୁ ଆସିବାକୁ ଏମାନେ ଭୁଲିଯାଇଥାନ୍ତି । ରାଜ୍ୟର ପ୍ରତ୍ୟେକ ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକ ମାନେ ଯେଉଁ ସଂଖ୍ୟାରେ ଯାଇଥାନ୍ତି ଏହି ପୀଠକୁ ଦର୍ଶନ ନିମନ୍ତେ ଓଡିଶାର ବିଭିନ୍ନ ଅଂଚଳରୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସିବାକୁ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ସେମାନଙ୍କର ବାଧକ ସାଜିଛି ଭଦ୍ରକ ସହରରୁ ପୁରୁଣା ବଜାର ଦେଇ ପୀଠକୁ ଯାଇଥିବା ଅଣଓସାରିଆ ରାସ୍ତା, ଯୋଉଁଥିରେ କି ଭିନ୍ନ ଭିନ୍ନ ସମୟରେ ଟୁରିଷ୍ଟ୍ ଗାଡି ଗୁଡିକ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହୋଇ ଘଂଟା ଘଂଟା ଧରି ନାହିଁ ନଥିବା ହଇରାଣ ହରକତ ହୋଇଥାନ୍ତି । ସେଥିପାଇଁ ଦିନକୁ ଦିନ ପୀଠକୁ ଭକ୍ତମାନେ ଆସିବା କମି କମି ଯାଉଛି । ମୋର ଅନୁରୋଧ ଆଖଣ୍ଡଳମଣୀ ଠାରୁ ଭାୟା ଅର୍ଣ୍ଣପାଳ ଦେଇ ପୀଠକୁ ପାଂଚ କିଲୋମିଟର ଦୂରତ୍ୱ ରାସ୍ତାକୁ ସଂଯୋଗୀକରଣ କରାଗଲେ ପୀଠକୁ ଟୁରିଷ୍ଟଙ୍କ ସଂଖ୍ୟା ବଢିପାରନ୍ତା । କାରଣ, ଏହି ପୀଠ ତୁଳନାରେ ପ୍ରତିଦିନ ଆଖଣ୍ଡଳମଣୀକୁ ରାଜ୍ୟର ଓ ରାଜ୍ୟ ବାହାରର ଅନେକ ପର୍ଯ୍ୟଟକ ଆସୁଛନ୍ତି । ସେମାନେ ରାସ୍ତା ସୁବିଧା ହୋଇଗଲେ ଏଠାକୁ ଆସିପାରନ୍ତେ ।

**ଭାଗିରଥୀ ଦୀକ୍ଷିତ,** ଭଦ୍ରକାଳିଙ୍କ ସେବାୟତ



ଓଡିଶାର ପ୍ରତ୍ୟେକ ପୀଠମାନଙ୍କରେ ଟ୍ରଷ୍ଟ୍ ବୋର୍ଡ ରହିଛି । ସେହିପରି ଭଦ୍ରକାଳିଙ୍କ ପୀଠରେ ଏକ ଟ୍ରଷ୍ଟ୍ ବୋର୍ଡ ମଧ୍ୟ ଅଛି । ଟ୍ରଷ୍ଟ୍ ବୋର୍ଡର ବାଦବିବାଦ ପାଇଁ ଟ୍ରଷ୍ଟ୍ ପୁନର୍ଗଠିତ ହୋଇ ପାରୁନାହିଁ । ମନ୍ଦିରର ଉନ୍ନତିକରଣ ନିମନ୍ତେ ଏବେ ରାଜ୍ୟ ସରକାରଙ୍କ ନିକଟରୁ ୨କୋଟି ଟଙ୍କା ଅନୁଦାନ ଆସିଛି । ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପୋଖାରରୁ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି । ଦିନକୁ ଦିନ ରାସ୍ତାଘାଟର ଅସୁବିଧା ଯୋଗୁଁ ଶ୍ରଦ୍ଧାଳୁ ମାନେ ଏଠାକୁ ଆସି ପାରୁନାହାନ୍ତି । ସଂସ୍କୃତି ବିଭାଗ ରାସ୍ତାଘାଟ ନିର୍ମାଣ ପ୍ରତି ଦୃଷ୍ଟି ଦିଅନ୍ତୁ ।


**ନିକୁଞ୍ଜ ବିହାରୀ ଦୀକ୍ଷିତ,** ସେବାୟତ

ହାତୀସାହି ନାମରେ ଖ୍ୟାତ । ପଡିଆରେ ଅନୁଷ୍ଠିତ ହୋଇଥିଲା ମୁକୁନ୍ଦଦେବ ଓ କଳାପାହାଡ ମଧ୍ୟରେ ଭୟଙ୍କର ଯୁଦ୍ଧ । ଶେଷରେ ପରାସ୍ତ ଓ ନିହତ ହେଲେ ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ । ସେ ସୈନ୍ୟ ଛାଉଣୀରେ ରଖି ଯାଇଥିବା ତାଙ୍କ ଅଙ୍ଗଦେବତା ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପାଇଁ ନିକଟରେ ଥିବା ମା' ଭଦ୍ରକାଳୀଙ୍କ ମନ୍ଦିର ପରିସରରେ ନିର୍ମାଣ ହେଲା ଏକ ସ୍ୱତନ୍ତ୍ର ମନ୍ଦିର । ପ୍ରଥମେ ମହାପ୍ରଭୁ ଏକ ଚାଳଘରେ ପୂଜା ପାଉଥିଲେ ଏବଂ ପରବର୍ତ୍ତୀ ସମୟରେ ନିର୍ମିତ ହେଲା ମହାପ୍ରଭୁଙ୍କ ସ୍ଥାୟୀ ମନ୍ଦିର ।


ଶ୍ରୀ ତ୍ରିପୁରା ସୁନ୍ଦରୀ

## ଭଦ୍ରକାଳୀଙ୍କ ନିତୀକାନ୍ତି

ଦକ୍ଷିଣ କାଳୀଙ୍କ ମନ୍ତ୍ରରେ ପୂଜାପାଆନ୍ତି ମା' ଭଦ୍ରକାଳୀ । ମା'ଙ୍କ ପୂଜାର୍ଚ୍ଚନା ଦାୟିତ୍ୱ ରହିଛି ମୁଖ୍ୟତଃ ଭଦ୍ରକାଳୀ ସାହିର ଦୀକ୍ଷିତ ପରିବାର ଉପରେ । ପ୍ରାତଃ ସାଢେ ଛଅଟା ଠାରୁ ଦିବା ଏକ ଘଟିକା ଏବଂ ଅପରାହ୍ଣ ତିନିଟାରୁ ରାତ୍ରି ଦଶ ଘଟିକା ଯାଏ ଖୋଲା ରହେ ମା'ଙ୍କ ମନ୍ଦିର । ପ୍ରାତଃକାଳୀନ ବାଳଭୋଗରେ ଉଖୁଡା, କଦଳୀ ଓ ବୁନ୍ଦି ଆଦି ଲାଗି ହୁଏ । ଦ୍ୱିପ୍ରହର ଓ ରାତ୍ରରେ ମା'ଙ୍କୁ ଅର୍ପଣ କରାଯାଏ ଅନ୍ନଭୋଗ । ମା'ଙ୍କ ପୀଠରେ ଦୁର୍ଗାପୂଜା, ରଜପର୍ବ, ଚୈତ୍ରପୂର୍ଣ୍ଣିମା, ମହାବିଷୁବ ସଂକ୍ରାନ୍ତି ଆଦି ପାଳିତ ହୁଏ ମହାସମାରୋହରେ । ମାତ୍ର କାର୍ତ୍ତିକ ଅମାବାସ୍ୟା ଠାରୁ ଅନୁଷ୍ଠିତ ସାତଦିନ ବ୍ୟାପୀ ପୂଜା ହିଁ ମା'ଙ୍କର ସବୁଠାରୁ ବଡ ଉତ୍ସବ । ଏହି ସାତଦିନ ଧରି ମା'ଙ୍କୁ ପୂଜା କରାଯାଏ ଭିନ୍ନ ଭିନ୍ନ ସାତ ପ୍ରକାର ବେଶରେ ସୁସଜ୍ଜିତ କରି । ଚତୁର୍ଦ୍ଦଶୀରେ ବେଦମାତା, ଅମାବାସ୍ୟାରେ ମହାକାଳୀ, ପ୍ରତିପଦରେ ରାଜରାଜେଶ୍ୱରୀ, ଦ୍ୱିତୀୟାରେ ସିଂହବାହୀନୀ, ତୃତୀୟାରେ ଜଗଦ୍ଧାତ୍ରୀ, ଚତୁର୍ଥୀରେ ମହାସରସ୍ୱତୀ, ଓ ପଞ୍ଚମୀରେ ମହାଲକ୍ଷ୍ମୀ ବେଶ ଧାରଣ କରନ୍ତି ମା' । ଏହି ସାତ ଦିନ ଧରି ଜଗତ କଲ୍ୟାଣ ପାଇଁ ପୀଠରେ ଅନୁଷ୍ଠିତ ହୁଏ ସପ୍ତସତୀ ଚଣ୍ଡୀଯଜ୍ଞ । ଏହି ଅବସରରେ କରୁଣାମୟୀ ମାଆ ଭଦ୍ରକାଳୀଙ୍କୁ ଦର୍ଶନ କରି କୃପାଲାଭ କରନ୍ତି ଅଗଣିତ ଶ୍ରଦ୍ଧାଳୁ ଭକ୍ତ । ପଣ୍ଡିତମାନଙ୍କ ମତରେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କର ମହିମା ଅନନ୍ତ । ସେ ଶିବରୁଦ୍ରା ନୁହନ୍ତି, ସିଂହବାହୀନୀ । ସେ ରକ୍ତପିପାସୁ ନୁହନ୍ତି ସନ୍ତାନବତ୍ସଳା । ସେଥିପାଇଁ ତ ତାଙ୍କ ପୀଠରେ ବଳି ପ୍ରଥା ନାହିଁ । ଆସନ୍ତୁ ସେହି ମା'ଙ୍କ ଚରଣ ତଳେ କ୍ଷୁଦ୍ର 'ମୁଁ 'ଟିକୁ ଜଳାଂଜଳି ଦେଇ ମାଗିବା ଆଶିଷ । ଜ୍ଞାନ ପ୍ରଦାୟିନୀ, ମା' ଭଦ୍ରକାଳୀଙ୍କର ଆଶିଷ ମିଳିଲେ ମନରୁ ଦୂର ହୋଇଯିବ ଅଜ୍ଞାନ ଅନ୍ଧକାର । ଦିବ୍ୟଜ୍ଞାନାଲୋକର ସ୍ୱର୍ଶରେ ରହିବନି ହିଂସା, ଦ୍ୱେଷ ଓ ପରଶ୍ରୀକାତରତା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ଭିତରେ ଗଢି ଉଠିବ ସମ୍ପର୍କ ଓ ସଦ୍ଭାବନାର ସେତୁ । ଦୃଢ ହେବ ମାନବଜାତିର ଐକ୍ୟ ଓ ସଂହତି ।


ଶ୍ରୀ ଧୂମାବତୀ

## ମା'ଙ୍କ ପର୍ବପର୍ବାଣି

ଚୈତ୍ର ପୂର୍ଣ୍ଣିମାରେ ମା'ଙ୍କ ପୀଠରେ କୈବର୍ତ୍ତ୍ୟ ସମ୍ପ୍ରଦାୟର ଘୋଡା ମେଲଣ ଏକ ପ୍ରମୁଖ ପର୍ବ । ଆତସବାଜୀ ପ୍ରଦର୍ଶନ ମଧ ହୋଇଥାଏ । ଏହାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ହୁଅନ୍ତି । ପଣା ସଂକ୍ରାନ୍ତିରେ ଏଠାରେ ଘଂଟ ପାଟୁଆମାନେ ନିଜର ମାନସିକ କରି ଅନ୍ୟ ଆଡେ ବାହାରିଥାଆନ୍ତି । ରଜ ସଂକ୍ରାନ୍ତିରେ ତିନିଦିନ ଧରି ମା'ଙ୍କ ଗର୍ଭଗୃହକୁ ଶ୍ରଦ୍ଧାଳୁମାନଙ୍କୁ ପ୍ରବେଶ କରିବାର ସୁଯୋଗ ଦିଆ ଯାଇଥାଏ । ଆଗରୁ ସ୍ନାନ ପୂର୍ଣ୍ଣିମା ଦିନ ରଥଯାତ୍ରା ପାଳନ ହେଉଥିଲା । ପରେ କିଛିଦିନ ବନ୍ଦ ରହିଥିଲା । ୨୦୦୯ ମସିହା ଠାରୁ ରଥଯାତ୍ରା ଚାଲୁଅଛି । ଦୁର୍ଗାପୂଜାରେ ମା'ଙ୍କ ପୀଠରେ ନବପତ୍ରିକା ପୂଜା ୯ଦିନ ପାଳିତ ହୁଏ । ବଳି ମଧ ପଡିଥାଏ । ମାତ୍ର ଭଦ୍ରକ ପୁରୁଣା ବଜାରସ୍ଥ ସଦାବ୍ରତ ମଠର ମହନ୍ତ ଜଣାନ୍ତି କି ଡଃ ହରେକୃଷ୍ଣ ମହତାବଙ୍କ ଉଦ୍ୟମରୁ ୧୯୪୮ ମସିହା ଠାରୁ ପୀଠରୁ ବଳି ପ୍ରଥା ଉଠି ଯାଇଛି । କାଳୀପୂଜାରେ ୨୦୦୨ ମସିହାରୁ ଅମାବାସ୍ୟା ଠାରୁ ୭ ଦିନ ଧରି ସପ୍ତସପ୍ତି ମହାଯଜ୍ଞ ପାଳନ କରାଯାଏ । ମା'ଙ୍କୁ ୭ ଦିନରେ ୭ଟି ବେଶ କରାଯାଏ । ପୂର୍ଣ୍ଣାହୁତି ଦିନ ହଜାର ହଜାର ଭକ୍ତଙ୍କ ପାଇଁ ଆକର୍ଷଣୀୟ ପହୁଡ ଭୋଗ ୩୨ ପ୍ରକାର ମିଠାରେ ତିଆରି କରି ପ୍ରଦାନ କରା ଯାଇଥାଏ । ଏହି ପୀଠକୁ ପର୍ଯ୍ୟଟନ ବିଭାଗ ଓଡିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିଛନ୍ତି । ଉକ୍ତ ମନ୍ଦିର ବର୍ତ୍ତମାନ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ । ମନ୍ଦିରର ସେବାୟତ ଭାବେ ଯାଜପୁରରୁ ଆସିଥିବା ଦିକ୍ଷିତ ବଂଶ ଏଠାରେ ପୂଜା କରୁଛନ୍ତି । ସେମାନେ ଗୋଟିଏ ପରିବାରରୁ ୪୫ ପରିବାରରେ ପହଂଚି ଗଲେଣି । ବର୍ତ୍ତମାନ ମା'ଙ୍କ ନିଜର ଭୂସମ୍ପତ୍ତି ଶାଢେ ପାଞ୍ଚ ଏକର ରହିଛି । ସେବା ପୂଜା ନିତି ପାଇଁ ସେବାୟତ ଓ ପ୍ରଜାମାନେ ବୟାନବେ ଏକର ଜମି ଜାଗିର ଭାବରେ ନେଇଛନ୍ତି ।


ଶ୍ରୀ ମାତଙ୍ଗୀ

କାଳୀପୂଜା ପାଇଁ ଭଦ୍ରକ ଓଡିଶା ପ୍ରସିଦ୍ଧ । ୧୯୨୭ ମସିହାରୁ ଆଜିଯାଏ ଭଦ୍ରକର ଚରମ୍ପା ସମେତ ସହରରେ ପ୍ରାୟ ୧୨ଟି କାଳୀମେଢ ସ୍ଥାପିତ ହୋଇ କାଳୀପୂଜା ମହାସମାରୋହରେ ପାଳନ କରାଯାଉଛି । ଦେବୀମଣ୍ଡପ ଗୁଡିକରେ ବର୍ଣ୍ଣାଢ୍ୟ ପରିବେଶ, ଆଲୋକ ଓ କପଡାର ସାଜସଜ୍ଜା ସହିତ ବିଭିନ୍ନ କିସମର ଦୋକାନ ବଜାର, ଘୋଡା ଓ ଉଡାଜାହାଜ ଦୋଳି, କୂଅ ଭିତରେ କାର୍ ଓ ମଟରସାଇକେଲ ଚାଳଣା, ମିନି ଚିଡିଆଖାନା, ମିନି ମିଉଜିୟମ ତଥା ଓଡିଶାର ପ୍ରସିଦ୍ଧ ଯାତ୍ରାଦଳ ଗୁଡିକ କାଳୀପୂଜାର ବିରାଟ ମେଳାକୁ ଅଧିକ ଆକର୍ଷଣୀୟ କରନ୍ତି । ଭଦ୍ରକରେ ସାତଦିନ ଧରି ଏହା ପାଳିତ ହୁଏ । ଏହି ପ୍ରସିଦ୍ଧ କାଳୀପୂଜା ମେଳାକୁ ଭାରତର ବିଭିନ୍ନ ଅଂଚଳ ସମେତ କଲିକତା, ମଧ୍ୟପ୍ରଦେଶ, ଦିଲ୍ଲୀ, ବିହାର, ଅନ୍ଧ୍ରପ୍ରଦେଶରୁ ଦୋକାନବଜାର, ଚିଡିଆଖାନା ଓ ଦୋଳିଗୁଡିକ ଆସିଥାନ୍ତି । ଲକ୍ଷ ଲକ୍ଷ ଦର୍ଶକଙ୍କ ସମାବେଶ ହୁଏ ଏହି ଉତ୍ସବରେ । ଭଦ୍ରକ ସହର ବ୍ୟତୀତ ବାସୁଦେବପୁର, ଚାନ୍ଦବାଲି, ତିହିଡି, ବନ୍ତ, ଧୁଷୁରୀ, ଅସୁରାଳୀ, ଘଂଟେଶ୍ୱର, ବ୍ରାହ୍ମଣୀପାଳ, ଭଣ୍ଡାରିପୋଖରୀ. କେନ୍ଦୁଆପଦା ଆଦି ଅଂଚଳରେ ମଧ କାଳୀପୂଜା ଖୁବ୍ ଧୁମଧାମରେ ପାଳନ କରାଯାଏ । କୁହାଯାଏ ଯେ ମାଆ ଭଦ୍ରକାଳୀଙ୍କ ନାମାନୁସାରେ ଏହି ଜିଲ୍ଲାର ନାମ ଭଦ୍ରକ ହୋଇଛି ।


ଉତ୍କର୍ଷ ଆମ ମାଟିର ସ୍ୱର


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ମଡେଲ୍ : ପ୍ରଭାଷିନୀ ବେହୁରିଆ, ଭୁବନେଶ୍ୱର
ଫଟୋଗ୍ରାଫି: ଜନ୍‌ସନ୍ ରାଉତରାୟ, ଭୁବନେଶ୍ୱର
ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ୍
ଶିକ୍ଷା : ସ୍ନାତକ
ବୃତ୍ତି : ମଡ଼େଲିଂ ଓ ଶାଭି ବିୟୁଟି ପାର୍ଲର୍
ପ୍ରବୃତ୍ତି : ବୁଲାବୁଲି ଓ ଖାଦ୍ୟପ୍ରିୟ
କଷ୍ଟ୍ୟୁମ୍ : ଅମ୍ରିତା, ପଟ୍ଟଚିତ୍ର ହ୍ୟାଣ୍ଡପେଣ୍ଟେଡ୍ ଟସର ସିଲ୍‌କ୍ ଶାଢ଼ି, ବ୍ରାଣ୍ଡ୍ : ଉତ୍କଳମ୍ରିତା
ମେକ୍‌ଅପ୍ : ପ୍ରଭାଷିନୀ
ସ୍ଥାନ : ସାବତ୍ ଏକ୍ସପୋର୍ଟ, ଶହୀଦ ନଗର

ଲେଣ୍ଡର

# ନଭେମ୍ବର - ୨୦୨୧

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

୦୪/୧୧/୨୦୨୧ : କାଳୀପୂଜା, ଦୀପାବଳି, ପୟାଶ୍ରାଦ୍ଧ
୧୪/୧୧/୨୦୨୧ : ଶିଶୁ ଦିବସ
୧୬/୧୧/୨୦୨୧ : କାର୍ତ୍ତିକେୟ ପୂଜା
୧୯/୧୧/୨୦୨୧ : ରାସ ପୂର୍ଣ୍ଣିମା ବାଲିଯାତ୍ରା
୨୭/୧୧/୨୦୨୧ : ପ୍ରଥମାଷ୍ଟମୀ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

# ଦ୍ରୌପଦୀ-୯

ପ୍ରଫୁଲ୍ଲ କୁମାର ମହାନ୍ତି

**(କୃଷ୍ଣଙ୍କର ପରିଚୟ ସନ୍ଧାନ)**

ଉଜ୍ଜ୍ୱଳି ଉଠିଲା ଅଳ୍ପନାର ମୁହଁ
ଗାଲ ଭାଲ ପଡ଼ିଗଲା ଲାଲ୍ ଯେମିତି
ଉକୁଟି ଗଲା ସ୍ମୃତିର ଗୁଲାଲ୍

ମୋର ବାରବର୍ଷ ବେଳେ ବାପା ମତେ ନେଇଥିଲେ
ମଥୁରା ଯାତ୍ରା ଦେଖି
ସେଇଠି ଚିହ୍ନାଇ ଦେଲେ ଆଦ୍ୟ ଯଉବନ ଛୁଆଁରେ ସୁନ୍ଦର
ଯୁବକ ପ୍ରବର କାହ୍ନା ଆଉ ତାଙ୍କ ଭାଇ ବଳରାମ
ଦୁହେଁ ଧୁରନ୍ଧର ସବୁ ବିଦ୍ୟା ପାରଙ୍ଗମ:
ବଳରାମ ଧ୍ୱଂସ କଲେ କଂସ ମଲ୍ଲଯୋଦ୍ଧା-
ଆଚ୍ଛା ! କେମିତି ଦେଖା ଯାଉଥିଲେ, ପଚାରିଲା ପାଞ୍ଚାଳୀ
ସ୍ମୃତି ଗଦ୍‌ଗଦ୍ ସ୍ୱରରେ କହିଲା ଅଳପନା
କୃଷ୍ଣ ଥିଲେ କଳା ବଳରାମ ହଳଦିଆ
କଳା ସିନା ଚକ୍ ଚକ୍ କରୁଥିଲା ତାଙ୍କ ଦେହ
ଯେମିତି ସାରାଦେହ ଲହୁଣୀ ମାଖିଛି ସକାଳର ସୂର୍ଯ୍ୟ
ସୁନ୍ଦର ହାତଗୋଡ଼ ସୁନ୍ଦର ମୁଖରେ ଥିଲା
ଈଷତ୍ ହସର ଆଭା ମୁଣ୍ଡରେ ଥିଲା ରାଜାର ପଗଡ଼ି
ଯେଉଁଠି ଶୋଭୁଥିଲା ସୁନ୍ଦର ମୟୂର ପୁଚ୍ଛ
ସାତରଙ୍ଗ ଭଳି ।

କଂସର ତାଣ୍ଡବ ଶେଷ କରି ଉଦ୍ଧରିଲେ
ପିତାମାତା ବନ୍ଦୀଶାଳରୁ ଆଶ୍ୱାସିଲେ
ପ୍ରଜାଙ୍କର ପୀଡ଼ନ ବେଦନା
ମଥୁରାରେ ଖେଳିଗଲା ରାସର ଲହରୀ
କିନ୍ତୁ ସେ ତ ଏବେ ଦ୍ୱାରକାରେ- କେମିତି ?
ମୁଁ ଯାହା ଶୁଣିଛି ମଥୁରା ବୃନ୍ଦାବନ ଛାଡ଼ି
ପରିବାର ସହ ସମସ୍ତ ଯାଦବ ଗଲେ
ଜରାସନ୍ଧ ଭୟରେ ଦ୍ୱାରକା ନଗରୀ

କଂସ ହତ୍ୟା ପ୍ରତିଶୋଧ ପାଇଁ ସାଜଦେଲା ଜରାସନ୍ଧ
ଅଯଥା ପ୍ରାଣକ୍ଷୟ ଭୟେ କୃଷ୍ଣ ଯାଦବମାନେ
ଛାଡ଼ିଦେଲେ ମଥୁରାର ମାଟିମୋହ
ବଉଳ ବନର ଶୋଭା ଆନନ୍ଦର ଶିରୀ ।

କିନ୍ତୁ ଜେମାମଣି ତମେ କାହିଁକି ପଚାରୁଛ
ଟିକି ନିଖି କୃଷ୍ଣ କଥା ରୂପଗୁଣ ଗରିମା ବାରତା-
ଆରେ ତୁ କଣ ଶୁଣିନାହୁଁ ଆସୁଛନ୍ତି ବାସୁଦେବ
କାମ୍ପିଲ୍ୟରେ ସଭା ପାଇଁ ଆସନ୍ତା ପକ୍ଷରେ !
ବାଃ ବହୁତବଢ଼ିଆ ନାଚିଗଲା ଅଳ୍ପନା
ପୁଣିଥରେ ତାଙ୍କୁ ଦେଖିବାକୁ ମନ ମୋର ଛନଛନ
ଏବେ ତ ସେ ସୁପୁରୁଷ ପ୍ରଖ୍ୟାତ ନାୟକ
ଏ ଦେଶର ମହାଜ୍ଞାନୀ ଦୟାଳୁ ଶାସକ
ଭାରତ ମାଟିରେ କେବା ଅଛି ତାଙ୍କ ପରି
କିନ୍ତୁ ହେ ପାଞ୍ଚାଳ ସୁନ୍ଦରୀ ଜାଣ କି ତୁମେ
ସେ ଥିଲେ ନଟଘଟ ମହାଦୁଷ୍ଟ
ଚୋରି କରୁଥିଲେ ଲୁଗା ଗୋପୀଙ୍କର
ଯମୁନା ଗାଧୁଆ ବେଳେ ବିମୋହନ ବଂଶୀରେ
ବଶ କରି ଗଛଲତା ପଶୁପକ୍ଷୀ ଯମୁନାର ବାରି
ଶୁଣିଛି ମୁଁ ତମାଳ ବଣରେ ରାସ ରଚୁଥିଲେ
ରାଧା ସୁନ୍ଦରୀର ପ୍ରେମାଙ୍ଗନରେ-



ହଉ ହଉ ସେତିକି ଥାଉ
କେତେ ଆଉ କହିବୁ ମିଛ ମନ ଥରାଇବୁ
ମନଗଢ଼ା କଥାରେ ଶୁଣାଶୁଣି ଖବରରେ-
ନାଇଁ ମ ଜେମାମଣି ସତ ସତ ସବୁ ସତ
ବାନ୍ଧିରଖ ମନଧ୍ୟାନ ନଚେତ୍
ତମେ ମଧ୍ୟ ମନ ଦେଇ ଦେବ ପ୍ରଥମ ଦେଖାରେ-
ହଉ ଦେଖିବା ମୋ ମନ ବି ହେଲାଣି ଅଥୟ
ଦେଖିବାକୁ ଭାରତର ପୌରୁଷର ମଣି ।

♥ 'ଚିତ୍ରକାବ୍ୟ', ଶିଶୁ ବିହାର, ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୭୬୨୩



## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ (ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

# ସମ୍ବାଦ

## ପ୍ରମୀଳା ଶତପଥୀ



ପ୍ରତ୍ୟେକ ରାତିରେ
ଶୋଇବା ପୂର୍ବରୁ ଭାବେ
ଆସନ୍ତା ସକାଳର ନିଦ ଭାଙ୍ଗିବା ପରେ
ଦେଖିବି, ସମସ୍ତ ସମ୍ବାଦପତ୍ରରେ
ପ୍ରକାଶ ପାଇଥିବ ନିଦ୍ରା ମଧ୍ୟରେ
ମୁଁ, ବଂଚି ଉଠିଥିବା ଖବର,

(ମୃତ୍ୟୁ ଏକ ଦେହସୁହା ପୁରୁଣା ଖବର)
ମୁଁ ବଂଚି ଉଠିଥିବା ଶୀର୍ଷକ ତଳେ
ଲେଖା ହୋଇଥିବ: 'ପ୍ରମୀଳା ଶତପଥୀ
କାଲି ରାତିର ପାହାନ୍ତି ପ୍ରହରରେ
ବଂଚି ଉଠିଛନ୍ତି ମୃତ୍ୟୁର ଅନ୍ଧାର ଭିତରୁ ।

ପାହାନ୍ତି ପ୍ରହରକୁ ଅସ୍ତ୍ରୋପଚାର ଗୃହ ଏବଂ
ଇଚ୍ଛାକୁ ଅସ୍ତ୍ର କରି କାଟି ଫିଙ୍ଗି ଦେଇଛନ୍ତି
ତାଙ୍କ ଦେହ ଭିତରେ ଥିବା
ଶହ ଶହ ଦେହର ପ୍ରାରବ୍ଧ-ଶାପିତ ହୃଦୟ,
ହୃଦୟକୁ ଜାଳି ଦେଇଛନ୍ତି
ଶ୍ୱେତରଶ୍ମିର ଶୀତଳ ନିଆଁରେ ।

କିଛି ଅକୁହା କଥାର ଉପସର୍ଗମାନଙ୍କୁ
ପୋତି ଦେଇଛନ୍ତି କ୍ଷମାର କଫିନ୍‌ରେ,
ଦେହର ପରିଚୟକୁ ଢାଙ୍କି ଦେଇଛନ୍ତି
ଏକ ଧଳା ଚଦରରେ
ରାତିର ଶେଷ ପ୍ରହରରେ ଆଲୋକର ବସ୍ତ୍ର ପିନ୍ଧି
ଚଳପ୍ରଚଳ କରୁଛନ୍ତି ଜିଇଁ ଉଠିବାର
ମୁକ୍ତ ବିହ୍ୱଳତାରେ ।
ତାଙ୍କ ସାରା ଅଙ୍ଗରୁ ଝରିପଡୁଛି ଆନନ୍ଦ ସୁମନ,
ତାଙ୍କ ନିଃଶ୍ୱାସ ନଥିବା ନିଃଶ୍ୱାସରୁ ଝରୁଛି
ଆଶୀର୍ବାଦର ବିମଳ ବିତାନ ।

ଏଥର ସେ' ବଂଚି ଉଠିଛନ୍ତି ଚିରକାଳ ପାଇଁ
ନ ମରିବାର ସୁବାସିତ ସଂକଳ୍ପରେ,
ଜନ୍ମ ମୃତ୍ୟୁର ବାହାରେ
ନିଜକୁ ଅବସ୍ଥାପିତ କରିଛନ୍ତି
ପ୍ରକାଶର ଅଭିଜ୍ଞ ଠାଣିରେ
କଥା କହୁଛନ୍ତି ନାଦ ନଥିବା ନାଦରେ ।

ପ୍ରତ୍ୟେକ ରାତିରେ ଶୋଇବା ପୂର୍ବରୁ ଭାବେ
ଆସନ୍ତା ସକାଳର ନିଦ ଭାଙ୍ଗିବା ପରେ


ସମସ୍ତ ଖବରକାଗଜରେ ବାହାରିଥିବ
ମୁଁ ବଂଚି ଉଠିଥିବାର ଏକ ନିଆରା ସମ୍ବାଦ,
ଖବରର ପ୍ରତ୍ୟେକ ଧାଡ଼ିରେ
ନୀଳ ହସ ହସୁଥିବ ପ୍ରତିଟି ଅକ୍ଷର,
ହେଲେ, ପ୍ରତ୍ୟେକ ସକାଳର
କଅଁଳ କିରଣ କହେ
ସମ୍ବାଦପତ୍ରରେ ମୃତ୍ୟୁର କଥା ବାହାରେ
ଜିଇଁବାର ନୁହଁ

କାହାକୁ କେମିତି ବୁଝେଇବି ଯେ
ଜୀବନ ସଂପୂର୍ଣ୍ଣ ମୃତ୍ୟୁର କଥା ଏବଂ
ମୃତ୍ୟୁ ଜୀବନର କଥା ବୋଲି... !

♥♥ପ୍ରମୀଳା ଶତପଥୀ(ଜୁଲାଇ ୧୪, ୧୯୬୧)ଙ୍କ ଠାରୁ ପ୍ରାପ୍ତ ଏହା ବୋଧେ ଶେଷ କବିତା । ଏହା ପରେ ତାଙ୍କଠୁ ଆମେ ଆଉ ପାଇବୁ ନାହିଁ କବିତା ପ୍ରକାଶନ ପାଇଁ । କାରଣ ଅକ୍ଟୋବର ୧୪, ୨୦୨୧ରେ ସେ ଆମମାନଙ୍କ ଗହଣରୁ ଚିର ବିଦାୟ ନେଇଛନ୍ତି ଆକସ୍ମିକ ଭାବରେ । ପଠାଇଥିବା ଏ କବିତାଟିରେ ଆପଣମାନେ ଲକ୍ଷ୍ୟ କରିପାରିବେ ଜୀବନ ଓ ମୃତ୍ୟୁକୁ ନେଇ ସେ କେତେ ଆଶାବାଦିନୀ ଥିଲେ । ତେବେ ସେ ବଞ୍ଚିବାକୁ ଚାହୁଁଥିବା କଥା ବାରମ୍ବାର କହିଛନ୍ତି । ଆମେ ତାଙ୍କ ଅପ୍ରକାଶିତ କବିତା ଛାପି ତାଙ୍କୁ କଣ ବଞ୍ଚାଇ ରଖି ପାରିବାନି ! ତାଙ୍କ ଅମର ଆତ୍ମା ପ୍ରତି 'ରେବତୀ'ର ଗଭୀର ଶ୍ରଦ୍ଧାଞ୍ଜଳି ।♥♥

# ମେଘ ଭିକ୍ଷା

## ଅଭୟ ନାୟକ



ଚିତ୍ର : ଶଶିକାନ୍ତ ରାଉତ

ଦିନ ଯାଏ, ମାସ ଯାଏ
ବିତିଯାଏ ବର୍ଷ,
ଆଷାଢ଼ ଅସାର ହୁଏ
ଜାଳିଦିଏ ଅୟୁତ ଆୟୁଷ
ଫେରେନାହିଁ ନିଖୋଜ ଜଳଦ
ଶ୍ରାବଣର ଅପରାହ୍ନେ ନାଚେ ଏଠି ଖରା
ମାଟି ବି ଅଗ୍ନି ପ୍ରସବା
ଅସମ୍ଭବ ତାତି ଏଠି ରାତି ସାରା ।
ସୂର୍ଯ୍ୟକୁ ଡାକେ ଯେଉଁ ସ୍ପର୍ଦ୍ଧିତ ବାଲୁତ
କିଏ ତାକୁ ହରି ନେଲା
କିଏ ସେ ଜହ୍ଲାଦ ।

ନଈ ମରେ, ଜୁଇ ମରେ
ମରେ ଏଠି ଫସଲର ବୀଜ
ଥୁଣ୍ଟାଗଛ କୋରଡ଼ରେ ମୁମୂର୍ଷୁ ଚାତକ
ପ୍ରତୀକ୍ଷାର ଅନ୍ତ ନାହିଁ
ଘରେ ଘରେ ସ୍ୱପ୍ନ ମରେ,
ପ୍ରେମ ବିନା, ମେଘ ବିନା
ହଜିଛି ସବୁଜ ।

ପିଲାଦିନେ ଶୁଣିଥିଲି
ଦୂର କେଉଁ ଦେଶ ଚମ୍ପାବତୀ
ବାରବର୍ଷ ଅନାବୃଷ୍ଟି କାଳେ
ଋଷ୍ୟଶୃଙ୍ଗ ଋଷି ଯେବେ ବିରାଜିଲେ
ମୁହଁଗୁଞ୍ଜି ପ୍ରେମବତୀ ଜରତାର କୋଳେ
ଆକାଶେ ଉଇଁଲେ ମେଘ
ମେଘଦେହୁ ମହୁବାସ୍ନା ଝରେ



କବି ଅଭୟ ନାୟକ

ଆଶା ଝରେ, ସ୍ୱପ୍ନ ଝରେ
ପ୍ରେମ ଝରେ ଖୁରୁସା ମାଟିରେ
କବିତାର ଶବ୍ଦ ଝରେ
ଋତୁମତୀ ପକ୍ଷୀଣୀ ଅଣ୍ଟରେ ।

ମେଘ;
ମେଘ ଏକ ଅଗ୍ନିକନ୍ୟା ସମୁଦ୍ର ବରାତି
ଆଶା ଆଉ ଆକାଂକ୍ଷାର ଶ୍ୟାମଳ କଣିକା
ମେଘ ହିଁ ତ ସୃଜନର ସଇରାତ୍

ଆକାଶର ଚିତ୍ର ବୀଜ, ପର୍ବତ ପ୍ରେମିକା
ମେଘ ବି ତ ନିଆଁ ଆଉ ଛାଇର ଚଉଠି
କେଉଁକାଳୁ ଆସି ମଧ୍ୟ
ପହଞ୍ଚି ନଥିବା ଏକ ଆକାଂକ୍ଷିତ ଚିଠି ।

ଆଜି ବି ମରୁଡ଼ି ଏଠି
ଅନାବୃଷ୍ଟି ମନ ମଗଜରେ
ମଲାମାଛିଙ୍କର ଶବ କୁଡ଼କୁଡ଼ ରଙ୍ଗବତୀ ଘରେ
କାଶତଣ୍ଡି ଉହାଡ଼ରୁ ଭୋଦୁଅ ସଂଜରେ
ଆଞ୍ଜୁଳାକୁ ମଧୁରକ୍ତ ଝରେ ।

ଆମେ ସବୁ ନଗ୍ନଜନ
ଅସ୍ତବ୍ୟସ୍ତ ତୀବ୍ର ଦରଦରେ
ଦୂବର ଦହନ ପୁଣି ଡେରି ସଂଜ ଜହ୍ନ
ଆଜି ବି ତ ଯୋଡ଼ହସ୍ତେ
ମେଘ ଭିକ୍ଷା କରେ ।

କ୍ୱାର୍ଟର ନମ୍ବର ଡି-୧୧/୨, ୟୁନିଟ-୮, ଭୁବନେଶ୍ୱର
ଫୋନ:୯୪୩୯୫୪୧୧୬୯



▲ ଚିତ୍ର : ଉତ୍ପଳା ମେହେର

# ମୂଲ୍ୟାୟନର ଅର୍ଥସୂତ୍ର

## ମନୋଜ ମେହେର

ମୋର ଅତି ଖରାପ ବେଳାରେ ତମେ ଆସିଛ, ଭଲକରିଛ; କିନ୍ତୁ ତମେ ଚାହୁଁଛ ଏଇନା ମୁଁ ବିପଦକୁ କଷଟୀ କରି ପରୀକ୍ଷା ଆରମ୍ଭ କରିଦେବି ତମର । ଆଗରୁ ବି ଯେତେଥର ମୋ ନିକଟକୁ ଆସିଛ, ତମକୁ ମୁଁ ସ୍ପଷ୍ଟ ପଢ଼ିପାରୁଥିଲି । ଚାହିଁଥିଲେ ସର୍ତ୍ତହୀନତାକୁ ଫୁଲଶର କରି ପେଷି ପାରିଥାନ୍ତି, ଟେକି ଦେଇପାରିଥାନ୍ତି ବି ତମେହୀନ-ମୁଁହୀନ ପୃଥିବୀକୁ ତମରି ହାତକୁ । ଏଇଟା ମଧ୍ୟ ସତ୍ୟ ଯେ ପୀଡ଼ାକୁ ତମେ ଯେପରି ଫୁଲ କରି ଫୁଟାଅ ଏବଂ ମନାଅ ଉତ୍ସବ, ଗୋଟାପଣେ ମୁଁ ଖିସେଇ* ଯାଏ । ମହନି* ଲଗାଇ ଦିଅ ! ମୋର ବିପାଶନୀୟ ଏବଂ ପିଆଜୀୟ ଢୋଟି*ରେ ଥାଏ ଯେତେ ପ୍ରେମ-ଅପ୍ରେମର ସନ୍ତକ ଫାପ୍ରି* ଦିଏ ସବୁ ।

ତମେ ମୋର ନିଶୂନ୍ ବଗିଚାରେ ନାନାଜାତି ଫୁଲ ହୋଇ ଫୁଟୁଥିଲ । ମୋର ଜୀବନର ଚାରିଆଡ଼େ ଯେବେ ଘୋଟି ଆସିଥିଲା ଅନ୍ଧକାର, ଝଟକିଥିଲ ତାରାଟିଏ ହୋଇ । ତମର କୌଣସି ପ୍ରକାର ବରମସ୍* ଲାଗିଲେ ହିଁ ମୁଁ ନିଜକୁ ମନେକରୁଥିଲି ପୃଥିବୀର ସର୍ବଶ୍ରେଷ୍ଠ ବିତ୍ତଶାଳୀ । ସେତେବେଳେ ମୁଁ ଭାବି ନେଇଥିଲି, ଏକ ମହିମ୍ନ ଜୀବନ ଜିଇବା ପାଇଁ ଆଉ କ'ଣ ଦରକାର କି ? ହେଲେ, ତମ ପାଖରେ ନିଜକୁ ପୂରାପୂରି ସମର୍ପଣ କରିଦେବା ପରେ ବି ଯଦି ତମେ ମୋତେ ନିଜର କରିନପାରିଲ, ସେଥିରେ ମୋର କି ଅପରାଧ ! !

ନିହାତି ଅସହାୟ ମୁହୂର୍ତ୍ତରେ ତମେ ମୋତେ ଉଚ୍ଛୁଳା ନଈର ମଝିଧାରକୁ ନେଇ ଛାଡ଼ି ଦେଇଥିଲ । ମାତ୍ର ତମର ଛୁଆଁ ମୋ ପକ୍ଷେ ଆଶ୍ଚର୍ଯ୍ୟଜନକ କାଉଁରୀକାଠି ପରି କାମ ଦେଲା ଏବଂ ସୁଅ ମୁହଁରେ ପତର ପରି ଭାସିଆସି ପାଇଗଲି ଆଦିଗନ୍ତ ନିର୍ବିକାରୀୟ-ନିର୍ବିକଳ୍ପୀୟ କୂଳକିନାରା । ଏଥିନେଇ ତମକୁ କେବେ କିଛି କହିଛି କି ? ସମୟର ଦିଗ୍‌ବଳୟ ସେପାରି ଯେଉଁ ଶିଶିରକଣାଟି ତମର ପାଦ ତଳେ ଚାପି ହୋଇରହିଛି ତାହା ମୋର ଦର୍ପଣ ଥିଲା । ପାଦ ଉଠାଇଦେବନା, ସେଇଠି ଘର କରିଥିବା ମୋର ପ୍ରତିଚ୍ଛବି ଯାହା ତ ହୋଇଥିବ, ଆକାଶ ଆଉ ଆକାଶ ହୋଇ ରହିଥିବ କି !

ତମର କି ମୋର କୌଣସି ଅସମୟ-ଦୁଃସମୟର କାନ୍ଦ କଥା ନ କହିବାକୁ ନେଇଛି ଶପଥ । କାରଣ ତା'କୁ କିଏ ଏକାନ୍ତ ଆପଣାର କରିନେଲେ ମୁଁ ମରିଯିବି ! ! ଅନ୍ୟପକ୍ଷରେ ପ୍ରଥମତଃ ମୁଁ ନିଜ ଆଗରେ ସବୁଦିନ ପାଇଁ ନଇଁଯିବି । ଦ୍ୱିତୀୟତଃ ମୋର ଦୁଃଖ କାଳକାଳ ପାଇଁ ହରାଇଦେବ ତା'ର ଚମକ । ତୃତୀୟତଃ କାହାର ବି କାନ୍ଦଣାକୁ ଗହନା* ଧରି(ଯାହା ବୁଡ଼ିଯିବା ଶତ ପ୍ରତିଶତ ନିଶ୍ଚିତ) ମୁଁ ଯେପରି ଜୁଏଲୁଠା* ପରି ଦଗାଲ୍ କରୁଥିଲି ଏବଂ ଟିଙ୍ଗାଲି* ମାରୁଥିଲି ସବୁ ଯିବ ଚୁଲିକୁ; କେଉଁଠି ବି ଡେର୍‌ନା* ହେବାର ଯେଉଁ ଆସ୍ପର୍ଦ୍ଧା କରିପାରୁଥିଲି ଅକାମୀ ହୋଇଯିବ ସେହିସବୁ ଚୋକ୍‌ଖାଡ଼ି*ର ଯାଦୁ ।



▲ ଚିତ୍ର ମନୋଜ ମେହେର

ମୋର ଅତି ଖରାପବେଳାରେ ତମେ ଆସିଛ, ଭଲକରିଛ । ତମର ସ୍ୱଗତୋକ୍ତି ପାଇଁ କୌଣସି ଉଣା କରିବେ ନାହିଁ ମୋର ଇନ୍ଦ୍ରଧନୁବିମ୍ବିତ ଲୁହମାନେ । ଯାତନା, ପୀଡ଼ା ଓ ଅପେକ୍ଷମାଣ ମୃତ୍ୟୁ ଇତିମଧ୍ୟରେ ମୋର ଘର ଓ ଅଗଣାର ଶୋଭା ବଢ଼ାଉଛନ୍ତି । ଶୋକ ଓ ଅନୁଶୋଚନା ମୋର ଉଦ୍ୟାନକୁ କରୁଛନ୍ତି ଉଜ୍ଜ୍ୱଳ । ତମେ ମୋର କେଉଁଠାରେ ଜାଗା ନେବ ଏବଂ କେଉଁ ଭୂମିକା ଗ୍ରହଣ କରିବ ତାହା ସମ୍ପୂର୍ଣ୍ଣ ନିର୍ଭର କରେ ତମ ଉପରେ ।

♥ 'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ, କଟକ-୧,ଫୋନ : ୯୪୩୮୭୦୫୨୫୬

(*ଶବ୍ଦାର୍ଥ : ଖିସେଇ - ଈର୍ଷାରେ ଜଳିବା, ମହନି- ମୋହିନୀ ମନ୍ତ୍ର, ଢୋଟି- ସୁରକ୍ଷିତ ଭାବେ ବଳକା କିଛି ମହଜୁଦ ରଖିବାର ଏକ ବାଉଁଶ ସାମଗ୍ରୀ, ବିଶେଷ କରି ନଦୀକୋରରେ ମାଉ ମାରିବା ସମୟରେ ବ୍ୟବହୃତ ହୁଏ, ଫାପ୍ରି- ଉଜାଡ଼ି ଦେବା, ବରମସ୍- ଆପାଦମସ୍ତକ ଋଣଗ୍ରସ୍ତ, ଜୁଏଲୁଠା- ନିଆଁଝୁଲ, ଗହନା- ବନ୍ଧକ ପକାଇବା, ଦଗାଲ୍- ଅତି ଉଜ୍ଜ୍ୱଳ, ଡେର୍‌ନା- ଢିରା, ଟିଙ୍ଗାଲି- ଷ୍ଟାଇଲ୍ ମାରିବା, ଚୋକ୍‌ଖାଡ଼ି- ଅଠାକାଠି)



ଚିତ୍ର : ଶିଳ୍ପୀ ଉତ୍ତମା ଜେନା

# ସୁମି ରାଜପୁତ୍ :୨

## ପ୍ରତୀକ୍ଷା ଜେନା

ଆଜି ଗୋଟେ ଅଦ୍ଭୁତ ପୃଥିବୀ ଦେଖିଲି,
ଆଠ ବାଇ ଆଠର ଚାରିକାନ୍ଥ,
କୋଣକୁ ପାଞ୍ଚଫୁଟ୍‌ର ଖଟ,
ଖଟରେ ତକିଆ, ଚାଦର, ନିଦ
ଇତଃସ୍ତତ,
କବାଟ ଖୋଲିଲାବେଳକୁ ବି ଆଖିରେ ଗତରାତିର ଅନ୍ଧାର,

ସେ ଝିଅର ଉଚ୍ଚତା ବେଶୀ ନୁହଁ,
ଜାଣିଚ !
ପିଲାବେଳେ ଥରେ ସ୍କୁଲରୁ ଫେରିଲାବେଳକୁ
ଆମ ନୂଆଘରର ବାଟ ଭୁଲି ମୁଁ କାନ୍ଦୁଥିଲି,
ଠିକ୍ ସେମିତି କାନ୍ଦୁଥିଲି
ଯେଉଁଦିନ ବାପାଙ୍କ ମୃତଦେହ ନେଇ ଫେରୁଥିଲି ଟ୍ରେନ୍‌ରେ ।

କେତେ ବୟସ ହେବ ତା'ର ?

ଖଟ କଡ଼କୁ ପ୍ଲାଷ୍ଟିକ୍ ଷ୍ଟୁଲ୍
ବାକି ଦି'ଫୁଟ୍‌ରେ ସ୍ଲାବ୍, ସ୍ଲାବ୍ ଉପରେ ଗ୍ୟାସ୍ ଚୁଲା,
ମସଲାଡବା, ଚା'ଛଣା
ସେଇ ପାଖକୁ ଲାଗି ଝରକା,
ମୁଁ ସ୍ୱାମୀଙ୍କ ଘର ବାଲ୍‌କୋନୀରେ
ଖୋଲା ଆକାଶକୁ ଚାହେଁ
ଅଧାରାତିରେ,
କେବେକେବେ ମୋ ଦି'ବାହା ମେଲେଇ ଯାବୁଡ଼ିନିଏ ପବନ ।

ତା ଓଠର ରଂଗ ଏତେ କଳା କାହିଁ ଯେ ?

ପ୍ରଥମ ଦେଖାରେ ମତେ ନିଜର ଭାବିଲା କ'ଣ !
ମୁହଁ ଧୋଇ ଆସୁ ଆସୁ ଅଣ୍ଟାରୁ ଗୁଡ଼େଇ ହେଇଥିବା ଓଢ଼ଣୀ ଖସିଗଲା,
ମୁଁ ଆଖି ତଳକୁ କରି ନଉ ନଉ ପୁଣି ଗୋଟେ ପୃଥିବୀ ଦିଶିଲା,

କେତେ ଯୁଗର ପୁରୁଣା ଲୁଗା,
ସିଲେଇ ମେସିନ୍, ଗୋଟେ ଫ୍ରିଜ୍,
କାହାକୁ ଫୋନ୍‌ରେ କହୁଥିଲା ଶୋଉ ଶୋଉ ରାତି ଚାର୍ ବାଜିଚି କାଲି,
ଦିନ ଏଗାରଟାରେ ଆଉ କ'ଣ ଖାଇବି !

ମୁଁ କାନ୍ଦ କାନ୍ଦ...
କେତେଥର ତୁମକୁ ଅଭିଯୋଗ କରିଚି, ଜୀବନ ରୁଚୁନି ତୁମ ବିନା,
ଅଧାରାତିରେ ନିଦ ଭାଙ୍ଗୁଚି,

ବିଦାୟ ଦେଇ ଫେରି ଆସୁ ଆସୁ
ଅଟକିଗଲି ଦୁଆର ମୁହଁ ଛାତରେ
ମତେ ଚିହ୍ନେଇ ଦେଲା ବକ୍ସମଲ୍ଲୀ ଗଛ,
ଗୋଟେ ବାଇଗଣୀ ରଂଗର ଫୁଲଗଛ ବି ଦେଖେଇଲା,

ମୁଁ ତା ଢଳଢଳ ଆଖିକୁ ଚାହୁଁଥିଲି
ବୟସ ସତରେ କେତେ ହେବ ତା'ର !
ମୁଁ ଫେରି ଆସିଲା ପରଠୁ ଭାବୁଚି,
ସେଇ କଣ ସୁମି ରାଜପୁତ୍ !
ଯାହାକୁ ୟୁଟ୍ୟୁବ୍‌ରେ ଭେଟିଥିଲି ।

ନାଲ୍‌କୋ ନଗର, ଅନୁଗୁଳ
ଫୋନ:୮୨୪୯୧୩୬୨୭୭



କବି ପ୍ରତୀକ୍ଷା ଜେନା

# ତୁମେ ଆସିଲା ବେଳକୁ

## ରବି ଶତପଥୀ



ଚିତ୍ର : ଶିଳ୍ପୀ ଡାକ୍ତର ଦୀନବନ୍ଧୁ ସାହୁ

ତୁମେ ଆସିଲା ବେଳକୁ
ଫୁଲ ବଗିଚାରୁ ଉଡ଼ି ଯାଇଥିଲେ
ତୁମ ଅବିଶ୍ୱାସର ରଙ୍ଗୀନ ପ୍ରଜାପତି,
ଅତର କାଚରୁ
ଉଡ଼ି ଯାଇଥିଲା ଯେତେ ସବୁ
ତୁମ ସନ୍ଦେହର ବାସ୍ନା ।

ଗୋଟେ କୃଷ୍ଣଚୂଡ଼ା ପାଖୁଡ଼ାରେ ବସି
ଓହ୍ଲେଇ ଆସୁଥିଲା
ଯେଉଁ ଦରଦୀ ହୃଦୟ ତୁମର
ଜୀବନ ତାକୁ ମୃତ ବୋଲି କେତେବେଳୁ
ଘୋଷଣାପତ୍ରରେ ଲେଖି ସାରିଥିଲା
ତୁମ ଅବସୋସର ଆକାଶରେ ।

ତୁମେ ଆସିଲା ବେଳକୁ
ତୁମ ଆତ୍ମଦାହ ପରି
ଶିମିଳି ଡାଳରେ ବସି
ବାହୁନୁଥିଲା କପୋତୀ,
ଶୁଖିଲା ନଈ ପିଠିରେ
ଆଶାର ହୁଲି ଡଙ୍ଗାଟିଏ ଗାଉଥିଲା
କଳାମେଘର ଶେଷ ଗୀତ ।

ତର ତର ହୋଇ ଆସିଲା ବେଳକୁ
ତୁମ କଅଁଳ ପାଦରେ
ଫୁଟି ଯାଇଥିଲା ଯେଉଁ ଈର୍ଷାର କଣ୍ଟା
ସେ ମାଟିରେ ଝରି ପଡ଼ିଥିଲା
ଟୋପାଏ ପ୍ରେମର ରକ୍ତ ।

ତୁମେ ଆସିଲା ବେଳକୁ
ଗାଢ଼ ଅକ୍ଷରକୁ ବିଶ୍ୱାସ କରି
ଶୋଇ ଯାଇଥିଲେ ତୁମ ବିନିଦ୍ର ଆଖିର
ଯେତେ ସବୁ ଅପହଞ୍ଚ ସ୍ୱପ୍ନ,
ରାତିର ତାରା ସବୁ ଏକାଠି ହୋଇ
ଜଗିଥିଲେ ତୁମ ବାଟ
ପଚାରିବାକୁ ତୁମ ଯାତ୍ରାର ଯାତନା ।

ଶେଷରେ ତୁମେ ଯେଉଁ ବିଚିତ୍ର ଅନ୍ଧାରର
ବାଟ କାଟି ଆସି ପହଞ୍ଚିଲ
ସେଇ ଦୁଃଖର ଦିଗ୍‌ବଳୟ ପାଖରେ,
ସେଇଠି ନୀରବରେ
ପାଳଭୂତ ପରି ଠିଆ ହୋଇଥିଲା
ଗୋଟେ ନିର୍ଜୀବ ଉଦାସ ସକାଳ ।



କବି ରବି ଶତପଥୀ

ଅଧ୍ୟାପକ: ଓଡ଼ିଆ ବିଭାଗ,
ନନ୍ଦପୁର କଲେଜ, କୋରାପୁଟ
ଫୋନ:୯୪୩୭୭୮୪୮୫୯

# ପାନ୍ଥ ମୁଁ ପରଦେଶୀ

**ଦୀପ୍ତି ଦାସ**



ଚିତ୍ର : ଶିଳ୍ପୀ ପ୍ରଜ୍ଞା ଓଝା

ହସକୁ ଯେଦିନ
ସମାଧି ଦେଲି ମୁଁ,
ଲୁହକୁ ଭସେଇ ଦେଲି
ଦେହର ଦାହକୁ କାଠ ସଜାଇଲି
ମନକୁ ମଶାଣି କଲି... ।

ହସଲୁହ ବିନା ପାଲଟି ଗଲି ମୁଁ
ତୁଠର ପଥର ଗହିରୀ ମଥାରେ
ଗୋଇଠି ମଜାରେ
ଲଟକି ଯାଇଛି ସବୁରି ଲୟ,
ଅନ୍ଧ ସମୟ ବନ୍ଧ ବାନ୍ଧିଲା,
କାଳେ ଛୁଇଁଯିବା ଭୟ... ।

ଆଉ ଏତେବେଳେ,ଏ ଲୁହ କହୁଛି
ପାନ୍ଥ ମୁଁ ପରଦେଶୀ
ତୁମରି ପଣତ ଭିଜାଭିଜା ବାସ୍ନା
ମନେପଡ଼େ ବେଶୀ ବେଶୀ.... ।

ଏ ଲୁହ କହୁଛି ତୁମରି ଓଠରେ
ହସ ସିନା କଳା-କଇଁ,
ଲୁହ ବିନା ତୁମେ କିଇଁକି ପାରିବ
ଲୁହ ତ ବତୁରା ଭୂଇଁ,
ତୁମରି ପଣତ ପାନ୍ଥଶାଳାରେ
ପୌଷ ପବନ ହୋଇ
ଆଜି ମୁଁ ଆସିଛି,
ହଜାଇ ଦେବାକୁ ଠିକଣା ମୋହର
ତୁମରି ଠିକଣା ନେଇ... ।

ତୁମେ ଜଳୁଥିଲ ପଳାଶ ନିଆଁରେ
ନିଭାଇଲି ନିଆଁ ଆଷାଢ଼ ବର୍ଷା ହୋଇ
ତୁମେ ଖୋଜୁଥିଲ
ପାଉଁଶ ତଳରୁ ସ୍ମୃତିର ଶାମୁକା
ଖୋଜି ଦେଇଥିଲି ଶ୍ରାବଣର ଧାରା ହୋଇ... ।

ଜାକର ନିଆଁରେ ଜଳିଗଲା ତୁମ
ପଦ୍ମପୋଖରୀ ଉଆଁସ ପାଚେରୀ ଘେରା
ଉଦୟ ରାଗରେ ଗୋଟେଇ ଆଣିଲି
ଥୋଇ ଦେଇଥିଲି, କାଖରେ ତୁମର
କୁଡ଼ିଆ ଭିତରେ ବନ୍ଧା ପଡ଼ିଥିବା ଗରା... ।

ଆଜି କିଆଁ ପୁଣି ନିରବ ନିଥର
ତୁଠର ପଥର,
ଏକା ଚାହିଁବାର ରାତି ତୁମ ଉଜାଗର
ମଶାଣି ନିଆଁକୁ ସାଉଁଟି ନେଇଛ
ଏ କି ଜୀବନ,
ବଂଚିବାର ମାନେ,
ଲିଭିଯାଏ ଦୁଇକୂଳ
ପାଉଁଶରେ କିଆଁ ପୋତିଛ ପରାଣ
ନିଃଶ୍ୱାସର ନଈକୂଳ... ।

ନଦେଇ ପାରିଲି ବୟସ ବନରେ
ବସନ୍ତ ମଳୟ ଚଇତି ଆଳୟ
ଫଗୁଣ ପସରା, ଗୀତଟିଏ ମଧୁଝରା
ଦେଇ ତ ପାରିବି ପଉଷ ଖଳାରୁ ମୁଠାଏ ତୁମକୁ
ସୁନା ସୋରିଷିଆ ଖରା ।

ମାଘ ମେଘ ହୋଇ
ଝରି ପଡୁଥିବି
ତୁମରି ପଣତ ବତୁରା ଭୂଇଁରେ
ଆଶା ନିରାଶାର
ଉକୁଟି ଉଠିବ, କିଇଁବାର ଚାରୁକଳା.. ।
ଲୁହ ନୁହେଁ ମୁଁ ଯେ
ଝରିଯିବା ପାଇଁ
ନିରାଶାର ପାଦଟୀକା
ଅମା ଅନ୍ଧାରେ
ଦୀପଟିଏ ହୋଇ
ଲିଭିବାରେ ନୁହେଁ
ଜଳିବାରେ ଦେଖ
ଜୀବନ ରଶ୍ମିରେଖା... ।

ଟୋପାଏ ଲୁହ ମୁଁ
ତୁମରି ଆଖିରେ
ରହିଛି, ରହିବି
ଅନେକ, ବେଦନା ଜୁଆରେ,
ହସ ହୋଇ ପୁଣି ଫୁଟିପାରେ ମୁଁ ଯେ,
ସହସ୍ର ଉଦୟ ରାଗରେ ।



ଦୀପ୍ତି ଦାସ

ଅରଡ଼ବଜାର, ବାଲେଶ୍ୱର-୭୫୬୦୦୧
ଫୋନ:୯୮୬୧୪୬୬୪୫୩

# ପ୍ରେମ କବିତା

## ଗଙ୍ଗାଧର ବିଶ୍ୱାଳ

ପ୍ରେମ ଏକ ଦୁର୍ଘଟଣା । ଆଜୀବନ ଦାଗଟିଏ
ଗାଧୁଆ ଦେହ ଓ ଅଗାଧୁଆ ମନରେ ସେ
ଏକା ପରି ଦିଶେ ।
ପ୍ରେମ ଏକ ଆଖିଧରା ରୋଗ । ଚାହିଁଲେ ଡିଏଁ
ଦିନ ରାତି ମାସ ବର୍ଷ
ଦେହରେ ଓ ମନରେ ମହମହ ବାସେ ।
ପ୍ରେମ ଏକ ପାରିଜାତ ଫୁଲ । ସ୍ୱପ୍ନରେ / ନିଦରେ ଥାଏ
ଥାଏ ପୁଣି ହାତ ଆଆନ୍ତାରେ, ଅପହଂଚ ଦୂରତାରେ,
ବିଛଣାରେ କାଟୁଥାଏ ରାତି । ବିତୁଥାଏ ଦିନ
ପୋତୁଥାଏ ଗଛ । ସଜାଡୁଥାଏ ଘର ଓ
ସଫା କରୁଥାଏ ମନ;
ବନ୍ଧକ ଗହଣା ହେଇ କରଜରେ ଆଣୁଥାଏ
ଆଉ ଗୋଟେ ହୃଦୟ ।

ଅଜାଣତରେ ପୋଛି ଯାଇନଥିବା ଦୁଇଟୋପା
ଅମାନିଆ ଲୁହ ସିଏ ।
ଜହ୍ନରେ ତାରାରେ ଉଇଁ ନଥିବା ଦୁଇଧାର ହସ ।
ଅନ୍ଧାରକୁ ନେଇ ଲେଖା ହୋଇ ନଥିବା ଚିଠି,
ନିବୁଜ ଆକାଶରେ ଡେଣା ଝାଡ଼ି ନଥିବା
ନିଦାଘ ବସନ୍ତ ବର୍ଷା ଅବା ଶୀତ ।

ତୁମେ ଆଉ ଆଗ ଭଳି ତମ ଛାତି ଓ ବେଣୀର
ଅଧା ଚାହାଣିରେ ହାଲୁକା କରୁନାହଁ ଏ ଦେହର ଓଜନ,
ଗୋଲାପୀ-ହଳଦୀ ଚମ୍ପାକଢ଼ି ଓଠକୂଳେ



ଡଃ ଗଂଗାଧର ବିଶ୍ୱାଳ

ବର୍ଷୁନାହିଁ ଚଇତାଳି ହସ । ଚନ୍ଦନର ଋତୁ ଆଣୁନାହିଁ
ତମ କସ୍ତୁରୀ ଦେହର ବାସ୍ନା ।
ମନେପଡ଼େ ତମର ସେ କୁଆଁରୀ ବୟସ । କାଖରେ
କଳସୀ ଭିଡ଼ି ପୋଖରୀରୁ ପାଣି ଆଣି
ମନ୍ଦିରକୁ ଗଲା ବେଳେ
ପାଦ ତମ ଝୁଣ୍ଟୁଥାଏ;
ଓଦାକାଳି ଚୁମା ଖାଉଥାଏ
ପ୍ରଖର ଝାଂଜିରେ ଅବା ଆଷାଢ଼ର ପହିଲି ବର୍ଷାରେ ।

ଯେତେବେଳେ କୋଣାର୍କର ନଗ୍ନମୂର୍ତ୍ତି ପିନ୍ଧାଲୁଗା ଧରି
ତୁମରି ଦର୍ଶନ ଲାଗି ଓଗାଳନ୍ତି ବାଟ । ଶୁଣିବାକୁ
ନେହୁରା ହୁଅନ୍ତି ତମ ଅଙ୍ଗେନିଭା ଦୁଃଖର କାହାଣୀ;
ତମେ ସେତେବେଳେ ଲାଜକୁଳୀ ଲତାଟିଏ ହେଇ
ସରମରେ ଓଦା ସରସର । ଢଳଢଳ ପଦ୍ମଫୁଲଟେ ପରି
ଡୁବି ମରିବାକୁ ଖୋଜୁଥାଅ
ବେଣ୍ଟପୋଖରୀର କାଚକେନ୍ଦୁ ପାଣି ।

ଆଜି ତମେ ଏକ ଭରାନଈ ।
ଦେହେ ତମ ଶୋଷ ଆଉ ଶୋଷର ଲହଡ଼ି
ଆଖିରେ ତମର
ଅଗ୍ନାଅଗ୍ନି ଅପହଂଚ ଅଭେଦ ଅରଣ୍ୟ,
ତା' ଭିତରେ ବାଟ ଭୁଲି ବାଟ ଖୋଜୁଥିବା ଏକ
ତୃଣଭୋଜୀ ଚଞ୍ଚଳା ହରିଣୀ ।

ତମେ ପୁଣି ଲାଗ ଆକାଶ ଗାଲରେ
ମୁହଁସଂଜ ସଂଧ୍ୟାତାରା ଅବା ଏକୁଟିଆ ଭୋର୍ କୁଆଁତାରା ।
ଧୂଆପଖଳା ନିତିପିନ୍ଧା ପ୍ରିଣ୍ଟ୍ ଶାଢ଼ି ଖଣ୍ଡେ
କାହା ସ୍ତ୍ରୀ ପୁଣି କାହାର ପ୍ରେମିକା,
ଏତେ ସରି ହେବା ପରେ ରାଜି ହୁଅ ।
ମନକଥା କହି ଖବର ପଠାଅ
ହେବା ପାଇଁ ମୋ କାବ୍ୟ ନାୟିକା ।

ମାନ ବା ନ ମାନ ତମେ
ତମେ ଅଟ ତମ ଭଳି । ତମର ବିକଳ୍ପ ନାହିଁ,
ତମେ ଇଚ୍ଛାମତୀ, ତମେ ମଧୁଛନ୍ଦା
ପ୍ରେମ କର । ଭୁଲିଯାଅ । ପୁଣି ଭୁଲିନଥିବାର ଅଭିନୟ କର ।

ଏସବୁ ଜାଣିବା ପରେ
ବୟସ ଖୋଳପା ଉତାରି ପିନ୍ଧିଅଛି ନୂଆଦେହ
ଧରିଅଛି ପଲ୍ଲବିତ ନବଯୌବନ,
କବି ହେଇ ରଚିବାକୁ ପ୍ରେମଗୀତା
ଶିଳ୍ପୀ ହେଇ ଆଙ୍କିବାକୁ ପ୍ରେମଛବି
ହୋଇଅଛି ସତ ପ୍ରଜାପତି । ଅନ୍ଧ ମହୁମାଛି ।

'ଆମଘର', ନିଉକଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
ଫୋନ:୯୪୩୭୧୨୯୨୬୫

# କବିତାର କବି

## ତପନ କୁମାର ପଣ୍ଡା




ଚିତ୍ର : ଶିଳ୍ପୀ ଭାରତୀ କର

ଆ'ରେ ଡିଙ୍ଗଡ଼ ମାଝୀର ପୁଅ
ତୋତେ ଶୁଣେଇବି ଗୋଟେ
କବିତାର କବି କଥା-

ଯୋଉ ଫଟା ପାହାଡ଼ର ଥନରୁ
ଗୋଟେ କଇଁଫୁଲିଆ ଜହ୍ନରାତିରେ
ତୋ' ମା' ମହୁଲି ନିଶାରେ ଝୁମି
କନିଆଁ ଝିଙ୍କାରେ ବରିଥିଲା ତୋ ବା'କୁ
ଆଜି ସେଠି ଖାଲି ଲୁହାର ଜଙ୍ଗଲ !

ସୁଖର ଡୁମା ଦେବତା ମଥାରେ
ସୋରିଷ ଫୁଲ ମୁଠାଏ ଥୋଇ
ବା' ପଛେ ପଛେ ଗଲା ତୋ ମା'
କେହି ବୁଝିଲେନି ନଈର କାନ୍ଦ ବୋବାଳି
କେହି ଶୁଣିଲେନି ହାଡ଼ ବଂଶୀରେ
ମଲା ସକାଳ ପବନର ସାଇଁ ସାଇଁ ।

ଠିକ୍ ସେଇ ବେଳରେ
ଯୋଉଠି ଫେରାର୍ ହୁଏ ବିଶ୍ୱାସ
ଝଡ଼ାପତ୍ର ସବୁ ହୁଅନ୍ତି ଫୁସ୍‌ଫାସ୍
ଆଉ ଫେରାର୍ ଚଢ଼େଇ ସବୁ

ଡେଣା ଝାଡ଼ି ଝାଡ଼ି ଉଡ଼ିଯାନ୍ତି
ଭରିବାକୁ ଲାଜକୁଳା ଜଙ୍ଗଲର ଶୋଷ,
କବିଟିଏ ପହଞ୍ଚେ ଗୀତ ଗାଇ ଗାଇ
ଜୀବନର ମହାମନ୍ତ୍ର, ପଞ୍ଚତନ୍ତ୍ର
ବୁଣି ବୁଣି ସମତାର ବୀଜମନ୍ତ୍ର ।
ନାଁ ତାର ବସନ୍ତ ମୁଦୁଲି ।

ଯେମିତି କୁହୁଳା କୋହଙ୍କୁ ବାଟ କଢ଼ାଏ
ବହୁ ବର୍ଷରୁ ବନ୍ଧା ପଡ଼ିଥିବା ଲୁହ,
ପବନ ମୁହାଣ ଦିଏ ଅଳସି ନଈକୁ
ପୂର୍ଣ୍ଣିମୀର ଜହ୍ନ ଭିଜାଏ ସମୁଦ୍ରକୁ
ଆଉ ଅଗ୍ନିଫୁଲ ଜଳାଏ ଅନ୍ଧାର ରାତିକୁ
କବି ଦେଖାଏ ହତାଶାର ଅସରନ୍ତି କ୍ଷତ
ଆଙ୍କିଦିଏ ଧମନୀରେ ଆଶାର ଦସ୍ତଖତ ।

କବି କୁହେ- କାପୁରୁଷ ସବୁ ଦେଖ
ଭାତ, ଭୁତ, ଭୟର ଘୁଂଘୁର ବାନ୍ଧି
ନିଷ୍ଠୁର ଅବିଶ୍ୱାସର ଫତେଇ ପିନ୍ଧେଇ
କିଏ ସେ ଲୁଟିନିଏ ତୁମ ନିର୍ଭୁଲ୍ ଭବିଷ୍ୟତ ?


କବି କରେ ନୂଆ ଏକ ମନ୍ତ୍ର ଉଚ୍ଚାରଣ,
ଆଗକୁ ବଢ଼େଇ ଦିଏ ତା ନିରୀହ ଛାତି
କୁହେ- ଆଣ ଯେତେ ବୁଲେଟ୍ ଓ ବାନେଟ୍
ଜାଳିଦିଅ ଯେତେ ସବୁ ମାୟାବୀ ବାଲଟ୍
ଦୀର୍ଘଶ୍ୱାସର ବାଜୁବନ୍ଧରେ ରଙ୍ଗାଅ
ରକ୍ତ କରବୀର ଉନ୍ମାଦ ଶୃଙ୍ଗାର ।

ଏବେ ସବୁ ଡିଙ୍ଗଡ଼ ମାଝୀଙ୍କ ପୁଅ
ବୁଝିଲେଣି ମୂଲଚାଲ, ନିକିତି ତଉଲ
ଭୋଗିଲେଣି ଶାଣିତ ଖଞ୍ଜରର ଗେଲ
ମାପିଲେଣି ସୁନା ସ୍ୱପ୍ନ ପଛରେ ଖଞ୍ଜା
ଯେତେସବୁ ବରଫବନ୍ଧା ଗମ୍ବୁଜ ଉପରେ
ଦିବାନିଦ୍ରାରେ ସଜା କୁହୁଡ଼ିର ଛାୟା ।

କବି ମରୁ, କବି ତରୁ, କବି ଜଳୁ
ସମୟର ଆପେକ୍ଷିତ ମରଣ ନିଆଁରେ;
ଏବେସବୁ ଡିଂଗଡ଼ ମାଝୀଙ୍କ ପୁଅ
ହକ୍‌ର ମଝି ଜଙ୍ଗଲରେ ଖେଳନ୍ତି
ସୁନେଲି ସକାଳର ଆଲୋକିତ ହୋଲି ।

ଏବେ ସବୁ ଡିଙ୍ଗଡ଼ ମାଝୀଙ୍କ ପୁଅ
ଜଣେ ଜଣେ ବସନ୍ତ ମୁଦୁଲି ।

ହାଇଦ୍ରାବାଦ, ଫୋନ:୭୦୮୨୪୬୪୮୦୦



କବି ତପନ କୁମାର ପଣ୍ଡା
ଫଟୋ ସୌଜନ୍ୟ : ହିରଣ୍ମୟୀ ମିଶ୍ର

# ଆଉ ଥରେ ମୁଁ ଫେରିବି ...

## ଆଲୋକ କୁମାର ବାରିକ

ଅନ୍ୟାୟ ବିରୋଧେ ଲଢ଼ି ଲଢ଼ି ଯଦି
କେଉଁ ଦିନ କେବେ ମରିବି
ମନ ଦୁଃଖ କେବେ କରିବନି ସାଥୀ
ଆଉ ଥରେ ମୁଁ ଫେରିବି
ବିପ୍ଳବର ବହ୍ନି ଜାଳିବି
ଲଢ଼େଇର ମଙ୍ଗ ଧରିବି
ଆଉ ଥରେ ମୁଁ ଫେରିବି ..(୧)

ଜୀବନ ଯେଉଁଠି ଅକାଳରେ ଯାଏ
କେମିତି ନିରବେ ବସିବି ?
ପେଟ ପାଇଁ ଯହିଁ ପିଲା ବିକେ ମାଆ
ଦେଖି ଦେଖି କେତେ ସହିବି ?
ପ୍ରତିବାଦ ମୁଁ କରିବି
ମରଣକୁ କେବେ ଡରିବି ନାହିଁ ମୁଁ
ଗୁଳିରେ ପଛେ ମୁଁ ଟଳିବି
ମନ ଦୁଃଖ କେବେ କରିବନି ସାଥୀ
ଆଉ ଥରେ ମୁଁ ଫେରିବି...(୨)

ଟାଙ୍ଗରା ମାଟିରେ ସୁନା ଫଳାଉଛୁ
ମୁଣ୍ଡ ଫଟା ଖରା ସହି
ଆମ ପିଲା ଛୁଆ ଆମ୍ବୁଲ ଚାଟନ୍ତି
ମାଣ୍ଡିଆର ଜାଉକୁ ଖାଇ
ପେଟ ପାଇଁ ଭାତ ନାହିଁ
ମାଆର ଥନରୁ କ୍ଷୀର ଝରେ ନାହିଁ
ଶିଶୁ ବଂଚେ ପାଣି ପିଇ
ସେଠି ପ୍ରତିବାଦ ମୁଁ କରିବି
ମରିବାକୁ କିଆଁ ଡରିବି ?
ମନ ଦୁଃଖ କେବେ କରିବନି ସାଥୀ
ଆଉ ଥରେ ମୁଁ ଫେରିବି...(୩)

ଖରା ବରଷାକୁ ଖାତିର ନ କରି
ଅଟ୍ଟାଳିକା କେତେ ତୋଳିଛୁ
ମୁଣ୍ଡ ଝାଳ ଆମେ ତୁଣ୍ଡରେ ମାରିକି
ରାଜରାସ୍ତା କେତେ କରିଛୁ
ପାଣି ପିଇ ଭୋକ ମାରିଛୁ
ମୁଣ୍ଡ ଜାକିବାକୁ ଛାତ ଖଣ୍ଡେ ନାହିଁ
ଅପନ୍ତରା ମଧ୍ୟେ ରହିଛୁ
ଏହାର ବିରୋଧ କରିବି
ମୁହଁ ବନ୍ଦ ପାଇଁ ମାରିଦେଲେ କେହି
ଜାଣି ଜାଣି ମୁଁ ମରିବି
ମନ ଦୁଃଖ କେବେ କରିବନି ସାଥୀ
ଆଉ ଥରେ ମୁଁ ଫେରିବି...(୪)

ଜାତି, ଧର୍ମ ନାମେ ନିଇତି ମଣିଷ
ରକ୍ତରେ ହୋଲି ଖେଳୁଛି
ନିଜ ସ୍ୱାର୍ଥ ପାଇଁ ଆଜିର ନେତା
ରାଜନୀତି ଛୁଙ୍କ ଦେଉଛି
ଧର୍ମର ମଦିରା ବିକୁଛି
ଚାକିରି ହରାଇ ଯୁବଗୋଷ୍ଠୀ ସେଠି
ଲାଙ୍ଗୁଡ଼ ଯାକି କି ପଡ଼ିଛି
କେତେ କୁହ ଆଉ ସହିବି ?
ପ୍ରତିବାଦ ନିଶ୍ଚେ କରିବି
ପୁରସ୍କାର ଯଦି ଫାଶି ଦଣ୍ଡ ହୁଏ
ଫାଶି ଖୁଂଟେ ମୁଁ ଝୁଲିବି
ମନ ଦୁଃଖ କେବେ କରିବନି ସାଥୀ
ଆଉ ଥରେ ମୁଁ ଫେରିବି...(୫)

ଅନ୍ୟାୟ ଶୋଷଣ ଦୀର୍ଘସ୍ଥାୟୀ ନୁହେଁ
ଇତିହାସ ସାକ୍ଷୀ ରହିଛି
କେତେ ମହାରାଜା, ପୁଞ୍ଜିପତି ଆଂଟ
ସର୍ବହରା ଜାତି ଭାଙ୍ଗିଛି
ବିପ୍ଳବର ବହ୍ନି ତେଜିଛି
ସର୍ବହରାର ତତଲା ନିଃଶ୍ୱାସେ
କେତେ ରାଜବାଟୀ ଜଳିଛି
ପୁଣି ସେହି ବହ୍ନି ଜାଳିବି
ଶୋଷିତ ଶ୍ରେଣୀର ନ୍ୟାର୍ଯ୍ୟ ଦାବି ପାଇଁ
ମଲେ ପଛେ ମୁଁ ମରିବି
ମନ ଦୁଃଖ କେବେ କରିବନି ସାଥୀ
ଆଉ ଥରେ ମୁଁ ଫେରିବି...(୬)

ଲକ୍ଷ୍ୟ ମୋର ନୁହେଁ ବହୁ ଦୂର
ଦିନେ ନା ଦିନେ ମୁଁ ଜିତିବି
ଶୋଷିତ ଶ୍ରେଣୀକୁ ନ୍ୟାର୍ଯ୍ୟ ହକ୍ ଦେଇ
ଭିନ୍ନ ଇତିହାସ ଲେଖିବି
ସଭିଙ୍କ ପାଇଁ ମୁଁ ବଂଚିବି
ସଭିଙ୍କ ହୃଦୟେ ରହିବି
କ୍ଷମତା ଭୟରେ ମୃତ୍ୟୁ ଦଣ୍ଡ ଦେଲେ
ତାହାକୁ ବରଣ କରିବି
ମନ ଦୁଃଖ କେବେ କରିବନି ସାଥୀ
ଆଉ ଥରେ ମୁଁ ଫେରିବି...(୭)

ସରଡିଆ, ଊପଦା, ବାଲେଶ୍ୱର
ଫୋନ : ୭୭୩୫୪୨୬୬୭୩



▲ ଆଲୋକ କୁମାର ବାରିକ



▲ ଚିତ୍ର : ଶିଳ୍ପୀ ତପନ ସାହୁ

# ପ୍ରାପ୍ତି



# ଉଦୟ ନାରାୟଣ ଦାସ

ଚୂନଭାଟୀ କଲୋନୀ, ଗୋପାଳଗାଁ, ବାଲେଶ୍ୱର
ଫୋନ:୭୭୩୫୯୫୧୩୮୪

ଚିତ୍ର ଓ ଅଳଂକରଣ : ଈପ୍‌ସିତା ଦେ

ଅକସ୍ମାତ ଆଜି ମୁଁ ଭାଇନାଙ୍କ ଠୁଁ ଚିଠିଟେ ପାଇଲି ମାନ୍ଦ୍ରାଜରୁ ଓଡ଼ିଶା ବାହାରିଲା ବେଳେ । ସେ ଲେଖିଛନ୍ତି ଫେରିଲେ ତାଙ୍କୁ ଶୀଘ୍ର ଦେଖା କରିବାକୁ । କେଜାଣି ସେ କେମିତି ଜାଣିଲେ ମୁଁ ଘରକୁ ଫେରୁଛି ବୋଲି । ହଁ ଏବେ କୋଡ଼ିଏ ବର୍ଷ ପରେ ମୁଁ ଓଡିଶା ଫେରି ଆସୁଛି । ମୋର ଭାଇନା ଓ ନାନୀଙ୍କ ସବୁ କଥା, ସବୁ ସ୍ମୃତି ହୃଦୟରେ ଯେମିତି ଗୋଟେ ନିଭୃତ କୋଠରୀ ଭିତରେ ସାଇତା ହେଇ ରହିଛି । ସେମାନଙ୍କର ଓ ସେମାନଙ୍କ ପୁଅ ବିକ୍କିର ଅନେକ ଫେମିଲି ଫଟୋ ବି ମୋ ପାଖରେ ରହିଯାଇଛି । ସେମାନଙ୍କ ସମ୍ପର୍କରେ ଥିଲା ବେଳେ ବି ମୁଁ କ୍ୟାମେରା ଧରୁଥିଲି । ଜୀବନର ଖାଇବା, ଶୋଇବା ସବୁ ଭୁଲି ଯାଉଥିଲି, କିନ୍ତୁ କ୍ୟାମେରାର ଫଟୋ ଉଠାଇବାକୁ ନୁହେଁ । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଓ ମଣିଷଙ୍କ ବିଭିନ୍ନ ଢଙ୍ଗର ଫଟୋ ନେବା ଥିଲା ମୋର ଗୋଟେ ସ୍ୱତନ୍ତ୍ର ହବି । ଆଜି ବି ଅଛି ସେଇ ମାନସିକତା ଓ କାନ୍ଧରେ ଝୁଲୁଛି ଗୋଟେ ବିଦେଶୀ କ୍ୟାମେରା ।

ଗୋଟେ ଦୁର୍ଘଟଣା ସେତେବେଳେ ଭାଇନା ଓ ଛବି ନାନୀଙ୍କ ଛନ ଛନ ସବୁଜ ଦୁର୍ବାଦଳର ପୃଥିବୀ, ଆକାଶ ଓ ପାତାଳକୁ ହଠାତ୍ ସ୍ତବ୍ଧ କରି ଦେଇଥିଲା । ତା'ପରେ ଗୋଟେ ବିରାଟ ଭୂମିକମ୍ପର ପ୍ରତିକ୍ରିୟା ପରି ଆମେ କିଏ କୁଆଡ଼େ ଛିନ୍‌ଛତ୍ର ହେଇ ଯାଇଥିଲୁ । ମୁଁ ଜୀବନ ଜୀବିକା ପାଇଁ ମାନ୍ଦ୍ରାଜ ଚାଲି ଯାଇଥିଲି । ସେଠି 'ଜହ୍ନମାମୁଁ ପ୍ରକାଶନ'ରେ ମୋର ନିଯୁକ୍ତି ହେଲା ।

ଭାଇନା ସେତେବେଳେ କଟକ ଷ୍ଟେଟ୍ ବ୍ୟାଙ୍କ୍ ବ୍ରାଞ୍ଚରେ ରହିଗଲେ । ଭାଇନା ଓ ନାନୀ ସେଇ ଲିଂକ୍‌ରୋଡ୍ ପାଖରେ ଗୋଟେ ଭଡା ଘରେ ରହିଥିଲେ ।

ମୁଁ ଆଉ ନାନୀଙ୍କ ସହିତ କିଛିବି ସମ୍ପର୍କ ରଖିବାକୁ ସାହସ କରି ପାରିନଥିଲି । ଚିଠି ଲେଖିବାକୁ ଆରମ୍ଭ କଲେ ତାଙ୍କ କାନ୍ଦୁରା ମୁହଁ, ଅଳରା କେଶ, ଆଖିର ଲୁହ ମୋ ସାମ୍ନାରେ ଦୃଶ୍ୟମାନ ହେଇ ଯାଉଥିଲା । ମୁଁ ଆଉ ଚିଠି ଲେଖିବା ସମ୍ଭବ ନଥିଲା । ଲେଖିଥିବା ଅଜସ୍ର ଅଧା ଚିଠି ବି ଫୋପାଡ଼ି ଦେଉଥିଲି ଡଷ୍ଟବିନ୍‌କୁ । ସମ୍ପୂର୍ଣ୍ଣ ନୀରବତା ଭିତରେ ଦୀର୍ଘ ଦିନ ରହି ଯାଇଥିଲା ଆମ ସମ୍ପର୍କ । ଆଜି ବି ଗୋଟି ଗୋଟି କଥା ମୋର ମନେ ଅଛି ।

ହିସାବ କଲେ ତାଙ୍କ ସହ ମୋର ସମ୍ପର୍କ


▲ ଗାଳ୍ପିକ ଉଦୟ ନାରାୟଣ ଦାସ

## କାହାଣୀ ପଛର କାହାଣୀ

ମଣିଷର ପ୍ରକୃତ ପ୍ରାପ୍ତି କ'ଣ ହେଇପାରେ ସେଇ କଥାକୁ ଉପଜୀବ୍ୟ କରି ଏଇ କାହାଣୀଟି ଗଢ଼ି ଉଠିଛି । ଗଳ୍ପରେ ମୁଖ୍ୟ ଚରିତ୍ର ଭାଇନା ଓ ଛବି ନାନୀ ସେମାନଙ୍କର ପ୍ରିୟତମ ଏକମାତ୍ର ପୁଅକୁ ହରାଇଲା ପରେ ଆଉ ଏ ସଂସାରରେ କେଉଁ ପ୍ରାପ୍ତି ପାଇ ପ୍ରତୀକ୍ଷା କରିଛନ୍ତି ? ସେଇ ପୁଅର ଭବିଷ୍ୟତକୁ ନେଇ ସେମାନଙ୍କ ଭିତରେ ଅନେକ ସ୍ୱପ୍ନ, ଅଭୀପ୍‌ସା ଓ ଉଦ୍ୟମ ଥିଲା ଅନବରତ । ଭାଇନା ଆଶା କରିଥିଲେ ପୁଅ ବଡ଼ ଡାକ୍ତର ହେବ, ଗୋଟେ ବଡ଼ ଦାତବ୍ୟ କ୍ଲିନିକ୍ ଖୋଲାଯିବ । ତା' ପାଇଁ ସହର ଉପକଣ୍ଠସ୍ଥ ଏନ୍.ଏଚ୍.କୁ ଲାଗି ବିରାଟ ଜାଗାଟେ ବି କିଣି ରଖିଥିଲେ । ନାନୀଙ୍କର ବି ସ୍ୱପ୍ନ ଥିଲା ଅନେକ । ସେ ବଡ଼ ମଣିଷ ହେବ । ଦେବୀ ପ୍ରତିମା ପରି ବୋହୂଟେ ଆସିବ । ନାନୀ ପୁଅ ବୋହୂଙ୍କୁ ଶଙ୍ଖୋଳିନେବା ବଳେ ତାଙ୍କ ଜନନୀ ଜୀବନ ସାର୍ଥକ ହେବ ଓ ଛାତି ଗର୍ବରେ ପୂରି ଉଠିବ ।

କିନ୍ତୁ ମଣିଷର କ'ଣ ସବୁ ପାର୍ଥିବ ଆଶା/ ସ୍ୱପ୍ନ ଫଳବତୀ ହେଇପାରେ ? ଦୁଇଜଣଙ୍କର ସୁଖର ପାହାଡ଼ ଭାଙ୍ଗି ଚୁରମାର୍ ହେଇଗଲା ପରେ ସେମାନେ ଅତିମାନସ ସୂକ୍ଷ୍ମ ପରମ ସତ୍ୟ, ମଙ୍ଗଳ, ସୁନ୍ଦର ଓ ଆନନ୍ଦର ସ୍ପର୍ଶ ଲାଭ ପାଇଁ ଉଦ୍‌ଗ୍ରୀବ ହେବା ସ୍ୱାଭାବିକ । ସେମାନେ ଏ ଅନିତ୍ୟ ସଂସାର ଭିତରେ ଅମୃତ ଅନ୍ୱେଷଣ କରିଛନ୍ତି ଓ ତାହାର ପ୍ରାପ୍ତି ପାଇଁ ସେମାନେ ପ୍ରାର୍ଥନା କରିଛନ୍ତି- "ହେ ପରମବ୍ରହ୍ମ ଆମକୁ ମୃତ୍ୟୁରୁ ଅମୃତ ଆଡ଼କୁ ନିଅ, ଅନ୍ଧାରରୁ ଆଲୋକ ଆଡ଼କୁ ଓ ଦୁଃଖରୁ ପରମ ଆନନ୍ଦ ଓ ନିତ୍ୟ ସୁଖର ରାଜ୍ୟକୁ ନିଅ ।"

ଅବଶ୍ୟ ଭାଇନା ଓ ନାନୀଙ୍କର ଏଇ ଦିବ୍ୟ ପ୍ରାପ୍ତିର ତରିକା ଓ ପ୍ରାର୍ଥନାର ପ୍ରଣାଳୀ ଭିନ୍ନ । କିନ୍ତୁ ବାପି ଏ ଦୁଇଜଣଙ୍କ ହୃଦୟର ଗଭୀର ଆଧ୍ୟାତ୍ମ ଭାବକୁ ଅନୁଭବ କରିପାରିଛି ଦୀର୍ଘ କୋଡ଼ିଏ ବର୍ଷ ବ୍ୟବଧାନ ପରେ ମାନ୍ଦ୍ରାଜ୍‌ରୁ ଫେରି । ବାସ୍ତବିକ ବାପି ସେମାନଙ୍କ ରକ୍ତର କିଛି ବି ସଂପର୍କିତ ନୁହେଁ । କିନ୍ତୁ ସଂପର୍କ ରକ୍ତର ନହେଇ ବି କେତେ ନିବିଡ଼, କେତେ ଆନ୍ତରିକ ତାହା ଏହି ପ୍ରାପ୍ତି ଗପରେ ହିଁ ଉଜ୍ଜୀବିତ ହେଇଛି ବାପି ଚରିତ୍ର ଭିତରେ ।

ନାନୀ ଦୀର୍ଘ ବର୍ଷ ଧରି ଭାଇନାଙ୍କ ସହିତ ଜୀବନ ବିତାଇଥିଲେ ବି ତାକୁ ଠିକ୍ ଭାବେ କଳନା କରିପାରି ନାହାନ୍ତି । ଅଥଚ ବାପି, ଭାଇନାଙ୍କ ହୃଦୟକୁ ପରସ୍ତ ପରସ୍ତ ପର୍ଯ୍ୟବେକ୍ଷଣ କରି ଚିହ୍ନିଛି ତାଙ୍କ ନିର୍ମଳ ଓ ପବିତ୍ର ଅନ୍ତରାତ୍ମାକୁ ।

କିମ୍, ଅଧୀକମ୍ । ସୁଧୀ ପାଠକେ, ଆଉ ଅଧିକ ଜାଣିବା ପାଇଁ ଆସନ୍ତୁ 'ପ୍ରାପ୍ତି' ଗଳ୍ପ ଭିତରକୁ ପ୍ରବେଶ କରିବା ।

ଉଦୟ ନାରାୟଣ ଦାସ

ଅନ୍ୟୂନ୍ୟ ତିରିଶ୍ ବର୍ଷ ପାଖାପାଖି ହେଇ ଗଲାଣି । ସମ୍ପର୍କ ଆରମ୍ଭ ହେଇଥିଲା ତାଙ୍କ ନୂଆ ନୂଆ କବିତା ଲେଖାରୁ । ସେତେବେଳେ ମୁଁ ଛୋଟମୋଟ ପତ୍ରିକା ସମ୍ପାଦନା କରୁଥିଲି ତାରୁଣ୍ୟର ଗୋଟେ ପ୍ରଗଲ୍‌ଭତାରେ । କଲେଜ୍ ପଢ଼ିବା ବେଳେ ଏଇ ନିଶାଟା ମୋର ଆରମ୍ଭ ହେଇଥିଲା । ସେତିକି ବେଳେ ନାନୀ ନୂଆ ନୂଆ କବିତା ଲେଖି ପତ୍ରପତ୍ରିକାରେ ବାହାର କରୁଥିଲେ । ତାଙ୍କ କବିତା ଉପରେ ମୋର ନଜର ପଡିଥିଲା । ମୁଁ ତାଙ୍କ ଘରକୁ ଯାଇ କବିତା ଆଣି ମୋ ପତ୍ରିକାରେ ଛପାଉଥିଲି । ଏମିତି ତାଙ୍କ ଘରକୁ ବାରମ୍ବାର ଯିବା ଆସିବାରୁ ତାଙ୍କ ସହିତ ନିବିଡ଼ ସମ୍ପର୍କ ଗଢି ଉଠିଥିଲା । ମୁଁ ତାଙ୍କୁ 'ଛବିନାନୀ' ବୋଲି ସମ୍ବୋଧନ କରୁଥିଲି । ତାଙ୍କ ସ୍ୱାମୀଙ୍କୁ ମୁଁ 'ଭାଇନା' ଡାକୁଥିଲି । ତାଙ୍କର ଛୋଟ ପୁଅଟି ମୋତେ 'ମାମୁ' ବୋଲି ଡାକୁଥିଲା । ମୁଁ ତା'ଲାଗି ପ୍ରତିଥର ଗଲେ କାଡ୍‌ବରିଜ୍ ଚକ୍‌ଲେଟ୍ ନେଉଥିଲି । ନାନୀଙ୍କର କେହି ନିଜ ଭାଇ ନଥିବାରୁ ସେ ମୋତେ ସାନଭାଇ ପରି ସ୍ନେହ ଆଦର କରୁଥିଲେ ।

ସେତେବେଳେ ନାନୀ ସଦ୍ୟ ଫୁଟନ୍ତା ଗୋଲାପ ପରି ଝଟକୁଥିଲେ । ତାଙ୍କର ଟହଟହ ହଳଦୀ ଗୁରୁଗୁରୁ ଗୋରା ଦେହ ସାଙ୍ଗକୁ ତାଙ୍କର ଲମ୍ବା ଲମ୍ବା ଚୂଳ ଭିତରେ ଗୋଲ ମୁହଁଟା ଆକାଶର ଉଜ୍ଜ୍ୱଳ ଚାନ୍ଦ ପରି ଦିଶୁଥିଲା । ସହରରେ ସେମାନେ ନିଜସ୍ୱ ଘରଟେ କରିଥିଲେ ଖୁବ୍ ଯତ୍ନରେ । କେବଳ ତଳ ଗ୍ରାଉଣ୍ଡ୍ ଫ୍ଲୋର୍‌ଟା ହେଇଥିଲା । ସାମ୍ନା ଅଗଣାରେ ବିଭିନ୍ନ ଫୁଲଫଳ ଗଛରେ ଭର୍ତ୍ତି ହେଇଥିଲା । ନାନୀ ସେଇ ବଗିଚା କାମରେ ଅଧେ ସମୟ ବ୍ୟୟ କରୁଥିଲେ । ଗଛରେ ପାଣି ଦେବା, ଗୋବର ଖତ ସାର ଇତ୍ୟାଦି ପକାଇବା, ଗଛ ସାଇଜ୍ କରି ଟ୍ରିମିଂ କରିବା ଇତ୍ୟାଦି କାମ ଥିଲା ନାନୀଙ୍କର । ନାନୀଙ୍କର ଏମିତି ଭାରି ସୁନ୍ଦର ଛୋଟ ସଂସାରଟେ ଥିଲା ।

ମୁଁ ପହଞ୍ଚିଲା ମାତ୍ରେ ସେ ମୋତେ ଘର ଭିତରକୁ ନେଇ ଡାଇନିଂରେ ବସାଇ ବଳେଇ ବଳେଇ ଯାଉ ସ୍ୟାଉ ଖୁଆଉଥିଲେ । ନାନୀ ନିଜ ବଡ ଭଉଣୀ ପରି ମୋ ନାଁ ଧରି ଡାକୁଥିଲେ । ମୁଁ ଏଟା ସେଟା ଖାଇବାକୁ ମନା କଲେ ସେ ମୋଟେ ଶୁଣୁ ନଥିଲେ । ତାଙ୍କର ଛଳ ଛଳ ହୃଦୟରେ ମୋ ପ୍ରତି ଥିଲା ଅଶେଷ ଆନ୍ତରିକତା । କେବଳ ମୋ ପ୍ରତି କାହିଁକି ସମଗ୍ର ମାନବ ଜାତି ପାଇଁ ତାଙ୍କ ହୃଦୟରେ ଭରି ରହିଥିଲା ସମବେଦନାର ଫଲଗୁ ।

ମୁଁ ଜାଣିଥିଲି ଭାଇନା ଜଣେ ସୁଧାର ମଣିଷ । ତାଙ୍କର କଥା ଓ ଚାଲି ସବୁଥିରେ ଥିଲା ବିନମ୍ରତା । ସେ ବି ମୋତେ ତାଙ୍କର ସାନଭାଇ ପରି ଶ୍ରଦ୍ଧା କରୁଥିଲେ । ସବୁ କାମରେ ସେ ଥିଲେ ଭାରି ପଞ୍ଚୁଆଲ୍ । ଠିକ୍ ସମୟରେ ଅଫିସ୍ ଯିବା, ସବୁ କାମ ଓ କଥାରେ ସେ ଥିଲେ ପର୍‌ଫେକ୍ଟ ।

ମୁଁ ନାନୀଙ୍କ ଘରକୁ ସପ୍ତାହରେ ଅନ୍ୟୂନ୍ୟ ଥରେ ନଗଲେ ତାଙ୍କ ମୁହଁ ମୋ ଆଖି ଆଗରେ ଭାସି ଯାଉଥିଲା । ସେଥିପାଇଁ ମୋର ଯେତେ କାମ ଥିଲେ ବି ମୁଁ ଯାଇ ତାଙ୍କ ଘରୁ ବୁଲି ଆସୁଥିଲି । ଅବଶ୍ୟ ସେତେବେଳେ ମୋବାଇଲ୍ ନ ଥିଲା । ସେଇଟା ଥିଲେ ନାନୀ ମୋତେ ବାରମ୍ବାର ଡ଼ାକି ଦେଉଥାନ୍ତେ । ମୁଁ ତାଙ୍କ ଘର ପହଞ୍ଚିଗଲେ ତାଙ୍କର ଖୁସି ଭାଷାରେ କଳନା କରି ହେଉନଥିଲା । ସଂଗେ ସଂଗେ ତାଙ୍କ ଡ଼ାଏରୀଟା କାଢ଼ିଆଣି ସେ ଲେଖିଥିବା ସମସ୍ତ କବିତାକୁ ମୋତେ ପଢାଉଥିଲେ । ତାପରେ ଉତ୍‌କଣ୍ଠାରେ କହୁଥିଲେ, "କହିଲୁ ବାପି, ଏଥିରୁ କେଉଁ କବିତା ତୋତେ ସବୁଠୁ ବେଶୀ ଭଲ ଲାଗୁଛି । ସେଇଟା ମୁଁ 'ଝଙ୍କାର'କୁ ପଠାଇବି ।"

ନାନୀ ଭାରି ଧର୍ମଭୀରୁ ଥିଲେ । କିଏ କଣ କହିଦେଲେ ସେ ଡରି ଯାଉଥିଲେ । ମୁଁ ପହଞ୍ଚିଗଲେ ତାଙ୍କ ବିମର୍ଷତାର କଥା ମୋତେ କହୁଥିଲେ । ମୋ ପାଖରେ ଘରର ଢେଙ୍କିଶାଳ ଠୁଁ ଢେଙ୍କାନାଳ ଯାଏଁ ସବୁକଥା ବ୍ୟକ୍ତ କରିବେ ।

ସେଦିନ ଭାରି ସିରିଅସ୍ ହେଇ ଗୋଟେ ଗୁରୁତ୍ୱପୂର୍ଣ୍ଣ କଥା ମୋତେ କହିଲେ । କଥାଟା ଥିଲା ତାଙ୍କ ପୁଅ ସମ୍ପର୍କିତ ।

"ବାପିରେ ଆଜି ଜଣେ ହିନ୍ଦୁସ୍ଥାନୀ ସନ୍ୟାସୀ ଆସିଥିଲେ ଆମ ଘରକୁ ।"

– ସେଇଠୁ ?

"ସନ୍ୟାସୀ ଆମ ଘରୁ ଭିକ୍ଷା ଗ୍ରହଣ କରି ସାରିଲା ପରେ, ଆମ ଘର ଅଗଣାରେ ଛିଡ଼ା ହେଇ କଣ ଗୁଣୁ ଗୁଣୁ କଥା ନିଜେ ନିଜେ କହିଲେ । ସେ ଆମ ବିକି (ତାଙ୍କ ପୁଅ)ର କପାଳକୁ ତୀକ୍ଷ୍ଣ ଭାବେ ଅନାଇଲେ । ତାଙ୍କର ଭୃକୁଞ୍ଚନ ହେଲା । ତାଙ୍କ ମୁଖ ମଣ୍ଡଳରେ ଗୋଟେ ଅଲଗା ଭାବ ଦେଖାହେଲା ।"

ମୁଁ ପଚାରିଲି, "ବାବା ପୁଅର ସବୁ ଠିକ୍ ତ ?" ସନ୍ୟାସୀ ଟିକେ ବିମର୍ଷ ଗଳାରେ କହିଲେ, "କୁଛ୍ ଭି ଠିକ୍ ନେହିଁ । ଇସ୍‌କୋ ଲାଡ୍ ପ୍ୟାର୍ ମତ୍ ଦୋ । ୱହ ତୁମ୍‌ହାରା ନେହିଁ ଓ ତୁମ୍‌କୋ ଦଗା ଦେଗା ।"

"ଏ କଥା ଶୁଣି, ବାପି ମୋତେ କାହିଁକି ଆଶଂକା ଲାଗୁଛିରେ । ନିତ୍ୟାନନ୍ଦ ନାହାକଙ୍କ କଥା ମନକୁ ଆସୁଛି । ପିଲାର ଜନ୍ମ ବେଳେ ସେ ବି ଏକା କଥା କହିଥିଲେ, "ଅଠର ବର୍ଷ ବୟସରେ ଏ ପୁଅ ଗୃହ ତ୍ୟାଗୀ ହେଇଯିବ ।"

ମୁଁ ତାଙ୍କୁ କହୁଥିଲି, "ମୁଁ ତାକୁ ଛାଡ଼ିବିନି ।" ନାହାକ କହିଥିଲେ – "ତୁ ଛାଡ଼ିବା ନ ଛାଡ଼ିବାକୁ କିଏ ? ତା ସମୟ ଆସିଲେ ଈଶ୍ୱର ତା ରାସ୍ତା ତିଆରି କରିଦେବେ ।"

ଟିକେ ନିଃଶ୍ୱାସ ନେଇ ନାନୀ ମୋତେ କହିଲେ, "ବାପିରେ, ମୋର ମାଆ ମନ, ବହୁତ କଥା ଭାବୁଛି । ମୋ ପୁଅ କେଣେ ଯିବନାହିଁ ତ ? ତାକୁ ଛାଡ଼ି ମୁଁ ଗୋଟେ ଦଣ୍ଡ ବଂଚି ପାରିବି ନାହିଁରେ ।"

ମୁଁ ଜାଣିଥିଲି ନାନୀ ପୁଅ ପ୍ରତି ଭାରି ଆସକ୍ତ । ଟିକେ କିଛି ପୁଅକୁ ନେଇ ଓଲଟା ସିଧା କଥା ଶୁଣିଲେ ତାଙ୍କ ମୁଣ୍ଡ ବିନ୍ଧୁଥିଲା । ସେ ଭାଇନା ବା ମୋ ମୁଣ୍ଡ ବିଗାଡ଼ି ଦେଉଥିଲେ । ମୁଁ ତାଙ୍କ ମୁଣ୍ଡକୁ ହାଲୁକା କରିବା ପାଇଁ କହିଲି, "ଏଇ ଜ୍ୟୋତିଷ ଓ ସନ୍ୟାସୀଙ୍କ କଥା ଶୁଣି ନାନୀ ତୁମେ ପାଗଳୀ ହେଇଯିବ । ଭବିଷ୍ୟତ କଥା ସ୍ୱୟଂ ବ୍ରହ୍ମା ବି କହି ପାରିବେ ନାହିଁ । ଏମାନେ କିଏ ତୁମକୁ ଆଗତ କଥା କହି ଦେଉଛନ୍ତି ? ତୁମେ ଏଇ ଭଣ୍ଡମାନଙ୍କ କଥାରେ ହାଉଳି ଖାଉଛ ?"

ନାନୀ ଟିକେ ଥୟ ଧରିଲେ । ମୋ କାନ୍ଧରେ ହାତ ରଖି କହିଲେ, "ମାଆ ମନରେ; ଏମିତି ସବୁବେଳେ ଭୟାତୁର ।"

**X X X X**

ନାନୀଙ୍କ ଘରକୁ ଏମିତି କ୍ରମାଗତ ଯାଉଥିବା ଦେଖି ସହରର ଅବଶ୍ୟ କଛି ଈର୍ଷୁକ ବ୍ୟକ୍ତି ନାନୀ ସହ ମୋର ପବିତ୍ର ସମ୍ପର୍କକୁ କୁତ୍ସିତ ରୂପ ଦେଉଥିଲେ । କିନ୍ତୁ ଏ କଥାକୁ ନା ନାନୀ ନା ମୁଁ ଗୁରୁତ୍ୱ ଦେଉଥିଲୁ ।

ନାନୀ ସେମିତି କବିତା ଲେଖୁଥିଲେ; ମୁଁ ତାଙ୍କ କବିତା ବିଭିନ୍ନ ପତ୍ରପତ୍ରିକାକୁ ପଠାଇ ଦେଉଥିଲି । କବିତା ପ୍ରକାଶିତ ହେଲେ ତାଙ୍କୁ ନେଇ ଦେଖାଇଲେ ନାନୀ ଖୁସିରେ ବିହ୍ୱଳିତ ହେଇ ଯାଉଥିଲେ । ସେତେବେଳକୁ ବିକି ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର । ମାଆର ଖୁସି ଦେଖି ସେ ବି ଆହୁରି ଉତ୍ସାହିତ ହେଉଥିଲା । ମୋତେ ସେ କହୁଥିଲା, "ମାମୁ, ମାମାଙ୍କର ଗୋଟେ କବିତା ବହି ବାହାର କର । ବହି ଉନ୍ମୋଚନରେ ମୁଁ ମାମାଙ୍କ ବିଷୟରେ ବହୁତ ଗହନ କଥା କହିବି ।"

ଅଥଚ ବିକିର ହଠାତ୍ ସବୁ ସ୍ୱପ୍ନ ଦୁଃସ୍ୱପ୍ନ ହେଇଗଲା । ନାନୀ ଗୋଟେ ଅଧରାତିରେ ତାଙ୍କ ଶୋଇବା କୋଠରୀ ଛାତରୁ ଗୋଟେ ପେଚାର କରୁଣ କାନ୍ଦଣା ଶୁଣିଲେ । ଭୟଭୀତ ହେଇଗଲେ ନାନୀ । ସେଇ ଅଧା ତନ୍ଦ୍ରାରେ ଥାଇ ଭାଇନା ଓ ବିକିକୁ ଉଠାଇ ସବୁ କଥା କହିଲେ । ବାପ ପୁଅ ନାନୀ କଥାକୁ ହସରେ ଉଡାଇ ଦେଲେ । ବିଜ୍ଞାନର ଛାତ୍ର ବିକି କହିଲା, "ମାମା ବେଳେବେଳେ ତମ ମନକୁ ଏମିତି ଅଜବ କଥା ଆସେ କେଉଁଠୁ ? ଛାତ ଭିତରକୁ ପେଚା କେଉଁଠୁ ଆସିବ ?"

ଭାଇନା କହିଲେ, "ବିକିରେ, ଚାଲ୍ ତୋ ମାମାକୁ ରାଞ୍ଚି ନେଇଯିବା । ସେଠି ପାଗଳ ମାନଙ୍କ ସହିତ ରହି ଇଲେକ୍ଟ୍ରି ସକ୍ ନେଲା ପରେ ସେ ଯାଇ ଠିକ୍ ହେବ ।"

ସେଦିନ ସକାଳେ ମୁଁ ନାନୀଙ୍କ ଘରକୁ ଯାଇଥିଲି ବିକିର ଜନ୍ମଦିନ ପାଳନ ଉପଲକ୍ଷେ । ଫୁଲତୋଡ଼ା, କଲମ ଓ ତାକୁ ଶୁଭେଚ୍ଛା ଜଣାଇ ଫେରି ଆସିଥାନ୍ତି, କିନ୍ତୁ ନାନୀଙ୍କ କଡା ନିର୍ଦ୍ଦେଶ ଥିଲା, "ତୁ ତମାମ ଦିନ ଏଇଠି ରହିବୁ ଛୋଟ ପାର୍ଟିଟେ ଆୟୋଜନ

ହେବ । ତାହା ତୁ ହିଁ ପରିଚାଳନା କରିବୁ ।"

ନାନୀ ତାଙ୍କ ରୁମ୍ ଭିତରକୁ ଡାକି ନେଇ ମୋତେ ସେହି ଅଶୁଭ ରାତ୍ରିର କ୍ରନ୍ଦନର ସ୍ୱର ଶୁଣିବା କଥା କହିଥିଲେ । ମୁଁ ତାଙ୍କ କଥାକୁ ସରିଅସ୍ ନେଇଥିଲି । ହେଇପାରେ ତାଙ୍କ କଥାରେ କିଛି ରହସ୍ୟ ଥିବ । ମୁଁ ଠିକ୍ ଅପରାହ୍ନରେ ପହଞ୍ଚିବା କଥା କହି ଚାଲି ଆସିଲି । କିନ୍ତୁ ନାନୀଙ୍କ କଥା ଭାବୁଥିଲି ମନେ ମନେ ।

ଠିକ୍ ସନ୍ଧ୍ୟା ବେଳେ ମୁଁ ତାଙ୍କ ଘରକୁ ଆସିଥିଲି । ହେଲେ ମୋତେ ଲାଗୁଥିଲା, କିଏ ଯେମିତି ମୋ ସାଇକେଲ୍ ଧରି ପଛରୁ ଟାଣୁଛି । ମୋତେ କାହିଁକି ଅଲଗା ଅଲଗା ଲାଗୁଥିଲା ।

ସେଠି ପହଞ୍ଚିଲା ବେଳକୁ ଭୋଜିର କୌଣସି ଯୋଗାଡ଼ ନଥିଲା । ବେଶୀ ଲୋକ ବି ନଥିଲେ । ଯେତିକି ଥିଲେ ସମସ୍ତେ ଥିଲେ ବିଷାଦଗ୍ରସ୍ତ । ମୁଁ ଭାବିଲି ପୁଣି ନାନୀଙ୍କ ଦେହ ଅସୁବିଧା ହେଇ ଯାଇଛି ବୋଧେ । ଏମିତି ମାସରେ ତାଙ୍କ ଦେହ ଚାରି ପାଞ୍ଚ ଥର ଖରାପ ହେଉଥିଲା । ଡ଼ାକ୍ତରଖାନା ବୁହା ହେଇ ଯାଉଥିଲେ । ଦୁଇଟା କି ତିନିଟା ରକ୍ତ ଓ ସାଲାଇନ୍ ଦେଲେ ଠିକ୍ ହେଇ ଘରକୁ ଫେରୁଥିଲେ । ସେମିତି କଛି ହେଇଥିବ ନିଶ୍ଚେ ।

କିନ୍ତୁ ଏଥର ସେମିତି କିଛି ନଥିଲା । ଘଟଣାଟା ଥିଲା ସମ୍ପୂର୍ଣ୍ଣ ଭିନ୍ନ ଓ ଅକଳ୍ପନୀୟ । ବିକିର ଜନ୍ମଦିନ ପାଇଁ ସମସ୍ତେ ଥିଲେ ଉଦ୍‌ବିଗ୍ନ । ରଂଗୀନ ବେଲୁନ୍ କାନ୍ଥରେ ଖଞ୍ଜା ହେଇଥିଲା । ଚିକ୍‌ମିକ୍ ଲାଇଟ୍ ବି ଖଞ୍ଜା ଯାଇଥିଲା । କେକ୍, ମିଠା ଜରି କାଗଜ ସବୁ ଆସି ଯାଇଥିଲା । ନିମନ୍ତ୍ରିତ ସମ୍ପର୍କୀୟ ଓ ବନ୍ଧୁମାନେ ପହଞ୍ଚି ଯାଇଥିଲେ । ଆଉ କମ୍ ସମୟ ପରେ କେକ୍ କଟା ହେଇଥାନ୍ତା । କ୍ୟାଣ୍ଡେଲ୍ ଲଗାଇବାର ପ୍ରସ୍ତୁତ ହେଇଥିଲା । ହଠାତ୍ ସବୁ ଓଲଟି ଗଲା ।

ବିକି ହଠାତ୍ ଅସୁସ୍ଥ ହେଇ ପଡିଲା । ତା ଦେହରେ ଅସମ୍ଭବ ତାତି । ଅବଶ୍ୟ ଜ୍ୱର ବହୁ ଆଗରୁ ଆସି ଥିଲା, କିନ୍ତୁ ଖୁସିରେ ବାଧା ପଡିବ ବୋଲି ସେ କାହାରିକୁ କହି ନଥିଲା । କିନ୍ତୁ ସେଇ ମୁହୂର୍ତ୍ତରେ ତାତି ଅସହ୍ୟ ହେଲାରୁ ସେ ସଂଜ୍ଞାହୀନ ହେଇ ତଳେ ପଡିଗଲା । ଡାକ୍ତର ଦାସ ମହାପାତ୍ରଙ୍କୁ ସଂଗେ ସଂଗେ ଭାଇନା ଫୋନ୍ କରିଥିଲେ । ଡ଼ାକ୍ତର ଆସି ବିକିକୁ ତନ୍ନ ତନ୍ନ ପରୀକ୍ଷା କଲେ । ତା ଗଳା ପାଖରେ ଗ୍ଲାଣ୍ଡଖ ଅସମ୍ଭବ ଫୁଲିଥିଲା ।

ସାର୍ କହିଲେ, "ମୁଁ ପ୍ରିଲିମିନାରି ଚିକିତ୍ସା କରି ଦେଉଛି । କିନ୍ତୁ କାଲି ଆପଣ ପିଲାକୁ କଟକ ନେଇ ଯାଆନ୍ତୁ । ସେଠି କେତୋଟି ପରୀକ୍ଷା କରିବା ନିହାତି ଜରୁରୀ ।"

ଏତିକି କଥାରେ ଭାଇନା ଓ ନାନୀଙ୍କ ପାଦ ତଳୁ ଭୂମି ଖସି ଯାଇଥିଲା । ଭାଇନା ଜୋର୍ ପାଟି କରୁଥିଲେ, ଘରେ ଉପସ୍ଥିତ ଲୋକମାନଙ୍କ ଉପରେ ଓ ସର୍ବୋତ୍ତ ଭାବେ ନାନୀଙ୍କ ଉପରେ । ସେ ବି କାନ୍ଦୁଥିଲେ ଛୋଟ ପିଲା ପରି । ନାନୀ ତାଙ୍କୁ ବୁଝାଉଥିଲେ । ଠିକ୍ ଏଇ ସମୟରେ ମୁଁ ସେଠି ପହଞ୍ଚି ଯାଇଥିଲି ।

ତାପର ଦିନ ସକାଳେ ଭାଇନା ଓ ନାନୀ ବିକିକୁ ଧରି କଟକ ଚାଲି ଯାଇଥିଲେ । ନାନୀ ମୋ ପାଖକୁ ଗୋଟେ ଚିଠି ଲେଖି ରଖି ଯାଇଥିଲେ, "ଆମର ଏତେ ସହଜ ବୋଧେ ଆସିବାର ନାହିଁ । ଦରକାର ପଡିଲେ ବମ୍ବେ ଯିବୁ । ଭାଇନାଙ୍କର ଗୋଟିଏ କଥା, ସେ ସବୁ ବିକି ଦେଇ ବିକିକୁ ଠିକ୍ କରିବେ । ତୁ ଟିକେ ପ୍ରତିଦିନ ଆମ ଘରକୁ ଆସି ବୁଲିଯିବୁ । ମୁଁ ଠିକଣା ଦେଲେ ଚିଠି ଲେଖିବୁ ।"

ମୁଁ ସତରେ ଭୁଲି ଯାଇଥିଲି ଯେ ନାନୀ ଓ ମୋର ରକ୍ତ ଅଲଗା ବୋଲି । ମୁଁ ବିକିକୁ ମୋ ନିଜ ଭଣଜା ପରି ଦେଖୁଥିଲି । ବୟସର ତାରତମ୍ୟ ଥିଲେ ବି ସେ ମୋର ଜଣେ ବନ୍ଧୁ ହେଇ ଯାଇଥିଲା । ତାର ସବୁ ଅଳି ଅର୍ଦ୍ଦଳି ମୋ ପାଖରେ ଥିଲା । ମୁଁ ତା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲି ।

ସତକୁ ସତ ଭାଇନା କେଉଁଠୁ ପଇସା ଠିକ୍ କରି ବିକି ଓ ନାନୀଙ୍କୁ ଧରି ବମ୍ବେ ଚାଲି ଯାଇଥିଲେ । ଭାଇନା କାହାରିକୁ କିଛି କହୁ ନଥିବା ନୀରବ ମଣିଷ । ମୁଁ ନାନୀଙ୍କ କଥା ଭାବୁଥିଲି । ସବୁବେଳେ କବିତାକୁ ନେଇ ବଂଚୁଥିବା ଓ ପୁଅକୁ ଭଲ ପାଉଥିବା ନାନୀ କେମିତି ଏତେ ଦୁଃଖ ଭିତରେ ମହାନଗରୀରେ ବଂଚୁଥିବେ ।

କିଛି ଦିନ ପରେ ନାନୀ ମୋ ପାଖକୁ ବମ୍ବେରୁ ଚିଠି ଲେଖିଥିଲେ । "ବାପିରେ, ବମ୍ବେରେ ଆମେ ମରି ମରି ବଂଚୁଛୁ । ବିକି ଆମକୁ କହୁଛି, ମୁଁ ତୁମମାନଙ୍କୁ ଛାଡ଼ି ଯାଇ ପାରିବି ନାହିଁ । କେମିତି ବଂଚି ପାରିବ ତୁମେ ମୋତେ ଛାଡ଼ି ?

ତାର ଏମିତି କଥା ଶୁଣି କହିଲୁ ବାପି, କେଉଁ ବାପା ଓ ମାଆ ଧୈର୍ଯ୍ୟ ଧରିବେ ? ତାକୁ କେମୋ ଦିଆ ଯାଇଥିଲା ଏବେ ତାର ସବୁ ଚୁଟି ଖସି ଯାଇ ସେ ମୁଣ୍ଡିତ ହେଇ ଯାଇଛି । ତାର ଏମିତି ବୌଦ୍ଧ ସନ୍ୟାସୀର ବେଶ ଦେଖି ମୋତେ ଭାରି ଆଶଂକା ହେଉଛିରେ । ନିତ୍ୟାନନ୍ଦ ନାହାକଙ୍କ କଥା ପୁଣି ମୋ ମନକୁ ଆନ୍ଦୋଳିତ କରୁଛି । ସେଇ ଗୋଟିଏ କଥା – ଏ ପୁଅ ସନ୍ୟାସୀ ହେଇଯିବ– ମୋତେ ବିବଶ କରି ଦେଉଛି । ରାତିରେ କି କି ଅଜବ ସ୍ୱପ୍ନ ସବୁ ଦେଖୁଛି । କିଏ କିଏ ସ୍ୱର୍ଗପୁରରୁ ମହାତ୍ମାମାନେ ଆସି ମୋ ପୁଅ ସହିତ ଶାସ୍ତ୍ର ଆଲୋଚନା କରୁଛନ୍ତି । ପୁଅ ସେମାନଙ୍କୁ ତର୍କରେ ଜିତି ଯାଉଛି । ହେଲେ ମୋତେ କାହିଁକି ଭାରି ଭୟ ଲାଗୁଛିରେ ।"

ହଁ ଗୋଟେ ଖୁସି କଥା । ୩୫ ଦିନ ପରେ କ୍ୟାନ୍‌ସର୍‌ର ଅଙ୍କୋଲଜିଷ୍ଟ ବାଜପେୟୀ ସାର୍ ପୁଅର ସବୁ ରିପୋର୍ଟ ଦେଖି ସାରିବା ପରେ କହିଛନ୍ତି, "ତୁମ୍ ବହୁତ୍ ଲକ୍କି ହୋ, ଏକ୍ ମହିନେ ମେଁ ଠିକ୍ ହୋ ଗୟେ, ତୁମ୍‌କୋ ଟ୍ରିଟ୍‌ମେଣ୍ଟ୍ ବହୋତ୍ ସୁଟ୍ କର୍‌ତା, ଇଏ ମାଲୁମ୍ ହୁଆ । ମୁମ୍ବାଇ ମେଁ ପଲ୍ୟୁସନ୍, ଇନ୍‌ଫେକ୍‌ସନ୍ ବହୋତ୍ ହେ । ଜଲ୍‌ଦି ଓଡିଶା ଚଲେଯାଅ ।"

ଏଇ କଥା ଶୁଣିଲା ପରେ ଆମେ ବହୁତ ଖୁସିରେ ବାପି । ବିକି ଖାଲି ମାମୁ ମାମୁ ହେଇ ତୋତେ ଖୋଜୁଛିରେ । ଆମେ କଟକରେ ଭଡା ଘରଟେ ନେଇଛୁ । ତୋ ଭାଇନା ବି କଟକ ବ୍ରାଞ୍ଚରେ ଜଏନ୍ କରିଛନ୍ତି । ଆମେ କଟକ ପହଞ୍ଚିବା ମାତ୍ରେ ତୁ ନିଶ୍ଚୟ ଆସିବୁ । ଆମେ ସମସ୍ତେ ବିକିକୁ ନେଇ ପୁରୀ ଯିବୁ।"

ଚିଠିଟା ପଢିଲା ବେଳକୁ ମୁଁ କାନ୍ଦ କାନ୍ଦ ହେଇ ଯାଇଥିଲି । ଯଦିଓ ନାନୀ ମୋର ରକ୍ତର ସମ୍ପର୍କ ନଥିଲେ ତଥାପି କାହିଁକି କେଜାଣି ସେ ଓ ତାଙ୍କ ପୁଅ ପ୍ରତି ମୋର ଏତେ ଦର୍ଦ୍ଦ ଆସୁଥିଲା, ମୁଁ ଏଯାଏଁ ବି ବୁଝିପାରେ ନାହିଁ । କାହିଁକି ଆମ ଭିତରେ ଭଲ ପାଇବା ଅନୁପୂରକ ଥିଲା ? ନାନୀ କେଉଁ ଜନ୍ମରେ ମୋର ରକ୍ତର ସମ୍ପର୍କ ଥିଲେ କି ? ଏମିତି ମୋତେ ବି ଲାଗେ ।

ନିର୍ଦ୍ଧାରିତ ଦିନ ମୁଁ କଟକରେ ପହଞ୍ଚିଥିଲି । ସେମାନେ ମୋ ପୂର୍ବରୁ କଟକ ପହଞ୍ଚି ଯାଇଥିଲେ । ଭାଇନା, ନାନୀ ଓ ବିକି କାହାରିକୁ ଚିହ୍ନି ହେଉନଥିଲା । ସେମାନଙ୍କର ମୁହଁ ଓ ରଂଗ ଶୁଖି ଯାଇଥିଲା । ମନରେ ସତେଜତା ନଥିଲା । ଭାଇନା ଗୋଟେ ଚୌକିରେ ମୁଣ୍ଡକୁ ତଳକୁ କରି ବସିଥିଲେ ନିର୍ଲିପ୍ତ ହେଇ । ନାନୀ ଓ ବିକି ମୋତେ କୁଣ୍ଢାଇ ପକାଇ ଭୋ ଭୋ କାନ୍ଦିଲେ । ମୁଁ ନିଜକୁ ସମ୍ଭାଳି ପାରୁନଥିଲି । ଆମ ସମସ୍ତଙ୍କ ଲୁହରେ ଘରର ଚଟାଣ ଭିଜି ଯାଇଥିଲା ।

ନାନୀ ପ୍ରଗଳ୍‌ଭ ଭାବେ ସମଗ୍ର ରାତି ମୋ ସହ କେତେ କେତେ କଥା କହି ଚାଲିଥିଲେ । ମଝିରେ ବିକି ପହଞ୍ଚି ଯାଇ କହୁଥିଲା, "ମାମୁ, ମାମା ଆଶଂକା କରୁଛି, ମୁଁ ସଂସାର ତ୍ୟାଗୀ ହେଇଯିବି । ସତରେ କଣ ମାମୁ ସେମାନେ ମୋତେ ଛାଡ଼ି ରହି ପାରିବେ ?"

ମୁଁ କହିଲି, "ଆରେ ତୁ ଆମମାନଙ୍କ ସହ ଶହେ ବର୍ଷ ରହିବୁ । ତୋ ପାଇଁ ଆମେ ସୁନ୍ଦରୀ ଝିଅଟେ ବୋହୂ କରି ଆଣିବା ।"

ଏତିକିରେ ବିକି ଲାଜରେ ମୁହଁ ବୁଲେଇ ନେଲା । କିନ୍ତୁ ନାନୀଙ୍କ ବିଷର୍ଣ୍ଣ ମୁହଁରେ ଟିକେ ହସ ଫୁଟିଲା ।

ରାତି ପାହିଲାରୁ ଆମେ କଟକ ଷ୍ଟେସନ ଧରିଲୁ । ପୁରୀ ହାଓଡା ଏକ୍ସପ୍ରେସ୍ ଟ୍ରେନ୍‌ରେ ଭାଇନା ଆଗୁଆ ପୁରୀକୁ ଟିକଟ୍ କରି ଦେଇଥିଲେ । ତିନି ଟିକିଆ ସିଟ୍‌ରେ ଭାଇନା, ନାନୀ ଓ ମୁଁ ବସିଲୁ । ବିକି ଆମ ଆଗ ଗୋଟିକିଆ ଝରକାକୁ ଲାଗି ସିଟ୍‌ରେ ବସିଲା । ତା ଅପୋଜିଟ୍‌ରେ ବସିଥିଲା ଚଉଦ ବର୍ଷିୟା କନକନ ସୁନ୍ଦରୀ ବଂଗାଳୀ ଝିଅଟେ । ତା ବାପା ମାଆ ଆମ ଫ୍ରଣ୍ଟ୍‌କୁ ବସିଥିଲେ । ଗାଡ଼ି ଚାଲିଥିଲା ଶ୍ରୀକ୍ଷେତ୍ର । ଭାଇନା ଥିଲେ ଚୁପ୍ । ନାନୀ ତାଙ୍କ କବିତା ଠୁଁ ବମ୍ବେ

ମହାନଗରୀ ଯାଏଁ ସବୁ କଥା କହି ଚାଲିଥିଲେ । ମୋର ଦୃଷ୍ଟି କିନ୍ତୁ ଅନ୍ୟ ଗୋଟେ ଜାଗାରେ କେନ୍ଦ୍ରୀଭୂତ ହେଇଥିଲା । ହଠାତ୍ ନାନୀ କହିଲେ, "କିରେ ବାପି, ମୋ କଥା ଶୁଣୁଛୁ ନା ଅନ୍ୟମନସ୍କ ହେଇ ଆଉ କିସ ଭାବୁଛୁ ?"

ମୁଁ କହିଲି, "ମୁଁ ଆଉ ଗୋଟେ ଚିନ୍ତା ରାଜ୍ୟରେ ପଶି ଯାଇଛି ନାନୀ ।"

ନାନୀ କହିଲେ, "କଣ ମୋତେ କହୁନୁ ।"

ମୁଁ କହିଲି ଜୋକ୍ କରି, "ଦେଖିଲ ଦେଖିଲ ନାନୀ, ଆମ ବିକି ବେଳେ ବେଳେ ସେ ଝିଅକୁ ଅନାଇ ଦେଇ କେମିତି ଉତ୍ସାହିତ ହେଇ ଯାଉଛି । ଏଇ ଝିଅକୁ ଆମେ ବୋହୂ କରି ନେବାକି ? ତୁମେ କହିଲେ, ମୁଁ ଝିଅର ବାପା ମାଆ ସହିତ ଆମ ରାଜକୁମାର ପାଇଁ ପ୍ରସ୍ତାବ ଦେବି ।"

ନାନୀକୁ ଅବଶ୍ୟ ଟିକେ ଖୁସି କରିବା ପାଇଁ ଏମିତି ମୁଁ କହିଥିଲି । ହେଲେ ନାନୀ କାହିଁକି କେଜାଣି କାନ୍ଦ କାନ୍ଦ ହେଇଗଲା ଓ କହିଲା, "ବାପିରେ, ସତରେ କଣ ଈଶ୍ୱର ଆମକୁ ଏତେ ଖୁସି ଦେବେ ? ମୁଁ କଣ ପୁଅର ବର ବେଶ ଏ ଆଖିରେ ଦେଖି ପାରିବି ? କାହିଁକି କେଜାଣି ନିତ୍ୟାନନ୍ଦ ନାହକଙ୍କର ମୋର ପୁଅରେ ଗୃହତ୍ୟାଗୀ କଥା ମୋ ଭିତରକୁ ବାରମ୍ବାର ପଶି ଆସୁଛି ? ଆହୁରି ମୋତେ ବିବ୍ରତ କରୁଛି, ଟୀକା ଗୋବିନ୍ଦ ଚନ୍ଦ୍ରର 'ଭଜୁକିନା ରାମ ନାମରେ କୁମର, ଭଜୁକିନା ରାମନାମ, ଭଜି ନ ପାରିଲେ କୃଳଚନ୍ଦ୍ରମାରେ ବାନ୍ଧି ନେବ କାଳ ଜମ । ସେହି କାଳ ଜମ ବଡ ଦାରୁଣ ନ ଜାଣଇ ସୁଖ ଦୁଃଖ ବାଛିନେବ କଂଚା ରଖିବ ପାଚିଲା , ଦେବଟି ଦାରୁଣ ଦୁଃଖ ।'

ତାଙ୍କର ଏପରି କଥା ଶୁଣି ମୁଁ ବିରକ୍ତ ହେଇ କହିଲି, "ନାନୀ ତମେ ଏତେ ଇମୋସନାଲ୍ ହେଲେ ସଂସାର ଚାଲିବ କେମିତି ? ମୁଁ ଏମିତି କହି ତୁମ୍ଭକୁ ଓ ଭାଇନାକୁ ଟିକେ ଚାପ ମୁକ୍ତ କରିବାକୁ ଚାହିଁଲା ବେଳେ ତୁମେ କେତେ ଦର୍ଶନ ଶୁଣାଉଛ ?"

ନାନୀ ମୋ ହାତକୁ ଧରି ଦେଇ କହିଲେ, "ବାପି, ତୁ କାହିଁକି ମୋତେ ବୁଝୁନୁରେ । ମା ମନ କେତେ ଆଶଙ୍କାୟିତ ।"

ମୁଁ ତାଙ୍କୁ ସାହସ ଦେଇ କହିଲି, "ତୁମେ ଚୁପ୍ କି ବସ । ଶ୍ରୀଜଗନ୍ନାଥ ଆମର ସବୁ ଦୁଃଖ ହରି ନେବେ ।"

**X X X X**

ପୁରୀ ବଡ଼ଦାଣ୍ଡ ପହଞ୍ଚୁ ପହଞ୍ଚୁ ବିକି ଭାରି ଜୋର୍‌ରେ ଦୌଡୁଥିଲା ଶ୍ରୀମନ୍ଦିର ଆଡ଼କୁ । ତାର ଗୋଟେ ଜିଦ୍ ସେ ବାଇଶି ପାହାଚକୁ ଆଣ୍ଠେଇ ଆଣ୍ଠେଇ ଅତିକ୍ରମ କରି ଠାକୁରଙ୍କ ପାଖକୁ ଯିବ । ଏତିକି କଲେ କୁଆଡ଼େ ତାର ସବୁ ରିଷ୍ଟ ଖଣ୍ଡିତ ହେଇଯିବ ବୋଲି କେଉଁ ସାଧକ କହିଥିଲେ । ସେ ତା ପାପା ଓ ମାମାଙ୍କ ପାଇଁ ସବୁ କଷ୍ଟ ସହି ପାରିବ ।

କିନ୍ତୁ ନାନୀ ଚାହୁଁ ନଥିଲେ ଏମିତି ଦୁର୍ବଳ ଅବସ୍ଥାରେ ବିକି ବାଇଶି ପାହାଚରେ ଏମିତି ଆଣ୍ଠେଇ ଚାଲୁ । ଇନ୍‌ଫେକ୍‌ସନ୍‌ର ଭୟ ବି ଥିଲା । ପୁଣି ବଡ ଦାଣ୍ଡରେ ସେଦିନ ଥିଲା ପ୍ରବଳ ଖରା । ସବୁ ସତ୍ତ୍ୱେ ବି ବିକି ଜଗନ୍ନାଥଙ୍କ ନାମ ସଂକୀର୍ତ୍ତନ କରି ଆଣ୍ଠେଇ ପଡିଲା । ପୁଅର ଦୁଃଖରେ ନାନୀ କିନ୍ତୁ କାନ୍ଦୁଥିଲେ ।

ମୁଁ ତାଙ୍କ ମନୋବଳକୁ ଦୃଢ କରିବା ପାଇଁ କହିଲି, "ତୁମେ ନିଜକୁ ଶକ୍ତ କର ନାନୀ । ବିଶ୍ୱାସ ରଖ, ସମଗ୍ର ବିଷୟ ସମର୍ପିତ କରିଦିଅ ଶ୍ରୀଠାକୁରଙ୍କୁ ଦୁଇ ହାତ ଉପରକୁ ଟେକି ।"

ଜଗାର ଆଶୀର୍ବାଦ ଧରି ଆମେ କଟକ ଫେରି ଆସିଲୁ । ଶ୍ରୀଜଗନ୍ନାଥ ପ୍ରସାଦ ଖାଇ ରାତିରେ ଶୋଇ ଥିଲୁ । ସବୁ ଠିକ୍ ଥିଲା ।

ହଠାତ୍ ଅଧ ରାତିରେ ବିକିର ପ୍ରଳାପରେ ଆମ ସମସ୍ତଙ୍କ ନିଦ ଭାଂଗି ଗଲା । ନାନୀ ତାକୁ ନେଇ ପାଣି ପିଆଇଲେ । ସେ କହିଲା, "ମାମା, ଗୋଟେ ଆମୃତମୟ ରାଜ୍ୟରୁ କିଏ ଜଣେ ଦିବ୍ୟପୁରୁଷ ମୋତେ ଡାକୁଥିବାର ସ୍ୱପ୍ନ ଦେଖିଲି ।" ସେ ଭୟରେ ଥରୁଥିଲା । ଭାଇନା ତା ଦେହକୁ ଛୁଇଁଲା ବେଳକୁ ତା ଦେହରେ ପ୍ରବଳ ତାତି । ୧୦୪ ଡ଼ିଗ୍ରୀ ତାପମାତ୍ରା । ହଠାତ୍ ତା ଦେହ କାହିଁକି ଏମିତି ତାତିଗଲା ? ତାର ଦେହ ଇନ୍‌ଫେକ୍‌ସନ୍ ହେଇ ଗଲାକି, ଡ଼ାକ୍ତର ବାଜପାୟୀ ଯାହା କହୁଥିଲେ ।

**ମୁଁ ତାଙ୍କ ମନୋବଳକୁ ଦୃଢ କରିବା ପାଇଁ କହିଲି, "ତୁମେ ନିଜକୁ ଶକ୍ତ କର ନାନୀ । ବିଶ୍ୱାସ ରଖ, ସମଗ୍ର ବିଷୟ ସମର୍ପିତ କରିଦିଅ ଶ୍ରୀଠାକୁରଙ୍କୁ ଦୁଇ ହାତ ଉପରକୁ ଟେକି ।"**

ଯେତେ ଯାହା ଔଷଧ ଦେଲେ ବି ଜ୍ୱର ଥମୁ ନଥିଲା । ସଂଗେ ସଂଗେ ବିକିକୁ ନର୍ସିଂହୋମ୍ ନେଇଗଲୁ ଆମେ । ସକାଳ ହେଲା ମାତ୍ରେ ଭାଇନା ବମ୍ବେର ସୁନାମଧନ୍ୟ ଡ଼ାକ୍ତର ଯୋଶୀଙ୍କୁ ଫୋନ୍ କରିଥିଲେ ।

ଡ଼ାକ୍ତର ସବୁ ଶୁଣି ସାରିଲା ପରେ କହିଲେ, "ସବୁ ତ ଟ୍ରିଟ୍‌ମେଣ୍ଟ୍ ସରିଥିଲା । ହଠାତ୍ ଏମିତି କାହିଁକି ହେଲା ?"

ପୁଣି କିଛି ସମୟ ଚିନ୍ତା କରି ଡ଼ାକ୍ତର କହିଲେ, "ତେବେ ଆମେରିକାରେ ଗୋଟେ ନୂଆ କେମୋ ବାହାରିଛି । ଗୋଟେ ଡୋଜ୍‌ର ଦାମ ଦୁଇ ଲକ୍ଷ ଟଙ୍କା । ଭାରତର ଜଣେ ଆଇ.ଆଇ.ଟି. ଛାତ୍ରଙ୍କୁ ଦିଆ ଯାଇଛି । ପେସେଣ୍ଟ୍ ଭଲ ଅଛି । ତିନି ମାସ ହେଇଗଲା । କିନ୍ତୁ ଗ୍ୟାରେଣ୍ଟି ନାହିଁ । ଭଲ ହେବ, ନ ବି ହେବ । ନାଗ ସାପ ବିଷରୁ ତିଆରି ଇଏ ।"

ଭାଇନା ଡ଼ାକ୍ତରଙ୍କ କଥା ଆମ ସମସ୍ତଙ୍କୁ କହିଲେ । ବିଛଣାରେ ଥାଇ ବିକି ବି ଏକଥା ଶୁଣି ପାରିଲା । ନାନୀ ଡ଼ହଳ ବିକଳ ହେଇ ବାହୁନୁ ଥିଲେ । ବିକି କହିଲା, "ବାପା, ଏ ଦେହଟାକୁ ତମମାନଙ୍କ ଇଚ୍ଛାନୁସାରେ ଯାହା କରିବାର ଅଛି କର । ମୋର ଇଚ୍ଛା / ଅନିଚ୍ଛା, ବଂଚିବା ବା ଜିଇଁବା ସବୁ ସମାନ ହେଇ ଯାଇଛି ଯା ଭିତରେ ।"

ନାନୀ ଓ ମୋତେ ଇଷାରାରେ ଭାଇନା ବାହାରକୁ ଡ଼ାକିଲେ ଓ ନାନୀଙ୍କ ମତ ଚାହିଁଲେ । ସେ ଥମ ଥମ ହେଇ ଗୋଟେ ସ୍ୱପ୍ନ କଥା କହିଲେ, "ମୁଁ ପ୍ରତି ରାତିରେ ନାଗ ସାପ ମୋ ପୁଅକୁ ଦଂଶନ କରୁଥିବାର ଦୁଃସ୍ୱପ୍ନ ଦେଖୁଛି । ମୋ ପୁଅର ଦେହ ଶେଥା ପଡି ଯାଉଛି । ଏମିତି ନାଗ ସାପର ବିଷରେ ତିଆରି କେମୋ ବିକିକୁ ଦେବାକୁ ମୁଁ ଚାହୁଁ ନାହିଁ । ନିଶ୍ଚେ ଜଗନ୍ନାଥ ପୁଅକୁ ଉଦ୍ଧାର କରିବେ ।"

ନାନୀଙ୍କ ଏମିତି କଥାରେ ଭାଇନା ପ୍ରବଳ ରାଗି ଯାଇ କହିଲେ, "ତେବେ ପୁଅକୁ ଏମିତି ମରଣ ମୁହଁରେ ପକାଇ ଦେବା ? କାହିଁ ପୁରୀ ଯାଇଥିଲୁ ତମ ଜଗନ୍ନାଥ ଠାକୁର ତ ତାକୁ ରକ୍ଷା କଲେ ନାହିଁ ।"

ଭାଇନା କିଛି ନ ଶୁଣି କେମୋ ମଗାଇ ଦେଲେ ଆମେରିକାରୁ । ଠିକ୍ ସମୟରେ ତାହା ଆସି କଟକରେ ପହଞ୍ଚିଲା । ବମ୍ବେର ଡ଼ାକ୍ତର ଯୋଶୀଙ୍କ ନିର୍ଦ୍ଦେଶରେ ଡ଼ାକ୍ତର ତ୍ରିପାଠୀ ବିକି ଦେହରେ ପ୍ରୟୋଗ କଲେ ସେ କେମୋ ।

ଆମେ ସମସ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲୁ । କିନ୍ତୁ ପିଲା ଚେତା ଫେରୁନଥିଲା । ଦେହର ତାତି ବି କମୁ ନଥିଲା । ଯାହା ପାଟିରେ ଦେଲେ ଗରଳ ହେଇ ବାହାରି ଯାଉଥିଲା । ପାଞ୍ଚଟି ବ୍ଲଡ୍ ଦେବା ପାଇଁ ଡ଼ାକ୍ତର ଲେଖିଦେଲେ । ସେତେବେଳକୁ ରାତି ହେଇ ଯାଇଥିଲା । ଭାଇନା କେଉଁଠୁ ବ୍ଲଡ୍ ଯୋଗାଡ଼ କରିବେ ସେଇ ଚିନ୍ତାରେ ଘୁରୁଥିଲେ । କିନ୍ତୁ ହଠାତ୍ ଜଣେ କଳା ଲୋକ ପାଞ୍ଚ ଜଣ ଲୋକଙ୍କୁ ଧରି ଆଣି ନାନୀଙ୍କୁ କହିଲେ, "ଆପଣ ଭଉଣୀ କାନ୍ଦନ୍ତୁ ନାହିଁ । ଏଇମାନେ ବ୍ଲଡ୍ ଦେବେ ।"

କିଏ ସେ ଲୋକ ? କାହିଁକି ଏତେ ଦୟା କଲା, ବୁଝିବାକୁ ବେଳ ନଥିଲା ଆମର । ସମଗ୍ର ରାତି ଚାଲିଥିଲା ବ୍ଲଡ୍ ବିକି ଦେହରେ । ଡ଼ାକ୍ତର ତ୍ରିପାଠୀ ସତର୍କ ଥିଲେ । ଯେତେ ଯାହା କଲେ ବିକିର ସ୍ୱାଭାବିକ ଅବସ୍ଥା ଫେରୁନଥିଲା । ସେ ଧୀରେ ଧୀରେ କୋମାକୁ ଚାଲି ଯାଉଥିଲା ।

ନିଷ୍ପ୍ରାଣ ହେଇ ଯାଉଥିଲା ତା ଦେହ । ଭାଇନା ଓ ନାନୀ ବିକି ଉପରେ ଲୁଟି ଯାଉଥିଲେ । ସେ କିନ୍ତୁ ନିରୁଦ୍ଦିଷ୍ଟ ପଥରେ ମହା ନିର୍ବାଣର ପଥ ବାଛି ନେଇ ସାରିଥିଲା । ନିତ୍ୟାନନ୍ଦ ନାହାକଙ୍କ କଥା ମୁତାବକ ସେ ହେଇ ଯାଇଥିଲା ମହା ସନ୍ୟାସୀ । ବିକିର ରାସ୍ତା ଓଗାଳିବାକୁ ଆଉ କେହି ବି ସମର୍ଥ ହେଇ ନଥିଲେ ।

**X X X X**

ହଁ ମୁଁ 'ଜହ୍ନମାମୁଁ ପ୍ରକାଶନ' ସଂସ୍ଥା ମାଡ୍ରାସକୁ

ଚାଲିଯିବା କଥା କହୁଥିଲି । ସେଠୁ ମୋତେ ନିୟମିତ ପଣ୍ଡିଚେରୀ ଯିବାକୁ ପଡୁଥିଲା । ପ୍ରଖ୍ୟାତ ଲେଖକ ମନୋଜ ଦାସଙ୍କ ପାଖକୁ । ସେ 'ଜହ୍ନମାମୁ'ର ଥିଲେ ପରାମର୍ଶଦାତା ଓ ନିୟମିତ ଲେଖକ ବି । ପ୍ରକାଶନ ସଂସ୍ଥାର ମାଲିକ ଥିଲେ ବିଶ୍ୱନାଥ ରେଡ୍ଡି । ସେ ମନୋଜ ଦାସଙ୍କ ପରମ ବନ୍ଧୁ । ସେଥିପାଇଁ ମନୋଜ ସାର୍ ପତ୍ରିକା ନ ଦେଖିଲେ ପତ୍ରିକା ଛପା ହେଇ ପାରୁନଥିଲା ।

ମୁଁ ପଣ୍ଡିଚେରୀ ଗଲେ ଆଶ୍ରମ ଗେଷ୍ଟ୍ ହାଉସ୍‌ରେ ରହୁଥିଲି । ସେଠି ରହିବା ଓ ଖାଇବାର ସବୁ ବ୍ୟବସ୍ଥା ସାର୍ କରି ଦେଉଥିଲେ । ସତ କହିଲେ ତାଙ୍କର ଇଙ୍ଗିତରେ ମୁଁ ଜହ୍ନମାମୁରେ ହିଁ ଚାକିରି ପାଇଥିଲି । ପଣ୍ଡିଚେରୀରେ ନୀଳ ସମୁଦ୍ର ବା ପଣ୍ଡିଚେରୀର ଆଶ୍ରମ ବା ଅରୋଭିଲ୍‌ରେ ବୁଲିଲେ ମୋର ସବୁବେଳେ ନାନୀଙ୍କ ମୁହଁ ମୋ ଆଖି ଆଗରେ ଉଦ୍‌ଭାସିତ ହେଇ ଯାଉଥିଲା । ମୁଁ ଭାବୁଥିଲି ଭାଇନା ଓ ନାନୀ କେମିତି ବିକିକୁ ଛାଡ଼ି ଜୀବନ ବିତାଉ ଥିବେ । ଗୋଟେ ଗୋଟେ ମୁହୂର୍ତ୍ତ ସେମାନଙ୍କ ପାଇଁ କେତେ କଷ୍ଟ ଓ ବେଦନାସିକ୍ତ ହେଇ ପଡିଥିବ । ନାନୀ ବି ମୋର ଏମିତି ନୀରବତାକୁ ସହି ପାରୁନଥିବେ । ବହୁତ ଖୋଜୁଥିବେ ମନେ ମନେ ।

ମୁଁ ଚାଲି ଆସିଲା ବେଳେ ନାନୀଙ୍କ ବୟସ ଚାଳିଶ ବର୍ଷ ବୟସ ଥିଲା । ଭାଇନାଙ୍କର ୪୨ ବର୍ଷ ବୟସ । ନାନୀ କହୁଥିଲେ, "ଆମର ଆଉ ପିଲା ଦରକାର ନାହିଁ । ବିକିକୁ ନେଇ ଆମେ ଜୀବନ କାଟି ଦେବୁ । ଡ଼ାକ୍ତର ୱାର୍ଣ୍ଣିଂ ଦେଇଛନ୍ତି ଦ୍ୱିତୀୟ ପିଲା କଲେ ମୋ ଜୀବନ ପ୍ରତି ରିସ୍କ ଅଛି ।"

ତେବେ ସେମାନେ କଣ ସେମିତି ରହିଗଲେ ନା ଆଉ ପିଲା ହେଲା ନା ଆଡପ୍‌ସନ୍ ? ସେମାନଙ୍କର କିଛି ବି ଖବର ନଥିଲା ମୋ ପାଖରେ । ମୁଁ ଆଶ୍ରମରେ କେବେ ବି ମୋ ପାଇଁ କିଛି ମାଗୁ ନଥିଲି । କେବଳ ଭାଇନା ଓ ନାନୀଙ୍କ ଦୁଃଖ ହିଁ ଜଣାଉଥିଲି । ମୁଁ ଜାଣି ପାରୁନଥିଲି କାହିଁକି ନାନୀ ମୋ ଚିନ୍ତା ଓ ଚେତନାରେ ସଦାସର୍ବଦା ଆଚ୍ଛାଦିତ ହୋଇ ରହୁଥିଲେ । ଏପରିକି ମୁଁ ମୋ ସ୍ତ୍ରୀ ଓ ପିଲା ଦୁଇଜଣଙ୍କ କଥା ଯେତେ ଭାବୁ ନଥିଲି, ସେତେ ବେଶୀ ସେଇ ନିରିମାଖି ମାଆର ଦୁଃଖ ମୁଁ ପରମ ବ୍ରହ୍ମଙ୍କୁ ଜଣାଉଥିଲି । ବେଳେ ବେଳେ ନିରୋଳାରେ ଶ୍ରୀ ଅରବିନ୍ଦଙ୍କ ସାବିତ୍ରୀ ପଢି ବିକିର ମୃତ୍ୟୁ ରହସ୍ୟକୁ ଅନ୍ୱେଷଣ କରୁଥିଲି । ଏମିତି ଅନେକ ଅନେକ କଥା ଟ୍ରେନ୍‌ରେ ଓଡିଶା ଫେରିବା ରାସ୍ତାରେ ଭାବୁଥିଲି ।

ରାତିରେ ଘରେ ପହଞ୍ଚି ଥିଲି । ହେଲେ ସକାଳ ହେଲା ମାତ୍ରେ ମୁଁ ନାନୀଙ୍କ ଘରକୁ ଯାଇଥିଲି । ତାଙ୍କ ଘର ଯେତେ ପାଖ ହେଇ ଆସୁଥିଲା, ଅନେକ ସ୍ମୃତି ମୋ ମନକୁ ଆନ୍ଦୋଳିତ କରୁଥିଲା । ତାଙ୍କ ଘରେ ଅନେକ ପରିବର୍ତ୍ତନ ହେଇ ଯାଇଥିଲା ଏତେବର୍ଷ ବ୍ୟବଧାନ ପରେ । ତାଙ୍କ ଘର ଚିହ୍ନି ହେଉନଥିଲା, ବର୍ଦ୍ଧିତ ଘର ଓ ତିନି ତାଲା କାମ ହେଇ ଯାଇ ଥିବାରୁ । ଅଗଣାରେ ଭର୍ତ୍ତି ହେଇଛି ହରରଂଗୀ ଫୁଲର ବିପଣୀ । ଗୋଲାପ, ମଧୁମାଳତୀ, ଚଂପା, ଟଗର, କାଂଚନ ଓ ହରଗଉରା ଫୁଲରେ ଅଗଣାଟା ତୋରା ହେଇ ଯାଇଛି ।



ଜାଣିଲି ନାନୀ ଦୁଇ ତାଲାରେ ରହୁଛନ୍ତି । ଉପରକୁ ଯାଇ ବେଲ୍ ମାରିଲି । ଜଣେ ଅଠର ବର୍ଷ ବୟସ୍କା ତୋଫା ହଳଦୀ ରଂଗର ଝିଅଟେ ଭିତରୁ ବାହାରି ଆସି ମୋତେ ପଚାରିଲା, 'କାହାକୁ ଖୋଜୁଛନ୍ତି ?'

ମୁଁ ଝିଅକୁ କିଛି ସମୟ ବିସ୍ମୟ ଆଖିରେ ଅନାଇଲି ଓ କହିଲି, 'ଛବି ମାଡାମ୍ ଅଛନ୍ତି ?' ସେ କହିଲା, 'ମମି ?' ହଁ ସେ ତାଙ୍କ ଶୋଇବା ଘରେ । ଡାକି ଦେବି ?'

ମୁଁ କହିଲି, 'ନା ଥାଉ ! ମୁଁ ନିଜେ ତାଙ୍କ ପାଖକୁ ଯିବି ।'

ଏତିକି କହୁ କହୁ ମୁଁ ଘର ଭିତରକୁ ପଶି ଗଲି । ଝିଅଟି କିନ୍ତୁ ମୋର ଅପ୍ରତ୍ୟାଶିତ ଘର ଭିତରକୁ ପଶିବାର ଦେଖି ଏହାକୁ ସହଜରେ ଗ୍ରହଣ କରି ପାରୁନଥିଲା । ସେ ବିରକ୍ତିରେ ଭ୍ରୁକୁଞ୍ଚନ କରୁଥିଲା । ମୁଁ ପୁଣି ପଚାରିଲି, 'ତୁ କଣ କରୁଛୁ ?' ସେ ଟିକେ ଅସନ୍ତୋଷରେ କହିଲା, 'ଇଂଜିନିୟରିଂ ପଢିବା ପାଇଁ କୋଚିଂ ନେଉଛି ।'

ଯା ଭିତରେ ନାନୀଙ୍କର ଏତେ ବଡ ସୁନ୍ଦରୀ ଝିଅଟେ ହେଇଛି ଜାଣି ମୁଁ ଖୁସି ହେଲି । ମନେ ମନେ ସତରେ ଝିଅଟେ ପାଇ ନାନୀଙ୍କର ବିକିକୁ ହରାଇ ଥିବାର ଦୁଃଖ କିଛି କମି ଯାଇଥିବ ନିଶ୍ଚେ ।

ମୁଁ ନାନୀଙ୍କ ପ୍ରକୋଷ୍ଠକୁ ପଶିଲା ବେଳକୁ ତାହା ଗୋଟେ ଅପୂର୍ବ ଅଗରୁ, ଚନ୍ଦନ, ଝୁଣା ଓ ଧୂପର ସମ୍ମିଶ୍ରିତ ସ୍ୱର୍ଗୀୟ ବାସ୍ନାରେ ମହକିତ ହେଉଥିଲା । ନାନୀ ଏକ ଧ୍ୟାନରେ କମ୍ପ୍ୟୁଟର କିବୋର୍ଡ଼ ଚାଳନା କରୁଥିଲେ । କି ଗୋଟେ କବିତା ମନସ୍କ ବୋଧେ । କମ୍ପ୍ୟୁଟର୍ ପାଖ କାନ୍ଥରେ ବିକିର ପୂର୍ଣ୍ଣ ଅବୟବର ଫଟୋ । ସେଇଠି ଥିଲା ଧୂପ, ଚନ୍ଦନ, ଝୁଣା ଓ ଫୁଲର ନୈବେଦ୍ୟ । ତା ପାଖରେ ଥିଲା ଗୀତା ଓ ଭାଗବତ । ମୋର ଭିତରକୁ ଯିବାର ଶବ୍ଦରେ ନାନୀଙ୍କ ଧ୍ୟାନ ଭାଂଗି ଯାଇଥିଲା । ସେ ମୋତେ ହଠାତ୍ ଏତେ ଦିନ ପରେ ଦେଖି ଚକିତ ହେଇଗଲେ । ସଂଗେ ସଂଗେ ମୋ ପାଖକୁ ଚାଲି ଆସି ମୋତେ ଆଲିଙ୍ଗନ କରି ବହେ କାନ୍ଦିଲେ ଓ କହିଲେ, 'ବାପିରେ କାହିଁକି ମୋ ଉପରେ ଅଭିମାନ କରି ଏତେ ବର୍ଷ କୁଆଡ଼େ ଚାଲିଗଲୁ ? କେଉଁଠି ଭୁଲ୍ ହେଲାରେ ମୋର ?'

ମୁଁ କିଛି ବି କହି ପାରୁ ନଥିଲି । କେବଳ ମୋ ଆଖିର ଥପ୍ ଥପ୍ ଲୁହ ସବୁ ଭୂଇଁରେ ପଡୁଥିବାର ଶବ୍ଦ ଘରର ନୀରବତାକୁ ଭାଂଗୁଥିଲା । ଏବଂ ମୋ ହୃଦୟ ଭିତରେ ଅନେକ ବର୍ଷର ସଂଚିତ କୋହ ଓ ଅନୁଶୋଚନାର ବରଫ ତରଳି ଲୁହ ହେଇ ବହି ଯାଉଥିଲା ।

ନାନୀ କହୁଥିଲେ, 'କେତେ କେତେ କଥା ତୋତେ କହିବାକୁ ଅଛିରେ, କିନ୍ତୁ କେଉଁଠୁ ଆରମ୍ଭ କରିବି ଜାଣି ପାରୁନାହିଁ ।'

କିଛି ସମୟ ରହିଯାଇ କହିଲେ, 'ଇଏ ମୋ ଝିଅ ଖୁସି । ଆମ ଇହ ଓ ପର କାଳର ସାକ୍ଷୀ, ଇଏ ହିଁ ଈଶ୍ୱରଙ୍କ ବରଦାନ ।'

ନାନୀ ପୁଣି ପ୍ରଗଳ୍‌ଭ ହେଇ କହିଲେ, 'ଖୁସିକୁ କେହି ମୋ ଝିଅ ବୋଲି ଜାଣି ପାରନ୍ତି ନାହିଁ । ସମସ୍ତେ ଜାଣନ୍ତି ସେ ମୋ ସାନ ଭଉଣୀ ।'

ପୁଣି ଟିକେ ଦୀର୍ଘ ଶ୍ୱାସ ନେଇ ସେ କହିଲେ, 'ରହ କବାଟଟା ବନ୍ଦ କରିଦିଏ । ତୋତେ କେତୋଟି ଗୁରୁତ୍ୱପୂର୍ଣ୍ଣ କଥା କହିବି ।'

– କି ସିକ୍ରେଟ୍ କଥା ତମର ଆଉ ? ତୁମେ ତ ଝିଅକୁ ନେଇ ଖୁସିରେ ଥିବ ।

– ନାଁରେ । ଖୁସି ମୋ କପାଳରେ ଲେଖା ନାହିଁ । ତୁ ଆସିଲୁ ଏବେ ସେ ଖୁସି ଫେରାଇ ଆଣିବୁ । ତୋ ଭାଇନା ବିକି ଚାଲିଯିବା ପରଠୁଁ ସମ୍ପୂର୍ଣ୍ଣ ଭିନ୍ନ ମଣିଷ ହେଇ ଯାଇଛନ୍ତି । ତାଙ୍କର ଏ ଝିଅ ପ୍ରତି, ଘର ପ୍ରତି ବା ମୋ ପ୍ରତି ଆଦୌ ଟିକେ ବି ମୋହ ନାହିଁ । ସକାଳ ଠୁଁ ବାହାରି ଯାଉଛନ୍ତି ଏବେ ସେ କରିଥିବା ପାଥୋଲାବ୍‌କୁ । ଆସୁଛନ୍ତି ରାତି ଘଡ଼ିଏ ହେଲେ । ତାଙ୍କର କଣ ହେଇ ଯାଇଛିରେ ବାପି ?

– ହବ କଣ ? ସେ କାମରେ ମଜ୍ଜି ଯାଉଛନ୍ତି ତ ।

– ତାଙ୍କର ତିନି ବର୍ଷ ହେଲା ଚାକିରି ସରିଲାଣି । ଏ ବୟସରେ ତାଙ୍କର ଏତେ କାମ କରିବାର କି ଆବଶ୍ୟକତା ? କାହା ପାଇଁ ଏତେ ଟଙ୍କା ଅର୍ଜନ କରୁଛନ୍ତି ? ଯେତିକି ଅଛି କଣ ଝିଅ ପାଇଁ ଯଥେଷ୍ଟ ନୁହଁ ?

ସତରେ ମଣିଷ କାହିଁକି ମରିବା ଯାଏଁ ଧନ ଧନ ଅର୍ଜନ ପାଇଁ ପାଗଳ ହୁଏ । ଏ ପ୍ରଶ୍ନର ସଠିକ୍ ଉତ୍ତର ବି ମୁଁ ଜାଣିନାହିଁ । ମୁଁ ବା କିପରି ନାନୀଙ୍କୁ ଉତ୍ତର ଦେଇ ପାରିବି ?

ନାନୀ କହିଲେ, 'ବାପିରେ ବିକି ଚାଲିଗଲା ପରଠୁଁ ସେ ଜଣେ ଭିନ୍ନ ଜଗତର ମଣିଷ ହେଇ ଯାଇଛନ୍ତି । ସେ ଚାହାନ୍ତି ଏ ପୃଥିବୀର ପ୍ରତି ମଣିଷ ବିକି ପରି ହୁଅନ୍ତୁ ।

– ଏ କେମିତି ସମ୍ଭବ ?

– ତୁ ଶୁଣିଲେ ଆଶ୍ଚର୍ଯ୍ୟ ହେଇଯିବୁରେ । ଖୁସି ସାତ ଆଠ ମାସର କଅଁଳା ଛୁଆ ଥିଲା । ଗୋଡ଼ ହାତ ହଲାଇ ସେ ଖେଳୁଥିଲା । ତୋ ଭାଇନା କୋଳକୁ ମୁଁ ଝିଅକୁ ଟେକି ଦେଇଥିଲି ।

– ସେଇଠୁ ?

– ଝିଅ ବାପ କୋଳରେ ଥାଇ ଆହୁରି ବିଳାସରେ ଗୋଡ଼ ହଲାଇଲା । କିନ୍ତୁ ନିଷ୍ପାପ ଶିଶୁଟା ଉପରେ ତୋ ଭାଇନା ରାଗି ପଂଚମ ହେଇଗଲେ କହିଲେ – "ଏଇ ବନ୍ଦ କର ଏ ଗୋଡ଼ ହାତ ହଲାର ଫାଜିଲାମି । ମୋ ବିକି କେବେ ବି ଏମିତି ଦୁଷ୍ଟ ନଥିଲା । ଏତିକି କହୁ କହୁ ତା ଗୋଡ଼କୁ ଧରି ଦେଲେ । ସେ କିନ୍ତୁ ହାତ ହଲାଇଲା । ଭାଇନା କହିଲେ– "ଇଏ ମୋ ବିକି ପରି ହେଇ ପାରିବ ନାହିଁ" ସେ ବାଳୁତ ଶିଶୁକୁ ତଳକୁ ଛିଞ୍ଚାଡ଼ି ଦେଲେ ଏତିକି କହୁଁ କହୁଁ ।

ମୁଁ କହିଲି – "ଶିଶୁ ଅମୃତର ସନ୍ତାନ । କଅଁଳା ଶିଶୁ ବା କଣ ଜାଣିଛି ?"

ନାନୀ କହିଲେ – 'ଏଯାଏଁ ବି ସେ ଝିଅ ସହିତ ଭଲରେ କଥା ହେଉ ନାହାନ୍ତି । ସବୁବେଳେ ତାକୁ କହନ୍ତି – ବିକି ଏମିତି କଥା କହୁଥିଲା, ଏମିତି ଚାଲୁଥିଲା, ସେମିତି ପଢୁଥିଲା । ତୁ ସେମିତିକା ହେବୁ । ସତ କଥା ସେ ଖୁସି ଭିତରେ ବିକିକୁ ହିଁ ଦେଖୁଛନ୍ତି ।

ମୁଁ କହିଲି – ଭାଇନାଙ୍କର ସାଇକୋଲଜିକାଲ୍ ହଲୁସିନେସନ୍ ରହୁଛି ।

ନାନୀ ଟିକେ ରହିଯାଇ ପୁଣି କହିଲେ – ଏପରିକି ଆମ ନିଜ ଏକମାତ୍ର ଭଣଜା ଉପରେ ସେ ରାଗୁଛନ୍ତି । ଭାଇନାଙ୍କ ଭୟରେ ସେ ଆମ ଘରକୁ ଆସିବାକୁ ସଂକୋଚ କରୁଛି । ଭାଇନା ତାକୁ କହନ୍ତି – ସ୍ୱାର୍ଥପର । ଆମ ସଂପତ୍ତିକୁ ଲୋଭ କରି ଏଠିକୁ ଆସୁଛୁ ।

ନାନୀଙ୍କ କଥାରୁ ମୁଁ ବୁଝୁଥିଲି ଭାଇନାଙ୍କର ସମସ୍ତ ମଣିଷମାନଙ୍କ ପ୍ରତି ବିଦ୍ୱେଷ ଭାବ ଆସି ଯାଇଛି ।

ସେ ବି ଏତେ ନିଷ୍ଠୁର ହେଇ ଯାଇଛନ୍ତି ଯେ ଖୁସିର ବାହାଘର ବି କରିବାକୁ ନାପସନ୍ଦ କରୁଛନ୍ତି । ତାଙ୍କ କହିବାର କଥା, "ଝିଅ ବାହା ହେଇ ଚାଲିଗଲେ ଏ ଘରେ ରହିବ କିଏ ? ଏ ଘର କାହାର ହେବ ଆମ ଅନ୍ତେ ।"

ନାନୀ ଅବସୋସ କରି କହୁଥିଲେ, 'ସେ ସମ୍ପୂର୍ଣ୍ଣ ବଦଳି ଯାଇଛନ୍ତି । ସେ ଘରକୁ ଆସିଲେ ଆମେ ମାଆ ଝିଅ ଭାରି ଭୟ କରୁଛୁ ।'

ସେ ଟିକେ ନିଃଶ୍ୱାସ ନେଇ କହିଲେ – 'ମୁଁ ଏ ବୟସରେ ଚାହୁଁଛି ସେ ଟିକେ ଆନ୍ତରିକ ପଣରେ ମୋ ସହ କଥା ହୁଅନ୍ତୁ । ରାତିରେ ଆମ ବଗିଚାରେ ବୁଲନ୍ତୁ । ଜହ୍ନକୁ ଦେଖନ୍ତୁ । ତୋ ଭାଇନା ଫୁଲଟେ ତୋଳି ଆଣି ମୋତେ ଉପହାର ଦିଅନ୍ତୁ । ଏତିକି କହୁ କହୁ ନାନୀ ଅବିଶ୍ରାନ୍ତ କାନ୍ଦିଲେ ।

ଯା ଭିତରେ ଖୁସି ମୋ ପାଇଁ କଣ ଟିକେ ଟିଫିନ୍ କରି ଆଣି ପରସି ଦେଇଥିଲା । ମୁଁ ନା ନା କରୁଥିଲା ବେଳେ ନାନୀ ତାଙ୍କ ନିଜ ହାତରେ ମୋତେ ଖୁଆଇ ଦେଉଥିଲେ ।

ମୁଁ ନାନୀଙ୍କ ଘରୁ ଆସିଲା ବେଳେ ସେ ଓ ଖୁସି ବାଲ୍‌କୋନୀରେ ଛିଡ଼ା ହେଇ ମୋତେ ନିର୍ନିମେଷ ଆଖିରେ ଅନାଇଥିଲେ ।

ଭାଇନାଙ୍କ ବିଷୟରେ ଏତେ କଥା ଶୁଣିଲା ପରେ ତାଙ୍କ ପ୍ରତି ମୋ ଭିତରେ ଅସୂୟା ଭାବ ଆସିବା ସ୍ୱାଭାବିକ ଥିଲା । ତଥାପି ମୋତେ ଭାଇନାଙ୍କ ସହିତ ଦେଖା କରିବାକୁ ହେବ । ଏତେ ଭଲ ମଣିଷ କଣ ଏମିତି ବଦଳି ଯାଇ ପାରନ୍ତି ?

ନାନୀ ଯା ଭିତରେ ମୋ ହ୍ୱାଟ୍‌ସପ୍ ନମ୍ବର ନେଇ ସେଥିରେ ତାଙ୍କ କବିତା କଥା, ତାଙ୍କ ଦେହ ଖରାପ କଥା, ଝିଅର ଭାଓଲିନ୍ ଶିଖିବା ଇତ୍ୟାଦି କଥା ମୋତେ ଲେଖୁଥିଲେ । ମୁଁ ସବୁ ପଢି ତାଙ୍କୁ ସଂଗେ ସଂଗେ ପ୍ରତ୍ୟୁତ୍ତର ନ ଦେଲେ ସେ ମନ ଦୁଃଖ କରନ୍ତି ।

ଆଜି ସକାଳେ ମୁଁ ବି ତାଙ୍କର ଗୋଟେ ଦୀର୍ଘ ମେସେଜ୍ ପଢିଲି । ସେଇଟା ତାଙ୍କର କବିତାର ରୂପ କଳ୍ପନା ନା ତାଙ୍କ ଦେଖିଥିବା ସ୍ୱପ୍ନ ମୁଁ ଭାବି ପାରୁନାହିଁ । ମେସେଜ୍‌ର ସାରାଂଶ ଏମିତି ଥିଲା ।

– ନାନୀ ତାଙ୍କ ପୁଅକୁ ଅନ୍ୱେଷଣ କରି ଅନ୍ତର୍ଲୋକରେ ଗଭୀର ସ୍ତରକୁ ଚାଲୁଛନ୍ତି । ସେ ପହଞ୍ଚି ଯାଉଛନ୍ତି ଗୋଟେ ଅନ୍ଧକାର ରାଜ୍ୟରେ ଯେଉଁଠି ନା ଅଛି ମନ, ନା ହୃଦୟ ନା ଜ୍ଞାନ । ତଥାପି ସେଇ ଅନ୍ଧକାର ତାଙ୍କ ପାଇଁ ଖୁବ୍ ପବିତ୍ର ଓ ଶାନ୍ତିପ୍ରଦ । ସେଠି ନା ଅଛି ରୂପ ନା ଅଛି ଶବ୍ଦ । ସେଠି ଅଜ୍ଞତା ଅଛି, କିନ୍ତୁ ତାହା ସରଳ ଓ ପରିଚ୍ଛନ୍ନ । ସେଠି ମୁକ୍ତି ପାଇଁ ଅଭୀପ୍‌ସା ନାହିଁ । ବିଜୟ ମୁକୁଟ ପାଇଁ ଉଚ୍ଚ ଆକାଂକ୍ଷା ନାହିଁ । କିନ୍ତୁ ଏହି ଅନ୍ଧାର ଭିତରେ ଏକ ଅନଧିକୃତ ଅଦୃଶ୍ୟ ଆଲୋକ ଆଡ଼କୁ ତାଙ୍କର ନୀରବ ନିଶ୍ଚଳ ଉନ୍ମୁଖତା ଅଛି । ସେ ଧୀରେ ଧୀରେ ଭୁଲି ଯାଇଛନ୍ତି ତାଙ୍କ ଅନ୍ୱେଷଣର ପ୍ରାରମ୍ଭିକ ଉଦ୍ଦେଶ୍ୟ । ସେ ନିଜ ଆତ୍ମସତ୍ତାକୁ ଅନୁଭବ କରି ପାରୁଛନ୍ତି । କୌଣସି ପ୍ରାପ୍ତି ଲାଗି ତାଙ୍କର ଆଉ ଶକ୍ତି ବା ସାମର୍ଥ୍ୟ ନାହିଁ । ସେଇ ଅନ୍ଧାର ପଥରେ ସେ ନିରବରେ ଗତି କରୁଛନ୍ତି କେଉଁଠି ଗୋଟେ ପହଞ୍ଚି ଯିବାକୁ । ହେଇପାରେ ତାହା ନିର୍ବାଣର ଭୂମି, ଯେଉଁଠିକୁ ତାଙ୍କ ବିକି ଚାଲି ଯାଇଛି ।

ମୁଁ ନାନୀଙ୍କର ଏତେସବୁ ଦର୍ଶନ ପଢି ବିସ୍ମିତ ହେଇ ଯାଉଥିଲି । ମୁଁ ନୀରବରେ ନାନୀଙ୍କ କବିତାର ଗଭୀର ଉନ୍ମେଷତା କଥା ଭାବୁଥିଲି ।

ନାନୀଙ୍କର ପୁଣି ଆଉ ଗୋଟେ ମେସେଜ୍ ଆସିଲା । ସେ ଲେଖିଥିଲେ, 'ବାପି, ଭାଇନା ତୋତେ ଆଜି ତାଙ୍କ ଲାବ୍‌କୁ ଯିବା ପାଇଁ କହିଛନ୍ତି । ତାଙ୍କର ତୋ ସହ କଣ କଥା ଅଛି । ତୁ ନିଶ୍ଚେ ଯିବୁ ।'

ହଁ, ଆଜି ନିଶ୍ଚୟ ଭାଇନାଙ୍କ ପାଖକୁ ଯିବି; ତାଙ୍କ ସହ ନିରୋଳାରେ କଥା ହେବି । କିନ୍ତୁ ଭୟ ବି ଲାଗୁଥିଲା, ଏତେ କଥା ନାନୀଙ୍କ ଠୁଁ ଶୁଣିଲା ପରେ । ନାନୀଙ୍କ କଥାନୁଯାୟୀ ସେ ଏବେ ବଦ୍‌ରାଗୀ, କ୍ରୁର, ଅର୍ଥ ପିପାସୁ ଓ କ୍ରୋଧୀ ମଣିଷ । କେମିତି ତାଙ୍କୁ ସାମ୍ନା କରିହେବ ?

ମୁଁ ଅପରାହ୍ନ ଚାରିଟାରେ 'ଛବି ପାଥୋଲାବ୍'ରେ ପହଞ୍ଚିଥିଲି । ଲାବ୍‌ର ଆଟେଣ୍ଡାଣ୍ଟ୍ ପିଲା ମୋତେ ଚେମ୍ବର୍‌କୁ ନେଇ ଯାଇଥିଲା । ମୁଁ ଚେମ୍ବର୍‌ର ଦୁଆର ଖୋଲି ତାଙ୍କୁ ବିସ୍ମିତ ହୋଇ ଦେଖୁଥିଲି । ତାଙ୍କୁ ମୋଟେ ଚିହ୍ନି ହେଉନଥିଲା । ତାଙ୍କର କୋଡ଼ିଏ ବର୍ଷ

ତଳର ସେଇ ସୁଗଠିତ ସୌମ୍ୟ ଅଂଗ ସୌଷ୍ଠବ ଆଉ ନାହିଁ । ଦେହଟା ନରକଂକାଳ ପରି ହେଇ ଯାଇଛି । ମୁଣ୍ଡରେ ଆଦୌ ଚୁଟି ନାହିଁ । ମନରେ ପ୍ରସନ୍ନତା ନାହିଁ । ସେ ଏକା ଏକା ବସି ଖୁବ୍ ଧୀର ସ୍ୱରରେ ପ୍ରାଚୀନ କବି ମାର୍କଣ୍ଡ ଦାସଙ୍କ କବିତା ବୋଲୁଛନ୍ତି, 'କୋଇଲି, କେଶବ ଯେ ମଥୁରାକୁ ଗଲା, କାହା ବୋଲେ ଗଲା ପୁତ୍ର ବାହୁଡ଼ି ନଇଲା । କୋଇଲୀ, ଖଣ୍ଡ କ୍ଷୀର ଦେବି ମୁଁ କାହାକୁ, ଖାଇବର ପୁତ୍ର ଗଲା ମଥୁରାପୁରକୁ, ଲୋ କୋଇଲି ।' ଥପ୍ ଥପ୍ ଲୁହ ତାଙ୍କ ଆଖିରୁ ଗଡି ଟେବୁଲ୍‌ରେ ପଡୁଥିଲା।

ଭାଇନାଙ୍କ ଚେମ୍ବର୍‌ରେ ବିକିର ଗୋଟେ ଫୁଲ୍ ସାଇଜ୍ ଫଟୋ ବି ଥିଲା । ଫୁଲ ଚନ୍ଦନ ଅଗରୁ ଓ ଧୂପ ଦିଆ ଯାଉଥିଲା । ଗୋଟେ ଅଖଣ୍ଡ ଦୀପ ବି ଜଳୁଥିଲା ସେଠି । ତାଙ୍କ ଟେବୁଲ୍ କାଚ ତଳେ ଦରଦୀ କବୟତ୍ରୀ, ପ୍ରମୀଳା ଶତପଥୀଙ୍କ କବିତା ବହି 'ମୁହୂର୍ତ୍ତ ମୁହୂର୍ତ୍ତ ସ୍ୱର'ର ଦୁଇଟି ପଂକ୍ତି ଲେଖା ହେଇ ରହିଥିଲା

"ତୁ ଆସିବୁ, ଆଜି ନହେଲେ କାଲି,
କାଲି ନ ହେଲେ ଆଉ କେବେ
ଏ ସନ ନାଇଁ ତ ଆରସନ
ସେଇ ଭୋଦୁଆ ରାତିର ଅଷ୍ଟମ ଯାନରେ"
ବା
"ମୁଁ ଜାଣେ ତୁ ଭୁଲି ପାରିବୁନି
ଏ ପଣତର ଶୀତଳ ଆଶ୍ଲେଷ
ଏ ମନର ମୁକୁଳା ବନ୍ଧୁତ୍ୱ, ଏବଂ
ଏ ହୃଦୟରୁ ପାଇଥିବା, ସ୍ନେହାପ୍ଲୁତ ସ୍ପର୍ଶ ।"

ମୋର ଆସିବାର ଶଦ୍ଦ କିଛି ସମୟ ଅନ୍ତରରେ ବାରି ପାରି ସେ ପ୍ରକୃତିସ୍ଥ ହେଲେ ଓ ଧୀରେ କହିଲେ, 'ବାପି, ବସ୍ ଏଇଠି ।' ମୁଁ ବସିଲି । ସେ କିଛି ସମୟ ପରେ ବହୁତ ଧୀର ସ୍ୱରରେ କହିଲେ, 'ତୁ ପଣ୍ଡିଚେରୀରେ ରହୁଥିଲୁ ପରା ?'

(ମୁଁ ଭାଇନାଙ୍କ କଥାରେ କିଛି ବି କ୍ରୋଧିତ ହେବାର ସ୍ୱଭାବ ଦେଖି ପାରୁନଥିଲି । ମୋତେ ଲାଗୁଥିଲେ କୋଡ଼ିଏ ବର୍ଷ ପୂର୍ବେ ସେ ଯେମିତି ନମ୍ର ଓ ମିଷ୍ଟସ୍ୱଭାବରେ ଥିଲେ ସେ ଆଜି ବି ସେମିତି ।)

ମୁଁ କହିଲି, 'ମୁଁ ମାନ୍ଦ୍ରାଜରେ ରହେ । କିନ୍ତୁ ମାସରେ ଥରେ ନିଶ୍ଚୟ ପଣ୍ଡିଚେରୀ ଯାଏ ।'

ଭାଇନା ପଚାରିଲେ, 'ସେଠି ଶ୍ରୀମା ଶ୍ରୀଅରବିନ୍ଦ ଆଶ୍ରମ ଠୁଁ ଅରୋଭିଲ୍ କେତେ ବାଟ ?"

(ମୁଁ କିଛି ବୁଝି ପାରୁନଥିଲି ଭାଇନା ଅରୋଭିଲ୍ ବିଷୟରେ ଜାଣିବାକୁ କାହିଁକି ଉଦ୍‌ଗ୍ରୀବ ? ତାଙ୍କ ବିଷୟରେ ନାନୀ ତ ଅଲଗା କଥା କହୁଥିଲେ । ସେ ବିଷୟାସକ୍ତ ହେଇଯିବା କଥା । କିନ୍ତୁ ସେ ୟେ ଅଧାତ୍ମିକ କଥା ଜାଣିବାକୁ କାହିଁକି ଆଗ୍ରହୀ ?)

ମୁଁ କହିଲି, 'ଆଶ୍ରମ ଠୁଁ ଟାକ୍ସିରେ ପନ୍ଦର ମିନିଟ୍‌ର ବାଟ, ଆରୋଭିଲ୍ ସମୁଦ୍ରକୁ ଲାଗି ।'

ଭାଇନା କହିଲେ, 'ଆଶ୍ରମ ବିଷୟରେ ମୁଁ କିଛି ଜାଣିଛି । ହେଲେ ଅରୋଭିଲ୍ ବିଷୟରେ କିଛି କହିଲୁ । ମୋର ସେଠିକୁ ତୋ ନାନୀ ଓ ଭାଣିଜୀକୁ ନେଇ ତୋ ସହ ଯିବାକୁ ଭାବିଛି ।'

(ଭାଇନା ସବୁ କଥା ଶାନ୍ତ ସୁଶୀଳ ଭାବେ କହୁଥିଲେ)

ମୁଁ କହିଲି, 'ଶ୍ରୀ ମାଙ୍କର ଅରୋଭିଲ୍ ଏକ କଳ୍ପନା ପ୍ରସୂତ ସିଟି ଅଫ୍ ଡ୍ଅନ୍ । ତାହା ଗୋଟେ ବିରାଟ ଭୂଖଣ୍ଡ, ଯେଉଁଠି ପୃଥିବୀର ବିଭିନ୍ନ ଦେଶରୁ ମାଟି ଅଣାଯାଇ ପୋତା ଯାଇଛି । ସେଠି ଗୋଟେ ଶାନ୍ତିର ସହାବସ୍ଥାନ । ସେଠି ସାମ୍ୟବାଦ ନୁହେଁ, ଆଧାତ୍ମବାଦର ମନ୍ତ୍ର ଉଚ୍ଚାରିତ ହୁଏ । ପ୍ରତି ମଣିଷ କର୍ମ ଯୋଗରେ ବିଶ୍ୱାସ କରେ । କିଛି ଧର୍ମ ସେଠି ନାହିଁ । ମାନବ ବାଦ ହିଁ ସେଠାର ଧର୍ମ ।'

ମୁଁ ଟିକେ ରହିଗଲି ଓ ଲକ୍ଷ୍ୟ କଲି ଭାଇନା ମୋ କଥା ଶୁଣିବାକୁ ଅତ୍ୟନ୍ତ ଆଗ୍ରହୀ । ମୁଁ ନିଃଶ୍ୱାସ ନେଇ ପୁଣି କହିଲି, "ସେଠି ପୁଲିସ ନାହିଁ, ଯୌନତା ନାହିଁ, ଟଙ୍କା ନାହିଁ । କେଉଁଠି ମଣିଷ ଫୁଲ ଓ ଫଳର ଫାର୍ମ କରେ ତ, କେଉଁଠି ଶସ୍ୟ ଉତ୍‌ପାଦନ ବା ମେକାନିକ୍ ଜିନିଷ ତିଆରି କରେ ନିଜ ଇଚ୍ଛା ମୁତାବକ । ସେଠି ଗୋଟେ ବିଗ୍ରହ ବିହୀନ ମାତୃ ମନ୍ଦିର ଅଛି, କିନ୍ତୁ ପୂଜା ଆରାଧନା ନାହିଁ । ସେଠି ଅଧିବାସୀମାନେ ଧ୍ୟାନସ୍ଥ ହୁଅନ୍ତି ଗୋଟେ ଶାନ୍ତ ପରିମଳ ପରିବେଶରେ, ବୃକ୍ଷ ଓ ପୁଷ୍ପର ଅପୂର୍ବ ସମାହାରରେ, ପକ୍ଷୀଙ୍କ ଆଶ୍ଚର୍ଯ୍ୟ ଗୀତର ମୁଗ୍ଧ ବିଭୋରତାରେ ।"

ଭାଇନା କହିଲେ, 'ମୋ ମନ କଥା କେବଳ ତୋତେ ହିଁ କହୁଛି । ଏମିତି ଗୋଟେ ଜାଗା ମୋର ଅଛି ଯେଉଁଠି ଅରୋଭିଲ୍ ଢାଞ୍ଚାରେ ଆଶ୍ରମଟେ ତିଆରି କରା ଯାଇପାରେ । ସେ କାମରେ କେବଳ ତୁ ମୋତେ ସାହାଯ୍ୟ କରିବୁ । କିନ୍ତୁ କଥାଟା ଗୋପନ ରହିବ । ଏପରିକି ତୋ ନାନୀଙ୍କ ପାଖରେ ବି ।'

ସେ ମୋତେ ବାହାରକୁ ଡାକିଲେ ଓ ତାଙ୍କ କାର୍‌ରେ ସହର ବାହାର ଏନ.ଏଚ୍. ପାଖକୁ ନେଇଗଲେ । ସେ ଗୋଟେ ବିରାଟ ଜାଗା ମୋତେ ଦେଖାଇଲେ । ଜାଗାଟା ଖୁବ୍ ଶାନ୍ତ ଓ ନିକାଞ୍ଚନ ଥିଲା । ପଛ ପଟକୁ କିଛି ଗଛ ବି ଲଗା ଯାଇଥିଲା । ସଂଜୁଆଳୀ ପକ୍ଷୀଙ୍କ ନୀଡ଼ ଫେରନ୍ତା କାକଳିରେ ପୁରି ଉଠୁଥିଲା ସେଇ ସ୍ଥାନଟି ।

ସେ ମୋତେ କହିଲେ, 'ବିକି ଥିଲାବେଳେ ଏଇ କୋଡ଼ିଏ ଏକର ପରିମିତ ଜାଗାଟି କିଣିଥିଲି । ଖୁବ୍ କମ୍ ମୂଲ୍ୟ ଥିଲା ଏ ଜାଗାର । ଭାବିଥିଲି ପୁଅ ଡ଼ାକ୍ତର ହେଲେ ବଡ଼ ଦାତବ୍ୟ କ୍ଲିନିକ୍‌ଟେ କରିବ । ସେ ଚାଲିଗଲା ପରେ ବି ମୁଁ ସେ ଜାଗାକୁ ଛାଡ଼ି ନାହିଁ ବହୁ ପ୍ରଲୋଭନ ସତ୍ୱେ । ଭାବିଛି ସେଠି ପୁଅ ପାଇଁ 'ସ୍ମୃତି ମନ୍ଦିର' କରିବି ଠିକ୍ ଅରୋଭିଲ୍ ପରି ।

ଭାଇନାଙ୍କ ଜାଗା ଦେଖି ଓ ତାଙ୍କର ଉଦ୍ଦେଶ୍ୟ କଥା ଶୁଣି ମୁଁ ଖୁସି ହେଇ ଯାଇଥିଲି । ମୁଁ କହିଲି, 'ସତରେ ଭାଇନା, ଏଇଟା ପୁଅର ସ୍ମୃତି ପାଇଁ ସବୁଠୁ ବଡ ମହତ କାମ ହେବ ।'

ଭାଇନା କହିଲେ, 'ବୁଝିଲୁ ବାପି, ମୋର ଏକମାତ୍ର ଭଣଜା ଏ ଜାଗାର ସୁରାକ ପାଇ ଯାଇଛି । ସେଥିପାଇଁ ସେ ଅନେକ ଥର ମୋ ପାଖକୁ ଆସି ଏ ଜାଗାଟା ତାକୁ ଦାନ ଦେବା ପାଇଁ ମୋତେ ଅନୁନୟ କରୁଛି । କହିଲୁ ବାପି, ଏ ପୃଥିବୀର ସମ୍ପର୍କ ଭିତରେ କେତେ ସ୍ୱାର୍ଥପରତା ରହିଛି ।'

(ମୁଁ ଏଇନେ ଭଣଜା ଉପରେ ଭାଇନା କାହିଁକି ଚିଡ଼ନ୍ତି ତାର ସଠିକ୍ ଉତ୍ତର ପାଇ ଯାଇଥିଲି ।)

ଭାଇନା ପୁଣି ଆରମ୍ଭ କଲେ, 'ବାପି ତୁ ଆହୁରି ଜାଣିଲେ ଆଶ୍ଚର୍ଯ୍ୟ ହେବୁ, ମୁଁ ମୋ ଝିଅ ଖୁସି ପ୍ରତି କେବେ ବି ଭଲ ପାଇବା ଦେଖାଏ ନାହିଁ । ମୁଁ ଜାଣିଛି ତ ନାନୀ ପୁଅ ହରାଇ କେତେ ଦୁଃଖୀ ହେଇ ଯାଇଛନ୍ତି । ସେଥିପାଇଁ ମୁଁ ଖୁସି ପ୍ରତି ଓ ତୋ ନାନୀ ପ୍ରତି ଅନାସକ୍ତ ଭାବ ଦେଖାଇଲେ ସେ ଝିଅକୁ ସମ୍ପୂର୍ଣ୍ଣ ଭଲ ପାଇବା ଦେବେ । ସେଥିପାଇଁ ମୋର ଏମିତି ଅଭିନୟ ସେ ଦୁଇଜଣଙ୍କ ପ୍ରତି ।' ପୁଣି ଟିକେ ହୋସ୍ ନେଇ ସେ କହିଲେ, 'ସେଇ ଖୁସି ଯେତେବେଳେ ତୋ ନାନୀଙ୍କ ଛାତିରେ ଲାଗିଯାଇ ମୃଦୁ ମୃଦୁ ହସେ, ମୋତେ ବୋଧହୁଏ ସେ ହସ ଯେମିତି ପାରିଜାତ ଫୁଲ ହେଇ ଯାଉଛି । ଝିଅର ଗୁରୁଣ୍ଡିବା, ତାର ଗୋଟିକିଆ ଚାଲି ଠୁଁ ଆଜିଯାଏ ନାଚ ଶିଖିବା ବା ଗୀତ ଗାଇବା ସବୁ ତାଙ୍କ ଜୀବନର ନୂତନ ପୁଲକ ଆଣିଛି । ସେଇ ଝିଅ ହିଁ କେବଳ ବରଦାୟୀ ଶକ୍ତିର କୃପାର କୈବଲ୍ୟ । ସେଥିପାଇଁ ମୁଁ ଚାହେଁ ସେ ସେଇ ଝିଅ ପ୍ରତି ଆହୁରି ଆସକ୍ତ ହୁଅନ୍ତୁ, ମୁଁ ମାନସିକ ସ୍ତରରେ କଷ୍ଟ ଭୋଗିବା ସତ୍ୱେ ।'

(ସତରେ, ଭାଇନା କେତେ ମହାନ୍ ଏବେ ମୁଁ ବୁଝୁଛି)

ସେ କହିଲେ, 'ମୁଁ କେବେଠୁଁ ତୋତେ ଅପେକ୍ଷା କରିଥିଲି ବାପି । ସମଗ୍ର ଜୀବନଯାକ ମହୁମାଛି ପରି ଅର୍ଥ ସଂଚୟ କରି ରଖିଛି କଠିନ ପରିଶ୍ରମ କରି । ସେସବୁ ଅର୍ଥ ସେଇ 'ସ୍ମୃତି ମନ୍ଦିର' ପାଇଁ ଖର୍ଚ୍ଚ ହେବ ।'

(ମୁଁ ଏବେ ଜାଣିଗଲି ନାନୀ ଭାଇନାଙ୍କ ସହ ସମଗ୍ର ଜୀବନ ବିତାଇ ଥିଲେ ବି ତାଙ୍କୁ ଠିକ୍ ଭାବେ ଚିହ୍ନି ପାରି ନାହାନ୍ତି ।)

ଟିକେ ରହିଯାଇ ସେ କହିଲେ, 'ହଁ ଆମେ ସମସ୍ତେ ପଣ୍ଡିଚେରୀ ଯିବା ପାଇଁ ବ୍ୟବସ୍ଥା କର୍ । ତୋ ନାନୀ, ଭାଣିଜୀ, ତୋ ସ୍ତ୍ରୀ ଏବଂ ପିଲାମାନେ ବି ଯିବେ ଏକତ୍ର । ସେଠୁ ଫେରିଲେ ଜୋର୍‌ସୋର୍ ଆଶ୍ରମ କାମ ଆରମ୍ଭ ହେବ ।'

ମୁଁ କହିଲି, 'ଠିକ୍ ଅଛି ଭାଇନା ।'

ବାସ୍ତବିକ ଭାଇନାଙ୍କ ବ୍ୟକ୍ତିତ୍ୱ ପାଖରେ ମୋ ମୁଣ୍ଡ ନଇଁ ଯାଉଥିଲା । ମୁଁ ତାଙ୍କଠୁଁ ଫେରିଲା ବେଳେ ନିଜ ପାଖରେ ଖୁବ୍ ଛୋଟ ହେଇ ଯାଉଥିଲି । ଏଇଥି ପାଇଁ ଯେ, ତାଙ୍କୁ ଭୁଲ୍ ଆକଳନ କରିଥିବାରୁ । ମୁଁ ଜାଣି ପାରୁଥିଲି କେତେ ସଂବେଦନାକୁ ସେ ଦୀର୍ଘ ବର୍ଷ ଧରି ନିଜ ଭିତରେ ଚାପି ରଖି ପାରିଛନ୍ତି, ଯାହାହିଁ ତାଙ୍କ ବଡ଼ପଣର ପ୍ରକୃତ ନିଦର୍ଶନ ।



# କୋମଳାଙ୍ଗୀ କଇଁ

# ପ୍ରିୟତମା କଇଁ

**ଶ୍ୱେତା ରାଉତ**
ରାଉତ କମ୍ପ୍ଲେକ୍ସ, କଟକ ରୋଡ଼
ଭୁବନେଶ୍ୱର-୭୫୧୦୦୬
ଫୋନ:୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଲେଖିକା

## କଇଁଫୁଲ

ଫୁଲ ପ୍ରତି କାହାର ଅବା ଆଦର ନ ଥାଏ । ଫୁଲ ସମସ୍ତଙ୍କର ପ୍ରିୟ । ଦେବତା, ନର, ଅସୁର ସମସ୍ତେ ଫୁଲକୁ ଭଲ ପାଆନ୍ତି । ଶାସ୍ତ୍ରରେ ଏମିତି କୌଣସି ସ୍ତୋତ୍ର ବା ଶ୍ଳୋକ ନାହିଁ ଯେଉଁଥିରେ ଫୁଲ କଥା ବର୍ଣ୍ଣନା କରାଯାଇ ନାହିଁ । ଦୁର୍ଗା ସ୍ତୋତ୍ରରେ ଦେବୀ ଦୁର୍ଗାଙ୍କ ଆଖିକୁ ନୀଳୋତ୍ପଳା (ନୀଳପଦ୍ମ) ସହ ତୁଳନା କରାଯାଇଛି । ଲକ୍ଷ୍ମୀଙ୍କୁ କମଳବାସିନୀ, ବିଷ୍ଣୁଙ୍କୁ ପଦ୍ମନାଭ କୁହାଯାଇଛି । ଶିବ ପଞ୍ଚକେଶ୍ୱର ସ୍ତୋତ୍ରରେ କୁହାଯାଇଚି 'ମନ୍ଦାର ସୁରବା ବହୁପୁଷ୍ପ ସୁପୂଜିତାୟ, ତସ୍ମୈମକାର ମହିତାୟ ନମଃଶିବାୟ' ? ଫୁଲମାନେ ସମସ୍ତେ ନିଜ ନିଜର ରଙ୍ଗ, ରୂପ, ମହକ, ସୌନ୍ଦର୍ଯ୍ୟ ଓ ବୈଶିଷ୍ଟ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ସମସ୍ତଙ୍କୁ ଆକର୍ଷିତ କରିବା ବା ସମ୍ମୋହିତ କରିବାର ଗୁଣ ସମାନ ରହିଥାଏ । କିଛି ଫୁଲ ଆମେ ଈଶ୍ୱରଙ୍କ ପୂଜାରେ ବ୍ୟବହାର କରନ୍ତି, କିଛି ଫୁଲ ଉପହାର ବା ଶ୍ରଦ୍ଧାଞ୍ଜଳି ପାଇଁ ବ୍ୟବହାର କରନ୍ତି, କିଛି ଫୁଲ ବ୍ୟଞ୍ଜନରେ ବ୍ୟବହୃତ ହୁଏ, କିଛି ଫୁଲ ଘର ଅଗଣାକୁ ଅଳଙ୍କୃତ କରିଥାନ୍ତି, କିଛି ବାସ୍ତୁ ସମସ୍ୟା ଦୂର କରିଥାନ୍ତି, କିଛି ଫୁଲ ସୁଗନ୍ଧିତ ମହକ ବିତରିଥାନ୍ତି । ଏ ସମସ୍ତ ଗୁଣଧାରୀ ଫୁଲମାନଙ୍କ ଭିତରେ ଏମିତି ଏକ ଫୁଲ ଅଛି ଯିଏକି ପ୍ରେମ ଓ ସମ୍ମୋହନର ବାର୍ତ୍ତାବହ ହୋଇ ପ୍ରତିଟି ହୃଦୟକୁ ପ୍ରେମଶିକ୍ତ କରିଥାଏ, ତାହା ହେଲା କଇଁ ବା କୁମୁଦ । ଯାହାକୁ ଅମେ କହିଥାଉ କୁମୁଦିନୀ, ନିଶିଗନ୍ଧା, ରତିପୁଷ୍ପ, ଶଶୀପ୍ରଭ, ଇନ୍ଦୁଲୋହ, ପ୍ରଫୁଲ୍ଲ ଇତ୍ୟାଦି । ପଦ୍ମ ପରି ଶୀତଳ, କୋମଳ, ମନମୁଗ୍ଧକାରୀ କଇଁ ଓ ଚନ୍ଦ୍ରଙ୍କ ପ୍ରେମ କାହାଣୀ ପାଇଁ କଇଁ ଯୁଗେ ଯୁଗେ ପ୍ରେମଶିକ୍ତା । କଇଁ ଅନେକ ଦେଶ, ଯଥା- ଫିନ୍‌ଲାଣ୍ଡ(ଜଳକଇଁ), ଶ୍ରୀଲଙ୍କା (ନୀଳକଇଁ), ବାଂଲାଦେଶ (ଧଳାକଇଁ) ଓ ଜିମ୍ବାୱେ (ଲାଲକଇଁ)ର ରାଷ୍ଟ୍ରୀୟ ଫୁଲ ଭାବେ ସମ୍ମାନିତ ହୋଇଥାଏ । କଇଁର ଅନେକ ରଙ୍ଗ, ଯଥା: ଧଳା, ନାଲି, ହଳଦିଆ, ନୀଳ, ସବୁଜ, ଗୋଲାପୀ, ବାଇଗଣୀ, କମଳାରଙ୍ଗ ଇତ୍ୟାଦି ଅନେକ ପ୍ରକାର ହୋଇଥାଏ । କଇଁର ବିଶେଷତା ହେଲା ସେ ରାତିରେ ଫୁଟେ । ସେଥିପାଇଁ ତାକୁ ରାତ୍ରିପୁଷ୍ପ କୁହା ଯାଇଥାଏ । ତେବେ ଆସନ୍ତୁ ଜାଣିବା କଇଁ ସମ୍ବନ୍ଧରେ କିଛି ଜାଣିବା କଥା ।

## କଇଁର ବିଭିନ୍ନ ନାମ

କଇଁଫୁଲର ବିଭିନ୍ନ ପର୍ଯ୍ୟାୟବାଚୀ ନାମ ସହିତ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମକରଣ କରାଯାଇଛି । କଇଁକୁ କୁମୁଦ, କୁମୁଦିନୀ, କୋକା, କୋଇ, କୈରବ, ଚନ୍ଦ୍ରବନ୍ଧୁ, ଶଶୀପ୍ରଭ, ରାତ୍ରୀପୁଷ୍ପ, କହ୍ଲାର, ସୌଗନ୍ଧକ, କୋଜଗା, ଇନ୍ଦୁଲୋହ ଇତ୍ୟାଦି କୁହାଯାଇଥାଏ । ମରାଠୀରେ 'କୁମ୍‌କୁମୀତ୍, କୁମାର୍ଗ, କୁମୁଦୂତୀ, କୁମୈତ, କୁମ୍‌ଟକା, ତେଲଗୁରେ ଲୋକାଲୁଭାପୁଭ୍ରୁ, କାନ୍ନାକାମ୍ବାରାମୁ, କିନ୍ଦକୁନ୍ଦିଚୁ, କୁମୁଦ ବାଂଧବୁଡୁ', କର୍ଣ୍ଣାଟକରେ ଫ୍ଲେମଲିଲି, କାର୍ଥୀଗାଇପୁ, କନ୍ନଡ଼ରେ ଜଲନାଇଡିଲେ, ବେଙ୍ଗଲୀରେ ସାପଲା ଫୁଲୋ, ଲିଲିଫୁଲ, କୁମୁଦ, ନଳିନୀ, ଜାପାନ୍‌ରେ ସିଉରେନ୍, ମାଲାୟଲମ୍‌ରେ କାନ୍ଥେଲ, ମାଲାଥାମ୍‌ରା, ମେନ୍ଥୋନୀ, ଭେଣ୍ଣୋନୀ, କାରିୟଲିୟଞ୍ଜି, କାନ୍ଥେଲ ଲିଲିୟମ, ସଂସ୍କୃତରେ ଶ୍ୱେତପ୍ଳଳ, କୁମୁଦଂ, ଉପ୍ଳଳଂ, ପଦ୍ମିନୀ, ଜଲକମଳଂ, ସୌଗନ୍ଧକ, ନିଳୋପ୍ଳଳା ହିନ୍ଦୀରେ ଲିଲି, କୁମୁଦୁନୀ, ନଳିନୀ, ନରଗିସ୍, କୁମୁଦ୍ ସ୍ୱେନ୍‌ରେ ଲିଲି, ଲିରିଓ ୟୁରୋପ୍‌ରେ ଆଜୁସିନା, ଡଚ୍‌ରେ ଲିଲି, ଇଂରାଜୀରେ ୱାଟର ଲିଲି, ଲିଲି, ନିମ୍ଫିଆ, ବ୍ଲୁଲୋଟସ୍, ବ୍ଲୁ ୱାଟର ଲଲି, ଓଡ଼ିଆରେ କଇଁଫୁଲ, ନୀଳକଇଁ, କୁମୁଦ କୁହାଯାଇଥାଏ ।

## କଇଁଫୁଲ ଆବିଷ୍କାର

ଇତିହାସରୁ ଜଣାଯାଏ ୧୮୦୦ ଖ୍ରୀଷ୍ଟାବ୍ଦର ଆରମ୍ଭରେ ଇଂଲଣ୍ଡରେ ହିଁ ପ୍ରଥମେ କଇଁକୁ ଦେଖିବାକୁ ମିଳିଥିଲା । ବଡ଼ ବଡ଼ ଧନୀ ବ୍ୟକ୍ତିମାନଙ୍କର ସୌଖିନ ପୋଖରୀମାନଙ୍କରେ ଏକ ଅଳଙ୍କାର ଉଦ୍ଭିଦ ଭାବେ କଇଁ ସଜା ଯାଇଥାଏ । ଡ୍ୟୁକ୍ ଅଫ୍ ଡେଭୋନ୍‌ସେୟାରର ମାଲିକଙ୍କ ଏକ ବିରାଟ କାଚଘର ଦୁର୍ଘଟଣାରେ ଭାଙ୍ଗିଯିବା ପରେ ତାଙ୍କ ବଗିଚାର ମାଳି ଜୋସେଫ୍ ପାକ୍ସଟନ୍‌ଙ୍କ ଦ୍ୱାରା କଇଁ ଲୋକଲୋଚନକୁ ଆସିଥିଲା । ତାହା ପୂର୍ବରୁ ସେ ପ୍ରାସାଦ ଭିତରେ ଥିବା ପୋଖରୀରେ ହିଁ ଶୋଭା ପାଇଥିଲା । ମାଳୀ ଜୋସେଫ୍ ପାକ୍ସଟନ୍ ଏଇ କଇଁର ହାଇବ୍ରିଡ଼ିଂ (ଶଙ୍କରୀ) ନାମ ବାହାର କରିଥିଲେ 'ନିମ୍ଫିଆ-ଡିଭୋନ୍‌ସିସ୍' । ଏହାକୁ କଲମି କରି 'ନିମ୍ଫିଆ ରୁଦ୍ରା, ନିମ୍ଫିଆ ଆଲବା' ଭାବେ ପ୍ରଜାତି ବାହାର କଲେ ଯେଉଁଥିରେ କି ନାଲି କଇଁ, ନୀଳ କଇଁ ଫୁଟିବାକୁ ଲାଗିଲା ଓ ଆତ୍ମ ପରାଗଣ ସମ୍ଭବ ହୋଇଥିଲା । ଏହି ପ୍ରଜାତି ବାସ୍ତବିକ ଜଳକଇଁର ବ୍ରିଡ୍ (ଶଙ୍କର) ବନାଇବା ପାଇଁ କାର୍ଯ୍ୟବାହକ ଥିଲେ 'ଏଡୁଆଡ଼ ଆର୍ଟଗୀଜ୍' । ସେଥିପାଇଁ ଏହାକୁ 'ନିମ୍ଫିଆ ଆର୍ଟଜୀ- ସିୟାନୋ- ରୁଦ୍ରା' କୁହାଯାଇଥାଏ । ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଥମ ୧୮୭୬ରେ ଏଡ୍‌ମଣ୍ଡ ସ୍କୁର୍‌ବେଷ୍ଟକ' ଦ୍ୱାରା ଏହି କଇଁ ବିକଶିତ ହୋଇଥିଲା । ପରେ ବିଭିନ୍ନ ପ୍ରଜାତି ଓ ପ୍ରକାରର କଇଁ ଶଙ୍କରୀକରଣ ଦ୍ୱାରା ସମ୍ଭବ ହୋଇଥିଲା ।



◀ ଲେଖିକା ଶ୍ୱେତା ରାଉତ

## ପ୍ରଜାତି ଓ ପ୍ରକାର

ଯଦିଓ ଶଙ୍କରୀକରଣ ଦ୍ୱାରା ଆଜିକାଲି ଶତାଧିକ ପ୍ରକାରର କଇଁ ସମଗ୍ର ବିଶ୍ୱରେ ଉପଲବ୍ଧ ତଥାପି ମୁଖ୍ୟତଃ ୪୦ଟି ପ୍ରଜାତିର କଇଁ ସମଗ୍ର ବିଶ୍ୱରେ ଦେଖିବାକୁ ମିଳିଥାଏ । କିଛି କଇଁ ଦକ୍ଷିଣ ଉଷ୍ଣ ଜଳବାୟୁ ପସନ୍ଦ କରନ୍ତି, କିଛି ସମଶୀତୋଷ୍ଣ ଓ ଅର୍ଦ୍ଧ-ଉଷ୍ଣ କଟିବନ୍ଧୀୟ କ୍ଷେତ୍ରମାନଙ୍କରେ ଦେଖାଯାଏ । କଇଁ ଥଣ୍ଡା ଜଳବାୟୁ ପସନ୍ଦ କରନ୍ତି । ଯାହା କେବଳ ଉତ୍ତର କାନାଡ଼ା ଓ ଆଲାସ୍କାରେ ଦେଖା ଯାଇଥାଏ । ଯଦିଓ ସବୁ ପ୍ରଜାତିର କଇଁ ବା କୁମୁଦକୁ ଉପସ୍ଥାପନା କରିବା ସମ୍ଭବ ନୁହେଁ, ତଥାପି ମୁଖ୍ୟ କେତୋଟି କଇଁର ପ୍ରଜାତି ରହିଛି, ଯଥା:ଭିକ୍ଟୋରିଆ ଆମାଜୋନିକା, ୱେଲୋୱ୍ୱାଟର ଲିଲି, ହ୍ୱାଇଟ୍ ଲିଲି (ଧଳା କଇଁ), ଇଜିପ୍ସିଆନ୍ ଲୋଟସ୍, ନିମ୍ଫିଆ କାନାଡ଼ିକା, ପବନସେନ୍ସ, କାପେନ୍ସିସ୍, ମାଇକ୍ରାନ୍ତା, ନିମ୍ଫିଆ ଥରମାରୁମ୍, ନିମ୍ଫିଆ ଆଡ଼ୋରୋଟା ଇତ୍ୟାଦି ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ । ଭାରତରେ ପ୍ରାୟ ୪ ପ୍ରକାରର କଇଁ ପୋଖରୀମାନଙ୍କରେ ଦେଖିବାକୁ ମିଳିଥାଏ । ଯଥା: ଧଳାକଇଁ, ନାଲି କଇଁ, ଛୋଟ କଇଁ ଓ ନେଳିକଇଁ ବା ସୁବୁଦ୍ଧି କଇଁ । ନେଳି କଇଁକୁ ଦୈବ୍ୟ ଶାସ୍ତ୍ରକାରମାନେ ପଦ୍ମ ସହିତ ତୁଳନା କରିଥାନ୍ତି ।



## ରୋପଣ ବିଧି

କଇଁ ସବୁବେଳେ ପୋଖରୀର ଶୋଭା ବଢ଼ାଇଥାଏ । ପୋଖରୀର ପଙ୍କ ଦଳ ଭିତରେ ଖୁବ୍ ଉର୍ବର ହୋଇ ବିଭିନ୍ନରଙ୍ଗ ସହିତ ମସୃଣ ପାଖୁଡ଼ା, ଆଭାଯୁକ୍ତ ଫୁଲ, ଗୋଲାକାର ପତ୍ର ଓ ଲମ୍ବା ଡେମ୍ଫଯୁକ୍ତ ହୋଇ ପ୍ରକୃତିର ସୌନ୍ଦର୍ଯ୍ୟକୁ ଅନୁପମ କରିଥାଏ । ଏହି କଇଁକୁ ଆମେ ଘରେ ମଧ୍ୟ କୁଣ୍ଡରେ ଲଗାଇ ପାରିବା । ଯଦିଓ ପୋଖରୀ ଭଳି ପ୍ରଚୁର ପରିମାଣରେ ଆମେ କଇଁକୁ ବିକଶିତ କରି ପାରିବାନି, ତଥାପି କୁଣ୍ଡରେ ରୋପଣ କରି କଇଁର ଅନୁପମ ସୌନ୍ଦର୍ଯ୍ୟକୁ ଉପଲବ୍ଧି କରିପାରିବା । କଇଁ ରୋପଣ କରିବା ପାଇଁ ଏମିତି ଏକ ସ୍ଥାନ ବାଛିବା ଯେଉଁଠି ୬/୭ଘଣ୍ଟା ସୂର୍ଯ୍ୟକିରଣ ସିଧାସଳଖ ପଡୁଥିବ । ପ୍ରଥମେ ଆମେ ୧୮-୨୦ଇଞ୍ଚର ବଡ଼ ପ୍ଲାଷ୍ଟିକ୍ କୁଣ୍ଡ ଆଣିବା ଓ ୮-୧୨ଇଞ୍ଚ ମଧ୍ୟରେ ଛୋଟ ମାଟିକୁଣ୍ଡଟିଏ ଆଣିବା ଯାହାକି ବଡ଼ କୁଣ୍ଡ ଭିତରେ ଭଲ ଭାବେ ରହିପାରିବ । ଧ୍ୟାନ ଦେବେ ମାଟି କୁଣ୍ଡରେ ପାଣି ବାହାରି ଯିବାକୁ ଯେମିତି କୌଣସି କଣା ନ ଥାଏ । କୁମ୍ଭାର ମାଟି ବା ପଙ୍କିଳ ମାଟି ଛୋଟ କୁଣ୍ଡରେ ଭରି ଏଥିରେ ଗୋଟେ ମଗ୍ ପାଣି ଢ଼ାଳିଦେବା । ଏବେ ଏଥିରେ କଇଁର ମୂଳ ବା ଚାରାକୁ ଭଲଭାବେ ପୋତିଦେବା । ବଡ଼ କୁଣ୍ଡରେ ପାଣି ଭରି ପୂର୍ଣ୍ଣ କରିଦେବା ଓ ଚାରା ଲଗାଇଥିବା ଛୋଟ କୁଣ୍ଡକୁ ଧିରେ ଧିରେ ବଡ଼କୁଣ୍ଡ ଭିତରେ ରଖିଦେବା । ଏଥିରେ କିଛି ଫର୍ଟିଲାଇଜର (ଉର୍ବରକ ଖାଦ) ଦେଇ ୧୫-୨୦ଦିନ ପର୍ଯ୍ୟନ୍ତ ଛାଡ଼ିଦେବା । ଧିରେ ଧିରେ ଚାରାଟି ଭଲ ଭାବେ ଉର୍ବର ହେବାକୁ ଲାଗିବ ଏବଂ ତନ୍ମଧ୍ୟରୁ ଆହୁରି ଚାରା ଉତ୍ପନ୍ନ ହେବ ।



## ଓଡ଼ିଶାରେ କଇଁ

ଓଡ଼ିଶାର ଘରେ ଘରେ ପରିଚିତ କଇଁ, ଓଡ଼ିଆ ଝିଅମାନଙ୍କ କଣ୍ଠରେ ବଉଳବେଣୀ ଗୀତର ତାଳେ ତାଳେ ଝୁମୁଥାଏ:

"କୁଆଁର ପୁନେଇଁ ଜହ୍ନଲୋ ଫୁଲ ବଉଳ ବେଣୀ,
ଆକାଶରେ ଦେଖ ଉଇଁ ଆସେ ଶଶୀ,
କଇଁ ମନ ଛନ ଛନ ଲୋ, ଫୁଲ ବଉଳବେଣୀ ।"

କଇଁ ଆଉ ଜହ୍ନଙ୍କ ପ୍ରେମକାହାଣୀ ସମସ୍ତ କବି, ଲେଖକ, ସାହିତ୍ୟିକମାନଙ୍କ ହୃଦୟକୁ ଆନ୍ଦୋଳିତ କରେ । କଇଁ ସବୁବେଳେ ସନ୍ଧ୍ୟା ପରେ ଫୁଟେ । ସତେ ଯେମିତି ସେ ଜହ୍ନକୁ ଅପେକ୍ଷା କରିଥାଏ । ସେଥିପାଇଁ ବୋଧହୁଏ ପ୍ରେମର ପ୍ରତୀକ ଭାବେ କଇଁଫୁଲକୁ କୁମାରୀମାନେ କୁମାର ପୂର୍ଣ୍ଣିମୀ ଦିନ ଜହ୍ନକୁ ଭେଟିଦେଇ ନିଜ ମନ ପସନ୍ଦର ଜୀବନସାଥି ଅଥବା ପ୍ରେମିକର ପ୍ରେମ ପାଇବା ପାଇଁ ମନୋସ୍କାମନା କରିଥାନ୍ତି । ଖୁଦୁରୁକୁଣୀ ଓଷା ପୂର୍ବଦିନ ରାତିରୁ ଝିଅମାନେ କଇଁଫୁଲ ତୋଳି ଆଣି ତାର ନାଡ଼କୁ ଭାଙ୍ଗି ଭାଙ୍ଗି ହାର କରନ୍ତି ଓ ଘର ଦ୍ୱାର ମୁହଁରେ ଟଙ୍ଗାଇ ଖୁଦୁରୁକୁଣୀ ମାତାଙ୍କ ଆବାହନ କରିଥାନ୍ତି । ଶ୍ରୀକ୍ଷେତ୍ର ପୁରୀର ବିଭିନ୍ନ ଶକ୍ତପୀଠରେ ଦୁର୍ଗାପୂଜା ସମୟରେ ପୂଜାର୍ଚ୍ଚନା ହୋଇଥାଏ । ବନଦୁର୍ଗା ଛକ, ବାସେଳିସାହି, ପୁରୀରେ ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କୁ ପ୍ରତିବର୍ଷ ୧ ଲକ୍ଷ ୮ ନୀଳକଇଁ ଲାଗି କରାଯିବାର ଏକ ନିଆରା ପରମ୍ପରା ରହିଛି । ଏହି ବେଶକୁ ମା'ଙ୍କର ବଡ଼ସିଂହାର ବେଶ କୁହାଯାଇଥାଏ । ବ୍ରହ୍ମଗିରିର ଜଣେ ମାଳୀ ପ୍ରତିବର୍ଷ ଏହି ନୀଳକଇଁ ଫୁଲ ମା' ମଙ୍ଗଳାଙ୍କ ନିମନ୍ତେ ଯୋଗାଇ ଆସୁଛନ୍ତି । ଓଡ଼ିଶାର ମହାନ କାବ୍ୟଗ୍ରନ୍ଥ 'ମାଳିକା'ରେ ମହାପୁରୁଷ ଅଚ୍ୟୁତାନନ୍ଦ ଭବିଷ୍ୟବାଣୀରେ ପାହାଡ଼ ଉପରେ କଇଁ ଫୁଟିବାର ଭବିଷ୍ୟବାଣୀ କରିବାକୁ ଯାଇ ଲେଖିଥିଲେ, "ପର୍ବତ ଉପରେ ଫୁଟିଛି କଇଁ, ମସ୍ତକରେ ମୋର ଦିଅ ଲଗାଇ ।" ମହାପୁରୁଷଙ୍କ ଏ ଭବିଷ୍ୟବାଣୀ ସତ ହୋଇଛି । ଗଂଜାମ ଜିଲ୍ଲାର ଚମ୍ପତପୁର ଗ୍ରାମରେ ଅବସ୍ଥିତ ଏକ ପର୍ବତ ଶିଖରରେ ଦୁଇଟି ଗୁମ୍ଫା ଅଛି । ଏହି ପର୍ବତରେ ବାବା ଭୋଳାନାଥଙ୍କର ପାଦଚିହ୍ନ ଦେଖିବାକୁ ମିଳିଥାଏ । ଏଠାରେ ଏକ ଦେବୀ କୁଣ୍ଡ ରହିଛି ଯାହା ବାବାଙ୍କ ହିସାବରେ ଜଳପୂର୍ଣ୍ଣ ରହିଥାଏ । ଏହି ଦେବୀକୁଣ୍ଡରେ 'କଇଁ ଫୁଲ' ଫୁଟି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଭବିଷ୍ୟବାଣୀକୁ ସତ୍ୟ ପ୍ରମାଣିତ କରିଛି । ଦୀପାବଳୀରେ ଓଡ଼ିଆମାନେ ମା' କାଳୀଙ୍କୁ କଇଁଫୁଲ ଦ୍ୱାରା ପୂଜା କରିଥାନ୍ତି । କଇଁଫୁଲକୁ ନେଇ ଓଡ଼ିଆରେ ଅନେକ ବହି ବା

ପତ୍ରିକାମାନ ରହିଛି, ଯାହାର ଶୀର୍ଷକ କଇଁ ନାମରେ ନାମିତ

## କଇଁ ଶୀର୍ଷକରେ ଓଡ଼ିଆ ବହି

ନୀଳକଇଁ (ଡ. ପ୍ରିୟମ୍ବଦା ସାମଲ), ଜହ୍ନ ଓ ନୀଳକଇଁ (ଅମ୍ବୁଜା ମହାନ୍ତି), ନୀଳକଇଁ (କୁଳମଣୀ ଷଡ଼ଙ୍ଗୀ), କଇଁ (ଶୁଭକାନ୍ତ ସାହୁ), ନୀଳକଇଁର ପାଗଳପଣ (ଅମ୍ବିକା ସ୍ୱାଇଁ), କଇଁଫୁଲ (ଦିଗମ୍ବର ମେହେର), କଇଁର ଅଭିମାନ (ପାରମିତା ମିଶ୍ର), ନୀଳଜହ୍ନ ଓ ଲାଲକଇଁ (ପୂର୍ଣ୍ଣିମାରାଣୀ ସାହୁ), ନିଶିଗନ୍ଧା (ଅନୁପମା ସାହୁ), କଇଁ ଓ ଚାନ୍ଦ (ଜିତେନ୍ଦ୍ର ସେଠ୍), ନୀଳକଇଁ (ଲୋପା ଜେନା), ହେଇ କଇଁଫୁଲ ଫୁଟିଲାଣି (ସତ୍ୟବତୀ ସ୍ୱାଇଁ)

## ଓଡ଼ିଆ ପଦ୍ୟରେ କଇଁ

କଇଁଫୁଲ ଓ ଜହ୍ନ ସହିତ ତା'ର ପ୍ରେମ ବିରହକୁ ନେଇ ସାହିତ୍ୟିକମାନେ ଖୁବ୍ ଆନ୍ଦୋଳିତ ହୁଅନ୍ତି । ସେଥିପାଇଁ ଅନେକ କାବ୍ୟ ଅଥବା କବିତାରେ କଇଁକୁ ସ୍ଥାନିତ କରିଥାନ୍ତି । ଆସନ୍ତୁ ଜାଣିବା କିଛି ଓଡ଼ିଆ ପଦ୍ୟାଂଶ ଯେଉଁଥିରେ କଇଁର ବର୍ଣ୍ଣନା କରାଯାଇଛି ଆମ କବିମାନଙ୍କ ଦ୍ୱାରା ।

(୧) ନୀଳ ଆକାଶର ନୀଳିମା ବକ୍ଷରେ
ଖେଳୁଛନ୍ତି ତାରା ଶଶୀ,
ସରସୀରେ କଇଁ ଜହ୍ନକୁ ଝୁରୁଛି
ବିରହରେ ଦିବାନିଶି । - *ଚାରୁବାଳା ପାଢ଼ୀ*

(୨) ସରୋବରେ ଥରେ ଚାହାଁଗୋ ସଖି
ଦୃଶ୍ୟରୁ ତ ଜମା ଫେରେନି ଆଖି
ଆକାଶରେ ଚାନ୍ଦ ଜଳେ କୁମୁଦ
ଯାଆନ୍ତି ପ୍ରେମର କବିତା ଲେଖି । - *ଉପାସନା ବେହେରା*

(୩) ଯେବେ ଅଜଣା ସୁରର ଶୀତଳ ସମୀର
ଛୁଇଁଯାଏ ତନୁ ଅଧର
ନୀଳ ଜଳରାଶୀ କୋଳେ ଛାୟାଶଶୀ
ଝୁରୁଥାଏ କଇଁ କନ୍ଦର । - *ଅଭିଲିପ୍ସା ସାହୁ*

(୪) କଇଁ କାନ୍ଦେ କଇଁ କଇଁ
ବିରହେ ଲୁହ ଝରାଇ
ରାତି ସାଥିରେ ପୀରତି
ଦେଖୁ ଦେଖୁ ଚାନ୍ଦର । - *ସତ୍ୟନାରାୟଣ ପୃଷ୍ଟି*

(୫) ନୀଳ ସରସୀରେ ନୀଳକଇଁ ମୁଁ
ତୁମେ, ଦୂର ଆକାଶର ପୁନେଇଁ ଜହ୍ନ
ଢାଙ୍କି ଦେବ କାଳେ କଳା ବାଦଲ ତୁମକୁ
ଭାବି ! ମନ ମୋ ହୁଏ ଉଚ୍ଛନନ । - *କାଳି କୁମାର*

(୬) ମୁଁ କଇଁ
ରାତି ରାତି ଜଗିଥାଏ ଚାନ୍ଦ ଆସିବାକୁ
ଦୂରରୁ ମାତ୍ର ଦେଖି ମନ ବୁଝେଇବାକୁ । - *ଆଦ୍ୟାଶା ପ୍ରିୟଦର୍ଶନୀ*

(୭) ଶଶାଙ୍କ ପ୍ରତୀକ୍ଷାରେ ଅବସନ୍ନ କଇଁ
ପ୍ରସ୍ଫୁଟିତ ହୁଏ କାହିଁ ଉତ୍‌ଫୁଲିତ ହୋଇ
ଅମାବାସ୍ୟାର ଅନ୍ଧାରକୁ ତିଳେ ଭୟ ନାହିଁ
ବୋଧହୁଏ ବନ୍ଧନରୁ ପ୍ରାପ୍ତ ସ୍ୱାଧୀନତା ପାଇଁ । - *ଝିଆଲି ମନ*

(୮) ଅସଂଖ୍ୟ ପ୍ରଦୀପ ଜଳୁଛି ନଭରେ
ଶେଫାଳିକା ଫୁଟି ବାସେ
ଯାମିନୀ ଆଣିଛି ସାଥିରେ ଜହ୍ନକୁ
ନୀରେ କୁମୁଦୁନୀ ହସେ । - *ଉପାସନା ବେହେରା*

(୯) ଚନ୍ଦ୍ରମାର ଛାଇ ପଡ଼ିଲେ ନଦୀରେ
ଚନ୍ଦ୍ରିକା ହସଇ କଇଁର ମୁଖରେ
କଉଁଠୁ ବି ଦୂର ଛାଇର ଦୂରରେ
ଜହ୍ନ ଉଇଁଥାଏ କଇଁ ଅପେକ୍ଷାରେ । - *ରାଇନା*

(୧୦) ତୁ ଆକାଶର ଜହ୍ନ
ମୁଁ ପୋଖରୀର କଇଁ
ଯେତେ ଚାହିଁଲେ ବି ତୋତେ
ମୁଁ ଛୁଇଁପାରେ ନାହିଁ । - *ଶ୍ୱେତା ରାଉତ*

(୧୧) କେବେ ପୁଣି ପ୍ରଜାପତି
କେବେ ଭିଜା ସ୍ମୃତି
କେବେ ତୁମେ କଇଁଫୁଲ
କେବେ ଜହ୍ନରାତି । - *ସସ୍ମିତା ନାୟକ*

(୧୨) ଚାନ୍ଦ ଯେବେ ଉଏଁ ସନ୍ଧ୍ୟା ଆକାଶରେ
ପ୍ରେମର ବାର୍ତ୍ତା ନେଇ
ତାହାର ପରଶେ ପ୍ରେମାତୁର ହୁଏ
ପ୍ରଣୟିନୀ ନୀଳକଇଁ । - *ଅମ୍ବୁଜା ମହାନ୍ତି*

(୧୩) ଫୁଲଟିଏ ମୁଁ ଫୁଲଟିଏ
ଖୁସିରେ ମୁଁ ଭାବ ବାଣ୍ଟୁଥାଏ
କେବେ ମୋର ମନ ପାହାଡ଼ି ଝରଣା
କେବେ ନୀଳକଇଁ ସାଜିଥାଏ । - *ଲୋପା ଜେନା*

(୧୪) ନୀଳକଇଁ ଯେ ଉଠଇ ନାଚି
ହଜାଇ ଆଖି ତନ୍ଦ୍ରା
ଡେରି କରନା ନୀଦରୁ ଉଠ
ମୋ ପ୍ରିୟା ମଧୁଛନ୍ଦା । - *କୁଳମଣୀ ଷଡ଼ଙ୍ଗୀ*

ଓଡ଼ିଆ ଚଳଚ୍ଚିତ୍ର 'ଫୁଲ ଚନ୍ଦନ'ରେ କଇଁକୁ ନେଇ ଏକ ସୁନ୍ଦର ଗୀତ ରହିଛି ଯାହା ସମସ୍ତଙ୍କ ପ୍ରିୟ-

"କହନା ଏ ଫୁଲ କହନା, କହିଦେ ନକରି ବାହାନା
ଏ ମନ ନୀଳକଇଁ, ଯାହାର ବାଟ ଚାହିଁ
ରାତିକୁ ଦିଏ ପାହି, ଆଖିକୁ ନିଦ ନାହିଁ... ।

ଓଡ଼ିଶାରେ କଇଁ ସମସ୍ତଙ୍କର ପ୍ରିୟଫୁଲ । ଭାଦ୍ରବ ମାସରେ ପୋଖରୀମାନଙ୍କରେ ତାରା ଭଳି ଶୋଭାମଣ୍ଡିତ କରୁଥିବା କଇଁ ଯେକୌଣସି ବ୍ୟକ୍ତିଙ୍କୁ ବି ମୋହରେ ବାନ୍ଧି ରଖିଥାଏ । କଇଁର ବେଣ୍ଟୁଳାକୁ ଆଣି ଶୁଖାଇ ଏହାକୁ ବାଲି ଦ୍ୱାରା ଭାଜି ଖଇ ପ୍ରସ୍ତୁତ କରାଯାଇଥାଏ । ପିଲାମାନେ ମଧ୍ୟ ଏହି କଇଁ ବେଣ୍ଟୁଳାକୁ କଞ୍ଚା ଖାଇବାକୁ ଭଲ ପାଇଥାନ୍ତି । ଚତୁର୍ମାସ ସମୟରେ ପ୍ରାୟତଃ ଦେବୀମାନଙ୍କର ପୂଜା ହୋଇଥାଏ ଏବଂ ଏହି ପୂଜାରେ ସମସ୍ତ ଦେବୀମାନଙ୍କୁ



କଇଁଫୁଲରେ ସଜା ଯାଇଥାଏ । ତେବେ ଏ କଇଁ କେମିତି ପୃଥିବୀକୁ ଆସିଲା ଓ କାହିଁକି ଚନ୍ଦ୍ରକୁ ଏତେ ଭଲପାଏ ଆସନ୍ତୁ ଜାଣିବା ପୌରାଣିକ ଆଖ୍ୟାନରେ ।



## ପୌରାଣିକ ଆଖ୍ୟାନ

ପୌରାଣିକ କଥା ଅନୁସାରେ ଚନ୍ଦ୍ର ଦେବତା ଆକାଶରେ ଭ୍ରମଣ କରୁଥିବା ବେଳେ ପୃଥ୍ୱୀଲୋକରେ ଥିବା ରାଜା ଦକ୍ଷ ପ୍ରଜାପତିଙ୍କ ପ୍ରାସାଦ ଉପରେ ପଡ଼ିଲା । ସେ ଦେଖିଲେ ରାଜା ଦକ୍ଷଙ୍କର ୨୭ କନ୍ୟାମାନେ ଏକତ୍ରିତ ହୋଇ କୋଳାହଳମୟ ବାର୍ତ୍ତାଳାପ କରୁଥିଲେ । ସେମାନେ ଥିଲେ ଅତ୍ୟନ୍ତ ସୁନ୍ଦରୀ । ଷୋଳକଳା ସମ୍ପୂର୍ଣ୍ଣ ଚନ୍ଦ୍ର ସେମାନଙ୍କ ସୌନ୍ଦର୍ଯ୍ୟରେ ବଶୀଭୂତ ହୋଇ ସେମାନଙ୍କ ନିକଟକୁ ଗଲେ । ଚନ୍ଦ୍ରଦେବଙ୍କୁ ନିକଟରେ ଦେଖି ଦକ୍ଷଙ୍କର ଜ୍ୟେଷ୍ଠକନ୍ୟା 'ରୋହିଣୀ' ଚନ୍ଦ୍ରଙ୍କ ପ୍ରେମରେ ପଡ଼ିଗଲା ଓ ଚନ୍ଦ୍ରଙ୍କୁ ପ୍ରେମ ନିବେଦନ କଲା । ଜ୍ୟେଷ୍ଠଭଉଣୀ ସମେତ ଅନ୍ୟ କନ୍ୟାମାନେ ମଧ୍ୟ ଚନ୍ଦ୍ରଙ୍କୁ ବିବାହ କରିବାକୁ ଚାହିଁଲେ । ଚନ୍ଦ୍ରଦେବତା ରାଜା ଦକ୍ଷଙ୍କୁ ତାଙ୍କର ପୁତ୍ରୀମାନଙ୍କୁ ବିବାହ କରବାକୁ ଅନୁମତି ମାଗିଲେ ଏବଂ ରାଜାଙ୍କ ଠୁ ସହମତି ପାଇ ୨୭ କନ୍ୟାମାନଙ୍କ ସହ ବିବାହ କଲେ । କିଛିଦିନ କନ୍ୟାମାନେ ଚନ୍ଦ୍ରଙ୍କ ସହିତ ଖୁବ୍ ଭଲରେ ଆନନ୍ଦରେ ଦିନ କାଟିଲେ । କିନ୍ତୁ ପରେ କେବଳ ରୋହିଣୀଙ୍କ ପ୍ରତି ଆସକ୍ତ ରହି ଚନ୍ଦ୍ର ଅନ୍ୟ ପତ୍ନୀମାନଙ୍କୁ ଅବହେଳା କଲେ । ସବୁ ସମୟ କେବଳ ରୋହିଣୀ ସହିତ କାଟିଲେ । ଏସବୁ ଦେଖି ଅନ୍ୟ କନ୍ୟାମାନେ ନିଜର ଅଭିଯୋଗ ପିତା ଦକ୍ଷଙ୍କୁ ଜଣାଇଲ । ଦକ୍ଷ ଚନ୍ଦ୍ରଙ୍କର ପାତର ଅନ୍ତର ଶୁଣି କ୍ଷୋଭ କଲେ ଏବଂ ଚନ୍ଦ୍ରଙ୍କୁ ସମସ୍ତଙ୍କୁ ସମାନ ଭାବରେ ପ୍ରେମ କରିବା ପତିର ଧର୍ମ କହି ପରାମର୍ଶ ଦେଲେ । ଚନ୍ଦ୍ର ଏକଥାରେ ସମର୍ଥନ କରି ସମସ୍ତଙ୍କୁ ସମାନ ପ୍ରେମ ଦେବେ ବୋଲି ବଚନ ଦେଲେ । କିନ୍ତୁ ପୂର୍ବବତ୍ ଚନ୍ଦ୍ର ପୁଣି କେବଳ ରୋହିଣୀ ପ୍ରତି ପ୍ରେମାଶକ୍ତ ରହିଲେ । ଏସବୁ ଦେଖି ଅନ୍ୟ କନ୍ୟାମାନେ ପୁଣି ପିତାଙ୍କୁ ଅଭିଯୋଗ ଜଣାଇଲେ । ଦକ୍ଷ, ଚନ୍ଦ୍ରଙ୍କର ପାତରଅନ୍ତର ଶୁଣି କ୍ଷୋଭ କଲେ ଏବଂ ଚନ୍ଦ୍ରଙ୍କୁ ସମସ୍ତଙ୍କୁ ସମାନ ଭାବରେ ପ୍ରେମ କରିବା ପତିର ଧର୍ମ କହି ପରାମର୍ଶ ଦେଲେ । ଚନ୍ଦ୍ର ଏ କଥାରେ ସମର୍ଥନ କରି ସମସ୍ତଙ୍କୁ ସମାନ ପ୍ରେମ ଦେବେ ବୋଲି ବଚନ ଦେଲେ । କିନ୍ତୁ ପୂର୍ବବତ୍ ଚନ୍ଦ୍ର ପୁଣି କେବଳ ରୋହିଣୀ ପ୍ରତି ପ୍ରେମାସକ୍ତ ରହିଲେ । ଏସବୁ ଦେଖି ଅନ୍ୟ କନ୍ୟାମାନେ ପୁଣି ପିତାଙ୍କୁ ଅଭିଯୋଗ ଜଣାଇଲେ । ଏଥର ରାଜା ଦକ୍ଷ କ୍ରୋଧିତ ହୋଇ ଚନ୍ଦ୍ରଙ୍କୁ କହିଲେ, "ତୁମେ ମୋତେ ଦେଇଥିବା ବଚନର ପାଳନ ନକରି ମୋ ପ୍ରତି ଅପମାନ କରିଛ, ମୁଁ ବ୍ରହ୍ମପୁତ୍ର ପ୍ରଜାପତି ଦକ୍ଷ ତୁମକୁ ଅଭିଶାପ ଦେଉଛି ତୁମେ ଛଅଟି ରୋଗରେ ପିଡ଼ୀତ ରହିବ ଏବଂ ପ୍ରେମ କରିବା ଯୋଗ୍ୟ ରହିବ ନାହିଁ ।" ଅଭିଶାପ ପାଇବା କ୍ଷଣି ଚନ୍ଦ୍ର ଧିରେ ଧିରେ ରୋଗାକ୍ରାନ୍ତ ହେବାକୁ ଲାଗିଲେ, ତାଙ୍କର ସୌନ୍ଦର୍ଯ୍ୟ କ୍ଷୀଣ ହେବାକୁ ଲାଗିଲା, କିରଣ ମଧ୍ୟ ଧିରେ ଧିରେ କମିବାକୁ ଲାଗିଲା । ଚନ୍ଦ୍ରଙ୍କୁ ଦେଖି ଦେବତାମାନେ ଓ ଋଷିମାନେ ଚିନ୍ତାରେ ପଡ଼ିଗଲେ, ଚନ୍ଦ୍ରଙ୍କର କ୍ଷୟ ହେଲେ ସୃଷ୍ଟିର ସନ୍ତୁଳନ ରହିବ ନାହିଁ, ଅବକ୍ଷୟ ଘଟିବ । ତେଣୁ ସେମାନେ ବ୍ରହ୍ମାଙ୍କ ନିକଟକୁ ଯାଇ ସଂକଟରୁ ମୁକ୍ତି ପାଇବାର ମାର୍ଗ ପଚାରିଲେ । ବ୍ରହ୍ମା କହିଲେ ଚନ୍ଦ୍ର ଛଅ ମାସ ପର୍ଯ୍ୟନ୍ତ ମହାଦେବଙ୍କ ତପସ୍ୟାରେ ବସି ବରପ୍ରାପ୍ତ କରନ୍ତୁ ଲାଭପ୍ରଦ ହେବେ । ଚନ୍ଦ୍ର ଅନୁରୂପ କଲେ ଏବଂ ମହାଦେବଙ୍କୁ ସନ୍ତୁଷ୍ଟ କରିପାରିଲେ । ମହାଦେବ ଧ୍ୟାନରୁ ଉଠିବା ପରେ ଚନ୍ଦ୍ରଙ୍କୁ କହିଲେ, "ମୁଁ ତୁମର ତପସ୍ୟାରେ ସନ୍ତୁଷ୍ଟ କିନ୍ତୁ ତୁମକୁ ଶ୍ରାପ ଦେଇଥିବା ବ୍ୟକ୍ତି ସାମାନ୍ୟ ନୁହଁନ୍ତି, ତେଣୁ ମୁଁ ତୁମକୁ ଶ୍ରାପରୁ ମୁକ୍ତ କରି ପାରବି ନାହିଁ, କିନ୍ତୁ ତୁମକୁ ମୋର ଜଟାରେ ଧାରଣ କରି ମୃତ୍ୟୁମୁଖରୁ ବଞ୍ଚାଇ ପାରିବି । ତୁମେ କୃଷ୍ଣପକ୍ଷରେ ଯେତିକି କ୍ଷୀଣ ହୋଇଯିବ, ଶୁକ୍ଳପକ୍ଷରେ ସେତିକି ଉଜ୍ଜ୍ୱଳ ରହିବ ।" ଚନ୍ଦ୍ରଙ୍କର ଏଭଳି ଅବସ୍ଥା ଦେଖି ରୋହିଣୀ ଭଗବାନ ବିଷ୍ଣୁଙ୍କୁ ଧ୍ୟାନ କଲେ ଏବଂ ନିଜ ପାଇଁ ଭଉଣୀମାନଙ୍କ ପାଇଁ ହୋଇଥିବା ଅନ୍ୟାୟ ପାଇଁ କ୍ଷମା ପ୍ରାର୍ଥନା କଲେ । ରୋହିଣୀର ଚନ୍ଦ୍ରଙ୍କ ପ୍ରତି ଅନାବିଳ ପ୍ରେମ ଓ ଆକର୍ଷଣ ଦେଖି ବିଷ୍ଣୁ ଭଗବାନ ପ୍ରୀତ ହେଲେ ଏବଂ ରୋହିଣୀକୁ କହିଲେ, "ରୋହିଣୀ, ତୁମେ ଅତ୍ୟନ୍ତ ସୁନ୍ଦର, କୋମଳ, ସ୍ନିଗ୍ଧ ରୂପଧାରୀ କୁମୁଦ ବା କଇଁଫୁଲ ହୋଇ ପୃଥିବୀ ପୃଷ୍ଠରେ ପୋଖରୀରେ ଫୁଟିବ । ସୂର୍ଯ୍ୟାସ୍ତ ପରେ ସବୁ ଫୁଲମାନେ ମଉଳିଯିବା ବେଳେ ତୁମେ କିନ୍ତୁ ରାତ୍ରୀର ଆଗମନରେ, ଚନ୍ଦ୍ରଙ୍କ ଆଗମନରେ ଆହୁରି ଶୁଭ୍ର ସତେଜ ରୂପ ନେଇ ପ୍ରସ୍ଫୁଟିତ ହେବ । ଚନ୍ଦ୍ରଙ୍କୁ ସ୍ପର୍ଶ ନ କରିପାରୁଥିଲେ ଚନ୍ଦ୍ରର ପ୍ରତିବିମ୍ବକୁ ତୁମେ ବେଢ଼ି ରହିବ । ସାରା ଜଗତ ଚନ୍ଦ୍ର ଆଉ କଇଁର ପ୍ରେମକୁ ଉପଲବ୍ଧି କରିବେ । ଶୁକ୍ଳପକ୍ଷରେ ଚନ୍ଦ୍ରଙ୍କ ସହିତ ତୁମର ସମ୍ବନ୍ଧ ରହିବ ଏବଂ କୃଷ୍ଣପକ୍ଷର ସମୟ ତୁମର ଭଉଣୀମାନଙ୍କ ପାଇଁ ଚନ୍ଦ୍ରଙ୍କୁ ଅତିବାହିତ କରିବାକୁ ହେବ ।" ରୋହିଣୀ ବିଷ୍ଣୁଙ୍କର ବରଦାନ ପାଇଁ କୁମୁଦୁନୀ (କଇଁ) ହୋଇ ପୋଖରୀରେ ଚନ୍ଦ୍ରଙ୍କୁ ଅପେକ୍ଷା କଲେ ।



ବ୍ରହ୍ମବୈବର୍ତ୍ତ ପୁରାଣରେ ଲିପିବଦ୍ଧ ଅଛି, ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଗୋକୁଳର ସାମନ୍ତ ରାଜା ବୃଷଭାନୁ ଓ ପତ୍ନୀ କୀର୍ତ୍ତୀଦା ପ୍ରଭାତ ସ୍ନାନ ପାଇଁ ଯାଇଥିବା ପୁଷ୍କରିଣୀରେ ପଦ୍ମଫୁଲମାନଙ୍କ ଗହଳିରେ ଏକ ନୀଳକଇଁ ଉପରେ ଶିଶୁକନ୍ୟାଟିଏ ଶୋଇଥିବାର ଦେଖି ତାକୁ ଅତି ଆଦରରେ ନେଇ ଆସି ତାହାର ନାମ ରଖିଥିଲେ 'ରାଧା' । ରାଧା ଓ କୃଷ୍ଣଙ୍କ ଅମର ପ୍ରେମକୁ ପ୍ରତୀକାତ୍ମକ କରିବାକୁ ସତେ ଯେମିତି ସେଇ କଇଁଫୁଲର ରଙ୍ଗ କୃଷ୍ଣରଙ୍ଗ ହୋଇଥିଲା । ଯାହାକୁ ଆମେ କହୁଛନ୍ତି 'ନୀଳକଇଁ' । ରାଧାଙ୍କ ସହିତ ନୀଳକଇଁର ସମ୍ପର୍କ ରହିଥିବାରୁ ଏହା କୃଷ୍ଣଙ୍କର ମଧ୍ୟ ପ୍ରିୟଫୁଲ ଓ କୃଷ୍ଣଙ୍କ ନିକଟରେ ଭକ୍ତମାନେ ଅର୍ପଣ କରିଥାନ୍ତି ।

## ଔଷଧୀୟ ଉପଚାର ପାଇଁ କଇଁ

ଚିକିତ୍ସା କ୍ଷେତ୍ରରେ କଇଁର ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଚି । ଏହା ଆଣ୍ଟିସ୍ପାସମୋଡିକ୍, ଡ୍ୟୁରେଟିକ୍, ଏମେଟିକ୍, ଲକ୍ସାଟିଭ, ପର୍ଗେଟିଭ୍, କାର୍ଡିଆକ୍ ଟନିକ୍, ସ୍ରେଡିଟିଭ୍ ଏବଂ ଆଣ୍ଟିବାୟୋରେଟିକ୍ ।



ଏହା ପ୍ରାୟତଃ ଚା, ଟେକ୍ଷ୍ଚର, ଏକ୍ସଟ୍ରାକ୍ଟ, ଇଫ୍ୟୁଜନ୍ ଏବଂ ଅତ୍ୟାବଶ୍ୟକ ତେଲ ଆକାରରେ ବ୍ୟବହୃତ ହୋଇଥାଏ । ସପ୍ତଦଶ ଶତାବ୍ଦୀର ପ୍ରସିଦ୍ଧ ଉଦ୍ଭିଦବିଜ୍ଞାନୀ ତଥା ଚିକିତ୍ସକ 'ନିକୋଲାସ୍-କୁଲପେପର' କହିଛନ୍ତି ଯେ, ଏହା ନିଶ୍ଚିତ ଭାବରେ ମସ୍ତିଷ୍କକୁ ମଜବୁତ୍ କରିଥାଏ ଏବଂ ଏକ ଦୁର୍ବଳ ସ୍ମରଣଶକ୍ତିକୁ ନବୀକରଣ କରି ସ୍ମରଣଶକ୍ତି ବଢ଼ାଇଥାଏ । ଆଖିରେ ପଡ଼ିଥିବା ଡିଷ୍ଟିଲ୍ ପାଣି ଏହାର ପ୍ରବାହକୁ ସାହାଯ୍ୟ କରେ । କଇଁ, ପକ୍ଷାଘାତ ରୋଗୀମାନଙ୍କ ଉପଚାର ପାଇଁ ବ୍ୟବହାର ହେବା ସହିତ ହୃଦୟର ବିଚଳନ ଦୂର କରି ଶାନ୍ତ ରଖିଥାଏ । ବାସ୍ତବରେ କଇଁ ଏମିତି ଏକ ଉଭିଦ ଯେଉଁଥିରୁ ଆମେ ଅନେକ ଲାଭ ପାଇଥାନ୍ତି ।

## ତ୍ୱଚା ପାଇଁ

ପୋଖରୀରେ ଫୁଟୁଥିବା କଇଁରୁ ପ୍ରସ୍ତୁତ ମଲମ ପୋଡ଼ାଜଳା ଏବଂ ଅନ୍ୟ କ୍ଷତଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ହୋଇଥାଏ । ସ୍କାର ଟିସୁକୁ ଶୀଘ୍ର ଏବଂ ପ୍ରଭାବଶାଳୀ କରିବାରେ ଏହା ମଧ ସହାୟକ ହୋଇଥାଏ । କଇଁରୁ ପ୍ରସ୍ତୁତ ଏକ ଟନିକ୍ (ଆକ୍ୱା ଆରିୟା) ଯାହାକି କଇଁଫୁଲ ସହିତ ପାଣି ମିଶାଇ ପ୍ରସ୍ତୁତ କରାଯାଇଥାଏ । ଏହାକୁ ମଧ୍ୟକାଳରେ ଲଗାଇଲେ ତ୍ୱଚାରେ ଉଜ୍ଜ୍ୱଳତା ଆସେ । ଏହା ସ୍କିନ୍ ଏସ୍ଟ୍ରିଜେଣ୍ଟ ଭାବେ କାମ କରିଥାଏ ।

## ହୃଦୟ ରୋଗ

ଜଳ କଇଁକୁ ହାର୍ଟ ଟନିକ୍ ଭାବେ ଜଣାଯାଏ । ଏହି ଟନିକ୍ ଡିଜିଟଲିସ୍ ବା ଫକ୍ସଗ୍ଲୋଭ ତୁଳନାରେ ବୟସ୍କ ବ୍ୟକ୍ତିଙ୍କ ହୃଦୟ ରୋଗର ଉପଚାର ପାଇଁ ଅଧିକ ଫଳପ୍ରଦ ହୋଇଥାଏ । ଏଥିପାଇଁ ଏହା ହ୍ୱର୍ଥନ ଓ ମଦରୱର୍ଟ ସହିତ ମିଳିତ ଭାବେ ପ୍ରଯୁଜ୍ୟ ହୋଇଥାଏ । ଏହା ବାଲ୍‌ବଆର ହୃଦୟରୋଗ, ହୃଦୟ ସମ୍ବନ୍ଧୀୟ ଦୁର୍ବଳତା, ଡ୍ରାପ୍ସୀ ଏବଂ ହୃଦୟର ସଂକୀର୍ଣ୍ଣତା ବା କମ୍‌ଜୋର ହୃଦୟର ଉପଚାର ପାଇଁ ସାହାଯ୍ୟ କରିଥାଏ । କଇଁଫୁଲରେ ଥିବା ଫ୍ଲେବୋନୋଇଡ୍ସ ଧମନୀଗୁଡ଼ିକୁ ସକ୍ରିୟ କରି ରକ୍ତ ସଞ୍ଚାଳନ ସାଧାରଣ କରିଥାଏ । ଏହାର ମୂତ୍ରବର୍ଦ୍ଧକ ଗୁଣ ଉଚ୍ଚ ରକ୍ତଚାପର ସ୍ତରକୁ କମ୍ କରିବାକୁ ସାହାଯ୍ୟ କରିଥାଏ । ଏହା ଆରହୀଥ୍ମିଆ ରୋଗ ପାଇଁ ବ୍ୟବହାର ହୋଇଡାଏ । କାରଣ ଏହା ହୃଦୟର ମାଂସପେଶୀର କ୍ରିୟାକୁ ବଢ଼ାଇବା ସହିତ ହୃଦୟର ସ୍ପନ୍ଦନର ତୀବ୍ରତାକୁ ନିୟନ୍ତ୍ରଣ କରିଥାଏ ।



## ମାନସିକ ସମସ୍ୟା

କିମ୍ବଦନ୍ତୀ ଅନୁସାରେ ଜଣାଯାଏ, ଯଦି କେହି ବ୍ୟକ୍ତି ଜଳକଇଁର ତେଲ ନିଜ ମଥାରେ ଲଗାଇଥାଏ, ଏହା ସେ ବ୍ୟକ୍ତିର ସାଧାରଣ ଜ୍ଞାନକୁ ବଢ଼ାଇଥାଏ । ଏବେ ଆମେ ଅନ୍ଧବିଶ୍ୱାସରେ ନଯାଇ ବି କହିପାରିବା ଯେ, ଜଳକଇଁର ତେଲ 'ଆରୋମାଥେରାପି'ରେ ବ୍ୟବହୃତ ହେଉଛି ଏବଂ ଏହି ତେଲ ମୁଣ୍ଡବିନ୍ଧା, ମାନସିକ ଅସ୍ଥିରତା ଏବଂ ସଂଜ୍ଞାହୀନତାରୁ ସୁଧାର ଆଣିଥାଏ । ଏହାର ବ୍ୟବହାର ଦୁର୍ବଳ ସ୍ମରଣଶକ୍ତି, ଅପୋପ୍ଲେକ୍ସୀ ଏବଂ ମିର୍ଗି ବା ବାତରୋଗର ଉପଚାର ପାଇଁ ବ୍ୟବହାର ହୋଇଥାଏ ।

## ଫୁସ୍‌ଫୁସ୍ ରୋଗ

ଜଳକଇଁ ଉଭିଦ ପୁରୁଣା ଫୁସ୍‌ଫୁସ୍ ରୋଗ (କ୍ରୋନିକ୍ ଅବଷ୍ଟ୍ରାକ୍ଟିଭ୍) ପଲ୍ମୋନାରୀ ଡିଜିଜ୍ ଭଳି ବାତପିତ ଏବଂ ଆସ୍ଥମାର ଉପଚାର ପାଇଁ ବ୍ୟବହୃତ ହୋଇଥାଏ । ଫୁସ୍‌ଫୁସୀୟ ଏଡିମା ପାଇଁ ଔଷଧ ପ୍ରସ୍ତୁତ କରିବାକୁ ଏହାହ ବ୍ୟବହୃତ ହୋଇଥାଏ । ଯାହାର ଉପଚାର କଲେ ହୃଦ୍‌ଘାତର ଆଶଙ୍କା ରହିଥାଏ ।

ଏଞ୍ଜାଇନା ପେକ୍ଟୋରିସ୍ : ଜଳକଇଁର ବ୍ୟବହାର ଛାତି ଯନ୍ତ୍ରଣା, ହୃଦୟ ମାଂସପେଶୀରେ ଅକ୍ସିଜେନ୍‌ର ଅଭାବ ଦ୍ୱାରା ହେଉଥିବା ପୀଡ଼ା ଦୂର କରିବା ପାଇଁ ବ୍ୟବହାର କରାଯାଇଥାଏ ।

ଜ୍ୱରନାଶକ ଗୁଣ : ଜଳକଇଁ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ସହିତ ଜ୍ୱର ଭଲ କରିଥାଏ

ମୂତ୍ରାଶୟ ସଂକ୍ରମଣ : କଇଁରୁ ପ୍ରସ୍ତୁତ ଟିକ୍ଚର୍ ପରିସ୍ରାରୋଗ ସଂକ୍ରମଣକୁ ରୋକିଥାଏ ଏବଂ ଗର୍ଭାଶୟ ସଂକ୍ରିତ ହେବାକୁ ଦିଏନାହିଁ ।

ପାଚନ ସମସ୍ୟା : ଏହା ଜଡ଼ିବୁଟି ଭଳି ରେଚକ ଏବଂ ରେଚକ ଗୁଣଯୁକ୍ତ ହୋଇଥିବାରୁ ଏଲୋର ବିକଳ୍ପ ଭାବେ ବ୍ୟବହୃତ ହୋଇଥାଏ ଏବଂ ଶରୀର ହଜମ ପ୍ରକ୍ରିୟାକୁ ସୁଗମ କରିଥାଏ ।

କଇଁ ଦ୍ୱାରା ଅନେକ ରୋଗ ଭଲ ହୋଇଥାଏ । ଯଥା- ଜଳଉଦରୀ ରୋଗ ଭଲ ହୋଇଥାଏ । କିଡ୍‌ନୀର ଷ୍ଟୋନ୍‌କୁ ଭାଙ୍ଗିଥାଏ, ଗୁଟ୍ ଏବଂ ରିଉମିଟିଜିମ୍ ଭଳି ଗଣ୍ଠି ସମସ୍ୟାଜନିତ ଯନ୍ତ୍ରଣାକୁ ହ୍ରାସ କରିଥାଏ । ପକ୍ଷାଘାତ, ଡିକ୍, କୁଷ୍ଠରୋଗ, ଫୁଲାରୋଗ ପାଇଁ ଔଷଧ ଭାବେ ଉପଯୋଗୀ ହୋଇଥାଏ । ବିଷାକ୍ତ ଦ୍ରବ୍ୟ ସେବନ ଦ୍ୱାରା ପ୍ରଭାବିତ ହେବା ପୂର୍ବରୁ ଏହା ବାନ୍ତି ଦ୍ୱାରା ବିଷକୁ ରୋକିଥାଏ ।

କଇଁଫୁଲ ପାଇଁ ଏକ କ୍ଷେତ୍ର ବିଶେଷ ଭାବେ ପ୍ରସିଦ୍ଧ, ତାହା ହେଲା ଥାଇଲାଣ୍ଡର ଉଡୋନ ସହର । ଉଡୋନରେ ୩୬ କିଲୋମିଟର ବିସ୍ତୃତ ଏକ ବିରାଟ ହ୍ରଦ ଅଛି ଯେଉଁଥିରେ କି କେବଳ ଗୋଲାପୀ ରଙ୍ଗର କଇଁଫୁଲ ଭର୍ତ୍ତି ହୋଇ ଫୁଟିଥାଏ । ଏହାକୁ ଦେଖିବାକୁ ଏବଂ ବୋଟିଂ କରିବାକୁ ଅନେକ ଦେଶରୁ ପର୍ଯ୍ୟଟକ ଆସିଥାନ୍ତି । ଏହାକୁ 'ଲିଲି ପାର୍କ ବା ଲିଲି କା ଝିଲ' ଭାବେ ଲୋକମାନେ ଜାଣନ୍ତି । କଇଁଫୁଲର ଏ ଅନନ୍ୟ ଦୃଶ୍ୟ ପୃଥିବୀ ପୃଷ୍ଠରେ ସ୍ୱର୍ଗର ଉପଲବ୍ଧି କରାଇଥାଏ ।

ଜୀବନଶୈଳୀ

# ହାଇହିଲ୍‌ର ହସ

▶ ଫଟୋ : ଶୁଭମ୍ ପ୍ରସାଦ
▶ ରୂପାୟନ : ଡ଼ୋଲ୍ ମିଶ୍ର



# ହାଇହିଲ୍ ଜୋତା


**ଗିରୀଶ ଚନ୍ଦ୍ର ସାହୁ**

ଅବସରପ୍ରାପ୍ତ ଆସୋସିଏଟ୍ ପ୍ରଫେସର, ମାଛୁଆତି,
ସାଲେପୁର, କଟକ-୭୫୪୨୦୨
ଫୋନ:୯୪୩୯୮୧୪୩୨୭


ଫଟୋ ସୌଜନ୍ୟ : ଦିବ୍ୟଦେବ ଦାସ, ଶୁଭମ ପ୍ରସାଦ, ଗୁଗୁଲ୍



▶ଲେଖକ ଡ. ଗିରୀଶ ଚନ୍ଦ୍ର ସାହୁ

କେବଳ ପାଦକୁ ସୁନ୍ଦର ଦେଖାଯିବା ପାଇଁ ନୁହେଁ, ପାଦକୁ ସୁରକ୍ଷା ଦେବା ଓ ଚାଲିବା ସମୟରେ ପାଦକୁ ଆରାମ ଦେବା ପାଇଁ ଜୋତା ବ୍ୟବହୃତ ହୋଇଥାଏ । ପରିଧାନକାରୀ ଜୋତା ପିନ୍ଧିଲେ ଡେଙ୍ଗା ଓ ଡେଙ୍ଗୀ ଦେଖାଯାଏ । ଗୋଡ଼ର ପେଣ୍ଡା ପାଦର ଦୈର୍ଘ୍ୟ ବୃଦ୍ଧି ପାଇଥାଏ । ମାତ୍ର ଏବେ ଦେଖା ଯାଉଛି ସୁରକ୍ଷା ବଦଳରେ ଏହା ଏକ ଫ୍ୟାସନ୍‌ରେ ପରିଣତ ହୋଇଗଲାଣି । ବିଗତ ହଜାରେ ବର୍ଷ ମଧ୍ୟରେ ଏହି ଜୋତା ସହିତ ବିଭିନ୍ନ ସାଂସ୍କୃତିକ ଓ ଫେସନ୍ ଜଗତର ଏହା ଏକ ପ୍ରମୁଖ ଉପଚାର ପାଲଟି ଯାଉଛି । ସାଂପ୍ରତିକ ଦୁନିଆରେ ନାମୀ ଦାମୀ ଜୋତା ପ୍ରସ୍ତୁତ କଂପାନୀମାନେ ଭିନ୍ନ ଭିନ୍ନ ରଂଗ, ଭିନ୍ନ ଭିନ୍ନ ଶୈଳୀ ଓ ଭିନ୍ନ ଭିନ୍ନ ଉପାଦାନ ବିପଣୀ ବଜାରରେ ଉପଲବ୍ଧ ହେବାରେ ଲାଗିଛି । ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବିଜ୍ଞାପନରେ କୋଟି କୋଟି ଟଙ୍କା ବ୍ୟୟିତ ହେଉଛି ।

## ଜୋତାର ଇତିହାସ

ପ୍ରାଥମିକ ପର୍ଯ୍ୟାୟରେ ଚମଡ଼ା ଓ କାଠ ଆଦି ବ୍ୟବହାର କରି ଜୋତା ନିର୍ମାଣ କରାଯାଉଥିଲା । ଏବେ ରବର, ପ୍ଲାଷ୍ଟିକ୍ ଓ ପେଟ୍ରୋ କେମିକାଲ୍ ଉତ୍ପାଦ ପ୍ରଭୃତିରୁ ମଧ୍ୟ ବିଭିନ୍ନ ପ୍ରକାର ଜୋତା ତିଆରି ହେଉଛି । ଖ୍ରୀଷ୍ଟପୂର୍ବ ୭୦୦୦-୮୦୦୦ ମଧ୍ୟରେ ସଂଯୁକ୍ତ ରାଷ୍ଟ୍ରର ଓରେଗାଁର ଏକ ଦୁର୍ଗରେ ପ୍ରଥମେ ଜୋତା ବ୍ୟବହାର ହେଉଥିବା କଥା ଜଣାଯାଏ । ୧୯୩୮ ମସିହାରେ ମିଳିଥିବା ତଥ୍ୟ ଅନୁସାରେ ସେଠି ଗଛର ବକଳରେ ସେହି ଜୋତା ନିର୍ମିତ ହୋଇଥିଲା । ୨୦୦୮ ମସିହାରେ ଆରେନି-୧ ଗୁମ୍ଫାରୁ ମିଳିଥିବା ତଥ୍ୟ ପ୍ରମାଣ କରେ ଯେ ପ୍ରାୟ ଖ୍ରୀଷ୍ଟପୂର୍ବ ୩୫୦୦ ଆଡ଼କୁ ଗାଈର ଚମରେ ପ୍ରସ୍ତୁତ ଜୋତା ସେ ସମୟରେ ବ୍ୟବହୃତ ହେଉଥିଲା । ଏହାକୁ ସର୍ବପ୍ରଥମ ଚମଡ଼ାଜୋତା ବୋଲି କୁହାଯାଉଛି । ୨୦୦୬ ମସିହା ଅଗଷ୍ଟ ମାସରେ ଅନ୍ୟ ଏକ ପ୍ରକାରର ଚମଡ଼ା ଜୋତାର ପ୍ରମାଣ ମିଳିଥିଲା, ଯାହାକି ଖ୍ରୀଷ୍ଟପୂର୍ବ ୧୦୦୦-୧୮୦୦ ମଧ୍ୟରେ ବ୍ୟବହାର କରାଯାଉଥିଲା । ମନରେ ପ୍ରଶ୍ନ ଉଠେ, ଏହାର ବହୁ ପୂର୍ବରୁ ଜୋତାର ବ୍ୟବହାର ହୋଇଥାଇପାରେ, କିନ୍ତୁ ଜୋତାର ସାମଗ୍ରୀ ସବୁ ଶୀଘ୍ର ନଷ୍ଟ ହୋଇ ଯାଉଥିବାରୁ ତାହାର ସଠିକ୍ ପ୍ରମାଣ କେଉଁଠି ମିଳିପାରୁ ନାହିଁ । ମଣିଷର ପାଦରେ ଥିବା କାଣି ଆଙ୍ଗୁଠିର ଅସ୍ଥିକୁ ନେଇ ଜୋତାର ବ୍ୟବହାର କଥା ଜଣା ପଡ଼ିଥାଏ । ବୈଜ୍ଞାନିକଙ୍କ ମତରେ, କାଣି ଆଙ୍ଗୁଠି ହାଡ଼ର ଆକାର ଧୀରେ ଧୀରେ କମି କମି ଆସିଛି, ଏହାର ପ୍ରଥମ କାରଣ ହେଉଛି ଜୋତାର ପରିଧାନ । ପ୍ରଥମେ ଜୋତାର ଏଭଳି ପ୍ରସ୍ତୁତି ହେଉଥିଲା ଯାହାକି ମଣିଷର ପାଦକୁ ପଥର ଓ ଆବଡ଼ା ଖାବଡ଼ା ରାସ୍ତା ଦେଇ ଚାଲିବାରେ ସାହାଯ୍ୟ କରିବା ସଂଗେ ସଂଗେ ଥଣ୍ଡାରୁ ମଧ୍ୟ ପାଦକୁ ସୁରକ୍ଷା ଦେଉଥିଲା । ସେଥିପାଇଁ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ଅଂଚଳରେ ଜୋତାର ବ୍ୟବହାର ପ୍ରଥମେ ହୋଇଥିବାର ଅନୁମାନ କରାଯାଏ । ଉତ୍ତର ଆମେରିକାର ଆଦିମ ଅଧିବାସୀମାନେ ସମସ୍ତେ ପ୍ରାୟ ଏକା ପ୍ରକାର ଜୋତା ବ୍ୟବହାର କରୁଥିଲେ, ଯାହାର ନାଁ ଥିଲା 'ମୋକ୍କାଜିନ' । ସମୟ କ୍ରମେ ଚମଡ଼ାର ପଟିରେ ତିଆରି ହୋଇଥିବା ସ୍ୟାଣ୍ଡେଲ୍ ପିନ୍ଧିବା ଆରମ୍ଭ ହୋଇଗଲା ଯାହାକି ଆଧୁନିକ ଯୁଗର ଜୋତା ପାଇଁ ବାଟ ଫିଟାଇ ସାରିଥିଲା । ଖ୍ରୀଷ୍ଟପୂର୍ବ ୪୦୦୦ରେ ଇଜିପ୍ଟର ଲୋକେ ଏହି ପ୍ରକାର ଜୋତା ପିନ୍ଧୁଥିବାର ଉଲ୍ଲେଖ ରହିଛି । ଇଉରୋପ୍‌ରେ ପାପିରସ୍ ପତ୍ରରେ ନିର୍ମିତ ହଳେ ଜୋତା ମିଳିଛି ଯାହାକି ୧୫୦୦ ବର୍ଷର ପୁରୁଣା । ଇଜିପ୍ଟରେ ପାପିରସ୍ ଓ ତାଳପତ୍ର



ବ୍ୟବହାର କରି ଜୋତା ପ୍ରସ୍ତୁତ କରୁଥିଲେ । ଯାହାକୁ ଇଜିପ୍ଟ ଅଧିବାସୀ ଓ ହିନ୍ଦୁମାନେ, ସ୍ୟାଣ୍ଡାଲ୍‌ରେ ବିଭିନ୍ନ ପ୍ରକାର କାରୁକାର୍ଯ୍ୟ କରି ମଧ୍ୟ ବ୍ୟବହାର କରୁଥିଲେ । ସୋଲ ନଥିବା କାରୁକାର୍ଯ୍ୟ ଖଚିତ ସ୍ୟାଣ୍ଡାଲ୍‌କୁ କ୍ଲିଓପାଟ୍ରା କୁହା ଯାଉଥିଲା । ଆଗକାଳରେ ଗ୍ରୀକ୍‌ମାନେ ଜୋତା ପିନ୍ଧିବାକୁ ପସନ୍ଦ କରୁନଥିଲେ । କେତେକ ଅଲିମ୍ପିକ୍ସରେ ମଧ୍ୟ କ୍ରୀଡ଼ାବିତ୍‌ମାନେ ବିନା ଜୋତାରେ ଖେଳିଥିଲେ । ରୋମାନ୍‌ମାନେ ଉଭୟ ପାଦରେ ଭିନ୍ନ ଭିନ୍ନ ପ୍ରକାର ଜୋତା ପିନ୍ଧୁଥିଲେ । ଏଣୁ ବାଇବେଲ୍‌ରେ ମଧ୍ୟ ଜୋତା ପିନ୍ଧିବା କଥାର ବର୍ଣ୍ଣନା ରହିଛି । ଜୈନ, ବୌଦ୍ଧ ତଥା ହିନ୍ଦୁ ଶାସ୍ତ୍ରମାନଙ୍କରେ ମଧ୍ୟ ଜୋତା ପରିଧାନ କଥା ବର୍ଣ୍ଣନା ରହିଛି ।

ଲିମ୍ୟାନ୍ ବ୍ଲେକ୍ ୧୮୫୬ ମସିହାରେ ଜୋତା ସିଲେଇ କରିବା ମେସିନ୍ ଉଦ୍ଭାବନ କରିଥିଲେ । ୧୮୬୪ ମସିହାରେ ଏହାର ଉନ୍ନତିକରଣ କରା ଯାଇଥିଲା । ମ୍ୟାକ୍‌କେଙ୍କ ସହିତ ସହଭାଗିତାରେ ନୂଆ ଜୋତା ନିର୍ମିତ ହୋଇଥିବାରୁ ତାହାକୁ ମ୍ୟାକେକ୍ ମେସିନ୍ କୁହାଗଲା । ଏହା ଖୁବ୍ କମ୍ ସମୟରେ ଲୋକଙ୍କ ଭିତରେ ଆଦୃତ ହୋଇପାରିଲା ଏବଂ ତାହା ସାହାଯ୍ୟରେ ନୂଆନୂଆ ପ୍ରକାରର ଜୋତା ତିଆରି ହୋଇପାରିଲା । ଜୋତାର ଦୀର୍ଘସ୍ଥାୟୀ ତଥା ଏକାଥରକେ ବହୁ ସଂଖ୍ୟାରେ ଜୋତା ତିଆରି କରିବା ପାଇଁ ଜନ୍ ଏର୍ନଷ୍ଟ ଏକ ସ୍ୱୟଂଚାଳିତ ପଦ୍ଧତି ଉଦ୍ଭାବନ କରିଥିଲେ ।

ଆମ ଦେଶ ଭାରତରେ ଆଗକାଳରେ କାଠରେ ତିଆରି ପାଦୁକା ବ୍ୟବହାର କରା ଯାଉଥିଲା, ତାହାକୁ ଖଡ଼ମ୍ଵ କୁହା ଯାଉଥିଲା । ଉଚ୍ଚବର୍ଗର ଲୋକେ ରୂପା ଏବଂ ଅନ୍ୟାନ୍ୟ ଅଳଙ୍କାର ଖଚିତ ଜୋତା ବ୍ୟବହାର କରୁଥିଲେ । ଭାରତରେ ନିର୍ମିତ କେତେକ ଚପଲ୍ ଓ ଜୋତାର ସାରା ବିଶ୍ୱରେ ମଧ୍ୟ ଆଦର ରହିଛି । କୋଲ୍‌ହାପୁରୀ ଚପଲ୍, ଶାନ୍ତି ନିକେତନ ସ୍ୟାଣ୍ଡାଲ୍, ହିମାଚଳ ପ୍ରଦେଶର ପୁଲାଚପଲ୍ ଏବଂ ଓଡ଼ିଶାରେ ବାଉଁଶରେ ତିଆରି ଚପଲ୍ ପ୍ରଭୃତିର ସ୍ୱାତନ୍ତ୍ୟ ରହିଛି ।

## ହାଇହିଲ୍ ଜୋତାର ଉଦ୍ଭାବନ

ଦଶମ ଶତାବ୍ଦୀରେ ପର୍ସିଆ ପଦାତିକ ବାହିନୀ ପ୍ରଥମେ ଏହି ଜୋତା ବ୍ୟବହାର କରୁଥିଲେ । ଆଧୁନିକ ହାଇହିଲ୍ ଜୋତା ଇଉରୋପ୍‌କୁ ସପ୍ତଦଶ ଶତାବ୍ଦୀରେ ପର୍ସିଆର ରାଷ୍ଟ୍ରଦୂତ ପ୍ରଥମ ଶାହାଆବ୍‌ବାସଙ୍କ ପରିଧାନ ଓ ତାଙ୍କ ଦ୍ୱାରା ଆନିତ ହୋଇ ତତ୍କାଳୀନ ଇଉରୋପରେ ଏହା ଏକ ଅଭିଜାତପୂର୍ଣ୍ଣ ଜୀବନ ଶୈଳୀରେ ପରିଣତ ହୋଇ ପାରିଥିଲା । ଫ୍ରାନ୍ସର ବିଳାସୀ ରାଜା ଚତୁର୍ଦ୍ଦଶ ଲୁଇ ଏହି ପ୍ରକାର ହାଇହିଲ୍ ଜୋତାକୁ ତାଙ୍କ ଷ୍ଟାଟସ୍ ଅଫ୍ ସିମ୍ବଲ୍ ରୂପେ ବ୍ୟବହାର କରୁଥିଲେ । ଏକଦା ପ୍ରଶାସନ କ୍ଷେତ୍ରରେ ପ୍ରଶାସକଙ୍କ ପଦପଦବୀ ଅନୁସାରେ ଜୋତାର ଦୈର୍ଘ୍ୟ ଓ ହିଲ୍‌ର ଉଚ୍ଚତାକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରୁଥିଲେ । ଏ ସଂପର୍କରେ କ୍ଲସ୍‌କାର୍ଲ କୁହନ୍ତି ଯେ ସାଧାରଣ ଲୋକର ହାଇହିଲ୍ ଜୋତାର ଉଚ୍ଚତା ଅଧଇଞ୍ଚ, ମଧ୍ୟବର୍ଗର ଏକଇଞ୍ଚ, ଯୋଦ୍ଧାମାନଙ୍କର ଦେଢ଼ଇଞ୍ଚ, ପାରିଷଦବର୍ଗଙ୍କର ଦୁଇ ଇଞ୍ଚ, ଯୁବରାଜମାନଙ୍କର ଅଢ଼େଇ ଇଞ୍ଚର ହାଇହିଲ୍ ଜୋତା ବ୍ୟବହାର ଯୋଗ୍ୟ ଥିଲା ।

ସମୟ ଥିଲା ପୁରୁଷମାନେ ତୁଳନାତ୍ମକ ଭାବରେ ମୋଟା ହିଲ୍ ଜୋତା ବ୍ୟବହାର କରୁଥିଲେ । ମହିଳାମାନେ ପତଳା ହିଲ୍ ଜୋତା ବ୍ୟବହାର କରୁଥିଲେ । କାଳକ୍ରମେ ବିଜ୍ଞାନ, ପ୍ରକୃତି ଓ ତର୍କଶାସ୍ତ୍ରର ଉତ୍ଥାନ କ୍ରମେ ଇଉରୋପୀୟ ସମାଜରେ ପୁରୁଷମାନେ ଧୀରେ ଧୀରେ ହାଇହିଲ୍ ଜୋତା ନାପସନ୍ଦ କଲେ । ଫରାସୀ ରାଷ୍ଟ୍ର ବିପ୍ଲବ ପରେ ପରେ ହାଇହିଲ୍ ଜୋତା ନାରୀମାନେ ହିଁ କେବଳ ବ୍ୟବହାର କଲେ । ସାଂପ୍ରତିକ ସାମାଜିକ ବ୍ୟବସ୍ଥାରେ ଏହି ହାଇହିଲ୍ ଜୋତା ଏକ ଅବାସ୍ତବ, ବ୍ୟୟବହୁଳ ଜୀବନଚର୍ଯ୍ୟାର ଏକ ପ୍ରତୀକ ଭାବେ ଦେଖା ଦେଲାଣି ।

ଦ୍ୱାଦଶ ଶତାବ୍ଦୀରେ ଭାରତବର୍ଷକୁ ହାଇହିଲ୍ ଜୋତା ଆସେ । ଏହା ରାମପ୍ପା ମନ୍ଦିରରେ ଖୋଦିତ ମୂର୍ତ୍ତିରୁ ପ୍ରକଟିତ ହୁଏ । ଏହା ଏକ ନାରୀର ମୂର୍ତ୍ତି ଯେ କି ଏକ ଉଚ୍ଚ ଜୋତା ପରିହିତା । ମଧ୍ୟଯୁଗର ଉଭୟ ପୁରୁଷ ଓ ନାରୀ ପ୍ଲାଟ୍‌ଫର୍ମ ନିଜର ଉଚ୍ଚତା ବଢ଼ାଇବା ଉଦ୍ଦେଶ୍ୟରେ ଓ ମହିଳାମାନେ ଖାସ୍ କରି ଅପରିଷ୍କାର ପଦାର୍ଥ ପାଦକୁ ସ୍ପର୍ଶ ନକରିବା ଉଦ୍ଦେଶ୍ୟରେ ଜୋତା ପରିଧାନ କରୁଥିଲେ । ସପ୍ତଦଶ ଶତାବ୍ଦୀରେ ଆମେରିକାର ମାସାଚୁସେଟ୍‌ରେ ଏକ ନିୟମ ପ୍ରଣୟନ କରାଗଲା । ଯଦ୍ଦ୍ୱାରା ହାଇହିଲ୍ ପରିହିତା ସ୍ତ୍ରୀକୁ ଡାଆଣୀର ପରିକଳ୍ପନା କରାଗଲା କାରଣ ଏହାକୁ ପିନ୍ଧୁଥିବା ସେଠାକାର ତରୁଣୀମାନେ ପୁରୁଷମାନଙ୍କୁ ଆକୃଷ୍ଟ କରୁଥିଲେ ।

ବିଂଶ ଶତାବ୍ଦୀ ଓ ଦୁଇ ଦୁଇଟା ବିଶ୍ୱଯୁଦ୍ଧର ଭୟାବହତା ହାଇହିଲ୍ ଜୋତାର ରୂପରେଖକୁ ପୂରାପୂରି ବଦଳାଇ ଦେଇଥିଲା । ପୂର୍ବରୁ ଜୋତାରେ ବ୍ୟବହୃତ ସାମଗ୍ରୀ ସିଲିକ୍, ରବର ଓ ଚମଡ଼ା ପରିବର୍ତ୍ତେ ସୋଲ ଓ କାଠ ଦ୍ୱାରା ଏହାକୁ ତିଆରି କରାଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ହାଇହିଲ୍ ଜୋତା ପରିହିତା ଯୁବତୀମାନଙ୍କ ପୋଷ୍ଟର୍ ବିଜ୍ଞପିତ କରାଗଲା । ତତ୍‌ସହିତ ଆନ୍ତର୍ଜାତିକ ସ୍ତରରେ ଦେଶ ଦେଶ ଭିତରେ ସଂପର୍କର ରଜ୍ଜୁ ସୁଦୃଢ଼ କରିବା ପାଇଁ ହାଇହିଲ୍ ଫେସନ୍ ସିନେମା ଓ ଫଟୋଗ୍ରାଫି ଜରିଆରେ ବିଶିଷ୍ଟ ଦେଶକୁ ବ୍ୟାପିବାରେ ଲାଗିଥିଲା ।

୧୯୬୮ ମସିହାରେ ନାରୀବାଦ ସଂକ୍ରାନ୍ତୀୟ ଆନ୍ଦୋଳନରେ ମିସ୍ ଆମେରିକା ପ୍ରୋଟେଷ୍ଟ ଅଭିଯାନରେ ଆନ୍ଦୋଳନକାରୀମାନେ, ନାରୀ ପ୍ରତୀକଧର୍ମୀ ବିଭିନ୍ନ ବସ୍ତୁକୁ ବର୍ଜନ କରିବା ଆରମ୍ଭ କରିଥିଲେ । ତନ୍ମଧ୍ୟରେ ହାଇହିଲ୍ ଜୋତା ବି ଅନ୍ତର୍ଭୁକ୍ତ ଥିଲା ।

ଏକବିଂଶ ଶତାବ୍ଦୀରେ ଏହା ପରିଧାନର ଏକ ଟ୍ରେଣ୍ଡ ପାଲଟି ଯାଇଛି । ହାଇହିଲ୍ ଜୋତାର ସୁଦୂର ଓ ଜଟିଳ ଇତିହାସ ବର୍ତ୍ତମାନର ସାଂସ୍କୃତିକ ଚେତନା ସହିତ ମିଳିତ ହୋଇ ପାରିଛି । ଏହା ଏକ ବ୍ୟୟ ବହୁଳ ଫେସନ୍‌ରେ ପରିଣତ ହୋଇ ସାରିଛି । ଏହାକୁ ପରିଧାନ କରୁଥିବା ବ୍ୟକ୍ତିମାନେ ନିଜକୁ ଧନୀକ ଶ୍ରେଣୀର ନାଗରିକ ବୋଲାଇବାର ଆସ୍ପର୍ଦ୍ଧା ମଧ୍ୟ କରୁଛନ୍ତି । ଏହା ସଂପୂର୍ଣ୍ଣ ଭାବେ ଏକ ନାରୀ ପ୍ରସାଧନ ସାମଗ୍ରୀ ଭାବେ ଗ୍ରହଣ କରି ନିଆଯାଇଛି । 'ପ୍ଲେବୟ' ପତ୍ରିକା ଏବଂ ସମଭାବାପନ୍ନ ଅନ୍ୟାନ୍ୟ ପତ୍ରିକାର କଭର୍‌ପେଜ୍‌ରେ ହାଇହିଲ୍ ଜୋତା ପରିହିତା ନଗ୍ନନାରୀ ସ୍ଥାନିତ କରାଯାଉଛି କେବଳ ପତ୍ରିକାକୁ ଅଧିକ ରୋଚକ



ରୂପାୟନ : ଆରୋହୀ ଅର୍ପିତା ଦାସ
ଫଟୋ : ପପୁ ବେହେରା, ମିଡ଼ିଆ କ୍ରିଏସନ

କରିବା ପାଇଁ । ସେଥିପାଇଁ ମନୋବିଜ୍ଞାନୀ ପଲ୍ ମରିସ୍ ଯୁକ୍ତି ବାଢ଼ିଛନ୍ତି, ହାଇହିଲ୍ ଜୋତା ପରିଧାନ କରିବା ନାରୀ ଭିତରେ ତାର ସୌନ୍ଦର୍ଯ୍ୟର ଅଭିବୃଦ୍ଧି ଘଟାଇଥାଏ ।

ଏହି ହାଇହିଲ୍ ଜୋତାର ବିଭିନ୍ନ ପ୍ରକାର ନାମକରଣ କରଯାଇଛି । ସେଗୁଡ଼ିକ ଯଥାକ୍ରମେ ହେଲା:

(କ) Stack Hill : ତାକୁ କେହି କେହି Block Heel ମଧ୍ୟ କହନ୍ତି । (ଗୋଟିଏ ଚମଡ଼ା ଉପରେ ଆଉ ଗୋଟିଏ ଚମଡ଼ା ଖଞ୍ଜି ତାକୁ ଉଚ୍ଚା କରି ତିଆରି କରାଯାଏ) ।

(ଖ) Continenta Heel: (ୟୁରୋପ ପ୍ରଧାନ ଭୂଭାଗରେ ଏହି ହାଇହିଲ୍ ଜୋତା ପ୍ରଚଳିତ ହେବାର ଦେଖାଯାଏ)

(ଗ) Set back Heel : (ସମକେଣୀ ହିଲ୍ ବୋଲି କହନ୍ତି)

(ଘ) Pantaloon Heel :(ପ୍ୟାଣ୍ଟାଲୁନ୍ ପ୍ୟାଣ୍ଟ୍ ଶୈଳୀରେ ନିର୍ମିତ)

(ଙ) Cubar Heel : (କଣ୍ଟିନେଣ୍ଟାଲ୍ ହିଲ୍ ସଦୃଶ୍ୟ, ଏହାର ଉଚ୍ଚତା ମଧ୍ୟମ ଧରଣର ହୋଇଥାଏ)

(ଚ) Angel Heel : (କୋରିଆର ବର୍ଣ୍ଣମାଳା ଆକୃତିର ଏହା ଦେଖାଯାଏ)

(ଛ) Elact Heel : (ଏହା ସିଧା ଓ ପତଳା)

(ଜ) Cromwell Heel -



(ଝ) Barstyle with Heel - (ଏହି ପ୍ରକାର ଜୋତା ବିଶେଷତ୍ୱ ଏଥିରେ ଅନ୍ୟାନ୍ୟ ରାମଗ୍ରୀ ଖଞ୍ଜା ଯାଇଥାଏ)

ଟ) New look Heel : (ଏହା ଇସ୍ପାତରେ ତିଆରି ହୋଇଥାଏ । ୧୯୪୭ରେ ଏହାର ଉଦ୍ଭାବନ ହେଲା)

୦) Annabelle Heel : (ଏକ ନୂତନ ଆଧୁନିକ ଆହୃତିରେ ତିଆରି ହୋଇଥିବା ଜୋତା ।)

ଡ) Stiletto Heel : (ଯେଉଁ ହାଇହିଲ୍ ଜୋତା ଉଚ୍ଚ ଓ ତୀକ୍ଷ୍ଣ ଗୋଇଠି ପରି ଥିବ)

ଢ଼) Wedgies Heel : (ଇଟାଲିୟାନ ତିଆରି । ସୀମିତ ଜାଗାରେ କୀଳା ପୋତା ହୋଇଥିବା ପରି ଦେଖା ଯାଉଥିବ)

୧୯୩୦ ମସିହାରୁ ଏହି ଜୋତା ଭାରତରେ ଦେଖିବାକୁ ମିଳୁଛି ।

ଦେଶ ଓ ବିଦେଶରେ ନାମୀଦାମୀ ଜୋତା କଂପାନୀମାନେ ବିଭିନ୍ନ ପ୍ରକାର ହାଇହିଲ୍ ଜୋତା ନିର୍ମାଣ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟବସାୟରେ ପୁଞ୍ଜି ନିବେଶ କରି, ବେଶ୍ ଲାଭବାନ ହେଉଛନ୍ତି ।

ହାଇହିଲ୍ ଜୋତା ପାଦର ସୌନ୍ଦର୍ଯ୍ୟ ପାଇଁ ହେଉ ଅବା ଗେଡ଼ିଝିଅଟି ଡେଙ୍ଗୀ ଦିଶିବା ପାଇଁ ହେଉ, ନାରୀର ମନସ୍ତତ୍ତ୍ୱକୁ ପଢ଼ି ଜୋତା କମ୍ପାନୀମାନେ ହାଇହିଲ୍ ଜୋତା ତିଆରି କରୁଥିଲେ ।

ଯେଉଁ ହାଇହିଲ୍ ଜୋତା ସଂପର୍କରେ ଏତେକଥା କୁହାଗଲା; ଯାହାର ଅପକାରିତା ସଂପର୍କରେ ସ୍ତ୍ରୀରୋଗ ଚିକିତ୍ସା ବିଜ୍ଞାନୀ ଡାକ୍ତର **ଅଜୟ ମହାପାତ୍ର** ଯାହା କହିଛନ୍ତି, ତାହା ଆମର ଜାଣିବା ନିହାତି ଆବଶ୍ୟକ ।

ଯୁବତୀ ଓ ମହିଳାଙ୍କ ପାଇଁ ଉଚ୍ଚ ଗୋଇଠି ଯୁକ୍ତ ଜୋତା (ହାଇହିଲ୍) ବ୍ୟବହାର ଦ୍ୱାରା ଏକାଧିକ ଶାରୀରିକ ସମସ୍ୟା ସୃଷ୍ଟି ହୁଏ । ଗୋଇଠି, ପାଦ, ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ, ମୁଣ୍ଡ ଯନ୍ତ୍ରଣା ବଢ଼ିବା ସହିତ ବେଳେବେଳେ କେଶ ମଧ୍ୟ ଝଡ଼େ । କ୍ରମାଗତ ଦୀର୍ଘ ସମୟ ଉଚ୍ଚଗୋଇଠିର ଜୋତା ପିନ୍ଧୁଥିବା ମହିଳାଙ୍କ କ୍ଷେତ୍ରରେ ପ୍ରଜନନ କ୍ଷମତା କମିଯିବାର ଆଶଙ୍କା ଅଧିକ ଦେଖାଯାଏ । କାରଣ ହାଇହିଲ୍ ଜୋତା ପିନ୍ଧିଲେ ଅଙ୍ଗଭଙ୍ଗୀ ବଙ୍କା ହୋଇଯାଏ । ଆଗକୁ ଝୁଙ୍କି ଚାଲିବାକୁ ପଡ଼େ । ଠିକ୍ ଭାବେ ଶାରୀରିକ ସନ୍ତୁଳନ ରହେନାହିଁ । ନୂଆ ପିନ୍ଧୁଥିବା ସ୍ତ୍ରୀଲୋକର ଚାଲିବା ମଧ୍ୟ ଅସୁବିଧା ହୁଏ ।



▶ ଫଟୋ : ଦିବ୍ୟଦେବ ଦାସ
▶ ରୂପାୟନ : ଢ଼ୋଲ୍ ମିଶ୍ର



ପଡ଼ିଯିବାର ଭୟ ଥାଏ । ପେଲ୍‌ଭିକ୍ କ୍ୟାଭିଟି ବା ତଳିପେଟରେ ଥିବା ଆଭ୍ୟନ୍ତରୀଣ ଅଙ୍ଗ ଉପରେ ଚାପ ପଡ଼େ । ସେଗୁଡ଼ିକ ସଂକୁଚିତ ହୋଇଯିବା ସହ  ତଳିପେଟ ବ୍ୟଥା ହୁଏ । ଋତୁସ୍ରାବ ସମସ୍ୟା ଦେଖାଯାଏ । ଗର୍ଭାଶୟ ଦୁର୍ବଳ ହୋଇପଡ଼େ ଏବଂ ତାହା ତଳକୁ ଖସି ଆସିପାରେ । ନିରାପଦ ମାତୃତ୍ୱ ଲାଭର ଆଶଙ୍କା ରହେ ।

ଡାକ୍ତର ବନ୍ଧୁ ସେଥିପାଇଁ ସତର୍କ କରାଇ ଦେଇଛନ୍ତି, ହାଇହିଲ୍ ଜୋତା ପିନ୍ଧିବାକୁ ଆଭଏଡ୍ କରିବା ଉଚିତ୍ । ହାଇହିଲ୍ ଜୋତା ପିନ୍ଧିଥିଲେ କୋଡ଼ିଏ ମିନିଟ୍‌ର ଅଧିକ ସମୟ ଧରି ଛିଡ଼ା ହୋଇ ରହନ୍ତୁ ନାହିଁ । ସବୁବେଳେ ସମତଳ ଗୋଇଠି ଯୁକ୍ତ ଜୋତା ବ୍ୟବହାର କରନ୍ତୁ । କର୍ମଜୀବୀ ହୋଇଥିଲେ କାର୍ଯ୍ୟାଳୟରେ ହିଲ୍ ବଦଳରେ ଆରାମଦାୟକ ଚଟି ପିନ୍ଧି ବସନ୍ତୁ । ବହୁ ଲୋକଙ୍କର, ସେ ସ୍ତ୍ରୀ ବା ପୁରୁଷ ହୁଅନ୍ତୁ ଗୋଇଠି ଚଟିର ମଝିରେ ରହେ ନାହିଁ । ଫଳରେ  ଚିଟିର ଗୋଟିଏ ପଟ ଘୋରି ହୋଇ ପତଳା ହୋଇଯାଏ । ସେଥିପାଇଁ ସାଣ୍ଡାଲ୍ ଟାଇପ୍‌ର ଚଟି ବ୍ୟବହାର କଲେ ଭଲ ।

ଯୁକ୍ତି କରାଯାଇପାରେ ତା'ହେଲେ ପ୍ରତିଯୋଗିତା କରି ଯେଉଁ କମ୍ପାନୀମାନେ ହାଇହିଲ୍ ଜୋତା ତିଆରି କରୁଛନ୍ତି, ସେଗୁଡ଼ିକ ହେଉଛି କ'ଣ ?

ଉତ୍ତରରେ ଏ କଥା କୁହାଯାଇପାରେ, ସିନେମା ଜଗତ ଓ ଧନୀ ବର୍ଗର ଯୁବତୀ ଓ ମହିଳାମାନେ ହାଇହିଲ୍ ଜୋତା ନ ପିନ୍ଧିଲେ ଘରୁ ପଦାକୁ ବାହାରନ୍ତି ନାହିଁ । ଏମାନେ ହାଇହିଲ୍ ଜୋତା ସହିତ ଏତେ ଅଭ୍ୟସ୍ତ ଯେ ପାଦରେ ହାଇହିଲ୍ ଜୋତା ନଥିଲେ, ସେମାନେ ନିଜକୁ ସହଜ ଅନୁଭବ କରି ପାରନ୍ତି ନାହିଁ । ସେମାନେ ଧନୀବର୍ଗର, ସେମାନେ ଦେହର ସୌନ୍ଦର୍ଯ୍ୟକୁ ଯେତିକି ପ୍ରାଧାନ୍ୟ ଦିଅନ୍ତି, ପାଦର ସୌନ୍ଦର୍ଯ୍ୟକୁ ତା'ଠାରୁ ଅଧିକ ଗୁରୁତ୍ୱ ଦେଇଥାଆନ୍ତି । ଯଦିବା ସେମାନଙ୍କର କିଛି ସମସ୍ୟା ଦେଖାଦେଲା, ତାଙ୍କର ଘରୋଇ ଡାକ୍ତର ଓ ଫିଜିଓଥେରାପି ପରାମର୍ଶରେ ବାୟାମ ଓ ଯୋଗ, ପ୍ରାଣାୟାମ କରି ନିଜକୁ ସଜାଡ଼ି ନିଅନ୍ତି । 'ରାଣୀ ସାଙ୍ଗରେ କାଣୀ ବିରାଡ଼ି ବାଇ' ହୋଇ ଏ ଦେଖାଶିଖା ଦୁନିଆଁରେ ନାନା ସମସ୍ୟା ଓ ଦୁର୍ଘଟଣାକୁ ଘରକୁ ଡାକି ନଆଣିଲେ ଭଲ । ହାଇହିଲ୍ ଜୋତା ପରିହିତା ସ୍ତ୍ରୀଲୋକ ବା ଝିଅମାନେ ଠିକ୍‌ସେ ବସି ପାରନ୍ତି ନାହିଁ । ସେମାନେ ଗୋଡ଼ ଉପରେ ଗୋଡ଼ ପକେଇ ଗୋଟେ କରକୁ ଡେରି ହୋଇ ବସନ୍ତି ଫଳରେ ଦୀର୍ଘ ସମୟ ବସିବା ଦ୍ୱାରା ସେମାନଙ୍କର ଅଣ୍ଟାବିନ୍ଧା ହୁଏ । ବିଶେଷକରି ନିଜ ଶରୀରର ଓଜନକୁ ନିୟନ୍ତ୍ରଣ କରି ପାରୁନଥିବା ମହିଳାଙ୍କ ପାଇଁ ଏ ଜୋତା ମୋଟେ ଅନୁକୂଳ ନୁହେଁ । ଅତଏବ ପାଦର ସୌନ୍ଦର୍ଯ୍ୟ ପାଇଁ ଜୋତା ଯେତିକି ଆବଶ୍ୟକ ତା'ଠାରୁ ପାଦକୁ ସୁରକ୍ଷା ଦେବା ଯଥେଷ୍ଟ ଆବଶ୍ୟକ । ଏହାଦ୍ୱାରା ଏକାଧିକ ସମସ୍ୟାରୁ ନିଜକୁ ସୁରକ୍ଷିତ ରଖିହେବ ।

ଏ ପର୍ଯ୍ୟନ୍ତ ଯେଉଁ ହାଇହିଲ୍ ଜୋତା ସଂପର୍କରେ ଏତେ ଗୌରଚନ୍ଦ୍ରିକା ଦିଆ ଗଲାଣି, ତାହା ସାଧାରଣ ପରିବାର ପାଇଁ 'ଆକାଶ କଇଁଆ ଚିଲିକା ମାଛ' ପରି । ମାତ୍ର ଏ ସଂସାରରେ ଏଭଳି ଧନୀ ବର୍ଗର ଲୋକ ଅଛନ୍ତି, ସେମାନଙ୍କ ଚଳଣି ଓ ପୋଷାକ ପରିପାଟି କଥା ଶୁଣିଲେ, ଆମ ପରି ସାଧାରଣ ବର୍ଗମଣିଷମାନଙ୍କର ଆଖି ଖୋସି ହୋଇଯାଏ ।

ଏ ସମ୍ପର୍କରେ ଦୈନିକ ଖବରକାଗଜ 'ସମ୍ବାଦ' ୨୦୧୮ ମସିହା ଅକ୍ଟୋବର  ତିନି ତାରିଖରେ  ଆଖି ଖୋସି ହେଲା ଭଳି ଏକ ରୋଚକ ସମ୍ବାଦ ବାହାର କରିଥିଲା । ବିଶ୍ୱର ସବୁଠାରୁ ମହଙ୍ଗା ହାଇହିଲ୍ ଜୋତା ଦୁବାଇ ସହରରେ ପ୍ରଦର୍ଶିତ ହୋଇଛି । ଗ୍ରାହକମାନଙ୍କ ପାଇଁ । ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ପ୍ରାୟ ଏକକୋଟି ସତୁରୀ ଲକ୍ଷ ଟଙ୍କା । ପ୍ରସିଦ୍ଧ 'ବୁଟିକ୍ ଫେସନ୍ ଜୁଏଲର୍ସ' । ସହଯୋଗରେ ସଂଯୁକ୍ତ ଆରବ-ରାଷ୍ଟ୍ରର ପ୍ରତିଷ୍ଠିତ ଜୋତା ନର୍ମାତା କମ୍ପାନି 'ଜାଡ଼ା ଦୁବାଇ' ପକ୍ଷରୁ ଏହି ଦୁର୍ମୂଲ୍ୟ ଜୋତା ତିଆରି ହୋଇଛି । ଏହା ଉଚ୍ଚ-ଗୋଇଠି ଯୁକ୍ତ ସୌଖୀନ ଜୋତା । ଶତାଧିକ ବିରଳ ହୀରା ଓ ଖାଣ୍ଟି ସୁନାରେ ତିଆରି ହୋଇଛି ଏହି ଜୋତା । ଜୋତା ତିଆରି ସାରିବା ପାଇଁ କାରିଗରମାନଙ୍କୁ ନଅ ମାସ ସମୟ ଲାଗିଥିଲା । ଦୁବାଇରେ ଥିବା ବିଶ୍ୱର ଏକମାତ୍ର ସାତ-ତାରକା ହୋଟେଲ 'ବୁର୍ଜ ଅଲ୍ ଅରବ' ଠାରେ ଏହି ଜୋତା ପ୍ରଦର୍ଶିତ ହେଲା ପରେ, କିଣିବା ଲାଗି ଗ୍ରାହକମାନେ ଉତ୍ସାହିତ ଅଛନ୍ତି ।



ଶେଷରେ ଏତିକି କୁହାଯାଇପାରେ, ଅଧୁନା ସମାଜରେ ନାରୀମାନେ ସତେ ଯେମିତି ସାଜ-ଶୃଙ୍ଗାର ଓ ପ୍ରସାଧନ ସଂପର୍କରେ ଏତେ ବେଶୀ ସଚେତନ ଓ ଧ୍ୟାନନିଷ୍ଠ ହେବାରେ ଲାଗିଛନ୍ତି, ଦେଖିଲେ ମନେହେବ ଯେମିତି ସେମାନେ ଏଥିପାଇଁ କେଉଁଠୁ ଶିକ୍ଷା ପାଇଛନ୍ତି ଯେମିତି !

# A WORLD RECORD HOLDER ORGANIZATION

Welcome To Help India Online Family

## ହେଲ୍ପ ଇଣ୍ଡିଆ ପରିବାର ର ଆଧାର ସ୍ତମ୍ଭ

**Education**
ଶିକ୍ଷା

**Prevent Health**
ସ୍ୱାସ୍ଥ୍ୟ

Registered under Niti Aayog Government of India

Helpindia Online

**Employment**
ରୋଜଗାର

**Help**
ସହାୟତା

**Entrepreneurship**
ବ୍ୟାପାର

ଏକ ମାତ୍ର ପରିବାର ଯେ ପରିବାର ପୂରା ବିଶ୍ୱରେ ଉନ୍ନତ ଜୀବନଶୈଳୀ ପାଇଁ ଉଚ୍ଚ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ବ୍ୟାପାର ଓ ଅନେକ ପ୍ରକାରର ସହାୟତା ମାଧ୍ୟମରେ ସମ୍ପୂର୍ଣ୍ଣ ମାନବ ଜଗତର କଲ୍ୟାଣ କରି ଭାରତକୁ ପୁନଃ ବନାଇବା ଦିଗରେ ଅଗ୍ରସର... ଜୟ ମା ଭାରତୀ

सत्यमेव जयते

Skill India
कौशल भारत - कुशल भारत

N·S·D·C
National Skill Development Corporation

BRITISH COUNCIL

Niti Aayog
नीति आयोग


**AFFILIATED TO**

B2ME
Your Online partner

**DISTRICT DEPOT : MAITRAYA ENTERPRISES**
**JAJPUR, MOB - 6371354979**

Home Gallery
एक कदम रोग मुक्त भारत निर्माण के लिए

# ମଶାଣିର ମହକ



# ମଶାଣିର ଦୁଇଟି ଫୁଲ


## ମଣୀନ୍ଦ୍ର କୁମାର ମେହେର

ବିଭାଗୀୟ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର,
ବାଲେଶ୍ୱର-୭୫୬୦୮୯


ପୃଷ୍ଠଚିତ୍ର : ଶିଳ୍ପୀ ସଞ୍ଜୟ କୁମାର ରାଉଳ

**ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କଥାକାହାଣୀ ମଧ୍ୟରୁ ଅମର ହୋଇ ଉଠିଥିବା କିଛି ଚରିତ୍ରର ବିରଳ ବିଶ୍ଳେଷଣ କରୁଛନ୍ତି, ଖାସ୍ କରି 'ରେବତୀ'ର ପାଠକପାଠିକାଙ୍କ ପାଇଁ । ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇବ ବୋଲି ଆମର ଆଶା । ଏଥର ବିଖ୍ୟାତ ଗାଳ୍ପିକ ସଚ୍ଚି ରାଉତରାୟଙ୍କ 'ମଶାଣିର ଫୁଲ' ଗଳ୍ପରୁ ମଡ଼ାଚଣ୍ଡିଆ ଚରିତ୍ର ଜଗୁ ତିଆଡ଼ିର ବିଶ୍ଳେଷଣ ।**



▲ଲେଖକ ମଣୀନ୍ଦ୍ର କୁମାର ମେହେର

ମୋତେ ଚିହ୍ନିବା ପାଇଁ ଆଉ କିଛି ବାକିନଥିବ ଆପଣଙ୍କ ପାଖରେ । ମୁଁ ମୁର୍ଦ୍ଦାର ପୋଡ଼େ ଏକଥା ସତ । ଯାହାର ହୃଦୟ ପଥରରେ ଗଢ଼ା ସେ ହିଁ କରିପାରିବ ଏପରି କଠିନ ଓ କୁତ୍ସିତ କାର୍ଯ୍ୟ । ଗଞ୍ଜେଇ ନିଶାରେ ମୁଁ ତ ମଶାଣି ପଦାର ଖଣ୍ଡେ ଦୂରରେ ବସି ଢୁଳାଉଥିବାର ଦୃଶ୍ୟ ଆପଣ ଦେଖିଥିବେ । ଯେତେବେଳେ ଶ୍ମଶାନକୁ କାହାର ମୁର୍ଦ୍ଦାର ଆସେ ସେତେବେଳେ ଧଡ଼ପଡ଼ ହୋଇ ଠିଆ ହୋଇଯାଏ ମୁଁ । ଟୋକେଇ ଭିତରୁ ତିନି ହାତିଆ ବାଉଁଶ ଓଟାରି ଆଣି ମାର୍ ମାର୍ କହି ମୁର୍ଦ୍ଦାର ଉପରେ ବସାଇଦିଏ ତିନି ଚାରିଟା ପାହାର । ମୁର୍ଦ୍ଦାର୍‌ର ମୁଣ୍ଡ କେତେବେଳେ ଫାଟିଯାଏ, ଦହି ବାହାରି ପଡ଼େ । ପେଟଟା ଫାଟି ହୋଇଯାଏ ଦି'ଫାଳ । ନିଆଁର ଲହଲହ ଜିଭ ତାକୁ ଖାଇଯାଏ ଆଖି ପିଛୁଳାକେ ।

କେହି ଗାଁରେ ମରିଗଲେ କେଡ଼େ ଖୁସି ମୋର । ଆଉ ଝାଡ଼ାବାନ୍ତି ଯଦି ବ୍ୟାପିଲା, କୁଢ଼ କୁଢ଼ ହୋଇ ମଡ଼ ଯଦି ଆସିଲା ସେତେବେଳେ ମୋ ଖୁସିର ସୀମା ନଥାଏ ।

ମୁଁ ଯେଉଁଦିନର କଥା ଆଜି କହିବାକୁ ଯାଉଛି, ତାହା ଗାଳ୍ପିକ ସଚ୍ଚିଦାନନ୍ଦ ରାଉତରାୟ ବଡ଼ ଜୀବନ୍ତ ଭାବରେ ବର୍ଣ୍ଣନା କରି ସାରିଛନ୍ତି । ମୁଁ ଆଉ ଅଧିକ କ'ଣ କହିବି ? ସେଦିନ ଯୋଉ ଭୁଆଷୁଣୀ ବୋହୂଟା ଘର କୋଣରେ ମରି ସଢୁଥିଲା ତାରି କଥା କହିବାକୁ ଯାଉଛି । ମୋର ପାଉଣା ହେଉଛି ଭରିଏ ଗଞ୍ଜେଇ, ଟେଳାଏ ଅଫିମ, ଚାରିଅଣା ଅଣ୍ଟାଖୋସା ଆଦି । ଯଦି କୌଣସି ସଧବା ସ୍ତ୍ରୀ ମରିଯାଆନ୍ତି ତାଙ୍କ କାନର ନୋଳିଟା କିମ୍ବା ନାକର ଗୁଣାଟା ଅଥବା ଗୋଡ଼ ଆଙ୍ଗୁଠିର ରୂପା ମୁଦିଟା ମୋ ଦକ୍ଷିଣା, ମୁଁ କ'ଣ କମ୍ ନିଷ୍ଠୁର । ମୁର୍ଦ୍ଦାରକୁ ନିଆଁରେ ପୋଡ଼ିବା ପୂର୍ବରୁ ଖିନ୍‌ଭିନ୍ କରି ପରଖି ନିଏ କେଉଁ ଅଙ୍ଗପ୍ରତ୍ୟଙ୍ଗରେ ଅଳଙ୍କାର କିଛି ରହିଛି କି ନାହିଁ । ଦାନ୍ତ କାମୁଡ଼ି ଝିଙ୍କାଓଟରା କରି ଅଳଙ୍କାର ଗୁଡ଼ାକ ମୁର୍ଦ୍ଦାରର ନାକରୁ, କାନରୁ ଛିଣ୍ଡାଇ ଆଣେ । ନେଳିଆ ନେଳିଆ ପାଣିଆ ରକ୍ତର ଧାର ବୋହି ଆସେ ସେଠାରୁ । ଏଟା ମୋର ଦେହଘଷାର କାମ । ମୋର ଉପୁରି ବୃତ୍ତି । ମୁଁ ପଥର ପାଲଟି ଯାଇଥିଲି ଏପରି କାମ କରି । ଏ ଦୁନିଆରେ ସମସ୍ତେ ଯଦି ଫୁଲ ପରି ହେବେ ନରମ, ମୁର୍ଦ୍ଦାର ପୋଡ଼ିବା ପାଇଁ କିଏ ହେବ ସକ୍ଷମ ? ଭଗବାନଙ୍କର ଏ ବିଚିତ୍ର ସଂସାରରେ ମୋ ପରି ନିଷ୍ଠୁର ମଣିଷ ବି ଜନ୍ମ ନିଅନ୍ତି । ଆଉ ଯେଉଁମାନେ ଏହି ଘୃଣିତ କାର୍ଯ୍ୟ କରପାରନ୍ତି ନାହିଁ, ତାହା ହିଁ ମୋ ପରି ଅମଣିଷ ଦ୍ୱାରା ସାଧିତ ହୁଏ । ଆଉ ପୁଣି ଯେଉଁ କୁତ୍ସିତ କାମ କରେ ତାହା କହିଲେ ଆପଣମାନେ କାନରେ ଶୁଣି ପାରିବେ ନାହିଁ, କି ଲେଖାରେ ପଢ଼ି ପାରିବେ ନାହିଁ । ଧନ୍ୟ ସେ ସଚ୍ଚି ରାଉତରା ! କେମିତି ଏତେ ଗୁଡ଼ାଏ ଅସନା କଥା ତାଙ୍କ ଲେଖନୀରୁ ବାହାରି ପାରିଲା । ଯଦି ଗୋଟିଏ ଗର୍ଭିଣୀ ମାଇପି ମରିଗଲା ତା'ର ପେଟ ଫାଡ଼ିଦେଇ ପିଲାଟାକୁ ବାହାର କରି ଆଣେ ମୁଁ । ଦୁଇଟା ଚୁଲିରେ ମାଆ ପିଲା ଦୁହିଁଙ୍କୁ ଚିତ୍‌ପଟାଙ୍ଗ୍ କରି ଶୁଆଇ ଦିଏ । କେବେ ପୁଣି ଗୋଟାଏ ଜୁଇରେ ଦୁହିଁଙ୍କୁ ଲଗାଲଗି କରି ଶୁଣାଇ ଦିଏ । ଆଉ ନିଆଁ ଲଗାଇ ଦିଏ । ଯଦି ସେଠି ଜାଗା ନହେଲା କେଞ୍ଚଣା କାଠି ଖଣ୍ଡକରେ ପିଲାଟିକୁ ଲୋଚାକୋଚା କରି ମାଂସ ପିଣ୍ଡୁଳାରେ ପରିଣତ କରି ଜଳନ୍ତା ଜୁଇ ଭିତରକୁ ଫୋପାଡ଼ି ଦିଏ ।

ମତେ କେହି ମୁହଁ ଫିଟାଇ କିଛି କହିପାରନ୍ତି ନାହିଁ । ମୁଁ ପୁଣି ବ୍ରାହ୍ମଣ, ମୋ ବ୍ୟତୀତ ଏପରି ପୋଖତ ନିପୁଣ ବ୍ରାହ୍ମଣ ମାଲ ପାଇଁ ଆଉ କେହି ନାହାନ୍ତି । ମେଘ ବର୍ଷାରେ ତିନ୍ତି ଯାଉଥିବ ରାସ୍ତାଘାଟ । ଏପରି ସମୟରେ ବି ମୁର୍ଦ୍ଦାର କିପରି ପୋଡ଼ାଯାଏ ସେ କଳା ମୋତେ ଜଣା, ମୋତେ ସିନା ସବୁ ଜଣା । ଲେଖକ ସଚ୍ଚି ରାଉତରାୟଙ୍କୁ କିପରି ଦେଖାଗଲା ଏସବୁ ଦେହ ଶିତେଇ ଉଠୁଥିବା ଦୃଶ୍ୟ । ସେ କ'ଣ ମଶାଣିକୁ କେବେକେବେ ବୁଲିବାକୁ ଯାଉଥିଲେ କି ? ମୋର ଦୃଷ୍ଟି ଆଢୁଆଳରେ ରହି ନିରେଖି ନିରେଖି ମୋତେ ଦେଖୁଥିଲେ କି ? ମୁଁ ମଧ୍ୟ ନିଜ ଅନୁଭୂତି ଗାଁ ଲୋକଙ୍କୁ ଶୁଣାଇବା ବେଳେ କଳ୍ପନାର କାହଣୀ ଯୋଡ଼ି ଲୋକେ ଯେମିତି ବିସ୍ମିତ ଓ ଭୟଭୀତ ହେବେ ସେପରି ବର୍ଣ୍ଣନା କରେ । ଧରାଯାଉ ଗୋଟାଏ ପିତାଶୁଣି କେମିତି ଏନ୍ତୁଡ଼ି ଜାଳି ତା' ପିଲାକୁ ସେକୁଥିଲା ସେ କଥା ମନକୁ ମନ ଯୋଡ଼ିଦେଇ ମୁଁ ଯେତେବେଳେ କହେ ଲୋକେ ମୋ ପାଖକୁ ପାଖକୁ ଆସି ଘେରି ବସନ୍ତି ।

ସେହିଦିନର କଥା ଏବେ ବି କହିବି । ଅଶିଣ ମାସ ରାତି; ପାଗ ମେଘୁଆ । ମୋର ମୁଣ୍ଡଟା ଭାରି ବିନ୍ଧୁଥାଏ । ଗାଁ ଭିତରେ ଶୁଣାଗଲା କାନ୍ଦଣା । ଖବର ନେଇ ବୁଝିଲି ଜଟିଆ ମାଆ ବୁଢ଼ୀର ବୋହୂଟା ମରିଗଲା । ଯାହାହେଉ ମୋର ରୋଜଗାରର ଆଉ ଏକ ବାଟ ଫିଟିଗଲା ବୋଲି ଭାରି ଖୁସିଟାଏ ହୋଇଗଲି ମୁଁ । ମୁଁ ସିନା ଖରାପ ଲୋକ । କିନ୍ତୁ ଏଇ ସାହି ମାଇପେ ଏତେ ଖରପ କଥା ପର୍ପର ଭିତରେ ଫୁସ୍‌ଫାସ୍ ହୁଅନ୍ତି କାହିଁକି ? ତା' ମଧ୍ୟରୁ ଜଣେ କହିଲେ ସେ ବୋହୂଟିର ପାପଗର୍ଭ ହୋଇଥିଲା । ଆଉ ଜଣେ କହିଲା ପେଟ ଭଙ୍ଗେଇବା ପାଇଁ କ'ଣ ଔଷଧ ଖାଇବାରୁ ବିଷ ଚହଟିଗଲା ଦେହସାରା । ହୁଏତ ଏପରି ମରଣରେ ଜାତି ବାସନ୍ଦ ହେବାକୁ ପଡ଼ିପାରେ ଜଟିଆ ମାଆକୁ । ଏହା

ଅନୁମାନ କରି ମୋର ଆଶା ମଉଳି ଯାଉଥିଲା । ମଣିଷର ବିପଦ ବେଳକୁ କିଛି ସାହାଯ୍ୟ ନକରି ବାସନ୍ଦ କରିବା ପାଇଁ ଏ ଜାତି କ'ଣ ଗଢ଼ା ହୋଇଛି ? ମୁଁ ସିନା ଏତେ ନିଷ୍ଠୁର ସେମାନେ କ'ଣ ପାଇଁ, କେଉଁ ଲାଭ ଆଶାରେ ହୋଇପାରନ୍ତି ଏପରି ନିର୍ଦ୍ଦୟ ? ସମାଜ କ'ଣ ତିଆରି ହୋଇଛି ଅସହାୟ ବ୍ୟକ୍ତିକୁ ତାଛଲ୍ୟ କରିବା ପାଇଁ ? ତାକୁ ଅସୁବିଧାରେ ପକାଇ ଇତର ଆନନ୍ଦ ପାଇବା ପାଇଁ ? ଓଃ ! ମଣିଷ ଭଳି ଦିଶୁଥିବା ଏ ଲୋକଙ୍କ ଭିତରେ କେତେ ଈର୍ଷା, ଅହଙ୍କାର, ଗର୍ବ, ଆତ୍ମବଡ଼ିମା ଛପି ରହିଛି ଏତେ ମୁର୍ଦ୍ଦର ପୋଡ଼ିବା ସତ୍ତ୍ୱେ ମୁଁ ତା'ର କୂଳ କିନାରା ପାଇଲି ନାହିଁ । ଖିନ୍‌ଭିନ୍ କରି କେତେ ଶରୀରକୁ ମୁଁ ନିଆଁରେ ପୋଡ଼ିଛି, କିନ୍ତୁ କେବେ ହେଲେ ଦେଖି ପାରିଲି ନାହିଁ ମଣିଷ ଭିତରେ ଲୁଚିଥିବା ଏହି ଇତର ପଶୁ ଠାରୁ ହୀନ ପ୍ରବୃତ୍ତିକୁ । ମୁଁ ଜାଣେ ଦେହ ପୋଡ଼ିଯାଏ ନିଆଁରେ । ହେଲେ ଏସବୁ ଦୁର୍ଗୁଣକୁ ପୋଡ଼ିଦେବାର ଶକ୍ତି ନିଆଁ ଭିତରେ ନଥାଏ । ଯେଉଁମାନେ ମରନ୍ତି ସେମାନଙ୍କ ଭିତରର ଇତରତା ଏ ଜୀବନ୍ତ ମଣିଷମାନଙ୍କ ପାଖକୁ ଅଦୃଶ୍ୟ ଭାବରେ ପବନ ବେଗରେ ପୁଣି ପ୍ରବେଶ କରିଯାଏ ।

ଜଟିଆ ମାଆ ବୁଢ଼ୀର ସଂସାର ବୋଇଲେ ଏହି ଶାଶୁ-ବୋହୂ ଦି'ଜଣ ମାତ୍ର । ଜଟିଆ ରହେ କଲିକତାରେ । ଟଙ୍କା ରୋଜଗାର କରି ଦେଣା ସୁଝିବ ବୋଲି କହେ ସେ । ମାତ୍ର ତିନିବର୍ଷ ବିତିଗଲାଣି ତା'ର ପତ୍ତା ବି ମିଳୁନାହିଁ । ଆଗରୁ ମଝିରେ ମଝିରେ ଚିଠି ଖଣ୍ଡେ ଖଣ୍ଡେ ତା'ଠାରୁ ଆସୁଥିଲା । ବର୍ଷେ ହୋଇଗଲା ଆସି ନାହିଁ କିଛି ଚିଠିପତ୍ର, ସମ୍ବାଦ କି ଦୁଃସମ୍ବାଦ । କଲିକତାରୁ ଫେରୁଥିବା କେତେଜଣ ବ୍ରାହ୍ମଣ ପୂଜାରୀ କହନ୍ତି ସେ ଆଉ କାହାକୁ ବାହା ହୋଇ ସେଠି ରହିଛି । ଏପଟେ ବୋହୂଟି ସମ୍ପୂର୍ଣ୍ଣ ନିଃସଙ୍ଗ ଆଉ ଏକାକିନୀ । ବୋହୂଟିର ପାପଗର୍ଭ ହେବା ମୂଳରେ ଜଟିଆ ମାଆର ଅଚେତନତାକୁ ମୁରବୀମାନେ ଦାୟୀ କରିଥିଲେ । କଡ଼ା ଭାଷାରେ ଗାଳିମନ୍ଦ କଲେ । ଶେଷକୁ ଫଇସଲା ହେଲା ଏ ଲାସ୍‌ଟାକୁ ଜଲଦି ଖତମ କରିଦେବାକୁ ପଡ଼ିବ । ନହେଲେ ଯଦି ଥାନାକୁ ଖବର ଗଲା କଳଙ୍କଟା ପ୍ରଚାରିତ ହୋଇଯିବ ସବୁଆଡ଼େ । ଗାଁର ତ ପୁଣି ଗୋଟାଏ ଇଜ୍ଜତ ମହତ ବୋଲି କିଛି ଅଛି ! ତାକୁ କେମିତି ଅଣଦେଖା କରନ୍ତେ ଏ ମୁରବୀମାନେ ? ଯାହାହେଉ, ମଡ଼ା କାନ୍ଧେଇବା ପାଇଁ ତିନି ଚାରିଜଣ ଭେଣ୍ଡିଆ ବାହାରି ପଡ଼ିଲେ । କୁଲା, ଖପରା, ଶିକା, ଛାଞ୍ଚୁଣି, କାଠବାଡ଼ି ସବୁଥୁଆ ହେଲା, ମୁର୍ଦ୍ଦାରର ଦିହ ମୁଣ୍ଡରେ ଲୁଗାଗୁଡ଼ାଇ ତାକୁ ଟେକିଆଣି କୋକେଇରେ ବନ୍ଧା ହେଲା । ଅଧଘଣ୍ଟାକ ଭିତରେ ଲାସ୍ ଖତମ୍ ହେବା ଦରକାର । ନହେଲେ ବିପଦର ଆଶଙ୍କା । ମୁରବୀମାନେ ମୋର ସାହାଯ୍ୟ ଲୋଡ଼ିଲେ । ମୁଁ କ'ଣ କମ ଚତୁର ? ପାପଗର୍ଭ ହୋଇ ଯିଏ ମରିଚି ସେଇ ଅସତୀ ଦୋଚାରୁଣୀଟାକୁ ମୁଁ ଛୁଇଁବାକୁ ଯାଆନ୍ତି ? ମୁରବୀମନେ ବହୁ ଖୋସାମତି କରିବାରୁ ମୁର୍ଦ୍ଦାର କାନ୍ଧେଇବାକୁ ରାଜି ହେଲି ମୁଁ । ପାଞ୍ଚଟଙ୍କା ନ ପାଇଲେ ଏପରି ପାପକର୍ମ କରି ପାରିବି ନାହିଁ ବୋଲି ସଫାସଫା କହିଦେଲି । ଶେଷରେ କଥା ଛିଣ୍ଡିଲା ବୋହୂ ନାକଟିରେ ଯେଉଁ ସୁନାଗୁଣାଟି ରହିଛି ତାହାକୁ ମୋ ଭାଗରେ ପଡ଼ିବ । ସେ ମୂହୂର୍ତ୍ତରେ କି ଖୁସି ମୋର ! ମସ୍ତବଡ଼ ଚୁଲି ଖୋଳିଥିଲି ସେଦିନ । ମୁର୍ଦ୍ଦାରଟାକୁ ନେଇ କାଠଗଦା ଉପରେ ଚିତ୍ କରି ଶୁଆଇ ଦେଇ ତା' ମୁହଁରୁ ଲୁଗା ଓଟାରି ଆଣିଲି । ଦେଖିଲି ଲଣ୍ଠନ ଆଲୁଅରେ ବୋହୂନାକର ଗୁଣାଟା ଚିକ୍ ଚିକ୍ କରୁଛି । ଆକାଶରେ ମେଘ ଘୋଟିଥିଲା ସେଦିନ । ଅଥଚ ଠିକ୍ ଏଇ ବେଳକୁ ଆସ୍ତେ ଆସ୍ତେ ମେଘସବୁ ଫେରିଗଲେ ଜହ୍ନର ରାସ୍ତା ଛାଡ଼ିଦେଇ । ଉପର ଆକାଶକୁ ମୁଁ ଅନାଇଥିଲି କ୍ଷଣେ । ନୀଳ ଆକାଶ ବକ୍ଷରୁ ମେଘ ଯେମିତି ହଟିଗଲା ମୋ ହୃଦୟ ଆକାଶରୁ କ'ଣ ସବୁ ଖସି ପଡୁଥିବା ପରି ମୋତେ ଲାଗିଲା । ମୁର୍ଦ୍ଦାରର ଶେତା ଧଳା ମୁହଁ ଉପରେ ଜହ୍ନ ଆଲୁଅ ସତେ ଯେମିତି ଅତି ସ୍ନେହରେ ଆସି ଚୁମ୍ବନ କରୁଥିଲା । ଯାହାକୁ ଜାତି ଭାଇ ଘୃଣା କରୁଥିଲେ ଜହ୍ନ ଆଲୁଅ ବୋହୂଟିର ବିଦାୟ ବେଳାରେ ଶରଧା ଢାଳି ଦେଉଥିଲା । ଠିକ୍ ଏତିକି ବେଳକୁ ବୋହୂର ନାକରୁ ଗୁଣାଟାକୁ ଛିଣ୍ଡାଇ ଆଣିବାକୁ ହାତ ବଢ଼ାଇଥିଲି । ଗୋଟିଏ ମୁହୂର୍ତ୍ତରେ ଏ ଜହ୍ନ ଆଲୁଅ ମୋ ଅନ୍ତର ଭିତରକୁ ମଧ୍ୟ କେମିତି ଆଲୋକିତ ଶୀତଳ ଆଉ ସ୍ନେହଶୀଳ କରିଦେଲା ସେ ରହସ୍ୟ ବ୍ୟକ୍ତ କରିବାର ଭାଷା ମୋ ପାଖରେ ନାହିଁ । ଆହାଃ ! ବୋହୂଟି କଇଁଫୁଲଟିଏ । ତା' ଚାରିପଟେ କେଡ଼େ ସୁନ୍ଦର କଳା ଝିମ୍ ଝିମ୍ କୁଞ୍ଚୁକୁଞ୍ଚିଆ ବାଳ । ଜହ୍ନ ଆଲୁଅ ଲହଡ଼ି ଭାଙ୍ଗୁଥିଲା ତା' ଦେହରେ ଆଉ ମୁହଁରେ । ତା' ନାକରୁ ଗୁଣାଟିକୁ ଓଟାରି ଆଣିବା ପାଇଁ ମୋର ଯେଉଁ ହାତ ଲମ୍ବି ଆସିଥିଲା, ତାହା ହୋଇଗଲା ସ୍ଥିର, ଅଥର୍ବ, ନିଥର । ଗୁଣାଟି ସେ ବୋହୂଟିର ମୁହଁକୁ ଏତେ ସୁନ୍ଦର ଦେଖା ଯାଉଥିଲା ଯେ ସେପରି ମୁହଁ ମୁଁ ଜୀବନରେ କେବେ ହେଲେ ଦେଖିନଥିଲି । କିଛିଦିନ ଯାଇଥିଲେ ସେ ମାଆ ହୋଇ ଥାଆନ୍ତା । ତା'ର ଏହି ସୌଭାଗ୍ୟକୁ ତାକୁ ଯେ ବଞ୍ଚିତ ହେବାକୁ ପଡ଼ିଲା, ଏଥିପାଇଁ ଦାୟୀ କିଏ ? ନିଃସଙ୍ଗ ଜୀବନ ବିତାଇଥିବା ଏ ବୋହୂଟିର ସୁଢ଼ଳ ସୁନ୍ଦର ମୁହଁଟି ମୋ ଆତ୍ମାକୁ ଥରାଇଦେଲା, ଆହାଃ ! କେଡ଼େ ଏକାକିନୀ ସେ । ତା'ର ନିଃସଙ୍ଗ ଜୀବନର ବଞ୍ଚି ରହିବାର ସ୍ୱାଦ ଟିକିଏ ଅନୁଭବ କରିବା ପାଇଁ ସେ ହୁଏତ କାହାର ନିକଟତର ହୋଇଥିଲା । ପାଉଁସିଆ ମୁହଁରେ ତା'ର ବଞ୍ଚି ରହିବାର ସ୍ୱପ୍ନ ସବୁ କେମିତି ମଉଳି ମଉଳି ଯାଉଥିଲା ତାହା ପ୍ରଥମ କରି ଦେଖିଲି ଜୀବନରେ । ମୋର ହାତ ତ କେବେ ଏମିତି ଅଟକି ଯାଏ ନାହିଁ । ସେଦିନ ମୁଁ ଆନମନା ହେବା ଦେଖି ସମସ୍ତେ ମୋତେ ତାଗିଦ୍ କରିଥିଲେ । ମୋ ମୁହଁରୁ ବାହାରି ପଡ଼ିଲା– "ଛି ଛି ଏ ମୁର୍ଦ୍ଦାରର ଗୁଣାଟାକୁ ମୁଁ ଘରେ ଭର୍ତ୍ତି କରିବି । ସେ ଯେ ପାପଗର୍ଭା ।" ଅନ୍ୟମାନେ କହିଲେ, "ତୁ ନେବୁନାହିଁ ତ ? ଆମେ ନିଆଁ ଲଗାଉଛୁ ।" ଉତ୍ତର ଦେଲି ମୁଁ, "ହଁ, ନିଆଁ ଲଗାଇ ଦିଅ । ସବୁ ଯେମିତି ଜଳି ପୋଡ଼ି ପାଉଁଶ ହୋଇଯିବ ।"

ନିଆଁ ଜଳିଲା ହୁତୁହୁତୁ ହୋଇ । ବୋହୂଟିର ଗୋରା ଦେହଟା ନିଆଁରେ ସିଝି କଳା କାଠ ପଡ଼ିଗଲା । ମୁଁ ସ୍ତବ୍ଧ ହୋଇ ପୋଡ଼ି ଯାଉଥିବା ସେ ଦେହଟାକୁ ଅପଲକ ଆଖିରେ ଅନାଇ ରହିଥିଲି । ସଙ୍ଗୀ ଭାଇମାନେ ମୋତେ କହିଥିଲେ ସେଦିନ: "ତୁ ସେଇ ଦୋଚାରୁଣୀଟାର ଅଳଙ୍କାର ଗୁଡ଼ାକ ତୋର ପିଲାଛୁଆ ଘରେ ଭର୍ତ୍ତି ନକରି ଭାରି ଭଲ କରିଛୁ ଭାଇ । ବଡ଼ ଅମଙ୍ଗଳ ହୋଇଥାନ୍ତା ତୋର ।" ଯେଉଁ ମୁହଁରେ ଟିକିଏ ଆଗରୁ ମୁଁ କହିଥିଲି, ଛି ଛି, ଏ ମୁର୍ଦ୍ଦାରର ଗୁଣାଟାକୁ ମୁଁ ଘରକୁ ନେବି । ସେହି ମୁହଁରେ ବିରକ୍ତି ପ୍ରକାଶ କରି ସମସ୍ତଙ୍କୁ ଲକ୍ଷ୍ୟ କରି ଚଢ଼ା ଗଳାରେ ମୁଁ କହିଥିଲି, "ଥାଉ ଥାଉ । ଅନ୍ୟକୁ ବିଚାର କର ନାହିଁ ମଣିଷ କ'ଣ ମଣିଷକୁ ଠିକ୍ ବୁଝିପାରେ ? ମୋର ସ୍ରଷ୍ଟା ସଚ୍ଚି ରାଉତରାୟ ଏଇଥିରେ ସମାପ୍ତି ରେଖା ଟାଣି ଦେଇଛନ୍ତି ଗଳ୍ପଟିର । ଆଉ ପ୍ରତିଟି ପାଠକ ମନରେ ସୃଷ୍ଟି କରିଦେଇଛନ୍ତି ଅସରନ୍ତି ଝଡ଼ । ବାସ୍ତବରେ ଆମେ କିଏ କାହାକୁ ବିଚାର କରିବା ପାଇଁ କ'ଣ ଯୋଗ୍ୟ ? ଯଦି ଆମ ଭିତରେ ନାହିଁ ଟିକିଏ ସ୍ନେହ ବା ସହାନୁଭୂତି, ଅନ୍ୟକୁ ନିନ୍ଦା କରିବାର କି ଅଧିକାର ଅଛି ଆମର ? ଏ ସମାଜ ଏତେ ନିଷ୍ଠୁର, ଏତେ ନିର୍ଦ୍ଦୟ, ଏତେ ବିବେକବିହୀନ, ସେଦିନ ତାହା ବୁଝି ପାରିଥିଲି ମୁଁ ।

ସତକଥା ଯାହା ତାହା ଆଜି ନକହି ମୁଁ ରହିପାରୁ ନାହିଁ । ବୋହୂଟିର ପାପଗର୍ଭ ହୋଇଥିଲା ନା ? ସେହି ଗର୍ଭରୁ ସୁକୋମଳ ଶିଶୁଟିଏ ଜନ୍ମ ହୋଇଥାନ୍ତା ନା । ଆପଣମାନେ ବିଶ୍ୱାସ କରନ୍ତୁ କି ନକରନ୍ତୁ ମୁଁ ଅନୁଭବ କଲି ସେହି ଶିଶୁଟି ହେଉଛି ମୁଁ ନିଜେ । ଶ୍ମଶାନ ଭୂମିରେ ଏ ବୋହୂଟି ମତେ ଦେଲା ନବଜନ୍ମ । ସେ ତ ମଶାଣିର ଫୁଲ ବୋଲି କହିଛନ୍ତି ଗାଳ୍ପିକ । ମାତ୍ର ଫୁଲ ପରି ନବଜାତ ଶିଶୁଟିଏ ହୋଇ ତାକୁ ମାଆ ବୋଲି ସମ୍ବୋଧନ କଲି ଯେଉଁ ଅନ୍ତରାତ୍ମାରେ ତାହା କହିଦେବା ପାଇଁ ଆଜି ମୋର ଏ ବିନମ୍ର ପ୍ରୟାସ । ମାଆ ମୋର ଜଳି ପୋଡ଼ି ହୋଇଗଲା ପାଉଁଶରେ ପରିଣତ । ଆଉ ଏ ପୃଥିବୀରେ ଛାଡ଼ିଗଲା ତା'ର ଅନାଥ ଅଥଚ ପରିଷ୍କୃତ ଆତ୍ମାର ଶିଶୁଟିକୁ ଯାହାର ନାଁ– ଜଗୁ ତିଆଡ଼ି ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**
'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ : ଶୁଚିସ୍ମିତା ମନ୍ତ୍ରୀ, ଭାରତୀ ପାଲ

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▲ ଲେଖିକା ଜୟନ୍ତୀ ରଥ

# ୭ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ଡ. ଦାସଙ୍କ ବର୍ଣ୍ଣନାରେ କେତେ ଉଚ୍ଚ ଦିଶୁଥିଲେ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ।

ମୂର୍ତ୍ତିଟିଏ ଦେଖୁ ଦେଖୁ ସେ କାଳେ ନିର୍ଭୁଲ୍ ଭାବେ କହି ଦେଇପାରୁଥିଲେ ତାର ଉଚ୍ଚତା, ତାର ପ୍ରସ୍ଥ । ଫିତା, ସ୍କେଲ୍ ଦରକାର ପଡୁ ନଥିଲା । ମୂର୍ତ୍ତିର ଗଢ଼ଣ କଳା ଦେଖି ସେ କହି ପାରୁଥିଲେ ତାର ନିର୍ମାଣ କାଳ । ପରମାନନ୍ଦ ଗୁଣୀ ଥିଲେ, ଗୁଣଗ୍ରାହୀ ଥିଲେ । ସେ ରସଗ୍ରାହୀ ଥିଲେ । କବିବର ରାଧାନାଥ ରାୟଙ୍କ କାବ୍ୟକୃତି ଉପରେ ବିଷଦ ଆଲୋଚନା କରିଥିଲେ ।

ବିଖ୍ୟାତ କବି ରାଧାମୋହନ ଗଡ଼ନାୟକ ଅନୁଗୋଳରୁ ଭୁବନେଶ୍ୱର ଚାଲି ଆସୁଥିଲେ ମଝିରେ ମଝିରେ ତାଙ୍କୁ ସାକ୍ଷାତ କରିବା ପାଇଁ । ଭାବ ବିନିମୟ ପାଇଁ । ସୁସାହିତ୍ୟିକ ବିଜୟ ନାୟକ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ଥିଲା ବେଳେ, ପଦ୍ମଶ୍ରୀ ପରମାନନ୍ଦଙ୍କ ଉପରେ ଏକ ମନୋଗ୍ରାଫ୍‌ଟିଏ ପ୍ରସ୍ତୁତ କରିବାର ଦାୟିତ୍ୱ ଅର୍ପଣ କରିଥିଲେ ବେବିଙ୍କୁ । ସେତେବେଳେ ପରମାନନ୍ଦଙ୍କ ଉପରେ ବିଶେଷ ତଥ୍ୟ ସଂଗ୍ରହ କରିଥିଲା ବେବି । ସତ୍ୟ ନାରାୟଣ ରାଜଗୁରୁଙ୍କୁ ଗବେଷଣା କାର୍ଯ୍ୟରେ ଅର୍ଥ ବାଧକ ଥିଲା । ଡ. ଓଝାଙ୍କ ଲିଖିତ 'ଭାରତୀୟ ପ୍ରାଚୀନ ଲିପିମାଳା' ପୁସ୍ତକଟିଏ କିଣିବାର ସାମର୍ଥ୍ୟ ନଥିଲା, ପରମାନନ୍ଦ ବୁଝିଥିଲେ ରାଜଗୁରୁଙ୍କ ପାଇଁ ଏଇ ପୁସ୍ତକର ଆବଶ୍ୟକତା କେତେ । ଏଇ ବହି ଖଣ୍ଡିକ ସେ ତାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ପରମାନନ୍ଦ ଥିଲେ ଜଣେ ପ୍ରତିଭାମୁଗ୍ଧ ବ୍ୟକ୍ତି । ବାରିପଦାରେ ଅବସ୍ଥାନ କରୁଥିବା ସମୟରେ ବିଶିଷ୍ଟ କଥାଶିଳ୍ପୀ ଚନ୍ଦ୍ରଶେଖର ରଥଙ୍କର ଗୋଟିଏ ଗପ ତାଙ୍କୁ ଏତେ ପ୍ରଭାବିତ କରିଥିଲା ଯେ, ଝଡ଼ ବତାସ ବେଳେ ଛତା ଧରି ଚାଲି ଚାଲି ୪/୫କି.ମି. ବାଟ ଯାଇ ଗାଳ୍ପିକଙ୍କୁ ଅଭିନନ୍ଦନ ଜଣାଇଥିଲେ । ପରିଣତ ବୟସରେ ଅଶେଷ ସିଦ୍ଧି ଲାଭ କରିଥିବା ଯଶସ୍ୱୀ କଥାକାର ଚନ୍ଦ୍ରଶେଖର ପରମାନନ୍ଦଙ୍କର ଏହି ମହାନତାକୁ ଶ୍ରଦ୍ଧାର ସହ ସ୍ମରଣ କରୁଥିଲେ । ଖିଚିଙ୍ଗ୍‌ର କୀଚକେଶ୍ୱରୀ ମନ୍ଦିରର ଭଗ୍ନ ଶିଳାଖଣ୍ଡକୁ କ୍ରମ ଅନୁସାରେ ସଜାଡ଼ି ସେ ତା'ର ପୁନଃ ନିର୍ମାଣ କରିଥିଲେ । ମନ୍ଦିର ନିର୍ମାଣ ଇତିହାସରେ ଏହା ଏକ ଅଦ୍ୱିତୀୟ ଘଟଣା ରୂପେ ଏଯାବତ୍ ବିବେଚିତ । ଯଶର ଶୀର୍ଷରେ ଉପନୀତ ହୋଇଥିଲେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି 'ନୀଳଶୈଳ' ଉପନ୍ୟାସ ରଚନା କରିବା ପରେ । ମାତ୍ର 'ନୀଳଶୈଳ'ର ଦୁଃଖାତ୍ମକ ପରିଣତି ପରମାନନ୍ଦଙ୍କୁ ଅଥୟ କରୁଥିଲା । ବଡ଼ଠାକୁର, ଓଡ଼ିଆ ଜାତିର ପ୍ରାଣବିନ୍ଦୁ ବାହାରେ ରହିବେ, ସେ ଶ୍ରୀମନ୍ଦିରରେ ସଂସ୍ଥାପିତ ହେବାର କାହାଣୀ କିଏ ଲେଖିବ ଏଇ ମର୍ମରେ ସେ ବାରମ୍ବାର ପ୍ରଶ୍ନ କରୁଥିଲେ ସୁରେନ୍ଦ୍ରଙ୍କୁ । ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସୁରେନ୍ଦ୍ର ଲେଖିଥିଲେ 'ନୀଳଶୈଳ'ର ଅପରାର୍ଦ୍ଧ 'ନୀଳାଦ୍ରି ବିଜୟ' ଉପନ୍ୟାସ ।

'ନୀଳାଦ୍ରି ବିଜୟ' ଓଡ଼ିଆ ଜାତିର ଇତିହାସକୁ ସୁରେନ୍ଦ୍ର ମହାନ୍ତିଙ୍କର ଅନବଦ୍ୟ ଅବଦାନ । ଏହି ଉପନ୍ୟାସର ଦିଗ୍‌ଦର୍ଶକ ଥିଲେ ପରମାନନ୍ଦ । ବହିକୁ ଜୀବନରୁ ବଳି ଭଲ ପାଉଥିଲେ ସେ । ବେଳେ ବେଳେ ରହସ୍ୟରେ କହୁଥିଲେ ଭଲ ବହି ପାଉଚ ତ ନେଇଆସି ପାଖରେ ରଖ । ବହି ଚୋରି କରିବାଟା ପାପ ନୁହେଁ । ଅଗଷ୍ଟ ୨୯, ତାଙ୍କର ପୁଣ୍ୟ ଜନ୍ମଦିନ । ତାଙ୍କ ସ୍ମୃତି ରକ୍ଷା ପାଇଁ ଏଇ ଦିନଟିକୁ ସଂଗ୍ରହାଳୟରେ ପାଳନ କରିବାର ଆୟୋଜନ ଆରମ୍ଭ କରିଥିଲା ବେବି । ଗୋଟିଏ ବର୍ଷ ଏହି ସ୍ମୃତିସଭାକୁ ମୁଖ୍ୟ ବକ୍ତା ଭାବେ ଆସିଥିଲେ ପରମାନନ୍ଦଙ୍କ ସାନଭାଇ । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ସତ୍ୟାନନ୍ଦ ଆଚାର୍ଯ୍ୟ । ସେ ପରମାନନ୍ଦଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟୟନ, ନିଷ୍ଠା ଉପରେ କେତୋଟି ମନଛୁଆଁ କଥା କହିଥିଲେ । ତହିଁରୁ ଗୋଟିଏ କଥା ଥିଲା ଏହିପରି । ଥରେ ପରମାନନ୍ଦଙ୍କ ଘରେ ରାତିରେ ଚୋର ପଶିଥିଲେ । ସକାଳୁ ଇତସ୍ତତଃ ପଡ଼ିଥିବା ଆସବାବପତ୍ର ଦେଖି ଘରେ ସମସ୍ତେ ବ୍ୟସ୍ତ ବିବ୍ରତ ହୋଇ ପଡୁଥିବା ବେଳେ ସ୍ଥିର, ଅବିଚଳିତ ଭାବରେ ବସି ରହିଥିଲେ ପରମାନନ୍ଦ । ବହୁ କ୍ଷଣ ପରେ କେବଳ ଏତିକି କହିଥିଲେ, ଦେଖ- ମୋ ପଢ଼ା ଟେବୁଲ୍ ଉପରେ ସବୁ ବହି ଠିକ୍ ଠାକ୍ ଅଛି ତ ! ତାଙ୍କ କଥା ଶୁଣି ପରିବାରର ଅନ୍ୟମାନେ ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ । ଜ୍ଞାନ ପିପାସୁ ପରମାନନ୍ଦଙ୍କ ଠାରେ ଧନ ପିପାସା, ଯଶ ପିପାସା, ନଥିଲା ଆଦୌ । ଓଡ଼ିଆ ସାହିତ୍ୟର ସମାଲୋଚନା କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିଥିବା ସାହିତ୍ୟିକ ନଟବର ସାମନ୍ତରାୟଙ୍କର ସେ ଥିଲେ ଦିଗ୍‌ଦର୍ଶକ । ପାଠ ପଢ଼ିଥିଲେ ଉଦ୍ଭିଦ ବିଜ୍ଞାନ । ବୃତ୍ତି ଭାବେ ଆଦରି ନେଇଥିଲେ ପ୍ରତ୍ନତାତ୍ତ୍ୱିକ ଗବେଷଣା, ବିଚିତ୍ର ଜୀବନ । ବୃକ୍ଷ, ଲତା, ଗଳ୍ପ ନିରୀକ୍ଷଣ କରୁ କରୁ ସେ ପହଞ୍ଚି ଯାଇଥିଲେ ସରାଙ୍ଗ, ବଜ୍ରକୋଟର ଅନନ୍ତଶାୟୀ ବିଷ୍ଣୁଙ୍କ ମୂର୍ତ୍ତି ପାଖରେ । କୀଚକେଶ୍ୱରୀ, କୁଟେଇଶ୍ୱୁନ୍ଥୀ ମନ୍ଦିର ପାଖରେ । ଖିଚିଙ୍ଗ୍‌ର ଭଗ୍ନ କୀଚକେଶ୍ୱରୀ ମନ୍ଦିରର ସେ ପୁନଃ ନିର୍ମାଣ କରିଥିଲେ ।

ଜଣେ ଥିଲେ ଚଳନ୍ତି ପାଠାଗାର ଯାହାଙ୍କୁ ବହୁ ସମୟରେ ଶ୍ରଦ୍ଧାରେ ସହ ସ୍ମରଣ କରୁଥିଲେ- ଡ.

ଦାସ । ସେ ହେଲେ ରାଜ୍ୟ ସଂଗ୍ରହାଳୟର । ରାଜ୍ୟ ପ୍ରତ୍ନତତ୍ତ୍ୱର ପୂର୍ବତନ ଅଧୀକ୍ଷକ କେଦାରନାଥ ମହାପାତ୍ର । ତାଙ୍କର ପୋଥି ଓ ମୂର୍ତ୍ତି ସହ ତାଙ୍କର ନିବିଡ଼ ସଂପୃକ୍ତି ପାଇଁ ସହକର୍ମୀ, ସତୀର୍ଥମାନେ ତାଙ୍କୁ ପୋଥିନାଥ ପଥରନାଥ ଆଖ୍ୟା ଦେଇଥିଲେ । ରାଜବୈଦ୍ୟ ପରିବାରରେ ଜନ୍ମିତ କେଦାରନାଥ ପିଲାଟି ଦିନରୁ ଇତିହାସ ଓ ମଠ ମନ୍ଦିର ବିଷୟରେ ରୁଚି ରଖିଥିଲେ । ସଂସ୍କୃତିର ସଂରକ୍ଷଣ ଓ ପ୍ରାଚୀନ କୀର୍ତ୍ତିଗୁଡ଼ିକର ପୁନରୁଦ୍ଧାର ନିମିତ୍ତି ସେ ସଂକଳ୍ପବଦ୍ଧ ଥିଲେ । ଭୌମକର ବଂଶର ରାଣୀ ହୀରା ମହାଦେବୀଙ୍କର ପ୍ରେରଣାରେ ନିର୍ମିତ ହୋଇଥିଲା ଚଉଷଠୀ ଯୋଗିନୀ ମନ୍ଦିର ଜଣେ ତନ୍ତ୍ର ବିଶାରଦଙ୍କ ଦ୍ୱାରା । ଭୁବନେଶ୍ୱର ଠାରୁ ମାତ୍ର ପାଞ୍ଚ କି.ମି. ଦୂରରେ ଥିଲେ ହେଁ ଅଲୋଡ଼ା, ଅଖୋଜା ହୋଇ ପଡ଼ି ରହିଥିଲା ଏହି ପ୍ରସିଦ୍ଧ ତନ୍ତ୍ରପୀଠ । ସାରାଭାରତରେ ପ୍ରମୁଖ ଚାରୋଟି ପ୍ରସିଦ୍ଧ ଯୋଗିନୀ ପୀଠ ରହିଛି । ତନ୍ମଧ୍ୟରୁ ମଧ୍ୟପ୍ରଦେଶର ଭେରାଘାଟ ଠାରେ ଗୋଟିଏ, ଏବଂ ଭୋପାଳ ନିକଟରେ ଗୋଟିଏ । ଓଡ଼ିଶାର ଅନ୍ୟତମ ପୀଠ ବଲାଙ୍ଗୀର ନିକଟସ୍ଥ ରାଣୀପୁର ଝରିଆଲରେ ।



ହୀରାପୁରରେ ଯୋଗିନୀ ମୂର୍ତ୍ତି ଗୁଡ଼ିକର ଗଠନଶୈଳୀ ରାଣୀପୁର-ଝରିଆଲ ତୁଳନାରେ ଅଧିକ କମନୀୟ । ତେବେ ୧୯୫୩ ମସିହାରେ କେଦାରନାଥଙ୍କ ପ୍ରବନ୍ଧ 'A Nile in Hypactheral Temple of Sixtty four yoginin t Hirapur' ପ୍ରକାଶ ପାଇବା ପରେ ହିଁ ହୀରାପୁର ଲୋକଲୋଚନକୁ ଆସିଲା । କେଦାରନାଥ ହିଁ ପ୍ରଥମ ଗବେଷକ ଯିଏ ପ୍ରମାଣ ସହ ସାବ୍ୟସ୍ତ କରିଥିଲେ ଶ୍ରୀ ଗୀତଗୋବିନ୍ଦ କାବ୍ୟର ରଚୟିତା କବି ଜୟଦେବଙ୍କ ଜନ୍ମସ୍ଥାନ ଓଡ଼ିଶାର କେନ୍ଦୁବିଲ୍ୱ ଗ୍ରାମ ।

'ଶ୍ରୀଜୟଦେବ' ଓ 'ଶ୍ରୀ ଗୀତଗୋବିନ୍ଦ' କେଦାରନାଥଙ୍କର ଏକ ଅନନ୍ୟ ପ୍ରାମାଣିକ ଗ୍ରନ୍ଥ । ଗଣେଶ୍ୱର ମନ୍ଦିର, ବହିରଙ୍ଗେଶ୍ୱର ମନ୍ଦିର, ସଙ୍କଟେଶ୍ୱର ମନ୍ଦିର । ଶତ୍ରୁଘ୍ନେଶ୍ୱର ମନ୍ଦିର, ଭରତେଶ୍ୱର ମନ୍ଦିର, ଲକ୍ଷଣେଶ୍ୱର ମନ୍ଦିର, ସୂକ୍ଷ୍ମେଶ୍ୱର ମନ୍ଦିର, ମୋହିନୀ ମନ୍ଦିର, ଅମ୍ବିକା ମନ୍ଦିର, ପଶ୍ଚିମେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ମଲ୍ଲିକେଶ୍ୱର ମନ୍ଦିର, କୀଚକେଶ୍ୱର ମନ୍ଦିର, ସାହି ମସଜିଦ, ଗଂଜାଦୁବ, ବେଲଖଣ୍ଡିର ପ୍ରାଚୀନ କୀର୍ତ୍ତି, ଶିଶୁପାଳଗଡ଼, ତାପଙ୍ଗ ଗଡ଼ ଏସବୁ ମନ୍ଦିର ଓ ଐତିହାସିକ ପୀଠର ପୁନରୁଦ୍ଧାର ଓ ସଂରକ୍ଷଣ କରିଥିଲେ କେଦାରନାଥ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ କେମିତି ସମ୍ଭବ ହୋଇଥିଲା ଏ ଦୁସ୍ତର କାର୍ଯ୍ୟ କରିବା । ଡ. ଦାସ କେଦାରନାଥଙ୍କ ଅପ୍ରତିହତ ଉଦ୍ୟମ, ଅକ୍ଳାନ୍ତ ପରିଶ୍ରମର କଥା କହୁଥିଲା ବେଳେ ବେବିର ମନେ ପଡୁଥିଲା ଉତ୍କଳମଣି କବି ଗୋପବନ୍ଧୁଙ୍କ ଉକ୍ତି-

ପୁଣ୍ୟ ଜନ୍ମମାଟି ପୁଣ୍ୟ ଦେବାଳୟ / ଉଦ୍ଧାରିବା ପାଇଁ କଲେ ତନୁକ୍ଷୟ / ମାନବ ଜୀବନ ହୁଅଇ ସଫଳ / ଏ ମହାଦୀକ୍ଷା କି ବୁଝିବ ଉତ୍କଳ ?

କେଦାରନାଥ ଏ ମହାଦୀକ୍ଷାକୁ ବୁଝିଥିଲେ । ସେଇଥିପାଇଁ ତ ଇତିହାସ, ପ୍ରତ୍ନତତ୍ତ୍ୱ, ପ୍ରାଚୀନ କୀର୍ତ୍ତି ସଂରକ୍ଷଣ, ପୋଥିସଂଗ୍ରହ, କାବ୍ୟ କବିତା, ପ୍ରବନ୍ଧାବଳୀ ରଚନାରେ ସମଗ୍ର ଜୀବନକୁ ନିୟୋଜିତ କରିଥିଲେ । ଖୁରୁଧାର ଇତିହାସ, ଶ୍ରୀଖାରବେଳ, କାବ୍ୟ କଳ୍ପଲତା, ପରିମଳା, ଚାଟ ଇଚ୍ଛାବତୀ ସମେତ ତେଇଶଟି ପୁସ୍ତକ ସମେତ ଦୁଇଶତରୁ ଉର୍ଦ୍ଧ୍ୱ ଇଂରାଜୀ ପ୍ରବନ୍ଧ, ତିନିଶତରୁ ଉର୍ଦ୍ଧ୍ୱ ଓଡ଼ିଆ ପ୍ରବନ୍ଧ ରଚନା କରିଥିଲେ କେଦାରନାଥ । ତାଙ୍କ ମିତବ୍ୟୟ ଓ ମିତଭାଷଣ ଉପରେ ବହୁ ରୋଚକ କଥା ବଖାଣୁଥିଲେ ଡ. ଦାସ ତେବେ ତାଙ୍କ ପୋଥି ସଂରକ୍ଷଣ ପ୍ରଣାଳୀ, ଐତିହାସିକ ଦୃଷ୍ଟିକୋଣ ଓ ଗବେଷଣା କାର୍ଯ୍ୟର ଭୂୟସୀ ପ୍ରଶଂସା କରି ଯଶସ୍ୱୀ କବି ତାଙ୍କୁ ଶିକ୍ଷାବିତ ଡ. ମାୟାଧର ମାନସିଂହ ତାଙ୍କୁ ପୋଥିନାଥ କେଦାରନାଥ ନାମରେ ଅଭିହିତ କରିଥିଲେ । ଏହା କହିବାକୁ ଭୁଲୁ ନଥିଲେ । ଦେଶ ବିଦେଶରୁ ଆସୁଥିବା ବିଦ୍ୱାନମାନଙ୍କର ସେ ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଥିଲେ ଏହା ସ୍ୱୀକାର କରିବାର ଡ. ଦାସଙ୍କର କୁଣ୍ଠା ନଥିଲା ।

ଆଦ୍ୟ ଜୀବନରେ ବାଙ୍କୀ, ଖୋର୍ଦ୍ଧା, କଟକ, ପୁରୀ, ସମ୍ବଲପୁରର ପ୍ରତିଷ୍ଠିତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । କଳାହାଣ୍ଡି ରାଜାଙ୍କ ଅଧୀନରେ ପ୍ରତ୍ନତତ୍ତ୍ୱ ପରାମର୍ଶଦାତା ଭାବେ କିଛି ବର୍ଷ କାର୍ଯ୍ୟ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଇତିହାସ ଅଧ୍ୟୟନକୁ ସୁଗମ, ସରଳ ଓ ବୋଧଗମ୍ୟ କରିବା ପାଇଁ ସେ ଅଭିନବ ଭାରତ ଇତିହାସ, ଅଭିନବ ଇଂଲଣ୍ଡ ଇତିହାସ, ସଂକ୍ଷିପ୍ତ ଭାରତ ଇତିହାସ, ଭାରତ ବର୍ଷର ସରଳ ଇତିହାସ ଆଦି କେତେକ ଇତିହାସ ପାଠ୍ୟ ପୁସ୍ତକ ରଚନା କରିଥିଲେ । ଗଡ଼ଜାତ ମିଶ୍ରଣ ପରେ ତତ୍କାଳୀନ ବରିଷ୍ଠ ପ୍ରଶାସକ ନୀଳମଣି ସେନାପତି ତାଙ୍କୁ ଡେପୁଟି ମାଜିଷ୍ଟ୍ରେଟ୍ ପଦବୀ ଗ୍ରହଣ ପାଇଁ ପ୍ରସ୍ତାବ ଦେଇଥିଲେ । ତାହା ସେ ପ୍ରତ୍ୟାଖ୍ୟାନ କରିଥିଲେ । ରାୟ ବାହାଦୂର ପ୍ରଫୁଲ୍ଲ କୁମାର ତ୍ରିପାଠୀ ତାଙ୍କୁ ସୂଚନା ଓ ପ୍ରସାରଣ ଅଧିକାରୀ କରି ନେବାକୁ ଚାହୁଁଥିଲେ । ତାହା ମଧ୍ୟ ସେ ଗ୍ରହଣ କରି ନଥିଲେ । ନାନା ବ୍ୟକ୍ତିଗତ ଓ ପାରିବାରିକ ଜଞ୍ଜାଳ ସତ୍ତ୍ୱେ ସେ ରାଜ୍ୟ ସଂଗ୍ରହାଳୟକୁ ସେ ନିଜର କର୍ମକ୍ଷେତ୍ର ଭାବେ କରି ନେଇଥିଲେ । ସଦାସିଧା ମଣିଷ । ପାନ ଖଣ୍ଡିଏ ଖଣ୍ଡିଏ ଖାଇ କାମରେ ଲାଗିଥାନ୍ତି । ଡ. ଦାସଙ୍କ ପରି ବହୁ ଯୁବ-ଐତିହାସିକଙ୍କ ପାଇଁ ସେ ଥିଲେ କର୍ମନିଷ୍ଠାର ଜ୍ୱଳନ୍ତ ଉଦାହରଣ । ଶେଷ ଜୀବନରେ ଆତ୍ମ ଜୀବନୀ ଲେଖିବା ପାଇଁ ମନସ୍ଥ କରିଥିଲେ । ନାମ ବାଛିଥିଲେ ପୋଥି ଓ ପଥର, ସମୟ ଅକୁଳାଣ ହେଲା । ଇଚ୍ଛା ଅପୂରଣ ରହିଗଲା । ବହୁତ କିଛି ଦେଇଗଲା ଏ ଜାତିକୁ । ବିନିମୟରେ କିଛି ପାଇଲେ ନାହିଁ । ଏକଥା କହି କ୍ଷୋଭ ପ୍ରକାଶ କରୁଥିଲେ ଡ. ଦାସ ।

ଆଜୀବନ ଦୁଃସ୍ଥିତି ସହିତ ସଂଘର୍ଷ କରି ବି ଐତିହାସିକ, ସାହିତ୍ୟିକ ଏବଂ ପ୍ରତ୍ନତତ୍ତ୍ୱବିଦ୍ ଭାବେ ସମଗ୍ର ଭାରତବର୍ଷରେ ନିଜ ସ୍ଥିତି ସାବ୍ୟସ୍ତ କରିଥିବା ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ବିଦଗ୍ଧ ଜୀବନର କଥା ବଖାଣିଲା ବେଳେ ବେଦନାରେ ଆର୍ଦ୍ର ହୋଇ ଉଠୁଥିଲା ଡ. ଦାସଙ୍କ ସ୍ୱର । ପରିଣତ ବୟସରେ ହୃଦ୍‌ଘାତରେ ଜ୍ୟେଷ୍ଠପୁତ୍ରଙ୍କର ଅକାଳ ମୃତ୍ୟୁ କୃଷ୍ଣଚନ୍ଦ୍ରଙ୍କ ପାଇଁ କିଭଳି ଅସହନୀୟ ଥିଲା ତାହା ମର୍ମେମର୍ମେ ଅନୁଭବ କରୁଥିଲେ ଡ.ଦାସ । ଆହା ଡ. ଦାସ ସେତେବେଳେ କଳ୍ପନା ସୁଦ୍ଧା କରିନଥିଲେ ତାଙ୍କ ପାଇଁ ବି ସମଦଶା ଅପେକ୍ଷା କରିଥିଲା । ମୃତ୍ୟୁର କେଇ ବର୍ଷ ପୂର୍ବରୁ ତାଙ୍କ ଜ୍ୟେଷ୍ଠ ପୁତ୍ର ଦୁର୍ଘଟଣାରେ ଆକସ୍ମିକ ମୃତ୍ୟୁ ବରଣ କରିଥିଲେ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତିଭା ଅନୁରକ୍ତ ଡ. ଦାସ ତାଙ୍କ ସ୍ମୃତିରକ୍ଷା ନିମନ୍ତେ 'କୃଷ୍ଣ ପ୍ରତିଭା' (memorable volume) ପୁସ୍ତକର ସମ୍ପାଦନା ଦାୟିତ୍ୱ ତୁଲାଇଥିଲେ ।

ଡ. ପାଣିଗ୍ରାହୀଙ୍କ କୃତି ଓ କୀର୍ତ୍ତିର ସଫଳ ରୂପାୟନ କୃଷ୍ଣ ପ୍ରତିଭା । 'ଇତିହାସ ଓ କିମ୍ବଦନ୍ତୀ', 'ସାହିତ୍ୟ ଓ ସଂସ୍କୃତି', 'ପ୍ରବନ୍ଧ ମାନସ' । 'ଭାରତୀୟ ପ୍ରତ୍ନତତ୍ତ୍ୱ', 'ସାରଳା ସାହିତ୍ୟରେ ଐତିହାସିକ ଚିତ୍ର, 'ଓଡ଼ିଶାର ସଂସ୍କୃତି ଓ ଇତିହାସରେ ଯାଜପୁର', 'ମୋ ସମୟର ଓଡ଼ିଶା' (ଆତ୍ମ ଜୀବନୀ), "Political Status of the Feudatory States of Orissa and Chhatisgarh',

“Archaeological Remains at Bhubaneswar’, Chronology of the Bhumakaras and Sumavumsis of Orissa, History of orissa (Hindu Period), ‘Sarah (Makers of India Literature Series) Bhuma Art and Architecture of Orissa ଆଦି ଗ୍ରନ୍ଥର ପ୍ରଣେତା । ସଂସ୍କୃତି, ପ୍ରତ୍ନତତ୍ତ୍ୱ, ଇତିହାସ ଉପରେ ଶତାଧିକ ଇଂରାଜୀ ଏବଂ ଶତାଧିକ ଓଡ଼ିଆ ପ୍ରବନ୍ଧର ରଚୟିତା କୃଷ୍ଣଚନ୍ଦ୍ର ଯେତିକି ସମର୍ଥ ଐତିହାସିକ, ସେତିକି ଆବେଗପ୍ରବଣ ପ୍ରକାଶକ୍ଷମ ସାହିତ୍ୟିକ । ତାଙ୍କ ଆଲୋଚନା ନବ ନବ ସତ୍ୟର ଉଦ୍‌ଘାଟନ କରିଛି । ଅବିକଳ୍ପ ସତ୍ୟର ଆବିଷ୍କାର ଦ୍ୱାରା ସେ ଓଡ଼ିଶାର ସାହିତ୍ୟ ଓ ଇତିହାସକୁ ବିଭ୍ରାନ୍ତିକର ଚିନ୍ତାରୁ ମୁକ୍ତ କରିଛନ୍ତି । ତାଙ୍କ ଆତ୍ମ ଜୀବନୀ ମୋ ସମୟର ଓଡ଼ିଶା ସମ୍ବେଦନଶୀଳ ପାଠକର ହୃଦୟ ଜୟ କରିବାର ସାମର୍ଥ୍ୟ ରଖେ ।

ଏଇ ସତ୍ୟନିଷ୍ଠ, ତଥ୍ୟନିଷ୍ଠ, ଜ୍ଞାନ ନିଷ୍ଠ, କର୍ମନିଷ୍ଠ ସାଧକଙ୍କ ଅବଦାନକୁ କଳନା କରିବା ସହଜ ନୁହେଁ, ଅହିଛତ୍ର ଠାରେ ମୃତପାତ୍ର ଅନ୍ୱେଷଣ / ଅନୁସନ୍ଧାନ କାର୍ଯ୍ୟରେ ବ୍ୟାପୃତ ଥିଲାବେଳେ ତାଙ୍କର ତିନିବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଥିଲା । ପୁତ୍ର ଶୋକନାଳର ଦାହ ଭୁଲିବା ପାଇଁ ସେ ଜାରି ରଖିଥିଲେ ତାଙ୍କ ଗବେଷଣା । ତେବେ ଅନ୍ତରର ଦୁଃଖକୁ ସେ ପ୍ରକାଶ କରିଥିଲେ କ୍ଷୁଦ୍ରଗଳ୍ପ ‘ଚଡ଼ଖା’ ମାଧ୍ୟମରେ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଗ୍ରନ୍ଥାବଳୀ ସଂକଳନ ହେବା ସମୟରେ ଏହାର ଅନ୍ୟତମ ସଂଯୋଜକ ଡକ୍ଟର ବିଜୟାନନ୍ଦ ସିଂହଙ୍କ ଅନୁରୋଧକ୍ରମେ ବେବି ସଂଗ୍ରହାଳୟ ଗ୍ରନ୍ଥାଗାରରୁ ବହୁ ଖୋଜାଖୋଜି କରି ‘ଶଙ୍ଖ’ ନାମକ ଗୋଟିଏ ପୁରୁଣା ପତ୍ରିକାରୁ ଏଇ ଗପଟି ପାଇଥିଲା । ଏଭଳି ପ୍ରାଣସ୍ପର୍ଶୀ ଗପର ସ୍ରଷ୍ଟା ଥିଲେ କୃଷ୍ଣଚନ୍ଦ୍ର ! ସେ ଜାଣିଥିଲା ଯେ କୃଷ୍ଣଚନ୍ଦ୍ରଙ୍କ Archalological remains at Bhubaneswar । ବହିଟି ପଶ୍ଚିମ ଜର୍ମାନୀର ଫ୍ରାଙ୍କ୍‌ଫୋର୍ଟ ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ପୁସ୍ତକ





ପ୍ରଦର୍ଶନୀରେ ସ୍ଥାନିତ ହୋଇଥିଲା । ଲଣ୍ଡନର Oriental School of Artରେ ପାଠ୍ୟପୁସ୍ତକ ଭାବେ ଗୃହୀତ ହୋଇଥିଲା । ବହୁ ଭାରତୀୟ ବିଶ୍ୱବିଦ୍ୟାଳୟରେ ଏହା ଏକ ସହାୟକ ଗ୍ରନ୍ଥ ଭାବେ ଗୃହୀତ ହୋଇଥିଲା । ମାତ୍ର ସେ ଜାଣି ନଥିଲା କୃଷ୍ଣଚନ୍ଦ୍ର ଜଣେ ପ୍ରତିଭାଧର କଥାକାର ଥିଲେ । ଗଳ୍ପ ଲେଖକରେ ମନଯୋଗ ଦେଇଥିଲେ ନିଜ ଜୀବନର ଅନୁଭୂତିକୁ ପୁଞ୍ଜି କରି ସେ ଅଜସ୍ର ଉଚ୍ଚକୋଟୀର ଗଳ୍ପ ଲେଖି ପାରିଥାନ୍ତେ । ବୃତ୍ତିଗତ ଜୀବନରେ ବହୁ ସଂଘର୍ଷ । ବହୁ ତିକ୍ତ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ସେ । ତାଙ୍କ ଜୀବନରେ ବହୁ ଅଙ୍ଗେନିଭା କାହାଣୀ ବେବି ଶୁଣିବାକୁ ପାଇଲା ତାଙ୍କ କନ୍ୟା ଶୋଭନା ଓ ପୁତ୍ର ହିରଣ୍ୟଙ୍କ ଠାରୁ । ତାଙ୍କ କନିଷ୍ଠପୁତ୍ର ହିରଣ୍ୟଙ୍କ ପୁତ୍ର ସହ ବେବିର ବଡ଼ଭାଇନାଙ୍କ ଝିଅ ଶ୍ୟାମା (ଗୁଡ୍ଡି)ର ବିବାହ ହେବା ପରେ କୃଷ୍ଣଚନ୍ଦ୍ରଙ୍କ ପରିବାର ସହ ଯୋଡ଼ି ହୋଇଯାଇଥିଲା ବେବି । ପତ୍ନୀ ତାରାମଣିଙ୍କ ସାନ୍ନିଧ୍ୟରେ ଆସିବାର ସୁଯୋଗ ପାଇଥିଲା । ନିଜ ଜିଦ୍‌ରେ ଅଟଳ ଲୋକଟିଏ ଆଗପଛ ନ ବିଚାରି ଯଦି ହଠାତ୍ ଚାକିରି ଛାଡ଼ିଦିଏ । ସହକର୍ମୀ ଓ ଉପରିସ୍ଥଙ୍କ ହୀନ ଷଡ଼ଯନ୍ତ୍ରର ଶିକାର ହୋଇ ମାନସିକ ଭାରସାମ୍ୟ ହରାଏ, ତେବେ ମଧ୍ୟବିତ୍ତ ପରିବାରର ଗୃହିଣୀକୁ କେତେ ସଙ୍କଟ ଭିତରେ ବଞ୍ଚିବାକୁ ପଡ଼େ, ତାହାର ହୃଦୟ ବିଦାରକ ବିବରଣୀ ଦେଇଥିଲେ ତାରାମଣି । ବହୁ ପ୍ରତିକୂଳ ପରିସ୍ଥିତିରେ ବହୁ ଘାତ ପ୍ରତିଘାତ ଭିତରେ ସ୍ୱାମୀଙ୍କ ସାହସ ଦେଇ, ଚାରି ଚାରିଟି ପୁଅ ଝିଅଙ୍କୁ ବଡ଼ କରିଥିଲେ, ସମାଜରେ ପ୍ରତିଷ୍ଠିତ କରିଥିଲେ ତାରମଣି ।

ଓଡ଼ିଶାର ଇତିହାସ ଜଗତର ଏହି ବିସ୍ମୟକର ପ୍ରତିଭା ସଂପର୍କରେ ଚର୍ଚ୍ଚାର ପରିସରକୁ ବ୍ୟାପକ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ, ୨୫ ତାରିଖ (ତାଙ୍କର ଶ୍ରାଦ୍ଧଦିନ)ରେ ସଂଗ୍ରହାଳୟରେ ଏକ ଆଲୋଚନାଚକ୍ରର ଆୟୋଜନ କରିଥିଲା ବେବି । ୨୦୧୮ରେ ଏହା ଆରମ୍ଭ ହୋଇଥିଲା । ସଂଯୋଗକ୍ରମେ ସଂଗ୍ରହାଳୟ ସମ୍ମୁଖରେ ପଦ୍ମଶ୍ରୀ କୃଷ୍ଣଚନ୍ଦ୍ରଙ୍କର ଏକ ପୂର୍ଣ୍ଣ ଅବୟବ ବି ଅନାବରଣ କରାଗଲା । ଏଇ ଅବସରରେ ତାଙ୍କ ପୁତ୍ରବଧୂ, କନ୍ୟା, ପୁତ୍ର ସମସ୍ତେ ଯୋଗ ଦେଇଥିଲେ । କୋଲକାତାରେ ରହୁଥିବା ତାଙ୍କର କନ୍ୟା ଇତିହାସର ପ୍ରାଧ୍ୟାପିକା ଶୋଭନା ପିତୃସ୍ମୃତିରେ ବିହ୍ୱଳ ହୋଇ ବେବିକୁ କହିଥିଲେ, “ତମେ ହିଁ ବାପାଙ୍କର ପ୍ରକୃତ ଝିଅ’’

ଏହି ଆଲୋଚନା ଚକ୍ରରେ ଯୋଗ ଦେଇଥିବା ବିଶିଷ୍ଟ ଇତିହାସବିଦ୍‌ମାନେ ବେବିର ଉଦ୍ୟମକୁ ଅଭିନନ୍ଦନ ଜଣାଇଥିଲେ । ସେଇ ସମୟରେ ଜୀବିତ ନଥିଲେ ଡ. ହରୀଶ ଚନ୍ଦ୍ର । ଯିଏ ନିଜର ସୌନ୍ଦର୍ଯ୍ୟବୋଧରେ ସୁଷମାମଣ୍ଡିତ କରି ରଖିଥିଲେ ସଂଗ୍ରହାଳୟକୁ ପ୍ରାୟ ତିନି ଦଶନ୍ଧି । ପ୍ରଜ୍ଞାପୁରୁଷମାନଙ୍କ ସତ୍ତାକୁ ଗଭୀର ଭାବେ ଅନୁଭବ କରିବା ପାଇଁ ଡ. ଦାସ ପଥ ଉନ୍ମୁକ୍ତ କରିଥିଲେ ତା’ ସାମ୍‌ନାରେ । ତାଙ୍କ ସ୍ମୃତିକୁ ସହସ୍ର ପ୍ରଣାମ । ପ୍ରତିଭାବାନ୍ ବ୍ୟକ୍ତି ଥାଆନ୍ତି ଅତ୍ର ତତ୍ର ସର୍ବତ୍ର । ମାତ୍ର ସେମାନଙ୍କୁ ଚିହ୍ନେଇ ଦେବା ପାଇଁ ଜଣେ ଜଣେ ସୂତ୍ରଧରଙ୍କର ଆବଶ୍ୟକତା ଥାଏ । କାଳର ଧୂଳିମଳି ସେମାନଙ୍କୁ ନିଷ୍ପ୍ରଭ କରିବା ପୂର୍ବରୁ ସୂତ୍ରଧର ତା’ର ଭୂମିକା ନିଭେଇଥାଏ । ତେବେ ଏକଥା ସତ ଯେ ବହୁ ପ୍ରତିଭା କାଳବକ୍ଷରେ ହଜି ଯାଆନ୍ତି । ସେମାନଙ୍କ ଚିହ୍ନ ବର୍ତ୍ତି ରହେ ନାହିଁ ।

# ନୂଆ ମ୍ୟୁଜିକ ଚ୍ୟାନେଲ ଆମ ଟିଭି ମ୍ୟୁଜିକ ଲୋକାର୍ପିତ

ଭୁବନେଶ୍ୱର, 4।11(ନି. ପ୍ର):ଆମ ଟିଭି ନ୍ୟୁଜ ଏବଂ ଏଣ୍ଟରଟେନମେଣ୍ଟ ଚ୍ୟାନେଲର ସଫଳତା ପରେ ଏବେ ଆମ ଟିଭି ପକ୍ଷରୁ ନୂଆ ମ୍ୟୁଜିକ ଚ୍ୟାନେଲ ଆମ ଟିଭି ମ୍ୟୁଜିକ ଲୋକାର୍ପିତ ହୋଇଯାଇଛି ।

ଶ୍ରୁତିମଧୁର ଓ ଲୋକାଦୃତ ସଂଗୀତର ପ୍ରତିଶ୍ରୁତି ନେଇ ଚ୍ୟାନେଲଟି ସବୁ ବର୍ଗର ହୃଦୟକୁ ଛୁଇଁବ ବୋଲି ଚ୍ୟାନେଲ କର୍ତ୍ତୃପକ୍ଷ ଓ ଅତିଥିମାନେ ଏହି ଉତ୍ସବ ମତ ଦେଇଛନ୍ତି । ଶିକ୍ଷାବିତ ପ୍ରଯୋଜକ ବିରଞ୍ଚି ନାରାୟଣ ପଣ୍ଡା ଯୋଗଦେଇ ଚ୍ୟାନେଲ ସଫଳତା ସହ ଲୋକ ମନକୁ ଆକର୍ଷିତ କରିବ ବୋଲି ମତ ଦେଇଥିଲେ । ଏହି ଅବସରରେ କଣ୍ଠଶିଳ୍ପୀ ସୁସ୍ମିତା ଦାସ ଯୋଗଦେଇ ସଂଗୀତ ନିର୍ଦ୍ଦେଶକ ଓମପ୍ରକାଶ ମହାନ୍ତିଙ୍କ ଗୀତ ଜହ୍ନ ଗୋଟେ ଛୋଟ ବିସ୍କୁଟ.. କୁ ନିଜ ସୁମଧୁର କଣ୍ଠରେ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ଏନ. ଗଙ୍ଗାଧର ରେଡ୍ଡୀ, ରୋଟାରୀଆନ ପ୍ରସନ୍ନ ଚୌଧୁରୀ, ସମାଜସେବୀ ଶଶୀଭୂଷଣ ଦାସ, ଶ୍ରୀକାନ୍ତ ନାୟକ, ଏମ. ତେଜେଶ୍ୱର ରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଆମ ଟିଭିର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଣୟ ଜେଠୀ ଚ୍ୟାନେଲର ପ୍ରଥମ ଗୀତ ଛାଁ କୁ... ଲୋକାର୍ପିତ କରିଥିଲେ । ଏହି ସଂଗୀତକୁ ସୁବ୍ରତ ସ୍ୱାଇଁ ଲେଖିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମାନନ୍ଦ । କଣ୍ଠ ଦାନ କରିଛନ୍ତି ହ୍ୟୁମାନ ସାଗର ଏବଂ ଅନୁରାଧା ପାଣିଗ୍ରାହୀ । ଆଗକୁ ଏହି ଚ୍ୟାନେଲ ଦର୍ଶକଙ୍କ ପସନ୍ଦ ମୁତାବକ ସଂଗୀତ ଭେଟିଦେବ ବୋଲି ଶ୍ରୀ ଜେଠୀ ସୂଚନା ଦେଇଛନ୍ତି ।




**Ama Tv Music**
Plot No 70/768, Jaganath Colony lane 1
Bhubanewar
Contact : 9090011555

# ହସଖୁସିର ପରିବାର - ୨୬

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୋ ସ୍ୱାମୀ ଟିକେ ନିର୍ବୁଦ୍ଧିଆ ଲୋକ । କୌଣସି କଥାକୁ ମନେ ରଖନ୍ତି ନାହିଁ । ମତେ ମଧ୍ୟ ଗୋଟିଏ କଥାକୁ ବାରମ୍ବାର କହିବା ଭଲ ଲାଗେନି । ମୋ ଜୀବନର ସବୁଠୁ ବଡ ଦୁଃଖ ଯେ ମୁଁ ଜୀବନରେ ସ୍ୱାମୀ ସ୍ତ୍ରୀର ସମ୍ପୂର୍ଣ୍ଣତା ପାଇଲି ନାହିଁ । ମୁଁ ନିଜେ ଚାକିରି କରିଥିଲି । ନିଜ ଚେଷ୍ଟାରେ ଘର, ଗାଡି, ବ୍ୟାଙ୍କ୍ ବାଲାନ୍ସ ସବୁ କରିଲି । ତଥାପି ବି ମୋ ସ୍ୱାମୀ କେବେହେଲେ ସ୍ନେହରେ ପଦେହେଲେ କଥା ମତେ କୁହନ୍ତି ନାହିଁ । ପରେ ମୁଁ ନିଜେ ବୁଝିଗଲି ଯେ ମୁଁ ଚାହିଁଲେ ମଧ୍ୟ ତାଙ୍କୁ ବଦଳେଇ ପାରିବିନି କି ତାଙ୍କ ସହିତ ରହିଲେ ସଂସାର ଚାଲିବନି । ମୋ ଶାଶୁଶ୍ୱଶୁର ମୋ ପାଖରେ ଅଛନ୍ତି । ସେମାନେ ସବୁବେଳେ ଅଧିକ ପାଇବାର ଆଶା ରଖୁଛନ୍ତି । ହେଲେ ମୋ ନିଜ ଉପରେ ନିଜର ଭରସା ନାହିଁ । ସେ ଆତ୍ମବିଶ୍ୱାସ ବି ଆଉ ନାହିଁ । ଏପରିକି ମୁଁ ଏବେ ଘରୁ ବାହାରିବାକୁ ଡରୁଛି । ଆଜିକାଲି ମୁଁ ନିଜେ ସ୍କୁଟି ଧରି ଏକୁଟିଆ ବାହାରକୁ ଯାଇ ପାରୁନାହିଁ । ବେଳେବେଳେ ଅଜବ ଅଜବ ଚିନ୍ତା ମନକୁ ଆସୁଛି । ଆଉ ଆଗ ପରି ସେ ଧୈର୍ଯ୍ୟ ନାହିଁ ।



▼ଆଲୋକ ମହାନ୍ତିଙ୍କ ହସଖୁସିର ପରିବାର

ସବୁବେଳେ ମନ ବିଚଳିତ ରହୁଛି । ବେଳେବେଳେ ଛାତି ଜୋର୍‌ରେ ଧଡ ଧଡ ହେଉଛି । ପାରିବାରିକ ସମସ୍ୟା କିଛି ନଥିଲେ ବି ସବୁବେଳେ ମନ ନିରାଶ ହେଉଛି । ତିନିଥର ଚେଷ୍ଟା କଲିଣି ନିଜକୁ ସଂସାରରୁ ହଟାଇ ଦେବାକୁ । ହେଲେ ତାହା ବି କରିପାରୁନି । କେଜାଣି ମୁଁ ଆଉ ଆଗକୁ କେତେଦିନ ବଂଚିବି । ମୋତେ ଏହି ନିରାଶାପଣକୁ ଦୂର କରିବାର କିଛି ରାସ୍ତା ବତାନ୍ତୁ ।

**ନୀଳିମା ଗଡନାୟକ,** ଭଦ୍ରକ

**ସମାଧାନର ସୂତ୍ର**

ଆପଣ ଲେଖିଛନ୍ତି ଯେ ଆପଣଙ୍କର ପାରିବାରିକ ସମସ୍ୟା କିଛି ନାହିଁ । ତଥାପି ଆପଣ ସବୁବେଳେ ନିରାଶା ହେଉଛନ୍ତି । ଆପଣ ନିଜେ ଚାକିରି କରିଥିଲେ । ଗୋଟିଏ ମଣିଷକୁ ଯାହା ଦରକାର ସବୁ କିଛି ଆପଣ ନିଜେ କରିଛନ୍ତି ଯେପରିକି ଘର, ଗାଡି, ବ୍ୟାଙ୍କ ବାଲାନ୍ସ ସବୁ କିଛି । ତାହା ପୁଣି ସବୁ ନିଜ ଚେଷ୍ଟାରେ, ନିଜେ ପରିଶ୍ରମ କରି ଅର୍ଥ ରୋଜଗାର କରି କରିଛନ୍ତି । ଏହା ହିଁ ଆପଣଙ୍କର କର୍ମଦକ୍ଷତା, ଆତ୍ମବିଶ୍ୱାସ ତଥା ମନୋବଳକୁ ପ୍ରମାଣିତ କରୁଛି । ସ୍ୱାମୀଙ୍କ ବିଷୟରେ ଆପଣ ଯାହା ଲେଖିଛନ୍ତି ସେଥିରେ ଆପଣ ଭାଙ୍ଗି ପଡି ନାହାନ୍ତି । ବରଂ ନିଜ ମନୋବଳକୁ ଦୃଢ କରି ଆପଣ ନିଜ କାମରେ ଆଗେଇ ଚାଲିଛନ୍ତି । ଆପଣଙ୍କର ବିବାହ କେବେ ହେଲା ସେ ବିଷୟରେ ଲେଖିନାହାନ୍ତି କିମ୍ବା ପିଲାମାନଙ୍କ ବିଷୟରେ ମଧ୍ୟ କିଛି ଜଣାଇନାହାନ୍ତି । ଏତେ ବର୍ଷ ହେଲାଣି ଆପଣ ସ୍ୱାମୀଙ୍କ ସହିତ ଚଳି ଆସିଲେଣି । ତେଣୁ ଆଉ ଏବେ ତାଙ୍କୁ ନେଇ ଅଶାନ୍ତି ହେବା ଅବା ନିଜକୁ ସଂସାରରୁ ହଟାଇ ଦେବା କଥା ଭାବିବା ଆଦୌ ଠିକ୍ ନୁହେଁ । ଆପଣଙ୍କ ପରି ଜଣେ ବୟସ୍କ ଓ ବିଜ୍ଞବ୍ୟକ୍ତି ଏପରି ନିରାଶା ହେବା ଠିକ୍ ନୁହେଁ । ଶାଶୁ ଶ୍ୱଶୁର ଅଧିକ ଆଶା କରିବେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଅବା ମନଦୁଃଖ କରିବାର କିଛି ନାହିଁ । ଏହା କିଛି ନୂଆ କଥା ନୁହେଁ । ଆମେ ମନେ ରଖିବା ଉଚିତ ଯେ ସେମାନେ ବି ବାପାମାଆ । ସେମାନଙ୍କର ଆମ ଉପରେ ଆଶା ରଖିବା ଏକ ସାଧାରଣ କଥା । ଏହା ସତ ଯେ ଆମେ ପରିବାରରେ ସବୁବେଳେ ସମସ୍ତଙ୍କୁ ଖୁସି କରିପାରିବା ନାହିଁ । କିନ୍ତୁ ଆମେ ଯେତିକି ଦେଇପାରିବା ସେତିକି ଦେବା । ଏଥିରେ ଅନ୍ୟମାନେ ଅସନ୍ତୁଷ୍ଟ ହେଲେ ବି ଆମେ ଆଦୌ ବିଚଳିତ ହେବା ନାହିଁ । କିମ୍ବା ବିରକ୍ତିଭାବ ପ୍ରକାଶ କରିବା ନାହିଁ । ଏପରି କରିବା ନିଜର ବୋକାମିର ପରିଚୟ । କାରଣ ଏ ସବୁ ଦ୍ୱାରା ଆମର ନିଜର ମାନସିକ ଚାପ ସୃଷ୍ଟି ହେବା ସହିତ ମନୋବଳ ମଧ୍ୟ ଭାଙ୍ଗି ପଡିବ । ସବୁଠାରୁ ଭଲ ହେବ ଆପଣ ଯୋଗ ବା ପ୍ରାଣାୟମ କରନ୍ତୁ, ଆଧ୍ୟାତ୍ମିକ ଦିଗରେ ମନଦେଇ ନିଜକୁ ପ୍ରଭୁଙ୍କ ପାଖରେ ସମର୍ପଣ କରନ୍ତୁ । ଆପଣଙ୍କର ଯେଉଁମାନେ ଶୁଭାକାଂକ୍ଷୀ ସେମାନଙ୍କ ସହିତ ଆଲୋଚନା ବା ପରାମର୍ଶ କରନ୍ତୁ । ନିଜର ମନୋବଳକୁ ଦୃଢ଼ କରନ୍ତୁ । ମନକୁ ହାଲୁକା କରିବାର ତଥା ଖୁସି ରହିବାର ବାଟ ଖୋଜନ୍ତୁ । ବାଟ ଖୋଜିଲେ ନିଶ୍ଚୟ ମିଳିବ । ଏବଂ ଆପଣ ସବୁ ଅସୁବିଧା ସତ୍ତ୍ୱେ ଶାନ୍ତିରେ ରହି ପାରିବେ ।

**ସମସ୍ୟା: ୨**

ମୁଁ ୧୫ ବର୍ଷ ତଳେ ସରକାରୀ ଚାକିରିରୁ ଅବସର ନେଇଛି । ବର୍ତ୍ତମାନ ମୋର ବୟସ ୭୩ ବର୍ଷ । ମୋର ଦୁଇଝିଅ ଓ ଗୋଟିଏ ପୁଅ । ଚାକିରିରେ ଥିବା ବେଳେ ମୋର ଦୁଇଝିଅଙ୍କର ବାହାଘର ହେଇ ସାରିଥିଲା । ଅବସର ନେବା ପରେ ଠିକ ଦଶ ବର୍ଷ ତଳେ ମୋର ପୁଅର ବାହାଘର ହେଲା । ପୁଅ ଓ ବୋହୁ ଦୁଇଜଣ ଭୁବନେଶ୍ୱରରେ ଚାକିରି କରିଛନ୍ତି । ମୁଁ, ମୋ ସ୍ତ୍ରୀ, ପୁଅ ଓ ବୋହୁ ଅତି ଆନନ୍ଦରେ ଦିନ କାଟୁଥିଲୁ । ଦୁଇ ବର୍ଷ ତଳେ ଏକ ଆକସ୍ମିକ ଦୁର୍ଘଟଣାରେ ମୋର ସ୍ତ୍ରୀଙ୍କର ଦେହାନ୍ତ ହେଇଯାଇଛି । ଏବେ ଭୁବନେଶ୍ୱରରେ ନିଜ ଘରେ ମୁଁ, ମୋ ପୁଅ ଓ ବୋହୂ ଏକାଠି ରହୁଛୁ । ପୁଅବୋହୂ ଦୁଇଜଣ ବଡ ମଲ୍ଟିନ୍ୟାସନାଲ୍ କଂପାନିରେ ଚାକିରି କରନ୍ତି । ମୋର ନାତିକୁ ୬ ବର୍ଷ ବୟସ । ସେ ସ୍କୁଲ୍‌ରେ ପାଠ ପଢୁଛି । ଚଳିବାକୁ ଆମ ଘରେ କୌଣସି ପ୍ରକାରର ଅସୁବିଧା ନାହିଁ । ଘରର ସମସ୍ତ ଖର୍ଚ୍ଚ ପୁଅବୋହୁ ବହନ କରୁଛନ୍ତି । ଟଙ୍କାଟିଏ ବି ଖର୍ଚ୍ଚ କରିବାର ସୁଯୋଗ ସେମାନେ ମୋତେ ଦେଉ ନାହାନ୍ତି । ଯେହେତୁ ମୁଁ ପେନସନ

▼ସୌଦାମିନୀ ମିଶ୍ରଙ୍କ ହସଖୁସିର ପରିବାର



ପାଉଛି ତେଣୁ ମୁଁ ଘରର ଖର୍ଚ୍ଚ ପାଇଁ କିଛି ଅର୍ଥ ଦେଇ ସେଥିରେ ଅଂଶୀଦାର ହେବାକୁ ଚାହୁଁଛି । ଅନେକ ଥର ପୁଅକୁ ଏ କଥା କହିବି ବୋଲି ଭାବିଲେ ବି ମନରେ ଡର ଆସୁଛି । ଭାବୁଛି କାଳେ ଯଦି ପୁଅବୋହୂ ଏ କଥା ଶୁଣି ମୋତେ ଖରାପ ଭାବିବେ । ଏହିପରି ଅନେକ ହଁ, ନାହିଁର ଦ୍ୱନ୍ଦ୍ୱରେ ରହି ମୁଁ ମନେ ମନେ ଅନେକ କଷ୍ଟ ପାଉଛି । କଣ କଲେ ଠିକ ହେବ ସେ ଦିଗରେ ମୋତେ ଟିକେ ବାଟ ବତାନ୍ତୁ ।

**ପ୍ରଶାନ୍ତ କୁମାର ରଥ, ଭୁବନେଶ୍ୱର**

**ସମାଧାନର ସୂତ୍ର:**

ଖୁସି ଲାଗିଲା ଯେ ଆପଣ ସବୁ କଥା ମନ ଖୋଲି ଲେଖିଛନ୍ତି । ଏଥିରୁ ଜଣା ପଡୁଛି ଯେ ଆପଣ ଜଣେ ସରଳ ମନୋଭାବର ଲୋକ । ଆପଣ ମନେ ମନେ ଯାହା ଭାବିଛନ୍ତି ସେଥିରେ କୌଣସି ପ୍ରକାର ଆବିଳତା ନାହିଁ କିମ୍ବା ଛନ୍ଦକପଟ ନାହିଁ । ଭୁବନେଶ୍ୱରରେ ନିଜ ଖର୍ଚ୍ଚରେ ଘରଟିଏ କରିଛନ୍ତି ବୋଲି ଆପଣ ସେଠାରେ ସୁଖରେ ଅଛନ୍ତି । ଆପଣ ଭାଗ୍ୟବାନ ଯେ ପୁଅବୋହୂ ଆପଣଙ୍କ ପାଖରେ ଅଛନ୍ତି । କାରଣ ଗୋଟିଏ ସହରରେ ରହି ମଧ୍ୟ ପୁଅବୋହୂ ବାପାମାଆଙ୍କ ଠାରୁ ଅଲଗା ରହିବାର ଅନେକ ଉଦାହରଣ ରହିଛି । ଆହୁରି ଖୁସିର କଥା ଯେ ଆପଣ ପେନ୍‌ସନ୍ ପାଇବା ସତ୍ତ୍ୱେ ମଧ୍ୟ ପୁଅବୋହୂ ଆପଣଙ୍କୁ କିଛି ନ ମାଗି ସେମାନେ ନିଜେ ଘରର ସମସ୍ତ ଖର୍ଚ୍ଚ ତୁଲାଉଛନ୍ତି । ଅବଶ୍ୟ ସେମିତି ଦେଖିବାକୁ ଗଲେ ସେଇଟା ବି କିଛି ବଡ କଥା ନୁହେଁ । କାରଣ ଆପଣଙ୍କ ପାଇଁ କେତେ ବା ଖର୍ଚ୍ଚ ହେଉଥିବ । ଏଥିପାଇଁ ଆପଣ ମନରେ ନିଜକୁ ଦୋଷୀ ଭାବିବା ଆଦୌ ଉଚିତ ନୁହେଁ । ନିଜ ଘରେ ଆପଣ ଅଛନ୍ତି । ଏଣୁ ଘରଭଡା ଦେବାକୁ ପଡୁନି । ଆପଣ ଘର ଖଣ୍ଡେ କରିଛନ୍ତି ବୋଲି ଆଜି ପୁଅବୋହୂ ସେଠାରେ ଖୁସିରେ ଅଛନ୍ତି । ଆପଣଙ୍କ ପରେ ସେମାନେ ଦୁହେଁ ହିଁ ସେହି ଘରର ମାଲିକ ହେବେ । ଏହା ହିଁ ତାଙ୍କ ପାଇଁ ଆପଣଙ୍କ ତରଫରୁ ଏକ ବଡ ଉପହାର । ତଥାପି ଯଦି ଆପଣ ଚାହୁଁଛନ୍ତି ଘରଖର୍ଚ୍ଚରେ ପୁଅ ସହିତ କିଛି ଭାଗିଦାର ହେବା ପାଇଁ ତାହାର ଅନେକ ବାଟ ରହିଛି । ଯେପରିକି ମଝିରେ ମଝିରେ ଘର ପାଇଁ ସଉଦା, ପରିବା ଅବା ଅନ୍ୟାନ୍ୟ ସାମଗ୍ରୀ ଆଣି ପାରିବେ । କାରଣ ସେ ସବୁ ପାଇଁ ପୁଅବୋହୁଙ୍କର ଅନୁମତି ଦରକାର ନାହିଁ । ନାତି ପାଇଁ ମଧ୍ୟ ବିଭିନ୍ନ ପ୍ରକାର ସାମଗ୍ରୀ କିଣି ପାରିବେ । କିନ୍ତୁ ଆପଣ ଯଦି ଚାହୁଁଥାନ୍ତି ଘରେ ପ୍ରତ୍ୟେକ ମାସରେ ଖର୍ଚ୍ଚ ହେଉଥିବା ଅର୍ଥର କିଛି ପରିମାଣ ଆପଣ ଦେବେ ତେବେ ହୁଏତ ସେ କଥାକୁ ପୁଅବୋହୂ ଅନ୍ୟ ପ୍ରକାରରେ ନେଇ ପାରନ୍ତି । ତଥାପି ଆପଣ ଯଦି ଚାହୁଁଛନ୍ତି ପୁଅ ସହିତ ଏକାନ୍ତରେ ବସି ମନଖୋଲି କଥା ହେଇ ପାରିବେ । ମନ ଭିତରେ ଏହିପରି ଭାବନାକୁ ଚାପିରଖି ଯନ୍ତ୍ରଣା ପାଇବା ଅପେକ୍ଷା ମନଖୋଲି ପୁଅ ସହିତ ଏକାନ୍ତରେ ବସି ମୁହାଁମୁହିଁ କଥା ହେଇଯିବା ବହୁତ ଭଲ । ଆପଣ ଯାହା ପଚାରିଛନ୍ତି ତାହା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଏଣୁ ଯାହା କରିବେ ସବୁବେଳେ ଆଗପଛ ବିଚାର କରି କରିବେ । ଆଶା ଆପଣଙ୍କୁ ଯଥାଶୀଘ୍ର ସମାଧାନର ଦିଗ ମିଳିପାରିବ ।

**ସମସ୍ୟା: ୩**

ମୁଁ ମୋର ପାଠ ସରିବା ପରେ ଏକ ଘରୋଇ ସଂସ୍ଥାରେ କାମ କରୁଛି । ସେଠାରେ ମୁଁ ଅନେକ ଦିନ ହେବ କାମ କରୁଛି । ସବୁ କାର୍ଯ୍ୟକୁ ମୁଁ ଦାୟିତ୍ୱର ସହିତ ତୁଲାଇଥାଏ । ସେଇଟା ମୋର କର୍ମସଂସ୍ଥାନ ନୁହେଁ ବରଂ ମୋର କର୍ମମନ୍ଦିର । ମୁଁ ଅନେକ ଯୋଗ୍ୟ ପିଲାଙ୍କୁ ଆଣି ସେଠାରେ ଚାକିରି ପାଇବାରେ ସହଯୋଗ ମଧ୍ୟ କରିଛି । ହଠାତ ଦିନେ ଆମ ଅଫିସର ମାଲିକ ମୋଠାରୁ କମ୍ ଦକ୍ଷତା ଥିବା ମୋର ଜଣେ ସହକର୍ମୀଙ୍କୁ ମୋର ରିପୋର୍ଟିଂ ଅଫିସର କରିଦେଲେ । ମୋର ସହକର୍ମୀ ଯେଉଁ

ଜ୍ୟୋତ୍ସ୍ନାରାଣୀ ଉପାଧ୍ୟାୟ ନନ୍ଦଙ୍କ ହସଖୁସିର ପରିବାର



ପ୍ରୋଜେକ୍ଟର ମୁଖ୍ୟ ହେଲେ ତାହାକୁ ମୁଁ ବହୁତ କଷ୍ଟ କରି ଆଗକୁ ବଢାଇଥିଲି । ଯଦିଓ କୌଣସି ଆଶା ନ ଥିଲା ତଥାପି ମାଲିକଙ୍କର ଏହି ନିଷ୍ପତିକୁ ମୁଁ ସହଜରେ ଗ୍ରହଣ କରିପାରିଲି ନାହିଁ । ମୁଁ ସଂସ୍ଥାର ମାଲିକଙ୍କୁ ସିଧାସଳଖ ପଚାରି ପାରିଲି ନାହିଁ ତେଣୁ ପରୋକ୍ଷ ଭାବରେ ପଚାରିବାକୁ ଚେଷ୍ଟା କରିଲି । ତଥାପି କୌଣସି ଆଶାଜନକ ଉତର ପାଇଲି ନାହିଁ । କିଛି ଜଣ ମୋର ଏହି ଭାବନା ପାଇଁ ମୋତେ ଭୁଲ୍ ବୁଝିଛନ୍ତି । ମୋର ମନରେ ଅନେକ ଦ୍ୱନ୍ଦ୍ୱ ରହୁଛି ଯେପରିକି ସଠିକ୍ ସମୟକୁ ଅପେକ୍ଷା କରିବି ଅବା ସେ ପ୍ରୋଜେକ୍ଟ ଛାଡି ଅନ୍ୟ କୌଣସି ପ୍ରୋଜେକ୍ଟ ହାତକୁ ନେବି ଅବା ସେ ସଂସ୍ଥାକୁ ସଂପୂର୍ଣ୍ଣରୂପେ ଛାଡିଦେବି ଅବା ସିଧାସଳଖ ନିଜ ମତାମତକୁ ମାଲିକଙ୍କୁ ପଚାରିବି ଏହିପରି ଅନେକ କିଛି । କିନ୍ତୁ ମୁଁ କିଛି ସ୍ଥିର କରି ପାରୁନି । ଫଳରେ ମାନସିକ ସ୍ତରରେ ବିବ୍ରତ ରହୁଛି । ଜାଣିପାରୁନି ଏଭଳି ପରିସ୍ଥିତିରେ ମୋର କଣ କରିବା ଠିକ୍ ହେବ ? ଦୟାକରି ମୋତେ ଉଚିତ ରାସ୍ତା ଦେଖାନ୍ତୁ ।

**ରମେଶ କୁଣ୍ଡୁ, ନୟାଗଡ଼**

### ସମାଧାନର ସୂତ୍ର

ଆପଣଙ୍କ ମାନସିକ ଅସ୍ଥିରତାକୁ ମୁଁ ବୁଝି ପାରୁଛି । କିନ୍ତୁ ଆପଣ ଏ ସବୁ କଥାରେ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣ ଜାଣିଥାନ୍ତୁ ସରକାରୀ ହେଉ ଅବା ବେସରକାରୀ ଅଫିସ ସବୁଠାରେ ଏହିପରି କାର୍ଯ୍ୟ ଚାଲିଛି । ଆପଣଙ୍କ ସଂସ୍ଥାର ମାଲିକ କାହିଁକି ଏଭଳି ନିଷ୍ପତି ନେଲେ ସେ କଥା କେବଳ ସେ ହିଁ ଭଲ ଭାବରେ ଜାଣିଥିବେ । ସେ ଯେତେବେଳେ ସଂସ୍ଥାର ମାଲିକ । ତେଣୁ ସେ କେବେ ସଂସ୍ଥାର ଖରାପ କରିବେ ନାହିଁ । ନିଶ୍ଚିତରୂପେ ସଂସ୍ଥାର କିଛି ସୁବିଧା ଅବା ଲାଭ ପାଇଁ ସେ ଏପରି କରି ଥାଇପାରନ୍ତି । ଏଣୁ ଆପଣ ଏଥିରେ ମର୍ମାହତ ଅବା ବିଚଳିତ ହେବା ଠିକ୍ ନୁହେଁ । ଅନ୍ୟ କାହାର ଦକ୍ଷତା ଆପଣଙ୍କଠାରୁ କମ୍ ବୋଲି ମଧ୍ୟ ଭାବନ୍ତୁ ନାହିଁ । ଆମେ କେବଳ ନିଜର ଦକ୍ଷତାକୁ ଚିହ୍ନି ତାହାକୁ ହିଁ କାମରେ ଦେଖାଇବା । କିନ୍ତୁ ଅନ୍ୟର ଦକ୍ଷତା ଉପରେ କୌଣସି ମନ୍ତବ୍ୟ ଦେବାର ଅଧିକାର ଆମର ନାହିଁ । ଆପଣଙ୍କ କଥାରୁ ଜଣା ପଡୁଛି ଯେ ଆପଣ ଅତ୍ୟଧିକ ଭାବପ୍ରବଣ ହୋଇ ପଡିଛନ୍ତି । ମନେ ରଖନ୍ତୁ କୌଣସି ପରିସ୍ଥିତିରେ ବି କାର୍ଯ୍ୟକ୍ଷେତ୍ରରେ ଭାବପ୍ରବଣ ହେବା ଉଚିତ ନୁହେଁ । ଆମକୁ ଯେଉଁ ଦାୟିତ୍ୱ ମିଳିଛି ତାହାକୁ ଭଗବାନଙ୍କ ଆଶୀର୍ବାଦ ଭାବି ସୂଚାରୁରୂପେ ତୁଲାଇବା ପାଇଁ ଧ୍ୟାନ ଦେବା ଉଚିତ । କିଏ କଣ କଲା ଅବା ନ କଲା ସେଥିପ୍ରତି ନଜର ଦେଲେ ଆମେ କେବଳ ନିଜର ହିଁ କ୍ଷତି କରିବା । ବିଚଳିତ ମନୋଭାବ ନେଇ ଆମେ କେବେ ବି ଉତମ କାମ କରି ପାରିବା ନାହିଁ । ଆପଣ ଯେତେ ଦିନ ପର୍ଯ୍ୟନ୍ତ ଭଲ କାମ କରୁଥିବେ, କେହି ପ୍ରଶଂସା କରୁ ବା ନ କରୁ ନିଜେ ମାନସିକ ଶାନ୍ତି ସହିତ ଆନନ୍ଦ ପାଉଥିବେ । ଆପଣଙ୍କ ଜୀବନରେ ଯାହା ଘଟିଲା ତାହା ଏକ ସାମାନ୍ୟ ଘଟଣା । ଏଥିରେ ବିଚଳିତ ହୋଇ ଚାକିରି ଛାଡିବା ଅବା ପ୍ରୋଜେକ୍ଟ ଛାଡିବା କଥା ଭାବିବା ହିଁ ମୁର୍ଖାମି । ବରଂ ଏହାକୁ ଅଣଦେଖା କରି ପୂର୍ବରୁ ଯେପରି ଆନନ୍ଦ ମନରେ କାମ କରୁଥିଲେ ସେହିପରି କାମ କରି ଚାଲନ୍ତୁ । ନିଜ ଉପରେ ଭରସା ରଖନ୍ତୁ ସମୟ ଅନୁସାରେ ସବୁ ଠିକ୍ ହୋଇଯିବ । ଭୁଲ୍‌ରେ ବି ଆପଣଙ୍କର ମନର ଅଶାନ୍ତିକୁ ଅନ୍ୟ ଆଗରେ ପ୍ରକାଶ କରନ୍ତୁ ନାହିଁ । ତାହା ଆପଣଙ୍କର ଦୁର୍ବଳ ବ୍ୟକ୍ତିତ୍ୱର ପରିଚୟ ଦେବ ।

ପ୍ରଣତି ତ୍ରିପାଠୀଙ୍କ ହସଖୁସିର ପରିବାର



# କର୍ମକ୍ଷେତ୍ରରେ ପରିଧାନ



# କର୍ମକ୍ଷେତ୍ରରେ ପରିଧାନ




**ସ୍ୱାଗତିକା ସେଠୀ**

କେଶରୀ ନେକ୍ଲେଭ୍, ଏ-୧୦୫
ୟୁନିଟ-୮, ନୂଆପଲ୍ଲୀ
ଭୁବନେଶ୍ୱର-୧୨
ଫୋନ୍:୯୪୩୭୮୧୫୫୪୦


ଫଟୋ ସୌଜନ୍ୟ : ଲେଖିକା







ବୟସ ବଢିବା ସହ ନିଜକୁ କେଉଁ ଶୈଳୀର ପରିଧାନ ମାନୁଛି ତାହା ଆମେ ଆସ୍ତେ ଆସ୍ତେ ଆବିଷ୍କାର କରିଥାଉଁ । ଆଉ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଭିନ୍ନ ଭିନ୍ନ ପରିଧାନ ପିନ୍ଧିଥାଉଁ । କହିବାକୁ ଗଲେ ଜଣଙ୍କ ପରିଧାନରୁ ତା' ବ୍ୟକ୍ତିତ୍ୱର ଝଲକ ମିଳିଥାଏ । ତେଣୁ କେଉଁ ପରିସ୍ଥିତିରେ କିପରି ପରିଧାନ ପିନ୍ଧିବାକୁ ହୁଏ ଜାଣି ପାରିଲେ ତାହା ଜଣଙ୍କର ପରିବାର, ପରିପାର୍ଶ୍ୱ, ବ୍ୟବସାୟ ଓ ବୃତ୍ତିରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଜଣଙ୍କ ପରିଧାନରୁ ତା'ର ପ୍ରୋଫେସନାଲିଜିମ୍ ଓ କର୍ମକ୍ଷେତ୍ର ସମ୍ବନ୍ଧରେ ଜାଣି ହୁଏ । ତାହା ହେଲେ ଚାଲନ୍ତୁ ଜାଣିବା ନିଜ କର୍ମକ୍ଷେତ୍ରରେ କିପରି ପରିଧାନ ପିନ୍ଧିବା ।

ଆଜିକା ଦିନରେ ଉଭୟ ପୁରୁଷ ଓ ନାରୀ ବିଭିନ୍ନ ପ୍ରକାର କ୍ଷେତ୍ରରେ କାମ କରୁଛନ୍ତି । ଆଉ ବିଭିନ୍ନ ପ୍ରକାର କାମ ପାଇଁ ଜଣକୁ ଭିନ୍ନ ଭିନ୍ନ ପୋଷାକ ପିନ୍ଧିବାକୁ ହୋଇଥାଏ । ଆମ ଓଡିଶାରେ ଶାଢୀ, ଧୋତି ପରି ପାରମ୍ପରିକ ପରିଧାନ ଥିଲେ ମଧ୍ୟ ଆଜିକା ଯୁଗରେ କର୍ମକ୍ଷେତ୍ର ଅନୁଯାୟୀ ପରିଧାନ ପିନ୍ଧିବାକୁ ହେଉଛି ।

ଯଦି ଜଣଙ୍କ କର୍ମକ୍ଷେତ୍ରରେ ଲୋକମାନଙ୍କ ସମ୍ପର୍କରେ ଆସିବାକୁ ହେଉଥାଏ, ଯେପରିକି ବ୍ୟାଙ୍କ୍, ଅଫିସ୍ ଆଦି, ସେଠାରେ ପ୍ରଚଳିତ ପ୍ରଥା ଅନୁଯାୟୀ ମାନେ ଫର୍‌ମାଲ୍ ପରିଧାନ ପିନ୍ଧିବାକୁ ହୋଇଥାଏ । ପୁରୁଷମାନେ ଫର୍‌ମାଲ୍ ହାଫ୍ କିମ୍ବା ଫୁଲ୍ ସାର୍ଟ ସହିତ ଫର୍‌ମାଲ୍ ଟ୍ରାଉଜର୍ ପିନ୍ଧିବା ଉଚିତ୍ । ସେହିପରି ନାରୀମାନେ ଶାଢି କିମ୍ବା ସାଲୁଆର /ଚୁଡିଦାର୍ କମିଜ୍ ପିନ୍ଧି ପାରିବେ । ଅଥବା ପୁରୁଷଙ୍କ ପରି ଫର୍‌ମାଲ୍ ଟ୍ରାଉଜର୍ କିମ୍ବା ସ୍କର୍ଟ ପରିଧାନ କରି ପାରିବେ । ଫର୍‌ମାଲ୍ ଟ୍ରାଉଜର୍ ସହ ସର୍ଟ କୁର୍ତି ମଧ୍ୟ ଖୁବ୍ ଭଲ ଲାଗିଥାଏ । ଉଭୟ ପୁରୁଷ ଓ ନାରୀ ଫର୍‌ମାଲ୍ ସାର୍ଟ ପିନ୍ଧିବା ବେଳେ ଅତି ବେଶିରେ ସାର୍ଟର ପ୍ରଥମ ବୋତାମ୍ ଛଡା ଅନ୍ୟ ବୋତାମ୍ ଖୋଲା ରଖିବା ଅନୁଚିତ୍ । ନହେଲେ ତାହା ଅଶୋଭନୀୟ ଲାଗିବ । ନାରୀମାନେ ଶାଢି ପିନ୍ଧୁଥିଲେ ଶାଢିକୁ ଭଲ ଭାବରେ ପିନ୍ କରି ପିନ୍ଧିବା ଉଚିତ୍ ଯେପରିକି କାମ କରିବାକୁ ସୁବିଧା ହେବ ଓ ଅନ୍ୟ ଆଖିକୁ ମଧ୍ୟ ପରିଷ୍କାର ଦିଶିବ । ବ୍ଲାଉଜ୍ ଓ କମିଜ୍‌ର ହାତ ଖୁବ୍ ଛୋଟ ରଖିବା କିମ୍ବା ଗହିରିଆ ବେକ କାର୍ଯ୍ୟକ୍ଷେତ୍ରରେ ପିନ୍ଧିବା ଅନୁଚିତ । ଏହା ହୁଏତ କିଛି ଲୋକଙ୍କୁ ଭୁଲ୍ ସଙ୍କେତ ଲାଗିପାରେ । କୁର୍ତ୍ତା, କମିଜ୍ କିମ୍ବା ସ୍କର୍ଟ ପିନ୍ଧିବା ବେଳେ ଧ୍ୟାନ ଦେବେ ଯେପରି ଏହା ଅଧିକା ଘେରଯୁକ୍ତ ହୋଇ ନଥିବ କିମ୍ବା ଖୁବ୍ ଲମ୍ବା ହୋଇ ନଥିବ ।

ପବ୍ଲିକ୍ ସେକ୍ଟର୍‌ରେ କାମ କରୁଥିବା କର୍ମଚାରୀଙ୍କୁ ନିଜ ପରିଧାନର ରଙ୍ଗ ଉପରେ ମଧ୍ୟ କିଛିଟା ଧ୍ୟାନ ଦେବାକୁ ପଡିବ । ଧଳା ରଙ୍ଗର ପରିଧାନ ନିର୍ମଳ ଓ ମର୍ଯ୍ୟାଦାସମ୍ପନ୍ନତାକୁ ସୂଚାଇ ଥାଏ । ସେହିପରି କଳା, ନେଭି ବ୍ଲୁ ପରି ରଙ୍ଗ ଦୃଢତା,

ଜ୍ଞାନ ଓ ଦାୟିତ୍ୱବୋଧ ଦର୍ଶାଇ ଥାଏ । ହାଲୁକା ରଙ୍ଗ(ହାଲୁକା ନୀଳ, ହାଲୁକା ହଳଦିଆ, ହାଲୁକା ଗୋଲାପି ଆଦି ପାସଲ୍ କଲର୍) ନମନୀୟତା ଓ କୋମଳତାକୁ ଦର୍ଶାଏ । ଯାହାକି ସାଧାରଣ ଲୋକକୁ ବନ୍ଧୁଭାବସମ୍ପନ୍ନର ସୂଚନା ଦେଇଥାଏ । ଗାଢ ମାଟିଆ ରଙ୍ଗ ବିଶ୍ୱାସଯୋଗ୍ୟତା ଓ ଦୃଢତାର ପରିଚୟ ଦେଉଥିବା ସ୍ଥଳେ ଏହାର ଟିଂଟ୍ ଓ ଟୋନ୍ (ଧଳା ଓ ପାଉଁଶିଆ ମିଶ୍ରିତ) ଏତେଟା ପରିସ୍କାର ମନେ ହୁଏନାହିଁ ଓ ଅମନୋଯୋଗିତାକୁ ଦର୍ଶାଇ ଥାଏ ।

କର୍ମକ୍ଷେତ୍ରର ପରିଧାନ ସବୁବେଳେ ସଠିକ୍ ଫିଟ୍ ହେଉଥିବା ଆବଶ୍ୟକ । ନିଜ ମାପ ଠାରୁ ଅଧିକ ବଡ କିମ୍ବା ଖୁବ୍ ସାନ ମାପର ପରିଧାନ ପିନ୍ଧିବା ଅନୁଚିତ । ନିଜ ମାପ ଠାରୁ ଗୋଟିଏ ମାପ ଅଧିକା ପିନ୍ଧିଲେ ଭଲ ଦେଖା ଯାଏ । କୋଟ୍ ସୁଟ୍, ଟାଇ ଆଦିରେ ସମସ୍ତେ ସ୍ମାର୍ଟ ଲାଗୁଥିଲେ ମଧ୍ୟ ଓଡିଶା ପରି ଗ୍ରୀଷ୍ମପ୍ରଧାନ ସ୍ଥାନରେ ସେସବୁକୁ ପରିହାର କରାଯାଇ ପାରେ ।

ଆଜିକାଲି ଆଇଟି କମ୍ପାନୀଗୁଡିକ ନିଜ କର୍ମଚାରୀଙ୍କୁ ଚାପମୁକ୍ତ କରିବା ପାଇଁ ନିଜ ଇଚ୍ଛା ମୁତାବକ ପରିଧାନ ପିନ୍ଧିବା ପାଇଁ ଅନୁମତି ଦେଉଛନ୍ତି । ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ମନଇଚ୍ଛା ପରିଧାନ ପିନ୍ଧିବା ଅନୁଚିତ । କାରଣ ଅଚାନକ କିଛି ମିଟିଂ ପାଇଁ ହୁଏତ ନିଜର ଉପରିସ୍ଥ ଅଧିକାରୀଙ୍କ ସହ ଆପଣଙ୍କୁ ଦେଖା କରିବାକୁ ପଡିପାରେ । ଆଉ ସେ ଆପଣଙ୍କ ପରିଧାନରୁ ଆପଣଙ୍କ ଯୋଗ୍ୟତାକୁ ଅଣଦେଖା କରି ପାରନ୍ତି । ଆଇଟି କ୍ଷେତ୍ରରେ କାମ କରୁଥିଲେ କାର୍ଯ୍ୟକ୍ଷେତ୍ରକୁ ଜିନ୍ସ(ଡେନିମ୍) ପିନ୍ଧି ଯାଇ ପାରିବେ । ହେଲେ ତାହା ରିପିଙ୍ଗ୍ ହୋଇ ନଥିବା ଆବଶ୍ୟକ । କିଛି ସମୟ ଟି-ସାର୍ଟ, ପୋଲୋ, ଟର୍ଟଲ୍ ଆଦି ପିନ୍ଧି ପାରିବେ ।

ଶାରିରୀକ ପରିଶ୍ରମ କାମ ପାଇଁ ଆରାମଦାୟକ ପୋଷାକ ଯାହା ଶରୀରକୁ ସୁରକ୍ଷା ଦେଉଥିବ ପିନ୍ଧିବା ଉଚିତ । ଅଧିକାଂଶ କ୍ଷେତ୍ରରେ କାର୍ଯ୍ୟକ୍ଷେତ୍ରରେ ଏଥିପାଇଁ ପରିଧାନ ଯୋଗାଇ ଦିଆ ଯାଇଥାଏ ।

କାର୍ଯ୍ୟକ୍ଷେତ୍ରରେ ପୋଷାକ ପରିଚ୍ଛେଦ ସହ ଜୋତା ଚପଲକୁ ମଧ୍ୟ ବିଶେଷ ଧ୍ୟାନ ଦେବା ଉଚିତ୍ । ପାଦ ଆଙ୍ଗୁଠି ଦିଶୁ ନଥିବା ପରି ଜୋତା ପିନ୍ଧିବା ଉପଯୁକ୍ତ ହୋଇ ଥାଏ । ଏହା ସହ ଦୀର୍ଘ ସମୟ ପିନ୍ଧିବା ପାଇଁ ଜୋତା ଚପଲଗୁଡିକ ଆରାମଦାୟକ ହବା ଆବଶ୍ୟକ । ନାରୀମାନେ ଅତି ଚମକିଲା ଆଭୂଷଣ(ଅତ୍ୟଧିକ ଚୁଡି, ଗହଣା ଆଦି) ପିନ୍ଧିବା ଅନୁଚିତ । କାରଣ ଏହା ଖୁବ୍ ଅନପ୍ରୋଫେସନାଲ୍ ଲାଗେ । ସେହିପରି ହାତରେ ବଡ ନଖ ମଧ୍ୟ ରଖିବା ଅନୁଚିତ ।

ନିଜ ବୟସକୁ ଧ୍ୟାନରେ ରଖି ପରିଧାନ ଚୟନ କରିବା ଉଚିତ୍ । ଯଦି ଶରୀରରେ ଚିତା କୁଟାଇଛନ୍ତି(ଟାଟୁ) ତେବେ କାର୍ଯ୍ୟକ୍ଷେତ୍ରରେ ସେଗୁଡିକ ନ ଦେଖା ଗଲା ପରି ପୋଷାକ ପିନ୍ଧନ୍ତୁ । ହାଲୁକା ମେକ୍ ଅପ୍ ଓ ପରଫ୍ୟୁମ୍ ଲଗାନ୍ତୁ । ପରିଚ୍ଛନ୍ନ (ନିଟ୍)କେଶସଜ୍ଜା କରନ୍ତୁ । ଯଦି ଆପଣ କାର୍ଯ୍ୟକ୍ଷେତ୍ରରେ ନିଜ ପରିଧାନକୁ ନେଇ ନିଶ୍ଚିତ ନାହାନ୍ତି ତେବେ କୌଣସି ସଠିକ ସହଯୋଗୀ କିମ୍ବା ଉପରିସ୍ଥ କର୍ମଚାରୀଙ୍କ ଠାରୁ ସହଯୋଗ ଲୋଡି ପାରନ୍ତି । କାହାର ପରିଧାନ ଭଲ ଲାଗୁଥିଲେ ତାହାକୁ କପି ନ କରି ତାକୁ ଅନୁସରଣ କରନ୍ତୁ ।

କର୍ମଚାରୀର ପରିଧାନ ତା' କାର୍ଯ୍ୟକ୍ଷେତ୍ରର ପ୍ରତିବିମ୍ବ । ତେଣୁ କେତେକ କମ୍ପାନୀ ନିଜ କର୍ମଚାରୀଙ୍କ ପାଇଁ ଡ୍ରେସ୍ କୋଡ୍ ମଧ୍ୟ ନିର୍ଦ୍ଧାରଣ କରିଛନ୍ତି ।

ଏବେ ମନକୁ ନିମ୍ନୋକ୍ତ ପ୍ରଶ୍ନ ଆସି ପାରେ । ଜଣକୁ ସବୁଦିନ କାର୍ଯ୍ୟ କ୍ଷେତ୍ରକୁ ଯିବାକୁ ହେବ । ଏତେସବୁ ନିୟମ ମାନି କାର୍ଯ୍ୟକ୍ଷେତ୍ରର ପୋଷାକ ଓ ଫୁରୁସତ୍ ସମୟରେ ମନମୁତାବକ ପୋଷାକ ପାଇଁ ତାହାଲେ ଜଣଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡିପାରେ ? ଏଥିରୁ ବଂଚିବା ପାଇଁ ଆମକୁ ପ୍ରଥମେ ଆମ ପରିଧାନ ପାଇଁ ବଜେଟ୍ ଠିକ୍ କରିବାକୁ ହେବ । ପୋଷାକ କିଣିବା ବେଳେ କିଛି କଥା ମନରେ ରଖିବାକୁ ହେବ । କିଣିଲା ବେଳେ ଏମିତି କିଛି ଷ୍ଟାଇଲ୍‌ର ପୋଷାକ କିଣା ଯାଇପାରେ ଯାହା ଅଧିକ ଦିନ ପର୍ଯ୍ୟନ୍ତ ଫ୍ୟାଶନ୍‌ରେ ରହିବ । କିଛି ମନ ପସନ୍ଦର ପୋଷାକ ନିଜ ବଜେଟ୍‌କୁ ଆଖି ଆଗରେ ରଖି କିଣା ଯାଇପାରେ ଯାହାକୁ ଫର୍ମାଲ୍ ପୋଷାକ ସହ ମିକ୍ସ ଆଣ୍ଡ୍ ମ୍ୟାଚ୍ କରି ପିନ୍ଧିଲେ ଫୁରସତ୍ ପରିଧାନରେ ବି ସୁନ୍ଦର ଦେଖା ଯିବ । ଫର୍ମାଲ୍ ପୋଷାକକୁ କିଛିଟା ଅଦଳ ବଦଳ କରି ତା' ସହ କିଛି ଆକ୍ସେସୋରି ମିଶାଇ ତାକୁ ପାର୍ଟି ପାଇଁ ମଧ୍ୟ ପିନ୍ଧା ଯାଇ ପାରିବ ।

ନିଜ କାର୍ଯ୍ୟକ୍ଷେତ୍ରର ପରିବେଶ ଅନୁଯାୟୀ ନିଜର ପରିଧାନ ପିନ୍ଧିବା ଆବଶ୍ୟକ ଯାହା ଆପଣଙ୍କ କାର୍ଯ୍ୟ ଦକ୍ଷତାକୁ ବଢାଇବା ସହ କାର୍ଯ୍ୟକ୍ଷେତ୍ରର ମହତ୍ୱକୁ ମଧ୍ୟ ବଢାଇବ ।

ଏତେସବୁ ଜାଣିବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷଟି ହେଲା ନିଜର ବ୍ୟକ୍ତିତ୍ୱ । ଏହା କେବଳ ପରିଧାନ ଠାରୁ ଆସି ନଥାଏ । ବରଂ ନିଜ କାର୍ଯ୍ୟକ୍ଷେତ୍ର ଓ ନିଜ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟର ସଠିକ୍ ଜ୍ଞାନ, ନିଜ କୌଶଳ, ବ୍ୟକ୍ତିତ୍ୱ, କର୍ତ୍ତବ୍ୟନିଷ୍ଠ, ଆତ୍ମବିଶ୍ୱାସରୁ ଜଣଙ୍କର ବ୍ୟକ୍ତିତ୍ୱର ପରିଚୟ ମିଳେ । ସେଇଥି ପାଇଁ ବ୍ୟକ୍ତିତ୍ୱର ଅଭିବୃଦ୍ଧି ପାଇଁ ବିଷେଶ ଧ୍ୟାନ ଦେବା ଆବଶ୍ୟକ ।






**SHOWROOM : SOUMIK JEWELS**

1ST FLOOR, OF HERO SHOWROOM, DALA CHAWAK
NEAR SBI MAIN BRANCH, JAJPUR ROAD
PIN- 755019, PHONE 6371771930

# ମନଲୋଭା ଦଲିଆ ମହକ



# ଦଲିଆ ପସରା



**ରୋନାଲିସା ପଣ୍ଡା**
ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧
ଫୋନ: ୭୦୦୮୪୮୬୭୩୮

ଫଟୋ ସୌଜନ୍ୟ : ଲେଖିକା

## ଦଲିଆ ଖିରି

**ଆବଶ୍ୟକ ସାମଗ୍ରୀ :** ଦଲିଆ ୧କପ୍, କ୍ଷୀର ୧ ଲିଟର, ଗୁଡ଼ ୨କପ୍, ଗୁଜରାତି ଗୁଣ୍ଡ ଅଳ୍ପ, ତେଜପତ୍ର ୨ଟା, ଘିଅ ୧ଚାମଚ, କାଜୁ ଓ କିସ୍‌ମିସ୍ ୧କପ୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟେ ସସ୍‌ପ୍ୟାନ୍‌ରେ ଗୁଡ଼କୁ ୧/୨କପ୍ ପାଣି ଦେଇ ଟିକେ ଫୁଟାଇ କାଢ଼ି ଦିଅନ୍ତୁ । ଗୋଟେ ପ୍ରେସର୍ କୁକର୍‌ରେ ଟିକେ ଘିଅ ପକାନ୍ତୁ ଓ ସେଥିରେ କାଜୁ ଓ ଦଲିଆ ଦେଇ ଭାଜନ୍ତୁ । ଏହାପରେ ସେଥିରେ ଲୁଣ ଓ ତେଜପତ୍ର ପକାଇ ୨ଗ୍ଲାସ୍ ପାଣି ଦେଇ ୨ଟା ହୁଇଶିଲ୍ ଦେବା ପରେ ଚୁଲି ବନ୍ଦ କରି ଦିଅନ୍ତୁ । ଥଣ୍ଡା ହେଲା ପରେ ତାଙ୍କୁଣି କାଢ଼ି ଦିଅନ୍ତୁ ଓ ସେଥିରେ କ୍ଷୀର ପକାଇ ଘାଣ୍ଟି ଗ୍ୟାସ୍ ଚୁଲି ଲଗାଇ ଧିରେ ଧିରେ ବହଳ ହେଲା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ପରେ ଆଗରୁ ଥିବା ଗୁଡ଼ ଘୋଳକୁ ପକାଇ ଭଲ ଭାବରେ ଗୋଳାନ୍ତୁ ଓ ଚୁଲି ବନ୍ଦ କରି ସେଥିରେ କିସ୍‌ମିସ୍ ଓ ଗୁଜରାତି ଗୁଣ୍ଡ ପକାଇ ଥଣ୍ଡା ହେଲା ପରେ ସର୍ଭ କରନ୍ତୁ ଦଲିଆ ଖିରି ।





## କେଶରୀ ଦଲିଆ ହାଲୁଆ



**ଆବଶ୍ୟକ ସାମଗ୍ରୀ :** ଦଲିଆ ୧କପ୍, ଗୁଡ଼୧କପ୍, କେଶର ଅଳ୍ପ, କାଜୁ, କିସ୍‌ମିସ୍ ଓ ଗୁଜୁରାତି ଗୁଣ୍ଡ ଅଳ୍ପ, ଘିଅ ୨ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ଦଲିଆକୁ ଟିକେ ଶୁଖିଲା ଭାଜି କାଢ଼ି ଦିଅନ୍ତୁ, ପ୍ରେସର୍ କୁକର୍‌ରେ ଅଳ୍ପ ଘିଅ ଓ ସେଥିରେ ପାଣି ୨କପ୍ ଦେଇ ଗୁଡ଼ ଓ ଦଲିଆ ଦେଇ ୨ଟି ହୁଇଶିଲ୍ ପରେ ଚୁଲି ବନ୍ଦ କରି ଦିଅନ୍ତୁ । ଗୋଟେ କରେଇରେ ଘିଅ ପକାନ୍ତୁ ଓ ସେଥିରେ କାଜୁ କିସ୍‌ମିସ୍ ଦେଇ ଭାଜନ୍ତୁ । ପରେ ସିଝା ଦଲିଆ ପକାଇ ଘାଣ୍ଟି ଦିଅନ୍ତୁ । ସେଥିରେ ଟିକେ ଗୁଜୁରାତି ଗୁଣ୍ଡ ଓ କେଶର ପକାଇ ଗରମ ଗରମ ସର୍ଭ କରନ୍ତୁ ।

## ଦଲିଆ ଉପମା

**ଆବଶ୍ୟକ ସାମଗ୍ରୀ :** ଦଲିଆ /ଗହମ ଖୁଦ ୧କପ୍, ୧/୨କପ ଖଟା ଦହି, କଟା ପିଆଜ, ଗାଜର, କଞ୍ଚା ବାଦାମ, ଭୃର୍ସୁଙ୍ଗପତ୍ର ଅଳ୍ପ, ବୁଟ ଡାଲି, ଜିରା, ଫୁଟଣ ପାଇଁ ଲୁଣ, କଞ୍ଚା ଲଙ୍କା ଓ ତେଲ ।



**ପ୍ରସ୍ତୁତି ପ୍ରଣାଳୀ:** ଗହମ ଦଲିଆକୁ ପ୍ରଥମେ ଗୋଟେ କରେଇରେ ଅଳ୍ପ ସମୟ ଭାଜନ୍ତୁ । ଗୋଟେ ପ୍ରେସର୍ କୁକର୍‌ରେ ପ୍ରଥମେ ପାଣି ୨କପ୍, ଲୁଣ, ଦଲିଆ ପକାଇ ୨ଟି ହୁଇସିଲ୍ ବାଜିବା ଯାଏଁ ସିଝାନ୍ତୁ । ଆଉ ଏକ କରେଇରେ ତେଲ ଗରମ କରି ସେଥିରେ ଜିରା, ଲଙ୍କା, ପିଆଜ, ଭୃର୍ସୁଙ୍ଗ ପତ୍ର, କଞ୍ଚା ବାଦାମ, ବୁଟ ଡାଲି, ଗାଜର ଟିକେ ଲୁଣ ଦେଇ ଭାଜନ୍ତୁ, ସିଝା ଦାଲିଆ ପକାଇ ଧୀରେ ଧୀରେ ଘାଣ୍ଟନ୍ତୁ ଓ ଶେଷରେ ଦହି ପକାଇ ସର୍ଭ କରନ୍ତୁ ଦଲିଆ ଉପମା ।

## ଦଲିଆ ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ :** ଦଲିଆ ୨କପ୍ , ପିଆଜ ୧/୨କପ୍, କଟା ଗାଜର ୧/୨କପ୍, କଟା ବିଟ୍ ୧/୨କପ୍, ମଟର ମଂଜି, ମକା ମଂଜି ଓ ବାଦାମ ଅଳ୍ପ, କଞ୍ଚା ଲଙ୍କା ୨ଟା, ଲୁଣ ସ୍ୱାଦ ଅନୁସାରେ, ୨ଚାମଚ ଘିଅ ଓ ହିଙ୍ଗୁ ଓ ଅଳ୍ପ ଜିରା ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଦଲିଆକୁ ଟିକେ ଶୁଖିଲା ଭାଜି ନିଅନ୍ତୁ । ପ୍ରେସର୍ କୁକର୍‌ରେ ପ୍ରଥମେ ଘିଅ ପକାନ୍ତୁ ଓ ସେଥିରେ ଜିରା, ହିଙ୍ଗୁ ପିଆଜ କଟା ପକାଇ ଭାଜନ୍ତୁ, କଞ୍ଚା ଲଙ୍କା ଓ କଟା ପରିବା ଓ ମଞ୍ଜି ସବୁ ପକାଇ ଘାଣ୍ଟି ଦିଅନ୍ତୁ । ସେଥିରେ ୪କପ୍ ଗରମ ପାଣି ଓ ଲୁଣ ପକାନ୍ତୁ ଓ ପରେ ଦଲିଆ ପକାଇ ୨ଟି ହୁଇସିଲ୍ ପରେ ଚୁଲି ବନ୍ଦ କରି ଦିଅନ୍ତୁ । ପ୍ଲେଟ୍‌ରେ ଖେଚୁଡ଼ି ଉପରେ ଅଳ୍ପ ଘିଅ ଦେଇ ଗରମ ଗରମ ସର୍ଭ କରନ୍ତୁ ।

# ଲେଖକର ଦାୟିତ୍ୱବୋଧ

ଅନେକ ସମୟରେ ଆମେ ଯେଉଁମାନେ ଲେଖାଲେଖି କରୁଛୁ, ବେଶ୍ ବେପରୁଆ ଢଙ୍ଗରେ ପ୍ରକାଶନ ନିମନ୍ତେ ନିଜର ସ୍କ୍ରିପ୍ଟ ବା ରଚନାମାନ ପଠାଇଥାଉଁ । ସେଥିରେ ତିଳେମାତ୍ର ବିନମ୍ରତା ବା ସଂଭ୍ରମତା ଦୃଷ୍ଟିଗୋଚର ହୁଏ ନାହିଁ । ନିକଟରେ ଏକ ପତ୍ରିକାରେ ବାଲେଶ୍ୱରର ଜଣେ କବି (ସମଗ୍ର ଓଡ଼ିଶାରେ ସେ ଜଣେ ସ୍ୱନାମଧନ୍ୟ କବି ମଧ୍ୟ)ଙ୍କର ଭୁଲ୍‌ଭାଲ୍ ନାମ ଏକ ପତ୍ରିକାରେ ପ୍ରକାଶ ପାଇଥିଲା । ଏହାକୁ ନେଇ ଅନେକେ ଖପ୍ପା ହୋଇଥିଲେ । ମୋତେ ମଧ୍ୟ ଖଟ୍‌କା ଲାଗିଥିଲା । କାରଣ ମୁଁ ନିଜେ ସମ୍ପାଦନା ଭଳି ଏକ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟରେ ଜୀବନର ସିଂହଭାଗ କଟାଇ ଥିବାରୁ ଏପରି ଭୁଲ୍‌ତ୍ରୁଟି ହେଲେ ମୋତେ ଦୁଇଜଣଙ୍କର ମୁହଁ ଜଳଜଳ ଦିଶେ । ପ୍ରଥମଟି ସମ୍ପାଦକ, ଦ୍ୱିତୀୟଟି ଲେଖକର ମୁହଁ । ଏଥିପାଇଁ ଏ ଦୁଇଜଣ ସମାନ ଭାବରେ ଦାୟୀ । ଲେଖକଟି ଲେଖା ପଠାଇବା ବେଳେ ଏସବୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେଲେ ସାଧାରଣତଃ ଏପରି ଭୁଲ୍‌କୁ ଏଡ଼ାଇ ହୁଅନ୍ତା । କିନ୍ତୁ ନା, ଆମେ ସେତେ ବି ଦାୟିତ୍ୱସମ୍ପନ୍ନ ହେଉନା । କାରଣ ଆମେ ନିଜକୁ ଅନେକ ସମୟରେ ଲେଖକ ବିଚାରୁଥିବାରୁ ଆମେ ସୁପରିଅର୍ କାଟାଗୋରିର ଓ ସମ୍ପାଦକ ଆମ ଲେଖା ଛାପିବା ପାଇଁ ଜଗି ବସିଥିବାରୁ ସେ ଆମମାନଙ୍କ ବର୍ଗର ତଳେ । ତେଣୁ ଆମେ କେୟାର୍ କରୁନା । ଏହା କୌତୁହଳଦ୍ଦୀପୋକ କେବଳ ନୁହେଁ ହାସ୍ୟାସ୍ପଦ ମଧ୍ୟ ।

ନିକଟରେ ଏକ ଇଂଟର୍‌ନ୍ୟାସ୍‌ନାଲ୍ ପତ୍ରିକାର ଲିଙ୍କ୍‌ରୁ ଲେଖା ଦାଖଲ(ସବ୍‌ମିଶନ୍ ଗାଇଡ୍‌ଲାଇନ୍)ର ବିଶାଳ ଟିପ୍‌ସ୍ ବା ନିୟମ ପଢୁଥିଲି । ପ୍ରତ୍ୟେକଟି କଥା ଯାହା ଆମ ଓଡ଼ିଆ ପତ୍ରିକାକୁ ଲେଖା ପଠାଇବା ବେଳେ ଆମେ ଗୌଣ ଭାବିଥାଉ, ସେସବୁକୁ ସେଠି ବେଶ୍ ସ୍ପଷ୍ଟ ଓ କଡ଼ାକଡ଼ି ଭାବରେ ଲେଖା ଯାଇଛି । ଏହାକୁ ଅନୁପାଳନ ନକରି ଲେଖା ଦାଖଲ କଲେ ସେ ଲେଖା ପ୍ରକାଶନ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହିଁ ହୋଇ ପାରିବ ନାହିଁ । ସେ ଯେତେ ବଡ଼ ଲେଖକ ହୋଇ ଥାଆନ୍ତୁ ନା କାହିଁକି ! ମଜାର କଥା ହେଲା, ସେଇ ସବୁ ଇଂଲିଶ୍ ପତ୍ରିକା ପାଇଁ ଲେଖା ପଠାଇବା ବେଳ ବଡ଼ସାନ ପ୍ରତିଟି ଲେଖକ କଦାଚିତ ଦାୟିତ୍ୱହୀନ ହେବାର ଦେଖାଯାଆନ୍ତିନି । ମୁଁ ନିଜେ କେତୋଟି ପତ୍ରିକା ପାଇଁ ଲେଖା ଦାଖଲ କରିବା ବେଳେ ଏସବୁ ନିୟମାବଳି ସହ ନିଜକୁ ମିଳାଇବା ପରେ ମେଲ୍ କରିଛି । ଲେଖା ମନୋନୀତ ନହୋଇ ରିଜେକ୍ଟ ହେବା କଥା ଅଲଗା, କିନ୍ତୁ ଲେଖକର ବେପରୁଆ ଓ ଦାୟିତ୍ୱହୀନତା ଯୋଗୁଁ ଲେଖାଟି ଖାରଜ ହୋଇଯିବା ପରିତାପର ବିଷୟ ନିଶ୍ଚୟ ।

ଆମର ଅନେକ ନିୟମିତ ଓଡ଼ିଆ ପତ୍ରିକାର ନିୟମାବଳୀରେ ଲେଖା ପଠାଇବାର ବିଧି ସମ୍ପର୍କରେ ବୁଝାଇ ଲେଖା ଯାଇଥାଏ । ମାତ୍ର ଲେଖକମାନେ ଏହାକୁ ନା ପଢ଼ନ୍ତି, ନା ଏ ସମ୍ପର୍କରେ ବୁଝନ୍ତି । ହଠାତ୍ ଫୋନ୍ କରିବେ ଓ ଆଜିକାଲି ନିଜ ହାତରେ ସୁବିଧାରେ ମହଜୁଦ୍ ସ୍ମାର୍ଟଫୋନ୍‌ରେ ସଂସ୍ଥାପିତ ହ୍ୱାଟ୍ସଆପ୍ ମାଧ୍ୟମରେ ପଠାଇଦେବେ । ଲେଖାଟିର ଫଟୋ ଉଠାଇଲା ବେଳେ ତାହାର କ୍ଲାରିଟି ବା ସ୍ପଷ୍ଟତା କେତେ ଅଛି, କିଛି ଶବ୍ଦ କଟିଯାଇଛି କି ଧାରରୁ, ଏସବୁ ପ୍ରତି ଧ୍ୟାନ ନଦେଇ ପଠାନ୍ତି । ଫଳରେ ଅଡୁଆରେ ପଡ଼ନ୍ତି ବିଚରା ସମ୍ପାଦକଟିଏ । ଆଉ ଯେତେବେଳେ କୌଣସି କାରଣରୁ ଲେଖାଟିରେ କିଛି ବି ଭୁଲ୍ ହୋଇ ପ୍ରକାଶ ପାଏ, ସେତେବେଳେ ଦୋଷ ପଡ଼େ ସମ୍ପାଦକ ଉପରେ । ଗୋଟିଏ କଥା ଭାବିବା ଉଚିତ: ସମ୍ପାଦକ ପ୍ରତିଦିନ ଏକାଧିକ ଲେଖା ପାଉଥିବା, ପଢୁଥିବା ଓ ତାକୁ ସଜାଡ଼ି ଛାପୁଥିବା ଭଳି କଷ୍ଟକର କାର୍ଯ୍ୟ କରୁଥାଏ । ତା'ର ଭୁଲ୍ ହେବା ସ୍ୱାଭାବିକ । କିନ୍ତୁ ଲେଖକଟି ତ ଲେଖା ପଠାଇଲା ବେଳେ କେବଳ ନିଜ ଲେଖାଟିକୁ ହିଁ ଦେଖୁଥାଏ, ପଢୁଥାଏ । ସେ କାହିଁକି ଏସବୁ ଭୁଲ୍ ତ୍ରୁଟିକୁ ସଜାଡ଼ି ପଠାଇବ ନାହିଁ ! ଅନେକ ଲେଖା ଏମିତି ପ୍ରାପ୍ତ ହୁଏ । ଯେଉଁଥିରେ ଲେଖକ ତା' ନିଜ ନାମ ସୁଦ୍ଧା ଲେଖିନଥାଏ । ଲେଖାର ଶେଷରେ ଏକ ଏଣ୍ଡ୍‌ମାର୍କ (ଶେଷ ହେଲା ବୋଲି ବୁଝିବା ପାଇଁ ଚିହ୍ନ) ସୁଦ୍ଧା ନଥାଏ କି ଠିକଣା ବି ନଥାଏ । ବେଳେବେଳେ ଲେଖାର ଶୀର୍ଷକ ଲେଖିବାକୁ ଭୁଲି ଯାଆନ୍ତି ଅନେକ ଲେଖକ । ପୁଣି ଯେତେବେଳେ ମନେପଡ଼ିଲା ଫୋନ୍ କରି କହିଦେବେ, ଆଜ୍ଞା ଶୀର୍ଷକଟି ଦେଇନାହିଁ, ଆପଣ ଦେଇଦେବେ । ବୁଝିବେ ନାହିଁ, ଫୋନ୍ କରୁଥିବା ସମୟଟି ରାତି ନା ଦିନ ନା ସକାଳ ନା ସଞ୍ଜ । ସମ୍ପାଦକ ସେ ସମୟରେ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ନଥିବେ ତ ! ସତରେ ଯେମିତି ସମ୍ପାଦକ ସର୍ବଦା ପ୍ରସ୍ତୁତି କାମ କରିବାକୁ । ପୂର୍ବରୁ ମୋବାଇଲ୍ ନଥିବାରୁ ଅଫିସ୍ ଲ୍ୟାଣ୍ଡ୍ ଫୋନ୍‌ରେ କଲ୍ ଆସୁଥିଲା । ତେଣୁ ଅଫିସ୍ ବନ୍ଦ୍ ହେବା ପରେ ସେସବୁ କଲ୍ ଆଉ ଡିଷ୍ଟର୍ବ କରୁନଥିଲା । ଏବେ ତ ମୋବାଇଲ୍ ସଭିଙ୍କ ହାତରେ । କଲ୍ ଯେକୌଣସି ସମୟରେ ଆସିବ ।

ଇଂଲିଶ୍ ପତ୍ରିକା କଥା କହୁଥିଲି । ଲେଖା ପଠାଇବାର ନିୟମକାନୁନ ଭିତରେ ଆପଣ କେତେବଡ଼ ସାଇଜ୍‌ର ଅକ୍ଷର ବା ଫଣ୍ଟ (୧୨ ପଏଣ୍ଟ କି ୧୩ ପଏଣ୍ଟ ଅକ୍ଷର)ରେ ଲେଖିବେ, ଧାଡ଼ି ଧାଡ଼ି ଭିତରେ ସ୍ପେଶ୍ (ଲିଡ଼ିଂ)ବା ଫାଙ୍କ କେତେ ରହିବ, ମାର୍ଜିନ୍ କେତେ ଛାଡ଼ିବେ, ଶୀର୍ଷକ କେଉଁଠି ଓ କେତେ ବଡ଼ ଅକ୍ଷରରେ ଲେଖିବେ– ଏସବୁ ଖୁବ୍ ପ୍ରାଞ୍ଜଳ ଭାବେ ଲେଖା ଯାଇଥାଏ । ଏପରିକି କୌଣସି ସୋସିଆଲ ମିଡ଼ିଆ, ୱେବ୍‌ଜିନ୍, ବ୍ଲଗ୍‌ରେ ସେ ଲେଖା ଅଡ଼ିଓ ଭିଜୁଆଲ୍ ରୂପେ ପ୍ରକାଶ ପାଇନଥିବା କଥା ଲେଖାଥିବ । ଆପଣ ଲେଖା ପଠାଇବେ ମାନେ ଆପଣଙ୍କୁ ନିୟମକୁ ଆଗ ବୁଝିବାକୁ ପଡ଼ିବ । ଆମର କିନ୍ତୁ ଏଠି ପତ୍ରିକାକୁ ଲେଖା ପଠାଇଲା ବେଳେ କିଏ କିପରି ପଠାଏ ତାହା ଈଶ୍ୱରକୁ ଜଣା । ବେଳେବେଳେ ଏପରି ଫାଇଲ୍‌ଭୁକ୍ତ କରି ଲେଖାଟି ଆସିଥାଏ ଯେ, ପଢ଼ି ହୁଏନା । ସେହିପରି ହାତଲେଖା ଯଦି ଥାଏ, ସେସବୁ ଲେଖା ଲେଖିବା ବେଳେ ଯତ୍ନଶୀଳ ହୋଇ ଲେଖା ଯାଇନଥାଏ । ଫଳରେ ହାତଅକ୍ଷର ସହ ଅଭ୍ୟସ୍ତ ନଥିବା ଡିଟିପି ଅପରେଟର୍ ବା ସମ୍ପାଦକ ଭୁଲ୍ ଶବ୍ଦ ଛାପି ଦିଅନ୍ତି । ଅନେକ ସମୟରେ ପୂର୍ବରୁ ଫେସବୁକ୍‌ରେ ଦେଇଥିବା ଲେଖାଟିକୁ ମଧ୍ୟ ପ୍ରକାଶନ ପାଇଁ ପଠାଇ ଦିଅନ୍ତି । ଏଇଠି ହୁଏ ବିଭ୍ରାଟ ଓ ଭୁଲ ବୁଝାମଣା । ଲେଖକ ଦୋଷ ଦିଏ, ନହେଲେ ସେ ଭଦ୍ରାମିରେ ଦୁଃଖିତ ହୁଏ । ଏସବୁ ଦିଗ ପ୍ରତି ଆମେ ଯଦି ସିରିଅସ୍ ହୁଅନ୍ତେ ତେବେ ନିର୍ଭୁଲ ସମ୍ପାଦନା ହୋଇପାରନ୍ତା । ଲେଖା ପଠାଇବା ବେଳେ ପ୍ରତ୍ୟେକଟି ଲେଖକ ଦାୟିତ୍ୱଶୀଳ ହେବା ସର୍ବାଦୌ ବାଞ୍ଛନୀୟ ।



SMILE GOLD
JEWELLERS

# SMILE GOLD JEWELLERS





## DHANTERAS & DIWALI **Festival** OFFER

Making FLAT **50%** OFF ON GOLD ORNAMENTS

Making FLAT **50%** OFF ON SILVER ORNAMENTS

Making FLAT **25%** OFF ON DIAMOND ORNAMENTS

FLAT **20%** OFF ON BRANDED WATCHES

FLAT **25%** OFF ON GEMS STONE

FLAT **25%** OFF ON 1 GM GOLD




**FREE GIFT ON EVERY PURCHASE**

Plot No.B38, Fancy Market, Saheed Nagar, Bhubaneswar - 751007

**Ph.: 0674-2969696, 2969797, Mob: 9438019696, 9438029797**

★★HIGHLAND★★
*A Highland Group Entity*









Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.

# HIGHLAND DE LA MER PVT. LTD

Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
**www.highlanddelamer.in**


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

The REBATI AMA MATIRA SWARA ● November 2021 Vol - 4 Issue - 1 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**